# ଓଡ଼ିଆ ସାହିତ୍ୟର ଇତିହାସ

(ପ୍ରଥମ ଭାଗ)

ଅଧ୍ୟାପକ
ଡକ୍ଟର ବଂଶୀଧର ମହାନ୍ତି

ପ୍ରକାଶକ—
ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦ ବିହାରୀ
କଟକ-୨

ପ୍ରଥମ ପ୍ରକାଶ—୧୫-୮-୧୯୭୦

ମୁଦ୍ରକ—ଗୀତାଞ୍ଜଳି ପ୍ରେସ
କଟକ

ମୂଲ୍ୟ—ବାରଟଙ୍କା ପଚିଶ ପଇସା ମାତ୍ର

# ଭୂମିକା

'ଓଡ଼ିଆ ସାହିତ୍ୟର ଇତିହାସ' ରଚନା କରିବା ଏକ ଶ୍ରମସାଧ୍ୟ ବିଷୟ । ଏପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ପ୍ରକାଶିତ ହୋଇନାହିଁ, ଯାହା ହୋଇଛି ତାହା ଆଂଶିକ ମାତ୍ର । ଓଡ଼ିଆ ଭାଷା, ସାହିତ୍ୟ ସର୍ବୋପରି ଓଡ଼ିଆ ସଂସ୍କୃତିର ଇତିହାସ ସଂକଳନ ଆମର ସର୍ବପ୍ରଥମ ପ୍ରଧାନ ଜାତୀୟ କାର୍ଯ୍ୟ । ଯେଉଁ ଜାତିର ଏହିସବୁ ବିଷୟରେ ଅଭାବ ରହିଛି, ସେ ଜାତିର କିଛି ନାହିଁ କହିଲେ ଚଳେ । ଓଡ଼ିଆ ଭାଷା ଓ ସାହିତ୍ୟର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ଆମର ସରକାର ତଥା ବିଶ୍ୱ-ବିଦ୍ୟାଳୟ ସମୂହ ଚେଷ୍ଟା କରୁଅଛନ୍ତି । ସରକାରୀ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷାର ସମପରିବର୍ତ୍ତନ ଜାତିର ସାଂସ୍କୃତିକ ଭୂମିକାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି । ଭବିଷ୍ୟତର ଓଡ଼ିଆ ଭାଷା ଓ ସାହିତ୍ୟର ସ୍ଥିତି ସେ ଅତୀବ ଗୌରବମୟ ଏହା ଭାବିବା ଆଦୌ ଅମୂଳକ ନୁହେଁ ।

ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିବା ନିମିତ୍ତ ପ୍ରାଚୀନ ତଥା ଆଧୁନିକ ଓଡ଼ିଆ ସାହିତ୍ୟରେ ଉପାଦାନର ଅଭାବ ନାହିଁ; କିନ୍ତୁ ପ୍ରଯତ୍ନର ଅଭାବରୁ ଦେଶରୁ ବହୁ ଅମୂଲ୍ୟ ଉପାଦାନ ନଷ୍ଟ ହୋଇ-ଯାଉଛି । ବିଶ୍ୱବିଦ୍ୟାଳୟ ତଥା ସରକାରୀ ସ୍ତରରେ ଏହି ସବୁ ଉପା-ଦାନର ସଂଗ୍ରହ ଓ ରକ୍ଷଣାବେକ୍ଷଣ ଚାଲିଛି । ଉପଯୁକ୍ତ ଗବେଷଣା ଅଭାବରୁ ବହୁ ଅମୂଲ୍ୟ ଉପାଦାନ ଆମର ଦୃଷ୍ଟିପଥାରୂଢ଼ ହେଉନାହିଁ । ଓଡ଼ିଆ ସାହିତ୍ୟର ଇତିହାସ ରଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆମର ପ୍ରକାଶିତ ସାହିତ୍ୟର ଇତିହାସଗୁଡ଼ିକରେ ଏହିପରି ବହୁ ବିଷୟର ଅଭାବ ରହିଯାଇଛି ।

ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ କାର୍ଯ୍ୟ ଆରମ୍ଭ କରିବା ସମୟରୁ ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ରଚନା କରିବା ନିମିତ୍ତ ଇଚ୍ଛୁକ ଥିଲି । ଉତ୍କଳ ବିଶ୍ୱବିଦ୍ୟାଳୟ ବହୁ ଅର୍ଥବ୍ୟୟ ପୂର୍ବକ 'ଓଡ଼ିଶା ଇତିହାସ' ସଂକଳନ କରୁଅଛନ୍ତି । ଏହା ଏକ ସୁମହତ୍ କାର୍ଯ୍ୟ ।

କିନ୍ତୁ ତାହା ସହିତ ଓଡ଼ିଆ ସାହିତ୍ୟର ସମ୍ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହେବା ମଧ୍ୟ ଆମର କାମ୍ୟ । ଏହି ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଆ ସାହିତ୍ୟ ଇତିହାସର ପ୍ରଥମଖଣ୍ଡ ( ପ୍ରାକ୍ ସାରଳା ସାହିତ୍ୟ ) ପ୍ରକାଶିତ ହେଲା । ପରବର୍ତ୍ତୀ ଖଣ୍ଡମାନଙ୍କରେ ସାରଳା ଯୁଗ, ପଞ୍ଚସଖା ଯୁଗ, କାବ୍ୟ ଯୁଗ ଓ ଆଧୁନିକ ଯୁଗ ସାହିତ୍ୟର ଇତିହାସ ଦେବା ପାଇଁ ଚେଷ୍ଟା କରାଯିବ । ଉତ୍କଳ ବିଶ୍ୱବିଦ୍ୟାଳୟର ପାଣ୍ଡୁଲିପି ଗ୍ରନ୍ଥାଗାର, ଅନ୍ୟାନ୍ୟ ସରକାରୀ ଗ୍ରନ୍ଥାଗାର ଓ ବ୍ୟକ୍ତିଗତ ସଂଗ୍ରହରେ ରହିଥିବା ବହୁ ଲୁକ୍କାୟିତ ଉପାଦାନ ସମୂହକୁ ଏହି ଇତିହାସରେ ଅନ୍ତର୍ଭୁକ୍ତ କରାଯିବା ନିମିତ୍ତ ଚେଷ୍ଟା କରାଯିବ । ଏହି ଜାତୀୟ କାର୍ଯ୍ୟର ସୁପରିସମାପ୍ତି ନିମିତ୍ତ ମୁଁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଛି । ସାହିତ୍ୟର ଇତିହାସ ରଚନା ଏକ ବହୁ ଗବେଷଣାସାପେକ୍ଷ ଦୁଃସାଧ୍ୟ କାର୍ଯ୍ୟ । ସମୟକ୍ରମେ ବହୁ ନୂତନ ତଥ୍ୟର ଆବିଷ୍କାର ମଧ୍ୟ ଘଟୁଛି । ତେଣୁ ଏହି ଗ୍ରନ୍ଥରେ ଯଦି କେଉଁଠି କିଛି ତ୍ରୁଟି ଥାଏ, ତେବେ ସହୃଦୟ ପାଠକମାନେ ତାହା ମାର୍ଜନା କରିବେ ।

ପୁସ୍ତକ ରଚନାର ଦୈନନ୍ଦିନ କାର୍ଯ୍ୟସୂଚୀକୁ ଅବ୍ୟାହତ ରଖିବା ନିମିତ୍ତ ଅନନ୍ୟ ସାଧାରଣ ଦାୟିତ୍ୱରୁ ମୋତେ ଶାନ୍ତି ଦେଇ କାର୍ଯ୍ୟଟିକୁ ସୁସମ୍ପନ୍ନ କରାଇବାରେ ସାହାଯ୍ୟ କରିଅଛନ୍ତି ମୋର ସହଧର୍ମିଣୀ । ଏଥିନିମିତ୍ତ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ମୋର ଅନ୍ତରର ଗଭୀର ସ୍ନେହ ଓ ଶ୍ରଦ୍ଧା ଜଣାଉଛି ।

ବାଣୀବିହାର — ଲେଖକ

ଅଗଷ୍ଟ ତା ୧୫ରିଖ, ୧୯୭୦ ।

# ସୂଚୀ


ବିଷୟ ପୃଷ୍ଠା

୧ । ଓଡ଼ିଶାର ପ୍ରାଚୈତିହାସିକ ପୃଷ୍ଠଭୂମିରେ
ବିଭିନ୍ନ ସଭ୍ୟତାର ଧାରା—୧—୧୬

[ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ—ପୃ-୩; ପ୍ରାଚୀନ ଓଡ଼ିଶାର ଶବର ସଭ୍ୟତା—ପୃ-୪; ବିଭିନ୍ନ ସଂସ୍କୃତ ଧର୍ମଶାସ୍ତ୍ର ଓ ପୁରାଣ ପ୍ରଭୃତିରେ ଉତ୍କଳ, ଉଡ୍ର ଓ କଳିଙ୍ଗ—ପୃ-୬; ମହାଭାରତକାଳୀନ ଓଡ଼ିଶା—ପୃ-୮; ଅନ୍ୟାନ୍ୟ ପୁରାଣରେ—ପୃ-୧୧; ଓଡ଼ିଶାର ଜୈନ ସଂସ୍କୃତି—ପୃ-୧୧; ଜଗନ୍ନାଥ ଧର୍ମ ବୌଦ୍ଧଧର୍ମର ସମନ୍ୱୟ—ପୃ-୧୪]

୨ । ଓଡ଼ିଶାରେ ସଂସ୍କୃତ ସାହିତ୍ୟର ଭୂମିକା — ୧୬—୨୬

୩ । ଓଡ଼ିଆ ସିଦ୍ଧ ସାହିତ୍ୟ— ୨୬—୧୧୬

[ ତାନ୍ତ୍ରିକ ବୌଦ୍ଧଧର୍ମର ଅଭ୍ୟୁଦୟ—ପୃ-୨୯; ଦୋହାକୋଷ ଓ ବୌଦ୍ଧଗାନ—ପୃ-୩୩; ଦୋହାକୋଷ—ପୃ-୩୪; ପ୍ରାଚୀନତମ ଦୋହାକାର ସରହପାଦ ଓ କାହ୍ନୁପାଦ—ପୃ-୩୫; ବୌଦ୍ଧ ଦୋହା ସାହିତ୍ୟ—ପୃ-୩୬; ଚୌରାଶୀ ସିଦ୍ଧାଚାର୍ଯ୍ୟ—ପୃ-୩୮; କାହ୍ନୁପା—ପୃ-୪୩, ଲୁଇପା—ପୃ-୪୫; ସବରପା—ପୃ-୪୬; କମ୍ବଲପାଦ—ପୃ-୪୮; ବିରୂପ ପାଦ—ପୃ-୪୯; ଶାନ୍ତିଦେବ ବା ଶାନ୍ତିପା—ପୃ-୫୧, ସରହପାଦ—ପୃ-୫୩, ଇନ୍ଦ୍ରଭୂତି, ପଦ୍ମସମ୍ଭବ ଓ ଲକ୍ଷ୍ମୀଙ୍କରା—ପୃ-୫୪; ଦୋହା ରଚନା ସମୟରେ ଓଡ଼ିଶାରେ ବୌଦ୍ଧଧର୍ମର ଅବସ୍ଥା—ପୃ-୫୫; ଓଡ୍ରିୟାନ ପୀଠ ଓ ତାନ୍ତ୍ରିକ ବୌଦ୍ଧଧର୍ମ—ପୃ-୫୬; ଓଡ୍ରିୟାନ ଓ ଅନ୍ୟାନ୍ୟ ତାନ୍ତ୍ରିକ ପୀଠ—ପୃ-୬୦; ଓଡ୍ରିୟାନ ପୀଠର ବିଭିନ୍ନ ସିଦ୍ଧାଚାର୍ଯ୍ୟ—ପୃ-୬୦; ଓଡ୍ରିୟାନ ଓ ଜଗନ୍ନାଥ—ପୃ-୬୨; ଓଡ୍ରିୟାନର ସ୍ଥାନ ନିରୂପଣ—ପୃ-୬୪; ବୌଦ୍ଧଗାନ ଓ ଦୋହାର ଭାଷା—ପୃ-୬୬; ଚର୍ଯ୍ୟାଗୀତିରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ—ପୃ-୭୨; ବିସ୍ଥା—ପୃ-୭୬; ଦୋହାକୋଷର ଲିପି —ପୃ-୭୯; ଦୋହାକୋଷର ଲିପି—ପୃ-୭୯; ବୌଦ୍ଧଗାନ ଓ ଦୋହାର ଭାଷା; ସନ୍ଧ୍ୟାଭାଷା—ପୃ-୮୧; ଚର୍ଯ୍ୟାପଦର ଧର୍ମ—ପୃ-୮୮; ବୌଦ୍ଧଗାନ ଓ ଦୋହାରେ ପରିଲକ୍ଷିତ ସମାଜ—ପୃ-୯୨, ଓଡ଼ିଆ

ସାହିତ୍ୟରେ ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରସଙ୍ଗ ଓ ସେମାନଙ୍କର ସାଧନ ପ୍ରଣାଳୀ—ପୃ-୯ ; ଓଡ଼ିଆ ସାହିତ୍ୟରେ 'ସହଜ' ଶବ୍ଦ ଓ ସହଜ-ଯାନର କେତେକ ତତ୍ତ୍ୱ—ପୃ-୧୧୦; ଉପସଂହାର—ପୃ-୧୧୭ ]

୪ । ପ୍ରାଚୀନ ଓଡ଼ିଆ ଅଭିଲେଖ — ୧୧୮—୧୩୩

୫ । ସାହିତ୍ୟରେ ଗଦ୍ୟ— ୧୩୪—୧୬୫

[ ସାହିତ୍ୟରେ ଗଦ୍ୟ—ପୃ-୧୩୫, ପଣ୍ଡିତ ସେୟାମ ଟେଲିଲ ମହାଶୟ—ପୃ-୧୪୩; ରୁଦ୍ରସୁଧାନିଧି, ସମସ୍ୟା ନିରୂପଣ—ପୃ-୧୪୪; ରୁଦ୍ର-ସୁଧାନିଧିରେ ସନ୍ନିବିଷ୍ଟ କେତେକ ପ୍ରାଚୀନ ଶବ୍ଦ—ପୃ-୧୪୭; ରୁଦ୍ର-ସୁଧାନିଧି ଓ ଯୋଗଶାସ୍ତ୍ର—ପୃ-୧୪୮; କଳିଙ୍ଗଭାର ଗଦ୍ୟ ଓ ରୁଦ୍ର-ସୁଧାନିଧି—ପୃ-୧୫୧; ଗଦ୍ୟ – ପୃ-୧୫୨ ]

୬ । ଓଡ଼ିଆ ନାଥ ସାହିତ୍ୟ— ୧୬୬—୨୬୧

[ ସଂସ୍କୃତ, ହିନ୍ଦୀ ଓ ଅପଭ୍ରଂଶ ସାହିତ୍ୟରେ ଗୋରେଖ ନାଥଙ୍କ ରଚନାବଳୀ—ପୃ-୧୭୫; ଗୋରେଖଙ୍କ ବାଣୀର ସ୍ୱରୂପ—ପୃ-୧୭୮; ଓଡ଼ିଆ ସାହିତ୍ୟରେ ପ୍ରାଚୀନତମ ରଚନା, ଶିଶୁବେଦ—ପୃ-୧୮୦; ପ୍ରାଚୀନ ଓଡ଼ିଆ ସାହିତ୍ୟର ଭାଷାର ଗଠନରେ ଶିଶୁବେଦର ଉଲ୍ଲେଖ—ପୃ-୧୮୨; ଗୋରେଖଙ୍କ ବାଣୀରେ ଶିଶୁବେଦର ପ୍ରୟୋଗ—ପୃ-୧୮୮; ଶିଶୁବେଦର ଭାଷା—ପୃ-୧୯୦; ପ୍ରାଚୀନ ଓଡ଼ିଆ ସାହିତ୍ୟରେ ନାଥଧର୍ମର ସ୍ୱରୂପ – ପୃ-୧୯୨; ସାରଳା ମହାଭାରତରେ ନାଥଙ୍କୁ ଗୋରେଖ ନାଥଙ୍କ ପ୍ରସଙ୍ଗ—ପୃ-୧୯୫; ରୁଦ୍ରସୁଧାନିଧିରେ ନାଥ-ଧର୍ମର ସଙ୍କେତ—ପୃ-୧୯୯; ପଞ୍ଚସଖା ସାହିତ୍ୟରେ ନାଥ ଧର୍ମର ସ୍ୱରୂପ—ପୃ-୨୦୦; ଓଡ଼ିଆ ନାଥ ସାହିତ୍ୟ ଓ ଗୋବିନ୍ଦ ଚନ୍ଦ୍ର ଉପାଖ୍ୟାନ—ପୃ-୨୦୨; ବଙ୍ଗଳା ଭାଷାରେ ଦୁର୍ଲଭ ମଲ୍ଲିକଙ୍କ ଗୋବିନ୍ଦଚନ୍ଦ୍ର—ପୃ-୨୦୯; ଟୀକା ଗୋବିନ୍ଦଚନ୍ଦ୍ର—ପୃ-୨୧୬; ଅଷ୍ଟାଙ୍ଗ ଯୋଗ ଧାରଣା—ପୃ-୨୨୦; ଷଡ଼ଙ୍ଗ ଓ ଶିବ ସ୍ୱରୋଦୟ—ପୃ-୨୨୩; ଗୋରେଖ ମଚ୍ଛିନ୍ଦ୍ର ସମ୍ବାଦ ଓ ଷଡ଼ଙ୍ଗ ଯୋଗ ଧାରଣମ୍—ପୃ-୨୨୭; ଗୋରେଖ ମଚ୍ଛିନ୍ଦ୍ର ସମ୍ବାଦ ଓ ମଚ୍ଛିନ୍ଦ୍ରନାଥ—ପୃ-୨୨୭; ଓଡ଼ିଆ ଷଡ଼ଙ୍ଗ ଯୋଗ ଧାରଣ—ପୃ-୨୨୯; ଷଡ଼ଙ୍ଗ ଯୋଗ ଧାରଣର ମଚ୍ଛିନ୍ଦ୍ରନାଥ—ପୃ-୨୩୨; ଗୋରେଖ ସଂହିତା, କାଳ ନିରୂପଣ—ପୃ-୨୩୭; ଗୋରେଖ ସଂହିତା ଆଲୋଚନା—ପୃ-୨୪୦; ଗୋରେଖ ବୋଧ ଓ ଗୋରେଖ ସଂହିତା—ପୃ-୨୪୨;

ପ୍ରାଚୀନ ଓଡ଼ିଆ ପାଣ୍ଡୁଲିପିରେ ସଙ୍କଳିତ କେତେକ ନାଥ ଧର୍ମ ସମ୍ବନ୍ଧୀୟ ରୂପରଚନା—ପୃ-୨୬୧; ନାଥ ଧର୍ମ ସମ୍ବନ୍ଧୀୟ କେତେକ ଓଡ଼ିଆ ଲୋକଗୀତ—ପୃ-୨୬୩; ଉପସଂହାର—ପୃ-୨୬୨ ]

୭ । ଭାଗବତନ— ୨୬୨ — ୨୬୯

୮ । ଓଡ଼ିଆ ଚଉତିଶା— ୨୬୯—୩୦୪

[ ସନ୍ଦେଶମୂଳକ ଚଉତିଶା—ପୃ-୨୮୧; ଜଣାଣ ବା ସ୍ତୁତିମୂଳକ ଚଉତିଶା—ପୃ-୨୮୧; ମିଳନ ଓ ବିରହମୂଳକ ଚଉତିଶା—ପୃ-୨୮୧; ବର୍ଣ୍ଣନାମୂଳକ ଚଉତିଶା—ପୃ-୨୮୨; ଆଲଙ୍କାରିକ ଚଉତିଶା—ପୃ-୨୮୨; ଶୋକ ବା ବିଳାପମୂଳକ ଚଉତିଶା ପୃ-୨୮୨; ଦୁନ୍ଦୁଭିନମୂଳକ ଚଉତିଶା—ପୃ-୨୮୩; ବୈରାଗ୍ୟମୂଳକ ଚଉତିଶା—ପୃ-୨୮୩; କଳସା ଚଉତିଶାର ଓଡ଼ିଆ ସାହିତ୍ୟରେ ସ୍ଥାନ—ପୃ-୨୮୪; ସାରଳା ମହାଭାରତରେ କଳସା—ପୃ-୨୮୯; ହରିବଂଶରେ ଅପ୍ରାସଙ୍ଗିକତା—ପୃ-୨୯୦; କଳସାର ଅନ୍ୟ ଏକ ପ୍ରାଚୀନ ଉଦାହରଣ—ପୃ-୨୯୦; କଳସାଗୀତ ଓ କଳସା ବାଣୀ—ପୃ-୨୯୨; କଳସା ଚଉତିଶା ଓ ସାରଳା ମହାଭାରତ—ପୃ-୨୯୪; କଳସା ଚଉତିଶାର ଭାଷା—ପୃ-୩୦୦; ମାର୍କଣ୍ଡ ଦାସଙ୍କ କେଶବ କୋଇଲି ଓ ମହାଭାଷ୍ୟ—ପୃ-୩୦୨; ମହାଖ୍ୟାନ ବା ମହାଭାଷ୍ୟ—ପୃ-୩୦୪ ]

୯ । ପ୍ରାଚୀନ ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ— ୩୦୫ — ୩୨୫

୧୦ । ନିର୍ବାଚିତ ପୁସ୍ତକ ସୂଚୀ— ୩୨୬—୩୩୦

# ଓଡ଼ିଶାର ପ୍ରାଗୈତିହାସିକ ପୃଷ୍ଠଭୂମିରେ ବିଭିନ୍ନ ସଭ୍ୟତାର ଧାରା

ପ୍ରାଚୀନ କାଳରେ ଓଡ଼ିଶାରାଜ୍ୟ ବିଭିନ୍ନ ସମୟରେ ଉତ୍କଳ, କଳିଙ୍ଗ ଓ ଓଡ୍ର ଦେଶ ଭାବରେ ପରିଚିତ ଥିଲା । ଓଡ଼ିଶା ପ୍ରଦେଶର ସଂସ୍କୃତି ବିଶେଷ ଭାବରେ ଅନାର୍ଯ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ଓ ପରିପୁଷ୍ଟ । ଭାରତୀୟ ଜାତି ସମ୍ବନ୍ଧୀୟ ଇତିହାସରେ ଦେଖିବାକୁ ମିଳେ ଯେ ପ୍ରଥମେ ନିଗ୍ରୋ ଜାତୀୟ (Negrito) ଲୋକମାନେ ଆଫ୍ରିକାରୁ ଆରବ ଉପକୂଳ ବାଟ ଦେଇ ଭାରତଭୂମିରେ ପଦାର୍ପଣ କରିଥିଲେ । ନିଗ୍ରୋଜାତୀୟ ଲୋକମାନଙ୍କ ପରେ ନିଷାଦ ବା Proto-Austroloids ଓ ତତ୍ପରେ ମୁଣ୍ଡାଜାତୀୟ ବା କୋହ୍ଲଜାତୀୟ ଲୋକମାନେ ଭାରତର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ବସତି ସ୍ଥାପନ କଲେ । ମୁଣ୍ଡା ଓ କୋହ୍ଲ ଜାତୀୟ ଲୋକମାନଙ୍କୁ ଅଷ୍ଟ୍ରୋ-ଏସୀୟ ବୋଲି କୁହାଯାଇଥାଏ ।

ଅଷ୍ଟ୍ରିକ୍‌ମାନଙ୍କ ପରେ ଭୂମଧ୍ୟସାଗରୀୟ ଅଞ୍ଚଳରୁ ଅନ୍ୟ ଏକ ଜାତିର ସ୍ରୋତ ଭାରତଭୂମିରେ ପ୍ରବେଶଲାଭ କରିଥିଲା । ଏମାନେ ଗ୍ରୀସ୍, ତତ୍ସନ୍ନିକଟ ଦ୍ୱୀପପୁଞ୍ଜ ଓ ଏସିଆ ମାଇନର ଅଞ୍ଚଳର ଅଧିବାସୀ । ସେମାନେ ଭାରତକୁ ଖ୍ରୀ: ୨୫୦୦ ବର୍ଷ ତଳେ ଆସି ସିନ୍ଧୁନଦୀର ଉଭୟ ତୀରରେ ବସତି ସ୍ଥାପନ କରିଥିଲେ । ପଞ୍ଜାବର ହରପ୍ପା, ସିନ୍ଧୁ ପ୍ରଦେଶର ମହେଞ୍ଜୋଦାରୋ ଓ ଲୋଥାଲ୍ ପ୍ରଭୃତି ଅଞ୍ଚଳର ସାଂସ୍କୃତିକ ବିଭବ ତାହାର ପ୍ରମାଣ ଦେଇଥାଏ । ଭୂମଧ୍ୟସାଗରୀୟ ଜାତି ସୁମେରୀୟ ଓ ଭାରତରେ ଦ୍ରାବିଡ଼ ଭାବରେ ପରିଚିତ । ଏମାନଙ୍କର ସଭ୍ୟତାକୁ କେହି କେହି ଅସୁର ସଭ୍ୟତା ବୋଲି କହିଥାନ୍ତି । ପ୍ରାଚୀନତର କଳିଙ୍ଗ ସଭ୍ୟତା ଏହି ଅସୁର ସଭ୍ୟତା ଦ୍ୱାରା ଋଦ୍ଧିମନ୍ତ ବୋଲି ଅନେକ

ଆଲୋଚକ ମଧ୍ୟ ମତ ପ୍ରଦାନ କରିଅଛନ୍ତି (୧) । କେତେକ ନୃତତ୍ତ୍ୱବିଦ୍ ମୁଣ୍ଡାଗୋଷ୍ଠୀର ଲୋକମାନଙ୍କୁ 'ଅସୁର' ନାମରେ ଆଖ୍ୟାତ କରି-ଅଛନ୍ତି । ଆଗାଉଆ ଆଦିବାସୀମାନଙ୍କ ମଧ୍ୟରେ ଏକ ଉପଜାତିର 'ଅସୁର' ନାମରେ ଅଭିହିତ ।

ସମୟ ଆସିଲା ଯେତେବେଳେ ଦ୍ରାବିଡ଼ ଓ ଭାରତର ଆଦିମ ଅଧିବାସୀମାନେ ଭାରତକୁ ନବାଗତ ଆର୍ଯ୍ୟମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ବହୁକାଳ ପର୍ଯ୍ୟନ୍ତ ଦ୍ରାବିଡ଼ ଓ ମୁଣ୍ଡାଗୋଷ୍ଠୀ ଲୋକ-ମାନଙ୍କର ଭାରତରେ ବସତିସ୍ଥାପନ ହେତୁ ସେମାନଙ୍କର ସଭ୍ୟତା ପରସ୍ପରକୁ ପ୍ରଭାବିତ କରିଥିଲା । ଦ୍ରାବିଡ଼ ଭାଷାଗୋଷ୍ଠୀରେ ମୁଣ୍ଡାଗୋଷ୍ଠୀ ଭାଷାର ଅନ୍ତର୍ନିହିତ ପ୍ରଭାବ ସେମାନଙ୍କ ସଭ୍ୟତା ସମ୍ମିଶ୍ରଣର ସଙ୍କେତ ଦେଇଥାଏ । ଅନ୍ୟ ପକ୍ଷରେ ଆର୍ଯ୍ୟଭାଷା ସଂସ୍କୃତରେ ଦ୍ରାବିଡ଼ ଓ ଆଦିବାସୀ ଭାଷାର ବହୁ ପ୍ରଭାବ ପଡ଼ିଥିବାର ଲକ୍ଷ୍ୟ କରାଯାଇଥାଏ । (୨)

---

୧ । Asuras in Indo-Iranian literature—Dr. A. Banerjee Sastri, J. B. O. R. S. 1926 I ଦ୍ରଷ୍ଟବ୍ୟ ।

୨ । The Dravidian element in Sanskrit by F. Kittel, Indian Antiquary 1872.

ମୀନ, ବଲ୍ଲୀ, କୋକିଳ, ମୁକୁଳ, ପେଟ, ମଣି, ମୁକ୍ତା, ଅଟବୀ, ଖଣ୍ଡ, ଖଟ୍ୱା, ଆଲବାଲ, ଅଳସ, ଅଳୀକ, ଅଲି, ଅକ୍ଷୋଟ, ଆଡ଼ମ୍ବର ଓ ଅନ୍ୟ ପ୍ରଭୃତି ଶବ୍ଦର ମୌଳିକ ଧାତୁ ଦ୍ରାବିଡ଼ ଭାଷାରୁ ଆସିଥିବାର ବିଷୟ ଏଫ୍. କିଟେଲ ଆଲୋଚନା କରିଅଛନ୍ତି । 'Non Aryan element on Hindi' (I. A. 1872) ପ୍ରବନ୍ଧରେ ବାପ, ବେଟ, ଝିଙ୍ଗୁର, ତଳାଉ, ଗୋଡ଼, ପେଟ, ଢୁଙ୍ଗାଳି, ଚଣ୍ଡ, ଚାଙ୍ଗୁଣୀ, ଶିପ, ଗୁଡ଼ିକା ଓ ଜୁଲୁକା ପ୍ରଭୃତି ଶବ୍ଦରେ ଅନାର୍ଯ୍ୟ ଭାଷାର ପ୍ରଭାବ ରହିଥିବା ବିଷୟ ଆଲୋଚିତ ହୋଇଛି ।

Munda affinities of Bengali—Dr. Sahidullah, Proceedings and Transactions of All India Oriental Conference (Patna) Vol. V ପ୍ରବନ୍ଧରେ ଲେଖକ ବଙ୍ଗଳା ଭାଷାରେ ଆଦିବାସୀ ଭାଷାର ପ୍ରଭାବ ଦେଖାଇ କହିଅଛନ୍ତି ଯେ ଅକାଲ, ଆଣ୍ଡା, ଝଣି, ଭେଡ଼ା, ବୋକା, ଖୁଡ଼ଲ, ଚୁଲି, ଢେଲ, ଡଙ୍ଗା, ଝାଡ଼, କାଳ, ଖଣ୍ଡ, ମୋଟା ଓ ଝଣ୍ଡି ପ୍ରଭୃତି ଶବ୍ଦ ମୌଳିକ ଆଦିବାସୀ ଭାଷାର ଶବ୍ଦ । ଓଡ଼ିଆ ଭାଷାରେ ମଧ୍ୟ ଶତାଧିକ ଆଦିବାସୀ ଶବ୍ଦର ସନ୍ଧାନ ମିଳିଥାଏ । ଏହି ବିଷୟରେ ମୋହର ଓଡ଼ିଶାର ଆଦିବାସୀ ସଂସ୍କୃତି ପୁସ୍ତକରୁ ଆଲୋଚନା ଦ୍ରଷ୍ଟବ୍ୟ ।

# ଓଡ଼ିଶାର ସାଂସ୍କୃତିକ ଐତିହ୍ୟ

ଓଡ଼ିଶା ପ୍ରଦେଶର ଇତିହାସ ପ୍ରସଙ୍ଗରେ କୁହାଯାଇପାରେ ଯେ ତାହାର ସଂସ୍କୃତି ଶବର (ଅସୁର) ଓ ଦ୍ରାବିଡ଼ ସଂସ୍କୃତି ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଛି । ଭାରତୀୟ ଆର୍ଯ୍ୟମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ ବେଦ ଓ ଉପନିଷଦ ସମୂହରେ କଳିଙ୍ଗ, ଉତ୍କଳ ଓ ଓଡ୍ର ଦେଶର ବିଶେଷ ବିବରଣୀ ମିଳେ ନାହିଁ । ଏହାର କାରଣ ଏହି ଯେ ବୈଦିକଯୁଗରେ ଉତ୍କଳଦେଶ ଅନାର୍ଯ୍ୟ ଦେଶ ବୋଲି ପରିଗଣିତ ହୋଉଥିଲା; ତେଣୁ ସେ ଦେଶର ମହାତ୍ମ୍ୟ ବେଦ ଓ ଉପନିଷଦ ଯୁଗରେ ଆର୍ଯ୍ୟଋଷିମାନଙ୍କର ଲେଖନୀରେ ଲିପିବଦ୍ଧ ହୋଇନାହିଁ । ବୌଦ୍ଧାୟନ ଧର୍ମସୂତ୍ରରେ ଉଲ୍ଲେଖ ରହିଛି ଯେ କଳିଙ୍ଗ ଅତି ଅପବିତ୍ର ଦେଶ ଓ ସେ ଦେଶରେ ପାଦ ପକାଇଲେ ଲୋକ ପାପଭାଗୀ ହୋଇଥାଏ । କୌଣସି ବ୍ୟକ୍ତି ସେ ସମୟରେ କଳିଙ୍ଗ ଦେଶକୁ ଯାଇ ଫେରିଆସୁଥିଲେ ତାକୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ୁଥିଲା । ଯେପରି—

ପଦଭ୍ୟାଂ ସ କୁରୁତେ ପାପଂ ଯଃ କଳିଙ୍ଗାନ୍ ପ୍ରପଦ୍ୟତେ
ଋଷୟୋ ନିଷ୍କୃତିଂ ତସ୍ୟ ପ୍ରାହୁ ବୈଶ୍ୱାନରଂ ହବିଃ'

( Sacred Books of the East—
Vol. XIV. P. 148 )

ଏହି ସବୁ ଉକ୍ତିରୁ ଜଣାଯାଏ, ବୈଦିକଯୁଗରେ ଓଡ଼ିଶା ଅନାର୍ଯ୍ୟଦେଶ ଭାବରେ ଆଖ୍ୟାତ ହୋଉଥିଲା । ଆଜି ଆମେ ଦେଖିବାକୁ ପାଉ ଯେ ଓଡ଼ିଶା ଲୋକସଂଖ୍ୟାର ତିନି ଭାଗରୁ ଭାଗେ ହୋଉଅଛନ୍ତି ଆଦିମ ଅଧିବାସୀ । ଏମାନଙ୍କ ସଂସ୍କୃତିର ମୁଦ୍ରାଙ୍କ ଓଡ଼ିଶାର ଗୀତିନାଟ ଓ ଶିଳ୍ପକଳାରେ ପୂରି ରହିଅଛି । ଆଦିବାସୀ ସଭ୍ୟତାର ଧାରା ଏକ ସମୟରେ ଅଷ୍ଟ୍ରେଲିଆ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ, ମାଲୟ, ବ୍ରହ୍ମଦେଶ ଓ ଆସାମ ମଧ୍ୟ ଦେଇ ଓଡ଼ିଶା ଲଗାଏତ ଦାକ୍ଷିଣାତ୍ୟ ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା । ସେହି ଅସୁର ସଭ୍ୟତାର କଥା ଆଗରୁ କୁହାଯାଇଛି ତାହାର ପ୍ରାଚୀନତା ସବୁଠାରୁ ବେଶି । ଓଡ଼ିଶାର ପ୍ରାଚୀନ ସଭ୍ୟତା ଅସୁର ସଭ୍ୟତା, ଆଦିବାସୀ ସଭ୍ୟତା ବା ଶବର ସଭ୍ୟତା ଓ ଆର୍ଯ୍ୟ ସଭ୍ୟତାର ଏକ ଘନିଷ୍ଠ ସମ୍ମିଶ୍ରଣ ମାତ୍ର ।

ପ୍ରାଚୀନ ଭାରତୀୟ ସଭ୍ୟତାରେ ଜ୍ୟୋତିଷତତ୍ତ୍ୱ, ଜଡ଼ିବୁଟି ଔଷଧ ଓ ତନ୍ତ୍ରମନ୍ତ୍ରରେ ସୁପ୍ରାଚୀନ ଅସୁର ସଭ୍ୟତାର ଛାପ ରହିଅଛି । ଏହି ସଭ୍ୟତାର ପ୍ରଭାବ ଏକ ସମୟରେ ଇଜିପ୍ଟ, ବେବିଲୋନ ଲଗାଏତ ଭାରତର କେତେକ ବିଶିଷ୍ଟ ଅଞ୍ଚଳକୁ ପ୍ରଭାବିତ କରିଥିଲା । ପୁଣି ଜଣାପଡ଼ୁଛି ଯେ ଆମ ଧର୍ମରେ ଶୂନ୍ୟବାଦର ଭିତ୍ତି ମଧ୍ୟ ସେହି ଅସୁର ସଭ୍ୟତାରେ ରହିଛି । ଏହି ବିଷୟ ଅନେକ ପଣ୍ଡିତ ଆଲୋଚନା କରିଅଛନ୍ତି; କିନ୍ତୁ ଅନ୍ୟ ଦିଗରେ ଦେଖିବାକୁ ଗଲେ ଅସୁର ବା ସୁପ୍ରାଚୀନ ଦ୍ରାବିଡ଼ ସଭ୍ୟତାର ଶୂନ୍ୟବାଦ ତତ୍ପୂର୍ବର ନିଷାଦ ସଭ୍ୟତାରେ ମଧ୍ୟ ରହିଛି । ପାଲିନେସିଆର ଆଦିମ ଅଧିବାସୀ ଓ ନିଉଜିଲାଣ୍ଡର ମାଓରିମାନଙ୍କର ଲୋକଗୀତ ଓ ଧର୍ମରେ ଶୂନ୍ୟରୁ ସବୁ କିଛି ସୃଷ୍ଟି ଲାଭ କରିବା ଓ ଶୂନ୍ୟ ହିଁ ଭଗବାନ—ଏହି ମତବାଦ ପ୍ରତିଫଳିତ ହେବାର ଦେଖାଯାଇଥାଏ (୩) । ତେଣୁ ଏହି ଶୂନ୍ୟବାଦର ଧାରା ନିଷାଦ କି ଅସୁର ସଭ୍ୟତାରେ ପ୍ରଥମେ ନିହିତ ଥିଲା, ତାହା କହିବା ଏକ କଠିନ ବ୍ୟାପାର । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆଦିମ [illegible] ଶୂନ୍ୟବାଦର ବହୁଳ ବିବରଣୀ ପାଇଁ, ତାହାକୁ ଅନେକ ଆଲୋଚକ ଅସୁର ସଭ୍ୟତାର ଶୂନ୍ୟବାଦ ସହିତ ସମ୍ପୃକ୍ତ କରିଅଛନ୍ତି । ସେମାନଙ୍କର ମତ ଯେ ବୌଦ୍ଧ ଓ ହିନ୍ଦୁ ଧର୍ମର ଶୂନ୍ୟବାଦ ମଧ୍ୟ ଏହି ଅସୁର ସଭ୍ୟତାର ଶୂନ୍ୟବାଦର [illegible] ଅଟେ ।

## ପ୍ରାଚୀନ ଓଡ଼ିଶାର ଶବର ସଭ୍ୟତା

ଐତରେୟ ବ୍ରାହ୍ମଣ, ମହାଭାରତ ଓ ରାମାୟଣ ପ୍ରଭୃତି ଗ୍ରନ୍ଥରେ ଶବରଜାତିର ନାମୋଲ୍ଲେଖ ମିଳୁଛି । ଏହି ଶବରମାନେ ପ୍ଲିନି ଓ ଟଲେମୀଙ୍କ ଦ୍ୱାରା ଯଥାକ୍ରମେ ସୁଆରି (Suari) ଓ ସବରାଇ (Sabroe) ନାମରେ ନାମିତ । ଟଲେମି କହନ୍ତି ଯେ ଗଙ୍ଗା ଅଞ୍ଚଳରେ ଶବର ଦେଶ ରହିଅଛି ଓ ସେ ସ୍ଥାନରେ ପ୍ରଚୁର ହୀରା ମିଳିଥାଏ । ଟଲେମିଙ୍କର ଶବର ଦେଶ ସମ୍ବଲପୁର ଓ ଗଡ଼ଜାତ ଅଞ୍ଚଳ ଲଗାଏତ ଗଞ୍ଜାମ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡକୁ ବୁଝାଇଥାଏ । ଶବରମାନେ ତନ୍ତ୍ର, ମନ୍ତ୍ର ଓ ଜଡ଼ିବୁଟି

(3) India and Polynesia—Dr. S. K. Chatterjee, Bharat Kaumudi, Vol. I, P. 204

ଅଧ୍ୟାୟରେ ସବିଶେଷ ପ୍ରକାଶ ଓ ସେମାନଙ୍କର ତଥ୍ୟ ଆବଶ୍ୟ-ତଥ୍ୟ-ଭାବରେ କହିଛି। ଶବରମାନଙ୍କ ବ୍ୟତୀତ 'ମୁଣ୍ଡା'ଗୋଷ୍ଠୀର ଲୋକ-ମାନଙ୍କ କଥା ଟଲେମି ଓ ପ୍ଲିନିଙ୍କ ବିବରଣୀରେ ମଧ୍ୟ ସ୍ଥାନଲାଭ କରିଛି। ଖ୍ରୀ. ୧୫୦ରେ ଭୌଗୋଳିକ ଟଲେମି ଲେଖିଛନ୍ତି ଯେ ଗଙ୍ଗାର ନିକଟବର୍ତ୍ତୀ ଦେଶରେ ମୁରଣ୍ଡାଇ (Murandai) ଜାତିର ଲୋକେ ବାସ କରୁଅଛନ୍ତି ଓ ତାଙ୍କର ପୂର୍ବବର୍ତ୍ତୀ ଭୌଗୋଳିକ ପ୍ଲିନି ଭାରତରେ ମଣ୍ଡେଦ୍ (Monedes) ନାମକ ଦେଶର ଉଲ୍ଲେଖ କରିଅଛନ୍ତି। ଏହି ମଣ୍ଡେଦ୍ ଦେଶ ସମ୍ଭବତଃ ମୁଣ୍ଡାମାନଙ୍କର ଦେଶ ହୋଇପାରେ।

ଆମର ଜଗନ୍ନାଥ ଆବହମାନ କାଳରୁ ଶବର ଦେବତା ଭାବରେ ପୂଜିତ ହୋଇ ଆସୁଅଛନ୍ତି। ଜଗନ୍ନାଥଧର୍ମର ଇତିହାସ ପ୍ରାଗୈତିହାସିକ ଯୁଗର ଶବର ସଂସ୍କୃତିରେ ନିହିତ ଥିବା ଆମର ପୂର୍ଣ୍ଣ ବିଶ୍ୱାସ। ପୁରାଣ ଓ ଲୋକକଥାରେ ଇନ୍ଦ୍ରଦ୍ୟୁମ୍ନ ଓ ବିଶ୍ୱାବସୁର ପ୍ରସଙ୍ଗ ଅନ୍ୟ କିଛି ନୁହେଁ। ତାହା ଆର୍ଯ୍ୟ ଓ ଶବର ସଂସ୍କୃତିର ମିଳନ ମାତ୍ର। ଗଣେଶ ବିଭୂତିରେ ବର୍ଣ୍ଣିତ ଯେ ଜୟପ୍ରଭା, ଇନ୍ଦ୍ରପ୍ରଭା ଓ ମହାବୀର୍ଯ୍ୟକେତୁ ପ୍ରଭୃତି କାମ୍ବୁରେଖାର ପୁତ୍ରଗଣ ଶବର ଭାବରେ ପରିଚିତ। ଯେପରି—

'କାମ୍ବୁରେଖା ତିନି ସୁତ ନାମ ଦେବା କହି
ଜୟପ୍ରଭା ବୋଲି ଜ୍ୟେଷ୍ଠ ପୁତ୍ରଟି ଅଟଇ।
ଇନ୍ଦ୍ରପ୍ରଭା ବୋଲି ନାମ କନିଷ୍ଠ ନନ୍ଦନ
ମହାବୀର୍ଯ୍ୟ କେତୁ ବୋଲି ଏହାଠାରୁ ଶୁଣ।
ଏହି ତିନି ନନ୍ଦନ ଯେ ଶବର ଅଟନ୍ତି।

(ଗଣେଶ ବିଭୂତି, ପୃ. ୩୯)

କିନ୍ତୁ ଏସବୁ ବର୍ଣ୍ଣନାରେ ଐତିହାସିକ ସତ୍ୟତା ନାହିଁ। ଶବର ସଭ୍ୟତାକୁ ଆର୍ଯ୍ୟ ସଂସ୍କୃତିର ରୂପଦେବା ଏହି ବର୍ଣ୍ଣନାର ଉଦ୍ଦେଶ୍ୟ ବୋଲି ଜଣାଯାଇଥାଏ। ଏହିପରି ଆମେ ଅନେକ ବିବରଣୀ ପାଇ ପାରିବା। ଐତରେୟ ବ୍ରାହ୍ମଣରେ ଶବରମାନେ ବିଶ୍ୱାମିତ୍ରଙ୍କ ପୁତ୍ରର ବଂଶଧର ବୋଲି କୁହାଯାଇଛନ୍ତି। ସାରଳା ମହାଭାରତର ବନପର୍ବରେ ଶବରଦେବତା ଜଗନ୍ନାଥ ବୃକ୍ଷରୂପରେ ବର୍ଣ୍ଣିତ ହୋଇଅଛନ୍ତି।

କଳିଯୁଗ ଗୁରୁଳକ୍ଷ ବତିଶ ସହସ୍ର ବରଷ ପରିକଳନ୍ତି
ବଉଦ୍ଧ ରୂପେ ପୂଜା ପାଇବେ ନୀଳସୁନ୍ଦର ପର୍ବତେ ।
କଳିଯୁଗ ବଉଦ୍ଧ କେଶବ ପ୍ରତିମା
ମୁହିଂ ହୋଇବି ନୀଳସୁନ୍ଦର ଗିରି ଯେ ଉତ୍ତମା ।
ଦେଖିଲ ପ୍ରତ୍ୟକ୍ଷେ ବିଷ୍ଣୁ ପ୍ରତିମା ଜନ ମୂର୍ତ୍ତି
କର ଚରଣ ନାହିଁ ମଣ୍ଡା ବଉଦ୍ଧ ନ୍ୟାସେ । (ବନପର୍ବ)

ତେବେ ଏସବୁ ଶବର ସଂସ୍କୃତିର ବହୁ ପରବର୍ତ୍ତୀ ବିକାଶ । ଆମର ମୂଳ ଶବର ସଂସ୍କୃତିରେ ବୁଦ୍ଧ, ବୌଦ୍ଧ ଓ ଜୈନଧର୍ମର ବହୁ ପ୍ରଭାବ ପଡ଼ିଛି ଏବଂ ଏହା ହିଁ ହୋଇଛି ଆମର ଜଗନ୍ନାଥଧର୍ମ । ପୂର୍ବୋକ୍ତ ଆଲୋଚନାମାନଙ୍କରୁ ଆମେ ଜାଣିବାକୁ ପାଉଁ ଯେ ଓଡ଼ିଶାର ପ୍ରାଚୀନ ସଂସ୍କୃତିରେ ଆସୀରଣ (ଅସୁର) ସଭ୍ୟତାର ପ୍ରଭାବ ଅପେକ୍ଷା ଶବର ସଭ୍ୟତାର ପ୍ରଭାବ ବେଶି ଓ ଅଧିକ ସ୍ପଷ୍ଟ । ଶବର ସଭ୍ୟତା ଅସୁର ସଭ୍ୟତା ନୁହେଁ, ତାହା ଏକ ସ୍ୱତନ୍ତ୍ର ଓଡ଼ିଶୀ ସଭ୍ୟତା । ଓଡ଼ିଆ ସଂସ୍କୃତିକୁ ଯୁଗ ଯୁଗ ଧରି ପ୍ରଭାବିତ କରିଛି ଅନାର୍ଯ୍ୟ ଶବର ସଭ୍ୟତା । ତାହା ସହିତ ସମୟକ୍ରମେ ଦ୍ରାବିଡ଼ ସଭ୍ୟତାର ମଧ୍ୟ ମିଶ୍ରଣ ଘଟିଛି । ଆମର ଜଗନ୍ନାଥଧର୍ମରେ ଶବର ସଭ୍ୟତାର ମୌଳିକ ପ୍ରଭାବ ଥାଇଁ ଥାଇଁ ଓଡ଼ିଆ ସଂସ୍କୃତିକୁ କେବଳ ଅସୁର ସଭ୍ୟତାରେ ପର୍ଯ୍ୟବସିତ କରିବା ଯଥାର୍ଥ ହେବ ନାହିଁ ବୋଲି ମନେ ହୋଇଥାଏ ।

## ବିଭିନ୍ନ ସଂସ୍କୃତ ଧର୍ମଶାସ୍ତ୍ର ଓ ପୁରାଣ ପ୍ରଭୃତିରେ 'ଉତ୍କଳ', ଉଡ୍ର ଓ କଳିଙ୍ଗ

ବ୍ରାହ୍ମଣ୍ୟ ଧର୍ମଗ୍ରନ୍ଥ ଓ ପୁରାଣ ପ୍ରଭୃତିରେ ଉତ୍କଳ, ଉଡ୍ର ଓ କଳିଙ୍ଗ ଦେଶର ବହୁ ପ୍ରଶସ୍ତି ରହିଅଛି । କପିଳ ସଂହିତାରେ ଉତ୍କଳ ଭାରତର ଶ୍ରେଷ୍ଠ ପୁଣ୍ୟଭୂମି ଭାବରେ ବର୍ଣ୍ଣିତ ହୋଇଅଛି ।

'ବର୍ଷାଣାଂ ଭାରତଃ ଶ୍ରେଷ୍ଠଃ ଦେଶାନାମୁତ୍କଳଃ ଶ୍ରୁତଃ
ଉତ୍କଳସ୍ୟ ସମୋଦେଶୋ ଦେଶୋ ନାସ୍ତି ମହୀତଳେ' ।
(କପିଳ ସଂହିତା ଅ. ୧)

ଏସବୁ ପ୍ରଶସ୍ତି ଓଡ଼ିଶା ଆର୍ଯ୍ୟୀକରଣ ହେବାର ବହୁ ପରବର୍ତ୍ତୀ ଅଟେ । ପୁରାଣଯୁଗରେ ଓଡ଼ିଶା ପବିତ୍ର ଅର୍ଯ୍ୟଭୂମିରେ ପରିଣତ

ହୋଇଛି । ଏହାର ଦୃଷ୍ଟାନ୍ତ ମହାଭାରତର ଦୀର୍ଘତମା ଋଷିଙ୍କର ଉପାଖ୍ୟାନ । ଦୀର୍ଘତମା ଋଷିଙ୍କର ଔରସରେ ବଳୀରାଜାଙ୍କ ସ୍ତ୍ରୀ ସୁଦେଷ୍ଣାଙ୍କ ଗର୍ଭରୁ ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ ଓ ପୁଣ୍ଡ୍ର ପ୍ରଭୃତି ପାଞ୍ଚ ପୁତ୍ରଙ୍କର ଜନ୍ମ ଏବଂ ସେମାନଙ୍କ ନାମାନୁସାରେ ଯଥାକ୍ରମେ ରାଜ୍ୟ-ମାନଙ୍କର ନାମକରଣ ହେବା ଏକ ସୁନ୍ଦର ବର୍ଣ୍ଣନା । କେବଳ ଏତିକି ନୁହେଁ, ବାୟୁ ପୁରାଣରେ କୁହାଯାଇଛି ଯେ ରାଜା ପ୍ରଦ୍ୟୁମ୍ନଙ୍କର ତିନିଗୋଟି ପୁତ୍ର ଥିଲେ ଓ ସେମାନେ ହେଉଛନ୍ତି ଉତ୍କଳ, ଗୟ ଓ ବିନତାଶ୍ୱ । ଉତ୍କଳ ଓ ଗୟ ଯଥାକ୍ରମେ ଉତ୍କଳ ଓ ଗୟା ଦେଶର ଅଧିକାରୀ ହେଲେ ଓ ସେମାନଙ୍କ ନାମ ଅନୁସାରେ ଉତ୍କଳ ଓ ଗୟା ଦେଶର ନାମକରଣ ହେଲା । ମାର୍କଣ୍ଡେୟ ପୁରାଣରେ ଉତ୍କଳଦେଶ ପ୍ରସଙ୍ଗରେ କୁହାଯାଇଛି ଯେ ମନୁ ପୁତ୍ରଲାଭ ନିମିତ୍ତ ମିତ୍ର ଓ ବରୁଣଙ୍କୁ ପୂଜା କଲେ; କିନ୍ତୁ ଯଥାର୍ଥ ଭାବରେ ପୂଜା ନ ହୋଇ ପାରିବାରୁ ଏକ ଦୁହିତାର ଜନ୍ମ ହେଲା, ଯାହାର ନାମ ହେଲା 'ଇଳା' । ମନୁ ସନ୍ତୁଷ୍ଟ ନ ହୋଇ ପୁନର୍ବାର ତାଙ୍କୁ ପୂଜାକଲେ । ଫଳରେ ଦୁହିତା 'ଇଳା' ପୁତ୍ରରେ ପରିଣତ ହେଲେ । କେହି କେହି ମତ ଦିଅନ୍ତି—ଓଡ଼ିଶାର ସୋମବଂଶ ସହିତ 'ଇଳା'ଙ୍କର କିଛି ନା କିଛି ସମ୍ପର୍କ ରହିଅଛି । ତେବେ ଯାହା ହେଉ ନା କାହିଁକି, ଏହି ସମସ୍ତ ପୌରାଣିକ ଆଖ୍ୟାନରେ ଐତିହାସିକତା ଅପେକ୍ଷା କାଳ୍ପନିକତାର ମାତ୍ରା ବେଶି । ଏହି ସବୁ ଆଖ୍ୟାୟିକା ଆର୍ଯ୍ୟମାନଙ୍କର ଆଖ୍ୟାୟିକା । ଆର୍ଯ୍ୟମାନେ ଓଡ଼ିଶାରେ ବସବାସ କରି ରହିବା ପରେ ପୂର୍ବୋକ୍ତ ଅନାର୍ଯ୍ୟ ଦେଶର ଅପବିତ୍ରତାକୁ ସେମାନେ ଏହିପରି ଭାବରେ ଘୋଡ଼ାଇଦେବାକୁ ଚେଷ୍ଟା କରିଅଛନ୍ତି, ତାହା ଏହିସବୁ ଉପାଖ୍ୟାନରୁ ଜଣାପଡ଼ିଥାଏ । ତେବେ ଏତିକି କଥା ସ୍ପଷ୍ଟ ଯେ ପ୍ରାଚୀନ କାଳରେ ଉତ୍କଳ, ଓଡ୍ର ଓ କଳିଙ୍ଗ ଏକ ଦେଶକୁ ବୁଝାଉଥିଲା । ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ ଓ ପୁଣ୍ଡ୍ର ରାଜ୍ୟମାନଙ୍କ ମଧ୍ୟରେ ପ୍ରାଚୀନ କାଳରେ ଘନିଷ୍ଠ ସାଂସ୍କୃତିକ ସମ୍ପର୍କ ରହିଥିଲା । ଏହି ରାଜ୍ୟମାନଙ୍କୁ ଏକ ମା ପେଟର ଭାଇ ବୋଲି କହିବାରେ କିଛି ଭୁଲ୍ ନାହିଁ ବୋଲି ମନେ ହୋଇଥାଏ । କାରଣ ଆଜି ମଧ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତିରେ ବଙ୍ଗ, ବିହାର ଓ ଓଡ଼ିଶା ପ୍ରଭୃତି ପ୍ରଦେଶର ଘନିଷ୍ଠ ସାଂସ୍କୃତିକ ଐକ୍ୟ ବିଦ୍ୟମାନ ।

# ମହାଭାରତକାଳୀନ 'ଓଡ଼ିଶା'

ମହାଭାରତ ରଚନା ପୂର୍ବରୁ ଐତରେୟ ବ୍ରାହ୍ମଣରେ ଉଲ୍ଲେଖ ଅଛି ଯେ କଳିଙ୍ଗରେ ଲୋକମାନେ ବସବାସ କରୁଥିଲେ । ଏହାଛଡ଼ା ଖ୍ରୀ: ପୂ: ୪ର୍ଥ ଶତାବ୍ଦୀର ବୈୟାକରଣିକ ଓ ପରବର୍ତ୍ତୀକାଳୀନ କୌଟିଲ୍ୟଙ୍କର ଅର୍ଥଶାସ୍ତ୍ରରେ କଳିଙ୍ଗ ହସ୍ତୀବସ୍ତ୍ର ନିମିତ୍ତ ପ୍ରସିଦ୍ଧ ଥିବାର ବିଷୟ ଉଲ୍ଲେଖ ରହିଛି । ମହାଭାରତ ରଚନା ସମୟକୁ ଉତ୍କଳ, କଳିଙ୍ଗ ଓ ଓଡ୍ର ଅତି ଉନ୍ନତ ଦେଶ ଭାବରେ ପ୍ରସିଦ୍ଧି ଲାଭ କରିସାରିଲଣି । ମହାଭାରତରେ କଳିଙ୍ଗ, ଓଡ୍ର ଓ ଉତ୍କଳ ଦେଶର ବହୁବାର ବର୍ଣ୍ଣନା ଲକ୍ଷ୍ୟ କରାଯାଇଥାଏ । କଳିଙ୍ଗ ଓ ଓଡ୍ର ଦେଶର ସୈନ୍ୟମାନେ ସବୁବେଳେ କୌରବମାନଙ୍କର ପକ୍ଷ ସମର୍ଥନ କରିଛନ୍ତି । ଦ୍ରୌପଦୀଙ୍କର ସ୍ୱୟମ୍ବର ସଭାରେ ତାମ୍ରଲିପ୍ତ, ମଦ୍ରରାଜ ପ୍ରଭୃତି ରାଜନ୍ୟବର୍ଗଙ୍କ ସହିତ କଳିଙ୍ଗରାଜ ମଧ୍ୟ ଯୋଗଦେଇ ଅଛନ୍ତି । ଅର୍ଜୁନ ବନବାସ ପର୍ବରେ ଅର୍ଜୁନ ଅଙ୍ଗ, ବଙ୍ଗ ଓ କଳିଙ୍ଗର ବିଭିନ୍ନ ତୀର୍ଥ ଭ୍ରମଣ କରିଥିବାର ବିଷୟ ଉଲ୍ଲେଖ ଅଛି । ଏଥିରୁ ଜଣାଯାଏ ଯେ ମହାଭାରତ ରଚନା ସମୟକୁ କଳିଙ୍ଗ କ୍ରମେ ଆର୍ଯ୍ୟଭୂମିରେ ପରିଣତ ହେଲାଣି । ସୈନ୍ୟୋଦ୍ୟୋଗ ପର୍ବରେ ସହଦେବ କଳିଙ୍ଗମାନଙ୍କୁ ଦନ୍ତକୁର (ଦନ୍ତପୁର)ରେ ପରାଜିତ କରିଅଛନ୍ତି ଏବଂ ଶ୍ରୀକୃଷ୍ଣ ମଧ୍ୟ ସେହି ଦନ୍ତପୁରରେ କଳିଙ୍ଗର ସୈନ୍ୟମାନଙ୍କୁ ପରାଜିତ କରିଅଛନ୍ତି । ଭୀଷ୍ମବଧ ପର୍ବରେ କଳିଙ୍ଗର ସୈନ୍ୟମାନେ ଦୁର୍ଯ୍ୟୋଧନର ପକ୍ଷ ଗ୍ରହଣ କରିଅଛନ୍ତି ଓ ଶ୍ରୁତାୟୁ ନାମଧେୟ କଳିଙ୍ଗର ଜନୈକ ରାଜା ଦ୍ରୋଣଙ୍କ ନିର୍ଦ୍ଦେଶରେ ଯୁଦ୍ଧ କରିଅଛନ୍ତି । ଦ୍ରୋଣାଭିଷେକ ପର୍ବରେ କଳିଙ୍ଗ ସୈନ୍ୟମାନଙ୍କର ବୀରତ୍ୱ ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି । ଯୁଦ୍ଧ ସମୟରେ କଳିଙ୍ଗସେନା କାମରୁପର ରାଜା ଭଗଦତ୍ତଙ୍କର ଅଧିନାୟକତ୍ୱରେ ରହିଅଛନ୍ତି । ଜୟଦ୍ରଥ ବଧ ପର୍ବରେ ଅଙ୍ଗ, ବଙ୍ଗ ଓ କଳିଙ୍ଗର ସୈନ୍ୟମାନେ ରାମ ଜାମଦଗ୍ନ୍ୟଙ୍କ ଦ୍ୱାରା ପରାଜିତ ହୋଇଅଛନ୍ତି ଏବଂ କଳିଙ୍ଗର ଲୋକେ ମୂଷଳୀ ପର୍ବରେ 'ଦୁରଧର୍ମାନ୍' ବା 'ଧର୍ମବିହୀନ' ବୋଲି ଆଖ୍ୟାତ ହୋଇଅଛନ୍ତି ।

ବନପର୍ବରେ ତୀର୍ଥଯାତ୍ରା ପ୍ରସଙ୍ଗରେ ଭୀଷ୍ମ ପୁଲସ୍ତ୍ୟଙ୍କୁ ପଚାରିବାରେ ପୁଲସ୍ତ୍ୟ ଓଡ଼ିଶାର କେତେକ ତୀର୍ଥ ପ୍ରସଙ୍ଗରେ କହିଅଛନ୍ତି

ଯେ କଳିଙ୍ଗର ଶ୍ରୀ ତୀର୍ଥ ହେଉଛି ପ୍ରଧାନ ତୀର୍ଥ ଏବଂ ସେଠାରେ ସ୍ନାନ କଲେ ଲୋକ ମୁକ୍ତିଲାଭ କରିଥାଏ । ମହେନ୍ଦ୍ରଏ, ଶ୍ରୀ ତୀର୍ଥ ସମ୍ଭବତଃ ମହୋଦଧିସେବିତ ଶ୍ରୀକ୍ଷେତ୍ର । ପୁଲସ୍ତ୍ୟ ମୁନି ସ୍ପଷ୍ଟ କହିଅଛନ୍ତି ଯେ କଳିଙ୍ଗରେ ଦାଶାଶ୍ୱମେଧ ନାମରେ ଅନ୍ୟ ଏକ ପବିତ୍ର ତୀର୍ଥ ଅଛି, ସେହିଁଠାରେ ସ୍ନାନ କଲେ ମନୁଷ୍ୟ ମୃତ୍ୟୁ ପରେ ସ୍ୱର୍ଗଧାମ ଲାଭ କରେ । ସେହି ବନପର୍ବରେ ବୈତରଣୀ ଓ ଋଷିକୁଲ୍ୟା ନଦୀର ପବିତ୍ରତା ମଧ୍ୟ ବର୍ଣ୍ଣନା କରାଯାଇଛି । କୁହାଯାଇଛି ଯେ ବୈତରଣୀ-ତୀର୍ଥରେ ସ୍ନାନ କଲେ ସମସ୍ତ ପାପ କ୍ଷୟ ହୁଏ ଓ ବିରଜା'ତୀର୍ଥ ଦର୍ଶନ କରିବା ବ୍ୟକ୍ତି ଚନ୍ଦ୍ର ପରି କାନ୍ତି ବିସ୍ତାର କରେ । କଳିଙ୍ଗର ମହେନ୍ଦ୍ରତୀର୍ଥ ଜାମଦଗ୍ନ୍ୟଙ୍କ ଦ୍ୱାରା ଅଧ୍ୟୁଷିତ ବୋଲି ଉକ୍ତ ପର୍ବରେ ବର୍ଣ୍ଣିତ ହୋଇଅଛି । ଯୁଧିଷ୍ଠିର ଶତନଦୀସେବିତ ଗଙ୍ଗାସାଗର ସଙ୍ଗମରେ ସ୍ନାନ କରି ଉପକୂଳ ପ୍ରଦେଶ (କଳିଙ୍ଗ)ରେ ଅବତରଣ କରିଅଛନ୍ତି । ଉପକୂଳ ପ୍ରଦେଶରେ କଳିଙ୍ଗମାନେ ବାସକରୁଥିବାର କଥା ମହାଭାରତରେ ବର୍ଣ୍ଣିତ ହୋଇଅଛି । ଅନୁମିତ ହୁଏ ଯେ ଓଡ଼ିଶାର ଉପକୂଳ ପ୍ରଦେଶ ଗଙ୍ଗାଠାରୁ ମହେନ୍ଦ୍ର-ଗିରି ପର୍ଯ୍ୟନ୍ତ ବିସ୍ତୃତ ଥିଲା ଓ ତାହା କଳିଙ୍ଗ ଦେଶ ନାମରେ ଅଭିହିତ ହେଉଥିଲା ।

ମହାଭାରତର ବନପର୍ବରେ ବିରଜାକ୍ଷେତ୍ରର ମାହାତ୍ମ୍ୟ ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି । କୁହାଯାଇଛି ଯେ ବୈତରଣୀ ନଦୀ କୂଳରେ ଧର୍ମଦେବତା ଦେବତାମାନଙ୍କର ସୁରକ୍ଷା ଏବଂ ମଙ୍ଗଳ ନିମିତ୍ତ ଅର୍ଘ୍ୟ ପ୍ରଦାନ କରିଥିଲେ । ବୈତରଣୀ ନଦୀ ଉପତ୍ୟକା ସେତେବେଳେ ବହୁ ଆର୍ଯ୍ୟଋଷିଙ୍କ ଦ୍ୱାରା ଅଧ୍ୟୁଷିତ ହେଉଥିଲା ଓ ସେଠାରେ ମଧ୍ୟ ବହୁ ଆଶ୍ରମ ରହିଥିଲା । ଆହୁରି କୁହାଯାଇଛି ଯେ ରୁଦ୍ରଦେବତା ବଳି ନିମିତ୍ତ ଶସ୍ତ୍ରଧାରଣ କରି ଦେବତାମାନଙ୍କ ସହିତ ସେଠାରେ ଯଜ୍ଞ ଆଚରଣ କରିଥିଲେ । ଫଳରେ ରୁଦ୍ରଙ୍କ ଭୟରେ ଦେବତାମାନେ ତାଙ୍କୁ ବଳିର ଶ୍ରେଷ୍ଠାଂଶ ଅର୍ପଣ କରିଥିଲେ । ଏହା ପରେ ବର୍ଣ୍ଣିତ ଅଛି ଯେ ଦ୍ରୌପଦୀଙ୍କ ସହିତ ପାଣ୍ଡବମାନେ ସ୍ନାନଦ୍ୱାରା ପିତୃତର୍ପଣ କରିବା ପରେ ସେମାନେ ଋଷିମାନଙ୍କର ବେଦଧ୍ୱନି ଶୁଣିବାକୁ ପାଇଥିଲେ । ବୈତରଣୀ ଦେବ-ଯଜ୍ଞଭୂମି ଭାବରେ ମଧ୍ୟ କଥିତ ହୋଇଅଛି । ବୈତରଣୀ ନିକଟବର୍ତ୍ତୀ

ଅରଣ୍ୟ ବ୍ରହ୍ମାଙ୍କର ଅଧିଷ୍ଠାନ ଥିଲା ଓ ସେଠାରେ କାଶ୍ୟପଙ୍କୁ ବ୍ରହ୍ମା ପୃଥିବୀ ଦାନ ଦେଇଥିବାର କୁହାଯାଇଛି ।

ମହାଭାରତର ଏସବୁ ବର୍ଣ୍ଣନା ଗଳ୍ପରେ ସ୍ପଷ୍ଟ ସଙ୍କେତ ରହିଛି ଯେ ଆର୍ଯ୍ୟମାନେ ଓଡ଼ିଶାକୁ ଆସି ପ୍ରଥମେ ବୈତରଣୀ ନଦୀକୂଳ ପ୍ରଦେଶରେ ସେମାନଙ୍କର ବସତିସ୍ଥାପନ କରିଥିଲେ । ମହାଭାରତର ରଚନା ସମୟ ଯଦି ଖ୍ରୀ.ପୂ.-୪ର୍ଥ ଶତାବ୍ଦୀ ହୁଏ, ତାହାହେଲେ ଏହା ସତ୍ୟ ଯେ ସେତେବେଳକୁ ଓଡ଼ିଶା ଆର୍ଯ୍ୟୀକରଣ ହୋଇଛି ଓ ଅଶାତର ଅପବିତ୍ର ଦେଶ କ୍ରମେ ପବିତ୍ର ତୀର୍ଥଭୂମିରେ ପରିଣତ ହୋଇଛି ।

ପ୍ରାଚୀନ କଳିଙ୍ଗ ଦେଶ ସମ୍ବନ୍ଧରେ ଆହୁରି ଅନେକ କଥା ମହାଭାରତରୁ ଜଣା ପଡ଼ିଥାଏ । ରାଜଧର୍ମାନୁଶାସନ ପର୍ବରେ କଳିଙ୍ଗ ଦେଶକୁ ରାଜା ଚିତ୍ରାଙ୍ଗଦଙ୍କ ଦ୍ୱାରା ଶାସିତ ହେଉଥିବାର ଜଣାଯାଏ । ସେତେବେଳେ କଳିଙ୍ଗର ରାଜଧାନୀ ରାଜପୁର ଥିଲା । ବିଭିନ୍ନ ସମୟରେ କଳିଙ୍ଗର ରାଜଧାନୀ ଦନ୍ତପୁର, ରାଜପୁର ଓ ମଣିପୁର ଥିବାର ଜଣାଯାଇଛି । ମହାଭାରତରେ କଳିଙ୍ଗ ସୈନ୍ୟମାନଙ୍କର ବୀରତ୍ୱ ଅଶେଷ ଭାବରେ ରୂପାୟିତ ହୋଇଅଛି । 'କଳିଙ୍ଗାନାଂ ମହାତମୂମ୍', 'କଳିଙ୍ଗାନାଂ ମହାରଥାଃ' ପ୍ରଭୃତି ମହାଭାରତର ଉକ୍ତି କଳିଙ୍ଗର ବୀରତ୍ୱ ନିର୍ଦ୍ଦେଶ କରିଥାଏ ।

ମହାଭାରତରେ ଓଡ୍ର ଓ ଉତ୍କଳମାନଙ୍କର ବର୍ଣ୍ଣନା ମଧ୍ୟ ରହିଛି । ଉକ୍ତ ପୁରାଣରେ କଥିତ ଯେ ଓଡ୍ର ଓ କେରଳମାନେ ଭାରତର ଦକ୍ଷିଣରେ ରହିଅଛନ୍ତି । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞରେ ଓଡ୍ରମାନେ ପୁତ୍ରମାନଙ୍କ ସହିତ ଯୋଗଦେଇଅଛନ୍ତି ଓ କୁରୁକ୍ଷେତ୍ର-ଯୁଦ୍ଧରେ ସେମାନେ ସହଦେବଙ୍କ ଦ୍ୱାରା ପରାଜିତ ହୋଇଅଛନ୍ତି । ମହାଭାରତର ଅଧିକାଂଶ ସ୍ଥଳରେ ମେକଳ ସହିତ ଉତ୍କଳମାନଙ୍କର ଉଲ୍ଲେଖ ରହିଛି । ମହାଭାରତରୁ ଜାଣିବାକୁ ପାଇଁ ଯେ ତାହାର ରଚନା ସମୟକୁ ଓଡ୍ର, ଉତ୍କଳ ଓ କଳିଙ୍ଗ—ଏହି ତିନିଗୋଟି ଓଡ଼ିଶାର ପ୍ରାଚୀନ ରାଜ୍ୟ ବେଶ ଗଢ଼ି ଉଠିଅଛି ।

ରାମାୟଣରେ ଉତ୍କଳ ଦେଶ ସହିତ ମେକଳ ଓ ଦଶାର୍ଣ୍ଣ ଦେଶର ବର୍ଣ୍ଣନା ରହିଛି । ରାମାୟଣରେ କଳିଙ୍ଗର ଲୋକେ ଧାନ୍ୟଜୀବୀ ଭାବରେ ବର୍ଣ୍ଣିତ ହୋଇଅଛନ୍ତି ।

## ଅନ୍ୟାନ୍ୟ ପୁରାଣରେ :

ଅଗ୍ନି ପୁରାଣରେ ବର୍ଣ୍ଣିତ ଯେ, ଗୟାସୁରର ନାଭି ଯାଜପୁରରେ ପଡ଼ିଥିବାରୁ ତାହାର ନାମ ନାଭିଗୟା ହୋଇଅଛି । ଶାକ୍ତପୁରାଣ ମତରେ ଦକ୍ଷଯଜ୍ଞାଗ୍ନିରେ ଝାସଦେଇଥିବା ସତୀଙ୍କର ନାଭି ବିଷ୍ଣୁଚକ୍ରରେ ଖଣ୍ଡିତ ହୋଇ ବିରଜାକ୍ଷେତ୍ରରେ ପଡ଼ିଥିଲା । ତେଣୁ ଭାରତର ୫୧ଟି ଶାକ୍ତପୀଠ ମଧ୍ୟରେ ବିରଜାକ୍ଷେତ୍ର ଅନ୍ୟତମ ପ୍ରସିଦ୍ଧ ଶାକ୍ତତୀର୍ଥ ଭାବରେ ପରିଚିତ । ବାୟୁପୁରାଣରେ ବୈତରଣୀ ନଦୀ ଓ ବିରଜାକ୍ଷେତ୍ରର ମହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । ଯେପରି →

ଯାତ୍ରେ ବୈତରଣୀ ନାମ ନଦୀ ତ୍ରୈଲୋକ୍ୟ ବିଶ୍ରୁତା
ପାପଘ୍ନୀ ଗୟାକ୍ଷେତ୍ରେ ପିତୃଣାଂ ତାରଣାପୂର୍ବେ
ସ୍ନାତା ଗୋ ଦା ବୈତରଣ୍ୟାଂ ତ୍ରିଃସପ୍ତକୁଳମୁଦ୍ଧରେତ୍ ।
(୪୧ । ବାୟୁ ଅ.୪୩)

ଦେବ ନଦ୍ୟାଂ ବୈତରଣ୍ୟାଂ ସ୍ନାତଃ ସ୍ୱର୍ଗ ନୟେତ୍ ପିତୃନ୍ ।
(୬୭। ବାୟୁ ଅ.୫୦)

ଏହା ଛଡ଼ା ଅନ୍ୟାନ୍ୟ ପୁରାଣ ମଧ୍ୟରେ ସ୍କନ୍ଦପୁରାଣ ଉତ୍କଳ ଖଣ୍ଡରେ ଶ୍ରୀକ୍ଷେତ୍ରମହାତ୍ମ୍ୟ ଓ ବିରଜାକ୍ଷେତ୍ରର ବହୁ ପ୍ରଶସ୍ତି ବର୍ଣ୍ଣିତ ହୋଇଅଛି । ମତ୍ସ୍ୟପୁରାଣରେ ମେକଳ ସହ ଉତ୍କଳ, ତୋଷଳ ସହ କୋଶଳ ଓ ଅନ୍ଧ୍ର ସହ ଦଶାର୍ଣ୍ଣର ଉଲ୍ଲେଖ ରହିଛି । ବ୍ରହ୍ମାଣ୍ଡ ପୁରାଣରେ କୁହାଯାଇଛି ଯେ ନନ୍ଦରାଜାମାନଙ୍କ ପୂର୍ବରୁ କଳିଙ୍ଗରେ ୩୨ ଜଣ ରାଜା ରାଜତ୍ୱ କରିଥିଲେ । ଏହି ଅଜ୍ଞାତ ରାଜାମାନେ କଳିଙ୍ଗରେ ୧୦୦୦ ବର୍ଷରୁ ଅଧିକ କାଳ ରାଜତ୍ୱ କରିଥିବାର ଅନୁମିତ ହୋଇଥାଏ । ଏହି ସମୟରେ ଓଡ଼ିଶାରେ ଜୈନ ଓ ବୌଦ୍ଧଧର୍ମର ବହୁ ଉତ୍ଥାନ ଓ ପତନ ଲକ୍ଷ୍ୟ କରାଯାଇଥାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶରେ ଓଡ଼ିଶାରେ ଭାରତୀୟ ଧର୍ମର ବିକାଶଧାରା ଆମ୍ଭମାନଙ୍କୁ ଯେ ଅନେକ ସାହାଯ୍ୟ କରିଥାଏ କହିବା ବାହୁଲ୍ୟ ହେବ ।

## ଓଡ଼ିଶାର ଜୈନସଂସ୍କୃତି :

ଓଡ଼ିଶାର ଇତିହାସରେ ଜୈନଧର୍ମ ସମ୍ବନ୍ଧୀୟ ବହୁ ତଥ୍ୟ ଅନାବିଷ୍କୃତ ହୋଇ ଏବେ ମଧ୍ୟ ପଡ଼ିରହିଛି । ବୌଦ୍ଧଧର୍ମ ପରି ଜୈନ-

ଧର୍ମ ଏକ ପ୍ରଧାନ ଧର୍ମ ଭାବରେ ଭାରତରେ ଖ୍ୟାତିଲାଭ କରିଥିଲା । ଖ୍ରୀ. ପୂ. ଦ୍ୱିତୀୟ ଶତକରେ ଐର ଖାରବେଳଙ୍କ ସମୟରେ ଜୈନଧର୍ମ ଓଡ଼ିଶାର ପ୍ରଧାନ ଧର୍ମ ଥିଲା । ବହୁ ପ୍ରାଚୀନ ଜୈନ ଧର୍ମଗ୍ରନ୍ଥ 'ଆଚାରଙ୍ଗ ସୂତ୍ର'ରେ ରହିଛି ଯେ ମହାବୀର ଲାଢ଼ (ରାଢ଼) ଦେଶରେ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବୁଲିବାବେଳେ କୁକୁରମାନେ ତାଙ୍କୁ କାମୁଡ଼ିବାକୁ ଗୋଡ଼ାଇଲେ ଓ ସେଠାରେ ବାସକରୁଥିବା ବହୁ ସନ୍ନ୍ୟାସୀ ତାଙ୍କୁ କୁକୁରମାନଙ୍କ ଆକ୍ରମଣରୁ ରକ୍ଷା କରିଥିଲେ । 'ଆଚାରଙ୍ଗ ସୂତ୍ର'ର ଲାଢ଼, ବଜ୍ରଭୂମି ଓ ସୁମ୍ଭଭୂମିକୁ ଐତିହାସିକମାନେ ଯଥାକ୍ରମେ ରାଢ଼ ଦେଶ, ଭଞ୍ଜଭୂମି (ମୟୂରଭଞ୍ଜ) ଓ ସିଂହଭୂମି ବୋଲି କହିଥାନ୍ତି । ଜୈନଧର୍ମଗ୍ରନ୍ଥରେ 'ପୁରିସୁତ୍ତୀ' ବା 'ପୁରୁଷୋତ୍ତମ' କହିଲେ ତାହା 'ଜିନଦେବ' 'ଅର୍ହନ' ଓ 'ଚତୁର୍ଥ ବାସୁଦେବ'ଙ୍କୁ ବୁଝାଇଥାଏ । ଜୈନଧର୍ମଗ୍ରନ୍ଥର 'ନନ୍ଦୀସୂତ୍ର'ରେ ଜଗନ୍ନାଥର ଅର୍ଥ ଦେଉଛି 'ଜଗତ ପାଳକ' ବା 'ଜିନଦେବ' । ତୀର୍ଥକଳ୍ପ ନାମକ ଅନ୍ୟ ଗ୍ରନ୍ଥରେ 'କଳିଙ୍ଗ' ଭଗବାନ ଋଷଭନାଥଙ୍କର ଏକ ପୀଠ ଭାବରେ କଥିତ । ପୁଣି ଜିନ ପ୍ରତିମା ପ୍ରସଙ୍ଗରେ କୁହାଯାଇଛି ଯେ ଋଷଭଦେବ କଳିଙ୍ଗ ଦେଶରେ ପ୍ରଧାନ ଦେବତା ଭାବରେ ଖ୍ୟାତିଲାଭ କରିଥିଲେ । ୨୩ଶ ତୀର୍ଥଙ୍କର ଅଙ୍ଗ, ବଙ୍ଗ ଓ କଳିଙ୍ଗରେ ଧର୍ମପ୍ରଚାର କରିଥିବାର ବହୁ ପ୍ରାଚୀନ ଜୈନ ଧର୍ମଗ୍ରନ୍ଥ ଭଗବତୀସୂତ୍ରରେ ବର୍ଣ୍ଣିତ ହୋଇଅଛି । କଥିତ ଯେ, ତାମ୍ରଲିପ୍ତରେ ୨୩ଶ ତୀର୍ଥଙ୍କର ଧର୍ମପ୍ରଚାର କରି ସାରିବା ପରେ ସେ କୋପ କଟକ ନାମକ ଗ୍ରାମକୁ ଆସିଥିଲେ । କେତେକ ଏହି କୋପ କଟକକୁ କୁପାରି ବୋଲି କହିଅଛନ୍ତି । ( Arch. Survey of Mayurbhanj, Int, P.XII) ଜୈନ ହରିବଂଶ ପୁରାଣରୁ ଜଣାପଡ଼େ ଯେ ମହାବୀର କଳିଙ୍ଗକୁ ଧର୍ମପ୍ରଚାର କରିବା ନିମିତ୍ତ ଆସିଥିଲେ । ଅନ୍ୟ ଏକ ଜୈନଧର୍ମଗ୍ରନ୍ଥ ହରିଭଦ୍ରୀୟ ବୃତ୍ତିରେ କୁହାଯାଇଛି ଯେ ମହାବୀର କଳିଙ୍ଗକୁ ଧର୍ମ ପ୍ରଚାର କରିବା ପାଇଁ ଆସିଥିଲେ ଓ କଳିଙ୍ଗର ରାଜା ତାଙ୍କ ପିତାଙ୍କର ପରମ ବନ୍ଧୁ ଥିଲେ ।

ଓଡ଼ିଶାର ଗଲଗିରିର ଅଯୋଧ୍ୟା, ବାଲେଶ୍ୱରର କୁପାରି ଓ ଭୁବନେଶ୍ୱରର ଉଦୟଗିରି, ଖଣ୍ଡଗିରି ଏକ ସମୟରେ ଓଡ଼ିଶାରେ ଜୈନଧର୍ମର ପ୍ରଧାନ ପୀଠ ଥିଲା । ସିଂହଭୂମିରେ ଥିବା ଜୈନମାନେ

ଶବ୍ଦକ ଶବଦରେ କହନ୍ତି; କିନ୍ତୁ ଓଡ଼ିଶାର ଶବରମାନେ ବୌଦ୍ଧ ଥିବାର ଜଣାଯାଏନ୍ତି । ବ୍ରହ୍ମବୈବର୍ତ୍ତ ପୁରାଣ ଅନୁଯାୟୀ ପିତା କୋଲ୍‌ହା ଓ ମାତା କୁବନ୍ଦ କନ୍ୟାର ସମ୍ପର୍କରେ ଶବର ଜାତିର ଉତ୍ପତ୍ତି ଘଟିଛି । 'କୋଲାତ୍ କୁବନ୍ଦ କନ୍ୟାୟାଂ ଶବରଃ ପରିକୀର୍ତ୍ତିତାଃ' (ବ୍ର. ବୈ. ପୁରାଣ ୧୦।୧୨୧); କିନ୍ତୁ ସେମାନଙ୍କର ଶୁଭଶାସ୍ତ୍ରରେ ଜୈନଧର୍ମର ଅନେକ ବୈଶିଷ୍ଟ୍ୟ ରହିଛି ବୋଲି ଡଃ. ହଜାରୀ ପ୍ରସାଦ ଦ୍ୱିବେଦୀ ମତପ୍ରକାଶ କରିଅଛନ୍ତି; କିନ୍ତୁ ବଙ୍ଗଳାର ଶବର ଓ ଓଡ଼ିଶାର ଶବରମାନେ ଯେ ଅଧଃପତିତ ବୌଦ୍ଧତନ୍ତ୍ରବାଦୀ, ଏହା ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ତାଙ୍କର 'ବୌଦ୍ଧଧର୍ମ' ପୁସ୍ତକରେ ଲିପିବଦ୍ଧ କରିଅଛନ୍ତି । ସେ ଲେଖି ଅଛନ୍ତି, "ଓଡ଼ିଶାର ଗଡ଼ଜାତ ଓ କିଲ୍ଲାଜାତମହଲରେ ଅନେକ ଜାଗାରେ ଏପରି କି ମୋଗଲବନ୍ଦୀ ମଧ୍ୟ କଟକ ଜିଲ୍ଲାର ଅନେକ ଥାନାରେ ଶବର ନାମରେ ଏକ ଉପଜାତି ବାସ କରୁଅଛନ୍ତି । ସେମାନଙ୍କର ବିବାହାଦି ଶୁଭକାର୍ଯ୍ୟରେ ଏବେ ମଧ୍ୟ ବୁଦ୍ଧଦେବଙ୍କର ପୂଜା ହୋଇଥାଏ । ଶବର ଜାତି ବର୍ଦ୍ଧମାନ, ମାନଭୂମି ଓ ବାଙ୍କୁଡ଼ା ଜିଲ୍ଲାରେ ମଧ୍ୟ ଅଛନ୍ତି; କିନ୍ତୁ ସେମାନେ ଏକବାରେ ହିନ୍ଦୁ ହୋଇଯାଇ ଅଛନ୍ତି । ସେମାନଙ୍କର କ୍ରିୟାକର୍ମରେ ଆଉ ବୌଦ୍ଧଧର୍ମର ଗନ୍ଧ ହିଁ ନାହିଁ । ଶବର ଶବ୍ଦର ବ୍ୟୁତ୍ପତ୍ତି କଲେ ତାହା ଶ୍ରାବକ ଶବ୍ଦର ଅପଭ୍ରଂଶ ଶବ୍ଦ ଅଟେ । ତେଣୁ ଶବରମାନେ ଯେ ଏକ ସମୟରେ ବୌଦ୍ଧ ଥିଲେ, ଏଥିରେ ଆଉ ସନ୍ଦେହ ନାହିଁ ।" ତେଣୁ ଓଡ଼ିଶାର ଶବରମାନଙ୍କୁ ଜୈନ କହିବାରେ ସେପରି କିଛି ପ୍ରମାଣ ମିଳିପାରୁ ନାହିଁ ।

ଖାରବେଳଙ୍କ ରାଜତ୍ୱରୁ ଓଡ଼ିଶାରେ ଜୈନଧର୍ମର ପ୍ରବଳ ସ୍ରୋତ ଓଡ଼ିଶାର ସାଂସ୍କୃତିକ ଇତିହାସକୁ ପ୍ରଭାବିତ କରିଥିଲା । ଓଡ଼ିଶାର ଜଗନ୍ନାଥଧର୍ମରେ ଜୈନଧର୍ମର ପ୍ରଭାବ ଦେଖାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ ଦାସ କହିଅଛନ୍ତି ଯେ ଜଗନ୍ନାଥଧର୍ମର ଭିତ୍ତି ହେଉଛି ଜୈନ-ଧର୍ମ ଓ ଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ ଜିନଦେବ । ସେ ପୁଣି ମତ ପ୍ରକାଶ କରନ୍ତି ଯେ ଜଗନ୍ନାଥ ସମ୍ଭବ କଳିଙ୍ଗ ଜିନ ଋଷଭଦେବ ଅଟନ୍ତି, ଯାହାଙ୍କୁ ଏକ ସମୟରେ ନନ୍ଦରାଜ କଳିଙ୍ଗରୁ ନେଇ ଯାଇଥିଲେ ଓ ପରେ ପୁନର୍ବାର ଖାରବେଳ ମଗଧ ବିଜୟ କରି ସେହି କଳିଙ୍ଗ ଜିନଙ୍କୁ କଳିଙ୍ଗକୁ ଫେରି ଆଣିଥିଲେ ।

## ଜଗନ୍ନାଥଧର୍ମ ବିଷ୍ଣୁ ଧର୍ମର ସମନ୍ୱୟ

କିନ୍ତୁ ସେହି ଜଗନ୍ନାଥ ଯେ ପୁରାଣର ଶବର ଦେବତା, ଜିନଦେବ, ବୁଦ୍ଧଦେବ ବା ସ୍ୱୟଂ ବୈଦ ଧର୍ମର ବିଷ୍ଣୁ ପୁରୁଷୋତ୍ତମ, ଏ ବିଷୟରେ ବିଭିନ୍ନ ପ୍ରକାର ମତ ରହିଛି । ଆର୍ଯ୍ୟମାନଙ୍କ ଅପେକ୍ଷା ଅନାର୍ଯ୍ୟ ଆଦିବାସୀମାନଙ୍କ ମୂର୍ତ୍ତିତତ୍ତ୍ୱର ଆଲୋଚନାରେ ଆମେ ଜଗନ୍ନାଥ ମୂର୍ତ୍ତିର ସୌସାଦୃଶ୍ୟ ମୂର୍ତ୍ତି ପୃଥିବୀର ବିଭିନ୍ନ ଆଦିମ ଅଧିବାସୀଙ୍କର ମୂର୍ତ୍ତି ସମୂହରେ ପାଇଥାଉଁ । ପଲିନେସିଆ, ଅଷ୍ଟ୍ରେଲିଆ, ମାଇକ୍ରୋ-ନେସିଆ ଓ ଆଫ୍ରିକା ପ୍ରଭୃତି ଦେଶର ଆଦିମ ଅଧିବାସୀଙ୍କ ମୂର୍ତ୍ତି ଓ ମୁଖାଗୁଡ଼ିକ କାଷ୍ଠନିର୍ମିତ । ଏହି ମୂର୍ତ୍ତି ଓ ମୁଖାଗୁଡ଼ିକର ଅନୁଶୀଳନରେ ଆମେ ତହିଁରେ ଜଗନ୍ନାଥ ମୂର୍ତ୍ତିତତ୍ତ୍ୱର ଆଭାସ ପାଇଥାଉଁ (୪) । ନୃତତ୍ତ୍ୱବିତ୍ ସ୍ୱର୍ଗୀୟ ଭେରିଅର ଏଲୱିନ୍ ସାନ୍ତାଳମାନଙ୍କର ମୂର୍ତ୍ତିମାନଙ୍କରେ ଜଗନ୍ନାଥଙ୍କୁ ମଧ୍ୟ ଆରୋପ କରିଅଛନ୍ତି । ଆମ୍ଭମାନଙ୍କର ମନେହୁଏ ଯେ ଜଗନ୍ନାଥଙ୍କର ମୂର୍ତ୍ତିତତ୍ତ୍ୱରେ ଆଦିବାସୀ ବା ଶବର ସଂସ୍କୃତ ମୂର୍ତ୍ତିତତ୍ତ୍ୱର ସ୍ପଷ୍ଟ ସଙ୍କେତ ରହିଅଛି; କିନ୍ତୁ ଜିନମୂର୍ତ୍ତି, ବୁଦ୍ଧମୂର୍ତ୍ତି ବା ବିଷ୍ଣୁମୂର୍ତ୍ତିର ରୂପରେଖ ତହିଁରେ ଆଦୌ ଲକ୍ଷିତ ହୁଏ ନାହିଁ । ଏହି ବିଷୟକୁ ଲକ୍ଷ୍ୟ କରି କଳିଙ୍ଗ ଜିନ ସମ୍ବନ୍ଧରେ ଡଃ. ଅମରବୁଧ କହିଅଛନ୍ତି ଯେ କଳିଙ୍ଗ ଜିନ ଏପରି କାରୁକାର୍ଯ୍ୟରେ ସୁଶୋଭିତ ହୋଇଥିବେ, ଯାହାର ଆକର୍ଷଣକୁ କ ଲେଖି ନନ୍ଦମାନେ ଏଡ଼ି ନ ପାରି ତାକୁ କଳିଙ୍ଗରୁ ମଗଧକୁ ନେଇଯାଇଥିବେ (୫) ।

---

(4) British Museum Hand book to the ethnographical Collections, Ind. Edition, 1925, See. P. 26, 37, 76, 127, 135 and other plates.

(5) "The image of Kalinga Jina itself is of no less interest to a student of art and architecture. It gives us an insight—into the Sculptural activities of the Kalingas. The image must have possessed all qualities. It must have been most attractive and life like image. The very look at it must have brought the greatest and proudest down upon his knees

ଜଗନ୍ନାଥ ଧର୍ମରେ ଅନ୍ୟାନ୍ୟ ଧର୍ମର ପ୍ରଭାବ ପରି ଜୈନଧର୍ମର ମଧ୍ୟ ପ୍ରଭାବ ରହିଛି; କିନ୍ତୁ ତାହା ଯେ ମୁଖ୍ୟତଃ ଜୀନଦେବ, ତାହାର ପ୍ରମାଣ ମୂର୍ତ୍ତିତତ୍ତ୍ୱ ଓ ଇତିହାସ ଦୃଷ୍ଟିରୁ ବିଶେଷ କିଛି ନାହିଁ ବୋଲି ମନେ ହୋଇଥାଏ । ଜୈନଧର୍ମର ଉତ୍ପତ୍ତି ପ୍ରାୟ ଖ୍ରୀ. ପୂ. ସପ୍ତମ ଶତାବ୍ଦୀରୁ । ଜୈନଧର୍ମଗ୍ରନ୍ଥରେ କୁହାଯାଇଛି ଯେ ମହାବୀର ଜିନଙ୍କର ଯବନ ରାଜାଙ୍କୁ ପରାସ୍ତ କରିଥିଲେ । କେତେକ ଐତିହାସିକ କହିଅଛନ୍ତି ଯେ ଜୈନଧର୍ମ ବୈଦିକଯୁଗ ପୂର୍ବରୁ ରହିଥିଲା ଓ ଗୌତମ ଇନ୍ଦ୍ରଭୂତି ଜୈନଧର୍ମ ଚତୁର୍ଦ୍ଦିଗରେ ପ୍ରସାର କରି ବୌଦ୍ଧଧର୍ମର ପ୍ରବର୍ତ୍ତନ କରିଥିଲେ । ଏହି ଗୌତମ ଇନ୍ଦ୍ରଭୂତି ମହାବୀରଙ୍କର ମଧ୍ୟ ପ୍ରଥମ ଶିଷ୍ୟ ଥିଲେ ।

ପୁରୀ ଦେଉଳର ବାଇଶି ପାହାଚକୁ କେତେକ ଜୈନ ବାଇଶି ଜଣ ତୀର୍ଥଙ୍କରଙ୍କର ରୂପକ ବୋଲି କହିଥାଆନ୍ତି । ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ ଦାସ ଜଗନ୍ନାଥ ଶବ୍ଦର ନାଥ ଶବ୍ଦକୁ ଜୈନଧର୍ମର ଜିନନାଥ, ଅନନ୍ତନାଥ, ଶୀତଳନାଥ ପ୍ରଭୃତି ଶବ୍ଦ ସହିତ ତୁଳନା କରି ଜଗନ୍ନାଥ ଯେ ଜିନଦେବ, ତାହା ପ୍ରମାଣ କରିବାକୁ ଚେଷ୍ଟା କରିଅଛନ୍ତି । ସେହିପରି ଅନ୍ୟ କେତେକ ସମାଲୋଚକ ମଧ୍ୟ ଲୋକନାଥ ( ବୁଦ୍ଧ )ଙ୍କୁ ଜଗନ୍ନାଥ ବୋଲି କହି ଅଛନ୍ତି (୬) ।

ଆମର ଏହି ସବୁ ଆଲୋଚନାରେ ଜଣାଯାଏ ଯେ ଜଗନ୍ନାଥ-ଧର୍ମ ମୁଖ୍ୟତଃ ଶବର ବା ଆଦିବାସୀଧର୍ମରୁ ସୃଷ୍ଟିଲାଭ କରିଛି; କିନ୍ତୁ ପରବର୍ତ୍ତୀ ସମୟରେ ତାହା ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟଧର୍ମ ଦ୍ୱାରା

---

and bow before it in reverence. That is why it was valued most and taken away by Nanda Raja.

—O. H. R S. 1953, Vol. II, P. 24.

(6) 'The name is really nothing but a mis-applied ancient epithet, the Pali Lokanatha of the great thinker and reformer of India.' Buddha—T. W. Rhys Davids, 1881, P. 33 and see Encyclopadia of Religion and Ethics P. 463-4.

ପ୍ରଭାବିତ ହୋଇଅଛି । ତେଣୁ ଓଡ଼ିଶାର ସଂସ୍କୃତିରେ ଜଗନ୍ନାଥ ଧର୍ମ ଏକ ସର୍ବଧର୍ମସମନ୍ୱୟ ଧର୍ମ, ଯାହାର ମାନବତ୍ୱ ସାମ୍ୟମୈତ୍ରୀର ଓ କରୁଣାର ସଙ୍କେତ ଯୁଗ ଯୁଗ ଧରି ବହନ କରି ଆସିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ ପ୍ରସଙ୍ଗରେ ଜଗନ୍ନାଥଧର୍ମ ଆଲୋଚନାର ଯଥେଷ୍ଟ ଯଥାର୍ଥତା ରହିଛି, କାରଣ ବହୁକାଳରୁ ଜଗନ୍ନାଥଧର୍ମ ଓ ସଂସ୍କୃତି ଓଡ଼ିଆ ସଂସ୍କୃତିକୁ ପ୍ରଭାବିତ କରିଆସିଛି । ଓଡ଼ିଆ ସଂସ୍କୃତି କହିଲେ ହିଁ ତାହା ମୁଖ୍ୟତଃ ଏହି ଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ ଏବଂ ଜଗନ୍ନାଥଧର୍ମ ଓ ସଂସ୍କୃତି ପ୍ରାଚୀନ ଓଡ଼ିଆ ସାହିତ୍ୟର ଭାବଧାରାକୁ ଓତଃପ୍ରୋତ ଭାବରେ ଯେ ପ୍ରଭାବିତ କରିଛି, କହିବା ବାହୁଲ୍ୟ ହେବ ।

# ଓଡ଼ିଶାରେ ସଂସ୍କୃତ ସାହିତ୍ୟର ଭୂମିକା

ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ଚର୍ଚ୍ଚା ବହୁ ପ୍ରାଚୀନ । ଖ୍ରୀ. ପୂ. ଶତାବ୍ଦୀରୁ ଆମ୍ଭେମାନେ ଓଡ଼ିଶାରେ ପ୍ରାକୃତ ଭାଷା ପାଲିର ପ୍ରଚଳନ ଦେଖିବାକୁ ପାଇଥାଉଁ । ଏହାର ପ୍ରାଚୀନତମ ଉଦାହରଣ ହେଉଛି ଖ୍ରୀ. ପୂ: ତୃତୀୟ ଶତକର ଧଉଳି ଏବଂ ଜଉଗଡ଼ର ଅଶୋକାନୁଶାସନ ଓ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ । ଐତିହାସିକ ଦୃଷ୍ଟିରେ ଦେଖିବାକୁ ଗଲେ ଖ୍ରୀ. ପୂ. ତୃତୀୟ ଶତାବ୍ଦୀରୁ ଓଡ଼ିଶାରେ ପାଲି ବା ପ୍ରାକୃତ ଭାଷା ସହିତ ସଂସ୍କୃତ ଭାଷାର ପ୍ରଚଳନ ଥିଲା ।

ଏବେ ନିକଟରେ କେନ୍ଦୁଝରରୁ ଖ୍ରୀ: ତୃତୀୟ-ଚତୁର୍ଥ ଶତାବ୍ଦୀର ଗୁପ୍ତକାଳୀନ ବ୍ରାହ୍ମୀଲିପିରେ ଖୋଦିତ ଅଭିଲେଖ ମିଳିଛି । ଏହାର ଭାଷା ହେଉଛି ସଂସ୍କୃତ । ନାଗବଂଶଜ ଶତ୍ରୁଭଞ୍ଜ ନାମକ ଜନୈକ ଭଞ୍ଜ ରାଜାଙ୍କର ଗୌରବମୟ ଶାସନର ବର୍ଣ୍ଣନା ଏହି ଅଭିଲେଖର ବିଷୟବସ୍ତୁ । ତେଣୁ ଆଜି ପର୍ଯ୍ୟନ୍ତ ମିଳିଥିବା ଅଭିଲେଖଗୁଡ଼ିକ ମଧ୍ୟରେ ଏହା ହେଉଛି ପ୍ରାଚୀନତମ ସଂସ୍କୃତ ଅଭିଲେଖ । ଏହି ଅଭିଲେଖର କେତେକ ପଦ ହେଲା—

"ଭାରତ ପୁରାଣେତିହାସ ବ୍ୟାକରଣୋପଶିକ୍ଷା ନ୍ୟାୟମୀମାଂସା-ଛନ୍ଦ ଶ୍ରୁତିବେଦ ପ୍ରକରଣ ସାଂଖ୍ୟଜ୍ଞେନ ସଦ୍‌କଳାଭିଜ୍ଞେନ ମହାରାଜା ଶ୍ରୀ ଶତ୍ରୁଭଞ୍ଜେନ ଦେବପୁତ୍ରଣଂ କାରିତମିତି" (Orissa Historical Research Journal, Vol. XIII, No 2, 1969, P. 4—5— Asanpat Inscription of Satru Bhanj by A. Das)

ପ୍ରଭାବିତ ହୋଇଅଛି । ତେଣୁ ଓଡ଼ିଶାର ସଂସ୍କୃତିରେ ଜଗନ୍ନାଥ ଧର୍ମ ଏକ ସର୍ବଧର୍ମସମନ୍ୱୟ ଧର୍ମ, ଯାହାର ମିଳନର ସାମ୍ୟମୈତ୍ରୀର ଓ କରୁଣାର ସଙ୍କେତ ଯୁଗ ଯୁଗ ଧରି ବହନ କରି ଆସିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ ପ୍ରସଙ୍ଗରେ ଜଗନ୍ନାଥଧର୍ମ ଆଲୋଚନାର ସବିଶେଷ ଯଥାର୍ଥତା ରହିଛି, କାରଣ ବହୁକାଳରୁ ଜଗନ୍ନାଥଧର୍ମ ଓ ସଂସ୍କୃତି ଓଡ଼ିଆ ସଂସ୍କୃତିକୁ ପ୍ରଭାବିତ କରିଆସିଛି । ଓଡ଼ିଆ ସଂସ୍କୃତି କହିଲେ ହିଁ ତାହା ମୁଖ୍ୟତଃ ଏହି ଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ ଏବଂ ଜଗନ୍ନାଥଧର୍ମ ଓ ସଂସ୍କୃତି ପ୍ରାଚୀନ ଓଡ଼ିଆ ସାହିତ୍ୟର ଭାବଧାରାକୁ ଓତଃପ୍ରୋତ ଭାବରେ ଯେ ପ୍ରଭାବିତ କରିଛି, କହିବା ବାହୁଲ୍ୟ ହେବ ।

# ଓଡ଼ିଶାରେ ସଂସ୍କୃତ ସାହିତ୍ୟର ଭୂମିକା

ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ଚର୍ଚ୍ଚା ବହୁ ପ୍ରାଚୀନ । ଖ୍ରୀ. ପୂ. ଶତାବ୍ଦୀରୁ ଆମ୍ଭେମାନେ ଓଡ଼ିଶାରେ ପ୍ରାକୃତ ଭାଷା ପାଲିର ପ୍ରଚଳନ ଦେଖିବାକୁ ପାଉଥାଉଁ । ଏହାର ପ୍ରାଚୀନତମ ଉଦାହରଣ ହେଉଛି ଖ୍ରୀ. ପୂ: ତୃତୀୟ ଶତକର ଧଉଳି ଏବଂ ଜଉଗଡ଼ର ଅଶୋକାନୁଶାସନ ଓ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ । ଐତିହାସିକ ଦୃଷ୍ଟିରେ ଦେଖିବାକୁ ଗଲେ ଖ୍ରୀ· ପୂ: ତୃତୀୟ ଶତାବ୍ଦୀରୁ ଓଡ଼ିଶାରେ ପାଲି ବା ପ୍ରାକୃତ ଭାଷା ସହିତ ସଂସ୍କୃତ ଭାଷାର ପ୍ରଚଳନ ଥିଲା ।

ଏବେ ଖଜଟରେ ତେଉ ହେଉଛି ଖ୍ରୀ: ତୃତୀୟ-ଚତୁର୍ଥ ଶତାବ୍ଦୀର ଗୁପ୍ତକାଳୀନ ବ୍ରାହ୍ମୀଲିପିରେ ଖୋଦିତ ଅଭିଲେଖ ମିଳୁଛି । ଏହାର ଭାଷା ହେଉଛି ସଂସ୍କୃତ । ନାଗବଂଶଜ ଶତ୍ରୁଭଞ୍ଜ ନାମକ ଜନୈକ ଭଞ୍ଜ ରାଜାଙ୍କର ଗୌରବମୟ ଶାସନର ବର୍ଣ୍ଣନା ଏହି ଅଭିଲେଖର ବିଷୟବସ୍ତୁ । ତେଣୁ ଆଜି ପର୍ଯ୍ୟନ୍ତ ମିଳିଥିବା ଅଭିଲେଖଗୁଡ଼ିକ ମଧ୍ୟରେ ଏହା ହେଉଛି ପ୍ରାଚୀନତମ ସଂସ୍କୃତ ଅଭିଲେଖ । ଏହି ଅଭିଲେଖର କେତେକ ପଦ ହେଲା—

"ଭରତ ସୁଶ୍ରୁତଶେଷଦାସ ବ୍ୟାକରଣୋପଶିକ୍ଷା ନ୍ୟାୟମୀମାଂସା-ଛନ୍ଦ ଶ୍ରୁତବେଦ ପ୍ରକରଣ ସାଂଖ୍ୟଜ୍ଞେନ ସର୍ବକଳାଭିଜ୍ଞେନ ମହାରାଜା ଶ୍ରୀ ଶତ୍ରୁଭଞ୍ଜେନ ଦେବପୁତ୍ରନଂ କାରିତମିତି" (Orissa Historical Research Journal, Vol. XIII, No 2, 1969, P. 4—5—Asanpat Inscription of Satru Bhanj by A. Das)

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ତାମ୍ରଲେଖ ଓ ଶିଳାଲେଖ ମିଳନ୍ତି । ଖ୍ରୀ. ପଞ୍ଚମ-ଷଷ୍ଠ ଶତକରୁ ମାଠର ବଂଶର ଅନେକଗୁଡ଼ିଏ ତମ୍ବାପଟ୍ଟା ସନନ୍ଦ ମିଳନ୍ତି ଓ ସେ ସବୁର ଭାଷା ସାହିତ୍ୟିକ ସଂସ୍କୃତ ଗଦ୍ୟ । ତେଣୁ ଆମ୍ଭେମାନେ ଜାଣିପାରୁଛୁ ଯେ ଖ୍ରୀ. ଷଷ୍ଠ ଶତାବ୍ଦୀରୁ ଖ୍ରୀ. ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଓଡ଼ିଶାର ରାଜାମାନେ ସୁନ୍ଦର କବିତ୍ୱପୂର୍ଣ୍ଣ ସଂସ୍କୃତ ଭାଷାରେ ବହୁ ଅଭିଲେଖ ସୃଷ୍ଟି କରିଅଛନ୍ତି । ଏହି ସଂସ୍କୃତ ତାମ୍ରଶାସନ ଓ ଶିଳାଲେଖମାନଙ୍କରେ ସୁମଧୁର ଛନ୍ଦ ଓ ଅଳଙ୍କାରର ପ୍ରୟୋଗ ଦେଖା-ଦେଇଛି । ଖ୍ରୀ ସପ୍ତମ-ଅଷ୍ଟମ ଶତାବ୍ଦୀର ଶୈଳୋଦ୍ଭବମାନଙ୍କର ଅଭିଲେଖର କେତେକ ଶ୍ଳୋକ କିପରି ଆଳଂକାରିକ ଭାବରେ ରଚିତ ହୋଇଛି, ତହିଁର କେତେକ ଉଦାହରଣ ଦିଆଗଲା—

"ଇନ୍ଦୋର୍ଯ୍ୟୌତ ମୃଣାଳ ତନ୍ତୁ ଧବଳ ଶ୍ରୀ ସ୍ରଷ୍ଟ୍ରା କରୈଃ କୋମଳୈଃ
ବଦ୍ଧା ହେରମ୍ବଣୈଃ ସ୍ଫୁରତ୍ ଫଣି ଗଣୈର୍ଗ୍ରନ୍ଥି ପ୍ରଭାଯୋଂଶୁଭିଃ
ପ୍ରାଙ୍କତ୍ୟାଃ ସକଳଗ୍ରହ ବ୍ୟତିକର ବ୍ୟାବୃତ୍ତି ବଦ୍ଧଶ୍ରିୟଃ—
ଗଙ୍ଗାମ୍ଭଃ ପ୍ଳୁତ ଭିନ୍ନ ଭସ୍ମକଣିକା ଶମ୍ଭୋର୍ଜଟା ପାନ୍ତୁ ବଃ ।"

ଅନ୍ୟତ୍ର ଗଙ୍ଗ ପ୍ରଶସ୍ତିରେ ପ୍ରଥମ ନରସିଂହ ଦେବ (ଖ୍ରୀ. ୧୨୩୮-୧୨୬୪) ଗଙ୍ଗାକୂଳରେ କିପରି ରାଢ଼ ଓ ବରେନ୍ଦ୍ରର ମୁସଲମାନଙ୍କୁ ବଧ୍ୟସ୍ତ କରିଥିଲେ, ତାହାର କବିତ୍ୱପୂର୍ଣ୍ଣ ବର୍ଣ୍ଣନା ନିମ୍ନୋକ୍ତ ଶ୍ଳୋକରେ ପ୍ରତିଫଳିତ ହୋଇଛି—

"ରାଢ଼ା ବରେନ୍ଦ୍ର ଯବନୀ ନୟନାଂଜନାଶ୍ରୁ
ପୂରେଣ ଦୂର ବିନିବେଶିତ କାଳିମଶ୍ରୀଃ
ତଦ୍ବିପ୍ରଲମ୍ଭ କରୁଣାଦ୍ଭୁତ ନିମ୍ନଗାଙ୍ଗା
ଗଙ୍ଗାପି ନୂନ ଯମୁନା ବିଦଧେ ନୃପେଣ ।"

( କେନ୍ଦୁଲି ତାମ୍ରଲେଖ ୭୧ ପଦ )

ଅନ୍ୟତ୍ର ସେହି କେନ୍ଦୁଲି ତାମ୍ରଲେଖରେ ଦ୍ୱିତୀୟ ଭାନୁଦେବଙ୍କର ଶମ୍ସୁଦ୍ଦିନଙ୍କ ସହିତ ଯୁଦ୍ଧ ବର୍ଣ୍ଣିତ ହୋଇଛି ଏହିପରି ଭାବରେ—

ରଙ୍ଗଃ ଯସ୍ୟ ଗଙ୍ଗାସଙ୍ଗମ ସମର ପ୍ରାରବ୍ଧ ଶୌର୍ଯ୍ୟୋତ୍ଥିତ
ଶ୍ରୋତ୍ରାଶେକ ନରେନ୍ଦ୍ର କନ୍ଧର ଗଳଦ୍ କୀଲାଳ ପଙ୍କାବିଳା
ତଙ୍ଗାନ ଯତ ବନ୍ଧସ୍ୟାଂ କରିକୁମ୍ଭାଗ୍ରାଲୋହିତ ଶୋଣିତା
ସାବେଦ୍ୟାପି ଦଧାତ୍ୟରେଣ୍ଟି ଜଳଧି ସନ୍ଧ୍ୟାନୁରାଗାଙ୍କିତାଃ ।

( କେନ୍ଦୁନ ତାମ୍ରଲେଖ-୮୭ ପଦ )
(O. H. R. J. Vol. V-I, P. 69-70)

ଓଡ଼ିଶାରେ ଶତ ଶତ ସଂସ୍କୃତଭାଷାର ଶିଳାଲେଖ ଓ ତାମ୍ରଶାସନ ମିଳୁଛି, ଯାହାର ସାହିତ୍ୟିକ ଓ ଆଳଙ୍କାରିକତା ଏଠାରେ ଆଲୋଚନା କରିବା କଠିନ । ଖ୍ରୀ. ତୃତୀୟ-ଚତୁର୍ଥ ଶତକଠାରୁ ଆରମ୍ଭ କରି ଖ୍ରୀ. ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ସଂସ୍କୃତ ଅଭିଲେଖ ଓଡ଼ିଶାରେ ମିଳୁଛି, ସେଗୁଡ଼ିକ Inscription of Orissa (Edited by S.N. Rajguru ) ନାମକ ଗ୍ରନ୍ଥର ବିଭିନ୍ନ ଖଣ୍ଡରେ ପ୍ରକାଶିତ କରିଛି । ବିଭିନ୍ନ ସଂସ୍କୃତ ଶିଳାଲେଖ ମଧ୍ୟରେ ଆମେ ବେଳେବେଳେ ଅପୂର୍ବ ସାହିତ୍ୟିକ ଛଟାରେ ଲିଖିତ ଶିଳାଲେଖ ପାଇଥାଉଁ । ତନ୍ମଧ୍ୟରେ କପିଳେନ୍ଦ୍ର ଦେବଙ୍କର ଗୋପୀନାଥପୁର ଶିଳାଲେଖ (ଖ୍ରୀ: ପଞ୍ଚଦଶ ଶତାବ୍ଦୀ) ପ୍ରଧାନ ଅଟେ । ପାଠକମାନଙ୍କର ଅବଗତି ନିମିତ୍ତ ଉକ୍ତ ଶିଳାଲେଖରୁ କେତେକ ପଦର ଉଦାହରଣ ପ୍ରଦତ୍ତ ହେଲା—

“ମୌଳୌ ତୈଞ୍ଜନଚୂଳିକା ଶଳକନା ଭାଲେ ସ୍ଫୁରେଶ ହାସିନୀ
କଣ୍ଠେ ମୌକ୍ତିକମାଳିକା ମଳୟଜୈଃ ପ୍ରତ୍ୟଙ୍ଗ ମାଲେପିନୀ
ହସ୍ତାବ୍ଜେ ନବମଞ୍ଜରୀ ଚରଣଯୋଃ କ୍ରୀଡ଼ାରସା ନର୍ତ୍ତିନୀ
ଜୀୟାଚ୍ଛୈଶବ ଶୋଭିନୀ ଭବମଳା ଗୋପାଙ୍ଗନାଲିଙ୍ଗିନୀ ।

× × ×

କର୍ଣ୍ଣାଟୋଲ୍ଲାସ ସିଂହ କଳବରଗଜଶ୍ରୀ ମାଳବଧ୍ୱଂସଶୀଳଃ
ଜଯାଲୋ ଗୌଡ଼ମର୍ଦ୍ଦୀ ଭ୍ରମରବର ନୃପୋ ଧ୍ୱସ୍ତ ଦିଲ୍ଲୀନ୍ଦ୍ର ଗର୍ବଃ
ସଗ୍ରାମେ ଦୃଷ୍ଟ୍ୱା ତ୍ୱମେନଂ ପ୍ରଭବତି ସୁଭଟାଃ କେବଳାତ୍ରେ ବଳତ୍ରେ
ତେଷାଂ ସ୍ୟାନ୍ମାଙ୍କନାସ୍ତ୍ରୁ କୁଚକଳସତଟୀ କୁଙ୍କୁମାସଙ୍ଗରଙ୍ଗମ୍ ।

ଯଦେଷ୍ୟାନ୍ତୈବାଜିବ୍ରଜଖରଖୁରସ୍ଫୁଟୋଦ୍‌ଘାଟିତ କ୍ଷୌଣୀପୃଷ୍ଠ
ପ୍ରାଦୁର୍ଭୂତ ପ୍ରଭୂତ କ୍ଷୀତରଣ ନଭସେର୍ଲକ୍ଷମାଣେ ପ୍ରମାଣେ
ଗର୍ଜଦ୍‌ଗମ୍ଭୀର ଭେରୀ ରବରବ ତରଳା କର୍ଣ୍ଣୀ କର୍ଣ୍ଣୀକବର୍ଣ୍ଣୀ
ମୂର୍ଚ୍ଛାଳୋଃ କ୍ଷୌଣୀପାଳୋଃ ସପଦି ସମଭବଦ୍ କାନନପ୍ରୋଢ୍ୟନନ୍ତେ ।
ତଣ୍ଡେ କୋଦଣ୍ଡଦଣ୍ଡେ ସକୃଦପି ସମରେ ଯସ୍ୟ ସଜ୍ଜେ କାଣ୍ଡେ
ସନ୍ଧତ୍ତେ ସପ୍ରବନ୍ଧେ ଗତେବତ ଧନୁଜଂ ବୈରିବାଳେ କପାଳେ
ବନ୍ଦୀନାଂ ଷଡ଼ଣାନାଂ ନୟନଜଳନଦୀକାଭ୍ୟସ୍ୟନ୍ଦମାନୈରମାନୈ
ଦୁର୍ବାରୈର୍ବାରିଧାରୈ ପ୍ରଶମଦ ମୁଦତୌ ଭୂଲମୂଦ୍ଧଃ ସମ୍ଭୂଃ ।"

ଇତ୍ୟାଦି

ଏଠାରେ ଏହି ବିସ୍ତୃତ ଉଦାହରଣଟି ଦେବାର ଅଭିପ୍ରାୟ ଏହି ଯେ, ଓଡ଼ିଶାରେ କପରି ସଂସ୍କୃତ ସାହିତ୍ୟ ଗୌରବମୟ ଅବସ୍ଥାକୁ ଆସିଥିଲା, ତାହା ଏହି ଉଦ୍ଧୃତିରୁ ପ୍ରମାଣ ମିଳିଥାଏ । କପିଳେନ୍ଦ୍ର ଦେବଙ୍କ ସମୟ ଓଡ଼ିଆ ସାହିତ୍ୟର ଆଦିକାଳ ଓ ଏହି ସମୟରେ ଆଦିକବି ସାରଳା ଦାସ ତାଙ୍କର ମହାଭାରତ ରଚନା କରିଥିଲେ । ତେଣୁ କହିବାର କଥା ଯେ ଏହି ସମୟ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତ ସାହିତ୍ୟର ଗୌରବମୟ ଯୁଗ । ଆମର ସତ୍ୟଯୁଗ ସାହିତ୍ୟର ଭିତ୍ତି ମଧ୍ୟ ତତ୍ପୂର୍ବର ଶହ ଶହ ବର୍ଷର ସଂସ୍କୃତ ସାହିତ୍ୟର ଗୌରବମୟ ପରମ୍ପରା ଉପରେ ପ୍ରତିଷ୍ଠିତ କହିବା ବାହୁଲ୍ୟ ହେବ ।

ଏହାପରେ ଆମେ ଓଡ଼ିଶାର ଅନ୍ୟାନ୍ୟ ସାଧକ, କବି ଓ ଆଲଙ୍କାରିକମାନଙ୍କର ବୈଶିଷ୍ଟ୍ୟମୟୀ ସଂସ୍କୃତ ସାହିତ୍ୟ ଦେଖିବାକୁ ପାଉଁ । ପୂର୍ବକାଳରୁ ଓଡ଼ିଶାରେ ବୈଦିକ ସାହିତ୍ୟର ଚର୍ଚ୍ଚା ମଧ୍ୟ ଥିଲା— ଓଡ଼ିଶାରୁ ନିକଟରେ ଏବେ ଅଥର୍ବ ବେଦର ଏକ ଶାଖା ମିଳିଛି—ଯାହା ସମ୍ପୂର୍ଣ୍ଣ ନୂତନ ଅଟେ । ଗବେଷକ ପଣ୍ଡିତ ଶ୍ରୀ ଦୁର୍ଗାମୋହନ ଭଟ୍ଟାଚାର୍ଯ୍ୟ ଉକ୍ତ ଅଥର୍ବବେଦ ବାଲେଶ୍ୱର ଜିଲ୍ଲାରୁ ପାଇଥିଲେ ଓ ସେହି ଅମୂଲ୍ୟ ଗ୍ରନ୍ଥ ଏବେ କଲିକତା ସଂସ୍କୃତ ମହାବିଦ୍ୟାଳୟ ଗବେଷଣା ବିଭାଗ ତରଫରୁ ପ୍ରକାଶିତ କରୁଛି । ଏହାଛଡ଼ା ବେଦ, ବେଦାନ୍ତ, ଉପନିଷଦ୍ ଓ ସ୍ମୃତିଗ୍ରନ୍ଥ ଓଡ଼ିଶାର ପୁରପଲ୍ଲୀରୁ ବହୁ ସଂଖ୍ୟାରେ ମିଳୁଅଛି ।

ଅନୁସନ୍ଧାନରୁ ଜଣାଯାଏ ଯେ ଖ୍ରୀ: ସପ୍ତମ-ଅଷ୍ଟମ ଶତାବ୍ଦୀରେ ଓଡ଼ିଶାର ବୌଦ୍ଧସିଦ୍ଧାଚାର୍ଯ୍ୟମାନେ ସଂସ୍କୃତ ଭାଷାରେ ବହୁ ତନ୍ତ୍ରଗ୍ରନ୍ଥ ରଚନା କରିଥିଲେ । ତନ୍ମଧ୍ୟରେ କାହ୍ନୁପାଦ, ଶବରପା, ଲୁଇପା, ଇନ୍ଦ୍ରଭୂତି ଓ ଲକ୍ଷ୍ମୀଙ୍କର ପ୍ରଧାନ । କାହ୍ନୁପାଦଙ୍କର ତେଞ୍ଜୁର ଗ୍ରନ୍ଥ ସୂଚୀରେ ୭୪ଖଣ୍ଡ ଗ୍ରନ୍ଥର ତାଲିକା ମିଳେ । ତନ୍ମଧ୍ୟରେ ମହାଢୁଣ୍ଢନ, ବସନ୍ତତିଳକ, ଅସମ୍ବନ୍ଧ ଦୃଷ୍ଟି ଓ ବୋଧିଚର୍ଯ୍ୟାବତାର ଟୀକା ପ୍ରଧାନ । ଶବରୀପାଙ୍କର ବଜ୍ର-ଯୋଗିନୀ ସାଧନ, ଶୂନ୍ୟତା ଦୃଷ୍ଟି, ଷଡ଼ଙ୍ଗ ଯୋଗ, ସହଜ ଶମ୍ବର ସ୍ୱାଧିଷ୍ଠାନ ଓ ଲୁଇପାଦଙ୍କର ବଜ୍ରସତ୍ତ୍ୱ ସାଧନ, ବୁଦ୍ଧୋଦୟ, ଶ୍ରୀଭଗବଦାଭିସମୟ ଓ ଅଭିସମୟ ବିଭଙ୍ଗ ପ୍ରଧାନ । ସମ୍ଭଳକର ରାଜା ( ଆଧୁନିକ ସମ୍ବଲପୁର ) ଇନ୍ଦ୍ରଭୂତି ଯେ କି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ, ସେ 'ଜ୍ଞାନସିଦ୍ଧି' ନାମକ ଗ୍ରନ୍ଥ ରଚନା କରିଥିଲେ । ଏହି ଜ୍ଞାନସିଦ୍ଧି ଗ୍ରନ୍ଥରେ ବୁଦ୍ଧରୂପୀ ଜଗନ୍ନାଥଙ୍କର ବହୁଳ ବନ୍ଦନା ଦେଖିବାକୁ ମିଳିଥାଏ । ଯଥା —

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତମ୍
ସର୍ବବୁଦ୍ଧମୟଂ ସିଦ୍ଧିବ୍ୟାପିନଂ ଗଗନୋପମମ୍ । ୧ ।
ଅତଏବ ଜଗନ୍ନାଥାଖ୍ୟାନାଂ ପ୍ରତିବୋଧନେ
ନିର୍ବାଣଂ ଦର୍ଶୟନ୍ତ୍ୱେବ ରୂପସ୍ୟା ଜନ୍ୟଦର୍ଶିନଃ । ୨୮ ।
ସର୍ବଜ୍ଞ ସର୍ବଦର୍ଶୀ ଚ ସର୍ବଲୋକାର୍ଥ କାରିଣଃ
ତସ୍ୟ ତସ୍ୟ ଜଗନ୍ନାଥୈର୍ଦ୍ଦେଶିତଃ କରୁଣାମ୍ବୁଭିଃ ।୨୮। ଇତ୍ୟାଦି

'Pag-Sam-Jon-Zang' ( ପାଗ୍-ସମ୍-ଜୋନ୍-ଜାଙ୍ଗ୍ ) ନାମକ ତିବ୍ବତୀୟ ଗ୍ରନ୍ଥରୁ ଜଣାଯାଇଥାଏ ଯେ ଓଡ୍ଡିୟାନରେ ପ୍ରଥମେ ତାନ୍ତ୍ରିକ ବୌଦ୍ଧଧର୍ମର ସୃଷ୍ଟି ହୋଇଥିଲା ଓ ସେଠାରେ ବହୁସିଦ୍ଧା-ଚାର୍ଯ୍ୟଙ୍କର ଆବିର୍ଭାବ ଘଟିଥିଲା ଓ ତନ୍ମଧ୍ୟରେ ପ୍ରଧାନ ହେଉଛନ୍ତି ଲୁଇପାଦ, ଅନଙ୍ଗବଜ୍ର, ଟାଙ୍ଗଣ, ତୈଳିକପାଦ, ସରହପାଦ (ଶବରପା), ଅବଧୂତପାଦ, ନାଗବୋଧି, ଜ୍ଞାନବଜ୍ର, ବୁଦ୍ଧଜ୍ଞାନପାଦ, ଅମୋଘପାଦ, କୃଷ୍ଣାଚାର୍ଯ୍ୟ ଓ ଧର୍ମଶ୍ରୀମିତ୍ର ପ୍ରଭୃତି ପ୍ରଧାନ (Uddiyan and Sahor—N. N. Dasgupta, Indian Historical Quarterly, 1935, P. 142 ) । ଏହି ବିଷୟ ପ୍ରସଙ୍ଗରେ ସିଦ୍ଧାଚାର୍ଯ୍ୟ-

ମାନଙ୍କର ସଂସ୍କୃତ ଭଷାର ରଚନାବଳୀ 'ଦୋହା ସାହିତ୍ୟ' ପ୍ରସଙ୍ଗରେ ଅନ୍ୟ ଅଧ୍ୟାୟରେ ଆଲୋଚିତ ହୋଇଅଛି ।

ଖ୍ରୀ. ନବମ ଶତାବ୍ଦୀର ଓଡ଼ିଶାର ବିଶିଷ୍ଟ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ର 'ଅନର୍ଘ ରାଘବ' ରଚନା କରିଥିଲେ ଓ ଏହି ନାଟକ ପ୍ରଥମେ ଶ୍ରୀକ୍ଷେତ୍ରରେ ଅଭିନୀତ ହୋଇଥିବାର ଜଣାଯାଇଥାଏ । ଖ୍ରୀ. ଏକାଦଶ ଶତାବ୍ଦୀର କୃଷ୍ଣ ମିଶ୍ରଙ୍କର 'ପ୍ରବୋଧ ଚନ୍ଦ୍ରୋଦୟ' ନାଟକ ମଧ୍ୟ ଅନ୍ୟ ଏକ ବିଶିଷ୍ଟ ନାଟକ, ଯେଉଁ ନାଟକ ବାରଣାସୀ ରାଜ-ଦରବାରରେ ପ୍ରଥମେ ଅଭିନୀତ ହୋଇଥିବାର ଜଣାଯାଇଥାଏ । ସେହି ନାଟକରେ ଜନୈକ ପାତ୍ର ମୁଖରେ କହୁଛନ୍ତି—

'ଅସ୍ତ୍ୟୁତ୍କଳ ଦେଶାଦାଗତୋଽସ୍ମି । ଅସ୍ତି ସାଗରତୀର ସନ୍ନିବେଶେ ପୁରୁଷୋତ୍ତମସଂଜ୍ଞକଂ ଦେବାୟତନମ୍'···ଇତ୍ୟାଦି । ଏହାଛଡ଼ା ସେହି ଏକାଦଶ ଶତାବ୍ଦୀର ନାରାୟଣ ସତ୍ୟକବି ଯେ କି ସମ୍ବଲପୁର ଅଞ୍ଚଳର ବିଶିଷ୍ଟ କବି ଥିଲେ, ସେ 'ସମାସ୍ତ୍ୟଦସ୍ୟୁକାବ୍ୟମ୍' ରଚନା କରିଥିଲେ । ଶତାନନ୍ଦ ଆଚାର୍ଯ୍ୟଙ୍କର 'ଶତାନନ୍ଦ ସଂଗ୍ରହ', 'ଭାସ୍ୱତୀ', 'ଶତାନନ୍ଦ ରତ୍ନମାଳା' ପ୍ରଭୃତି ଗ୍ରନ୍ଥ ମଧ୍ୟ ଏହି ସମୟର ରଚନା ବୋଲି ଜଣାଯାଇଥାଏ ।

ଅନ୍ୟ ଜଣେ ବିଶିଷ୍ଟ ପଣ୍ଡିତ ପୁରୁଷୋତ୍ତମ ଦେବ (ଖ୍ରୀ. ଦ୍ୱାଦଶ ଶତାବ୍ଦୀ) ତ୍ରିକାଣ୍ଡ ଶେଷ, ହାରାବଳୀ, ଏକାକ୍ଷର କୋଷ, ଦ୍ୱିରୂପ କୋଷ, ଶବ୍ଦମାଳା ଓ ପ୍ରାକୃତାନୁଶାସନ ଗ୍ରନ୍ଥ ରଚନା କରିଥିବାର ଜଣାଯାଏ । ଏହି ପୁରୁଷୋତ୍ତମଦେବଙ୍କୁ କେତେକ ଓଡ଼ିଶାବାସୀ ଓ କେତେକ ବଙ୍ଗୀୟ ବୋଲି କହୁଅଛନ୍ତି; କିନ୍ତୁ ତାଙ୍କ ତ୍ରିକାଣ୍ଡ ଶେଷରେ ପ୍ରଯୁକ୍ତ କେତୁ ଓଡ଼ିଆ ଶବ୍ଦରୁ ତାଙ୍କୁ ଓଡ଼ିଆ ବା ଓଡ଼ିଶାବାସୀ ବୋଲି କହିବା ଯୁକ୍ତିସଙ୍ଗତ । କାରଣ ସେ ତହିଁରେ ବାଟ, ଖୁଲ, ଗଛ, ମଞ୍ଜି, କୋଳି, ବାଡ଼ି, ହୁଳହୁଳି, କାଞ୍ଜି ଓ ଭୁମ୍ବା ପ୍ରଭୃତି ଯେଉଁ ଶବ୍ଦ ପ୍ରୟୋଗ କରିଅଛନ୍ତି । ସେଗୁଡ଼ିକ ଓଡ଼ିଶାର ଲୋକପ୍ରଚଳିତ ଶବ୍ଦ ବୋଲି ଜଣାଯାଇଥାଏ । (ଓଡ଼ିଶାର ସଂସ୍କୃତ ଲେଖା ଓ ଲେଖକ—ପଣ୍ଡିତ ନୀଳମଣି ମିଶ୍ର, ପୃ.୬ ଦ୍ରଷ୍ଟବ୍ୟ)

ଖ୍ରୀ. ଦ୍ୱାଦଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ କବି ଜୟଦେବ ଗୋସ୍ୱାମୀ ଉତ୍କଳୀୟ ଥିବାର ଜଣାଯାଇଥାଏ । ଜୟଦେବ ଓଡ଼ିଆ ନା ବଙ୍ଗୀୟ, ଏ ବିଷୟରେ ବହୁ ମତଭେଦ ରହିଛି । କିନ୍ତୁ ବଙ୍ଗୀୟ କବି କୃଷ୍ଣଦାସଙ୍କର 'ଭକ୍ତମାଳା', ନାଭାଜୀଙ୍କ 'ଭକ୍ତମାଳା', ମହାରାଷ୍ଟ୍ରର କବି ମହୀପତିଙ୍କ 'ଭକ୍ତବିଜୟ', ଆସାମରେ ଲିଖିତ 'ସମ୍ପ୍ରଦାୟ ପ୍ରଦୀପ', ମୈଥିଳୀ ପଣ୍ଡିତ କେଶବ ମିଶ୍ରଙ୍କର 'ଅଳଙ୍କାର ଶେଖର' ପ୍ରଭୃତି ଗ୍ରନ୍ଥରେ ଜୟଦେବ ଉତ୍କଳୀୟ ବୋଲି ଉଲ୍ଲେଖ ରହିଛି । ଏହାଛଡ଼ା ସଂସ୍କୃତରେ ଲିଖିତ ଚନ୍ଦ୍ରଦତ୍ତଙ୍କର 'ଭକ୍ତମାଳା' ଗ୍ରନ୍ଥରେ ଜୟଦେବଙ୍କ ପ୍ରସଙ୍ଗରେ କୁହାଯାଇଛି; 'ଉତ୍କଳେ ଦ୍ୱିଜୋ ଜାତଃ, ଜୟଦେବ ଇତି ଶ୍ରୁତଃ' । ତେଣୁ ଏହିସବୁ ଦୃଷ୍ଟିରୁ ଜୟଦେବଙ୍କୁ ଉତ୍କଳୀୟ କହିବାରେ କିଛି ଭୁଲ ନାହିଁ ।

ଓଡ଼ିଶାରେ ଜୟଦେବଙ୍କର ଗୀତଗୋବିନ୍ଦ, ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ପରି ଅତି ଲୋକପ୍ରିୟ ଗ୍ରନ୍ଥ ଓ ତାହା ପ୍ରାୟ ଅଧିକାଂଶ ଭାଗବତ ଗାଦିରେ ପୂଜା ପାଉଥାଏ । ଲେଖକ ତାହାର ପୋଥି ଅନୁସନ୍ଧାନରେ ବହୁ ଅପୂର୍ବ କମନୀୟ ଗୀତଗୋବିନ୍ଦର ପୋଥିଚିତ୍ର ଦେଖିବାକୁ ପାଇଛି, ଯାହା ଓଡ଼ିଶା ବ୍ୟତୀତ ଅନ୍ୟତ୍ର ଦୁର୍ଲଭ ।

ବିଶେଷ କଥା ହେଉଛି, ଗୀତଗୋବିନ୍ଦର ଓଡ଼ିଆ ଅନୁବାଦ ଓ ଓଡ଼ିଆ ଟୀକା ଓଡ଼ିଆ ସାହିତ୍ୟରେ ଯେତେ ବହୁଳ ଭାବରେ ଦେଖାଯାଏ, ବଙ୍ଗଳା ବା ଅନ୍ୟାନ୍ୟ ସାହିତ୍ୟରେ ତାହା ପରିଦୃଷ୍ଟ ହୁଏ ନାହିଁ । ଏସବୁ ଅନୁବାଦ ଭିତରେ ଧରଣୀଧର ଦାସଙ୍କର ଗୀତଗୋବିନ୍ଦ ଅନୁବାଦ ପ୍ରାଚୀନତମ ଅଟେ । ଅନ୍ୟାନ୍ୟ ଅନୁବାଦ ମଧ୍ୟରେ ବୃନ୍ଦାବନ ଦାସଙ୍କର 'ରସବାରିଧି', ଦୀନକୃଷ୍ଣ ଦାସଙ୍କର 'ଅମୃତ ସାଗର', ବଜଗୀ ଦାସଙ୍କର ନବାକ୍ଷରୀ ଭାଗବତ ବୃତ୍ତରେ ଲିଖିତ 'ଅର୍ଥଗୋବିନ୍ଦ', ଉଦ୍ଧବ ଦାସଙ୍କର 'ଗୀତଗୋବିନ୍ଦ' (ଅନୁବାଦ), ଜଗନ୍ନାଥ ମିଶ୍ର ଓ ତ୍ରିଲୋଚନ ଦାସଙ୍କର ଗୀତଗୋବିନ୍ଦର ଗଦ୍ୟାନୁବାଦ, ଚୈତନ୍ୟ ଦାସଙ୍କର 'ଦଶାବତାର ସ୍ତୁତି', ପିଣ୍ଡିକ ଶ୍ରୀଚନ୍ଦନ ( ଖ୍ରୀ.୧୬୮୯—୧୭୧୫)ଙ୍କର 'ବସନ୍ତ ରାସ', ଶ୍ୟାମସୁନ୍ଦର ଭଞ୍ଜଙ୍କର 'ବସନ୍ତ କ୍ରୀଡ଼ା ସମୁଜ୍ଜ୍ୱଳ ରସାବଳୀ' ପ୍ରଭୃତି ପ୍ରଧାନ । ଏହାଛଡ଼ା ଗୀତଗୋବିନ୍ଦର ବହୁ ଓଡ଼ିଆ ଟୀକା

ଓ ଅନୁବାଦ ଓଡ଼ିଶା ସୁରପଲ୍ଲୀରେ ପଡ଼ିରହିଛି । ଏଥିରୁ ଜଣାଯାଏ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଧାରାବାହିକୁ ଜୟଦେବଙ୍କର ଗୀତଗୋବିନ୍ଦ ପଦେ ପଦେ ପ୍ରଭାବିତ କରିଛି । ଯେ କୌଣସି ଓଡ଼ିଆ କାବ୍ୟ ଅପେକ୍ଷା ଗୀତଗୋବିନ୍ଦର ଲୋକପ୍ରିୟତା ଓଡ଼ିଶାରେ ବେଶି । ମଧ୍ୟଯୁଗ ଓଡ଼ିଆ କାବ୍ୟକାରର ଅନୁପ୍ରାସମୟ ଲଳିତ ପଦାବଳୀକୁ ଗୀତଗୋବିନ୍ଦର ରଚନାଶୈଳୀ ହିଁ ପ୍ରଭାବିତ କରିଛି । ସେଥିପାଇଁ ପଦ ହେଉ ବା ନିଛ ହେଉ, ଶୁଣାଯାଇଛି 'ଘନକୃଷ୍ଣ ଜୟଦେବ ପଦରେ ଶରଣ' । ଏହାଛଡ଼ା ଗୀତଗୋବିନ୍ଦ ଅନୁକରଣରେ ଗଜପତି ପୁରୁଷୋତ୍ତମଙ୍କର "ଅଭିନବ ଗୀତଗୋବିନ୍ଦ" ରଚନା ଓ ପ୍ରତ୍ୟହ ଜଗନ୍ନାଥ ମନ୍ଦିରରେ ଓଡ଼ିଶୀନୃତ୍ୟ ମାଧ୍ୟମରେ ଗୀତଗୋବିନ୍ଦର ଗାନ ଓ ଗୀତଗୋବିନ୍ଦ ପାଠ ଶ୍ରୀ ଜୟଦେବ ଓ ତାଙ୍କର ଗୀତଗୋବିନ୍ଦକୁ ସମ୍ପୂର୍ଣ୍ଣ ଓଡ଼ିଶାର ବୋଲି ପ୍ରତିପାଦନ କରୁଥାଏ । ଓଡ଼ିଶାର ଘରେ ଘରେ ଗୀତଗୋବିନ୍ଦ ଯେପରି ଆଦୃତ ଓ ପୂଜିତ, ଭାରତର ଅନ୍ୟାନ୍ୟ କୌଣସି ପ୍ରଦେଶରେ ସେ ପ୍ରକାର ପରମ୍ପରା ନାହିଁ । ଖ୍ରୀ. ଦ୍ୱାଦଶ ଶତାବ୍ଦୀରୁ ଗୀତଗୋବିନ୍ଦର ପ୍ରଥା ଓ ଧାରାବାହି ଓଡ଼ିଆଭାଷା ଓ ସାହିତ୍ୟକୁ ଯେ ଓତଃପ୍ରୋତ ଭାବରେ ପ୍ରଭାବିତ, କରିଛି, ତାହା କହିବା ବାହୁଲ୍ୟ ହେବ । ଗୀତଗୋବିନ୍ଦର ଅନ୍ୟାନ୍ୟ ଆଲୋଚନା ନିମିତ୍ତ Souvenir on Sri Jayadeva, (The Jayadeva Sanskrutika Parisad, Orissa, Bhubaneswar, 1968') ପୁସ୍ତକ ଦ୍ରଷ୍ଟବ୍ୟ ।

ଗୀତଗୋବିନ୍ଦ ଉପରେ ବହୁତ ସଂସ୍କୃତ ଟୀକା ମଧ୍ୟ ରହିଛି । ଗୀତଗୋବିନ୍ଦର ପ୍ରଥମ ଓଡ଼ିଆ ଟୀକାକାର ହେଉଛନ୍ତି ଉଦୟନାଚାର୍ଯ୍ୟ । ତତ୍ପରେ କବିଶେଖର ନାରାୟଣ ଦାସ (ଖ୍ରୀ. ଷୋଡ଼ଶ ଶତାବ୍ଦୀ) 'ସର୍ବାଙ୍ଗ ସୁନ୍ଦରୀ' ଟୀକା କରିଥିଲେ । ଏହାଛଡ଼ା ଶ୍ରୀ ରାମାନନ୍ଦରାୟଙ୍କର 'ଜଗନ୍ନାଥ-ବଲ୍ଲଭ ନାଟକ', ଜୟଦେବ ଆଚାର୍ଯ୍ୟଙ୍କର 'ପୀୟୂଷ ଲହରୀ' ପ୍ରଭୃତି ଅନେକ କାବ୍ୟ ଓ ନାଟକ ଗୀତଗୋବିନ୍ଦର ବିଷୟବସ୍ତୁ ଉପରେ ନିର୍ଭର କରିଛି । ସେହିପରି ପ୍ରାଚୀନ ଓ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଶତାଧିକ ରାଧାକୃଷ୍ଣ ପ୍ରେମଲୀଳାତ୍ମକ କାବ୍ୟ, ଅମର ଗୀତିକାବ୍ୟ 'ଗୀତଗୋବିନ୍ଦ'ରୁ ପ୍ରଧାନ ଉତ୍ସ ଗ୍ରହଣ କରିଛି ।

ଖ୍ରୀ. ତେରଶହ ଶତାବ୍ଦୀରୁ ଖ୍ରୀ. ପଞ୍ଚଦଶଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ବହୁ ଅମୂଲ୍ୟ ସଂସ୍କୃତ ଗ୍ରନ୍ଥ ରଚିତ ହୋଇଥିଲା । ତନ୍ମଧ୍ୟରେ ଶାର୍ଙ୍ଗଧରଙ୍କର (ଖ୍ରୀ. ୧୨୫୦-୧୩୦୦) 'ସୂକ୍ତି ସମୁଚ୍ଚୟ', 'ହାସ୍ୟାର୍ଣ୍ଣବ' ଓ 'ଭଷକର୍ତ୍ତ୍ରୀ', ପ୍ରସିଦ୍ଧ ଆଳଂକାରିକ ଓ କବି ବିଦ୍ୟାଧରଙ୍କର ଏକାବଳୀ (ଖ୍ରୀ. ୧୨୭୮-୧୩୦୬), କବି ଉମାପତିଙ୍କର ଅନନ୍ତବାସୁଦେବଙ୍କର ରାଜ ପ୍ରଶସ୍ତି (ଖ୍ରୀ. ୧୨୭୮), କୃଷ୍ଣାନନ୍ଦ ସାନ୍ଧିବିଗ୍ରହିକଙ୍କର 'ସହୃଦୟାନନ୍ଦ ମହାକାବ୍ୟ', ସାନ୍ଧିବିଗ୍ରହିକ ଚନ୍ଦ୍ରଶେଖର ମହାପାତ୍ରଙ୍କର 'ପୁଷ୍ପମାଳା' ଓ 'ଭାଷାର୍ଣ୍ଣବ', ସାନ୍ଧିବିଗ୍ରହିକ କବିରାଜ ବିଶ୍ୱନାଥ ମହାପାତ୍ରଙ୍କର (ଖ୍ରୀ. ୧୪୦୬-୧୪୩୪) ପ୍ରସିଦ୍ଧ ଅଳଙ୍କାର ଗ୍ରନ୍ଥ 'ସାହିତ୍ୟ ଦର୍ପଣ' ପ୍ରଭୃତି ପ୍ରଧାନ ଅଟେ । ବିଶ୍ୱନାଥ କବିରାଜଙ୍କର 'ସାହିତ୍ୟ ଦର୍ପଣ' ଗ୍ରନ୍ଥ ସମଗ୍ର ଭାରତରେ ପ୍ରସିଦ୍ଧିଲାଭ କରିଛି । 'ଅଷ୍ଟାଦଶ ଭଦ୍ୟାବାରବିଳାସିନୀ ଭୁଜଙ୍ଗ' ବିଶ୍ୱନାଥ ସାହିତ୍ୟ ଦର୍ପଣ ବ୍ୟତୀତ ଅନ୍ୟାନ୍ୟ ବହୁ କାବ୍ୟ ଓ ନାଟକ ମଧ୍ୟ ରଚନା କରିଥିଲେ । ତନ୍ମଧ୍ୟରୁ ତାଙ୍କର 'ଚନ୍ଦ୍ରକଳା' ନାଟିକା ଅଳ୍ପଦିନ ହେଲା ପ୍ରକାଶ ଲାଭ କରିଛି । ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟରେ 'ରାଘବ ବିଳାସ ମହାକାବ୍ୟ' 'ପ୍ରଭାବତୀ ପରିଣୟ', 'କୁବଳୟାଶ୍ୱ ଚରିତ', 'ନରସିଂହ ବିଜୟ', 'ପ୍ରଶସ୍ତି ରତ୍ନାବଳୀ', 'ରାଘବ ବିଳାସ' କଂସବଧ 'କାବ୍ୟ' ଓ 'କାବ୍ୟ ପ୍ରକାଶ ଦର୍ପଣ' ପ୍ରଭୃତି ଗ୍ରନ୍ଥ ପ୍ରଧାନ ଅଟେ ।

ଓଡ଼ିଆ ସାହିତ୍ୟର ପୃଷ୍ଠଭୂମିରେ ଆମେ ଯେ କେବଳ ସଂସ୍କୃତ ସାହିତ୍ୟର ଗୌରବମୟ ଐତିହ୍ୟ ଦେଖୁ, ତାହା ନୁହେଁ—ଓଡ଼ିଆ ଭାଷାର ଧାରା ବହୁ ପ୍ରାଚୀନକାଳରୁ ଅଶୋକକାଳୀନ ଓଡ଼ିଶାର ଭାଷା ସହିତ ସମ୍ପର୍କାନ୍ୱିତ ଥିଲା । ଶିଷ୍ଟ ସଂସ୍କୃତଭାଷା ସହିତ ସମକାଳରେ ଗତି କରି ଚାଲିଥିଲା ପ୍ରାକୃତ ସାହିତ୍ୟର ଧାରା । ଏହାର ପ୍ରଥମ ପ୍ରଚଳନ ଆମେ ଦେଖିବାକୁ ପାଇଥାଉଁ ଖ୍ରୀ. ତୃତୀୟ ଶତକର ଓଡ଼ିଶାର ସୁପ୍ରସିଦ୍ଧ ଅଶୋକାନୁଶାସନ ସମୂହରେ । ସେହି ସମୟରୁ ପ୍ରାକୃତ ଓ ଅପଭ୍ରଂଶ ଭାଷାର ଧାରା ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ପ୍ରଚଳିତ ଥିଲା ଓ ଅନେକ ପ୍ରାକୃତ ଓ ଅପଭ୍ରଂଶ ଗ୍ରନ୍ଥ ମଧ୍ୟ ବହୁ ଓଡ଼ିଆ କବି ଓ ପଣ୍ଡିତମାନଙ୍କ ଦ୍ୱାରା ରଚିତ ହୋଇଥିଲା । ଓଡ଼ିଶାର ସଂସ୍କୃତ ପଣ୍ଡିତ ଓ ଲେଖକମାନେ ସଂସ୍କୃତରେ ଯେଉଁସବୁ ନାଟକ ରଚନା କରିଅଛନ୍ତି,

ତନ୍ମଧ୍ୟରେ ବିଭିନ୍ନ ସାହିତ୍ୟିକ ପ୍ରାକୃତ ଭାଷାର ପ୍ରୟୋଗ କରିବା ସହିତ କେତେକେ ମଧ୍ୟ ପ୍ରାକୃତ ଭାଷାର ବ୍ୟାକରଣ ରଚନା କରି ଯାଇଅଛନ୍ତି । ତନ୍ମଧ୍ୟରେ ମାର୍କଣ୍ଡେୟଙ୍କର 'ପ୍ରାକୃତ ପ୍ରକାଶ' ଗ୍ରନ୍ଥ ପ୍ରଧାନ ଅଟେ, ଯାହାର ରଚନାର ସମୟ ଖ୍ରୀ. ଷୋଡ଼ଶ ଶତାବ୍ଦୀ ବୋଲି ସ୍ୱୀକୃତ ହୋଇଅଛି । ଏହି ସବୁ ଗ୍ରନ୍ଥ ସାହିତ୍ୟିକ ପ୍ରାକୃତ ଅଟେ; କିନ୍ତୁ ଲୌକିକ ପ୍ରାକୃତ ଭାଷାର ସ୍ୱରୂପ କ'ଣ ଥିଲା, ତାହା ଆମେ ଜାଣିପାରୁ ନାହିଁ । ଓଡ଼ିଶାରେ ଅପଭ୍ରଂଶ ସାହିତ୍ୟର ପ୍ରାଚୀନତମ ରୂପ ଆମେ ସିଦ୍ଧାଚାର୍ଯ୍ୟ-ମାନଙ୍କର ଗୀତିକାରେ ପାଉଥାଉଁ । ଏହି ସିଦ୍ଧାଚାର୍ଯ୍ୟ ହେଉଛନ୍ତି ଉଭୟ ବୌଦ୍ଧସହଜିୟା ଓ ନାଥସମ୍ପ୍ରଦାୟର ସିଦ୍ଧସାଧକଗଣ, ଯେଉଁମାନଙ୍କର ସ୍ୱଳ୍ପ ଅଥଚ ମୂଲ୍ୟବାନ ସାହିତ୍ୟ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଆଲୋଚିତ ହୋଇଅଛି ।

---

# ଓଡ଼ିଆ ଶିଶୁ ସାହିତ୍ୟ

## ତାନ୍ତ୍ରିକ ବୌଦ୍ଧଧର୍ମର ଅଭ୍ୟୁଦୟ

ବୌଦ୍ଧଧର୍ମ ଭାରତର ନୁହେଁ, ଏକ ସମୟରେ ସମଗ୍ର ପୃଥିବୀର ଥିଲା ବିଶାଳ ଲୋକପ୍ରିୟଧର୍ମ । ଏକ ସମୟରେ ଖ୍ରୀ. ନବମ-ଦଶମ ଶତାବ୍ଦୀ ବେଳକୁ ବ୍ରହ୍ମତନ୍ତ୍ର, କୌଳଧର୍ମ ଓ ନାଥଧର୍ମ ଏହି ସମୟର ମହାଯାନ ବୌଦ୍ଧଧର୍ମ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ହେବାର ଜଣାଯାଇଥାଏ । ଖ୍ରୀ. ଅଷ୍ଟମ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମରେ କ୍ରମେ ତନ୍ତ୍ରମନ୍ତ୍ର ପ୍ରବେଶ କଲା ଏବଂ ମନ୍ତ୍ରଯାନର ଅଭ୍ୟୁଦୟ ଘଟିଲା । କାଳଚକ୍ରଯାନ, ବଜ୍ରଯାନ ଓ ସହଜଯାନ ଏହି ମନ୍ତ୍ରଯାନର ବିଭିନ୍ନ ଶାଖା । ଏହି ମନ୍ତ୍ରଯାନର ପ୍ରଧାନ ପୀଠ ଥିଲା ଓଡ୍ଡୀୟାନ । ଏହାଛଡ଼ା ଏହି ମନ୍ତ୍ରଯାନ ସମଗ୍ର ପୂର୍ବଭାରତ ଏପରିକି ତିବ୍ବତ, ନେପାଳ ପ୍ରଭୃତି ଦେଶରେ ପ୍ରସାରିଲାଭ କରିଥିଲା । ଅବଶ୍ୟ ବିଜ୍ଞ ସମାଜରେ ମହାଯାନ ବୌଦ୍ଧଧର୍ମକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି ଓ ତାହା ହେଉଛି, (୧) ପାରମିତାନୟ, (୨) ମନ୍ତ୍ରନୟ । ପାରମିତାନୟରେ ମହାଯାନ ବୌଦ୍ଧଦର୍ଶନ ବିଶ୍ଳେଷିତ ଓ ମନ୍ତ୍ରନୟ ମଧ୍ୟରେ କାଳଚକ୍ରଯାନ, ବଜ୍ରଯାନ ଓ ସହଜଯାନ ଅନ୍ତର୍ଭୁକ୍ତ ଅଛି । ଏହି ମନ୍ତ୍ରନୟ ପରବର୍ତ୍ତୀ ସମୟରେ ମନ୍ତ୍ରଯାନ ଭାବରେ କଥିତ ହେଲା ।

ବୌଦ୍ଧଧର୍ମ ଶାସ୍ତ୍ରରେ କଥିତ ଯେ ଯୋଗାଚାର ମାର୍ଗର ପ୍ରଧାନ ପ୍ରବର୍ତ୍ତକ ଅସଙ୍ଗ ପ୍ରଥମେ ବୌଦ୍ଧଧର୍ମରେ ତନ୍ତ୍ରର ପ୍ରବର୍ତ୍ତନ କଲେ; କିନ୍ତୁ ଅନ୍ୟ କେତେକଙ୍କ ମତରେ ମାଧ୍ୟମିକ ମାର୍ଗର ପ୍ରବର୍ତ୍ତକ ନାଗାର୍ଜୁନ ଏହି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରବର୍ତ୍ତକ ଅଟନ୍ତି । ଖ୍ରୀ. ଅଷ୍ଟମ ଶତାବ୍ଦୀଠାରୁ ଅନ୍ତତଃ ଖ୍ରୀ. ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ତାନ୍ତ୍ରିକ ବୌଦ୍ଧଧର୍ମ ଭାରତ ତଥା ଭାରତ ବାହାର ଦେଶର ଧାର୍ମିକ ଭାବଧାରାକୁ ପ୍ରଭାବିତ କରିଥିବାର

ଜଣାଯାଇଥାଏ । କାଳଚକ୍ରଯାନ, ବଜ୍ରଯାନ ଓ ସହଜଯାନ ମଧ୍ୟରେ କାଳଚକ୍ରଯାନ ପ୍ରାଚୀନତମ ବୋଲି ମନେ ହୋଇଥାଏ; କିନ୍ତୁ ଏହି ତିନି ଯାନ ମଧ୍ୟରେ ସବିଶେଷ ପାର୍ଥକ୍ୟ ଦେଖାଯାଇ ନ ଥାଏ । କେହି କେହି କାଳଚକ୍ର ଶବ୍ଦର ଏହିପ୍ରକାର ତାତ୍ତ୍ୱିକ ବ୍ୟାଖ୍ୟା ଦେଇଥାନ୍ତି, ଯଥା—'କା' ଅର୍ଥ କାରଣ, 'ଳ' ଅର୍ଥ 'ଲୟ', 'ଚ' ଅର୍ଥ 'ଚକ୍ର' ଓ 'କ୍ର' ଅର୍ଥ କ୍ରମବନ୍ଧନ । 'କାଳ' ଓ 'ଚକ୍ର' ଏହି ଶବ୍ଦ ଦୁଇଟି ଯଥାକ୍ରମେ 'ପ୍ରଜ୍ଞା' ଓ 'ଉପାୟ' ଅର୍ଥରେ ଅର୍ଥାତ୍ ଶୂନ୍ୟତାବୋଧକ ଅର୍ଥରେ ବ୍ୟବହୃତ ହୋଇଅଛି । କାଳଚକ୍ରଯାନର 'କାଳଚକ୍ର' ଓ ବଜ୍ରଯାନର 'ବଜ୍ରସତ୍ତ୍ୱ' ଏକ ବୋଲି ଜଣାଯାଇଅଛି ।

ବୌଦ୍ଧଧର୍ମରେ ତନ୍ତ୍ରର ପ୍ରବେଶ ଫଳରେ ନାନାବିଧ ଯୋଗ-ସାଧନା ସହିତ ବହୁଳ ମନ୍ତ୍ର, ମୁଦ୍ରା, ମଣ୍ଡଳ ଓ ଅଭିଷେକ ପ୍ରଭୃତି ସ୍ଥାନ-ଲାଭ କଲା । ଫଳରେ ନାନା ଦେବଦେବୀ, ଭୂତପ୍ରେତ, ଇନ୍ଦ୍ରଜାଲ, କୁହୁକ ଓ ବଶୀକରଣାଦି ପ୍ରଭୃତି ପ୍ରବେଶ କରି ବୌଦ୍ଧଧର୍ମର ପ୍ରାଚୀନ ନୈତିକ ସ୍ୱରୂପକୁ ଏକ ନୂତନ ବିକୃତ ରୂପରେ ରୂପାନ୍ତରିତ କରିଦେଲା । ଏହା ସହିତ ମଧ୍ୟ ହଠ, ଲୟ, ମନ୍ତ୍ର ଓ ରାଜଯୋଗ ପ୍ରଭୃତିର ସମ୍ମିଶ୍ରଣ ଘଟିଲା ।

ଏହାଛଡ଼ା ଏହି ତାନ୍ତ୍ରିକ ବୌଦ୍ଧଧର୍ମରେ 'ଅଶ୍ଳୀଳ' ସହିତ ପଞ୍ଚ 'ମ'କାର ଯଥା ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ କ୍ରମେ ପ୍ରାଧାନ୍ୟ ଲାଭକଲା । ତାନ୍ତ୍ରିକ ବୌଦ୍ଧଧର୍ମରେ ମୈଥୁନମୂଳକ ଯୋଗ-ସାଧନାରୁ (Sexo-Yogic practices) ଉଦ୍ଭବ ହେଇ 'ବଜ୍ରଯାନ' ନାମକ ଏକ ନୂତନ ମାର୍ଗର ସୃଷ୍ଟି ହେଲା । 'ଶ୍ରୀତତ୍ତ୍ୱ ସମ୍ଭାର' ନାମକ ତନ୍ତ୍ରଗ୍ରନ୍ଥରେ ବଜ୍ରଯାନ ପୁଣି ବିଭିନ୍ନ ଭାଗରେ ବିଭକ୍ତ ବୋଲି କୁହା-ଯାଇଛି; ଯଥା—କ୍ରିୟାତନ୍ତ୍ରଯାନ, ଚର୍ଯ୍ୟାତନ୍ତ୍ରଯାନ ଓ ଯୋଗତନ୍ତ୍ରଯାନ । ପୁଣି ଯୋଗତନ୍ତ୍ରଯାନ, ମହାଯୋଗତନ୍ତ୍ରଯାନ, ଅନୁତ୍ତର ଯୋଗତନ୍ତ୍ରଯାନ ଓ ଅତିଯୋଗ ତନ୍ତ୍ରଯାନ ପ୍ରଭୃତି ଭାଗରେ ବିଭକ୍ତ । କ୍ରିୟା ଓ ଚର୍ଯ୍ୟାତନ୍ତ୍ର ନିମ୍ନଧରଣର ତନ୍ତ୍ର ଓ ଯୋଗ ତଥା ଅନୁତ୍ତର ତନ୍ତ୍ର 'ଉଚ୍ଚାଙ୍ଗ ତନ୍ତ୍ର' ଭାବରେ ସ୍ୱୀକୃତ ହୋଇଛି ।

ଅଦ୍ୱୟ ବଜ୍ର ସଂଗ୍ରହ ଗ୍ରନ୍ଥରେ କୁହାଯାଇଛି ଯେ, ଶୂନ୍ୟତା ହିଁ ବଜ୍ର । ଏହି ବଜ୍ରଯାନର ପ୍ରଧାନ ଦେବତା ହେଉଛନ୍ତି ବଜ୍ରସତ୍ତ୍ୱ । ଉପନିଷଦ୍‌ରେ ବ୍ରହ୍ମଙ୍କ ପରି ବଜ୍ରଯାନରେ ବଜ୍ରସତ୍ତ୍ୱଙ୍କର ପରିକଳ୍ପନା କରାଯାଇଛି । ବଜ୍ରଯାନରେ ବୋଧିଚିତ୍ତ ଲାଭ କରିବା ବୁଦ୍ଧତ୍ୱ ଲାଭ କରିବା ତୁଲ୍ୟ ଅଟେ । ବୋଧିଚିତ୍ତରେ ଦୁଇଟି ସତ୍ତ୍ୱ ପରିଲକ୍ଷିତ ହୋଇଥାଏ ଓ ତାହା ହେଉଛି ଶୂନ୍ୟତା ଏବଂ କରୁଣା । ବଜ୍ରଯାନ ତଥା ସହଜଯାନରେ ଏହି ଶୂନ୍ୟତା ଓ କରୁଣା, ପ୍ରଜ୍ଞା (ପୁରୁଷ) ଓ ଉପାୟ (ସ୍ତ୍ରୀ) ଭାବରେ କଥିତ । ଯୋଗସାଧନାରେ ଶିବଶକ୍ତି, ବଜ୍ର-ପଦ୍ମର ମିଳନ ହିଁ ବୋଧିଚିତ୍ତ ଭାବରେ ଆଖ୍ୟାତ ହୋଇଥାଏ ।

ତାନ୍ତ୍ରିକ ବୌଦ୍ଧଧର୍ମର ବଜ୍ରଯାନ ଓ ସହଜଯାନର ଅନ୍ୟତମ ବୈଶିଷ୍ଟ୍ୟ ହେଲା ପିଣ୍ଡବ୍ରହ୍ମାଣ୍ଡବାଦ ଏବଂ ଏହି ଦୃଷ୍ଟିରେ ପ୍ରଜ୍ଞା ଓ ଉପାୟ ଯଥାକ୍ରମେ ଇଡ଼ା ଓ ପିଙ୍ଗଳା ନାଡ଼ି, ଚନ୍ଦ୍ର, ସୂର୍ଯ୍ୟ, ସ୍ୱର ଓ ବ୍ୟଞ୍ଜନ ପ୍ରଭୃତି ବିଭିନ୍ନ ରୂପରେ ଦେହର ମଧ୍ୟରେ ସ୍ଥିତ ହୋଇଅଛି । ସିଦ୍ଧ-ତନ୍ତ୍ରର ସୁଷୁମ୍ନା ନାଡ଼ି ବୌଦ୍ଧତନ୍ତ୍ରରେ ଅବଧୂତିକା ରୂପରେ ସ୍ୱୀକୃତ ହୋଇଛି । ଏହି ବୋଧିଚିତ୍ତ ଅବଧୂତିକା ମାର୍ଗରେ ନିର୍ମାଣଚକ୍ର (ନାଭିଚକ୍ର), ଧର୍ମଚକ୍ର (ହୃଦୟଚକ୍ର) ସମ୍ଭୋଗଚକ୍ର (କଣ୍ଠଚକ୍ର) ପ୍ରଭୃତି ଅତିକ୍ରମ କରି ଶେଷରେ ମହାସୁଖପୀଠ (ସହସ୍ରାର)ରେ ଉପନୀତ ହୋଇଥାଏ ।

ତାନ୍ତ୍ରିକ ବୌଦ୍ଧଧର୍ମରେ ସ୍ଥଳବିଶେଷରେ କୁହାଯାଇଛି ଯେ କରୁଣାର ସ୍ତ୍ରୀ ହେଉଛି ଶୂନ୍ୟତା ଏବଂ ସେମାନଙ୍କର ପ୍ରେମ ‘ସହଜ ପ୍ରେମ’ ଭାବରେ କଥିତ । ଶୂନ୍ୟତା ଓ କରୁଣାର ମିଳନ ହିଁ ଯୁଗନଦ୍ଧ ରୂପ—ଯାହା ଶୈବଧର୍ମରେ ଶିବଶକ୍ତି, ବୈଷ୍ଣବଧର୍ମରେ ରାଧା-କୃଷ୍ଣଙ୍କର ଯୁଗଳରୂପ ଅଟେ । ଏହା ହିଁ ଅଦ୍ୱୟ ରୂପ ଓ ସମରସ । ତାନ୍ତ୍ରିକ ବୌଦ୍ଧଧର୍ମରେ ସମରସ ପ୍ରଜ୍ଞା ଓ ଉପାୟ ବା ଶକ୍ତି ଓ ଶିବର ମିଳନକୁ ବୁଝାଇଥାଏ ।

ତାନ୍ତ୍ରିକ ବୌଦ୍ଧଧର୍ମର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ମହାସୁଖବାଦ । ମହାସୁଖବାଦ ପୂର୍ବବର୍ତ୍ତୀ ବୌଦ୍ଧଧର୍ମର ‘ନିର୍ବାଣ’

ମଣ୍ଡା ଅନ୍ୟ କିଛି ନୁହେଁ । ବଜ୍ରପଦ୍ମଙ୍କର ପ୍ରଜ୍ଞା ଓ ଉପାୟର ମିଳନାବସ୍ଥାରେ ମହାସୁଖର ଉତ୍ପତ୍ତି । ହେ ବଜ୍ରତନ୍ତ୍ର ଗ୍ରନ୍ଥରେ ମହାସୁଖ ହେଉଛନ୍ତି ଧର୍ମକାୟ ଓ ସେ ସୃଷ୍ଟି ସ୍ୱୟଂ ବୁଦ୍ଧ ଓ ସ୍ୱୟଂ ବଜ୍ରସତ୍ତ୍ୱ । ଏହି ମହାସୁଖବାଦକୁ ଭିତ୍ତି କରି ତାନ୍ତ୍ରିକ ବୌଦ୍ଧଧର୍ମ ଗଢ଼ିଉଠିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବଜ୍ରଯାନର ଚରମ ପରିଣତି ହେଉଛି ସହଜଯାନ । ବଜ୍ରଯାନରେ 'ବଜ୍ର' ଶୂନ୍ୟତାର ପ୍ରତୀକ । ସେହିପରି ସହଜଯାନରେ 'ବଜ୍ରଶୂନ୍ୟ' ପରିବର୍ତ୍ତେ 'ମହାସୁଖ' ପ୍ରାଧାନ୍ୟଲାଭ କରିଅଛି । ଆଗରୁ ମଧ୍ୟ କୁହାଯାଇଛି ଯେ ବୌଦ୍ଧଧର୍ମର ନିର୍ବାଣ ପରିବର୍ତ୍ତେ ସହଜଯାନରେ ମହାସୁଖ ପରିକଳ୍ପିତ ହୋଇଅଛି । ଏହି ମହାସୁଖର ଚାରୋଟି ସ୍ତର ରହିଅଛି; ଯଥା—ଆନନ୍ଦ, ପରମାନନ୍ଦ, ବିରମାନନ୍ଦ ଓ ସହଜାନନ୍ଦ । ସହଜାନନ୍ଦ ମହାସୁଖ ବା ମନର ତୁରୀୟାବସ୍ଥା ଏବଂ ଏହି ଅବସ୍ଥା ହିଁ ମହାସୁଖ । ବଜ୍ରଯାନରେ ବଜ୍ର ଓ ପଦ୍ମର ମିଳନରେ ସେହି ଅବସ୍ଥା ଆସେ, ସହଜଯାନରେ ମଧ୍ୟ ମଧୁର ଭାବ ବା ସହଜାନନ୍ଦ ସ୍ୱଗନ୍ଧ ରୂପରେ ପରିକଳ୍ପିତ, ଯଥା—'ସ୍ୱଗନ୍ଧ ରୂପଂ ସହଜାନନ୍ଦ ଫଳଂ' । ବୌଦ୍ଧ ସହଜିଆମାନେ ବେଦର ପ୍ରମାଣ ଓ ଯାଗଯଜ୍ଞ ଆଦିରେ ବିଶ୍ୱାସ କରନ୍ତି ନାହିଁ ଓ ସେମାନଙ୍କର ଈଶ୍ୱରଙ୍କର ସ୍ଥିତି ଉପରେ ମଧ୍ୟ ବିଶ୍ୱାସ ନାହିଁ । ସେଥିପାଇଁ ସେମାନେ କହନ୍ତି, 'ଯେଉଁଠାରେ କୌଣସି ପଦାର୍ଥ ହିଁ ନାହିଁ, ଯେଉଁଠାରେ କୌଣସି ବସ୍ତୁ ହିଁ ବସ୍ତୁ ନୁହେଁ, ସେଠାରେ ଈଶ୍ୱର ତ ବସ୍ତୁ; ତେଣୁ ସେ ସେଠାରେ କିପରି ଭାବରେ ରହିବେ' ? ବୈଷ୍ଣବ ସହଜିଆମାନେ ଏତେଦୂରକୁ ଅଗ୍ରସର ନ ହେଲେ ମଧ୍ୟ ସେମାନେ ଈଶ୍ୱର ଅପେକ୍ଷା ମନୁଷ୍ୟକୁ ଶ୍ରେଷ୍ଠ ବୋଲି ଭାବନ୍ତି । ଉଭୟ ବୌଦ୍ଧ ଓ ବୈଷ୍ଣବମାନଙ୍କ ମଧ୍ୟରେ ତାନ୍ତ୍ରିକତା ରହିଛି । ନାଡ଼ି, ଚକ୍ର ଓ ଯୋଗିନୀ ତତ୍ତ୍ୱର ବର୍ଣ୍ଣନା ଉଭୟ ବୈଷ୍ଣବ ଓ ସହଜିଆ ବୌଦ୍ଧ-ସହଜିଆ ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । ବୌଦ୍ଧସହଜିଆ ଓ ବୈଷ୍ଣବ-ସହଜିଆ ସାହିତ୍ୟରେ ଗୁରୁବାଦକୁ ପ୍ରଧାନ ସ୍ଥାନ ଦିଆଯାଇଛି । ବୌଦ୍ଧଗାନ ଓ ଦୋହାର ବହୁତ ସ୍ଥଳରେ ଗୁରୁକୃପା ଉପରେ ସମସ୍ତ

ସାଧନ ପ୍ରଣାଳୀ ନିର୍ଭର କରନ୍ତି । ଏପରି କି କୁହାଯାଇଛି ଯେ ଗୁରୁ ବୁଦ୍ଧଙ୍କ ଅପେକ୍ଷା ମଧ୍ୟ ବଡ଼ । ହିନ୍ଦୁ ଧର୍ମ ଓ ଦର୍ଶନରେ ଉପନିଷଦ୍ ପ୍ରଭୃତିରେ ବ୍ରହ୍ମବିଦ୍ୟା ଶିକ୍ଷାରେ ମଧ୍ୟ ଗୁରୁବାଦକୁ ପ୍ରଧାନ ସ୍ଥାନ ଦିଆଯାଇଛି । ଓଡ଼ିଆ ପଞ୍ଚସଖା ସାହିତ୍ୟ ଓତଃପ୍ରୋତ ଭାବରେ ସହଜିୟା ବୌଦ୍ଧଧର୍ମ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଅଛି, ଯାହାର ବିଚାର ପରବର୍ତ୍ତୀ ପ୍ରସଙ୍ଗରେ କରାଯାଇଅଛି

## ଦୋହାକୋଷ ଓ ବୌଦ୍ଧଗାନ

ଓଡ଼ିଆରେ ଅପଭ୍ରଂଶ ସାହିତ୍ୟର ସଂଖ୍ୟା ଖୁବ୍ ଅଳ୍ପ । ଅପଭ୍ରଂଶ ସାହିତ୍ୟ ଓ ଭାଷା ପ୍ରସଙ୍ଗରେ କୁହାଯାଇଛି ଯେ ଓଡ୍ରୀ ଅପଭ୍ରଂଶ ନାମକ ଅପଭ୍ରଂଶ ଭାଷାର ଚଳଣି ଆମ ଦେଶରେ ଥିଲା ଯାହାର ବୈଶିଷ୍ଟ୍ୟ ଓ ଉଦାହରଣ ମାର୍କଣ୍ଡେୟଙ୍କର ପ୍ରାକୃତ ପ୍ରକାଶ, ପୁରୁଷୋତ୍ତମ ଦେବଙ୍କର ପ୍ରାକୃତାନୁଶାସନ ଓ ଅନ୍ୟାନ୍ୟ ପ୍ରାକୃତ ବ୍ୟାକରଣମାନଙ୍କରେ ଦେଖିବାକୁ ମିଳିଥାଏ । ତେବେ ଓଡ଼ିଶାର ପ୍ରାଚୀନତମ . ଅପଭ୍ରଂଶ ସାହିତ୍ୟ ମଧ୍ୟରେ ଆମେ ବୌଦ୍ଧଗାନ ଓ ଦୋହା ଗ୍ରନ୍ଥକୁ ଗ୍ରହଣ କରିଥାଉଁ । ଏହି ଗ୍ରନ୍ଥ ବଙ୍ଗୀୟ ପଣ୍ଡିତ ମହାମହୋପାଧ୍ୟାୟ ହର-ପ୍ରସାଦଙ୍କ ଦ୍ୱାରା ଆବିଷ୍କୃତ ହେଲେ ହେଁ ଏହି ଗ୍ରନ୍ଥଟି ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତମ ନମୁନା । ଆମେ ଜାଣୁ ଯେ ଖ୍ରୀ. ଅଷ୍ଟମ-ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଭାରତର ପୂର୍ବାଞ୍ଚଳ ଦେଶ-ମାନଙ୍କରେ ମହାଯାନ ବୌଦ୍ଧଧର୍ମ ଲୋକପ୍ରିୟତା ଅର୍ଜନ କରିଥିଲା । ଓଡ଼ିଶାରେ ମହାଯାନ ବୌଦ୍ଧଧର୍ମ ଖ୍ରୀ. ଅଷ୍ଟମ-ଏକାଦଶ ଶତାବ୍ଦୀ ମଧ୍ୟରେ କେବଳ ଯେ ଲୋକପ୍ରିୟ ଧର୍ମ ଥିଲା ତାହା ନୁହେଁ, ଏହି ଓଡ଼ିଶା ଥିଲା ଉକ୍ତ ଧର୍ମର ଏକ ପ୍ରଧାନ ପୀଠ । ଆଜିର ରତ୍ନଗିରି ମହାବିହାର, ଲଳିତଗିରି, କୋଳଣଗିରି, ଉଦୟଗିରି ପ୍ରଭୃତିରେ ତାନ୍ତ୍ରିକ ବୌଦ୍ଧ-ଧର୍ମର ଚର୍ଚ୍ଚା ନିମିତ୍ତ ବିରାଟ ଶିକ୍ଷାମନ୍ଦିର 'ମହାବିହାର' ମାନ ଗଢ଼ି ଉଠିଥିଲା । ହୁଏନ୍‌ସାଂଙ୍କର ପୁଷ୍ପଗିରି ମହାବିହାରର ବର୍ଣ୍ଣନା ମଧ୍ୟ ତତ୍କାଳୀନ ଓଡ଼ିଶାରେ ତାନ୍ତ୍ରିକ ବୌଦ୍ଧଧର୍ମର ମହିମାନ୍ୱିତ ତଥ୍ୟ ପ୍ରଦାନ କରିଥାଏ ।


## ଦୋହାକୋଷ :

ଦୋହାକୋଷର ଭାଷା ଶୌରସେନୀ ଅପଭ୍ରଂଶ, ଯାହା ଶୌରସେନୀ ପ୍ରାକୃତର ବଂଶଧର ଅଟେ । ଏହି ଶୌରସେନୀ ଅପଭ୍ରଂଶ ପରବର୍ତ୍ତୀ ସମୟରେ 'ଅବହଟ୍ଟ' ଭାବରେ ପରିଣତ । ଅବହଟ୍ଟ ଭାଷାରେ ମୈଥିଳୀ କବି ବିଦ୍ୟାପତିଙ୍କର ସୁପ୍ରସିଦ୍ଧ ଗ୍ରନ୍ଥ କୀର୍ତ୍ତିଲତା ରଚିତ ହୋଇଥିବାର ଜଣାଯାଏ । ଶୌରସେନୀ ଅପଭ୍ରଂଶ ସେହି ସମୟର ଶିଷ୍ଟଜନମାନଙ୍କର ଭାଷା ଥିଲା ଓ ତହିଁରେ ବହୁ ତାନ୍ତ୍ରିକ; ବୌଦ୍ଧଧର୍ମଗ୍ରନ୍ଥ ରଚିତ ହୋଇଥିଲା । ଓଡ଼ିଆଭାଷା ମୂଳତଃ ମାଗଧୀ ପ୍ରାକୃତ ଓ ଅପଭ୍ରଂଶ ସହିତ ସମ୍ପର୍କାନ୍ୱିତ ହେଲେ ହେଁ ତହିଁରେ ମଧ୍ୟ ଶୌରସେନୀ ପ୍ରାକୃତ ଓ ଅପଭ୍ରଂଶ ଶବ୍ଦର ଯୋଗାଯୋଗ ରହିଥିବାର ଜଣାଯାଇଥାଏ । ମନେ-ରଖିବାକୁ ହେବ ଯେ ଦୋହାକୋଷ ଅପଭ୍ରଂଶର ଭାଷା ବୌଦ୍ଧଗାନ ଓ ଦୋହାର ଅପଭ୍ରଂଶ ଭାଷାଠାରୁ ପୃଥକ ଅଟେ ।

ନେପାଳରୁ ଶାସ୍ତ୍ରୀ ମହାଶୟ ଯେଉଁସବୁ ଗ୍ରନ୍ଥ ଆବିଷ୍କାର କରିଥିଲେ, ସେଗୁଡ଼ିକ ଭାରତର ଆର୍ଯ୍ୟଭାଷାର ସାହିତ୍ୟମାନଙ୍କରେ ଏକ ନୂତନ ଯୁଗର ସନ୍ଧାନ ଦେଲା — ଭାଷାବିଜ୍ଞାନର ଆଲୋଚନାରେ ନୂତନ ଦିଗ ଉଦ୍‌ଘାଟିତ ହେଲା । ତାଙ୍କ ଗ୍ରନ୍ଥର ଆବିଷ୍କୃତି ମଧ୍ୟରେ ପ୍ରଧାନ ଗ୍ରନ୍ଥ ହେଲା (୧) ଡାକାର୍ଣ୍ଣବ, (୨) ସୁଭାଷିତ ସଂଗ୍ରହ, (୩) ଦୋହାକୋଷ ପଞ୍ଜିକା, (୪) ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ, (୫) ସରୋରୁହ ବଜ୍ରଙ୍କର ଦୋହାକୋଷ, (୬) କୃଷ୍ଣାଚାର୍ଯ୍ୟଙ୍କର ଦୋହାକୋଷ ।

ସେ ଏ ସବୁକୁ ଜାଣିବାକୁ ପାଇଲେ ଯେ ଏହିସବୁ ପୋଥି ଅଧିକାଂଶ ତିବ୍ବତ ଚାଲିଯାଇଛି ଓ ସେଗୁଡ଼ିକ ତିବ୍ବତୀ ଭାଷାରେ ଅନୁବାଦିତ ହୋଇଛି । ତିବ୍ବତୀ ଭାଷାରେ ଅନୂଦିତ ହୋଇଥିବା ଗ୍ରନ୍ଥଗୁଡ଼ିକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । (୧) ଯେଉଁଗୁଡ଼ିକ ବୁଦ୍ଧବଚନ ତାହା 'କେଙ୍ଗୁର୍' ଗ୍ରନ୍ଥମାଳା; (୨) ବୌଦ୍ଧଧର୍ମ ସମ୍ବନ୍ଧୀୟ ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକୁ 'ତେଙ୍ଗୁର୍' ବା 'ତାଞ୍ଜୁର୍' ବୋଲି ଅଭିହିତ ।

'ଦୋହାକୋଷ' ଓ 'ବୌଦ୍ଧଅପଭ୍ରଂଶ ସାହିତ୍ୟ' ସମ୍ବନ୍ଧରେ ଡକ୍ଟର ଶହିଦୁଲ୍ଲା ଓ ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚୀଙ୍କର ଦାନ



[illegible]

ଅତୁଳନୀୟ । ଡକ୍ଟର ମହମ୍ମଦ ଶହୀଦୁଲ୍ଲାଙ୍କର 'Les chants Mystique de Kanha et de Saraha' ଗ୍ରନ୍ଥରେ ଆଲୋଚିତ ବିଷୟ ଓ ବାଗ୍‌ଚୀଙ୍କର ତିଲ୍ଲୋପା ଓ ସରହପାଙ୍କ ସମ୍ବନ୍ଧୀୟ ଦୋହାଗୁଡ଼ିକର ଆଲୋଚନା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ହରପ୍ରସାଦ ଶାସ୍ତ୍ରୀ ଯେଉଁ ଦୋହା-ଗୁଡ଼ିକ ଆବିଷ୍କାର କରିଥିଲେ, ସେଥିରେ ତିଲ୍ଲୋପାଙ୍କର ଦୋହା ନ ଥିଲା; କିନ୍ତୁ ଡକ୍ଟର ବାଗ୍‌ଚି ଏହି ନୂତନ ଆବିଷ୍କାରଟି କରିଥିଲେ । କେତେକ ଦୋହାକୋଷ ମଧ୍ୟରେ ମୁଖ୍ୟତଃ ସରହପାଦ ଓ କାହ୍ନୁପାଦଙ୍କର ଦୋହାକୋଷ ବହୁମୂଲ୍ୟବାନ ହୁଏ ।

## ପ୍ରାଚୀନତମ ଦୋହାକାର ସରହପାଦ ଓ କାହ୍ନୁପାଦ

ପ୍ରାଚୀନତମ ଦୋହାକାର ସରୋରୁହବଜ୍ର ବା ପଦ୍ମବଜ୍ରଙ୍କର ଆବିର୍ଭାବର ସମୟ ହେଉଛି ଖ୍ରୀଷ୍ଟ ଅଷ୍ଟମ ଶତକ । ସରୋରୁହବଜ୍ର ସରହପା ନାମରେ ମଧ୍ୟ ଆଖ୍ୟାତ । ଏହି ସରୋରୁହବଜ୍ର ପ୍ରସିଦ୍ଧ ତାନ୍ତ୍ରିକ ବୌଦ୍ଧଗ୍ରନ୍ଥ ହେ ବଜ୍ରତନ୍ତ୍ରର ମଧ୍ୟ ସ୍ରଷ୍ଟା ଅଟନ୍ତି । ତିବ୍ବତ ଐତିହାସିକ ବିବରଣୀରୁ ଜଣାଯାଇଥାଏ ଯେ ସେ ଉଡ୍ଡୀୟାନ ବା ଓଡ଼ିଶାବାସୀ ସିଦ୍ଧ-ସାଧକ ଥିଲେ । ସରହପାଦ ଓଡ଼ିଶା ଆସି ସେଠାରେ ମନ୍ତ୍ରଯାନ ଶିକ୍ଷା କରିଥିଲେ ଓ ତତ୍ପରେ ମହାରାଷ୍ଟ୍ରକୁ ଯାଇ ସେଠାରେ ସିଦ୍ଧାଚାର୍ଯ୍ୟ ଭାବରେ ପରିଚିତ ହୋଇଥିଲେ । ସରହପାଦଙ୍କର ବହୁ ତନ୍ତ୍ରଗ୍ରନ୍ଥର ବିବରଣୀ 'ତେଙ୍ଗୁର' ଗ୍ରନ୍ଥମାଳାରେ ମିଳିଥାଏ, ଯାହାର ବିବରଣୀ ପରବର୍ତ୍ତୀ ଅଧ୍ୟାୟରେ ଦିଆଯାଇଛି । ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ଏହାଙ୍କର ଚାରୋଟି ଗୀତ ଦେଖାଯାଇଥାଏ । (ପଦ ୨୨, ୩୨, ୩୮ ଓ ୩୯)

ବୌଦ୍ଧଗାନର ଅନ୍ୟତମ ପ୍ରସିଦ୍ଧ କବି ହେଉଛନ୍ତି କାହ୍ନୁପାଦ ବା କୃଷ୍ଣାଚାର୍ଯ୍ୟ । ସେ କୃଷ୍ଣାଚାର୍ଯ୍ୟପାଦ ବା କୃଷ୍ଣବଜ୍ର ନାମରେ ମଧ୍ୟ ନାମିତ । କେତେକ ଆଲୋଚକ ମନେକରନ୍ତି ଯେ ଦୁଇ ଜଣ କୃଷ୍ଣାଚାର୍ଯ୍ୟ ଥିଲେ । ଏହା 'ତେଙ୍ଗୁର' ଗ୍ରନ୍ଥତାଲିକାରୁ ଜଣାପଡ଼ିଥାଏ । ଜ୍ୟେଷ୍ଠ କୃଷ୍ଣାଚାର୍ଯ୍ୟ ଓଡ଼ିଶାର ଅଧିବାସୀ ଥିଲେ । ସୁମ୍ପା ରଚିତ 'ପାଗ୍-ସାମ୍-ଜୋନ୍-ଜାଙ୍' ଗ୍ରନ୍ଥରେ ସେ 'କାହ୍ନ' ଭାବରେ ପରିଚିତ । ଏହି ଗ୍ରନ୍ଥର ବର୍ଣ୍ଣନାରୁ ଜଣାଯାଏ ଯେ ସେ ଓଡ଼ିଶାର କୌଣସି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ଓ ନାଥସମ୍ପ୍ରଦାୟର ପ୍ରଧାନ ଗ୍ରନ୍ଥ 'ଜାଳନ୍ଧରି-

ପାଦ୍‌ଙ୍କ ଦ୍ୱାରା ସଞ୍ଚିତ ହୋଇଥିଲେ । ( ଓଡ଼ିଶାର ନାଥସମ୍ପ୍ରଦାୟ ଓ ନାଥସାହିତ୍ୟ ପୁସ୍ତକର ଆଲୋଚନା ଦ୍ରଷ୍ଟବ୍ୟ) କୃଷ୍ଣାଚାର୍ଯ୍ୟଙ୍କ ନାମରେ ୫୭ ଖଣ୍ଡ ବୌଦ୍ଧତାନ୍ତ୍ରିକ ଗ୍ରନ୍ଥର ପରିଚୟ ମିଳିଥାଏ ଓ ତାଙ୍କର ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟରେ ୧୧ଟି ଚର୍ଯ୍ୟା ରହିଅଛି ।

ଏହି ଯୁଗର ଅପଭ୍ରଂଶ ସାହିତ୍ୟର ଆଲୋଚନାରେ ଆମେ ଜାଣିବାକୁ ପାଉଁ ଯେ ଯେଉଁ ସବୁ ତନ୍ତ୍ରଗ୍ରନ୍ଥ ଅପଭ୍ରଂଶରେ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ରଚିତ ହୋଇଅଛି ସେଗୁଡ଼ିକ ସବୁ ଶୌରସେନୀ ଅପଭ୍ରଂଶ ଭାଷାରେ ରଚିତ ହୋଇଅଛି ଓ ଯେଉଁଠି ସେମାନେ ଲୌକିକ ଭାଷାରେ କାବ୍ୟକବିତା ରଚନା କରିଅଛନ୍ତି, ସେଠାରେ ସେମାନେ ମାଗଧୀ ଅପଭ୍ରଂଶକୁ ଗ୍ରହଣ କରିଅଛନ୍ତି । ଏହି ହେତୁ ବୌଦ୍ଧଗାନ ଓ ଦୋହାର ଭାଷାରେ ମାଗଧୀ ଅପଭ୍ରଂଶର ସ୍ୱରୂପ ମିଳିଥାଏ ଓ ତାହା ଆଧୁନିକ ଓଡ଼ିଆଭାଷାର ଜନନୀସ୍ୱରୂପା ଅଟେ ।

# ବୌଦ୍ଧ ଦୋହା ସାହିତ୍ୟ

୧୯୦୭ ମସିହାରେ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳ ଦରବାର ଲାଇବ୍ରେରୀରୁ ୫୦ଟି ଗୀତିକା ସମ୍ବଳିତ ଖଣ୍ଡିଏ ପୋଥି ପାଇ ତାହାକୁ ୧୯୧୬ ମସିହାରେ ବଙ୍ଗୀୟ ସାହିତ୍ୟ ପରିଷଦ୍ ତରଫରୁ ପ୍ରକାଶ କରିଥିଲେ । ଏହି ଗ୍ରନ୍ଥଟିର ନାମ ହେଲା ବୌଦ୍ଧ ଗାନ ଓ ଦୋହା । ଏହି ଚର୍ଯ୍ୟାଗୀତି ସଂଗ୍ରହ ଗ୍ରନ୍ଥଟି 'ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟ' ବା 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ନାମରେ କଥିତ । ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟର ଅର୍ଥ ହେଉଛି ଧର୍ମସମ୍ବନ୍ଧୀୟ ନାନା ଆଚରଣୀୟ ଓ ଅନାଚରଣୀୟ ବିଷୟ ସମୂହ ଯେଉଁଥିରେ ନିର୍ଦ୍ଧାରିତ ହୋଇଛି ।

ଏହି ଗୀତିକାଗୁଡ଼ିକର ଭାଷା ଖ୍ରୀ: ନବମ-ଦଶମ ଶତାବ୍ଦୀର ଅପଭ୍ରଂଶ ଭାଷା । କେହି କେହି ଏହାର ଭାଷାକୁ ପ୍ରାଚ୍ୟ ଅପଭ୍ରଂଶ ଭାଷା ବୋଲି କହିଥାନ୍ତି । ଯେତେବେଳେ ବୌଦ୍ଧସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଏହି ଗୀତିକାଗୁଡ଼ିକ ରଚିତ ଓ ଗୀତ ହେଉଥିଲା, ସେତେବେଳେ ପୂର୍ବାଞ୍ଚଳୀୟ ବିଭିନ୍ନ ଆଧୁନିକ ଭାଷାଗୁଡ଼ିକର ବିକାଶ ସମୟ । ଆମ୍ଭେମାନେ ଏହି ଭାଷାକୁ ଓଡ଼ିଆଭାଷାର ପ୍ରାଚୀନତମ ସ୍ୱରୂପ ବୋଲି ନିର୍ଦ୍ଦେଶ କରିଥାଉଁ । ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ସମାଲୋଚକ-ଗଣ ଏହାକୁ ପ୍ରାଚୀନ ବଙ୍ଗଳା, ପ୍ରାଚୀନ ଆସାମୀ, କେହି କେହି ଏହାକୁ ପ୍ରାଚୀନ ମୈଥିଳୀ, ମାଗଧୀ ଓ ଭୋଜପୁରୀ ବୋଲି କହୁଛନ୍ତି । ଏହାର କାରଣ ହେଲା—ସେମାନଙ୍କ ଭାଷାର କେତେକ ସ୍ୱରୂପ ଉକ୍ତ ଅପଭ୍ରଂଶ ଗୀତିକାଗୁଡ଼ିକରେ ପରିଲକ୍ଷିତ ହୋଇଥାଏ । ଇତିହାସ, ଭାଷାତତ୍ତ୍ୱ ଓ ଧର୍ମଦୃଷ୍ଟିରୁ ଆମ୍ଭେମାନେ ଏହାକୁ ଓଡ଼ିଆଭାଷାର ପ୍ରାଚୀନ ନିଦର୍ଶନ ବୋଲି କହୁଛୁଁ ।

ଏହା ସତ୍ୟ ଯେ ବୌଦ୍ଧଗାନ ଓ ଦୋହାର ସମସ୍ତ କବି ବା ୮୪ ସିଦ୍ଧାଚାର୍ଯ୍ୟ ସମସ୍ତେ ଓଡ଼ିଶାବାସୀ ନ ଥିଲେ; କିନ୍ତୁ ତନ୍ମଧ୍ୟରୁ ଅନେକେ ତାନ୍ତ୍ରିକପୀଠ ଓଡ୍ଡୀୟାନ ବା ଓଡ଼ିଶାବାସୀ ଥିବାର ବିଷୟ ଆମ୍ଭେମାନେ ବିଭିନ୍ନ କିମ୍ବଦନ୍ତୀ ଓ ଐତିହାସିକ ବିବରଣୀରୁ ଜାଣିବାକୁ ପାଇଥାଉଁ ।

ଏହି ଧାରାର ପ୍ରାଚୀନତମ କବି ହେଉଛନ୍ତି ସରହପାଦ ଓ ସେ ଚୌରାଶୀ ସିଦ୍ଧଙ୍କର ଆଦିସିଦ୍ଧାଚାର୍ଯ୍ୟ ଅଟନ୍ତି । ଏହି କବିଗଣ ନୂତନ ଛନ୍ଦର ପ୍ରୟୋଗ କଲେ । ଏହା ହେଉଛି ଦୋହାଛନ୍ଦ । ଏହି ଦୋହାଛନ୍ଦରେ ଆମେ ସାରଳା ମହାଭାରତକାଳୀନ ବାଣୀବୃତ୍ତିର ଆଭାସ ମଧ୍ୟ ପାଇଥାଉଁ ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ସବୁଠାରୁ ବେଶି ଦୋହା ରଚନା କରିଅଛନ୍ତି କାହ୍ନୁପାଦ । ଏହି ଗ୍ରନ୍ଥରେ କବିମାନଙ୍କର ନିମ୍ନଲିଖିତ ଦୋହାସଂଖ୍ୟା ଦେଖିବାକୁ ମିଳିଥାଏ । ଯଥା—କାହ୍ନୁପାଦ—୧୩, ଭୁସୁକୁ—୮, ସରହ—୪, କୁକ୍କୁରୀ—୨, ଶାନ୍ତି—୨, ଲୁଇ—୨, ବିରୁପା—୧, ଗୁଣ୍ଡରୀ—୧, ଚାଟିଲ ବା ଧାମ—୧, କମ୍ବଳ—୧, ଡୋମ୍ବୀ—୧, ମହୀଧର—୧, ବୀଣା—୧, ଆର୍ଯ୍ୟଦେବ—୨, ଢେଣ୍ଢଣ—୧, ଦାରିକ—୨, ଭାଦେ—୧, ତାଡ଼କ—୧, କଙ୍କଣ ୧, ଜୟନନ୍ଦୀ—୧ । ଚର୍ଯ୍ୟାଗୀତିର ଏହିସବୁ କବିମାନଙ୍କ ବ୍ୟତୀତ ଉକ୍ତ ଗ୍ରନ୍ଥରେ ଶାନ୍ତି, ମୀନନାଥ ଓ ଭୁସୁକୁଙ୍କର କେତେକ ଗୀତିକା ମଧ୍ୟ ପରିଦୃଷ୍ଟ ହୋଇଥାଏ । ଧର୍ମଦାସଙ୍କର ସୁବୋଧଲକା ଓ ନାଡ଼ପାଦ ଉଦ୍ଧୃତ ଚର୍ଯ୍ୟାପଦ ଓ ଦୋହାରେ ଭୁସୁକୁପାଦ, ଶାନ୍ତିଦେବ ଓ କାହ୍ନୁପାଦଙ୍କର କେତେକ ଗୀତିକା ମଧ୍ୟ ରହିଛି ।

## ଚୌରାଶୀ ସିଦ୍ଧାଚାର୍ଯ୍ୟ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଚଉରାଶୀ ସିଦ୍ଧାଚାର୍ଯ୍ୟ'ର ଉଲ୍ଲେଖ ବହୁଳ ଭାବରେ ଦେଖିବାକୁ ପାଇଥାଉଁ । ବିଶେଷ ଭାବରେ ସାରଳା ଓ ପଞ୍ଚସଖା ସାହିତ୍ୟରେ କାହ୍ନୁପା, ମତ୍ସ୍ୟେନ୍ଦ୍ରନାଥ, ଲୁଇପା, ଢେଣ୍ଢପା, ଡାଡ଼ପା ଓ ବିରୁପା ପ୍ରଭୃତି ସିଦ୍ଧାଚାର୍ଯ୍ୟଙ୍କର ନାମୋଲ୍ଲେଖ ରହିଛି । ଆମ୍ଭେମାନେ ଚଉରାଶୀ ସିଦ୍ଧଙ୍କର କାଳ ଓ ପରିଚୟ ସମ୍ବନ୍ଧରେ

ନିମ୍ନ ଲିଖିତ ପଣ୍ଡିତମ୍ଭ ଥାଇଥାନ୍ତି । (୧) ଲୁଇପା (ଖ୍ରୀ.୭୬୯-୮୦୯) (୨) ଲୀଳାପା (୩) ବିରୂପା (୪) ଡୋମ୍ବିପା (ଲୁଇପାଙ୍କର ଶିଷ୍ୟ), (୫) ଶବରପା (ସରହଙ୍କ ଶିଷ୍ୟ ଓ ଲୁଇପାଙ୍କର ଗୁରୁ), (୬) ସରହପା (ଖ୍ରୀ. ୭୬୯-୮୦୯, (୭) କଙ୍କାଳୀପା (୮) ମୀନପା (ଖ୍ରୀ. ୮୦୮-୪୯) (୯) ଗୋରକ୍ଷପା (୧୦) ଚୌରଙ୍ଗୀପା (୧୧) ବୀଣାପା (୧୨) ଶାନ୍ତିପା (ଖ୍ରୀ.୯୭୪-୧୦୨୯) (୧୩) ତନ୍ତିପା (୧୪) ଚମାରିପା (୧୫) ଖଡ୍ଗପା (୧୬) ନାଗାର୍ଜୁନ (୧୭) କଣ୍ହପା (ଖ୍ରୀ. ୮୦୯-୪୯) (୧୮) କର୍ଣ୍ଣରିପା (ଆର୍ଯ୍ୟଦେବ) (୧୯) ଥଗନପା (୨୦) ନାରୋପା (ଖ୍ରୀ. ୯୬୪-୧୦୨୬) (୨୧) ଶାଳିପା (୨୨) ତିଲୋପା (୨୩) ଛତ୍ରପା (୨୪) ଭଦ୍ରପା (୨୫) ଦୋଖନ୍ଧିପା (୨୬) ଅଜୋଗୀପା (୨୭) କାଳପା (୨୮) ଆମ୍ବିପା (୨୯) କଙ୍କଣପା (୩୦) କମ୍ବଳପା (୩୧) ଟେଙ୍କିପା (୩୨) ଭଦେପା (୩୩) ତନ୍ଧେପା (୩୪) କୁକ୍କୁରିପା (୩୫) କୁସୂଳିପା (୩୬) ଧର୍ମପା (୩୭) ମହୀପା (୩୮) ଅଚିନ୍ତିପା (୩୯) ଭଲହପା (୪୦) ନଳିନପା (୪୧) ଭୁସୁକୁପା (୪୨) ଇନ୍ଦ୍ରଭୂତି (୪୩) ମେକୋପା (୪୪) କୁଠାଳିପା (୪୫) କମରିପା (୪୬) ଜାଳନ୍ଧରପା (୪୭) ରାହୁଳପା (୪୮) ଧର୍ମରିପା (୪୯) ଧୋକରିପା (୫୦) ମେଦିନୀପା (୫୧) ପଙ୍କଜପା (୫୨) ବଜ୍ର (ଘଣ୍ଟାପା) (ଖ୍ରୀ. ୮୦୯-୪୯) (୫୩) ଯୋଗୀପା (୫୪) ଚେଲୁକପା (୫୫) ଗୁଣ୍ଡରିପା (୫୬) ଲୁଚିକପା (୫୭) ନିର୍ଗୁଣପା (୫୮) ଜୟାନନ୍ଦ (୫୯) ଚର୍ପଟୀପା (୬୦) ଚମ୍ପକପା (୬୧) ଭିଖନପା (୬୨) ଭଲିପା (୬୩) କୁମରିପା (୬୪) ଚବରି (ଅଜପାଳ) (୬୫) ମଣିଭଦ୍ରା (ଯୋଗିନୀ) (୬୬) ମେଖଳାପା (ଯୋଗିନୀ) (୬୭) କନଖଳାପା (ଯୋଗିନୀ) (୬୮) କଳକଳାପା (୬୯) କଂଥାଳୀ (୭୦) ଧହୁଲିପା (୭୧) ଉଧଲିପା (୭୨) କମଲପା (୭୩) କିଲପା (୭୪) ସାଗରପା (୭୫) ସର୍ବଭକ୍ଷପା (୭୬) ନାଗବୋଧିପା (୭୭) ଦାରିକପା (୭୮) ପୁତୁଲିପା (୭୯) ପନହପା (୮୦) କୋକାଳିପା (୮୧) ଅନଂଗପା (୮୨) ଲକ୍ଷ୍ମୀଙ୍କରା (ଯୋଗିନୀ) (୮୩) ସମୁଦପା (୮୪) ଭଲିପା ଇତ୍ୟାଦି ।

ସିଦ୍ଧାଚାର୍ଯ୍ୟମାନେ ଯେ କେବଳ ଅପଭ୍ରଂଶରେ ଦୋହାବଳୀ ରଚନା କରିଥିଲେ ତାହା ନୁହେଁ; ସେମାନେ ମଧ୍ୟ ସଂସ୍କୃତରେ ବହୁଳ ତନ୍ତ୍ର ଓ ଯୋଗ ବିଷୟକ ଗ୍ରନ୍ଥ ରଚନା କରିଥିଲେ ଯାହାଁ ତିବ୍ବତୀ ଭାଷା

(ତନ୍-ଜ୍ୟୁର୍) ସେ ସବୁର ଅନେକ ଅନୁବାଦ ମିଳଥାଏ । ତନ୍-ଜୁର୍ ଗ୍ରନ୍ଥସୂଚୀରେ ଯେଉଁ ଯେଉଁ ସିଦ୍ଧାଚାର୍ଯ୍ୟମାନଙ୍କର ଗ୍ରନ୍ଥସବୁ ସଂଗୃହୀତ ହୋଇ ରହିଛି ତାହାର କେତେକ ବିବରଣୀ ପାଠକମାନଙ୍କର ଅବଗତି ନିମିତ୍ତ ନିମ୍ନରେ ଦିଆଗଲା ।

୧ । ଅଚିନ୍ତ୍ୟ—ଷାର୍ଥିକା ତନ୍ତ୍ରାଳିକା

୨ । ଅଦ୍ୱୟବଜ୍ର—ଅଚବୋଧ ବୋଧକ
ଗୁରୁମୈତ୍ରୀଗୀତିକା
ଚତୁର୍ମୁଦ୍ରୋପଦେଶ
ଶାତ୍ରମାନଦୃଷ୍ଟି
ଦୋହାନିଧି ତତ୍ତ୍ୱୋପଦେଶ
ତତ୍ତ୍ୱବଜ୍ରଗୀତିକା

୩ । ଅଜୋଗିପା—ଚିତ୍ତ ସମ୍ପ୍ରଦାୟ ବ୍ୟବସ୍ଥାନ, ବାୟୁସ୍ଥାନ ରୋଗ ପରୀକ୍ଷଣ, ନଷ୍ଟନିବନ୍ଧନ ଶବଦାହନ

୪ । ଇନ୍ଦ୍ରଭୂତିପା—ତତ୍ତ୍ୱାଷ୍ଟକ ଦୃଷ୍ଟି

୫ । କଙ୍କାଳ ମେଖଳା—ସନାତନାବର୍ତ୍ତିସ୍ୟ ମୁଖାଗମ

୬ । କଙ୍କାଳ ପାଦ—ସହଜାନନ୍ଦ ସ୍ୱଭାବ

୭ । କମରିପା—ସୋମ ସୂର୍ଯ୍ୟ ବନ୍ଧନୋପାୟ

୮ । କଲପାଦ—ଦୋହାଚର୍ଯ୍ୟା ଗୀତିକା ଦୃଷ୍ଟି

୯ । କୁଦ୍ଦାଳପାଦ—ଅଚିନ୍ତ୍ୟ କ୍ରମୋପଦେଶ, ଚିତ୍ତତତ୍ତ୍ୱୋପଦେଶ, ସର୍ବଦେବତା ନିଷ୍ପନ୍ନ କର୍ମମାର୍ଗ

୧୦ । କୁକ୍କୁରୀ—ମହାମୁଦ୍ରାର ଗୀତି

୧୧ । କେରଳପା—ତତ୍ତ୍ୱସିଦ୍ଧି

୧୨ । କୋକିଳପା—ଆୟୁ ପରୀକ୍ଷା

୧୩ । ଗୟାଧର (କାୟସ୍ଥ ପଣ୍ଡିତ)—ଜ୍ଞାନୋଦୟୋପଦେଶ

୧୪ । ଗୋରକ୍ଷପା—ବାୟୁତତ୍ତ୍ୱ ଭାବନୋପଦେଶ

୧୫ । ଘଣ୍ଟାପା—ଆଳିକାଳି ମନ୍ତ୍ରଜ୍ଞାନ


୧୬ । ଡମରୁପା—ପ୍ରଜ୍ଞୋପାୟ ବିନିଶ୍ଚୟ ସମୁଦୟ

୧୭ । ତମ୍ବିକପା—ଆତ୍ମପରିଜ୍ଞାନ ଦୃଷ୍ଟ୍ୟୁପଦେଶ

୧୮ । ଚର୍ପଟୀପା—ଚତୁର୍ଭୂତଭାବାଭିବାସନକ୍ରମ
୧୯ । ଚେଲୁକପାଦ—ଷଡଙ୍ଗଯୋଗୋପଦେଶ
୨୦ । ସୌରଙ୍ଗୀପା—ବାହ୍ୟାନ୍ତଭାବନୋପଦେଶ
୨୧ । ଛତ୍ରପା—ଶୂନ୍ୟତାକରୁଣା ଦୃଷ୍ଟି
୨୨ । ଭଗନ୍ତିପାଦ—ପଦରତ୍ନମାଳା, ବଧ୍ୟ ସମୁଚ୍ଚୟୋପଦେଶ,
ଯୋଗୀସ୍ୱଚିତ୍ତଗ୍ରନ୍ଥି, କପୋତକୋପଦେଶ
୨୩ । ଥଗନପା—ଦୋହାକୋଷତନ୍ତ୍ର, ଗୀତିକା
୨୪ । ଘସଙ୍କର ଶ୍ମଶାନ—ଚର୍ଯ୍ୟାଦୋହ, ଧର୍ମଗୀତିକା, ଧର୍ମଧାତୁଦର୍ଶନ
ଗୀତି, ବଜ୍ରାସନବଜ୍ରଗୀତି ।
୨୫ । ଦୃଷ୍ଟିଜ୍ଞାନ—ଗୀତିକା, ବଜ୍ରଗୀତିକା
୨୬ । ଡୋମ୍ବିପା—ଚତୁରଙ୍ଗସ୍ୱପ୍ନୋପଦେଶ, ମହାଯାନବତାର
୨୭ । ଧର୍ମପା—କାଳଭାବନା ମାର୍ଗ, ସୁଗତ ଦୃଷ୍ଟିଗୀତିକା, ହୁଂକାର-
ଚିତ୍ତବିନ୍ଦୁଭାବନାକ୍ରମ
୨୮ । ଦାରିକପା—ଶୋକଦୃଷ୍ଟି
୨୯ । ଧଣ୍ଡିନ—ଶିଥିରତ୍ନ ଦୃଷ୍ଟି
୩୦ । ଧୋକରିପା—ପ୍ରକୃତସିଦ୍ଧି
୩୧ । ନଳିନ ପାଦ—ଧାତୁବାଦ
୩୨ । ନାଗବୋଧି—ଆଦିଯୋଗଭାବନା
୩୩ । ନାଗାର୍ଜୁନ—ନାଗାର୍ଜୁନ ଗୀତିକା
ସ୍ୱପିଣ୍ଡ୍ୟୁପଦେଶ
୩୪ । କର୍ଣ୍ଣପା—ଶସ୍ୱରନାଡ଼ିକାବିନ୍ଦୁସମତା
୩୫ । ନିଷ୍କଳଙ୍କବଜ୍ର—ବନ୍ଧବିମୁକ୍ତ ଶାସ୍ତ୍ର
୩୬ । ନୀଳକଂଠ—ଅଦ୍ୱୟନାଡ଼ିକା ଭାବନାକ୍ରମ
୩୭ । ପଙ୍କଜ—ଅନୁତ୍ତର ସର୍ବଶୁଦ୍ଧିକ୍ରମ
୩୮ । ପଣହପା—ଚର୍ଯ୍ୟାଦୃଷ୍ଟ୍ୟନୁପୂର୍ବତତ୍ତ୍ୱଭାବନା
୩୯ । ପରମସ୍ୱାମୀ ନୃସିଂହ—ଦୋହାଚିତ୍ତଗୁହ୍ୟ
ମହାମୁଦ୍ରାରତ୍ନାଭିଗୀତ୍ୟୁପଦେଶ
ବଜ୍ରଡାକନାମ ଗୀତି
ସକଲସିଦ୍ଧବଜ୍ରଗୀତି

୪୦ । ଧହୁଲୀପା—ବୋଧିଚିତ୍ତବାୟୁଚରଣଭାବନୋପାୟ
୪୧ । ମହାସୁଖତାବଜ୍ର (ଶାନ୍ତିଗୁପ୍ତ)—ମହାସୁଖତାଗୀତିକା, ଯୋଗଗୀତା
୪୨ । ମେକୋପା—ଚିତ୍ତଚୈତନ୍ୟଶମନୋପାୟ
୪୩ । ମେଦନୀପା—ସହଜାମ୍ନାୟ
୪୪ । ରାହୁଲଭଦ୍ର—ଅଚିନ୍ତ୍ୟ ପରିଭାବନା
୪୫ । ଲଳିତବଜ୍ର—ମହାମୁଦ୍ରା ରତ୍ନଗୀତି
୪୬ । ଲୀଳାବଜ୍ର—ବିକଳ୍ପ ପରିହାର ଗୀତି
୪୭ । ଲୂଚିକପା—ଚଣ୍ଡାଳିକା ବିନ୍ଦୁ ପ୍ରସ୍ଫୁରଣ
୪୮ । ବଜ୍ରଘଣ୍ଟି—ବଜ୍ରପଦ
୪୯ । ବୈରୋଚନ ବଜ୍ର—ଷାର ବୈରୋଚନ ଗୀତିକା,
୫୦ । ଶାକ୍ୟଶ୍ରୀଭଦ୍ର—ଚିତ୍ତରତ୍ନ ବିଶୋଧନମାର୍ଗଫଳ,
ବଜ୍ରପଦ ଗର୍ଭସଂଗ୍ରହ,
ବିଶୁଦ୍ଧ ଦର୍ଶନଚର୍ଯ୍ୟୋପଦେଶ
୫୧ । ଶାଲିପାଦ— ଦୃଷ୍ଟିମାଳା
୫୨ । ସବହଭକ୍ଷ —କର୍ଣ୍ଣଶାସ୍ତ୍ର୍ୟକପାଳଦୃଷ୍ଟି
୫୩ । ସବରଭଦ୍ର—ବଜ୍ରଗୀତାପବାଦ
୫୪ । ସହଜ ଯୋଗିନୀ ଚିନ୍ତା—ବ୍ୟକ୍ତଭାବାନୁଗତତତ୍ତ୍ୱସିଦ୍ଧି
୫୫ । ସାଗର — ଅଳକାଳମହାଯୋଗଭାବନା
୫୬ । ସମୁଦ୍ର — ସୂକ୍ଷ୍ମଯୋଗ
୫୭ । ସୁଖବଜ୍ର — ମୂଳପ୍ରକୃତିତତ୍ତ୍ୱଭାବନା
୫୮ । ଅଜ୍ଞାତ କବି—ଗୀତିକା
ଡାକଣତନ୍ତ୍ରଗୀତି
ଯୋଗିଣୀସଞ୍ଚରଗୀତିକା
ବଜ୍ରଗୀତି
ବଜ୍ରଗୀତି
ବଜ୍ରଗୀତି ସିଦ୍ଧଯୋଗ ।

ଆଶ୍ଚର୍ଯ୍ୟଚର୍ଯ୍ୟାଚୟ ବା ଚର୍ଯ୍ୟାଗୀତିକାର କବିମାନଙ୍କ ମଧ୍ୟରୁ କେତେକଙ୍କ ପରିଚୟ ଦେବା ଆମ୍ଭମାନଙ୍କର ସମୀଚୀନ । ଆମ୍ଭେମାନେ




[ ଦ୍ରଷ୍ଟବ୍ୟ :—ବୌଦ୍ଧ ସିଦ୍ଧ-ସାହିତ୍ୟ—ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ, ସମ୍ମେଳନ ପତ୍ରିକା, ହିନ୍ଦୀ ସାହିତ୍ୟ ସମ୍ମେଳନ ଶକ ୧୮୭୨
ଭାଗ ୩୮, ସଂ ୧-୨ ପୃ. ୧୩ ]

ଜାଣିଥାନ୍ତି ଯେ ଚୌରାଶୀଙ୍କର ଅଧିକାଂଶ ଜଣ ଉଡ୍ଡୀୟାନ ଅଧିବାସୀ ସିଦ୍ଧାଚାର୍ଯ୍ୟ ଥିଲେ । ପୁଣି ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସେମାନଙ୍କର ନାମୋଲ୍ଲେଖ ଦେଖିବାକୁ ମିଳିଥାଏ ।

ସେହି ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ କାହ୍ନୁପାଦ ବା କାହ୍ନୁପା ପ୍ରଧାନ ସିଦ୍ଧାଚାର୍ଯ୍ୟ ଅଟନ୍ତି । ଏହି ସିଦ୍ଧାଚାର୍ଯ୍ୟମାନଙ୍କର ନାମ ଶେଷରେ 'ପା' ଶବ୍ଦ ବ୍ୟବହୃତ ହୋଇଅଛି । 'ପା' ଶବ୍ଦଟି ମାନାର୍ଥକ । 'ପାଦ' ଶବ୍ଦର ଅପଭ୍ରଂଶରୂପ ।

## କାହ୍ନୁପା

ସିଦ୍ଧାଚାର୍ଯ୍ୟ କାହ୍ନୁପା 'କୃଷ୍ଣପାଦ' କୃଷ୍ଣାଚାର୍ଯ୍ୟ, କୃଷ୍ଣ ବଜ୍ର ବା କାହ୍ନୁପାଦ ଆଦିରେ ନାମିତ ହୋଇଅଛନ୍ତି । ଆଶ୍ଚର୍ଯ୍ୟଚର୍ଯ୍ୟାଚୟର ୫୦ଟି ପଦ୍ୟ ମଧ୍ୟରୁ ସେ ପ୍ରାୟ ଅଧିକାଂଶ ଗୀତିକା ରଚନା କରିଅଛନ୍ତି । ତାଙ୍କର ତନ୍ତ୍ର, ଯୋଗ ଓ ଅନ୍ୟାନ୍ୟ ବୌଦ୍ଧଧର୍ମ ଶାସ୍ତ୍ରରେ ଗଭୀର ପାଣ୍ଡିତ୍ୟ ଥିବାର ବହୁ ସ୍ୱରଚିତ ସଂସ୍କୃତ ଗ୍ରନ୍ଥଗୁଡ଼ିକରୁ ପ୍ରମାଣ ପାଇଥାଉଁ । ପୂର୍ବରୁ ତାଙ୍କ ରଚିତ ଅନେକ ଗ୍ରନ୍ଥର ନାମ କର୍ଡ଼ିୟାର ସାହେବଙ୍କ ପ୍ରକାଶିତ ତେଙ୍ଗୁର ଗ୍ରନ୍ଥତାଲିକାରେ ମିଳିଥାଏ । ସେ ଏକ ସମୟରେ ଓଡ଼ିଶାର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ଓ ତାରନାଥଙ୍କର ବିବରଣୀରେ ଲିପିବଦ୍ଧ ଅଛି ଯେ ବୁଦ୍ଧଦେବ ଭବିଷ୍ୟତ ବାଣୀ କରିଥିଲେ ଯେ କାହ୍ନୁପା 'ଭଦ୍ରବନ୍ତ' ବା ଓଡ଼ିଶା ଦେଶରେ ଜନ୍ମଗ୍ରହଣ କରିବେ (୧) । କେତେକଙ୍କ ମତରେ 'କାହ୍ନୁ' ବା 'କୃଷ୍ଣପାଦ' ଜଣେ ବିଶିଷ୍ଟ ବୌଦ୍ଧତାନ୍ତ୍ରିକ ଯୋଗୀ ଥିଲେ ଓ ସେ ସିଦ୍ଧ ଜାଲନ୍ଧରିପାଙ୍କର ଶିଷ୍ୟ ଥିଲେ (୨) । ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ କହନ୍ତି ଯେ ପଣ୍ଡିତ କୃଷ୍ଣାଚାର୍ଯ୍ୟ ୭୪ଖଣ୍ଡ ପୁସ୍ତକ ରଚନା କରିଥିଲେ ଓ ସେ ଜାତିରେ କାୟସ୍ଥ ଥିଲେ । ଏହାଙ୍କର ଜୀବତାବସ୍ଥା ହେଉଛି ଖ୍ରୀ. ୯୦୦—ଖ୍ରୀ. ୯୫୦ ।

---

୧ । Mystic of Tales Lama Taranath—B. Dutta, P. 14.

୨ । Buddhism in Orissa—P. 169.

ତିବ୍ବତରେ 'ପ୍ରାଚୀନ କାଳରୁ କିମ୍ବଦନ୍ତୀ ରହିଅଛି ଯେ କୃଷ୍ଣାଚାର୍ଯ୍ୟ କର୍ଣ୍ଣଦେଶରେ ଜନ୍ମଗ୍ରହଣ କରିଥିଲେ । ଅନ୍ୟ କେତେକେ କହନ୍ତି ଯେ ସେ ଦକ୍ଷିଣର ବିଦ୍ୟାନଗରରେ ଜନ୍ମଗ୍ରହଣ କରିଥିଲେ । ବିଭିନ୍ନ ପ୍ରକାର ମତ ଅନୁଧ୍ୟାନ କରି ଡକ୍ଟର ଶହୀଦୁଲ୍ଲା କାହ୍ନୁପା ଓଡ଼ିଶାରେ ଜନ୍ମଗ୍ରହଣ କରିଥିବାର କହନ୍ତି । 'ସାଧନମାଳା' ୨ୟ ଭାଗର ମୁଖବନ୍ଧରେ (୩) ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ କାହ୍ନୁପାଙ୍କୁ କୁମ୍ଭାକାରକୁଳୋତ୍ପନ୍ନ ଓ ଓଡ଼ିଆଭାଷୀ ଥିବାର କହିଛନ୍ତି । ଅନେକେ କହନ୍ତି ଯେ ତାଙ୍କର ଶରୀରର ବର୍ଣ୍ଣ କୃଷ୍ଣ ଥିବାରୁ ତାଙ୍କର ନାମ କୃଷ୍ଣପାଦ ହୋଇଅଛି । ମହାରାଜ ଦେବପାଳଙ୍କ ସମୟରେ ସେ ଏକ ପଣ୍ଡିତ-ଭିକ୍ଷୁ ଥିଲେ ଓ କେତେକ ଦିନ ସେ ସୋମପୁରୀ ବିହାରରେ ଅବସ୍ଥାନ କରିଥିଲେ । 'ତ-ନ-ଜୁର'ର ଏକ ସ୍ଥଳରେ ୧୬ଟି ଭିନ୍ନ ସ୍ଥାନରେ ସେ 'ଭାରତବାସୀ' ଭାବରେ କଥିତ ଓ ଗୋଟିଏ ସ୍ଥାନରେ ସେ ଓଡ଼ିଶାବାସୀ ବ୍ରାହ୍ମଣ କୃଷ୍ଣପାଦ ବୋଲି କୁହାଯାଇଛନ୍ତି । ପୂର୍ବୋକ୍ତ ବିଭିନ୍ନ ତଥ୍ୟରୁ ସ୍ପଷ୍ଟ ପ୍ରତିପନ୍ନ ହୋଇଥାଏ ଯେ ସେ ଓଡ଼ିଶାବାସୀ ସିଦ୍ଧାଚାର୍ଯ୍ୟ ଥିଲେ । ତାଙ୍କର ଏପରି ଅଦ୍ଭୁତ ପାଣ୍ଡିତ୍ୟ ଥିଲା ଯେ ସେଥିପାଇଁ ତାଙ୍କୁ ମହାଚାର୍ଯ୍ୟ, ମହାସିଦ୍ଧାଚାର୍ଯ୍ୟ, ଉପାଧ୍ୟାୟ ଓ ମଣ୍ଡଳାଚାର୍ଯ୍ୟ ଭାବରେ ଅଭିହିତ କରାଯାଉଥିଲା । ଦର୍ଶନ ଓ ତନ୍ତ୍ରଶାସ୍ତ୍ରରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା । ତାହା ନ ହେଲେ ସେ କିପରି ୭୪ଟି ଭିନ୍ନ ଗ୍ରନ୍ଥ ପ୍ରଣୟନ କରିପାରିଥାନ୍ତେ ? ସାଧନମାଳାରେ କୁହାଯାଇଛି ଯେ କାହ୍ନୁପାଦ ଓଡ୍ଡୀୟାନର ପ୍ରଧାନ ଦେବୀ 'କୁରୁକୁଲ୍ଲା'ଙ୍କ ସାଧନାର ପ୍ରବର୍ତ୍ତକ ଥିଲେ । ଏହାଙ୍କର ସମୟ ମହାରାଜ ଦେବପାଳଙ୍କର ସମୟ ଖ୍ରୀ.୮୦୯-ଖ୍ରୀ. ୮୪୯ ବୋଲି ଧରାଯାଇଛି ।

କାହ୍ନୁପାଦ ଖ୍ରୀ. ନବମ ଶତାବ୍ଦୀର ସିଦ୍ଧାଚାର୍ଯ୍ୟ ହେଲେ ହେଁ ଓଡ଼ିଶା ସିଦ୍ଧସାହିତ୍ୟର ପରମ୍ପରାରେ ତାଙ୍କର ନାମ ଖ୍ରୀ. ଷୋଡ଼ଶ ଶତାବ୍ଦୀ ଓ ତତ୍ପରବର୍ତ୍ତୀ ଓଡ଼ିଆସାହିତ୍ୟରେ ଦେଖିବାକୁ ମିଳିଥାଏ । ତହିଁର କେତେକ ଉଦାହରଣ ଅମ୍ଭେ ନିମ୍ନରେ ପ୍ରଦାନ କଲୁଁ ।

---

୩ । ସାଧନମାଳା ୨ୟ ଭାଗ ପ୍ରସ୍ତାବନା ପୃ. ୫୩ ।

ଲେଖ୍ରଦାସ ବିରଚିତ ଲେଖ୍ରଗୀତାରେ :—

(୧) “ମାଣ୍ଡବ ଗଜଭମ ଆଦମୀନ
ମାଶ୍ବନ୍ଦ୍ର ଭାର୍ଗବ ଗୋରେଖ ଜାଣ ।
ଶାସ୍ତ୍ରନ୍ତ୍ରକ ସେ ଅନ୍ତ ଚର୍ମ୍ମପା
ଏ ଷୋଳସିଦ୍ଧ ସୁହୁରେପ ଦାସ୍ତୁକା ।
କାହ୍ନୁପା ହାଡ଼ିପା ବରୁଣପା ଲୋଭ
ସର୍ବସିଦ୍ଧି ବଶିଷ୍ଠ ଜାବାଲ କଶ୍ୟ ।

( ଲେଖ୍ରଗୀତା-ହସ୍ତଲିପି, ପୃ. ୨୪)

(୨) ହାଡ଼ିପା ଚନ୍ଦ୍ରପା କାହ୍ନୁପା
ଜାବାଳି ସାସ୍ତନ୍ତ୍ରକୁ ଅଣ ।

( ଚୈତନ୍ୟ ଭାଗବତ—ଈଶ୍ବର ଦାସ
ଉତ୍କଳ ବିଶ୍ବବିଦ୍ୟାଳୟ ପ୍ରକାଶନ, ପୃ. ୨୦ )

(୩) ଶାସ୍ତୁନାଥଙ୍କର ଚେଲା ହେଲୁନାଥ ହେଲେ
ହେଲୁନାଥଙ୍କର ଚେଲା କାହ୍ନୁପା ହୋଇଲେ
କାହ୍ନୁପାଙ୍କ ଚେଲା ହେଲେ ହାଡ଼ିପା ଗୋସାଇଁ
ଆମ୍ଭର ସେ ଚେଲା ବାବୁ ହେଲେ ଗୋଖଦାଇଂ ।

(ଗୋରେଖ ସଂହିତା-ପୃ. ୫୯)

( ଓଡ଼ିଶାର ନାଥସମ୍ପ୍ରଦାୟ ଓ ନାଥସାହିତ୍ୟ ପୃ. ୩୬ ଦ୍ରଷ୍ଟବ୍ୟ )

## ଲୁଇପା

ତାରନାଥଙ୍କ ବିବରଣୀ ଅନୁସାରେ ଶବରପାଙ୍କର ଶିଷ୍ୟ ଲୁଇପା ଉଡ଼୍ଡୀୟାନର ରାଜା ସାମନ୍ତ ଶୁଭଙ୍କର ଜନୈକ ଲେଖକ ବା କରଣ ଥିଲେ । ଲୁଇପା 'ଅଭିସମ ବିଭଙ୍ଗ' ପ୍ରଭୃତି ସୁରିଶଣ୍ଡ ବଜ୍ରଯାନର ଗ୍ରନ୍ଥ ରଚନା କରିଥିବାର ବିଷୟ ତନଜୁରରେ ଲେଖାଅଛି । ଏହାଛଡ଼ା ସେ ଲୁଇପାଦ ଗୀତିକା ନାମରେ ଅନ୍ୟ ଏକ ଗ୍ରନ୍ଥ ଲୌକିକ ଭାଷାରେ ରଚନା କରିଥିଲେ । ଲୁଇପାଦ ଆଦିସିଦ୍ଧ ଭାବରେ ମଧ୍ୟ କଥିତ ଓ ସେ ତିବ୍ବତରେ ଲାମାମାନଙ୍କ ଦ୍ୱାରା ବହୁ ସମ୍ମାନିତ ଓ ଅର୍ଚ୍ଚିତ ହୋଇଥାନ୍ତି । ପାଗ୍-ସାମ୍-ଜୋନ୍-ଜାଙ୍ଗ ଅନୁଯାୟୀ ଲୁଇପା ଉଡ଼୍ଡୀୟାନର ଜଣେ ମତ୍ସ୍ୟୋପଜୀବୀ ଜାତିର ଲୋକ ଥିଲେ ।

କଥିତ ଅଛି, ଲୁଇପା ମହାସିଦ୍ଧାଚାର୍ଯ୍ୟ ଶବରପାଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କରି ନର୍ଜନ ସାଧନା ନିମିତ୍ତ ବଙ୍ଗଦେଶକୁ ଯାଇଥିଲେ । ସେଠାରେ ସେ ଗଙ୍ଗାନଦୀ କୂଳରେ ତପସ୍ୟା କରି ମହାମୁଦ୍ରା ସିଦ୍ଧିଲାଭ କରିଥିଲେ । ଲୁଇପା ପରେ ଓଡ୍ଡୀୟାନକୁ ଆସି ସେଠାରେ ରାଜା ଓ ମନ୍ତ୍ରୀଙ୍କୁ ଶିଷ୍ୟ ରୂପରେ ଗ୍ରହଣ କରିଥିଲେ । ଧର୍ମଗ୍ରହଣ ପରେ ରାଜା 'ଦାରିକ' ଓ ମନ୍ତ୍ରୀ 'ଡିଙ୍ଗି' ନାମରେ ଅଭିହିତ ହୋଇଥିଲେ । କେନ୍ଦୁଝରରେ 'ଡିଙ୍ଗିଗଡ଼' ନାମରେ ଏବେ ବି ଏକ ସ୍ଥାନ ରହିଅଛି (୪)।

କେତେକଙ୍କ ମତରେ ତିବତ ଭାଷାରେ 'ଲୁଇ' ଶବ୍ଦର ଅର୍ଥ ହେଉଛି 'ମତ୍ସ୍ୟୋଦର' ଓ ତାହା ମୀନନାଥ ଅର୍ଥାତ୍ ମତ୍ସ୍ୟେନ୍ଦ୍ରନାଥଙ୍କୁ ଲକ୍ଷ୍ୟ କରୁଛି । ତେଣୁ ଲୁଇପା ନାମରେ ଜଣେ ସ୍ୱତନ୍ତ୍ର ସିଦ୍ଧ ନ ଥିଲେ । ମୀନନାଥଙ୍କର ତିବ୍ବତୀୟ ଭାଷାରେ ନାମ ହେଉଛି ଲୁଇପା । ଡକ୍ଟର କରୁଣାକର କରଙ୍କ ମତରେ 'ଲୁଇପା' ଶବ୍ଦ ତିବ୍ବତୀୟ ନୁହେଁ; କିନ୍ତୁ ଲୁଇପା ନାମରେ ଜଣେ ସିଦ୍ଧାଚାର୍ଯ୍ୟ ଥିଲେ । ଆମ୍ଭମାନଙ୍କ ଗବେଷଣାରୁ ଜଣାଯାଏ ଯେ 'ଲୁଇ' ନାମରେ ମଧ୍ୟ ଓଡ଼ିଶାର ଷୋଡ଼ଶ ଶତାବ୍ଦୀ ସିଦ୍ଧ ସାଧକଙ୍କର ନାମ ରହିଥିଲା । ମହାପୁରୁଷ ଯଶୋବନ୍ତ ଦାସଙ୍କ ଶିଷ୍ୟ ଲୋହିଦାସ ଲୁଇଗୀତ ବା ଲୋହିଗୀତା ନାମକ ଗ୍ରନ୍ଥ ରଚନା କରିଥିଲେ । ଲୋହିଦାସଙ୍କ ଆବିର୍ଭାବର ସମୟ ହେଉଛି ଖ୍ରୀ.ଷୋଡ଼ଶ ଶତାବ୍ଦୀ । ଏହି ଗ୍ରନ୍ଥଟି ତାନ୍ତ୍ରିକସିଦ୍ଧିସାଧନା ପ୍ରଣାଳୀରେ ପୂର୍ଣ୍ଣ ଓ ଏଥିରେ ବିଭିନ୍ନ ସିଦ୍ଧାଚାର୍ଯ୍ୟଙ୍କର ନାମ ମଧ୍ୟ ଦେଖିବାକୁ ମିଳିଥାଏ । ଯେପରି —

'କାହ୍ନୁପା ହାଡ଼ିପା କନ୍ଥପା ଲୋହି
ସବରୀସି ବଶିଷ୍ଠ ଜାବାଲି କହି'

(୨) ଲୋଇ ଦାସ ମଠ କରିଥାନ୍ତି ଯେ ଏଠାରେ
ଲୟ କରିଥାନ୍ତି ଧ୍ୟାନ ନବକାଂରଠାରେ ।

(ଶୂନ୍ୟସଂହିତା—ଅଚ୍ୟୁତାନନ୍ଦ ଦାସ,
ଅ. ୧୦, ଦ୍ରଷ୍ଟବ୍ୟ)

---

(୪) ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ—ଡଃ କରୁଣାକର କର, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ, ପୃ. ୩୧

ଏହାଛଡ଼ା ସ୍ୱର୍ଗୀୟ ନଗେନ୍ଦ୍ରନାଥ ବସୁ ତାଙ୍କର ସୁପ୍ରସିଦ୍ଧ ପୁସ୍ତକ 'Modern Buddhism and its followers in Orissa' ପୁସ୍ତକରେ ମୟୂରଭଞ୍ଜରେ ଲୁଇପାଙ୍କର ପୂଜା ପ୍ରଚଳିତ ଥିବାର କଥା କହିଅଛନ୍ତି । ଆଶ୍ଚର୍ଯ୍ୟଚର୍ଯ୍ୟାଚୟ ବା ଚର୍ଯ୍ୟାଗୀତିରେ ଲୁଇପାଙ୍କର ଦୁଇଗୋଟି କବିତା ଦେଖିବାକୁ ମିଳିଥାଏ ।

## ସବରୀପା

ପି. କର୍ଡିୟର ସାହେବଙ୍କର ତେଙ୍ଗୁର ଗ୍ରନ୍ଥସୂଚୀରେ ( Bstan-hgyur ) ସରହପାଦ ରାହୁଲଭଦ୍ର ନାମରେ ନାମିତ ହୋଇଅଛନ୍ତି ଓ ସେ ଓଡ୍ଡିୟାନ ବା ଓଡ଼ିଶା ଅଧିବାସୀ ଥିଲେ । ଲାମା ତାରନାଥଙ୍କ ମତରେ ସେ ଓଡ଼ିଶା ଅଧିବାସୀ ଥିଲେ । ପାଗ୍-ସାମ୍-ଜୋନ୍ ଜାଙ୍ଗ୍ * ଅନୁସାରେ ସେ ଜଣେ ବ୍ରାହ୍ମଣ ଥିଲେ ଓ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ସେ ଭାରତର ପୂର୍ବଦେଶର 'ରାଜନ' ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ସେ ବହୁ ବ୍ରାହ୍ମଣ୍ୟ ଓ ବୌଦ୍ଧଧର୍ମ ଗ୍ରନ୍ଥରେ ପାରଦର୍ଶିତା ଅର୍ଜନ କରିଥିଲେ ଓ ପ୍ରାଚ୍ୟ ଦେଶର ଚନ୍ଦ୍ରପାଳଙ୍କ ରାଜତ୍ୱରେ ଜୀବିତ ଥିଲେ । ସେ ତତ୍କାଳୀନ ଓଡ଼ିଶାର ରାଜା ଶୁଭଶୁକଳ୍ପଙ୍କ ଦ୍ୱାରା ମନ୍ତ୍ରଯାନରେ ଦୀକ୍ଷିତ ହୋଇଥିଲେ ଓ ସେ ନିଜେ ମଧ୍ୟ ପରବର୍ତ୍ତୀ ସମୟରେ ମହାରାଷ୍ଟ୍ରର ରାଜା ରତ୍ନପାଳ ଓ ତାଙ୍କର ମନ୍ତ୍ରୀଙ୍କୁ ଉକ୍ତ ଧର୍ମରେ ଦୀକ୍ଷିତ କରାଇଥିଲେ ।

ତାରନାଥଙ୍କ ମତରେ ଦୁଇଜଣ ସରହ ଥିଲେ । ବଡ଼ ଓ ସାନ ସରହ (ଶବର) ଦୁହେଁ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମ ସରହଙ୍କର ନାମ ରାହୁଲଭଦ୍ର ଓ ଦ୍ୱିତୀୟ ସରହଙ୍କର ନାମ ଥିଲା ଶବରୀ । ତେଣୁ ସରହ ଓ ଶବରୀ ଯଥାକ୍ରମେ ଗୁରୁଶିଷ୍ୟ ଥିବାର ଜଣାଯାଇଥାନ୍ତି । ସରହପାଦ ମହାମୁଦ୍ରା ସାଧନାରେ ସିଦ୍ଧିଲାଭ କରିବା ପରେ ଜଣେ ଲୌହକାର ବା କମାରର ଝିଅକୁ ବିବାହ କରିଥିଲେ । ସେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ କିଛିଦିନ ନିମିତ୍ତ ଜଣେ ବରିଷ୍ଠ ଆଚାର୍ଯ୍ୟ ଭାବରେ ସ୍ଥାନଲାଭ କରିଥିଲେ ।

* Pag—Sam—Jon—Zang PP. XXVII, 84-85

ସରହପାଦ ୨୫ ଖଣ୍ଡ ଭଳି ତାନ୍ତ୍ରିକ ଗ୍ରନ୍ଥ ରଚନା କରିଥିବାର ଷଟସ୍ତ ତାନଜୁର୍ ଗ୍ରନ୍ଥତାଲିକାରୁ ଜଣାପଡ଼ିଥାଏ । ତାଙ୍କର ଅନେକ କ୍ଷୁଦ୍ର ରଚନା ଦୋହାକୋଷ ଓ ସାଧନମାଳାରେ ପରିଦୃଷ୍ଟ ହୋଇଥାଏ । ତାଙ୍କର କୁଡ଼ିଗୋଟି ଦୋହା ଚର୍ଯ୍ୟାଗୀତିରେ ମଧ୍ୟ ରହିଛି । ସରହପାଦ ମହାବ୍ରାହ୍ମଣ, ମହାଚାର୍ଯ୍ୟ, ମହାଯୋଗୀ ଓ ଯୋଗୀଶ୍ୱର ଭାବରେ ମଧ୍ୟ ପରିଚିତ । ସରହପାଦଙ୍କର ଆବିର୍ଭାବର ସମୟ ଖ୍ରୀ. ଅଷ୍ଟମ ଶତାବ୍ଦୀ ବୋଲି ଧରାଯାଇଛି । ଅନେକ ଐତିହାସିକ ଅନୁମାନ କରନ୍ତି ଯେ ସେ ଓଡ଼ିଶାର ଭୌମକର ରାଜବଂଶର ପ୍ରଥମ ଶୁଭକରଦେବଙ୍କ ସମୟରେ ଅର୍ଥାତ୍ ଖ୍ରୀ.ଅଷ୍ଟମ ଶତାବ୍ଦୀରେ ପ୍ରଥମ ସରହଙ୍କର ଆବିର୍ଭାବ ଘଟିଥିଲା ଓ ଦ୍ୱିତୀୟ ସରହଙ୍କ ଆବିର୍ଭାବର ସମୟ ହେଉଛି ଖ୍ରୀ. ଦଶମ ଶତାବ୍ଦୀ (*) ।

ନାଥସମ୍ପ୍ରଦାୟର ବିଷୟରେ ଆମ୍ଭେମାନେ ଜାଣିବାକୁ ପାଉଁ ଯେ ନାଥସମ୍ପ୍ରଦାୟର ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ କାହ୍ନୁପା, ସବରୀପା, ଜାଳନ୍ଧରୀପା ଓ ମତ୍ସ୍ୟେନ୍ଦ୍ର ନାଥ ବା ମୀନପା ପ୍ରଭୃତିଙ୍କର ନାମ ପରିଦୃଷ୍ଟ ହୋଇଥାଏ । ଓଡ଼ିଆ ସାହିତ୍ୟର ଏକ ପ୍ରାଚୀନ ରଚନା 'ଅମରକୋଷ ଗୀତା'ରେ ସବରୀଙ୍କର ଉଲ୍ଲେଖ ଦେଖିବାକୁ ମିଳିଥାଏ ।

ଅମରକୋଷ ଗୀତା—

ବନ୍ଦଇଁ ସବରୀନାଥ ମୂଳକମଳଧାରୀ
ବନ୍ଦଇଁ କଣହପାନାଥ ଗଣ୍ଠିସ୍ଥ ଗନ୍ଥିରି । (୬)

## କମ୍ବଳପାଦ

ଲାମା ତାରନାଥଙ୍କ ବିବରଣୀରେ ଲିଖିତ ଅଛି ଯେ କମ୍ବଳପାଦଙ୍କର ଜନ୍ମଭୂମି ହେଉଛି ଓଡ଼ିବିଶ ବା ଉଡ୍ଡୀୟାନ । ସେ ବଜ୍ରଘଣ୍ଟପାଦଙ୍କର ଶିଷ୍ୟ ଥିଲେ । ତାଙ୍କର ପରିଣତ ବୟସରେ ସେ ପ୍ରବ୍ରଜ୍ୟା ଗ୍ରହଣ କରି ବୌଦ୍ଧତ୍ରିପିଟକ ଶାସ୍ତ୍ରରେ ବ୍ୟୁତ୍ପତ୍ତି ଅର୍ଜନ କରିଥିଲେ । ସେ

* । Buddhism in Orissa—Dr. N. K. Sahu, Utkal University Publication, P. 163

୬ । ଓଡ଼ିଶାର ନାଥସମ୍ପ୍ରଦାୟ ଓ ନାଥସାହିତ୍ୟ—ଡ଼ଃ ବଂଶୀଧର ମହାନ୍ତି ପୃ. ୩୯୬ ।

ଓଡ୍ଡିୟାନର ଶ୍ମଶାନରେ ମୃତଦେହ ଉପରେ ବସି ସାଧନା କରୁଥିଲେ । କଥିତ ଅଛି ଯେ ଓଡ୍ଡିୟାନରେ ମହାବେଶୀ ନାମରେ ଜଣେ ଯୋଗିନୀ ଥିଲେ । ସେହି ଯୋଗିନୀ ସହଜ ସିଦ୍ଧିଲାଭ କରିବା ପରେ କମ୍ବଳପାଦଙ୍କୁ ବିନାଶ କରିବା ପାଇଁ ଚେଷ୍ଟା କରୁଥିଲେ; କିନ୍ତୁ ସେ ତାଙ୍କୁ ଧ୍ୱଂସ କରିବାକୁ ବାହାରନ୍ତେ ଦେଖିଲେ ସେ ତପସ୍ୟା ସ୍ଥଳରେ ଆଚାର୍ଯ୍ୟ ନାହାନ୍ତି; କେବଳ ଖଣ୍ଡିଏ କମ୍ବଳ ମାତ୍ର ପଡ଼ି ରହିଅଛି । ଆଚାର୍ଯ୍ୟ ନିଜକୁ କମ୍ବଳରେ ପରିଣତ କରିଥିବାର ଜାଣି ଯୋଗିନୀ ତାହାକୁ ଛିନ୍ନବିଚ୍ଛିନ୍ନ କରି ଭକ୍ଷଣ କରିବାକୁ ଲାଗିଲେ । ତତ୍ପରେ କମ୍ବଳପାଦ ତାଙ୍କୁ ଅଭିଶାପ ଦେଲେ । ଏହି ଘଟଣା ପରେ ସେହି ସାଧକ କମ୍ବଳପାଦ ନାମରେ ଅଭିହିତ ହେବାକୁ ଲାଗିଲେ ।

କମ୍ବଳପାଦ ତାଙ୍କର ଗୁରୁ ଭଦ୍ରପାଙ୍କଠାରୁ ତନ୍ତ୍ର ସମ୍ବନ୍ଧୀୟ ଶିକ୍ଷାଲାଭ କରିଥିଲେ । ସେ ବୌଦ୍ଧ ଦେବତା ହେରୁକଙ୍କ ସମ୍ବନ୍ଧରେ ହେରୁକ ସାଧନା କରିଥିଲେ ଓ ସେଗୁଡ଼ିକ କମ୍ବଳଗୀତିକା ଭାବରେ ପରିଚିତ । ଚର୍ଯ୍ୟାଗୀତିରେ ତାଙ୍କର ଗୋଟିଏ ମାତ୍ର ଗୀତିକା ରହିଅଛି (୧) ।

## ବିରୂପପାଦ

ଲାମା ତାରନାଥଙ୍କ ମତରେ ତିନିଜଣ ବିରୂପା ଥିଲେ । ପ୍ରଥମ ବିରୂପପାଦଙ୍କର କେହି ଗୁରୁ ନ ଥିଲେ । ସେ ନାଲନ୍ଦାରେ ବସବାସ କରି ରହୁଥିବା ବେଳେ ସେଠାରେ ମଦ୍ୟପାନ କରୁଥିଲେ । ସେଥିପାଇଁ ସେ ଧର୍ମରୁ ବିତାଡ଼ିତ ହୋଇ ଓଡ଼ିଶାକୁ ପଳାଇ ଆସିଥିଲେ । ଓଡ଼ିଶାରେ ସେ ଶୁଣ୍ଡିଆଣୀଠାରୁ ମଦ୍ୟପାନ କରି ତାହାର ମୂଲ୍ୟ ଦେଇ ନ ଥିଲେ । ଶୁଣ୍ଡିଆଣୀ ମଦ୍ୟର ମୂଲ୍ୟ ମାଗିବାରୁ ବିରୂପପାଦ ସୂର୍ଯ୍ୟଙ୍କୁ ଅଙ୍ଗୁଳି ଦେଖାଇଲେ ଓ ସୂର୍ଯ୍ୟଙ୍କର ଗତିରୋଧ ହେଲା । ଏହି ଘଟଣାରେ ରାଜା ଓ ତାଙ୍କର କର୍ମଚାରୀଗଣ ସମସ୍ତେ ନିର୍ଣ୍ଣୟ କରିପାରିଲେ ନାହିଁ । ରାଜା ବିରୂପପାଦଙ୍କର ଏ ପ୍ରକାର ଅଲୌକିକ ଶକ୍ତି ଦେଖି ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ଓ ଶୁଣ୍ଡିଆଣୀକୁ ସିଦ୍ଧାଚାର୍ଯ୍ୟ ବ୍ୟବହାର

---

(୧) ବୌଦ୍ଧଗାନ ଓ ଦୋହା—ମ: ମ: ହରପ୍ରସାଦ ଶାସ୍ତ୍ରୀ । ପୃ. ୨୭ ମୁଖବନ୍ଧ ।

କରିଥିବା ମଦ୍ୟର ମୁଦ୍ରା ପ୍ରଦାନ କରିଥିଲେ (୮)। ସିଦ୍ଧ ବିରୂପାଙ୍କର ଅନେକ ଶିଷ୍ୟ କହନ୍ତି, ସେ ବ୍ରାହ୍ମଣକୁଳୋଦ୍ଭବ ଓ ଓଡ୍ଡୀୟାନ ତାଙ୍କର ବାସଭୂମି ଥିଲା। ଆଶ୍ଚର୍ଯ୍ୟଚର୍ଯ୍ୟାଚୟରେ ବା ଚର୍ଯ୍ୟାଗୀତିରେ ତାଙ୍କର ଗୋଟିଏ ମାତ୍ର ଦୋହା ରହିଅଛି।

ଅନ୍ୟତ୍ର ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନ୍ୟ ଏକ ଗ୍ରନ୍ଥ **ଗୋରେଖ ସଂହିତା**ରେ ସିଦ୍ଧ ବିରୂପାଙ୍କର ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି (୯)। ଏହି ଗ୍ରନ୍ଥରେ ବିରୂପା—ବିରୂପାକ୍ଷନାଥ ଭାବରେ ନାମିତ ହୋଇଅଛନ୍ତି। ଗୋରେଖ ସଂହିତାରେ ଉଲ୍ଲେଖ ଅଛି ସେ ବିରୂପାକ୍ଷ ବ୍ରାହ୍ମଣୀଗର୍ଭରୁ ଜାତ ହୋଇଥିଲେ। ଜୀବନରେ ବିରୂପାକ୍ଷ ବହୁ ପାପକାର୍ଯ୍ୟ, ଯଥା—ମାତୃହରଣ ଓ ମଦ୍ୟପାନରେ ଲିପ୍ତ ହୋଇଥିଲେ। ବିରୂପାକ୍ଷ ଯାଜପୁର ଯାଇ ସେଠାରେ ବହୁକାଳ ସିଦ୍ଧେଶ୍ୱର ଶିବଙ୍କ ନିକଟରେ ସାଧନା କରିଥିଲେ। ପରେ ସେ ଗୋରକ୍ଷନାଥଙ୍କଠାରୁ ଦୀକ୍ଷା-ଗ୍ରହଣ କରି ପାପଭାରରୁ ମୁକ୍ତିଲାଭ କରିଥିଲେ।

ତାରନାଥଙ୍କ ବିବରଣୀରେ ଆହୁରି ଜଣାଯାଉଛି ଯେ ବିରୂପାଙ୍କର ଶିଷ୍ୟ 'କାଳବିରୂପା' ଓଡ୍ଡୀୟାନ ବା ଓଡ଼ିଶାରେ ପ୍ରଧାନ ସିଦ୍ଧ ଭାବରେ ପରିଚିତ ହୋଇଥିଲେ। ଦୈବଜ୍ଞ ବ୍ରାହ୍ମଣମାନେ ତାଙ୍କର ପିତାମାତାଙ୍କୁ କହିଥିଲେ ଯେ, ସେ ଚାରିଗୋଟି ପାପକାର୍ଯ୍ୟରେ ଲିପ୍ତ ହେବେ, ଯଥା— ବ୍ରହ୍ମହତ୍ୟା, ଗୋହତ୍ୟା, ମାତୃହରଣ ଓ ମଦ୍ୟପାନ। ଏହାପରେ ବିରୂପାକ୍ଷ ପାପରୁ ମୁକ୍ତିଲାଭ ନିମିତ୍ତ ବହୁ ବୌଦ୍ଧ ଓ ହିନ୍ଦୁମନ୍ଦିର ପରିଦର୍ଶନ କରିଥିଲେ; କିନ୍ତୁ ସେଥିରେ ତାଙ୍କର ପାପ କ୍ଷାଳନ ହୋଇ ନ ଥିଲା। ଏହା ପରେ ସେ କାଳବିରୂପାଙ୍କୁ ଭେଟି ତାଙ୍କଠାରୁ ମନ୍ତ୍ରୋପଦେଶ ଗ୍ରହଣ କରି ପାପରୁ ମୁକ୍ତିଲାଭ କରିଥିଲେ।

ଲାମା ତାରନାଥଙ୍କର ଏହି ବିବରଣୀର ଅନୁରୂପ ବର୍ଣ୍ଣନା ପ୍ରାଚୀନ ଓଡ଼ିଆ ନାଥସାହିତ୍ୟର ଗ୍ରନ୍ଥ 'ଗୋରେଖ ସଂହିତା'ରେ

---

(୮) Mystic Tales of Lama Taranath—B. Dutta, PP. 14, 15

(୯) ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ—ପୃ. ୬୮-୭୯

ଦେଖିବାକୁ ମିଳିଥାଏ । ଓଡ଼ିଶାର କଟକ ଜିଲ୍ଲାର ପ୍ରସିଦ୍ଧ ନଦୀ 'ବିରୂପା' କୂଳରେ ସମ୍ଭବତଃ ତାଙ୍କର ସିଦ୍ଧିଭୂମି ଥିବାରୁ ଉକ୍ତ ନଦୀର ନାମ କାଳକ୍ରମେ ବିରୂପା ହୋଇଅଛି (୧୦) । ସିଦ୍ଧାଚାର୍ଯ୍ୟ ଜାଳନ୍ଧରୀପାଙ୍କର ଦୁଇ ଜଣ ଶିଷ୍ୟ ଥିଲେ । ତନ୍ମଧ୍ୟରେ ପ୍ରଧାନ ଶିଷ୍ୟ ହେଉଛନ୍ତି ବିରୂପା ଓ କୃଷ୍ଣାଚାର୍ଯ୍ୟ ବା କାହ୍ନୁପା । ତନ୍‌ଜୁର ପୁସ୍ତକ ସୂଚୀରେ ବିରୂପପାଦଙ୍କର ୧୦ ଗୋଟି ଗ୍ରନ୍ଥ ଥିବାର ଜଣାଯାଇଥାଏ । ତାଙ୍କର ରଚିତ ଗ୍ରନ୍ଥ ମଧ୍ୟରେ ଦୋହାକୋଷ, ବିରୂପା-ପାଦ ଚତୁରଶୀତି, ବିରୂପା ଗୀତିକା ଓ ବିରୂପା ବଜ୍ର ଗୀତିକା ପ୍ରଭୃତି ପ୍ରଧାନ ।

ବୌଦ୍ଧ ଗୀତାରେ ବିରୂପପାଦଙ୍କର ନାମ ମିଳିଥାଏ ।
ଯଥା—'କାହ୍ନୁପା ହାଡ଼ିପା ବିରୂପା ଲୋଇ
ସବଋଷି ବଶିଷ୍ଠ ଜାବାଳି କହି । (ବୌଦ୍ଧ ଗୀତ—ପୃ.୨୮ ପାଣ୍ଡୁଲିପି)

(୨) ଦଶପଣ୍ଡ ଭେଦ କରି ବଟେ ମତନଣ୍ଡ
ପ୍ରତ୍ୟକ୍ଷରେ ବିରୂପାକ୍ଷ ଯାହାଙ୍କୁ ପ୍ରସାଦ । ୧୩୦୬ ।
(ଗୋରକ୍ଷ ସଂହିତା ପୃ.୫୩୮)

## ଶାନ୍ତିଦେବ ବା ଶାନ୍ତିପା

ସିଦ୍ଧାଚାର୍ଯ୍ୟ ଶାନ୍ତିଦେବଙ୍କର ସମୟ ଖ୍ରୀ. ସପ୍ତମ ଶତାବ୍ଦୀ ବୋଲି ନିରୂପିତ ହୋଇଅଛି । ସେ ନାଳନ୍ଦା ବିଶ୍ୱବିଦ୍ୟାଳୟସ୍ଥ ଆଚାର୍ଯ୍ୟ ଧର୍ମପାଳ ଓ ଜୟଦେବଙ୍କର ଶିଷ୍ୟ ଥିଲେ । ତାରାନାଥଙ୍କ ମତରେ ସେ ସୌରାଷ୍ଟ୍ର ରାଜପରିବାରର ବ୍ୟକ୍ତି ଥିଲେ; କିନ୍ତୁ ତନ୍‌ଜୁର ଗ୍ରନ୍ଥ-ତାଲିକା ଅନୁସାରେ ସେ ଥିଲେ Zahor 'ଜାହୋର୍'ର ରାଜା । ଆଲୋଚକମାନଙ୍କ ମଧ୍ୟରେ ମତଭେଦ ରହିଛି ଯେ ଏହି ଶାନ୍ତି ଦେବ ମହାଯାନ ବୌଦ୍ଧଧର୍ମର ପ୍ରଧାନ ଦାର୍ଶନିକ କି ? ତାହାହେଲେ ଏହି ଶାନ୍ତିଦେବ 'ଶିକ୍ଷା ସମୁଚ୍ଚୟ', 'ସୂତ୍ର ସମୁଚ୍ଚୟ', 'ବୋଧି ଚର୍ଯ୍ୟା-ବତାର' ସହିତ 'ଶ୍ରୀଗୁହ୍ୟ ସମାଜ ମହାଯୋଗ', 'ତତ୍ତ୍ୱାବଳୀ ସଂଗ୍ରହ', 'ସହଜ ଗୀତ' ଓ 'ଚିତ୍ତ ଚୈତନ୍ୟ ଶମନୋପାୟ' ରଚନା କରିଥିବେ ।

(୧୦) Budhism in Orissa—Dr. N. K. Sahu, P. 168

ମହାଯାନ ବୌଦ୍ଧଧର୍ମ ଦର୍ଶନର ଲେଖକ ଶାନ୍ତିଦେବ ଓ ଚର୍ଯାଗୀତିର ଲେଖକ ଶାନ୍ତିଦେବ ଏକ ନୁହଁନ୍ତି ବୋଲି ଡଃ ରମେଶଚନ୍ଦ୍ର ମଜୁମଦାରଙ୍କର ମତ । କିନ୍ତୁ ଉଭୟ ଶାନ୍ତିଦେବଙ୍କର ଉପାଧି ହେଉଛି ‘ରାଉତ’ ।

କିମ୍ବଦନ୍ତୀ ଅନୁସାରେ ଶାନ୍ତିଦେବଙ୍କର ‘ଭୁସୁକୁ’ ଓ ‘ରାଉତ’ ନାମରେ ଦୁଇଗୋଟି ଉପାଧି ଥିଲା । ଚର୍ଯାଗୀତିରେ ‘ଭୁସୁକୁ’ଙ୍କର ରଚିତ ୮ଟି ଗୀତିକା ଓ ଶାନ୍ତିଦେବଙ୍କର ୨ଟି ଗୀତିକା ରହିଛି । ‘ରାଉତ’ ଶବ୍ଦର ବ୍ୟୁତ୍ପତ୍ତିରୁ ଜଣାଯାଏ ଯେ ଏହା ‘ରାଜପୁତ୍ର’ ଶବ୍ଦରୁ ଆସିଅଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ‘ରାଉତ’ କ୍ଷତ୍ରିୟମାନଙ୍କର ଉପାଧିବିଶେଷ ଭାବରେ ବ୍ୟବହୃତ ହେଉଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ‘ରାଉତ’ ଶବ୍ଦ ଅଶ୍ୱାରୋହୀସୈନ୍ୟ ଅର୍ଥରେ ବ୍ୟବହୃତ ହୋଇଥାଏ । ଡକ୍ଟର କରୁଣାକର କର ତାଙ୍କର ଆଶ୍ଚର୍ଯ୍ୟ ଚର୍ଯାପଦରେ Zahroକୁ ‘ଝର’ ବା ‘କେନ୍ଦୁଝର’ ବୋଲି ନିରୂପଣ କରିଅଛନ୍ତି (୧୧) । କେନ୍ଦୁଝରର ଗୋଟିଏ ପାହାଡ଼କୁ ଆଜି ମଧ୍ୟ ‘ଜହ୍ନବାଇ. ଖଣ୍ଡ’ ବୋଲି କୁହାଯାଉଅଛି । ଡକ୍ଟର କରୁଣାକର କର ସେଥିପାଇଁ ଜାହୋରକୁ କେନ୍ଦୁଝର ବୋଲି ନିର୍ଦ୍ଦିଷ୍ଟ କରି ଶାନ୍ତିଦେବ କେନ୍ଦୁଝରର ରାଜପୁତ୍ର ଥିବାର କହନ୍ତି । କେନ୍ଦୁଝର ରାଜାମାନଙ୍କ ବଂଶରେ ମଧ୍ୟ କୁହାଯାଇଛି ।

“ଅଯୋନି ସମ୍ଭୂତ......୧୪ ସହସ୍ର ରାଜଗାଳ କେନ୍ଦୁଝର ସୁସ୍ଥାନାଧିପତି ।”

ଏଣୁ ଡକ୍ଟର କରୁଣାକର କର ଶାନ୍ତିଦେବ; ଭୁସୁକୁ ଓ ରାଉତଙ୍କୁ ଏକ ଏବଂ ଅଭିନ୍ନ ବ୍ୟକ୍ତି ବୋଲି କହନ୍ତି ।

“ଆଜି ଭୁସୁକୁ ବଙ୍ଗାଲେ ଭଇଲି
ଣିଅ ଘରଣୀ ଚଣ୍ଡାଳୀ ଲେଲୀ”

ପଦରୁ କେତେକ ଭୁସୁକୁଙ୍କୁ ବଙ୍ଗାଳି ବୋଲି କହନ୍ତି; କିନ୍ତୁ ପ୍ରକୃତରେ ଅର୍ଥ ତାହା ନୁହେଁ ।

(୧୧) ଆଶ୍ଚର୍ଯ ଚର୍ଯାଚୟ – ଡଃ କରୁଣାକର କର, ପୃ. ୪୮-୪୯

ଏଣୁ ପଦର ଅର୍ଥ ହେଉଛି ଯେ ମୁଁ ଭୁସୁକୁ ଆଜି ଚଣ୍ଡାଳୀକୁ ଘରଣୀ କରି ବଙ୍ଗାଳୀ ହେଲି । ଅର୍ଥାତ୍ ସେକାଳର ବଙ୍ଗଳାରେ ସେପରି ଜାତିଭେଦ ନ ଥିଲା । ମୁଁ ସେ ଦେଶକୁ ଆସି ଚଣ୍ଡାଳୁଣୀ ବିବାହ କରି ନୀଚଜାତିରେ ପରିଣତ ହୋଇଗଲି' । ଏଥିରୁ ଜଣାପଡ଼ିଥାଏ ଯେ ଭୁସୁକୁ ବଙ୍ଗାଳୀ ନ ଥିଲେ ଓ ସେ କେନ୍ଦୁଝରର ଓଡ଼ିଆ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ (୧୨) ।

## ଶବରୀପାଦ

'ପାଗ୍-ସାମ୍-ଜନ-ଜାଙ୍' ତିବ୍ବତୀୟ ଗ୍ରନ୍ଥସୂଚୀରେ ବର୍ଣ୍ଣିତ ଅଛି ଯେ ସେ ବଙ୍ଗଦେଶ ବଙ୍ଗଳାର ଶବରଜାତିର ଲୋକ ଥିଲେ । ବୌଦ୍ଧ-ଦାର୍ଶନିକ ନାଗାର୍ଜୁନଙ୍କର ସେ ଥିଲେ ଶିଷ୍ୟ । ସେ ତାଙ୍କ ସ୍ତ୍ରୀ ଲୋକା ଓ ଗୋଣୀଙ୍କ ସହିତ ନାଗାର୍ଜୁନଙ୍କ ନିକଟକୁ ଯାଇ ତାଙ୍କଠାରୁ ଦୀକ୍ଷାଗ୍ରହଣ କରିଥିଲେ । ପରେ ସେମାନଙ୍କର ନାମ ଯଥାକ୍ରମେ ପଦ୍ମାବତୀ ଓ ଜ୍ଞାନବତୀ ନାମରେ ପରିଚିତ ହୋଇଥିଲା । ଜଣାଯାଏ ଯେ ଶବରୀପା ବଜ୍ରଯୋଗିନୀ ତନ୍ତ୍ରରେ ପାରଦର୍ଶିତା ଅର୍ଜନ କରିଥିଲେ । ସାଧନମାଳା ତନ୍ତ୍ରଗ୍ରନ୍ଥରେ ଶବରପାଦଙ୍କର ଏକ ସାଧନା ଭଜ୍ରତ୍ରୀସ୍ଥାନ ଦେବୀ କୁରୁକୁଲ୍ଲା ସାଧନାରେ ସ୍ଥାନ ଲାଭ କରିଛି । ଚର୍ଯ୍ୟାଗୀତିରେ ତାଙ୍କର ଦୁଇଗୋଟି ଉପଦେଶ ଗୀତିକା ରହିଅଛି ।

ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ ଶବରପାଙ୍କୁ ସରହଙ୍କର ଶିଷ୍ୟ ଓ ଲୁଇପାଙ୍କର ଗୁରୁ ବୋଲି କହିଅଛନ୍ତି । ତେଣୁ ଏଥିରୁ ଜଣାଯାଏ ଯେ ଦୁଇ ଜଣ ଶବରପା ଥିଲେ । ଅବିବାଦିତରୂପେ ଓଡ଼ିଶାର ପର୍ଯ୍ୟନ୍ତର ସଭ୍ୟତା ଓ ଶବରମାନେ କେବଳ ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ହିଁ ଦେଖାଯାନ୍ତି—ଓଡ଼ିଶାର ପୌରାଣିକ ଉପାଖ୍ୟାନ ତଥା ଜଗନ୍ନାଥ ସଂସ୍କୃତି ମୂଳରେ ଏହି ଶବର ସଂସ୍କୃତି ବିଦ୍ୟମାନ । ତେଣୁ ଶବରପା—ଶବରଜାତିର ସିଦ୍ଧାଚାର୍ଯ୍ୟ ଓ ଓଡ଼ିଶାରେ ତାଙ୍କର ବାସ-

---

(୧୨) ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ—ଡଃ କରୁଣାକର କର ପୃ. ୫୬-୫୭ ଓ Budhism in Orissa Dr. N. K. Sahu P. 118 ଦ୍ରଷ୍ଟବ୍ୟ ।

ସ୍ଥାନ ଥିଲା ବୋଲି ମନେକରିବା ସ୍ୱାଭାବିକ । ଶବରପାଦଙ୍କର ସେହି ଦୁଇଗୋଟି ଗୀତିକା ରହିଛି ତହିଁର ଛନ୍ଦ ଓ ପରିବେଶ ସମ୍ପୂର୍ଣ୍ଣ ଓଡ଼ିଶାଭୂମିର ମୌଳିକ ଜିନିଷ ଓ ତାହାର ଭାଷା ମଧ୍ୟ ଅବିକଳ ଓଡ଼ିଆ ଭାଷା ଅଟେ ।

ଚର୍ଯ୍ୟାଗୀତିରେ ଅନ୍ୟାନ୍ୟ ଗୀତିକାରମାନଙ୍କ ମଧ୍ୟରୁ ଅନେକେ ଗୋଟିଏ ଦୁଇଟି ଦୋହା ରଚନା କରିଅଛନ୍ତି । ସେମାନେ ହେଲେ-ଆର୍ଯ୍ୟଦେବ, କଙ୍କଣପାଦ, କୁକ୍କୁରୀପାଦ, ଗୁଣ୍ଡରୀପାଦ, ଚାଟିଲପାଦ, କମ୍ବଳାମ୍ବରୀ, ଡୋମ୍ବୀପାଦ, ଢେଣ୍ଢଣପାଦ, ତନ୍ତ୍ରୀପାଦ, ତାଡ଼କପାଦ, ଧାମପାଦ, ଶାନ୍ତିପାଦ, ଭଦ୍ରପାଦ, ମହୀଧରପାଦ ଇତ୍ୟାଦି ।

ଏହାଛଡ଼ା ଆହୁରି ଅନେକ ସିଦ୍ଧାଚାର୍ଯ୍ୟ ପ୍ରାଚୀନ ଓଡ଼ିଶା-ଭୂମିରେ ଅବତୀର୍ଣ୍ଣ ହୋଇ ସେମାନଙ୍କର ଧର୍ମବାଣୀ ଏହି ସମୟରେ ପ୍ରଚାର କରିଥିଲେ । ସେମାନଙ୍କ ମଧ୍ୟରେ ଏହି କେତେକ ହେଲେ ପ୍ରଧାନ ।

## ଇନ୍ଦ୍ରଭୂତି, ପଦ୍ମସମ୍ଭବ ଓ ଲକ୍ଷ୍ମୀଙ୍କରା

କମ୍ବଳପାଦ ଓ ଅନଙ୍ଗବଜ୍ରଙ୍କର ଶିଷ୍ୟ ଇନ୍ଦ୍ରଭୂତି ଓଡ୍ଡୀୟାନର ରାଜା ଥିଲେ । ତାଙ୍କର ଅନ୍ୟୂନ ୨୩ଗୋଟି ଗ୍ରନ୍ଥ ଥିବାର ଜଣାପଡ଼େ । ସାଧନମାଳାରେ ଓଡ୍ଡୀୟାନର ଅଧିଷ୍ଠାତ୍ରୀଦେବୀ କୁରୁକୁଲ୍ଲାଙ୍କର ସେ ଗୋଟିଏ ସାଧନା ରଚନା କରିଥିଲେ ଓ ତାହା ସାଧନମାଳାରେ ଅନ୍ତର୍ଭୁକ୍ତ ହୋଇଅଛି (୧୩) । ତାଙ୍କର ପ୍ରଧାନ ଗ୍ରନ୍ଥ ହେଲା ଜ୍ଞାନସିଦ୍ଧି ସେଥିରେ ବୁଦ୍ଧରୂପୀ ଜଗନ୍ନାଥଙ୍କର ମହିମା ବର୍ଣ୍ଣିତ ହୋଇଅଛି । ୱାଡ଼େଲଙ୍କର ଲାମାଧର୍ମ (Lamaism) ଗ୍ରନ୍ଥରେ ଲେଖାଅଛି ଯେ ଇନ୍ଦ୍ରଭୂତି ଅନ୍ଧ ଥିଲେ ଓ ଶୈଶବରେ ବହୁ କଷ୍ଟ ଲାଭ କରିଥିଲେ । ଦେଶରେ ତାଙ୍କର ବାରମ୍ବାର ଦୁର୍ଭିକ୍ଷ ପଡ଼ୁଥାଏ ଓ ତାଙ୍କର ଏକମାତ୍ର ପୁତ୍ରର ଅକାଳମୃତ୍ୟୁ ଘଟିଲା । ଏପରି ଅବସ୍ଥାରେ ରାଜା ଓ ରାଜ୍ୟର ପ୍ରଜାମାନେ ବ୍ୟାକୁଳ ଭାବରେ ବୁଦ୍ଧଦେବଙ୍କୁ ପ୍ରାର୍ଥନା କଲେ । ଏହାପରେ ବୁଦ୍ଧରୂପୀ ପଦ୍ମସମ୍ଭବଙ୍କର ଆବିର୍ଭାବ ଘଟିଲା । ପଦ୍ମସମ୍ଭବଙ୍କୁ ଇନ୍ଦ୍ର ଭୂତିଙ୍କର ପୁତ୍ର ବୋଲି କୁହାଯାଇଛି । ଏହି

(୧୩) ସାଧନମାଳା, ୨ୟ ଭାଗ ପୃ. ୧୩ ମୁଖବନ୍ଧ

ଚନ୍ଦ୍ରସମ୍ଭବ ଭବ୍ୟତ ଦେଶକୁ ଯାଇ ସେଠାରେ ତନ୍ତ୍ରଯାନ ପ୍ରବୃତ୍ତ କରିଥିଲେ । (ଖ୍ରୀ: ୭୮୦-୯୫) (୧୪) ।

ଇନ୍ଦ୍ରଭୂତିଙ୍କର ଭଉଣୀ ଲକ୍ଷ୍ମୀଙ୍କରା ମଧ୍ୟ ଅନ୍ୟ ଜଣେ ସିଦ୍ଧ-ସାଧିକା ଥିଲେ । ସେ ଲଙ୍କାପୁରର ରାଜା ଜଳେନ୍ଦ୍ରଙ୍କୁ ବିବାହ କରିଥିଲେ । ଏହି ନାମ୍ନୀ ସାଧିକା ୮୪ ସିଦ୍ଧଙ୍କ ମଧ୍ୟରେ ଅନ୍ତର୍ଭୁକ୍ତା । ଇନ୍ଦ୍ରଭୂତି ବଜ୍ରଯାନର ପୃଷ୍ଠପୋଷକ ହେଲେହେଁ ଲକ୍ଷ୍ମୀଙ୍କରା ତାଙ୍କର ମତବାଦକୁ ଉପେକ୍ଷା କରି ସେ ସହଜଯାନର ପ୍ରତିଷ୍ଠାପନା କରିଥିଲେ ।

ପୁରାତତ୍ତ୍ୱବିତ୍‌ମାନେ ମତ ପୋଷଣ କରନ୍ତି ଯେ ସମଗ୍ର ଓଡ଼ିଶା ଏକ ସମୟରେ ଓଡ୍ଡୀୟାନ ରୂପରେ ପରିଚିତ ଥିଲା । ସମ୍ବଲ, ଲଙ୍କାପୁର ଓ ଜାହୋର (କେନ୍ଦୁଝର) ମଧ୍ୟ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଏହିସବୁ ଅଞ୍ଚଳ ସାମନ୍ତ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା ।

ଅନ୍ୟାନ୍ୟ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ଲୀଳାବଜ୍ର ଭଗବତୀ ଲକ୍ଷ୍ମୀଙ୍କରଙ୍କର ଶିଷ୍ୟ ଥିଲେ ଓ ତାରନାଥଙ୍କ ମତରେ ସେ ଓଡ୍ଡୀୟାନର ଆଚାର୍ଯ୍ୟ ଲଳିତବଜ୍ରଙ୍କର ଶିଷ୍ୟ ଥିଲେ । ଆଚାର୍ଯ୍ୟ ପିଟୋପାଦ ଯେ କି ରତ୍ନଗିରି ମହାବିହାରର ଜଣେ ପ୍ରଧାନ ଯୋଗାଚାର୍ଯ୍ୟ ଥିଲେ ସେ ବୌଦ୍ଧଧର୍ମରେ କାଳଚକ୍ରଯାନ ସୃଷ୍ଟି କରିଥିଲେ । ତାଙ୍କର ପ୍ରଧାନ ଶିଷ୍ୟ ଅବଧୂତ, ବୋଧିଶ୍ରୀ, ନରୋପା ଓଡ଼ିଶାର ରତ୍ନଗିରି ମହାବିହାରରେ ଯୋଗଶିକ୍ଷା କରିଥିଲେ ଓ ଯୋଗଶିକ୍ଷା ପ୍ରଦାନ କରିଥିଲେ । ରତ୍ନଗିରି ମହାବିହାର ବ୍ୟତୀତ ଜଗଦଳ ବିହାର ମଧ୍ୟ ଓଡ଼ିଶାର ଅନ୍ୟଏକ ବୌଦ୍ଧପୀଠ ଥିଲା । ସେଠାରେ ଆଚାର୍ଯ୍ୟ ମୋକ୍ଷଙ୍କର ଗୁପ୍ତ, ବିଭୂତିଚନ୍ଦ୍ର, ଦାନଶୀଳ ଓ ଶୁଭଙ୍କର ଦେଇ ବିହାରର ପ୍ରଧାନ ପ୍ରଧାନ ଆଚାର୍ଯ୍ୟ ଥିଲେ । ଅନ୍ୟ ଜଣେ ସାଧକ ଜ୍ଞାନମିତ୍ର ବା ଜଗଦଳ ଓଡ଼ିଶାରେ ରହି ବହୁ ଯୋଗ ତନ୍ତ୍ର ସାଧନ କରିଥିଲେ । ତାରନାଥ ଲେଖିଛନ୍ତି ଯେ ଜ୍ଞାନମିତ୍ର ଦିନେ ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ନିମିତ୍ତ ଯାଇଥାନ୍ତି । ହେଲେ ମନ୍ଦିରର ସେବକମାନେ ତାଙ୍କ ପ୍ରତି ଦୁର୍ବ୍ୟବହାର କଲେ । ଫଳରେ ତାଙ୍କର ଅତ୍ୟଦ୍ଭୁତ ଶକ୍ତିରେ

---

(୧୪) Budhism in Orissa—Dr. N. K, Sahu P. 167.

ଜଗନ୍ନାଥଙ୍କର ହସ୍ତପଦ ନଷ୍ଟ ହୋଇଗଲା ଓ ସୁନ୍ଦର ଶକ୍ତି ଜଗନ୍ନାଥଙ୍କଠାରୁ ଅପସାରିତ ହେଲା ।

ପ୍ରଫେସର ଡକ୍ଟର ନବୀନ କୁମାର ସାହୁ ତାଙ୍କର ସୁପ୍ରସିଦ୍ଧ ସନ୍ଦର୍ଭ ଓଡ଼ିଶାର ବୌଦ୍ଧଧର୍ମ ପୁସ୍ତକରେ ପ୍ରାଚୀନ ଓଡ଼ିଶାରେ ବୌଦ୍ଧ ସଂସ୍କୃତି ପୁସ୍ତକରେ ଦେଖାଇଛନ୍ତି ଯେ, ଅଶୋକଙ୍କ ପୂର୍ବରୁ ଓଡ଼ିଶାରେ ବୌଦ୍ଧଧର୍ମର ଗୌରବମୟ ସଂସ୍କୃତି ବିଦ୍ୟମାନ ଥିଲା । ଅନେକ ପୁରାତତ୍ତ୍ୱବିତ୍ ଏହା ମଧ୍ୟ ପ୍ରମାଣ କରି ବସୁଛନ୍ତି ଯେ ଓଡ଼ିଶାର ପୁରୀ ଜିଲ୍ଲାସ୍ଥ ଭୁବନେଶ୍ୱର ନିକଟବର୍ତ୍ତୀ କପିଳେଶ୍ୱର ଥିଲା ତାଙ୍କର ଜନ୍ମସ୍ଥାନ । କାରଣ କି ନା ସେଠାରୁ ଖରୋଷ୍ଠୀ ଲିପିରେ ଉତ୍କୀର୍ଣ୍ଣ ଏକ ପ୍ରାଚୀନ ସ୍ତମ୍ଭ ଅଭିଲେଖ ମିଳିଛି, ସେଥିରେ ତାଙ୍କର ଜନ୍ମସ୍ଥାନ ସମ୍ବନ୍ଧୀୟ ବିବରଣୀ ରହିଛି (୧୫) ।

ହୀନଯାନ ବୌଦ୍ଧଧର୍ମ ଅପେକ୍ଷା ଓଡ଼ିଶାରେ ମହାଯାନ ବୌଦ୍ଧଧର୍ମ ସମ୍ଭବତ ଅଧିକ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରତିଷ୍ଠିଲାଭ କରିଥିଲା ଓ ଓଡ଼ିଶା ଥିଲା ତାହାର ପ୍ରଧାନ ଲୀଳାଭୂମି । ଏହି ଭୂମିରେ ଅବତୀର୍ଣ୍ଣ ହୋଇଥିଲେ ବୌଦ୍ଧଧର୍ମର ସୁପ୍ରସିଦ୍ଧ ଦାର୍ଶନିକ ନାଗାର୍ଜୁନ ( ଖ୍ରୀ· ୨ୟ ଶତକ ), ଆର୍ଯ୍ୟଦେବ, ଅସଙ୍ଗ ଓ ବସୁବନ୍ଧୁ (ଖ୍ରୀ. ୪ର୍ଥ ଶତକ ), ଦିଙ୍ନାଗ (ଖ୍ରୀ. ୫ମ ଶତକ ) ବସୁମିତ୍ର, ଶିରତ୍ନଦାସ, ସ୍ଥିରମତି, ଧର୍ମପାଳ (ଖ୍ରୀ· ୬ଷ୍ଠ ଶତାବ୍ଦୀ), ଚନ୍ଦ୍ରଗୋମିନ, ଚନ୍ଦ୍ରକୀର୍ତ୍ତି, ଧର୍ମକୀର୍ତ୍ତି ଓ ଶୁଭକର କେଶରୀ ପ୍ରଭୃତି ମହାପୁରୁଷ ଗଣ ଓ ଏମାନେ ହିଁ ପ୍ରାଚୀନ ଓଡ଼ିଶାର ପ୍ରାଚୀନ ସଂସ୍କୃତି ଓ ସାହିତ୍ୟକୁ ଅଧିକ ଭାବରେ ପରିପୁଷ୍ଟ କରିଥିଲେ ।

---

(୧୫) ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ରଙ୍କ ପ୍ରଣୀତ 'ବୁଦ୍ଧଦେବଙ୍କ ଜନ୍ମସ୍ଥାନ' ।

## ଦୋହା ରଚନା ସମୟରେ ଓଡ଼ିଶାରେ ବୌଦ୍ଧଧର୍ମର ଅବସ୍ଥା

ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ବହୁ ପ୍ରାଚୀନ । ବୌଦ୍ଧ-ଧର୍ମଗ୍ରନ୍ଥ ଦୀଘନିକାୟ, ମହାବଂଶ, ଦାଠାଧାତୁବଂଶ, ମହାବସ୍ତୁ ଓ ଜାତକ କଥା ମଧ୍ୟରେ ଅନେକ ସ୍ଥଳରେ କଳିଙ୍ଗ ଦେଶରେ ବୌଦ୍ଧ-ଧର୍ମର ପ୍ରାଚୀନତା ଉଲ୍ଲେଖିବାର ବର୍ଣ୍ଣନା ରହିଛି । ତେବେ ଅଶୋକଙ୍କ କଳିଙ୍ଗ ବିଜୟ ସମୟରୁ ହିଁ କଳିଙ୍ଗରେ ଯଥାର୍ଥ ଭାବରେ ବୌଦ୍ଧଧର୍ମର ପ୍ରସାର ଘଟିଲା । ଜଉଗଡ଼ ଓ ଧଉଳିର ଅନୁଶାସନ ସେ ସବୁର ମୂକ-ସାକ୍ଷୀରୂପେ ଅଦ୍ୟାବଧି ବିଦ୍ୟମାନ । ଏହା ବ୍ୟତୀତ ଲଳିତଗିରି, ଉଦୟଗିରି ପ୍ରଭୃତିରେ ବହୁ ପ୍ରାଚୀନ ବୌଦ୍ଧସ୍ତୂପର ରୂପରେଖ ପରିଦୃଷ୍ଟ ହୁଏ । ଶ୍ରୀକ୍ଷେତ୍ରର ଜଗନ୍ନାଥ ବୌଦ୍ଧଦେବତା ଭାବରେ ପରିକଳ୍ପିତ ଓ ବୁଦ୍ଧଦନ୍ତ କଳିଙ୍ଗରେ ପୂଜିତ ହେଉଥିବାର କଥା ମଧ୍ୟ ଅବିଦିତ ନୁହେଁ । ଖ୍ରୀ. ଅଷ୍ଟମ ଶତାବ୍ଦୀରେ ଅର୍ଥାତ୍ ଭୌମରାଜଙ୍କ ସମୟରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଓଡ଼ିଶାରେ ମହାଯାନ ବୌଦ୍ଧଧର୍ମ ସମ୍ବନ୍ଧରେ ବହୁ ବିସ୍ତୃତ ବିବରଣୀ ଦେଇଯାଇଛନ୍ତି । ଦୋହା ରଚନା ସମୟକୁ ଓଡ଼ିଶାରେ ମହାଯାନ ବୌଦ୍ଧଧର୍ମ ସହିତ ତାହାର ବିଭିନ୍ନ ଶାଖା-ଉପଶାଖା [ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ ପ୍ରଭୃତି ତାନ୍ତ୍ରିକ ବୌଦ୍ଧଧର୍ମର ସ୍ୱରୂପ ଓଡ୍ଡୀୟାନ ପୀଠରେ କେନ୍ଦ୍ରିଭୂ ଧର୍ମ ଭାବରେ ଖ୍ୟାତିଲାଭ କରିଥିଲା ।

## ଓଡ୍‌ଡ଼ୀୟାନ ପୀଠ ଓ ତାନ୍ତ୍ରିକ ବୌଦ୍ଧଧର୍ମ

ମହାଯାନ ବୌଦ୍ଧଧର୍ମର ବିପର୍ଯ୍ୟୟ ପରେ ତାନ୍ତ୍ରିକ ବୌଦ୍ଧଧର୍ମ ଖ୍ରୀ.ନବମ ଶତାବ୍ଦୀଠାରୁ ଖ୍ରୀ.ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ଲୋକ-

ହିନ୍ଦୁ ଧର୍ମ ଥିଲା । ଅଦ୍ୱୟବଜ୍ରସଂଗ୍ରହ ଗ୍ରନ୍ଥରେ ଥିବା ତତ୍ତ୍ୱରତ୍ନାବଳୀରେ ମହାଯାନ ବୌଦ୍ଧଧର୍ମର ଦୁଇଗୋଟି ସ୍ୱରୂପ ଲକ୍ଷିତ ହୋଇଥାଏ, ଯଥା— ପାରମିତାନୟ ଓ ମନ୍ତ୍ରନୟ । ଏହି ମନ୍ତ୍ରନୟ ହିଁ ମନ୍ତ୍ରଯାନ । ମନ୍ତ୍ରଯାନରୁ କ୍ରମେ ଅନ୍ୟାନ୍ୟ ବହୁ ଶାଖା ସୃଷ୍ଟିହେଲା, ତାହା ହେଉଛି ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ । ସହଜଯାନ ଓ ବଜ୍ରଯାନ ଏହି ଦୁଇ ତାନ୍ତ୍ରିକ ବୌଦ୍ଧଧର୍ମ ଘନିଷ୍ଠ ଭାବରେ ସଂପୃକ୍ତ । କାଳଚକ୍ର-ଯାନରେ ଭିନ୍ନ ଭିନ୍ନ ଦେବଦେବୀଙ୍କର ସ୍ୱରୂପ ଓ ତନ୍ତ୍ରମନ୍ତ୍ର ପ୍ରବେଶ ଲାଭ କଲା । ଖ୍ରୀ. ୯୬୫ରେ କାଳଚକ୍ରଯାନ ଓଡ଼ିଶାର ସମ୍ଭଳ ଦେଶରୁ ଉଠିଥିଲା । ତାରାନାଥଙ୍କ ବିବରଣୀରୁ ଜଣାଯାଏ ଯେ, ଓଡ଼ିଶା ତାନ୍ତ୍ରିକ ବୌଦ୍ଧଧର୍ମର ଏକ ପ୍ରଧାନ ପୀଠ ଥିଲା । ତାନ୍ତ୍ରିକ ବୌଦ୍ଧଧର୍ମୀ ଓଡ଼ିଶା ପ୍ରଦେଶ ସେତେବେଳେ ତିବ୍ବତୀୟ ବିଭିନ୍ନ ବୌଦ୍ଧଧର୍ମ ଗ୍ରନ୍ଥରେ 'ଓଡ୍ଡୀୟାନ', 'ଉଗାୟନ' ଓ ଉରଗାୟନ ପ୍ରଭୃତି ବିଭିନ୍ନ ନାମରେ ପରିଚିତ ଥିଲା । ଓଡ୍ଡୀୟାନ ପୀଠ ହିଁ ଓଡ଼ିଶାର ପ୍ରାଚୀନ ତାନ୍ତ୍ରିକ ବୌଦ୍ଧଧର୍ମର ପୀଠ । ଏହି ପୀଠ ଜଗନ୍ନାଥକ୍ଷେତ୍ରଠାରୁ ବିରଜାକ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କାଳିକା ପୁରାଣରେ ଉଲ୍ଲେଖ ଅଛି ଯେ, ବିମଳା ହେଉଛନ୍ତି ଓଡ୍ଡୀୟାନ ପୀଠର ମହାଦେବୀ ଓ ଜଗନ୍ନାଥ ହେଉଛନ୍ତି ଭୈରବ ।

"ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ
କାତ୍ୟାୟନୀ ଚୌଡ୍ଡୀୟାନେ କାମାଖ୍ୟା କାମରୂପିଣୀ
ପୂର୍ଣ୍ଣେଶ୍ୱରୀ ପୂର୍ଣ୍ଣ ଗିରୌ ଚଣ୍ଡୀ ଜାଳନ୍ଧରେ ଗିରୌ" ।
(କା.ପୁ: ୧୮।୫୦)

କୁବ୍ଜିକା ନାମକ ତନ୍ତ୍ରଗ୍ରନ୍ଥରେ ବିରଜା ଓଡ୍ଡୀୟାନର ମହେଶ୍ୱରୀ ଭାବରେ କଥିତା । ଜ୍ଞାନାର୍ଣ୍ଣବ, ବୃହନ୍ନୀଳା, ରୁଦ୍ରଯାମଳ ଓ ପୀଠନିର୍ଣ୍ଣୟ ଗ୍ରନ୍ଥରେ ଓଡ୍ଡୀୟାନ ପୀଠ ତଥା ଓଡ଼ିଶାର ଭିନ୍ନ ଶାକ୍ତ ପୀଠମାନଙ୍କର ବର୍ଣ୍ଣନା ଦୃଷ୍ଟିଗୋଚର ହୋଇଥାଏ । ଓଡ୍ଡୀୟାନ ପୀଠରୁ ଖ୍ରୀ. ୭୭୭ରେ ପଦ୍ମସମ୍ଭବ ତିବ୍ବତକୁ ଯାଇଥିଲେ ଓ ସେଠାରେ ତନ୍ତ୍ର ଓ ଇନ୍ଦ୍ରଜାଲ ବିଦ୍ୟା ପ୍ରଚାର କରିଥିଲେ । ଇନ୍ଦ୍ରଭୂତି ଗୁହ୍ୟତନ୍ତ୍ରର ସ୍ରଷ୍ଟା ଭାବରେ

ପରିଚିତ । ସେ ସୂଚୀ ମଧ୍ୟସ୍ଥ ଓଡ୍ଡ୍ରୀୟାନ ଦିଗସ୍ଥ ଭାବରେ କଥିତ * ।

---

* (୧) ଏଲ୍. ଏ. ୱାଡେଲ୍ ଉଡ୍ଡୀୟାନକୁ ସ୍ୱାଟ ଉପତ୍ୟକାର ଉଦ୍ୟାନ ସହିତ, ଏମ୍. ସିଲ୍‌ଭେନ ଲେଭି କାଶ୍ମୀରର ସହିତ ଓ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ଓଡ଼ିଶା ବୋଲି କହୁଅଛନ୍ତି । ଭଟ୍ଟାଚାର୍ଯ୍ୟ ମହାଶୟ ଶାସ୍ତ୍ରୀଙ୍କ ମତ ସ୍ୱୀକାର କରି କହନ୍ତି ଯେ, ଏହି ଉଡ୍ଡୀୟାନରେ ତାନ୍ତ୍ରିକତା ପ୍ରଥମେ ଧ୍ୱନିତ ହେଲା, ପରେ ତାହା କାମାଖ୍ୟା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ବଙ୍ଗୀୟ ପୀଠକୁ ବ୍ୟାପ୍ତ ହୋଇଥିଲା ।
—Sadhanamala Vol, II-Bhattacharya
P—XXXVII ଓ XXXIX

ଡା. ଭଟ୍ଟାଚାର୍ଯ୍ୟ ଉଡ୍ଡୀୟାନକୁ ଓଡ଼ିଶା ବୋଲି ଚିହ୍ନଟ କଲା ପରେ ତାହା ବଙ୍ଗଳାର ଅଂଶ ବୋଲି କହିବା ଅବାନ୍ତର । ଡା. ଭଟ୍ଟାଚାର୍ଯ୍ୟଙ୍କର ଏହି ଉକ୍ତି ଯୁକ୍ତିଯୁକ୍ତ ନୁହେଁ ।

"The next author of importance is Indrabhuti (717 A. D.), the king of Uddiyana, which is generally identified with Orissa but which may also conceivably be apart of Bengal."

(୨) B. C. Law ଙ୍କର 'Budhistic Studies' ଗ୍ରନ୍ଥରେ ଉଡ୍ଡୀୟାନ ବିଷୟରେ ଲେଖିଛନ୍ତି—

The author of the Buddhist inconography suggests that Uddiyana is the Same as Odra. Uddiyana and Odra, beyond doubt, are identical places. According to Kalika Purana, the presiding deity of Uddiyana is Katyaine, as would be apparent from the following slokas.

ଦେବୀକୂଟେ ମହାଦେବୀ ମହାଭାଗେତି ଗୀୟତେ
ସଙ୍ଗାଦ୍ଧ ସୂତେ ଲବ୍ଧା ଯୋଗନିଦ୍ରା ଜଗତ ପ୍ରଭୁଃ
କାତ୍ୟାୟନୀ ଚ ଉଡ୍ଡ୍ରୀୟାନେ କାମାଖ୍ୟା କାମରୂପିଣୀ
ପୂର୍ଣ୍ଣେଶ୍ୱରୀ ପୂର୍ଣ୍ଣ ଗିରୌ ଚଣ୍ଡୀ ଜାଳନ୍ଧରେ ଗିରୌ ।

(ଅ. ୧୮. ଶ୍ଳୋ ୪୯।୫୦)

## ଓଡ୍‌ଡ଼ୀୟାନ ଓ ଅନ୍ୟାନ୍ୟ ତାନ୍ତ୍ରିକପୀଠ

ବଜ୍ରଯାନ ଗ୍ରନ୍ଥ ସାଧନମାଳା ଅନୁସାରେ ଭାରତରେ ଚାରିଗୋଟି ତାନ୍ତ୍ରିକ ପୀଠ ଥିଲା, ଯଥା—ଉଡ୍‌ଡ଼ୀୟାନ, ଶ୍ରୀହଟ୍ଟ (ସିଲହଟ), ପୂର୍ଣ୍ଣଗିରି ଓ ଜାଳନ୍ଧର । କିନ୍ତୁ କାଳିକା ପୁରାଣରେ ପାଞ୍ଚୋଟି ତାନ୍ତ୍ରିକପୀଠର ବର୍ଣ୍ଣନା ରହିଛି । ତାହା ହେଉଛି ଓଡ୍‌ଡ଼ୀୟାନ, ଦେବୀକୂଟ, କାମରୂପ, ଜାଳନ୍ଧର ଓ ପୂର୍ଣ୍ଣଗିରି * । ଷୋଡ଼ଶ ଶତାବ୍ଦୀର ଓଡ଼ିଶାର ବୈଷ୍ଣବ ସାହିତ୍ୟରେ ଜାଳନ୍ଧର, କାମରୂପ, କାଞ୍ଚିମଣ୍ଡଳ ବା କାଞ୍ଚିପୀଠ ଓ ଶ୍ରୀହଟ୍ଟ ପ୍ରଭୃତି ପୀଠର ବହୁଳ ବର୍ଣ୍ଣନା ପରିଦୃଷ୍ଟ ହୁଏ ।

## ଓଡ୍‌ଡ଼ୀୟାନ ପୀଠର ବିଭିନ୍ନ ସିଦ୍ଧାଚାର୍ଯ୍ୟ

ଓଡ଼ିଶା, ବଙ୍ଗଳା, ଆସାମ ଓ ବିହାର ଏହି ଅଞ୍ଚଳରେ ଯେତେବେଳେ ଏକ ସମୟରେ ତାନ୍ତ୍ରିକ ବୌଦ୍ଧଧର୍ମ ଲୋକପ୍ରିୟ ଧର୍ମ ଭାବରେ ପ୍ରତିଷ୍ଠାଲାଭ କଲା, ସେତେବେଳେ ଏହି ସବୁ ପ୍ରଦେଶରୁ ବହୁ ସିଦ୍ଧ-ସାଧକଙ୍କର ଆବିର୍ଭାବ ଘଟିଥିଲା । ଓଡ୍‌ଡ଼ୀୟାନ ପୀଠ ଏକ ପ୍ରଧାନ ତାନ୍ତ୍ରିକପୀଠ ହୋଇଥିବାରୁ ସେଠାରେ ବହୁ ସିଦ୍ଧ-ସାଧକଙ୍କର ଆବିର୍ଭାବ ଘଟିଥିଲା ଓ ଅନ୍ୟ ଅଞ୍ଚଳରୁ ମଧ୍ୟ ବହୁ ତାନ୍ତ୍ରିକ

---

* "ଓଡ୍ରାଖ୍ୟଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜାଲଶୈଲକମ୍
ତୃତୀୟଂ ପୂର୍ଣ୍ଣ ପୀଠନ୍ତୁ କାମରୂପଂ ଚତୁର୍ଥକମ୍
ଓଡ୍ର ପୀଠଂ ପଶ୍ଚିମେତୁ ତଥୈବୋଡ୍ରେଶ୍ୱରୀଂ ଶିବାମ୍
କାତ୍ୟାୟିନୀଂ ଜଗନ୍ନାଥ ମୋଡ୍ରେଶଞ୍ଚ ପ୍ରପୂଜୟେତ୍ ।"

(ଅ. ୬୪, ଶ୍ଳୋ ୪୩।୪୪)

"ବାରଣାସ୍ୟାଂ ସଦାପୂଜ୍ୟା ସଂ ଶ୍ରୀ ଫଳଦାୟିନୀ
ତସ୍ମାଦ ଦ୍ୱିଗୁଣା ପ୍ରୋକ୍ତା ପୁରୁଷୋତ୍ତମ ସନ୍ନିଧୌ ।"

(ଅ. ୫୮, ଶ୍ଳୋକ ୩୪)

From what has been said above, it becomes clear that Kamarupa, Purnagiri and Odra were sacred places both with the Hindu Saktes and the Vajarayana Buddhists—Buddhist Studies-Law, Page 668.

ଆଚାର୍ଯ୍ୟ ଓଡ଼ିଶାକୁ ଆସୁଥିଲେ । ଲାମା ତାରାନାଥଙ୍କର ବୌଦ୍ଧଧର୍ମ ସମ୍ବନ୍ଧୀୟ ଲିଖିତ ବିବରଣୀ ମଧ୍ୟରେ ବହୁ ଉପାଦାନ ମିଳୁଅଛି । ମହାଚାର୍ଯ୍ୟ ପଦ୍ମବଜ୍ର ବା ସରୋଜ, ଲୁଇପା, ଶବରୀପା, ବିରୂପ-ପାଦ, ରାଜା ଇନ୍ଦ୍ରଭୂତି, ଅନଙ୍ଗବଜ୍ର, ଇନ୍ଦ୍ରଭୂତିଙ୍କର କନ୍ୟା ଲକ୍ଷ୍ମୀଙ୍କରା, କମ୍ବଳପାଦ, ଜାଳନ୍ଧରିପାଦ, କାହ୍ନୁପାଦ, ଅସିତଦ୍ରୁ, ବୁଦ୍ଧ ଶ୍ରୀଜ୍ଞାନ, ଲୀଳାବଜ୍ର, ଆଚାର୍ଯ୍ୟ ଅଭୟାକର ଗୁପ୍ତ, ଭେଳକର୍ମ ନଡାଶ୍ରୀ, ଶାନ୍ତିଗୁପ୍ତ, ପ୍ରଧାନ ତାନ୍ତ୍ରିକଧର୍ମ ପ୍ରଚାରକ ପଦ୍ମସମ୍ଭବ ( ଖ୍ରୀ. ୭୪୭ ), ପ୍ରାଜ୍ଞି, ନାରୋପା ଓ ବୋଧିଶ୍ରୀ ପ୍ରଭୃତି ବହୁ ଆଚାର୍ଯ୍ୟଙ୍କର ଜନ୍ମଭୂମି ଏହି ଓଡ଼ିଶା ଥିଲା । ଏହି ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକଙ୍କର ସମୟ ନିରୂପଣ ଡକ୍ଟର ବାଗ୍‌ଚୀ, ରାହୁଲ ସାଂକୃତ୍ୟାୟନ, ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ †, ହରପ୍ରସାଦ ଶାସ୍ତ୍ରୀ, ଡକ୍ଟର ମୋହନ ସିଂ ଓ ଡକ୍ଟର ଶହିଦୁଲ୍ଲା ପ୍ରଭୃତି ଆଲୋଚକମାନେ କରିଅଛନ୍ତି । ତେବେ ଅଧିକାଂଶ ଆଲୋଚକଙ୍କ ମତରେ ଦୋହା ସମୂହ ଖ୍ରୀ. ୯୫୦-ଖ୍ରୀ. ୧୨୦୦ ମଧ୍ୟରେ ରଚିତ ହୋଇଥିଲା । ପଣ୍ଡିତ ରାହୁଲ ସାଂକୃତ୍ୟାୟନ ଏହି ସିଦ୍ଧମାନଙ୍କର ସମୟ ନିରୂପଣ କରିବାକୁ ଯାଇ ଲେଖିଛନ୍ତି ଯେ, ଖ୍ରୀ. ଅଷ୍ଟମ ଶତକରେ ସରହପା, ସବରପା, ଭୁସୁକୁପା; ଖ୍ରୀ. ନବମ ଶତକରେ ଲୁଇପା, ବିରୂପା, ଡୋମ୍ବୀପା, ଦାରିକପା, ଗୁଣ୍ଡରୀପା, ଟେଣ୍ଟଣପା, କୁକୁରୀପା, ଧାମପା, କାହ୍ନୁପା; ଖ୍ରୀ. ଦଶମ ଶତକରେ ତିଲୋପା, ଶାନ୍ତିପା ପ୍ରଭୃତି ସିଦ୍ଧାଚାର୍ଯ୍ୟମାନଙ୍କର ଆବିର୍ଭାବ ହୋଇଥିଲା । ଡକ୍ଟର ହଜାରୀପ୍ରସାଦ ଦ୍ୱିବେଦୀ ମଧ୍ୟ

---

† ପଦ୍ମବଜ୍ର—ଖ୍ରୀ. ୬୯୩ | ସରହ—ଖ୍ରୀ. ୬୩୩
ଅନଙ୍ଗବଜ୍ର—ଖ୍ରୀ. ୭୦୫ | ନାଗାର୍ଜ୍ଜୁନ—ଖ୍ରୀ. ୬୪୫
ଇନ୍ଦ୍ରଭୂତି—ଖ୍ରୀ. ୭୧୭ | ଶବରପା—ଖ୍ରୀ. ୬୫୭
ଲକ୍ଷ୍ମୀଙ୍କରା—ଖ୍ରୀ. ୭୨୯ | ଲୁଇପା—ଖ୍ରୀ. ୬୬୯
ଲୀଳାବଜ୍ର—ଖ୍ରୀ. ୭୪୧ | କୁମ୍ଭାଚାର୍ଯ୍ୟ—ଖ୍ରୀ. ୬୮୧
ସହଜଯୋଗିନୀଚିନ୍ତା—ଖ୍ରୀ. ୭୬୫ | ଜାଳନ୍ଧରିପା—ଖ୍ରୀ. ୭୦୫
ଡୋମ୍ବୀ ହେରୁକ—ଖ୍ରୀ. ୭୭୭ | କୁକୁରୀପା—ଖ୍ରୀ. ୬୯୩

Introduction to Sadhanamala—Vol II.
P. XIii & XIiii—B. Bhattacharya.

ବୌଦ୍ଧଗାନ ଓ ଦୋହା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ କହି-ଅଛନ୍ତି ଯେ ବଙ୍ଗଳା, ମରାଠୀ, ମୈଥିଳୀ, ଭୋଜପୁରୀ, ଓଡ଼ିଆ ପ୍ରଭୃତି ଭାଷାର ପୂର୍ବରୂପ ଭାବରେ ବୌଦ୍ଧଗାନ ଦୋହାକୁ ବହୁତ ଆଲୋଚକ ଗ୍ରହଣ କରିବାକୁ ଚେଷ୍ଟିତ । ସେ ପୁଣି କହିଅଛନ୍ତି ଯେ, 'ଦୋହା' ରଚନାର ପ୍ରଥା ବଙ୍ଗଳା ସାହିତ୍ୟରେ ନାହିଁ ବା ବଙ୍ଗଳାଭାଷାର ପ୍ରକୃତି ଦୋହାର ଅନୁକୂଳ ନୁହେଁ (୧) । ଅନ୍ୟ ପକ୍ଷରେ ଡକ୍ଟର ସୁନୀତିକୁମାର ଚାଟାର୍ଜି କହନ୍ତି ଯେ, ବୌଦ୍ଧଗାନ ଓ ଦୋହାରେ କ୍ୱଚିତ୍ ଭାବରେ ମୈଥିଳୀ, ଓଡ଼ିଆ ଭାଷାର ପ୍ରକାଶ ଓ ଶୌରସେନୀ ଅପଭ୍ରଂଶର ପ୍ରଭାବ ପରିଲକ୍ଷିତ ହେଉଥିଲେ ମଧ୍ୟ ତାହାର ଭାଷା ମୁଖ୍ୟତଃ ବଙ୍ଗଳା ଭାଷା (୨) । ପୂର୍ବୋକ୍ତ ସିଦ୍ଧାଚାର୍ଯ୍ୟମାନେ ଯେ କେବଳ ଗୋଟିଏ ଅଞ୍ଚଳରେ ଥିଲେ, ତାହା କହିବା ଭୁଲ ହେବ । ତେବେ ବହୁ ସିଦ୍ଧାଚାର୍ଯ୍ୟ ଉଡ୍ଡୀୟାନ ଅନ୍ତର୍ଗତ ଆଚାର୍ଯ୍ୟ ଥିଲେ । 'ଉଡ୍ଡୀୟାନ' ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ଆଲୋଚକ କହିଛନ୍ତି ଯେ, ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରଥମ କରି ଉଡ୍ଡୀୟାନରେ ଉଦ୍ଭବ ହେଲା ଓ ଲୁଇପାଦ, ଅନଙ୍ଗବଜ୍ର, ଧାରିକ, ତୈଲିକପାଦ, ସରହ (ଶବରୀ), ଅବଧୂତପାଦ, ନାଗବୋଧି, ଜ୍ଞାନବଜ୍ର, ବୁଦ୍ଧଜ୍ଞାନପାଦ, ଅମୋଘନାଥ ଓ ଧର୍ମଶ୍ରୀ ମିତ୍ର ପ୍ରଭୃତି ବହୁ ସିଦ୍ଧସାଧକ ଉଡ୍ଡୀୟାନବାସୀ ଥିଲେ (୩) ।

## ଉଡ୍ଡୀୟାନ ଓ ଜଗନ୍ନାଥ

ଚଉରାଶୀ ମହାସିଦ୍ଧଙ୍କ ମଧ୍ୟରୁ ଇନ୍ଦ୍ରଭୂତି ଜଣେ ପ୍ରଧାନ ସିଦ୍ଧ । ଗାଏକଓ୍ୱାର୍ଡ଼ ଓରିଏଣ୍ଟାଲ୍ ସିରିଜ୍ 'ଦୁଇଖଣ୍ଡି ବଜ୍ରଯାନଗ୍ରନ୍ଥ' ପ୍ରକାଶ କରିଅଛନ୍ତି । ଏଥିରେ ଇନ୍ଦ୍ରଭୂତିଙ୍କର 'ଜ୍ଞାନସିଦ୍ଧିଃ' ଓ ଅନଙ୍ଗବଜ୍ରଙ୍କର 'ପ୍ରଜ୍ଞୋପାୟ ବିନିଶ୍ଚୟ ସିଦ୍ଧି' ନାମକ ଦୁଇଖଣ୍ଡି ଗ୍ରନ୍ଥ ସନ୍ନିବେଶିତ

---

(୧) ହିନ୍ଦୀ ସାହିତ୍ୟ କା ଇତିହାସ—ପୃ. ୭ ।

(୨) The Origin and Development of Bengali Language. Vol. I, P. 112

(୩) Uddiyan and Sahore, I. H. Q. P. 142 by N. N. Dasgupta.

ହୋଇଛନ୍ତି (୭)। ତନ୍ତ୍ରରେ 'ଜଗନ୍ନାଥ' ବୁଦ୍ଧ ଭାବରେ, ଜିନ ଭାବରେ, କଳ୍କିଙ୍କ ଅବତାର ଭାବରେ ଅଧିକାଂଶ ସ୍ଥଳରେ କଥିତ। ଓଡ଼ିଆ ସାହିତ୍ୟରେ ଏହାର ପରମ୍ପରା ଯଥାର୍ଥ ଭାବରେ ସୁରକ୍ଷିତ। ଓଡ଼ିଶାର ଲୋକମୁଖରେ, ଓଡ଼ିଆ ସନ୍ଥ ସାହିତ୍ୟରେ ଜଗନ୍ନାଥ ବୌଦ୍ଧଦେବତା ଭାବରେ କଥିତ (୮)। ଏହାର ଉଦାହରଣ ଏତେ ବେଶି ଯେ, ତାହା ଆଲୋଚନାର କ୍ଷୁଦ୍ର ପରିସର ମଧ୍ୟରେ ଦେବା କଠିନ। ଜଗନ୍ନାଥଧାମ ବସ୍ତୁ ଉପାସନାର କ୍ଷେତ୍ର ହେଲେ ମଧ୍ୟ ବହୁ ପ୍ରାଚୀନକାଳରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବୌଦ୍ଧଧର୍ମର ତ୍ରିରତ୍ନ ସଙ୍କେତ ଦେଇଅଛନ୍ତି। ଜଗନ୍ନାଥ ଓ ବିମଳାଙ୍କର ଉପାସନାରେ ତାନ୍ତ୍ରିକତା ପୂର୍ଣ୍ଣ ରହିଛି। ଇନ୍ଦ୍ରଭୂତି ପ୍ରଥମେ ଗ୍ରନ୍ଥରଚନା କରିବାବେଳେ ଗ୍ରନ୍ଥର ପ୍ରାରମ୍ଭରେ ଜଗନ୍ନାଥଙ୍କୁ ଏହିପରି ଭାବରେ ସ୍ତୁତି କରିଅଛନ୍ତି।

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତମ୍
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍"

---

(୭) ଇନ୍ଦ୍ରଭୂତ ବିରଚିତ ଜ୍ଞାନସିଦ୍ଧି—ଅ. ୧।୧, ୧।୨୭, ୬।୨୮, ୩।୮।
ପ୍ରଜ୍ଞୋପାୟ ବିନିଶ୍ଚୟ ସିଦ୍ଧି—ଅ. ୬।୨୭

(୮) "କଳିଯୁଗ ବୁଦ୍ଧଲୀଳ ବଡେଣ ବସ୍ତ୍ର ବାହୁ ପରଜନ୍ତେ
ବଉଦ୍ଧ ରୂପେ ପ୍ରକାଶିବେ ନୀଳସୁନ୍ଦର ପର୍ବତେ"—
ସାରଳା ମହାଭାରତ, ବନପର୍ବ ପାଣ୍ଡୁଲିପି—ପୃ. ୩୫୫

"କଳିଯୁଗେ ବଉଦ୍ଧ ଦେହେ ପ୍ରଭୁ
ନିଶ୍ଚେ ହୋଇବ ନୀଳସୁନ୍ଦର ଗିରି ଯେ ଉତ୍ତମା"—
ସାରଳା ମହାଭାରତ, ବନପର୍ବ ପାଣ୍ଡୁଲିପି—ପୃ. ୩୫୨-୫୨
"ବଉଦ୍ଧରୂପେ ବସେ ଶ୍ରୀ ନୀଳକନ୍ଦରେ
ଶୂନ୍ୟ ମୂର୍ତ୍ତି ତେଣୁଥାରୂପ ଧରିଲୁ ଦାମୋଦରେ"—
ସାରଳା ମହାଭାରତ, ମଧ୍ୟପର୍ବ, ପୃ. ୨୨୦
"ବୋଇଲେ ଅଚ୍ୟୁତ ଶୁଣ ଅମ୍ଭ ବାଣୀ
କଳିଯୁଗେ ବୌଦ୍ଧରୂପେ ପ୍ରକାଶିଲୁ ପୁଣି"
ଶୂନ୍ୟସଂହିତା—ଅ. ୧୦—ପୃ. ୧୯

## ‘ଓଡ୍‌ଡ଼ୀୟାନ’ର ସ୍ଥାନ ନିରୂପଣ

ଯେଉଁମାନେ ଉଡ୍‌ଡ଼ୀୟାନକୁ ସ୍ୱାଟ୍ ଉପତ୍ୟକାର ଉଦ୍ୟାନ ସହିତ ସମାନ କରନ୍ତି, ତାହା ତେତେଦୂର ଯୁକ୍ତିଯୁକ୍ତ ନୁହେଁ । କାରଣ—

(କ) ଓଡ଼ିଆ, ବଙ୍ଗଳା, ମୈଥିଳୀ ଓ ଆସାମୀ ପ୍ରଭୃତି ଭାଷାର ମୌଳିକ ସ୍ୱରୂପ ବୌଦ୍ଧଗାନ ଓ ଦୋହାରେ ମିଳିଥାଏ । ଏହି ଦୋହା ଗୁଡ଼ିକର କର୍ତ୍ତା ହେଉଛନ୍ତି ଉଡ୍‌ଡ଼ୀୟାନ ପୀଠ ଅନ୍ତର୍ଗତ ସିଦ୍ଧ, ଯଥା ଲୁଇପାଦ, କାହ୍ନୁପାଦ, ସରହପାଦ ଓ ଶବରୀପାଦ ପ୍ରଭୃତି । ଡଃ. ନବୀନ କୁମାର ସାହୁ ତାଙ୍କର ଓଡ଼ିଶାରେ ବୌଦ୍ଧଧର୍ମ ସନ୍ଦର୍ଭରେ ଏହି ତଥ୍ୟକୁ ଲକ୍ଷ୍ୟକରି କହିଛନ୍ତି ଯେ, ଯଦି ଉଡ୍‌ଡ଼ୀୟାନ ଉତ୍ତର-ପଶ୍ଚିମ ଭାରତର ସ୍ୱାଟ୍ ଉପତ୍ୟକାରେ ଅବସ୍ଥିତ, ତେବେ ଏହି ସିଦ୍ଧାଚାର୍ଯ୍ୟମାନେ କାହିଁକି ଉତ୍ତର-ପଶ୍ଚିମ ଭାରତର ତତ୍କାଳୀନ ପ୍ରଚଳିତ ଭାଷାରେ ଦୋହା ନ ଲେଖି ଭାରତର ପୂର୍ବାଞ୍ଚଳୀୟ ଭାଷାରେ ସେମାନଙ୍କର ଗୀତିକା ରଚନା କଲେ । ତେଣୁ ଉଡ୍‌ଡ଼ୀୟାନ ଭାରତର ପୂର୍ବାଞ୍ଚଳରେ ଅବସ୍ଥିତ ।

(ଖ) ସାଧନମାଳା ଓ ଅନ୍ୟାନ୍ୟ ତାନ୍ତ୍ରିକ ଗ୍ରନ୍ଥରେ ଲୋକେଶ୍ୱର, କୁରୁକୁଲ୍ଲା, ଊର୍ଦ୍ଧ୍ୱପାଦ ବଜ୍ରବାରାହୀ, ମାରୀଚୀ ଓ ଶାକ୍ତ ଗ୍ରନ୍ଥରେ କମଳା, ଜଗନ୍ନାଥ ପ୍ରଭୃତି ପୂଜିତ ହେଉଥିବାର ବର୍ଣ୍ଣିତ ଅଛି । କିନ୍ତୁ ସ୍ୱାଟ୍ ଉପତ୍ୟକାରୁ ଏହିସବୁ ଦେବଦେବୀଙ୍କର ମୂର୍ତ୍ତିର ସନ୍ଧାନ ମିଳେ ନାହିଁ; କିନ୍ତୁ ଅପର ପକ୍ଷରେ ଓଡ଼ିଶାରେ ବୌଦ୍ଧଧର୍ମ ଓ ତାନ୍ତ୍ରିକ ବୌଦ୍ଧଧର୍ମର ଅସଂଖ୍ୟ ମୂର୍ତ୍ତି ଯଥା—ତାରା, ଲୋକେଶ୍ୱର, ବଜ୍ରବାରାହୀ, କୁରୁକୁଲ୍ଲା, ମାରୀଚୀ, ଚାମୁଣ୍ଡା ଓ ଅନ୍ୟାନ୍ୟ ବହୁ ଦେବଦେବୀଙ୍କର ମୂର୍ତ୍ତି ଲଳିତଗିରି, ରତ୍ନଗିରି, ଚଉଦ୍ୱାର, କଟକ, ପୁରୀ ଓ ଓଡ଼ିଶାର ବହୁ ସ୍ଥାନରୁ ମିଳିଥାଏ । ବାଲେଶ୍ୱର ଜିଲ୍ଲାର ନୀଳଗିରିର ଅଯୋଧ୍ୟାରୁ ଏହି ବିବରଣୀ ମିଳିଅଛି ଓ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ନତାତ୍ତ୍ୱିକ ବିବରଣୀରେ ଏହା ପ୍ରଦତ୍ତ ହୋଇଅଛି (୧) । କଟକ ଜିଲ୍ଲାର କୁରୁକୁଲ (କୋରକରା) ଗ୍ରାମରୁ ଦୁଇଟି କୁରୁକୁଲ୍ଲା ମୂର୍ତ୍ତି ମିଳିଥିବାର ବିବରଣୀ ଡକ୍ଟର ନବୀନ

(୧) Archaeological Survey of Mayurbhanja, P. LXXXIX

କୁମାର ସାକ୍ଷ୍ୟ ପ୍ରଦାନ କରି ଓଡ୍‌ଡ଼ୀୟାନ କୁହୁକୁଳାର ସତ୍ୟତା ଓ ଯାଥାର୍ଥ୍ୟ ପ୍ରତିପାଦନ କରିଅଛନ୍ତି (୧) ।

(ଗ) ପ୍ରାଚୀନ ଓଡ଼ିଆ ସାହିତ୍ୟ, ଯଥା— ସାରଳା ମହାଭାରତ, ପଞ୍ଚସଖା ସାହିତ୍ୟରେ ତନ୍ତ୍ର ପୀଠ ପ୍ରସଙ୍ଗରେ 'ଓଡ୍‌ଡ଼ୀୟାନ' 'ଓଡ଼ିସ୍ଥାଣ' ପୀଠର ବହୁଳ ବର୍ଣ୍ଣନା ମିଳେ । ଏପରିକି କେତେକ ଦକ୍ଷିଣ ଭାରତୀୟ ଶିଳାଲେଖରେ (ଖ୍ରୀ. ୧୫ଶ ଶତାବ୍ଦୀ) ଲିପିବଦ୍ଧ ଯେ ଓଡ୍‌ଡ଼ୀୟାନ ବା ଓଡ଼ିଶା ଦାକ୍ଷିଣାତ୍ୟ ଅନ୍ତର୍ଭୁକ୍ତ । ଓଡ଼ିଆ ଭାଷାତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ, 'ଓଡ୍‌ଡ଼ୀୟାନ୍' ଶବ୍ଦର ମୌଳିକ ଶବ୍ଦ ହେଉଛି 'ଓଡ୍ର' ବା 'ଉଡ୍ର', ଯହିଁରୁ 'ଓଡ଼' ବା 'ଉଡ଼' ଅପଭ୍ରଂଶ ହୋଇଅଛି । ଓଡ଼ିୟା, ଓଡ଼ିଆ, ଓଡ଼ିଶା, ଓଡ଼, ଉଡ଼, ଓଡ଼ିଆଣୀ ପ୍ରଭୃତି ଶବ୍ଦ ଆମ୍ଭେମାନେ ପ୍ରତ୍ୟହ ବ୍ୟବହାର କରୁଛୁଁ । ଅତଏବ, 'ଓଡ୍ରଯାନ' ଶବ୍ଦରୁ 'ଓଡ୍‌ଡ଼ୀୟାନ' ଶବ୍ଦ ହୋଇଅଛି । ଓଡ୍ରଯାନ ଓଡ଼ିଶା ଦେଶର ତାନ୍ତ୍ରିକ ପଦ୍ଧତିକୁ ବୁଝାଇଥାଏ (୨) ।

(ଘ) ଓଡ୍‌ଡ଼ୀୟାନ ପୀଠର ଘନିଷ୍ଠ ସମ୍ବନ୍ଧ କାମାକ୍ଷା, ଶ୍ରୀହଟ୍ଟ ପୀଠ ସହିତ ରହିଥିବାର ପ୍ରମାଣ ଆମ୍ଭେମାନେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସାରଳା ମହାଭାରତ, ପଞ୍ଚସଖା ସାହିତ୍ୟ, ଓଡ଼ିଆ ଲୋକକଥା ଓ ଓଡ଼ିଆ ତାନ୍ତ୍ରିକ ସାହିତ୍ୟ ପ୍ରଭୃତିରୁ ପ୍ରମାଣ ପାଇଥାଉଁ । ଏକାକି ସାରଳା ମହାଭାରତରେ କାମାଖ୍ୟାଦେବୀ, କାମାକ୍ଷୀଦ୍ୱୀପ ଓ ତନ୍ତ୍ର ମନ୍ତ୍ର, ଯନ୍ତ୍ର ପ୍ରଭୃତିରେ ଶ୍ରୀହଟ୍ଟ ଓ କାମାଖ୍ୟାପୀଠର ବର୍ଣ୍ଣନା ଓଡ୍‌ଡ଼ୀୟାନ ଓ କାମାକ୍ଷାପୀଠର ଘନିଷ୍ଠ ସମ୍ପର୍କ ସୂଚିତ କରାଇଥାଏ ।

(ଙ) କାଳିକା ପୁରାଣରେ ଉଲ୍ଲେଖ ରହିଛି ଯେ, ଓଡ୍‌ଡ଼ୀୟାନ ପୀଠର ଦେବତା ହେଉଛନ୍ତି ଜଗନ୍ନାଥ ଓ ଶକ୍ତି ହେଉଛନ୍ତି ବିମଳା । ତେଣୁ ନିଃସନ୍ଦେହରେ ବୌଦ୍ଧତାନ୍ତ୍ରିକ ପୀଠ ଓଡ୍‌ଡ଼ୀୟାନକୁ ଆମେ ଓଡ଼ିଶା ବୋଲି କହିପାରୁଁ ।

---

(୧) Budhism in Orissa—Dr. N. K. Sahu, P. 152.

(୨) Ibid-P. 154.
ଓଡ଼ିଆ ସାହିତ୍ୟରେ 'ଓଡ୍‌ଡ଼ୀୟାନ' ଶବ୍ଦର ବ୍ୟବହାର ନିମିତ୍ତ ଲେଖକଙ୍କର 'ଓଡ଼ିଶାରେ ବୌଦ୍ଧଧର୍ମ' ପୁସ୍ତକ ଦ୍ରଷ୍ଟବ୍ୟ ।

## (୬) ବୌଦ୍ଧଗାନ ଓ ଦୋହାର ଭାଷା

ବୌଦ୍ଧଗାନ ଓ ଦୋହାର ଭାଷାରେ ଆଧୁନିକ ଓଡ଼ିଆଭାଷାର ଶବ୍ଦସମ୍ଭାର ଏପରି ପୂର୍ଣ୍ଣ ହୋଇ ରହିଛି ଯେ, ତାହା ପାଠ କଲେ ବିସ୍ମିତ ହେବାକୁ ପଡ଼େ । ଡକ୍ଟର ସୁନୀତିକୁମାର ଚାଟାର୍ଜୀ କହିଛନ୍ତି ଯେ, ବୌଦ୍ଧଗାନ ଓ ଦୋହାର ଭାଷାରେ ମୈଥିଳୀ, ଓଡ଼ିଆ ଭାଷାର ସଙ୍କେତ ମିଳେ ଓ ତହିଁରେ ଶୌରସେନୀ ଅପଭ୍ରଂଶର ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ । ସାର୍ ଜର୍ଜ ଗ୍ରୀୟାରସନ୍ ସାହେବ ମଧ୍ୟ ଲିଙ୍ଗୁଇଷ୍ଟିକ୍ ସର୍ଭେ ଗ୍ରନ୍ଥର ଦ୍ୱିତୀୟ ଭାଗରେ କହିଅଛନ୍ତି ଯେ, ଶାସ୍ତ୍ରୀ ମହାଶୟଙ୍କ ଦ୍ୱାରା ନେପାଳରୁ ମିଳିଥିବା ବୌଦ୍ଧଗାନ ଓ ଦୋହାର ପାଣ୍ଡୁଲିପି ଅନୁଧ୍ୟାନରେ ଜଣାପଡ଼େ, ତହିଁର କ, ଗ, ଙ୍, ଟ, ଠ, ଣ, ଧ ଏବଂ ପ ଆଜିକାଲିର ଓଡ଼ିଆଅକ୍ଷର ପରି ଅଟେ । ଏହାଛଡ଼ା ତହିଁରେ ଥିବା ମ, ଜ, ତ ଏବଂ ର ଅକ୍ଷର ରାଜା ପୁରୁଷୋତ୍ତମଦେବଙ୍କ ( ଖ୍ରୀ. ୧୫ଶ ଶତାବ୍ଦୀ ) ତାମ୍ବାପଟା ସନନ୍ଦରେ ଥିବା ଅକ୍ଷର ପରି ଜଣାଯାଇଥାଏ ।

ଚର୍ଯ୍ୟାଗୀତି ପାଠରେ ବହୁ ପ୍ରାଚୀନ ଓଡ଼ିଆଶବ୍ଦ ଦୃଷ୍ଟିଗୋଚର ହୋଇଥାଏ, ଯାହା କି ଅକ୍ଷୁଣ୍ଣ ଭାବରେ ଆଜିର ଓଡ଼ିଆଭାଷାରେ ପ୍ରଚଳିତ ଓ ଜନସାଧାରଣଙ୍କ ଦ୍ୱାରା କଥିତ । ତହିଁର କେତେକ ଉଦାହରଣ ନିମ୍ନରେ ଦିଆଗଲା ।

ଦେଉଳ, ଭଣଇ, କରଅଇ, ଟିଣ୍ଡି, ବଇଠା, ଯାଇ, ବାଜଣଇ, ଜାଣି, ବଖାଣି, ପରିଖ (ପରୀକ୍ଷା), କଣ, କାହେରେ, ତେନ୍ତୁଳ, ଦସୁଧ, ହାଣ୍ଡି, ମୋହୋର, ବାସୁଡ଼ା, ମୋର, ଏଥୁ, ଶୁଣ୍ଡିଣୀ, ହୋଇ ଅଇଲ, ଦେଖ, ଭଣନ୍ତି, ସାମୁଦରେ, ତରଇ, ହୋଇବ, ପୁଛଇ, ଘିନ, ପିବଇ, ଦୁଣ, ପଇସଇ, ମୁଷା, ଭୁଞ୍ଜଇ, ଆଦ, ଘରଣୀ, ଚଉକୋଡ଼ି, ଗାବନ୍ତେ, ଛୁଁ ଧୋଇ, ଜାନ୍ହା, ଚୋହର, କୁଡ଼ିଆ, ନାଡ଼ିଆ, (ନାଳିଆ) ଅନ୍ଦୋ, କରିବେ ତହିଁ, ବାସୁଡ଼ୀ, ଲୁଙ୍ଗଡ଼ା, ଡୁଲେ,

ମାରମି, ଲେମି (ଜେମି), ମାରଅ ଶାସୁ, ଦଣଡ ଘରେ ଶାଳୀ, ଖେଳନ୍ତି, ଆନ୍ତେହି, କେଡ଼ୁଆଳ, ତମା, ଡଅ (ଡିଆଁ) ଦାଲେ, ସୁଡଳ, ବୋଲଇ, ଛୁଣାଳୀ (ଛୁଣ୍ଣାଳୀ), ଆଣୁଛ, ରଏଣି (ପ୍ରାଚୀନ ଓଡ଼ିଆରେ ରଏଣି), ଘୁମଇ, ଦେଖଇ, ବାଡ଼ଇ, ଗଣ୍ଡି ଜୁପାଡ଼ି, ବହଇ, ଚଡ଼ିଲ୍ଲି, ଜରେଇ, ପଡ଼ନ୍ତେଁ, କର୍ମି, ଭୁଡ଼ନ୍ତେ, ନାଚନ୍ତି, ଦୋଲି ଦେଇ, ଦୋନ୍ତି, ସମାଏ, ଅଦଭୁଅ (ଅଚଭୁଅ), କୁଣ୍ଡିଲେ, ଖାଇବ, ଚଇଁ ବପଇ, ଗୋହାଳିଲ, ଗୋହାଇ, ବଳଦନ୍ତି, ଚଇଲ ବାଡ଼ୀ, ପାଟେଲ, ଶବରୀ-ଶବରୀ; ଗଡ଼ିଲ ଜାଦଇ, ଟିଅଳୀ, ଜଣ୍ଟି, ସଅଳ, ଧାଁଡ଼ୀଚ ସାତ ଦାଁତ୍ତି, ବଳଦ ଖଆଏଲ ଗାବଆ ବାଁଟେହିଁ, ଭୁଞ୍ଜଇ, ଟେଣ୍ଟ କୋଡ଼ି, ଯୁହନ୍ତେ, ଭୁଟଇ ଇତ୍ୟାଦି (୧)। ଏହାଛଡ଼ା ଆହୁରି ଶତାଧିକ ଓଡ଼ିଆଶବ୍ଦ ଦୋହାରୁ ବାହାର ହିସେବେ ସୂଚି ରହିଛି ।

ଡକ୍ଟର ବାଗ୍ଚୀ ସମ୍ପାଦିତ ଦୋହାକୋଷ ଗ୍ରନ୍ଥରେ ଉଲ୍ଲିଖିତ ସରହପାଦଙ୍କର ଦୋହାବଳୀରେ ଅପଭ୍ରଂଶ ଭାଷା ମଧ୍ୟରେ ମଧ୍ୟ ବହୁ ଓଡ଼ିଆଶବ୍ଦର ପ୍ରୟୋଗ ରହିଛି । ସରହପାଦଙ୍କ ଦୋହାର ପୃ. ୧୦ ପଇସଇ, ଭଣଇ, ପଡ଼ିଲ, ଦେକ୍ଖି, ପଲାଇ, ପଢ଼େଇ, କଡ଼ାବଇ; ପୃ. ୧୩ରେ ପରମେସର, କହଇ, ଭଣନ୍ତି, ହୋନ୍ତି; ପୃ. ୧୮ରେ ବକ୍ଖଣି, ଘ.ରଇ, ବସନ୍ତି, ସୁତଇ, ଭଡ଼; ପୃ. ୨୦ରେ ଖାଅନ୍ତେ, ପିବନ୍ତେ, ଫୁଟଢ଼ଇ, ଚିକ୍ଖଇ; ପୃ. ୨୦ରେ ଏକୁ, ଅଗ୍ଗନେଁ, ଘରେହିଁ, ଖାସଇ, ଅଚ୍ଛଇ, "ଘରେ ଅଚ୍ଛଇ ବାହିରେ ପୁଚ୍ଛଇ" (୨) ପୃ.୩୧ରେ ଜାଣନ୍ତୁ, ଲଇ, କହିଏ; ପୃ.୩୨-ପଢ଼ଇ, ସୁଝଇ, ଜାଣଇ, ଘରିଣି, ଘରେ ଇତ୍ୟାଦି, ପୁଣି କାହ୍ନୁପାଦଙ୍କ ଦୋହାରେ ପୃ.୧୩୪ରେ ବହନ୍ତି, ଭମନ୍ତି, ଏକଇଟ୍ଠ, ଜାଣଇ, ଠାଇ, ଶିଖଇ ପ୍ରଭୃତି ବହୁ ଓଡ଼ିଆଶବ୍ଦ ଦୃଷ୍ଟିଗୋଚର ହୋଇଥାଏ । ମୈଥିଳୀ ସାହିତ୍ୟର ଇତିହାସରେ ଅଧ୍ୟାପକ ଜୟକାନ୍ତ ମିଶ୍ର ବର୍ଣ୍ଣର ରତ୍ନାକର ପ୍ରସଙ୍ଗରେ ଅନେକଗୁଡ଼ିଏ ଶବ୍ଦର ଉଦ୍ଧୃତ

(୧) Indian Linguistics Vol. X, Old Bengali Tento, Edited and Translated by Dr. Sukumar Sen, 1948, ଅନୁଗ୍ରାସ୍ତି ।

(୨) Dohakosa—Edited by P. C. Bagchi, P. 28.

ଦେଇଅଛନ୍ତି, * ସେଥିଁରେ କ ଅଧିକାଂଶ ଶବ୍ଦ ଓଡ଼ିଆଶବ୍ଦର ଅନୁରୂପ ଓ ଆଜିକାଲି ସେ ସବୁ ଲୋକମୁଖରେ ପ୍ରଚଳିତ ।

ବଙ୍ଗଳାଭାଷା ଓ ସାହିତ୍ୟର ବହୁ ଆଲୋଚକ ବୌଦ୍ଧଗାନ ଓ ଦୋହାର ଭାଷାକୁ ପ୍ରାଚୀନ ବଙ୍ଗଳାଭାଷା ବୋଲି କହୁଅଛନ୍ତି । ସେମାନଙ୍କ ମଧ୍ୟରୁ ସୁନୀତି କୁମାର ଚଟ୍ଟର୍ଜି, ଡକ୍ଟର ପ୍ରବୋଧଚନ୍ଦ୍ର ବାଗଚୀ ଓ ସୁକୁମାର ସେନ ପ୍ରଭୃତି ପ୍ରଧାନ । ଡଃ ଶହୀଦୁଲ୍ଲା କିନ୍ତୁ କହନ୍ତି ଯେ ଦୋହାକୋଷ ସମୂହର ଭାଷା ମାଗଧୀ ଅପଭ୍ରଂଶ । ତେବେ ସ୍ପଷ୍ଟତଃ ଧରି ନିଆଯାଇଛି ଯେ ପଶ୍ଚିମା ଅପଭ୍ରଂଶ ଭାଷାରେ ଦୋହା ସମୂହ ରଚିତ ହୋଇଅଛି ।

ଐତିହାସିକ ଓ କେତେକ ଶବ୍ଦର ଉଦାହରଣକୁ ବାଦ ଦେଲେ ମଧ୍ୟ ଦୋହାର ପଦାବଳୀ ସହିତ ଓଡ଼ିଆଭାଷାର ଘନିଷ୍ଠ ଯୋଗାଯୋଗ ରହିଛି । ଡକ୍ଟର କରୁଣାକର କର ତାଙ୍କର "ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ" ସନ୍ଦର୍ଭରେ ପ୍ରତ୍ୟେକ ଦୋହାର ଓଡ଼ିଆରୂପ ପ୍ରଦାନ କରିଅଛନ୍ତି । ତେବେ ଓଡ଼ିଆଭାଷା ଓ ବୌଦ୍ଧଗାନ ଦୋହାର ପ୍ରସଙ୍ଗରେ କେତେକ ପଦର ଉଦାହରଣ ଦେବା ଏଠାରେ ଅସଙ୍ଗତ ହେବ ନାହିଁ ।

ନଗର ବାହିରେଁ ଡୋମ୍ବି ତୋହୋର କୁଡ଼ିଆ
ଛଇ ଛୋଇ ଯାଇ ସୋ ବାହ୍ମ ନାଡ଼ିଆ ।
× × ×
ତାନ୍ତି ବିକଣଅ ଡୋମ୍ବି ଅବର ନା ଚଙ୍ଗଣ
ତୋହୋର ଅନ୍ତରେ ଛାଡ଼ି ନଡ଼ ଏଡ଼ା ।
ତୁଲୋ ଡୋମ୍ବି ହାଉଁ କପାଲୀ
ତୋହୋର ଅନ୍ତରେ ମୋଏ ଘେଲିଲି ହାଡ଼େରି ମାଲୀ ।

---

* Vocabulay—"ଅଜ୍ଞ, ବୁଝି, ଭଞ୍ଜି, ତେନ୍ତୁଳ, ପୁଡ଼ିଲିଁ, ଘାସ୍ତୁ, ଚେଁଙ୍ଗୀ, ବେଢ଼ିଲ, ହୁଡ଼ୁକା, ଗଭୁଆ, ଆଗ୍ର, ଉପାଡ଼ି, କୋଠା, ଘଡ଼, ଅଦେଖା, ଏତକାଲ, ବାଡ଼ୀ, ଭଗଡ, ଚୌଦଗ, ଦଢ଼, ଡାଲ, ପଇଠା, ଭରୋ, ଆପ, ଦୁଂଖ୍ଖ, ଖାଇ, ଏକେଲା ଇତ୍ୟାଦି ।
Maithili Literature, by J. Misra, Vol. I
P. 108.

ସରବର ଭାଞ୍ଜୀଅ ଡୋମ୍ବୀ ଖାଅ ମୋଲାଣ
ମାରମି ଡୋମ୍ବୀ ଲେମି ପରାଣ । (ଦୋ. ୧୦. ପୃ.୧୯)

ମାରିଅ ଶାସୁ ନଣନ୍ଦ ଘରେ ଶାଳୀ
ମାଅ ମାରିଆ କାହ୍ନ ଭଇଅ କବାଳୀ (ଦୋ. ୧୧. ପୃ.୨୧)

କେହେ କେହୋ ତୋହୋରେ ବିରୁଆ ବୋଲଇ
ବିଦୁଜଣ ଲୋଅ ତୋରେଁ କଣ୍ଠ ନ ମେଲଇ ।
କାହ୍ନେ ଗାଇତୁ କାମ ଚଣ୍ଡାଳୀ
ଡୋମ୍ବିତ ଆଗଲି ନାହିଁ ଛିଣାଳୀ (ଦୋ. ୧୮. ପୃ. ୩୨)

ମାରରେ ଜୋଇଅ । ମୂସା ପବଣା
ଜେଁଣ ତୁଟଅ ଅବଣା ଗବଣା
ଭବବଦାରଅ ମୂସା ଖଣଅ ଗାଣ୍ଠ
ଚଞ୍ଚଳ ମୂସା କଲିଆଁ ନାଶକଥାଣ୍ଠ (ଦୋ. ୨୧. ପୃ.୩୭)

ଉଁଚ୍ଚ ଉଁଚ୍ଚ ପାବତ ତହିଁ ବସଇ ସବରୀ ବାଳୀ
ମୋରଙ୍ଗି ପୀଞ୍ଛ ପରହିଣ ସବରୀ ଗିବତ ଗୁଞ୍ଜରୀମାଳୀ ।

× × ×

ଣାଣା ତରୁବର ମୌଲିଲରେ ଗଅଣତ ଲାଗେଲି ଡାଳୀ
ଏକେଲୀ ସବରୀ ଏବଣ ହିଣ୍ଡଇ କର୍ଣ୍ଣ କୁଣ୍ଡଳ ବଜ୍ରଧାରୀ ।
ତିଅ ଧାଉ ଖାଟ ପଡ଼ିଲା ସବରୋ ମହାସୁହେ ସେଜି ଛାଇଲୀ
ସବରୋ ଭୁଜଙ୍ଗ ଣଇରାମଣୀ ଦାରୀ ପେମ୍ହ ରାତି ପୋହାଇଲୀ
(ଦୋ. ୨୮।୪୩ପୃ.)

କାହେରେ କଷ ଭଣି ଦବ ପରିଚ୍ଛା
ଉଦକ ଚାନ୍ଦ ଜିମ ସାଚ ନ ମିଚ୍ଛା ।
ଲୁଇ ଭଣଇ ଭାଇବ କଷ
ଜାଲଇ ଅଛମତା ହେର ଉହଣ ଦଷ । (ଦୋ.୨୯।ପୃ.୪୫।୬)

ହାଥେରେ କାଙ୍କାଣ ମା ଲୋଅଦାପଣ
ଅପଣେ ଅପା ବୁଝତୁ ଣିଅମଣ
ପାର ଉଆରେଁ ସୋଇ ଗଜିଇ
ଦୁଜ୍ଜଣ ସାଙ୍ଗେ ଅବସରି ଜାଇ (ଦୋ. ୩୨।ପୃ.୫୦)

ଟାଳତ ମୋର ଘର ନାହିଁ ପଡ଼ବେଷୀ
ହାଂଡ଼ୀତ ଭାତ ନାହିଁ ନିତ ଆବେଶୀ ।
ବେଙ୍ଗ ସଂସାର ବଢ଼ହିଲ ଜାଅ
ଦୁହିଲ ଦୁଧୁକି ବେଣ୍ଟେ ଷାମାୟ ।
ବଳଦ ବିଆଏଲ ଗବିଆ ବାଝେଁ
ପିଟା ଦୁହିଏ ଏ ତିନା ସାଝେଁ । (ଦୋ.୩୩।ପୃ.୫୧)

ଗଅଣତ ଗଅଣତ ତଇଲା ବାଡ଼ୀ ହେଞ୍ଚେ କୁରାଡ଼ୀ
କଣ୍ଠେ ନୈରାମଣି ବାଳ ଜାଗନ୍ତେ ଉପାଡ଼ୀ ।
× × ×
ହେରସେ ମୋର ତଇଲା ବାଡ଼ୀ ଖସମେ ସମତୁଲା
ଷୁକଡ଼ଏ ସେରେ କପାସୁ ଫୁଟିଲା ।
ତଇଲା ବାଡ଼ିର ପାସେଁର ଜୋହ୍ନା ବାଡ଼ୀ ଉଏଁଲା
ଫିଟେଲି ଅନ୍ଧାରିରେ ଅକାଶ ଫୁଲିଆ
କଙ୍ଗୁଚିନା ପାକେଲରେ ଶବରା ଶବରି ମାତେଲା
(ଦୋ. ୫୦।ପୃ.୭୫)

ଏହି କେତେକ ଉଦାହରଣରୁ ଜଣାପଡ଼ୁଥାଏ ଯେ, ବୌଦ୍ଧଗାନ ଓ ଦୋହାର ଭାଷା ଓଡ଼ିଆଭାଷାର ଅତି ନିକଟବର୍ତ୍ତୀ । ଏପରି ମଧ୍ୟ କୁହାଯାଇପାରେ ଯେ, ଓଡ଼ିଆଭାଷାର ପ୍ରାଚୀନ ସ୍ୱରୂପ ବୌଦ୍ଧଗାନ ଓ ଦୋହାରେ ପ୍ରଥମ ପ୍ରକାଶ ପାଇଛି । ଯେଉଁ ଭାଷାତତ୍ତ୍ୱବିତ୍ ଓ ଆଲୋଚକମାନେ ଭାଷା, ସଂସ୍କୃତି, ଇତିହାସ ପ୍ରଭୃତି ଦୃଷ୍ଟିରୁ ବୌଦ୍ଧଗାନ ଓ ଦୋହାକୁ ଓଡ଼ିଆଭାଷାର ପ୍ରାଚୀନ ସ୍ୱରୂପ ବୋଲି ମନେକରନ୍ତି, ସେଥିରେ ଯଥେଷ୍ଟ ସତ୍ୟତା ରହିଛି, କହିବା ବାହୁଲ୍ୟ ମାତ୍ର ।

ବୌଦ୍ଧଗାନ ଓ ଦୋହା ବା ଚର୍ଯ୍ୟାଗୀତର ଭାଷା ସମ୍ବନ୍ଧରେ ବହୁ ଆଲୋଚକ ଓ ଭାଷାତତ୍ତ୍ୱବିତ୍ ପଣ୍ଡିତ ବିଭିନ୍ନ ପ୍ରକାର ମତ ଉପସ୍ଥାପିତ କରିଅଛନ୍ତି । ଡକ୍ଟର ସୁନୀତିକୁମାର ଚଟ୍ଟର୍ଜୀ ଏହାର ଭାଷାକୁ ପଶ୍ଚିମୀ ଅପଭ୍ରଂଶ ବୋଲି କହିଅଛନ୍ତି (୩) । ଡକ୍ଟର ବ୍ଲକ (Block) କହନ୍ତି ଯେ ବୌଦ୍ଧଗାନ ଓ ଦୋହାରେ ପୂର୍ବୀ ଅପଭ୍ରଂଶର ଅନେକ ଲକ୍ଷଣ ରହିଅଛି; କିନ୍ତୁ ଭାଷାର ମୂଳ ପ୍ରକୃତି ଆଲୋଚନା କଲେ ତାହା ପୂର୍ବୀ ଅପଭ୍ରଂଶ ବୋଲି ଜଣାପଡ଼େ ନାହିଁ ।

"We may call it Oriental because it is found in Eastern texts and because there are some Eastern influences, but it is not so if we wish to find in it the base of the modern Eastern Languages". (୪) ଡକ୍ଟର ଚଟ୍ଟର୍ଜୀ, ଡଃ ଅର୍ତ୍ତବଲ୍ଲଭ ମହାନ୍ତି ସ୍ମାରକ ବକ୍ତୃତାରେ କହିଛନ୍ତି ଯେ ଚର୍ଯ୍ୟାଗୀତର ଭାଷା ଏପରି ଏକ ଭାଷା ଯେ ତାହାର ସାଦୃଶ୍ୟ ପ୍ରାଚୀନ ଓଡ଼ିଆ, ପ୍ରାଚୀନ ଆସାମୀ ଓ ପ୍ରାଚୀନ ବଙ୍ଗଳା ସହିତ ସମ୍ପୃକ୍ତ ରହିଛି ।

"As a matter of fact, the language represents a stage of speech which is very much akin to what we would conceive to be Old Oriya or Old Assamese as much as Old Bengali. (୫) ଅସାମିୟା ଭାଷାତତ୍ତ୍ୱ ଗ୍ରନ୍ଥରେ ଚର୍ଯ୍ୟାପଦ ଭାଷାର ପ୍ରଭାବ ଅସାମିୟା ଭାଷାରେ ରହିଥିବାର କହିଥାନ୍ତି (୬) ।

---

୩ | Origin and the Development of Bengali Language—Dr. Chatterjee.

୪ | The Sibilants in the Buddhist dohas; Indian Linguistics P. 112. Vol. V, Parts I-VI, P. 356.

୫ | Artaballabha Mohanti Memorial Lectures—Dr. S. K. Chatterjee. P. 30.

୬ | Assamese, its formation and development —Dr. B. Kakati P. 9.

ଚର୍ଯ୍ୟାପଦର ଭାଷା ଦେଖିବାକୁ ଗଲେ ତାହା ବଙ୍ଗଳା, ଅସାମୀୟ, ପ୍ରାଚୀନ ମୈଥିଳୀ ବା ପ୍ରାଚୀନ ହିନ୍ଦୀ ଅପେକ୍ଷା ଓଡ଼ିଆଭାଷାର ଅଧିକ ନିକଟବର୍ତ୍ତୀ ଅଟେ । ସିଦ୍ଧ ସାହିତ୍ୟରେ ପ୍ରଧାନ ସିଦ୍ଧାଚାର୍ଯ୍ୟ ସରହପାଦ, ଶବରପାଦ, ଲୁଇପାଦ ଓ କାହ୍ନୁପାଦ ପ୍ରଭୃତିଙ୍କର ଗୀତିକାର ଭାଷା-ତତ୍ତ୍ୱ ଆଲୋଚନା କଲେ ଆମ୍ଭେମାନେ ଉପରୋକ୍ତ ମତର ସତ୍ୟତା ସହଜରେ ଜାଣିପାରିବା ।

## ଚର୍ଯ୍ୟାଗୀତରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ

(୧) ପ୍ରାକୃତ ଭାଷାରେ 'ଋ'କାର 'ଅଇ' ବା 'ଇ'ରେ ପରିଣତ ହୋଇଥାଏ । ଚର୍ଯ୍ୟାଗୀତରେ ଏହି ବୈଶିଷ୍ଟ୍ୟ ରହିଅଛି, ଯଥା—ଦୃଢ଼ 7 ଦିଢ଼, ହୃଦୟ 7 ହିଅ, ଶୃଗାଳ 7 ଶିଆଳ, ଦୁଷର 7 ଦୁଖେର ।

(୨) ଚର୍ଯ୍ୟାଗୀତର ଅନ୍ୟ ଏକ ବିଶେଷତ୍ୱ ଯେ ତାହାର ଅନେକ ସ୍ଥଳରେ 'ଇ'କାର 'ଅ'କାରରେ ପରିଣତ ହୋଇଅଛି; ଯେପରି ଛୁଡ଼ଇ—ଛୁହିଅ, ବାନ୍ଧଇ—ବାନ୍ଧିଅ, ଚଢ଼ଇ—ଚଢ଼ିଅ । ପ୍ରାଚୀନ ଓଡ଼ିଆରେ ଜାଗଅ, ମାଗଅ ପ୍ରଭୃତି ଶବ୍ଦର ବ୍ୟବହାର ଦେଖାଯାଇଥାଏ ।

(୩) 'ଋ' କାରର 'ଇ'କାର ପରିଣତି ଚର୍ଯ୍ୟାରେ ଦୃଷଇ 7 ଦିଶଇ "ଜିମ ଜିମ କରି କରୁଣୀରେ ଦିଶଇ" ଇତ୍ୟାଦି । ଓଡ଼ିଆରେ ମନୁଷ୍ୟ 7 ମଣିଷ ।

(୪) ଚର୍ଯ୍ୟାରେ ଦେଖିବାକୁ ମିଳେ ଯେ ଅନୁସ୍ୱାର ଛଡ଼ା ସେଥିରେ ସମସ୍ତ ହଳନ୍ତ ବ୍ୟଞ୍ଜନଧ୍ୱନିର ଲୋପ ହୋଇଅଛି । ଯେପରି କସ୍ମିନ୍ 7 କହିଁ, ତସ୍ମିନ୍ 7 ତହିଁ । ଏହାଛଡ଼ା ପ୍ରାକୃତ ପରି ଚର୍ଯ୍ୟାଗୀତିଗୁଡ଼ିକରେ 'ଶ' ବା 'ଷ' ନାହିଁ, ସବୁଠାରେ 'ସ'ର ବ୍ୟବହାର ରହିଛି । କେବଳ ଲେଖନକାର ଦୋଷରୁ ସ୍ଥଳବିଶେଷରେ 'ଶ'ର ବ୍ୟବହାର

---

ଅ—ଅସାମୀୟା (ଘଡ଼ା—ଆ, ଘଣ୍ଟା, ଡକା—ଆଁ, ଡକା, ବଧା—ଆ, ବଧା, ଭଣ୍ଡାର—ପ୍ରା: ଆ:—ଭଣ୍ଡାର ଇତ୍ୟାଦି ପୃ. ୯ )

ଓ ବିଭକ୍ତ୍ୟନ୍ତ ଲିଙ୍ଗ ଓ ବଚନ ପ୍ରତ୍ୟୟ ମଧ୍ୟରେ ତ, ର, ନ୍ତ, ଓ 'ଇଲେ' ପ୍ରଭୃତି ପ୍ରାଚୀନ ଅସାମୀୟାରେ ରହିଛି । ପ୍ରାଚୀନ ତଥା ଆଧୁନିକ ଓଡ଼ିଆରେ ମଧ୍ୟ ଏହିସବୁ ବୈଶିଷ୍ଟ୍ୟ ଅବିକୃତ ଅବସ୍ଥାରେ ରହିଅଛି ।

ଦେଖିବାକୁ ମିଳିଥାଏ । ଓଡ଼ିଆରେ 'ସ୍'ର ଉଚ୍ଚାରଣ ଓ 'ସ'ର ବହୁଳ ପ୍ରୟୋଗ ପ୍ରାକୃତ ଅନୁସରଣରେ ଘଟିଅଛି । ପ୍ରାକୃତ ଭାଷା ଭଳି ଚର୍ଯ୍ୟାଗୀତିରେ 'ନ' କାର 'ଣ' କାରରେ ପରିଣତ ହୋଇଅଛି; ଯେପରି — ଗମନ 7 ଗଅଣ; ରତନ 7 ରଅଣ; ଯେନ 7 ଜେଣ; କିନ୍ତୁ ପଦର ଆଦ୍ୟ 'ନ' କାର, 'ଣ' କାର ହୋଇ ନାହିଁ; ଯେପରି—ଚର୍ଯ୍ୟାଗୀତିରେ ନାଦ, ନାସ୍ତି, ନାବୀ, ନଦ ଓ ନାଡ଼ି ପ୍ରଭୃତି ଶବ୍ଦ ।

(୫) ଚର୍ଯ୍ୟାଗୀତିରେ 'ଖ'କାର 'ହ' କାରରେ କେତେକ ବେଳେ ପରିଣତ ହୋଇଥାଏ; ଯେପରି ମୁଖ 7 ମୁହଁ; ସଖି 7 ସହି ଇତ୍ୟାଦି । ପ୍ରାଚୀନ ଓଡ଼ିଆଭାଷାରେ ସେହିପରି ନଖ 7 ନହ; ଦଶ 7 ଦହ; ମେଘ 7 ମେହ, ମେହୁ ଇତ୍ୟାଦି ଶବ୍ଦର ପ୍ରୟୋଗ ଦେଖିବାକୁ ମିଳିଥାଏ ।

(୬) ଚର୍ଯ୍ୟାଗୀତିରେ ଯେ 'ନ' ର 'ଣ' କାର ପରିଣତି ବ୍ୟତୀତ ସ୍ଥଳବିଶେଷରେ 'ନ' ର 'ଲ' ସ୍ଥଳବିଶେଷରେ ହୋଇଅଛି । ଓଡ଼ିଆରେ 'ନ' ର 'ଲ' ପରିଣତି ଅନେକ ସମୟରେ ଘଟିଥାଏ; ଯେପରି ନୁଣ, ଲୁଣ; ନଡ଼ିଆ, ଲଡ଼ିଆ ଇତ୍ୟାଦି । ଚର୍ଯ୍ୟାରେ ପଦଆଦ୍ୟସ୍ଥ 'ଯ'କାର 'ଜ' କାରରେ ପରିଣତ ହୋଇଥାଏ, ଯେପରି ଯେ 7 ଜେ; ଯୋଗିଣୀ 7 ଜୋଇଣୀ; ଯାଇ 7 ଜାଇ । ପ୍ରାଚୀନ ଓଡ଼ିଆରେ 'ଯ' ସ୍ଥାନରେ ଓଡ଼ିଆରେ 'ଜ' ଅନେକ ସ୍ଥଳରେ ବ୍ୟବହୃତ ହୋଇଥାଏ ଓ ଉଚ୍ଚାରଣରେ ମଧ୍ୟ ଓଡ଼ିଆରେ ବିଶେଷ ଶବ୍ଦରେ 'ଜ'ର ଉଚ୍ଚାରଣ 'ଯ' ସ୍ଥଳରେ ହୋଇଥାଏ ।

(୭) ଓଡ଼ିଆ ବର୍ଣ୍ଣମାଳାରେ 'ଳ' ବର୍ଣ୍ଣ ହେଉଛି ଏକ ବୈଶିଷ୍ଟ୍ୟ ବର୍ଣ୍ଣ । ଓଡ଼ିଆ ବ୍ୟତୀତ ଏହି 'ଳ' ମରାଠୀ ଓ ଗୁଜରାଟୀ ଭାଷାରେ ରହିଅଛି । ବଙ୍ଗଳା, ମୈଥିଳୀ ଓ ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟଭାଷାରେ ଏହି 'ଳ' ଧ୍ୱନି ଦେଖିବାକୁ ମିଳେ ନାହିଁ । ଓଡ଼ିଆର 'ଳ'କୁ ଅନ୍ୟ ଭାଷାଭାଷୀ ଲୋକେ 'ଡ଼' ଭାବରେ ଉଚ୍ଚାରଣ କରିଥାନ୍ତି ।

ଏହି ଧ୍ୱନି ବେଦରେ ସ୍ୱରଦ୍ୱୟର ମଧ୍ୟବର୍ତ୍ତୀ 'ଡ଼' କାର 'ଳ' ରୂପେ ଉଚ୍ଚାରିତ ହୋଇଥାଏ; ଯେପରି "ଅଗ୍ନିମୀଳେ ପୁରୋହିତମ୍" । ଚର୍ଯ୍ୟାରେ ଏହି 'ଳ' କେବେ କେବେ 'ଡ଼'ରେ ପରିଣତ ହୋଇଥାଏ; ଯେପରି ଶୃଙ୍ଖଳ 7 ସୁଙ୍କଡ଼; ତୋଳି 7 ତୋଡ଼ି । ମହାମହୋପାଧ୍ୟାୟ

ହରପ୍ରସାଦ ଶାସ୍ତ୍ରୀ ଏହି 'ର୍'କୁ ଓଡ଼ିଆଭାଷାର ବୈଶିଷ୍ଟ୍ୟ ବୋଲି କହିଅଛନ୍ତି ।

ଓଡ଼ିଆରେ କର୍ତ୍ତୃକାରକ ପ୍ରଥମା ଏକବଚନରେ କୌଣସି ବିଭକ୍ତି ଚିହ୍ନ ବ୍ୟବହୃତ ନ ହେବାରେ ଚର୍ଯ୍ୟାରେ ସେହିପରି କୌଣସି ବିଭକ୍ତି ଚିହ୍ନ ବ୍ୟବହୃତ ହୋଇନାହିଁ; ଯେପରି "କାଆ ତରୁବର ପଞ୍ଚବିଡ଼ାଳ !" ଓଡ଼ିଆରେ ପ୍ରଥମା ବହୁବଚନରେ "ମାନ" ଓ "ଏ" ପ୍ରତ୍ୟୟ ଭଳି ଚର୍ଯ୍ୟାରେ "ଏ" ପ୍ରତ୍ୟୟ ବ୍ୟବହୃତ ହୋଇଅଛି । ଡକ୍ଟର ସୁନୀତିକୁମାର ଚଟ୍ଟର୍ଜି କହନ୍ତି ଯେ ସଂସ୍କୃତ ତୃତୀୟା ବିଭକ୍ତି 'ଏନ'ରୁ 'ଏଁ' ପ୍ରତ୍ୟୟ ହୋଇଅଛି । ଡକ୍ଟର କରୁଣାକର କର କହନ୍ତି ଯେ ଓଡ଼ିଆରେ ମାଗଧୀ ପ୍ରାକୃତର ପ୍ରଭାବ ଅନୁସାରେ ପ୍ରଥମା ଏକବଚନର ଏହିପରି 'ଏ' ପ୍ରତ୍ୟୟ ହୋଇଥାଏ ଯଥା—ସେ, କଏ, ଜେ (୧)।

ଚର୍ଯ୍ୟାଗୀତିରେ ଦ୍ୱିତୀୟା ବିଭକ୍ତି 'କୁ' ପ୍ରତ୍ୟୟ ସ୍ଥାନ-ବିଶେଷରେ ବ୍ୟବହୃତ ହୋଇଅଛି । ଯଥା ଚର୍ଯ୍ୟାଗୀତରେ 'ଅବିଦ୍ୟା କରିକୁଁ ଦମ ଅକଲେସେ' ଓ 'ଅଠକୁ ମାରି' । ଏହି 'କୁଁ' ଓଡ଼ିଆରେ କର୍ମକାରକ ଦ୍ୱିତୀୟା ବିଭକ୍ତିର ଚିହ୍ନ ଅଟେ । ଏହାଛଡ଼ା 'ତୋତେ' 'ମୋତେ' ଓଡ଼ିଆରେ 'ତୁକୁ' 'ମୁକୁ' (ପ୍ରାଚୀନ ଓଡ଼ିଆ) ଭଳି ଚର୍ଯ୍ୟା-ଗୀତରେ 'ମୋକୁ' ଶବ୍ଦ ରହିଅଛି । କେହି କେହି କହନ୍ତି ଯେ ସଂସ୍କୃତ 'କକ୍ଷ' ଶବ୍ଦରୁ ଓଡ଼ିଆରେ 'କୋ' ଶବ୍ଦର ନିଷ୍ପନ୍ନ ଘଟିଅଛି । ଯେପରି କକ୍ଷ > କକ୍ଖ > କାଁଖ > କାହିଁ > କାହୁଁ > କହୁଁ > କୌ > କୋ > କୁ; କିନ୍ତୁ ଡକ୍ଟର କରୁଣାକର କର କହନ୍ତି ଯେ ସଂସ୍କୃତ 'କୃତ' ଶବ୍ଦରୁ ଅପଭ୍ରଂଶ ରୂପ 'କଅ'ରୁ ଆଧୁନିକ ଭାଷାମାନଙ୍କର ସମ୍ପ୍ରଦାନ କାରକର ବିଭକ୍ତି କହି, କୁ, କୌ, କୋ, କାହି, କୁ, କେ, କଇ ଓ କା ପ୍ରଭୃତି ହୋଇଅଛି । ସ୍ୱଧୀର କୋ, କୁଁ, କୁଁ ପ୍ରତ୍ୟୟ ଭଳି ଓଡ଼ିଆରେ ଦ୍ୱିତୀୟା ବିଭକ୍ତିରେ କୁ, କୁଁ ପ୍ରତ୍ୟୟ ସଂସ୍କୃତ 'କୃତେ' ଶବ୍ଦରୁ ନିଷ୍ପନ୍ନ ହୋଇଅଛି (୨) । ଚର୍ଯ୍ୟାଗୀତରେ ଦ୍ୱିତୀୟା ବିଭକ୍ତିରେ

୧ । ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ—ଡକ୍ଟର କରୁଣାକର କର । ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୃ. ୯୮

୨ । ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ—ଡକ୍ଟର କରୁଣାକର କର, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ, ପୃ. ୧୦୨ ।

'ଗ', 'ଏଁ', 'ରେଁ' 'ରେ' କର୍ମକାରକରେ ମଧ୍ୟ ବ୍ୟବହୃତ ହୋଇଥାଏ । ପ୍ରାଚୀନ ଓଡ଼ିଆରେ ଦ୍ୱିତୀୟା ବିଭକ୍ତିରେ ଏ ସବୁର ବ୍ୟବହାର ମଧ୍ୟ କେବେ କେବେ ଦେଖାଯାଇଥାଏ । ଚର୍ଯାରେ ସ୍ଥଳବିଶେଷରେ କରଣ-କାରକରେ 'ଏଁ' ପ୍ରତ୍ୟୟ ବ୍ୟବହୃତ ହୋଇଅଛି । ଓଡ଼ିଆଭାଷାରେ 'ଏହିଁ' 'ଏଁ' ବା 'ଏଁ'ର ବହୁଳ ବ୍ୟବହାର ଦେଖିବାକୁ ମିଳଥାଏ । ଚର୍ଯାଗୀତିରେ ସମ୍ପ୍ରଦାନ କାରକରେ 'କେ', 'କୁ', 'ରେ' ଓ 'ରେଁ'ର ବ୍ୟବହାର ରହିଛି । ଦ୍ୱିତୀୟା ଓ ଚତୁର୍ଥୀ ବିଭକ୍ତିର ପ୍ରତ୍ୟୟ ଚର୍ଯାଗୀତି ଗୁଡ଼ିକରେ ସମାନ ଅଟେ । ଚର୍ଯାଗୀତିରେ ଅପାଦାନ କାରକରେ 'ହୁଁ' ପ୍ରତ୍ୟୟ ଓ 'ରୁ' ପ୍ରତ୍ୟୟର ବ୍ୟବହାର ରହିଛି । ପଞ୍ଚମୀ ବିଭକ୍ତିରେ ଓଡ଼ିଆରେ 'ହୁଁ' ଓ 'ରୁ' ପ୍ରତ୍ୟୟ ପ୍ରଚଳିତ । 'ସୁଣ ଭଇଲେ କାମରୁ କାଅଁ' ପଦରେ 'ରୁ' ପ୍ରତ୍ୟୟ ପଞ୍ଚମୀ ବିଭକ୍ତିର ଚିହ୍ନ ଅଟେ । ଚର୍ଯା-ଗୀତିରେ ସ୍ଥଳବିଶେଷରେ ଷଷ୍ଠୀ ବିଭକ୍ତିରେ 'ର' ପ୍ରତ୍ୟୟର ବ୍ୟବହାର ରହିଛି, ଯେପରି 'ହରିଣୀର ନିଲୟ ନ ଜାଣି' (୬) । ସଂସ୍କୃତରେ 'କୃତ' ଶବ୍ଦ ଅପଭ୍ରଂଶରେ କେର, କେରୋ, କେର ପ୍ରଭୃତି ଶବ୍ଦରେ ପରିଣତ ହୋଇଅଛି । ଏହି 'କେର' ଶବ୍ଦ ଯଥାକ୍ରମେ 'କର', 'ଅର' ଓ 'ର'ରେ ପରିଣତ ହୋଇ ଓଡ଼ିଆ ଷଷ୍ଠୀ ବିଭକ୍ତିର 'ର' ପ୍ରତ୍ୟୟ ହୋଇଅଛି ଓ ଏଥିରେ 'ଉ' ପ୍ରତ୍ୟୟ ଲାଗି ପଞ୍ଚମୀ ବିଭକ୍ତିର 'ରୁ' ପ୍ରତ୍ୟୟ ହୋଇଅଛି । ଏହାଛଡ଼ା ଚର୍ଯାଗୀତିରେ ଷଷ୍ଠୀ ବିଭକ୍ତିରେ 'ର', 'କି' ଓ 'କ' ପ୍ରତ୍ୟୟ ଷଷ୍ଠୀ ବିଭକ୍ତିର ସମ୍ବନ୍ଧ ସୂଚିତ କରାଇଥାଏ । ପ୍ରାଚୀନ ଓ ଆଧୁନିକ ଓଡ଼ିଆଭାଷାରେ 'ତାହାରି ଘର', 'ମୋହରକି', 'ମହା-ଦେଇଙ୍କ କଥା' ପ୍ରଭୃତି ପଦରେ ଏହିସବୁ ଓଡ଼ିଆ ପ୍ରତ୍ୟୟ ରହିଅଛି ।

ଚର୍ଯାଗୀତିରେ ସପ୍ତମୀ ବିଭକ୍ତିରେ 'ଏ' ପ୍ରତ୍ୟୟର ବହୁଳ ବ୍ୟବହାର ଦେଖିବାକୁ ମିଳଥାଏ । ଯେପରି ଉହକେ, ପୀଠେ, ରଥେ (ରଥରେ) (୧୪), ତରଙ୍ଗେ ତଏ (୩୪) ଇତ୍ୟାଦି । ସମୟେ ସମୟେ ଏହି 'ଏ' ପ୍ରତ୍ୟୟରେ ଅନୁନାସିକ 'ଏଁ' ପ୍ରତ୍ୟୟ ମଧ୍ୟ ରହିଅଛି । ଭାଷାତତ୍ତ୍ୱବିତ୍‌ମାନେ ଇଣ୍ଡୋ-ଇଉରୋପୀୟ 'ଧି' ପ୍ରତ୍ୟୟରୁ 'ଏ' ବା 'ଏଁ'-ପ୍ରତ୍ୟୟ ଆସିଥିବାର ଅନୁମାନ କରନ୍ତି । ଯେପରି ଘରଧି 7 ଘରହି 7 ଘରଇ 7 ଘରେଁ ( Origin and Development of Bengali Language—Chatterjee, P. 745)

ଚର୍ଯ୍ୟାଗୀତିରେ ସପ୍ତମୀ ବିଭକ୍ତିରେ 'ରେ' ପ୍ରତ୍ୟୟର ପ୍ରୟୋଗ ମଧ୍ୟ ରହିଛି, ଯେପରି ମାଝେରେ (୧୪), ସୁନ କରୁଣରେ (୩୪) । ଓଡ଼ିଆରେ ଏହି ଏ, ଏଁ ଓରେ ପ୍ରତ୍ୟୟ ଅଧୁନା ପ୍ରଚଳିତ । ଷଷ୍ଠୀ ବିଭକ୍ତିର 'ର' ଓ ସପ୍ତମୀ ବିଭକ୍ତିର 'ଏ' ପ୍ରତ୍ୟୟ ମିଳନରେ ସପ୍ତମୀ ବିଭକ୍ତିର 'ରେ' ପ୍ରତ୍ୟୟର ଉଦ୍ଭବ ଘଟିଛି । ଚର୍ଯ୍ୟାର ବେଳେ ବେଳେ ସପ୍ତମୀ ବିଭକ୍ତିରେ 'ହିଁ' ପ୍ରତ୍ୟୟ ପ୍ରଚଳିତ, ଯଥା—'ହିଅହିଁ' ଅର୍ଥାତ୍ ହୃଦୟରେ (ଚର୍ଯ୍ୟା ୨,୭) । ଡକ୍ଟର କରୁଣାକର କର ମତ ଦିଅନ୍ତି ଯେ 'ଅସ୍ମିନ୍' ପଦରେ ସମୀକରଣ ନ ହୋଇ 'ଅହ୍ମି' ହୋଇଅଛି । ଏହି 'ଅହ୍ମି' ପ୍ରତ୍ୟୟର 'ଇ'କାର ସ୍ୱରବର୍ଣ୍ଣର ବିପର୍ଯ୍ୟୟ ଯୋଗୁଁ (ଅହ+ଇମ୍) ଅହିଂ ହୋଇଅଛି । ପ୍ରାକୃତଭାଷାର ଏହି 'ଅହିଂ' ବା 'ହିଂ' ପ୍ରତ୍ୟୟ ଓଡ଼ିଆରେ ଅବିକଳ ଭାବରେ ରହିଅଛି ।' (ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ, ପୃ. ୧୧୪)

ଚର୍ଯ୍ୟାଗୀତିର ସର୍ବନାମରେ ଯେଉଁସବୁ ରୂପ ଦେଖିବାକୁ ମିଳେ, ସେ ସବୁ ପ୍ରାଚୀନ ବା ଅଧୁନିକ ଓଡ଼ିଆରେ ବ୍ୟବହୃତ ହୋଇଥିଲା ବୋଲି ଯେ କୌଣସି ବ୍ୟକ୍ତି ସ୍ୱୀକାର କରିବେ । ଚର୍ଯ୍ୟାଗୀତିର ସର୍ବନାମଗୁଡ଼ିକ ଓଡ଼ିଆ ଭାଷାର କିପରି ଅତି ନିକଟବର୍ତ୍ତୀ, ତାହା ଆମ୍ଭେମାନେ ନିମ୍ନୋକ୍ତ ଉଦାହରଣଗୁଡ଼ିକରୁ ଜାଣିବାକୁ ପାଇପାରିବା । ଯଥା—'ଅସ୍ମଦ୍' ଶବ୍ଦର ରୂପ ।

| ଉତ୍ତମ ପୁରୁଷ | ମଧ୍ୟମ ପୁରୁଷ |
|---|---|
| କର୍ତ୍ତୃକାରକ | |
| ୧ମା 'ଅହ୍ମେ' (ଚ୪) | କର୍ତ୍ତୃକାରକ ୧ମା ତୁମ୍ହେ (ଚ୪) |
| ଅହ୍ମେ | ତୁମ୍ଭେ (୫) |
| ଆମ୍ଭେ (୨୨) | ତୁ (୧୪, ୩୨, ୫, ୮) |
| ମଇ | ୨ୟା—ତୋହୋରେ (୧୮) |
| ହାଉଁ, ମୋଏ | ତୋରେ (୧୮) |
| ୨ୟା-୪ର୍ଥୀ-ମକୁଁ (୩୫) | ତୋ, ତଇଁ (୪, ୧୮) |
| ୬ଷ୍ଠୀ—ମୋହର, ମୋ, ମୋର, ମୋର | ୩ୟା—ତୋଏ |
| | ୬ଷ୍ଠୀ—ତୋ, ତୋହୋର |
| | ତୋହର |

ସେହିପରି 'ତଦ୍' ଶବ୍ଦ ରୂପରେ ଚର୍ଯ୍ୟାଗୀତିରେ ଏହିସବୁ ରୂପ ଦେଖିବାକୁ ମିଳିଥାଏ ।

| ଏକବଚନ | ବହୁବଚନ |
|---|---|
| ସୋ, ସେ | ତେ (୪) |
| ୨ୟା — ତା (୭, ୧୭) | |
| ୩ମୀ — ତହିଁ (୨୭) | |
| ୬ଷ୍ଠୀ — ତାହେର (୨୯) ତା (୩୭) | |
| ୭ମୀ — ତହିଁ (୧୦) ତହିଁ (୪) | |

'ଯଦ୍' ଶବ୍ଦ ରୂପରେ ଚର୍ଯ୍ୟାଗୀତିରେ 'ଜ, ଜୋ, ଜେ', ଦ୍ୱିତୀୟାରେ 'ଜା', ଷଷ୍ଠୀରେ 'ଜାହେର' ଓ ସପ୍ତମୀ ବିଭକ୍ତିରେ 'ଜହି' ଶବ୍ଦ ଦେଖିବାକୁ ମିଳିଥାଏ । 'କିମ୍' ଶବ୍ଦରେ କେଁ, କେହୋ, କୋଇ, କୋଏ; ଦ୍ୱିତୀୟାରେ କାହେରେ, କମ୍ପି; ଷଷ୍ଠୀରେ 'କାହେର', 'କାହେରି' ସପ୍ତମୀରେ କାହିଁ, କହିଁ ଓ କାହୁଁ ପ୍ରଭୃତି ଶବ୍ଦ ପ୍ରାଚୀନ ତଥା ଆଧୁନିକ ଓଡ଼ିଆରେ ପ୍ରଚଳିତ ଥିବାର ଜାଣିବାକୁ ପାଉଥାଉଁ ।

## 'କ୍ରିୟା'

ପୂର୍ବରୁ ଚର୍ଯ୍ୟାପଦର ଆଲୋଚନାରେ ଅନେକ ଓଡ଼ିଆ କ୍ରିୟା ପଦର ଉଦାହରଣ ଦେଇଅଛୁଁ । ଚର୍ଯ୍ୟାଗୀତିରେ ଯେଉଁସବୁ କ୍ରିୟାପଦ ପ୍ରଚଳିତ, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଆଧୁନିକ ଓଡ଼ିଆ ଭାଷାରେ ଅବିକଳ ଭାବରେ ପ୍ରଚଳିତ ହୋଇଅଛି । ସେଥିମଧ୍ୟରୁ ଆମ୍ଭେ କେତେକ ମାତ୍ର ଉଦାହରଣ ଏଠାରେ ପ୍ରଦାନ କଲୁଁ । ଯେପରି ଭଣଇ (୪), ବାହୁଡ଼ିଇ(୮), ଖାଜଇ (୧୧), ବିହରଇ (୧୧), ବୁଝଇ (୧୪), ପାସଇ (୧୫), ତାଜଇ, ବଳସଇ (୧୭), ବହଇ, ବୁଝଇ (୨୭), ବସଇ, ଛୁଟଇ, ପେଡ଼ଇ (୩୦), ଜାଗଇ (୪୦), ସୋଷଇ; ପେଖଇ, ଦେଖଇ ଆଛଇ(୪୨), ବାଢ଼ଇ, ଜାଣଇ ମାଜଇ(୪୫), ହସଇ(୪୭), ଇତ୍ୟାଦି । ଚର୍ଯ୍ୟାଗୀତିରେ ସ୍ଥାନେ ସ୍ଥାନେ ମଧ୍ୟମପୁରୁଷ ଏକବଚନରେ ବିଭକ୍ତି-ଯୁକ୍ତ କ୍ରିୟା ସଙ୍ଗେ ସଂସ୍କୃତ 'ସି' ପ୍ରତ୍ୟୟର ବ୍ୟବହାର ହୋଇଅଛି, ଯେପରି ଅଇସସି, ଯାସି(୧୦); ମାରେସି (୧୨), ପୁଚ୍ଛସି (୧୫), ବୁଝସି

(୧୬) ଓ ଅଛସି (୪୧) । ପ୍ରାଚୀନ ପୁରାଣ ସାହିତ୍ୟର ଓଡ଼ିଆ ଭାଷାରେ ଏହିପ୍ରକାର ଶବ୍ଦ ଯଥା—କରସି, ଯାଅସି, ବସସି, ହସସି ପ୍ରଭୃତି ବହୁଳ ଶବ୍ଦ ପ୍ରଚଳିତ ହୋଇଅଛି ।

ଚର୍ଯାଗୀତିର କ୍ରିୟାରେ 'ମି' ପ୍ରତ୍ୟୟର ବ୍ୟବହାର ହୋଇଅଛି; ଯଥା—ମାରମି, ମାଗମି (୧୦) ଲେମି, ଖାବମି, ପିବମି (୪), ଜାନମି (୩୧, ୪୯), ପେଖମି ଇତ୍ୟାଦି । ଏହି 'ମି' ପ୍ରତ୍ୟୟର ବର୍ଣ୍ଣ ବ୍ୟତ୍ୟୟ ହୋଇ 'ମ'ର ଅନୁସ୍ୱାର ହୋଇ ଖାଅଇଁ, ଯାଅଇଁ ପ୍ରଭୃତି କ୍ରିୟାପଦ ଆଧୁନିକ ଓଡ଼ିଆରେ ପ୍ରଚଳିତ । ଆଜିର ଓଡ଼ିଶାର କେତେକ ଅଞ୍ଚଳରେ ମଧ୍ୟ କରମି, ଯିମି, ଖାଇମି ପ୍ରଭୃତି କ୍ରିୟାପଦ ପ୍ରଚଳିତ ଅଛି ।

ଅନୁଜ୍ଞା ଅର୍ଥରେ ଚର୍ଯାରେ କେତେକ କ୍ରିୟାପଦ ପ୍ରଚଳିତ ଅଛି । ଯେପରି ପିଟଅ, ଜାଇଅ (୧୫), କରଅ (୨୨), ପୁଚ୍ଛ (୫), ବାହ (୮), ବାହଅ (୧୩), ମାର (୨୦) କରହ (୨୦) କର (୨୦) । ପ୍ରାଚୀନ ଓ ଆଧୁନିକ ଓଡ଼ିଆରେ ଏପରି ଅନୁଜ୍ଞାମୂଳକ କ୍ରିୟାପଦର ବ୍ୟବହାର ଓଡ଼ିଆରେ ରହିଅଛି ।

ଅତୀତକାଳରେ ଚର୍ଯାଗୀତିରେ ବହୁ କ୍ରିୟାପଦ ରହିଅଛି; ଯଥା—ଅଇଲ୍, ଗେଲ୍, ମିଲିଲ୍, ଚଲିଲ୍, ଚଢ଼ିଲ୍, ବଆଇଲ୍, ଦିଲ୍ (୩୫), ମାଇଲ୍, ମାତେଲ୍, ଗଢ଼ିଲ୍, ଫୁଟିଲ୍ (୫୦); ପୁଣି ମଧ୍ୟମ ପୁରୁଷରେ ବଟାଲିଉ, ଟାଲିଉ (୧୮); ଅହାରିଲୁ (୧୯); ଉତ୍ତମ ପୁରୁଷରେ ମେଲିଲି (୮), ଭୂଲିଲି (୧୪) ଓ ଲେଲି ଇତ୍ୟାଦି ।

ଭବିଷ୍ୟତ କାଳରେ ଓଡ଼ିଆରେ 'ଇବ' ପ୍ରତ୍ୟୟର ବ୍ୟବହାର ଭଳି ଚର୍ଯାରେ ଭବିଷ୍ୟତକାଳ କ୍ରିୟାରେ 'ଇବ' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳିଥାଏ । ଯେପରି—ପିବ (୨୯), ହୋଇବ (୫), କରିବ (୨,୧୦), କରିବ (୩), ଖାଇବ (୩୯) ଇତ୍ୟାଦି ।

ଚର୍ଯାଗୀତିରେ ଅସମାପିକା କ୍ରିୟା ପ୍ରସଙ୍ଗରେ ନିମ୍ନଲିଖିତ କେ ଦେଖିବାକୁ ମିଳିଥାଏ, ଯଥା—ଶୁଣି (୧୭), ଜାଇ, ଉଠି (୨୧) ଲଇ (୩୫) ଜାଣି, କଖାଣି (୩୨) ଲଇ (୩୮) ଦେଖି (୪୧) ଜାଇ (୪୩) ବୁଝି (୨୦); ମାରି, ହେରି (୧୩); ଉପାଡ଼ି, ପୁଛି, ଘୁଣି, ମିଳି (୨୮) ଇତ୍ୟାଦି ।

'ଇଅ' ପ୍ରତ୍ୟୟ ଯୋଗରେ—ଧରିଅ, ଭୁଲିଅ, ମାରିଅ (୧୧) ଜାଗିଅ (୩୯) ବୁଝିଅ (୩୦) ଇତ୍ୟାଦି ଓ 'ଇଆ' ପ୍ରତ୍ୟୟ ଯୋଗରେ ବହିଆ, କରିଆ, ଶୁଣିଆ, ଲଇଆ, ଜଗିଆ ଓ ଟଳିଆ ପ୍ରଭୃତି ଅସମାପିକା କ୍ରିୟା ଚର୍ଯାଗୀତିରେ ଦୃଷ୍ଟିଗୋଚର ହୋଇଥାଏ।

ସଂସ୍କୃତରେ 'ଶତୃ' ପ୍ରତ୍ୟୟ ପ୍ରାକୃତଭାଷାରେ 'ନ୍ତ' ପ୍ରତ୍ୟୟରେ ପରିଣତ ହୋଇଅଛି। ପ୍ରାକୃତର ଏହି 'ନ୍ତ' ପ୍ରତ୍ୟୟ ଅବିକଳ ଭାବରେ ଓଡ଼ିଆରେ ବ୍ୟବହୃତ ହେଉଅଛି। ଚର୍ଯାଗୀତିରେ ମଧ୍ୟ ଏହିପରି ପ୍ରତ୍ୟୟର ବ୍ୟବହାର ରହିଅଛି; ଯେପରି—

ବୁଝନ୍ତେ (୧), ଜାଣନ୍ତେ (୨୨), ଘୁମନ୍ତେ (୩୪), ଜାଗନ୍ତେ (୫୦); ଜାନ୍ତେ (୧୫), ଭଣନ୍ତେ (୧) ଇତ୍ୟାଦି।

ଅବ୍ୟୟ ପଦ ପ୍ରସଙ୍ଗରେ ଚର୍ଯାଗୀତିରେ 'କି' 'ଣ'; 'ଆଲେ'; 'ହି' ଓ 'ମ' ପ୍ରଭୃତି ଅବ୍ୟୟପଦ ପ୍ରଚଳିତ। ପ୍ରାଚୀନ ତଥା ଆଧୁନିକ ଓଡ଼ିଆରେ ଏସବୁର ବ୍ୟବହାର ରହିଅଛି। (ଆଶ୍ଚର୍ଯ୍ୟ ଚର୍ଯାଚୟ—ଡକ୍ଟର କରୁଣାକର କର ପୃ: ୧୬୦-୧୬୩)

ସଂଖ୍ୟାବାଚକ ଶବ୍ଦର ବ୍ୟବହାରରେ ଚର୍ଯାପଦର ଗୀତିକାରେ ଦୁଇ, ବେଣି (ସଂ ବେଣୀ 7 ଓ ବେନି), ତିନି (ସଂ ତ୍ରି ଶବ୍ଦର ସଂସ୍କୃତ କ୍ଲୀବଲିଙ୍ଗ ପ୍ରଥମାରେ ତ୍ରୀଣି 7 ଓ. ତିନି), ତିନଂ, ଚଉଷଠି, ବେଁସଠି (ବେୟସଠି ପାଖୁ) ପ୍ରଭୃତି ଶବ୍ଦ ବ୍ୟବହୃତ ହୋଇଅଛି। ଏହି ସବୁ ସଂଖ୍ୟାବାଚକ ଶବ୍ଦ ମଧ୍ୟ ଆମର ଓଡ଼ିଆଭାଷାରେ ଆଜି ଅବିକଳ ବ୍ୟବହୃତ ହେଉଅଛି।

ଚର୍ଯାପଦ ଭାଷାତତ୍ତ୍ୱ ସମ୍ବନ୍ଧୀୟ ବିଷୟ ପ୍ରାଚୀନ ଓଡ଼ିଆଭାଷା ଓ ସାହିତ୍ୟ ପର୍ଯ୍ୟାୟ ଆଲୋଚନାରେ ଏକାନ୍ତ ଆବଶ୍ୟକ—ପ୍ରାକ୍-ସାରଳା-ସାହିତ୍ୟ ସୂତ୍ର କହିଲେ ହିଁ ତାହା ସିଦ୍ଧାଚାର୍ଯ୍ୟମାନଙ୍କର ସାହିତ୍ୟକୁ ବୁଝାଇଥାଏ। ଭାଷାତତ୍ତ୍ୱ, ଧର୍ମତତ୍ତ୍ୱ ଓ ଇତିହାସ ଦୃଷ୍ଟିରୁ ଚର୍ଯାଗୀତି ଯେ ସମ୍ପୂର୍ଣ୍ଣ ଓଡ଼ିଆର ସାହିତ୍ୟ, ତାହା କହିବା ବାହୁଲ୍ୟ ମାତ୍ର।

## ଦୋହାକୋଷର ଲିପି


ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନଙ୍କ ଦ୍ୱାରା ବିହାର ରାଷ୍ଟ୍ରଭାଷା ପରିଷଦ ଦ୍ୱାରା ହିନ୍ଦୀ ଛାୟାନୁବାଦ ସହିତ ଦୋହାକୋଷ ସମ୍ପାଦିତ

ହୋଇଅଛି । ଦୋହାକୋଷର ଗୀତିସମୂହ ସରହପାଦଙ୍କ ଦ୍ୱାରା ଲିଖିତ । ପ୍ରାଚୀନ ତାଳପତ୍ରରେ 'ଦୋହାକୋଷ'ର ଯେଉଁ ଲିପି ପ୍ରକାଶ ପାଇଛି, ତାହା ଲକ୍ଷ୍ୟ କଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ତାହାର ଅଧିକାଂଶ ଲିପି ଓଡ଼ିଆଲିପି ସହିତ ସମାନ । ଅଧିକାଂଶ ଅକ୍ଷରର ଉପରିଭାଗ ଆଧୁନିକ ଓଡ଼ିଆ ଅକ୍ଷର ପରି ବର୍ତ୍ତୁଳ । Proto Bengali (ପ୍ରତ୍ନ ବଙ୍ଗୀୟ) ଲିପିର ତାହା ପରବର୍ତ୍ତୀ ଅବସ୍ଥା ଓ ଆଧୁନିକ ଓଡ଼ିଆଲିପିର ମଧ୍ୟବର୍ତ୍ତୀ । ତହିଁର କେତେକ ଉଦାହରଣ ନିମ୍ନରେ ଦିଆଗଲା ।

ଦୋହାକୋଷ ଲିପି ଓଡ଼ିଆ ଲିପି

ସଂଖ୍ୟା

ଦୋହାକୋଷ ଲିପି ଓଡ଼ିଆଲିପି



ଦୋହାକୋଷର ଭାଷା ସହିତ ଲିପିଗୁଡ଼ିକର ସୌସାଦୃଶ୍ୟ ଦୋହାର ଭାଷାକୁ ସେ ସମୟର ଓଡ଼ିଆଭାଷା ବୋଲି ପ୍ରମାଣ କରିବାରେ ଅନେକ ସାହାଯ୍ୟ କରିଥାଏ ।

# ବୌଦ୍ଧଗାନ ଓ ଦୋହାର ଭାଷା : ସନ୍ଧ୍ୟାଭାଷା

ବୌଦ୍ଧଗାନ ଓ ଦୋହାର ଭାଷା ସନ୍ଧ୍ୟାଭାଷା ଭାବରେ କଥିତ । ସନ୍ଧ୍ୟାଭାଷାର ସ୍ୱରୂପ ସମ୍ବନ୍ଧରେ ବିଭିନ୍ନ ମତ ପରିଦୃଷ୍ଟ ହୁଏ । ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଏ ସନ୍ଧ୍ୟାଭାଷାର ସ୍ୱରୂପ ସମ୍ପର୍କରେ କହିଅଛନ୍ତି, "ଆଲୋ—ଅନ୍ଧାରି ଭାଷା" ବା ଗୋଧୂଳି ଭାଷା, ଯାହାର ଅର୍ଥ ଆଲୋକ ପରି ପ୍ରକାଶିତ ଓ ଅନ୍ଧାର ପରି ଗୁପ୍ତ; କିନ୍ତୁ ମହାମହୋପାଧ୍ୟାୟ ବିଧୁଶେଖର ଶାସ୍ତ୍ରୀ ସେହି ଭାଷାକୁ କହିଅଛନ୍ତି ଯେ, ତାହା ସନ୍ଧ୍ୟାଭାଷା ନୁହେଁ; 'ସନ୍ଧାଭାଷା', ଯାହାର ଅର୍ଥ ବାହାରକୁ ଏକପ୍ରକାର; କିନ୍ତୁ ଯଥାର୍ଥ ଅର୍ଥ ତନ୍ମଧ୍ୟରେ ଲୁକ୍‌କାୟିତ । ତାହା ବାହାର ଅର୍ଥଠାରୁ ଭିନ୍ନ । ବୌଦ୍ଧଗାନ ଓ ଦୋହା ପାଠରେ ସେହିପ୍ରକାର କଥା ଆମ୍ଭମାନଙ୍କୁ ବୋଧ ହୋଇଥାଏ । ଗୋଟିଏ ହେଉଛି ବାହାରିଆ ଅର୍ଥ ଓ ଦ୍ୱିତୀୟଟି ଭିତରିଆ ଅର୍ଥ ବା ତାତ୍ତ୍ୱିକ ଅର୍ଥ । ବହୁ ପ୍ରାଚୀନ ବୈଦିକ ସାହିତ୍ୟରୁ ଆରମ୍ଭ କରି ଏ ପ୍ରକାର ଭାବରେ ଅନେକ ସାହିତ୍ୟ ସୃଷ୍ଟି ହୋଇଥିଲା । ତନ୍ତ୍ର-ସାହିତ୍ୟରେ ସନ୍ଧ୍ୟାବଚନ ପରି ଜ୍ଞାନବଜ୍ରଶେଷରେ ପଦସମୂହ ଦେଖାଯାଇଥାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟ, ବିଶେଷ କରି ପଞ୍ଚସଖା ଯୁଗର ସାହିତ୍ୟରେ ସନ୍ଧ୍ୟାବଚନ ପରି ବଚନ ବହୁଳ ଭାବରେ ରହିଛି । ଏ ପରମ୍ପରର ଧାରା ବୌଦ୍ଧଗାନ ଓ ଦୋହା ସୂତ୍ରରୁ ଗଢ଼ି ଆସିଛି ଓ ଓଡ଼ିଶାର ଗାଁ-ଗହଳିର ଲୋକମୁଖରେ ଏ ସନ୍ଧ୍ୟାବଚନ ଏକ ପ୍ରକାର 'riddle' ବା ଜଟିଳ ପ୍ରଶ୍ନ ଭାବରେ ବ୍ୟବହୃତ ହୋଇଥାଏ । ବୌଦ୍ଧଗାନ ଓ ଦୋହାରେ ରହିଛି—

"ମାରିଅ ଶାସୁ ନଣନ୍ଦ ଘରେ ଶାଳୀ
ମାଅ ମାରିଆ କାହ୍ନ ଭଇଅ କବାଳୀ" (ଦୋ· ୧୧।ପୃ·୬୧)

ଟେଣ୍ଟଣପାଦଙ୍କର ଦୋହାରେ—

"ଟାଳ ତ ମୋର ଘର ନାହିଁ ପଡ଼ିବେଶୀ
ହାଣ୍ଡୀତ ଭାତ ନାହିଁ ନିତି ଆବେଶୀ

ବେଙ୍ଗ ସଂସାର ବଢ଼ହିଲ ଜାଅ *
ଦୁହିଲ ଦୁଧୁକ ବେଣ୍ଟେ ସମାସୁ
ବଳଦ ବିଆଏଲ ଗାବଆ ବାଁଝେ
ପିଟା ଦୁହିଏ ଏ ତିନା ସାଁଝେ ।"

ପ୍ରଥମ ଉଦ୍ଧୃତାଂଶର ଅର୍ଥ ହେଉଛି "ଘରେ ମା, ଶାଶୁ, ନଣନ୍ଦ ଓ ଶାଳୀକୁ ମାରି କାହ୍ନୁ କାପାଳିକ ହେଲେ ।" ଏଠାରେ ଶାଶୁ ଅର୍ଥ (ଶ୍ୱାସ), ନଣନ୍ଦ ଓ ଶାଳୀ ମଧ୍ୟ ଶ୍ୱାସ ଅର୍ଥରେ ବ୍ୟବହୃତ । ଶାଶୁ, ନଣନ୍ଦ ଓ ଶାଳୀ, ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ଭାବରେ ବ୍ୟବହୃତ । କାହ୍ନୁପାଦ ଏହି ତିନି ନାଡ଼ୀକୁ ନିଜର ଆୟତ୍ତରେ ଆଣିଲେ ଓ ପରିଶେଷରେ ମା ରୂପକ ମାୟାକୁ ଦମନ କରି କାପାଳିକ ହେଲେ । ଡଃ. ଶଶିଭୂଷଣ ଦାସ-ଗୁପ୍ତ ଏ ପଦର ଅର୍ଥ ବୁଝାଇବାକୁ ଯାଇ "ଶାଳୀ" ଶବ୍ଦର ଅର୍ଥ ପୂର୍ଣ୍ଣ ଭାବରେ ଛାଡ଼ିଦେଇ ଯାଇଛନ୍ତି (୧) ।

ଦ୍ୱିତୀୟ ଉଦ୍ଧୃତାଂଶର ଅର୍ଥ ହେଉଛି, "ବସ୍ତିର ଉଚ୍ଚାଜାଗାରେ ମୋହର ଘର ଓ ମୋହର କେହି ପଡ଼ୋଶୀ ନାହାନ୍ତି । ହାଣ୍ଡିରେ ଭାତ ନାହିଁ, କିନ୍ତୁ ପ୍ରତିଦିନ କୁଣିଆ ଆସୁଛନ୍ତି । ବେଙ୍ଗ ସାପକୁ ଗୋଡ଼ାଉଛି । ଦୁହିଁଲା ଦୁଧ ଗାଈ ଥରରେ କଣ ପଶେ ? ବଳଦ ବିଆଇଲା, ମାତ୍ର ଗାଈ ବାଂଝ ହେଲା । ମାଠିଆରେ ତାହା ଦିନକୁ ତିନି ଥର ଦୁହାଁ ଯାଉଛି ।" ଏହାର ତାତ୍ତ୍ୱିକ ଅର୍ଥ ହେଉଛି, "ମହାସୁଖଚକ୍ରରେ କାୟବାକ୍ ଚିତ୍ତର ୧୬° ପ୍ରକୃତ ଦୋଷ ଲୟପ୍ରାପ୍ତ ହୋଇଛି । ଢେଣ୍ଢଣପାଦ କହୁଛନ୍ତି ଯେ ସେହି ମହାସୁଖଚକ୍ରରେ ତାଙ୍କର ଘର । ସେଠାରେ ତାଙ୍କର କୌଣସି ପଡ଼ୋଶୀ ନାହାନ୍ତି । କାରଣ ପାଖରେ ଥିବା ଚନ୍ଦ୍ର ଓ ସୂର୍ଯ୍ୟ (ଇଡ଼ା ଓ ପିଙ୍ଗଳା)କୁ ସେହି ଚକ୍ରର ମଧ୍ୟରେ ଲୀନ କରାଇ ଦିଆଯାଇଛି । ନିଜର କାୟାରୂପ ହାଣ୍ଡିରେ (ପିଣ୍ଡ ରୂପକ ହାଣ୍ଡି) ଭାତ ବା ସମ୍ବୃତି ବୋଧିଚିତ୍ତ ନାହିଁ । ତେଣୁ ଯୋଗୀନ୍ଦ୍ର ନୈରାତ୍ମ୍ୟ ରୂପେ ସେଠାରେ କୁଣିଆ ରୂପେ ଆସୁଅଛନ୍ତି । ଏହିପରି

* ବେଙ୍ଗସ ସାପ ବଢ଼ହିଲ ଜାଅ—Bagchi.

(୧) Obscure Religious Cults—Dr. S.B. Dasgupta 1946, P. 66.

ଭବରେ ମୋହର ପ୍ରସ୍ରବ (ଶୂନ୍ୟ) ରୂପକ ସଂସାର ବଢ଼ିବଢ଼ି ଯାଉଛି । କର୍ମମୁଦ୍ରା ପ୍ରସଙ୍ଗରେ ବଜ୍ରାଗାର ରୂପକ ଗାଭିକୁ ବାହାରୁଅବା ବୋଧିଚିତ୍ତ ରୂପକ ଦୁଧ ଦୁହିଁ ସେହି ମହାସୁଖଚକ୍ର ଆଡ଼କୁ ଗତି କରୁଛି । ବୋଧିଚିତ୍ତ ରୂପକ ବଳଦ ଜ୍ଞାନରୂପକ ସନ୍ତାନ ଜନ୍ମକଲା । କିନ୍ତୁ ଗାଈ ବା ଯୋଗୀର ନୈରାତ୍ମାରୂପିଣୀ ଗୃହିଣୀ ବୋଧିଚିତ୍ତ-ରୂପକ ସନ୍ତାନ ପ୍ରସବ କରିପାରିଲା ନାହିଁ । ମୁଁ ବର୍ତ୍ତମାନ ତିସନ୍ଧ୍ୟାରେ ରୂପକ ବୋଧିଚିତ୍ତ ବଳଦର ଆଧାରରୂପୀ ମହାସୁଖଚକ୍ରକୁ ତିସନ୍ଧ୍ୟାରେ ଦୋହନ କରୁଅଛି (୧) ।”

ଏହି ପ୍ରକାରର ବ୍ୟାଖ୍ୟା ପ୍ରତ୍ୟେକ ଦୋହାରେ ଅଛି । ତାହାରେ କେଉଁଠି ଅତି ଅଶ୍ଳୀଳାର୍ଥ ବା ସାଧାରଣ ଅର୍ଥ ପ୍ରକାଶ ପାଉଛି; କିନ୍ତୁ ଭିତରେ ରହିଛି ଯୌଗିକ ଅର୍ଥ । ସହଜଯାନ ଓ ବଜ୍ରଯାନରେ ଗୁରୁବାଦ ବା ଗୁରୁପରାମର୍ଶ ବା 'ସଦ୍‌ଗୁରୁ' ଉପରେ ଏତେ ଗୁରୁତ୍ୱର କାରଣ ହେଉଛି; ପ୍ରକୃତ ସଦ୍‌ଗୁରୁ ବ୍ୟତୀତ ଅର୍ଥ ଅନର୍ଥରେ ପରିଣତ ହୋଇପାରେ । ଗୁରୁ ହିଁ ତତ୍ତ୍ୱଦ୍ରଷ୍ଟା । ତେଣୁ ତାଙ୍କ ବ୍ୟତୀତ ଅନ୍ୟ କେହି ଧର୍ମର ତତ୍ତ୍ୱ ବୁଝାଇ ପାରିବେ ନାହିଁ । ପ୍ରାଚୀନ ଓଡ଼ିଆ ସାହିତ୍ୟ ବା ପଞ୍ଚସଖା ସାହିତ୍ୟରେ ସେଥିପାଇଁ ଅଧିକାଂଶ ସ୍ଥାନରେ 'ସଦ୍‌ଗୁରୁ' ପ୍ରସଙ୍ଗ ଅବତାରଣା କରାଯାଇଅଛି । ଏହି ବୌଦ୍ଧଗାନ ଓ ଦୋହାରେ ତାଡ଼କପାଦଙ୍କ ଦୋହାରେ (ଦୋହା ନଂ ୩୭) ବ୍ୟବହୃତ ଜନନେନ୍ଦ୍ରିୟ ସମ୍ବନ୍ଧୀୟ ଶବ୍ଦର ଅର୍ଥ ବୁଝି ନ ପାରି ସେ ସବୁ ଶବ୍ଦର ଆମ୍ଭମାନଙ୍କ ଅସମ୍ଭବ ଅର୍ଥ ଦେଇଅଛନ୍ତି । ଦେଖିବାର କଥା ଯେ ଏସବୁ ଶବ୍ଦ କେବଳ ଓଡ଼ିଶାରେ ହିଁ ପ୍ରଚଳିତ, ବଙ୍ଗଳାରେ ନୁହେଁ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସନ୍ଧ୍ୟାଭାଷାର ପଦ ଅଭାବ ନାହିଁ (୨) । ତାହାର ଅସଂଖ୍ୟ ଉଦାହରଣ ପରପରା ଓ ପଞ୍ଚସଖା

(୧) ବୌଦ୍ଧଗାନ ଦୋହା—ହରପ୍ରସାଦ ଶାସ୍ତ୍ରୀ, ଟୀକା ଦ୍ରଷ୍ଟବ୍ୟ ।

(୨) * ଅଜ୍ଞାନୀହିଁ ଅନ୍ୟ ଭରସା ଶ୍ରୀକୃଷ୍ଣ ଚରଣେ କରୁଛୁ ଆଶା
ସିନ୍ଧୁଡ଼ି ଘୁଳନ୍ତେ ପବନ ଝଲନ୍ତେ ଦ୍ରୁମ ହେମଗିରି ଗିଳିଲା ଶଶା
ଶୃଗାଳ ବଳରେ ସିଂହ ପଳାଇଲା କଳି ଲଗାଇଲେ ମଣ୍ଡୁକି ମୂଷା ।
ଦ୍ୱାରୁ ଶୁଖିଗଲା ମୀନ ପଳାଇଲା ଆଧାର ନ ପାଇ ଉଡ଼ିଲା ହଂସୀ
....ବୋଇତ ଭିତରେ ସମୁଦ୍ର ଲୁଚିଛି ଠିକେ ବଳଗ୍ରାମ ଜଗିଛି ଆଶା ।

* ପ୍ରାଣ ସଜନୀ ଗୋ ଶୁଣିଲେ ହୋଇବୁ ବାଇ ।
ବନର ଭିତରୁ ଯାଇ ପ୍ରପନ୍ତୁ ବାଘୁଣି ବାଛ କଡ଼ାଇ ।
ପିତାମାତା ତୁହେଁ ଜନମ ନୋହୁଣୁ ପୁଅ ସେ ଦାଣ୍ଡେ ଖେଳଇ
ଗାଈ ନ ଘଟୁଣୁ ଗୋପାଳ ଦୋହୁଛି ଲବଣୀ ହାଟେ ବିକଇ ।୧।
ନଉକା ଭିତରେ ସମୁଦ୍ର ଲୁଚିଛି ସେ କଥା ଦେଖିଛୁ କାହିଁ ।
କୁମ୍ଭର ଭିତରେ ମୃଗ ପ୍ରସବିଛି ଦାଣ୍ଡେ ବାଛୁରୀ ଖେଳଇ ।
ନାଗ ସର୍ପକୁ ସେ ମଣ୍ଡୁକ ଗିଳଇ ସେ କଥା ଦେଖିଛୁ କାହିଁ ।
ଦେଢ଼ଶୁର ଭାଉବୋହୂଙ୍କର ଭାବ ଶୁଣେଲେ ଗୋପିଆ କହଇ ।୨।
ବୁଢ଼ୀ ମରିଲା ବିଧବା ହୋଇଲା ସେ କଥା ଦେଖିଲୁ କାହିଁ ।
ଯଶୋବନ୍ତ କହେ ପଦଗୁରୁ ଧ୍ୟାୟି ପଣ୍ଡିତେ ଗୋଚର ନୋହି ।

* ପାବଣ୍ଡ କହୁଛନ୍ତି ଶୁଣ ଶଳିହାଣି ।
ଦେଖ ଭିତରେ କହ୍ନାଇ ଲୁଚିଛି କେଉଁଠାଇଁ
ବତାସ କାହିଁ ରମ୍ଭା ତରୁକୁ ଭାଙ୍ଗିଲା ।
ମନ୍ଦାର କାହିଁ ହାରକ ଭାସିଲା ।
ଅଗ୍ନି କାହିଁ ସମରେ ଜଳିଲା ବନରେ ।
ଚନ୍ଦ୍ରସୂର୍ଯ୍ୟ କାହିଁ ଗଲେ ବନ୍ଧ କୁମ୍ଭଣି ଭିତରେ ।
ଗଗନକୁ ଶଗା ବାନ୍ଧିଛି କେଉଁଠାରେ ।
କଙ୍କଡ଼ା ବଣକୁ ଧରିଛି କେବଣ ଘରଦ୍ୱାରେ ।
ଯୋଗି କାହିଁ ଘଣ୍ଟ ଶବଦ ବାଦ୍ୟ ବଜାଉଛି ।
ବାଦ୍ୟ ଶବଦ କାହିଁ ହୋଇଲା କାହିଁରେ ରହିଛି ।
ଅଧିବା ଲୋକ ଯାଇଁ ରହିଲା କାହିଁରେ ।
ପାଦ ନ ଥାଇ ସେ ବୁଲୁଛି ପୃଥିବୀରେ ।
ବସା ଯେନ ଚଢ଼ାଇ ଉଡୁଅଛି କାହିଁ ।
ଚତୁର୍ଦ୍ଦିଶ କଣ୍ଠ ଘରବାସି କେଉଁଠାଇଁ ।
ଉଜଗର୍ଭ୍ୟେ ଜାତ ନୋହି ଭୂମିରେ କାହିଁ ତାର ବାସ ।
ମୂଷାର ପାଦ କାହିଁ ଖାଅଇ ମନୁଷ୍ୟ ମାଂସ ।
ଷଣ୍ଢେକ ନାନା ବର୍ଣ୍ଣ ସହସ୍ରେ ଶିର ହୋଇ ।
ପୁଚ୍ଛେକ ଜାତକଲା ବ୍ରହ୍ମାଣ୍ଡ ତକ୍ଷଂ ହୋଇଂ ।୩।
(—ଶିବସ୍ୱରୂପ ପାଣ୍ଡୁଲିପି-ଦ୍ୱାରକା ଦାସ, ଅ.୪ ।)

ସମ୍ପ୍ରଦାୟର ବହୁ ଗୀତ ସାଧକଙ୍କର ଭଜନ-ଚଉତିଶା ଓ ଗ୍ରନ୍ଥମାନଙ୍କରେ ଦେଖାଯାଏ । ଅଚ୍ୟୁତାନନ୍ଦଙ୍କର ଭଜନରେ—

"ବାରମନ ହୋ ବସି ହଂସକୁ ଖେଳା ।
ହଂସ ଉଡ଼ିଗଲେ ବୁଡ଼ିବ ଭେଳା

---

ଦ୍ୱାରକାଦାସ ଶ୍ଳୋକାଂଶର ଅର୍ଥ ଏହିପରି ଭାବରେ ଦେଇଅଛନ୍ତି— ମୋହ—ବତାସ, ଦୁଃଖ—ରତ୍ନାକର, ସୁବୁଦ୍ଧି—ଶାସ୍ତ୍ର, କ୍ରୋଧ—ମତ୍ସ୍ୟାଦି, ଲୋଭ— କୁମ୍ଭୀର, ଅକାଳ—ନରକ, ଯେଉଁର ପାଦ ନାହିଁ ସେ ବ୍ରହ୍ମାଣ୍ଡ ବିଚରଣ କରୁଛି, ଅନ୍ଧ ଚାନ୍ଦୋଲକୁ ଚିହ୍ନିଲା । ବଣକଳା ଦେହରେ ମନପବନକୁ ବନ୍ଧକଲା, କ୍ରୋଧଗଜ ଅକ୍ରୋଧ-ମନ୍ତ୍ରକୁ ବନ୍ଦୀକଲା, କଳ୍ପନା-ଦଳ ବିକଳ୍ପ-ଦଳକୁ ସୂଚରେ ଜଡ଼ିଛି, ଯୋଗ କହ୍ନା ମୁହଁରେ ପଞ୍ଚ ଗ୍ରହ । ସେ ଶବ୍ଦ ବାଜି ବାଦ୍ୟରେ ରହେ । ଅନନ୍ତ ଆସିବା ଠାବରେ ବୁଝିଲା, ବନ୍ଧନ୍ତା ମନପକ୍ଷୀ ଦେହକୁ ବସାନେଇ ଉଡ଼ିଗଲା । ଅଷ୍ଟ ପରବାଶୀ ଦେହରେ ବସାକରି ଚତୁର୍ଦ୍ଦଶ ପଦରେ ନିଜ ଦେହକୁ ଯାଏ । ଅନନ୍ତ ପ୍ରବୃତ୍ତି ରଜସାର୍ଥରେ ଜାତ ହୁଅନ୍ତି । ଭୂମି ଆକାଶର ବାସ ନାହିଁ । ସେ ମଶିଷ ମାଂସ ଖାଏ । ସେ କ୍ଷଣକେ ନାନା ବର୍ଣ୍ଣ ଧରେ । ତାହାର ମୂଳ ବିନ୍ଦୁ ସୃଷ୍ଟି ସର୍ଜନା କରେ ଇତ୍ୟାଦି ।

* ପୁଣି ସେହି ଶିବସ୍ୱରୂପରେ ଅନ୍ୟତ୍ର ବର୍ଣ୍ଣିତ ଯେ, ମୁଖର ଦୁଇ ହନୁଦାନ୍ତ ମଧ୍ୟରେ ଅମୃତ ବହୁଛି । ସେ ଅମୃତ ମହାପ୍ରସାଦ ନାମରେ କଥିତ । ସେହି ମହାପ୍ରସାଦ ପ୍ରାଣୀମାନେ ଖାଇ ଜୀବନଧାରଣ କରୁଅଛନ୍ତି । ସେଠାରୁ ପଶ୍ଚିମ ଦିଗକୁ ଗଲେ ଭଇବୋହୂକୁ ଭେଟିବାକୁ ମିଳଇ । କେସ୍ତାପୁର ଭଇବୋହୂକୁ ଦେଖିଲେ ଅମର ହେବ । ସେଇଠାରୁ ବୋହୂ ନିର୍ଗୁଣ ଅଟେ । ସେମାନେ ସନ୍ତୁ-ଷ୍ଟେ ନେ ନେ ହୋଇ ରହିଛନ୍ତି । ଦେହଶ୍ଲୋକର ଭଇବୋହୂ ଇଅଁଳା ପିଅଁଳା ନାଡ଼ୀ ମାତ୍ର । ଦୁଇ ନଳେ ବୋହୂ ବିଧବା ହେବ ନାହିଁ । ବୋହୂର ସ୍ତନରେ ସ୍ୱର ସ୍ଥିର ରହିଛି । ଏହି ଯୌଗିକ ବିଷୟକୁ ଅର୍ଥାତ୍ ଇଡ଼ା ପିଅଁଳା ନାଡ଼ୀରେ ବାୟୁର ସାଧନକୁ ଦ୍ୱାରକା ଦାସ ଅଶ୍ଳୀଳାର୍ଥରେ ପ୍ରକାଶ କରିଅଛନ୍ତି—କିନ୍ତୁ ତାହାର ଅନ୍ତର୍ନିହିତ ଅର୍ଥ ଯୌଗିକ ଅଟେ ।

"ବୋହୂର ସ୍ତନରେ ଯେ ସ୍ଥିରଅଛି ସ୍ୱର
ଚେତନା ଚେତି ସେ କରିବ ତାହା ଠାବ
ଶମ୍ଭୁର ଭିତରେ ଯେ ମାଡ଼ି ବସିଥିବ
ଦୁଇସ୍ତନ ଧରି ସେ ମୁକତି ପାଇବ"—

ବୋହୂ—ସୁଷୁମ୍ନା ନାଡ଼ୀ, ଦୁଇସ୍ତନ—ଇଡ଼ା ଓ ପିଙ୍ଗଳା ନାଡ଼ୀ, ଶମ୍ଭୁ— ଭ୍ରମର ଗୁମ୍ଫା ।

ଷୋଡଶ ଗୋଟିକ ସ୍ୱର ଉଚ୍ଚରଣ ।
ତନ୍ ଷାଠିଏ ଅଣ୍ଡିର ବଂଶ
ତନ୍ ଗୋଟିକେ ଭିନ ଭିନ କୁଆ ।
ସୁଗ୍ୟାନ ଯେ ଦେବ ଜାଣିବେ ତାହା ।
ଦେଉଳ ରହିଛି ନେଉଳ ମୁଣ୍ଡେ,
ଟଙ୍କଣ ରହିଛି ବିଶୁର ମୁଣ୍ଡେ
ଦର୍ପକୁ ମଣ୍ଡୁକ କରୁଛି ଗେଲ,
ମୂଳ ବୃକ୍ଷେ ଅଛି ମନ୍ଦାର ଫୁଲ" (୧) ।

ସ୍ୱାମୀ ଗୋରେକ୍ଷନାଥଙ୍କ ନାମରେ ଅନେକ ଭଜନ ଓଡ଼ିଆ ଭାଷାରେ ପ୍ରଚଳିତ ଅଛି । ତନ୍ମଧ୍ୟରୁ ଗୋଟିଏ ଦେଉଛି—

ଗ୍ୟାନ ହୋ କହ ବଚନ ସନ୍ଧ ।
କେଉଁ କମଳରେ ଭ୍ରମର ବନ୍ଧ ।
କାଳନ୍ଦୀ ହ୍ରଦରେ ପାଲୁଆ କଥା ।
କାହିଁ ସେ ସିଂହକୁ ଗିଳୁଛି ଶଶା ।
ହସ୍ତୀ ମଣ୍ଡୁକର ଲଗିଛି ସୂତ ।
କେଉଁ କମଳରେ ପୁଟିଛି କୋକନଦ ।
ଶୂନ୍ୟମଣ୍ଡପେ କାହିଁ ବାଜେ ବଂଶୀ ।
କେଉଁଠାରେ ଅଛି ଗୋପ ପାଠଣା ।
କହନ୍ତି ଗୋରେକ୍ଷ ଶୁଣ ହେ ଭାଇ ।
ସଦଗୁରୁ ସେବା କଲେ ସେ ପାଇ ।

---

* ଦେଖ ମାଡ଼ିଅଛୁ ଙ୍କ ମୂଷା କଟାଏ ଶୃଗାଳ ହୋଇଛି ରଜା
ଜଳକରେ ସେ ମନ୍ତ୍ରୀ ହୋଇଅଛି ଭେକ ଭଲ ପରଜା ।୧।
ବଳଦ ଦାଣ୍ଡରା ଘର ଘୁରିଅଛି ଦୁଇ ଜଣଅଛି ବଟା
ଦଣ୍ଡି ନେଉଛି ମାଛ ଗଣ୍ଡି ଭକ୍ଷୁଅଛି ବଗ ଧରୁଅଛି ଛଟା ।୨।
ଏଣ୍ଡୁଅ କାନରେ ସୁନା ମଲ କଡ଼ି ନେଉଳ କାନରେ ଗୁଣା
ମୂଷା ଶୋଇଅଛି ରତ୍ନ ପଲଙ୍କରେ ମଞ୍ଜାର କରେ ବାଛଣା ।୩। ଇତ୍ୟାଦି
—ବ୍ରହ୍ମଜ୍ଞାନଗୀତା-ଗନ୍ଧର୍ବମ ଦାସ-ନବମ ଅଧ୍ୟାୟ—ପୃ. ୨୪-୨୫

(୧) State Museum, Orissa, Mss OL 303, P.68-69.

ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ବଳରାମ ଦାସ, ଶିଶୁରାମ ଦାସ, ହଂସ ଦାସ, ଦ୍ୱାରିକା ଦାସ, ଗୁଣ୍ଡୁଚା ଦାସ ପ୍ରଭୃତି ବହୁ ଭକ୍ତମାନଙ୍କର ଶରୀରଭେଦ ସମ୍ବନ୍ଧୀୟ ରଚନାରେ ଏହିପ୍ରକାର ଉଲଟ ଭାଷା ପରିଲକ୍ଷିତ ହୁଏ । ଓଡ଼ିଶାର ଗାଁ-ଗହଳର ବୈଷ୍ଣବୀମାନଙ୍କ ଭିତରେ ଶରୀରଭେଦ ଭଜନର ବହୁଳ ଆଲୋଚନା ହୋଇଥାଏ । ଏହାର ପର୍ଯ୍ୟାପ୍ତ ଉଦାହରଣ ମୂଳଗ୍ରନ୍ଥ ପାଦଟୀକା (Footnote)ରେ ଦିଆଯାଇଅଛି । ଓଡ଼ିଆ ସାହିତ୍ୟରେ ଯେ କେବଳ ଏହିପରି ରଚନା ପରିଦୃଷ୍ଟ ହୁଏ, ତାହା ନୁହେଁ; ସନ୍ଥ କବୀରଙ୍କର ରଚନାରେ ଏ ପ୍ରକାର ଉଲଟ ଭାଷାର ସୂଚନା ଅଛି ସ୍ପଷ୍ଟ (୨) । ସୁନ୍ଦର ଦାସ, ନାଥ ସମ୍ପ୍ରଦାୟର ବହୁ ସିଦ୍ଧ ସାଧକ, ଯଥା—ଗୋରକ୍ଷନାଥ, ମୀନନାଥ ଓ ବଙ୍ଗଳାର ବାଉଲ-ଗୀତିକା ପ୍ରଭୃତି ରଚନା ଭିତରେ ଏ ପ୍ରକାର ସନ୍ଧ୍ୟାଭାଷାର ଗୀତ ଦେଖାଯାଏ । ସୁନ୍ଦର ଦାସଙ୍କର ଗୋଟିଏ କବିତା ଡଃ ଦାସଗୁପ୍ତ ଅନୁବାଦ କରି ଲେଖିଛନ୍ତି, "ଅନ୍ଧଟି ଭୁବନ ଦେଖୁଛି, କାଲ ବିବିଧ ପ୍ରକାର ଶବ୍ଦ ଶୁଣୁଛି, ଛୋଟା ନାଚୁଛି । ଟିମ୍ପି ହାଣ୍ଡି ଟିକୁଛି, ଶଶା ସିଂହକୁ ଗିଳୁଛି । ମାଛ ନଈଁ ଭିତରେ ପଞ୍ଚ ଆନନ୍ଦ ପାଉଛି, ପାଣିରେ ରହି କଷ୍ଟ ପାଉଛି । ଛୋଟା ପାହାଡ଼ ଚଢ଼ୁଛି" ଇତ୍ୟାଦି (୩) । ଏହିପରି ବହୁ ଉଦାହରଣ ବିରଳ ନୁହେଁ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏ ସବୁର ପ୍ରୟୋଗ ଭଜନ, ଜଣାଣ ଓ ଚଉତିଶା ପ୍ରଭୃତିରେ ଏତେ ବେଶି ଯେ, ତାହାର ସଂଖ୍ୟା ଗଣନା କରିବା ଅସମ୍ଭବ ହୋଇ ପଡ଼ୁଛି । ପଞ୍ଚସଖା ସାହିତ୍ୟର ଗୋଟିଏ ଅଂଶ ହିଁ ସନ୍ଧ୍ୟାଭାଷା । ସନ୍ଧ୍ୟାଭାଷା ପ୍ରସଙ୍ଗରେ ଡଃ ଦାସଗୁପ୍ତ ମହାଶୟ ବଙ୍ଗଳା ଅଞ୍ଚଳର ଏ ପ୍ରକାର ଭାଷାର ଆଲୋଚନା କରିଥିଲେ ମଧ୍ୟ,

---

(୨) ଏକ ଅଚମ୍ଭବ ଦୁଇଜ ଭୁମଞ୍ଚଲ, ଦେଖତ ସିଂହ ଚରାବତ ଗାଈ
ଜଲକା ମଛଲି ତରୁବର ବ୍ୟାଇ, ଦେଖତ କୁତା ଲଇଗଇ ବିଲାଇ
See Obscure Religious cults—Dasgupta,
P. 482

(୩) Ibid—P. 484,

ଏ ପ୍ରକାର ସନ୍ଧ୍ୟାଭାଷାର ଭଣ୍ଡାର ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରସଙ୍ଗ ଆଦୌ ଅବତାରଣା କରନାହାନ୍ତି; କିନ୍ତୁ ପରିଶେଷରେ ସେ କହିଛନ୍ତି ଯେ, ଏକ ସମୟରେ ଭାରତବର୍ଷ ସାହିତ୍ୟ, ଧର୍ମ, ଭାଷା ଓ ଲୋକର ସ୍ୱତନ୍ତ୍ର ବିଭିନ୍ନ ଉତ୍ସରେ ଗୋଟାଏ ଧରଣରେ ଗଢ଼ି ଉଠିଥିଲା । ସତ୍ୟକୁ ଯୋଡ଼ାଇବା ପାଇଁ ତାଙ୍କର ଏହି ମନ୍ତବ୍ୟ ବରଂ ସତ୍ୟ ପ୍ରକାଶରେ ବେଶି ସହାୟକ ହୋଇପାରନ୍ତି ।

# ଚର୍ଯ୍ୟାପଦର ଧର୍ମ

ଚର୍ଯ୍ୟାପଦର ଧର୍ମ ସହଜିଆ ଧର୍ମ । ଖ୍ରୀ. ସପ୍ତମ ଓ ଅଷ୍ଟମ ଶତାବ୍ଦୀ ମଧ୍ୟରେ ତାନ୍ତ୍ରିକ ବୌଦ୍ଧଧର୍ମ ଭାରତ ତଥା ଭାରତ ବାହାରେ ପ୍ରଚଳିତ ହୋଇଥିଲା ଓ ତାହା ଏକ ଲୋକପ୍ରିୟ ଧର୍ମ ଥିଲା । ଓଦନ୍ତପୁରୀ, ନାଳନ୍ଦା, ବିକ୍ରମଶୀଳା ଓ ଓଡ଼ିଶାର ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟରେ ତାନ୍ତ୍ରିକ ବୌଦ୍ଧଧର୍ମର ବିଶେଷ ଚର୍ଚ୍ଚା ହେଉଥିଲା । ପ୍ରାଜ୍ଞ ନାମକ ଜଣେ ବୌଦ୍ଧସନ୍ନ୍ୟାସୀ ଓଡ଼ିଶାର ପୁଷ୍ପଗିରିକୁ ଆସି ତନ୍ତ୍ରଯାନ ସମ୍ବନ୍ଧରେ ବହୁ ବିଷୟ ଶିକ୍ଷା କରିଥିବାର ଜଣାଯାଏ । ତନ୍ତ୍ରଯାନ ମୁଖ୍ୟତଃ ତିନ ଭାଗରେ ବିଭକ୍ତ, ଯଥା—କାଳଚକ୍ରଯାନ, ବଜ୍ରଯାନ ଓ ସହଜଯାନ । ଏହି କାଳଚକ୍ର ଗ୍ରନ୍ଥ ଅତି ନିକଟରେ ଆବିଷ୍କୃତ ହୋଇଛି । ତାହାର ନାମ ବିମଳ ପ୍ରଭା ଓ ରଚୟିତା ହେଉଛନ୍ତି ସୁଚନ୍ଦ୍ର । ଏହାର ଆଲୋଚନା ମଧ୍ୟ ଅନ୍ୟତ୍ର ହୋଇଛି (J. A. S. B. 1952) । କାଳଚକ୍ରଯାନରେ ଶୂନ୍ୟତା ଓ କରୁଣାର ପ୍ରାଧାନ୍ୟ ମଧ୍ୟ ରହିଛି ଓ ତାହା ସାକାର ଓ ନିରାକାର ଭାବସମ୍ପନ୍ନ । ନାଗାର୍ଜ୍ଜୁନଙ୍କର ସମସ୍ତ ଶୂନ୍ୟ ଶବ୍ଦରୁ (୧) ଆରମ୍ଭ । ମାଧ୍ୟମିକ ଦର୍ଶନକାର ନାଗାର୍ଜ୍ଜୁନ ଖ୍ରୀ. ଦ୍ୱିତୀୟ ଶତକରେ ଏହି ମାଧ୍ୟମିକ ବୌଦ୍ଧଧର୍ମ ଭାରତରେ ପ୍ରଚାର କରିଥିଲେ ଓ ଓଡ଼ିଶା ମଧ୍ୟ ସେହି ମହାଯାନ ମାଧ୍ୟମିକ ଦର୍ଶନର ପନ୍ଥା ଅନୁସରଣ କରିଥିଲା । ଓଡ଼ିଶାର ପରବର୍ତ୍ତୀ ଶୂନ୍ୟବାଦାତ୍ମକ ସାହିତ୍ୟ ବା ପଞ୍ଚସଖା ସାହିତ୍ୟର ମୌଳିକ ଉଦ୍ଭବ ସେହି ମହାଯାନ ବୌଦ୍ଧଧର୍ମ ଭିତରେ ହିଁ ଦେଖିବାକୁ ମିଳେ । ବଜ୍ରଯାନର ବୁଦ୍ଧ ବଜ୍ରଧର ଓ ବଜ୍ରସତ୍ତ୍ୱ ଭାବରେ କଥିତ ହେଉଥିଲେ । ବଜ୍ରର ଅର୍ଥ ଅଶ୍ଳୀଳାର୍ଥରେ ପ୍ରଯୁକ୍ତ ହେଲେ ମଧ୍ୟ ତାହା କେତେବେଳେ ଶୂନ୍ୟତା ଅର୍ଥରେ ଓ କେତେବେଳେ ମଧ୍ୟ ଶୁଦ୍ଧ ଅର୍ଥରେ

---

(୧) "ନମଃ ଶ୍ରୀ କାଳଚକ୍ରାୟ ଶୂନ୍ୟତା କରୁଣାତ୍ମନେ ।"

ପ୍ରଯୁକ୍ତ । ଅନଙ୍ଗବଜ୍ରଙ୍କର ଜ୍ଞାନସିଦ୍ଧିରେ ରହିଛି, "ବୋଧିଚିତ୍ତ ଇତ୍ୟେବ ବଜ୍ରଂ" ଅର୍ଥାତ୍ ବୋଧିଚିତ୍ତ ଯାହା, ବଜ୍ର ମଧ୍ୟ ସେଇଆ । "କଠିନ ସାଧନା ଦ୍ୱାରା ବୋଧିଚିତ୍ତ ବା ଶୂନ୍ୟ ଯେତେବେଳେ ସ୍ଥିର ଭାବ ଧାରଣ କରେ, ସେତେବେଳେ ତାହା ବଜ୍ର ନାମରେ ନାମିତ ହୁଏ ଓ ବୁଦ୍ଧ ଯେଉଁ ଆସନରେ ବସି ସିଦ୍ଧିଲାଭ କରନ୍ତି ତାହା "ବଜ୍ରାସନ" ନାମରେ କଥିତ ହୁଏ । ବୌଦ୍ଧମତରେ ପଞ୍ଚସ୍କନ୍ଧ କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ ପରେ ପଞ୍ଚକୁଳ ଭାବ ଗ୍ରହଣ କରିଛି ଓ ସେ ସବୁ ହେଉଛି ବଜ୍ର, ପଦ୍ମ, କର୍ମ ତଥାଗତ ଓ ରତ୍ନ । ସହଜିଆ ମତରେ ବଜ୍ର-ଡୋମ୍ବୀ, ପଦ୍ମ-ନଟୀ, କର୍ମ-ରଜକୀ, ତଥାଗତ-ବ୍ରାହ୍ମଣୀ ଓ ରତ୍ନ-ଚଣ୍ଡାଳୀ ଭାବରେ ସ୍ୱୀକୃତ । ଡଃ. ବାଗ୍‌ଚୀଙ୍କ ମତରେ ଚର୍ଯ୍ୟାପଦର ଗାନ-ଗୁଡ଼ିକ ଖ୍ରୀ: ଦଶମ-ଏକାଦଶ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିଲା । ପ୍ରଥମେ ବଜ୍ରଯାନ ଓ ପରେ ସହଜଯାନର ବିକାଶ ଘଟିଲା । ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷ କରି ପଞ୍ଚସଖା ସାହିତ୍ୟରେ "ସହଜ" ଶବ୍ଦର ବହୁଳ ପ୍ରୟୋଗ ଦେଖାଯାଏ (୨) ।

ଯୋଗ ସାଧନାର ଚରମ ଆନନ୍ଦମୟ ନିର୍ବିକଳ୍ପ ଅବସ୍ଥା ସହଜ ଭାବରେ କଥିତ । ଓଡ଼ିଆ ସାହିତ୍ୟରେ ସହଜ "ହଜ" ଭାବରେ ମଧ୍ୟ କଥିତ (୩) । ଏହି ସହଜ ଅବସ୍ଥାରେ ଯୋଗୀର ସମସ୍ତ ମାୟା ବିଲୁପ୍ତ ହୋଇଥାଏ । ସେତେବେଳେ ସେ ପର-ଆପଣା ଭାବ ଜାଣିପାରେ ନାହିଁ ଓ ଏହି ଅବସ୍ଥାରେ ସେ ଶୂନ୍ୟତା ମଧ୍ୟରେ ବିଳାସ କରୁଥାଏ । ଏହି ଅବସ୍ଥାର ଆନନ୍ଦ ବା ସୁଖ ସହଜାନନ୍ଦ ବା ମହାସୁଖ ବା 'ମହାସୁହ' ଭାବରେ ଗଣିତ । ଏ ଅବସ୍ଥାରେ ଭାବ ଓ ଅଭାବ ନାହିଁ । ତାହା ସ୍ୱୟଂ ଶୂନ୍ୟ । ଶୂନ୍ୟତା ଓ କରୁଣା ଏକତ୍ରିତ ହୁଅନ୍ତି ଓ ଉଭୟର

(୨) ଚେକ ନେଲି ସୁଦେଶି ପବନ ବଙ୍କନାଳ ଉପରେ
ଚେକ ସହଜେ ବେଢ଼ିଜ ଥିଲି ବିବର ନଦୀ ମଧ୍ୟ (ଶୂନ୍ୟ ଚ ଦର୍ଶଣା)
ଏଠାରେ ବେଣି ନଦୀ ଗଙ୍ଗା ଯମୁନା—ଇଡ଼ା ବା ପିଙ୍ଗଳା ବା ଚନ୍ଦ୍ର ସୂର୍ଯ୍ୟ ନାଡ଼ୀ ।

(୩) ଯନ୍ତ୍ରଂ ମନ୍ତ୍ରଂ ତନ୍ତ୍ରଂ ନୈବ ସ୍ଥାସ୍ନୁ ଜ୍ୟୋତିରବାଡ଼ିବ
ହଜ ସମାଧି ରସ ଭୁଞ୍ଜି ଯୋଗାନାନ୍ତ ସେ ବୈଷ୍ଣବ ।"
ଗୁରୁଭକ୍ତି ଗୀତା—ଅଚ୍ୟୁତାନନ୍ଦ ।

ମିଳନରେ ଯେଉଁ ଆନନ୍ଦ ଜନ୍ମେ, ତାହା ହେଉଛି 'ସୋମରସ' ବା ଅମୃତ ଏହା ବୁଦ୍ଧିଜ୍ଞାନର ତୃପ୍ତ ଅବସ୍ଥା । ସହଜଯାନରେ ଚାରିଗୋଟି ଅବସ୍ଥା ସ୍ୱୀକୃତ ହୋଇଛି, ଯଥା—ପ୍ରଥମାନନ୍ଦ, ପରମାନନ୍ଦ, ବିରମାନନ୍ଦ ଓ ସହଜାନନ୍ଦ । ଏହି ସହଜ ଆନନ୍ଦହିଁ ଯୋଗୀର ପରମ ଏବଂ ପ୍ରଧାନ ଲକ୍ଷ୍ୟ । ତାହା ଯେ ଲଭ କଲେ ଜୀବନ୍ମୁକ୍ତି ମିଳେ । ବୌଦ୍ଧଗାନ ଓ ଦୋହାରେ ଏହି 'ସହଜ' ଅବସ୍ଥାର ପ୍ରୟୋଗ ମଧ୍ୟ ଦେଖାଯାଏ (୪) ଏହି ସହଜ ଅବସ୍ଥାର ଲାଭ କେବଳ ହୋଇପାରିବ ଗୁରୁଙ୍କର କଲ୍ୟାଣରେ । ତେଣୁ ଗୁରୁଙ୍କର ବିନା ଆଶ୍ରୟରେ ସହଜ ଅବସ୍ଥା ପ୍ରାପ୍ତ ହେବା ବିଡ଼ମ୍ବନା ।

---

(୪) * ଶିଅଁ ଧରଣୀ ଗୋହେମ ସହଜ ସୁନ୍ଦରୀ । ଦୋ: ୨୮।୨

× × ×

* ଭଇସା ଗଅଣ ମାହେଁ ଅଦଭୁଆ
ହେବତେରେ ଲୁଯୁକୁ ସହଜ ସଭୁଆ । ଦୋ: ୩୦।୨

× × ×

* ଅନୁଭବ ସହଜ ମା ଭୋଲରେ ଜୋଇ । ଦୋ: ୩୭।

× × ×

* ସହଜ ମହାତରୁ ଫେରି ଅଏତେ ଲୋଏ । ଦୋ: ୪୩।୧

× × ×

* ଭଣ କଇସେଁ ସହଜ ବୋଲି ବା ଜାୟ
କାଅବାକ ଚିଅ ଜସୁ ସମାୟ । ଦୋ. ୪୦

## ବୌଦ୍ଧଗାନ ଓ ଦୋହାରେ ପରିଲକ୍ଷିତ ସମାଜ

ଏହି ସାହିତ୍ୟରେ ସମାଜର ଏକ ପୂର୍ଣ୍ଣାଙ୍ଗ ଚିତ୍ର ମିଳେ ନାହିଁ । ଏକ ଧାର୍ମିକ ମତବାଦର ସମାଜ ଚିତ୍ର ଏ ସାହିତ୍ୟରେ ରହିଛି । କିମ୍ବଦନ୍ତୀ ଓ ଇତିହାସରୁ ସ୍ପଷ୍ଟ ଜଣାଯାଏ ଯେ, ବଜ୍ରଯାନ ଓ ସହଜଯାନ କେବଳ ଇତର ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ନୁହେଁ, ସେ ସମୟର ବହୁ ରାଜା ମଧ୍ୟ ଉକ୍ତ ଧର୍ମ ଗ୍ରହଣ କରିଥିଲେ, ପୃଷ୍ଠପୋଷକ ତଥା ପ୍ରଚାରକ ମଧ୍ୟ ଥିଲେ । ଲାମା ତାରନାଥଙ୍କ ବିବରଣୀରୁ ତାହା ବେଶ୍ ହୃଦୟଙ୍ଗମ ହୋଇଥାଏ । ତନ୍ତ୍ରଯାନର ପ୍ରଚାର ଓ ତନ୍ତ୍ରର ଚର୍ଚ୍ଚା ସେତେବେଳେ ଲୋକମାନଙ୍କ ମଧ୍ୟରେ ବେଶ ଲୋକପ୍ରିୟ ହୋଇଥିଲା । ଇନ୍ଦ୍ରଜାଲ ଓ ତନ୍ତ୍ର ଘନିଷ୍ଠ ଭାବରେ ସଂପୃକ୍ତ । ତେଣୁ ସାଧାରଣ ଲୋକେ ଏ ପ୍ରକାର ଧର୍ମରେ ବିଶେଷ ପ୍ରଭାବିତ ହେବା କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ । ଲାମା ତାରନାଥଙ୍କର ରହସ୍ୟମୂଳକ କଥା ସମୂହରେ ସେ ସବୁର ଯଥେଷ୍ଟ ସୂଚନା ରହିଛି । ୮୪ ଜଣ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ଅନେକ ସିଦ୍ଧାଚାର୍ଯ୍ୟ ତାନ୍ତ୍ରିକ ସାଧନା ଫଳରେ ଅଦ୍ଭୁତପୂର୍ବ ବିଷୟ ସୃଷ୍ଟି କରିଆସୁଥିଲେ । ବଜ୍ରଯାନ ସହଜଯାନରେ ପ୍ରବୃତ୍ତି ମାର୍ଗରେ ଚର୍ଚ୍ଚା ଅଧିକ ଥିଲା ଓ ପଞ୍ଚମକାରର ଉପାସନା ଫଳରେ ସାଧାରଣ ଲୋକେ ତାହାର ଆଧ୍ୟାତ୍ମିକତା ବୁଝନ୍ତୁ ବା ନ ବୁଝନ୍ତୁ, ସେ ଧର୍ମକୁ ସମାଜରେ ଏକ ପ୍ରଧାନ ସ୍ଥାନ ଦେଉଥିଲେ ।

ଯାହା ହେଉ ନା କାହିଁକି, ଖ୍ରୀ. ସପ୍ତମ-ଅଷ୍ଟମ ଶତକର ବଜ୍ରଯାନ ଓ ସହଜଯାନର ସାଧକମାନେ ଆମ୍ଭମାନଙ୍କ ସମକ୍ଷରେ ଏକ ସାହିତ୍ୟ ଦେଇଗଲେ, ଯାହା ଅପଭ୍ରଂଶ ସାହିତ୍ୟର ଠିକ୍ ପରବର୍ତ୍ତୀ ସାହିତ୍ୟ । ଯାହାର ଭାଷା ଅନୁଶୀଳନରେ ଆମ୍ଭେମାନେ ଆମ୍ଭମାନଙ୍କ ସାହିତ୍ୟର ଆଦିମ ସ୍ୱରୂପ ଜାଣିବାକୁ ସମର୍ଥ ହେଲୁ । ଲୋକସାଧାରଣଙ୍କ ମଧ୍ୟରେ

ବଜ୍ରଯାନ ଓ ସହଜଯାନର ପ୍ରଚାର କରିବାକୁ ଯାଇ ସିଦ୍ଧ ସାଧକମାନେ ସାଧାରଣଙ୍କ ଭାଷାରେ ଦୋହାବଳୀ ରଚନା କରିଥିଲେ । ସେ ସବୁର ଆବିଷ୍କାର ଫଳରେ ଆମେ ଭାଷା ଓ ସାହିତ୍ୟ ଭଣ୍ଡାରରେ ଅମୂଲ୍ୟ ରତ୍ନ ଲାଭକଲୁ ।

ଏ ସବୁ ଦୋହା ଭିତରେ ଆଧ୍ୟାତ୍ମିକତା ବିଶେଷ ଭାବରେ ଥିଲେ ମଧ୍ୟ ତହିଁରେ ତତ୍କାଳୀନ ସାମାଜିକ ଚିତ୍ର ବହୁ ସ୍ଥାନରେ ରହିଅଛି ଓ ସେ ସବୁ ଚଳଣୀ ଓଡ଼ିଆ ସମାଜର ଚଳଣି ସମ୍ବନ୍ଧ ପ୍ରମାଣ । ଶୁଣ୍ଡିଆଣୀ ମଦବିକିବା କଥା ବିରୂପପାଦଙ୍କର ଦୋହାରେ ରହିଛି—"ଏକ ସେ ଶୁଣ୍ଡିନି ଦୁଇ ଘରେ ସାନ୍ଧଅ"—ଆମର କଥା ଅଛି, "ବାରଦୁଆର ଶୁଣ୍ଡିପିଣ୍ଡା ହେବା" । ଶୁଣ୍ଡି ଏକ ସ୍ୱତନ୍ତ୍ର ଜାତି, ଯାହାଙ୍କର ମଦବିକିବା ଏବେ ମଧ୍ୟ ଏକ ମୌଳିକ ବ୍ୟବସାୟ । ଅବଧୂତିକା ବା ସୁଷୁମ୍ନା ନାଡ଼ୀକୁ କବି ଶୁଣ୍ଡିଆଣୀ ବୋଲି କହିଅଛନ୍ତି । ସହଜଯାନର ସାମାଜିକ ଚିତ୍ରରେ ଯେଉଁ ନାରୀମାନଙ୍କର ଚିତ୍ର ଦେଖାଯାଏ, ତାହା ଶୁଣ୍ଡିଆଣୀ, ଚଣ୍ଡାଳୀ, ରଜକ୍, ଡୋମ୍ବୁଣୀ ପ୍ରଭୃତି । ସେହି ଚିତ୍ରରେ ସମାଜର ଉଚ୍ଚଶ୍ରେଣୀର ଲୋକଙ୍କର ସ୍ଥାନ ନାହିଁ । ବଜ୍ରଯାନ ବା ସହଜ-ଯାନରେ ପଣ୍ଡିତ ଯୋଗୀ ମଧ୍ୟ ସେ ଚଣ୍ଡାଳୁଣୀ ବା ଡୋମ୍ବୁଣୀର ପାଣିଗ୍ରହଣ କରନ୍ତି । ଜାତିଭେଦ ବଜ୍ରଯାନ ବା ସହଜଯାନରେ ନାହିଁ । ତାହା ଏକ ଏକାକାର ଧର୍ମ । କାହ୍ନୁପାଦ ବ୍ରାହ୍ମଣ ହୋଇ ମଧ୍ୟ ଡୋମ୍ବି ସହିତ ସମ୍ବନ୍ଧ ସ୍ଥାପନ କରିଅଛନ୍ତି (ଡୋମ୍ବି—ସୁଷୁମ୍ନା ନାଡ଼ୀ ବା ପରିଶୁଦ୍ଧ ଅବଧୂତିକା) ।

"ଆଲୋ ଡୋମ୍ବି ତୋଏ ସମ କରିବ ମ ସାଙ୍ଗ
ନିଘିଣ କାହ୍ନୁ କାପାଳି ଜୋଇ ଲାଙ୍ଗ" । ଦୋ. ୧୦ ।

ଡୋମ-ଡୋମ୍ବୁଣୀମାନେ ଆଜିକାଲି ମଧ୍ୟ ବାଉଁଶିଆ, ଗାଚିଆ, ଟୋକେଇ, କୁଜଡ଼ା ତିଆରି କଲା ପରି ସେତେବେଳେ ମଧ୍ୟ ଡୋମ୍ବି ପାଛିଆ ବା ନାଳିଆ ବୁଣୁଛି । କାହ୍ନୁପାଦ କାପାଳିକ ଯୋଗୀ ଭାବରେ ନିଜକୁ ବର୍ଣ୍ଣନା କରିଅଛନ୍ତି । ଓଡ଼ିଶାରେ କାପାଳିକ ଧର୍ମର ପ୍ରଚାର ମଧ୍ୟ ଥିଲା । ସାରଳା ମହାଭାରତର ବହୁସ୍ଥଳରେ କାପାଳିକ ଧର୍ମର

ସୂଚନା ରହିଛି (୧) । ଏହି କାପାଳିକ ଧର୍ମ ଆଜକାଲି ଅଘୋରପନ୍ଥୀ ଭାବରେ ମଧ୍ୟ କଥିତ । ବଉଦ୍ଧ ଧର୍ମର ଅଭ୍ୟୁତ୍ଥାନ ଓଡ଼ିଶାରେ ହୋଇଛି; କିନ୍ତୁ ସମୟର ବଶରେ ସେ ସବୁ ବିଲୀନ ହୋଇ ଯାଇଛନ୍ତି । ଏବେ ମଧ୍ୟ ଅନେକ ଚଉତିଶା ପ୍ରଚଳିତ ଅଛି, ସେଥିଂରେ ବା ପ୍ରାଚୀନ କାପାଳିକ ଧର୍ମର ପ୍ରଭାବ ପରିଦୃଷ୍ଟ ହୋଇଥାଏ । ମୁକୁନ୍ଦରଥଙ୍କର 'କରକମଳରେ କାପାଳି ପାଶରେ କାରଣ ସେନି କରି ଲମ୍ବେ" ଚଉତିଶାରେ କାପାଳିକ ଧର୍ମର ଏକ ସ୍ପଷ୍ଟ ଚିତ୍ର ଦେଖାଯାଏ । ଏହି କାପାଳିକ ଧର୍ମ ସମ୍ପୃକ୍ତ କୌଳିମାର୍ଗର ବହୁ ସାଧକ ମଧ୍ୟ ଓଡ଼ିଶାରେ ସେମାନଙ୍କ ମାର୍ଗର ଲୋକପ୍ରିୟତା ପ୍ରଚାର କରିଥିଲେ । ମୁକୁନ୍ଦରଥଙ୍କର ଚଉତିଶା ସମ୍ପୃକ୍ତ କୌଳଧର୍ମ ସମ୍ବନ୍ଧୀ କେତେକ ପଦର ଉଲ୍ଲେଖ ମଧ୍ୟ ରହିଛି (୨) । କାହ୍ନୁପାଦଙ୍କର କାପାଳିକ ବେଶର ବର୍ଣ୍ଣନାରେ ଭସ୍ମଲେପିତ ଶରୀର, କର୍ଣ୍ଣରେ କୁଣ୍ଡଳ, ପାଦରେ ଘଣ୍ଟା ନେପୁର ପ୍ରଭୃତିର ବର୍ଣ୍ଣନା କାପାଳିକର ଯଥାର୍ଥ ବେଶ * । ଏହାଛଡ଼ା ଲଜ୍ଜା ଥାଳରେ ବାଦ୍ୟସଙ୍ଗ

---

(୧) ବନପର୍ବ ଦ୍ୱିତୀୟ ଖଣ୍ଡ—ପୃ. ୩୬୨

ଦାଣ୍ଡେ ବ୍ୟଞ୍ଜନ ସେ କରାଇ ରନ୍ଧନ
ଶ୍ୱାନ ଗୋଡ଼ରେ ମାରି ମାଂସ ନେଲାଇଁ
ଗୋଚର୍ମ ଉପରେ ଅଛଇଂ ସୋଡ଼ାଇଂ
ମନୁଷ୍ୟ ମୁଣ୍ଡ ତିନଗୋଟି ତିନଗୋଟି ତିନ ପଖା ଚୁଲିକଣ
ନର (ଶ) ମୁଣ୍ଡ ଖୋଳାରେ କୁକୁର ମାଂସ ଭରି
ମଦସ୍ୱ ଫୁଟାରେ ସେ ମାଂସରେ ଲଗାଇ
ଅଙ୍ଗାର ପଣରେ ସେ ମାଂସକୁ ପୂରାଇଂ
ତଦ୍ଧଂ ସୋଡ଼ାଇଂ ଅଛୁ ଘଣ୍ଟୀଆ ପାଶ୍ରେରଇ ଖଣ୍ଡେ
କଣ୍ଠ ମହାଦୀପ୍ତୀ ରହିଲେ ଉଷ୍ଣଂ ଦଣ୍ଡେ ।

(୨) "ପ୍ରବ୍ୟଂ ମାଂସ ରସାବହ୍ନଂ ଷଡ଼ରସର ବୃନ୍ଦାବନ୍ଧ ସେବନଂ
ମୁଦ୍ରା ମକାବ୍ଧନ ଧର୍ମ କର୍ମ ନିପୁଣ ଶସ୍ୟ ମୁଦ୍ରିକା ଶ୍ରୀସ୍ୱଂ
ଆସୁରସ୍ଥକ ସିଦ୍ଧକଳା ମାସେକ ମାଂ ସୋଭିତାଂ କୁର୍ଯ୍ୟାତ୍ ।
ପଞ୍ଚନଦାରତତ୍ତ୍ୱଂ ସମ୍ପୂର୍ଣ୍ଣଂ ଯାଏଂ ଚତୁର୍ଥଂ ଭବେତ୍ ।
ସର୍ବେ ଧର୍ମ କୁଳାଧିକତରଂ କେବେ ମୁକ୍ତି ସ୍ଥିତଂ" ଇତ୍ୟାଦି....

* ଅର୍ଜ୍ଜୁନ ଦଣ୍ଡ କରେ ସ୍ନାନ କଲବେଳେ ବହଦେଶର ରାଜା ଲୋକଦେଶର ନାନାବିଧ ଅର୍ଥ ପଠାଇଥିଲେ । କାନାକିଷ୍କର ବେଶ ସମ୍ପର୍କରେ କବି ଲେଖିଛନ୍ତି—

ଭଆର କର ଗୀତ ବୋଲି ବଜାଇବା କଥା ମଧ୍ୟ ବର୍ଣ୍ଣିତ ହୋଇଅଛି । (୩) ଆଜିକାଲି ଓଡ଼ିଶାରେ ଏ ପ୍ରକାର ବାଦ୍ୟ ଯୋଗୀମାନଙ୍କଠାରେ ଦେଖାଯାଏ ।

ତନ୍ତ୍ରପଟି ଖୋଡିର ନବବଳ ଖେଳ ଓଡ଼ିଶାରେ ମଧ୍ୟ ଏକ ପ୍ରଚଳିତ ଲୋକପ୍ରିୟ ଖେଳ (ଦୋହା-୧୨) । କହ୍ନୁ ଦୋହାରେ କେନ୍ଦୁ-ଅଳ; କେନ୍ଦୁଟି ବା ଗଣ୍ଠି କେନ୍ଦୁଅଳ ଗ୍ଲୁଳଚ ନାଅର ରୂପକ ଦିଆଯାଇଛି । ଡୋମ୍ବୀପାଦଙ୍କର ଦୋହାରେ (୧୪) ନାଉ, କୋଡ଼ ଦେଇ ଗଙ୍ଗା ପାର କରାଇବା କଥା ତତ୍କାଳୀନ ଓଡ଼ିଶାର ବାଣିଜ୍ୟମୂଳ ବୋଡ଼ ବ୍ୟାପାରରେ ବାରବାର ଦେଉଥିବାର କଥା ସୂଚାଇଥାଏ (୭) ।

ଭୁସୁକୁପାଦଙ୍କର (ନ-୨୧) ଦୋହାରେ ଗୋଟିଏ ଅତି ସାଧାରଣ ଉପମା ଦିଆଯାଇଛି । ଅନ୍ଧାର ରାତିରେ ମୂଷା ରୂପକ ଚଞ୍ଚଳ ପ୍ରକୃତି ଘର ଗାଡ଼ିକରି ସବାଇ ଶରୀରକୁ ନଷ୍ଟ କରିଦେଉଛି । ଏଠାରେ ଅନ୍ଧାର ରାତି ଅବିଦ୍ୟା ବା ମାୟାରୂପକ ଅନ୍ଧକାର । ମୂଷିକ ରୂପରେ ଚିତ୍ତପବନ ଚଞ୍ଚଳ ହୋଇ ମନରେ ଚଞ୍ଚଳତା ସୃଷ୍ଟି କରୁଛି । ସେଥିପାଇଁ ସେ ମୂଷାକୁ ମାରିପକାଇବା ପାଇଁ କୁହାଯାଇଛି । ଓଡ଼ିଆରେ ମଧ୍ୟ ସେହି ପ୍ରକାର ପଦର ପ୍ରୟୋଗ ଶରୀରଭେଦ ଭଜନମାନଙ୍କରେ ରହିଛି (୫) । ଏହି ଉପମାଟି ସମାଜର ତଳଆ ଶ୍ରେଣୀର ମାଟିଘରରୁ ନିଆଯାଇଛି । ଅନ୍ଧାର ରାତିରେ ମୂଷା ମାଟିଘର ଗାଡ଼ି ପକାଉଛି । 'ମୂଷା' ଶବ୍ଦଟି ଓଡ଼ିଶାରେ ବହୁଳ ଭାବରେ ପ୍ରୟୋଗ କିନ୍ତୁ ବଙ୍ଗଳାରେ ସବୁଠି ମୂଷା

---

"ଏମନ୍ତ ସମସ୍ତେ ବେଦକର ରାଜା
ଲେଙ୍କେଶ୍ୱର କାଳକାଳ ଅତିଶେ କଲା ପୂଜା
ମାଧୋଣ କଣ୍ଠ ତାର ତାମ୍ବୁ ମୁଦ୍ରା କର୍ଣ୍ଣେ
କଷାଳ ବାସ ପଞ୍ଚଦଶ ଡମ୍ବାଧର ଭୂତ କର୍ଣ୍ଣେ" (ସମ୍ପଦ, ପୃ. ୨୨୧-୨୨)

(୩) ବୁଝଲ୍ଲ ଧରି ନେଲେ ତାଳୀ । ଇତ୍ୟାଦ ଦୋହା ନ: ୧୭

(୪) "ଜଳବଡ଼ି ଜଳେଇ ଦୋଡ଼ୀ ମଳେଇ ସୁଗୁତେ ପାରେକରଇ"
ଦୋହା ନ: ୧୪

(୫) ମନମୂଷା ହୋ, ଭୂତ ଜଞ୍ଜାଳ ଖାଇ ।
ଦେଖେ ବଗଡ଼ି ନ ବିଚ୍ଛିନ୍ନ ନାହିଁ ।

‘ଉନ୍ଦୁର’ ଶବ୍ଦରେ କଥିତ ହୋଇଥାଏ । ଶାନ୍ତିପାଦଙ୍କର ଦୋହାରେ ତୁଳାଧୁଣିବାର ଉପମା, ଜଗନ୍ନାଥ ଦାସଙ୍କର ଶରୀରଭେଦମୂଳକ ଗୁହ୍ୟଜ୍ଞାନ ତତ୍ତ୍ୱ ‘ତୁଳାଭଣା’ ପୁସ୍ତକରେ ରହିଛି । ତୁଳା ଧୁଣିବା ବା Carding of cotton କାର୍ଯ୍ୟ, ବାଦ୍ୟ ଓ ଶବ୍ଦରୂପକ ତୁଳାକୁ ଧୁଣି ଧୁଣି ଅଂଶ ବାହାର କରି ଶେଷରେ ତୁଳା ଖୁଣ୍ଟକୁ ନିଃଶେଷ କରିଦେବାର ତତ୍ତ୍ୱ ତୁଳାଭଣା ପଦ ଅନ୍ତର୍ଗତ । ଓଡ଼ିଶାରେ ‘ତୁଳାଭଣା’ ଶବ୍ଦରେ ଏକ ସ୍ୱତନ୍ତ୍ର ଜାତି ରହିଛନ୍ତି, ସେମାନେ କି ଲୋକକଥାରେ ଦେଖାଯାନ୍ତି ସବୁଠାରୁ ଅଲକ୍ଷଣା ଜାତି, “ଚେଲ୍ ଡାମିଲ୍ ତୁଳାଭଣା । ସବୁଠାରୁ ଏ ନିଅଳକ୍ଷଣା ।” ବୌଦ୍ଧଗାନ ଓ ଦୋହାରେ ଆମେ ସ୍ଥାନ ବିଶେଷରେ ଯେଉଁ ଜୀବନର ଚିତ୍ର ପାଉଁ, ତାହା ଓଡ଼ିଶାର ଗାଁ-ଗହଳର ସାଧାରଣ ଜୀବନ । ଦୋହା ସମୂହରେ ଯେଉଁ ଉପମା ଓ ରୂପକ କବି ସୃଷ୍ଟି କରିଛନ୍ତି, ତାହା ମଧ୍ୟ ସେହି ପଲ୍ଲୀର ଅତି ସାଧାରଣ ଜୀବନରୁ ନିଆଯାଇଛି ।

ଶବରପାଦଙ୍କର ଦୋହାରେ ଓଡ଼ିଶାର ଆଦିବାସୀ ଶବର-ମାନଙ୍କର ଚିତ୍ର ଅତି ସୁସ୍ପଷ୍ଟ । ଉଚ୍ଚ ଉଚ୍ଚ ପର୍ବତ ଉପରେ ଶବରୁଣୀ ଗୁଞ୍ଜାମାଳୀ ଓ ମୟୂରପିଚ୍ଛ ପିନ୍ଧି ବସିଛି । ଶବରୁଣୀ କାନରେ ବଜ୍ର କୁଣ୍ଡଳ ଝିଟିଛି । ପୁଣି ସେହି ଶବରପାଦଙ୍କର ଅନ୍ୟ ଏକ ଦୋହାରେ (୫୦) ଚଉଳ ବାଡ଼ିରେ କପା ଗଛର ବର୍ଣ୍ଣନା ପ୍ରଦତ୍ତ । ଚଉଳ ବାଡ଼ିରେ ଧଳା ଧଳା କପାଫୁଲ ଫୁଟିଛି । ଚଉଳ ବାଡ଼ିର ପାଖରେ ଜହ୍ନିବାଡ଼ି (ଜ୍ୟୋତ୍ସ୍ନା) ରହିଛି । ବଣ ଭିତରେ ପୁଣି କାଙ୍ଗୁଣିଆ ଫଳ ପାଚିଛି । ଶବର ଓ ଶବରୀଙ୍କର ମନ ଆନନ୍ଦରେ ମାତି ଉଠିଛି । ଏ ପ୍ରକାର ବର୍ଣ୍ଣନା ଅତି କବିତ୍ୱପୂର୍ଣ୍ଣ ବର୍ଣ୍ଣନା । ଓଡ଼ିଶାର ଶବରଜାତି ଚିରପ୍ରସିଦ୍ଧ ଜାତି । ଓଡ଼ିଶା ଦେଶ ଶବରଦେଶ ଶବ୍ଦରେ, ଓଡ଼ିଆ ଭାଷା ଶବର ଭାଷା ଓ ସଭ୍ୟତା ଶବର-ସଭ୍ୟତା ଶବ୍ଦରେ କଥିତ । ‘ପାହାଡ଼ ଚଳି’, ‘ଭୂଇଁ’, ‘ଚଉଳ’ (ଚଳିଆ ଶବ୍ଦରୁ ଚଉଳ) ପ୍ରଭୃତି ଶବ୍ଦ ଓଡ଼ିଶାର ବହୁ ଅଞ୍ଚଳରେ ବ୍ୟବହୃତ । ଆଜିର ଓଡ଼ିଶାର ବଣାଇଗଡ଼ ଅଞ୍ଚଳରେ ଶବର ଜୀବନର ରୂପ ଠିକ୍ ଏହିପରି ବର୍ଣ୍ଣନାର ଅନୁରୂପ । ସାରଳା ମହାଭାରତର ବହୁ ସ୍ଥାନରେ ଶବରମାନଙ୍କର ଯେଉଁ ବେଶଭୂଷାର

ବର୍ଣ୍ଣନା ଦିଅଯାଇଛନ୍ତି, ତାହା ଏ ସବୁ ଦୋହାରେ ଉଦ୍ଧୃତ ଶବର-ମାନଙ୍କ ବେଶର ଅନୁରୂପ ବେଶ ପରି ପ୍ରତୀୟମାନ ହୁଏ (୧)।

ଏହା ବ୍ୟତୀତ ସେତେବେଳକାର ସମାଜରେ ଏକ ପରିବର୍ତ୍ତନ ଘଟିଥିଲା—ଜାତିଭେଦଶୂନ୍ୟତା କ୍ରମେ ଏବଂ ସହଜଯାନ ଓ ବଜ୍ର-ଯାନର ଆଧ୍ୟାତ୍ମିକ ତତ୍ତ୍ୱ ଲୋକେ ଭୁଲିଗଲେ ଓ ପରେ ସମାଜରେ ଅନନ୍ତ ପ୍ରବେଶ କଲା। ବିଶେଷ ଭାବରେ ସହଜଯାନର ବାହ୍ୟ ବିକୃତ ସ୍ୱରୂପ ଓ ତାନ୍ତ୍ରିକତା ବଙ୍ଗଦେଶରେ ବିଶେଷ ଭାବରେ ରହିଗଲା। ବଜ୍ରଯାନ ଓ ସହଜଯାନର ଜନ୍ମଭୂମି ଓଡ଼ିଶାରେ; କିନ୍ତୁ ଆଧ୍ୟାତ୍ମିକ ମାର୍ଗର ଚର୍ଚ୍ଚା ରହିଲା ଓ ସେହି ପରମ୍ପରା ଆଜି ପର୍ଯ୍ୟନ୍ତ ଓଡ଼ିଶାର ପୁରପଲ୍ଲୀରେ ଜୀବନ୍ତ ହୋଇ ରହିଛି।

---

(୧) ମଥାରେ ମୟୂର ଚୂଳ ପରିଧାନ କଣ୍ଠେ ଗୁଞ୍ଜମାଳ
ଲୋହିତ ବର୍ଣ୍ଣ କଟିର ରଙ୍ଗିତ ଚନ୍ଦନ ହୃଦରେ ଶ୍ୟାମଳୀ
ଶ୍ରୀହସ୍ତେ ଶୋଭିତ ଧାମଣା କାଠର ଧନୁ।
—ମଧ୍ୟପର୍ବ ପାଣ୍ଡୁଲିପି ପୃ. ୨୬

* ଜୀବମାରଣେ ସେ କରେ ଆଗମନ
ଶିରେଣ ଜଟା ବାନ୍ଧି ଗୁଞ୍ଜ ଗୁଞ୍ଜ ମାଳୀ।
ଅଙ୍ଗେ ଚନ୍ଦନ ସେ ଶିରରେ ଚାମର—ମଧ୍ୟପର୍ବ ପାଣ୍ଡୁଲିପି ପୃ ୯୭

* ମଥାରେ ମୟୂର ଚୂଳି ଶବର ବେଶେଣ—ମଧ୍ୟପର୍ବ ପାଣ୍ଡୁଲିପି ପୃ. ୨୦

# ଓଡ଼ିଆ ସାହିତ୍ୟରେ ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରସଙ୍ଗ ଓ ସେମାନଙ୍କର ସାଧନ ପ୍ରଣାଳୀ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଚଉରାଅଶୀ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକଙ୍କର ନାମ ଉଲ୍ଲେଖ ଦେଖିବାକୁ ମିଳେ । ସେମାନଙ୍କ ମଧ୍ୟରେ ମତ୍ସ୍ୟେନ୍ଦ୍ର, ଗୋରେଖ, ନେଇ, ହାଡ଼ିପା, କାହ୍ନୁପା, ଶବରୀପା ପ୍ରଭୃତି ପ୍ରଧାନ । ପ୍ରାଚୀନ ଓଡ଼ିଆ ସାହିତ୍ୟରୁ କାଳକ୍ରମେ ବହୁ ଗ୍ରନ୍ଥ ଲୋପ ପାଇଯାଇଛି । କିନ୍ତୁ ପ୍ରଥମ ଓଡ଼ିଆ ସାହିତ୍ୟ ସାରଳା ଦାସଙ୍କ ରଚନାରେ ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରସଙ୍ଗ ଦେଖିବାକୁ ମିଳେ । ଆଲବର୍ଟ ଗ୍ରୁଏନଡ଼େଲ ତିବ୍ବତୀୟ ଗ୍ରନ୍ଥମାନଙ୍କର ଅନୁସନ୍ଧାନରେ ୮୪ ଜଣ ସିଦ୍ଧାଚାର୍ଯ୍ୟଙ୍କର ନାମ ଦେଇ ଯାଇଛନ୍ତି (୧) । ମୈଥିଳୀ ଭାଷାର ବହୁ ପ୍ରାଚୀନ ଗ୍ରନ୍ଥ ବର୍ଣ୍ଣ

---

୧ । (୧) ଲୁଇପା (ମତ୍ସ୍ୟେନ୍ଦ୍ର), (୨) ଲୀଲାପା (୩) ବିରୂପା (୪) ଡୋମ୍ବୀ ହେରୁକ (୫) ଶାବର (ଶବରୀ) (୬) ସରହ (ରାହୁଲଭଦ୍ର) (୭) କଙ୍କାଲୀ (୮) ମୀନ (ବଜ୍ରପାଦ) (୯) ଗୋରକ୍ଷ (୧୦) ଚୌରଙ୍ଗୀ (୧୧) ବୀଣା (୧୨) ଶାନ୍ତି (ରତ୍ନାକର ଶାନ୍ତି) (୧୩) ତନ୍ତି (୧୪) ଚମରୀ (୧୫) ଖଡ଼୍‌ଗ (୧୬) ନାଗାର୍ଜୁନ (୧୭) କୃଷ୍ଣାଚାର୍ଯ୍ୟ (କାହ୍ନୁପା) (୧୮) ଆର୍ଯ୍ୟଦେବ (୧୯) ଥଗଣ (୨୦) ନାଡ଼ପା (୨୧) ଶୃଗାଳପାଦ (୨୨) ତିଲୋପା (୨୩) ଛତ୍ର (୨୪) ଭଦ୍ରପା (୨୫) ଦୋଖଣ୍ଡୀ (୨୬) ଯୋଗୀପା (୨୭) କାଲପାଦ (୨୮) ଧୋମ୍ବୀ (ଡୋମ୍ବୀପା) (୨୯) କଙ୍କଣ (୩୦) କମ୍ବଳ (୩୧) ଢେଙ୍କୀପା (୩୨) ଭଣ୍ଡାରୀପା (୩୩) ତନ୍ଧେପା (୩୪) କୁକ୍କୁରୀ (୩୫) କୁଚ୍ଚୀ (୩୬) ଧର୍ମ (୩୭) ମହୀ (୩୮) ଅଚିନ୍ତ୍ୟ (୩୯) ଭଲହ (୪୦) ନଳିନ (୪୧) ଭୁସୁକୁ (ଶାନ୍ତିଦେବ) (୪୨) ଇନ୍ଦ୍ରଭୂତି (୪୩) ମେକପାଦ (୪୪) କୁଠାଳି (୪୫) କର୍ମର (୪୬) ଜାଳନ୍ଧର (୪୭) ରାହୁଲ (୪୮) ଧର୍ମପାଦ (୪୯) ଧୋକରୀ (୫୦) ମେଦିନୀ (୫୧) ପଙ୍କଜ (୫୨) ଘଣ୍ଟା (ବଜ୍ରଘଣ୍ଟା) (୫୩) ଯୋଗୀ (୫୪) ଚେଲୁକ (୫୫) ଗୁଣ୍ଡୁରୀ (୫୬) ଲୁଚିକ (୫୭) ନିର୍ଗୁଣ (୫୮) ଜୟାନନ୍ଦ (୫୯) ଚର୍ପଟି (୬୦) ଚମ୍ପକ (୬୧) ଭିଷଣ (୬୨) ତେଲି (୬୩) କୁମ୍ଭାରୀ, (୬୪) ଚର୍ପଟୀ (୬୫) ମଣିଭଦ୍ର (୬୬) ମେଖଳା (୬୭) ଖଙ୍କା (୬୮) କଳକଳ

ରତ୍ନାକରରେ ଚଉରାଶୀ ସିଦ୍ଧଙ୍କ ନାମ ଭିତରୁ ୭୬ ଜଣଙ୍କର ନାମ ଦେଖିବାକୁ ମିଳିଥାଏ । ବର୍ଣ୍ଣରତ୍ନାକରରେ ପ୍ରଦତ୍ତ ସିଦ୍ଧାଚାର୍ଯ୍ୟମାନଙ୍କର ନାମ ଗ୍ରୁଏନ୍‌ଡ଼େଲ୍ ପ୍ରଦତ୍ତ ଚଉରାଶୀ ସିଦ୍ଧଙ୍କ ନାମ ଏବଂ ହଠଯୋଗ ପ୍ରଦୀପିକାରେ ଉଲ୍ଲିଖିତ ମହାସିଦ୍ଧମାନଙ୍କର ନାମ ଭିତରେ ବହୁତ ପ୍ରଭେଦ ଦେଖାଯାଇଥାଏ ।

ବାଙ୍ଗଲା ଚର୍ଯ୍ୟାର ଆଲୋଚନାରୁ ଜଣାଯାଏ ଯେ ଏହି ସହଜଯାନ ଓ ବଜ୍ରଯାନ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକେ ନାଥ ସମ୍ପ୍ରଦାୟର ସିଦ୍ଧାଚାର୍ଯ୍ୟ ଭାବରେ ସ୍ୱୀକୃତ । ମୀନନାଥ, ଗୋରେକ୍ଷନାଥ, ଚର୍ପଟୀପା, ହାଡ଼ିପା, ବିରୂପା, କାହ୍ନୁପା, ଜାଲଂଧର, ଭଦେ, ଶାବର ପ୍ରଭୃତି ସିଦ୍ଧାଚାର୍ଯ୍ୟ ନାଥମାନଙ୍କର ୮୪ ସିଦ୍ଧ ଅନ୍ତର୍ଭୁକ୍ତ (୨) । ଏକ ସମୟରେ ବଜ୍ରଯାନ, ସହଜଯାନ ଓ ନାଥ ଧର୍ମ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା । ବଜ୍ରଯାନ ଓ ସହଜଯାନର ବହୁ ପ୍ରଭାବ ନାଥଧର୍ମ ଉପରେ ପଡ଼ିଥିବାର ଜଣାଯାଏ; ଯାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତହେବ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ୮୪ ସିଦ୍ଧଙ୍କର ପ୍ରସଙ୍ଗ ରହିଛି । ୮୪ ସିଦ୍ଧଙ୍କ ମଧ୍ୟରୁ ବହୁଳ ସିଦ୍ଧାଚାର୍ଯ୍ୟ ଖ୍ରୀ. ସପ୍ତମ ଶତକରୁ ଖ୍ରୀ. ଦ୍ୱାଦଶ ଶତକ ମଧ୍ୟରେ ଭାରତର ବହୁଳ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବାର ଜଣାଯାଏ ଓ ସେମାନଙ୍କର ଭାଷା ଅଧିକାଂଶ ଆଲୋଚକଙ୍କ ଦ୍ୱାରା ପୂର୍ବାଞ୍ଚଳୀୟ ପ୍ରାକୃତ ଭାଷା ଭାବରେ ସ୍ୱୀକୃତ ହୋଇଅଛି । ମୈଥିଳୀ ସାହିତ୍ୟର ଇତିହାସରେ ଡଃ ଜୟକାନ୍ତ ମିଶ୍ର ଚର୍ଯ୍ୟାଗୁଡ଼ିକୁ ପ୍ରାଚୀନ ମୈଥିଳୀ ସାହିତ୍ୟ ବୋଲି ପ୍ରମାଣ କରିବାକୁ ଯାଇ କହିଛନ୍ତି ଯେ ଚର୍ଯ୍ୟାପଦ ଖ୍ରୀ. ୮୦୦-୧୧୦୦ ମଧ୍ୟରେ

---

(୬୯) କନ୍ଥାଳୀ (୭୦) ଧହୁଲୀ (୭୧) ଉଡ଼୍‌ଡ଼ୀଷ୍ଟ (୭୨) କପାଳ (୭୩) କିଳ (୭୪) ସାଗର (୭୫) ସାଭକ୍ଷ (ସର୍ବଭକ୍ଷ) ଓ ଦବାଷିଆ (୭୬) ନାଗବୋଧି (୭୭) ଦାରିକ (୭୮) ପୁତୁଲି (୭୯) ପନହ (୮୦) କୋକାଳି (୮୧) ଅନଙ୍ଗ (୮୨) ଲକ୍ଷ୍ମୀଙ୍କରା (୮୩) ସମୁଦ୍ର (୮୪) ଭଲିପା (ବ୍ୟାଳି) ।

୨ । Obscure Religious Cults—Dasgupta, P.233-34, also see, ନାଥ ସଂପ୍ରଦାୟ—ହଜାରୀ ପ୍ରସାଦ ଦ୍ୱିବେଦୀ ପୃ. ୨୭-୩୨ ।

ରଚିତ ହୋଇଥିଲା (୧)। ଡକ୍ଟର ସିଂହ ତାଙ୍କର ଗୋରଖନାଥ ଓ ମଧ୍ୟଯୁଗର ରହସ୍ୟବାଦ ନାମକ ଗ୍ରନ୍ଥରେ ସିଦ୍ଧାଚାର୍ଯ୍ୟମାନଙ୍କ ଭାଷା ବିଷୟ ଆଲୋଚନା କରିବାକୁ ଯାଇ କହିଛନ୍ତି ଯେ, ନାଥ ସିଦ୍ଧଙ୍କର ଭାଷାରେ ଅପଭ୍ରଂଶ ଭାଷାର ପ୍ରଭାବ ଦେଖାଯାଏ (୨)। ସେ ତାଙ୍କ ଗ୍ରନ୍ଥର ପରିଶିଷ୍ଟରେ ଭରଥରୀ, କାହ୍ନୁପା, ମଚ୍ଛନ୍ଦରନାଥ, ସରହପା, ଚର୍ପଟୀନାଥ ପ୍ରଭୃତି ସିଦ୍ଧାଚାର୍ଯ୍ୟମାନଙ୍କର ପଦାବଳୀ ଉଦ୍ଧାର କରିଅଛନ୍ତି। ତେବେ ସେ ଯାହା ହେଉ ନା କାହିଁକି, ସିଦ୍ଧାଚାର୍ଯ୍ୟମାନଙ୍କର ଯଥାର୍ଥ ସମୟ ନିରୂପଣରେ ଆଲୋଚକମାନଙ୍କ ମଧ୍ୟରେ ବହୁତ ମତଭେଦ ଲକ୍ଷିତ ହୁଏ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରସଙ୍ଗ ପ୍ରଥମେ ଅମରକୋଷ ଗୀତା ନାମକ ଗ୍ରନ୍ଥରେ ଦେଖାଯାଏ। ଏ ଗ୍ରନ୍ଥର ସମୁଦାୟ ଅଂଶ ମିଳେ ନାହିଁ। ସେଥିରୁ କେତୋଟି ପ୍ରାଚୀନ ପଦ ମାତ୍ର ମିଳୁଛି. ତହିଁରେ ଷୋଳ ସିଦ୍ଧାଚାର୍ଯ୍ୟମାନଙ୍କର ବନ୍ଦନା ରହିଛି। ତହିଁରୁ କେତେଗୋଟି ପଦ ନିମ୍ନରେ ଉଲ୍ଲେଖ କରାଗଲା।

ବନ୍ଦଇ ଆଦିନାଥ ଗୋରେଖ ଧାରିଆଂ
ବନ୍ଦଇ ମଛେନ୍ଦ୍ରନାଥ ଅନନ୍ତ ଦଶିଆ
ବନ୍ଦଇ ଚଉରଙ୍ଗୀନାଥ ଶତ୍ରୁ ମଧ୍ୟରା
ବନ୍ଦଇ ଗୋରେଖ ନାଥ ବାଳବ୍ରହ୍ମଚାରି।
ବନ୍ଦଇ ସବରନାଥ ମୂଳକମଳ ଧାରି
ବନ୍ଦଇ କଣ୍ଠଡ଼ ନାଥ ଗହ୍ୱର ଗମ୍ଭୀରି
ବନ୍ଦଇ ଜାଳାନ୍ଧ୍ରୀ ଖ୍ୟାତ ଚନ୍ଦ୍ରସରମାଣି
ବନ୍ଦଇ ଗୋବିନ୍ଦଚନ୍ଦ୍ର ଲକ୍ଷ ନୃପମଣି
ବନ୍ଦଇ ଭଦ୍ରି ଯାଏ ଦେହ ନିରବାଣି
ଧର୍ମ ନଷ୍ଟହେଁ ବନ୍ଦଇ ହରିଚନ୍ଦନ ନୃପମଣି” (୩)।

---

୧। Maithili Literature—Dr. Joykanta Misra Vol. I P. 110.

୨। Gorakhanath and Medieval Mysticism—Dr. Singh P. 42-45.

୩। ଅମରକୋଷ ଗୀତା—ପ୍ରଥମ ପଟଳ ପୃ. ୧-୨।

ଏହି ଅମରକୋଷ ଗୀତା ଗ୍ରନ୍ଥଟି ସମ୍ପୂର୍ଣ୍ଣ ଭାବରେ ଯଦି ପରବର୍ତ୍ତୀ ସମୟରେ ମିଳେ, ତେବେ ତହିଁରୁ ନାଥଧର୍ମ ତଥା ସହଜଯାନ ସମ୍ବନ୍ଧୀୟ ଅନେକ ଉପାଦାନ ମିଳି ପାରିବ।

ଶ୍ରୀଯୁକ୍ତ ପ୍ରଭାତ ମୁଖାର୍ଜି ତାଙ୍କର ମଧ୍ୟଯୁଗୀୟ ଓଡ଼ିଶାର ବୈଷ୍ଣବ ଧର୍ମ ଇତିହାସରେ କେତେକାଂଶରେ ଏହି ସିଦ୍ଧାଚାର୍ଯ୍ୟଙ୍କର ବିଷୟ ଆଲୋଚନା କରି କହିଛନ୍ତି ଯେ, ଓଡ଼ିଆ ପ୍ରବାଦ ଅନୁଯାୟୀ ହାଡ଼ିପା, କାହ୍ନୁପା, ତନ୍ତୀପା, ଚୌରଙ୍ଗୀନାଥ, ମତ୍ସ୍ୟେନ୍ଦ୍ର ନାଥ, ଗୋରକ୍ଷ ନାଥ ଓ ଲୁଇଙ୍କର ପ୍ରସଙ୍ଗ ଜାଣିବାକୁ ମିଳେ (୪); କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ତାହା ନୁହେଁ। ଶବରୀ, ଜାଳନ୍ଧରୀ, କୁକ୍କୁରୀ, ବିରୂପା, ଅମର ପ୍ରମୁଖ ଅନ୍ୟାନ୍ୟ ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରସଙ୍ଗ ବିଭିନ୍ନ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି।

ସାରଳା ମହାଭାରତର ବିଭିନ୍ନ ସ୍ଥାନରେ ଚଉରାଶୀ ସିଦ୍ଧଙ୍କର ପ୍ରସଙ୍ଗ ଉଲ୍ଲେଖ ଦେଖିବାକୁ ମିଳିଥାଏ। ସ୍ଥାନବିଶେଷରେ ଚଉରାଶୀ ସିଦ୍ଧ ଚଉଷଠି ସିଦ୍ଧ ଭାବରେ ବର୍ଣ୍ଣିତ। ମହାଭାରତର ମଧ୍ୟ ପର୍ବରେ ଯେଉଁସବୁ ମନ୍ତ୍ର ପ୍ରଭୃତିର ଉଲ୍ଲେଖ ରହିଛି, ତହିଁରେ ଗୋରକ୍ଷନାଥ ଓ ଚଉଷଠି ସିଦ୍ଧଙ୍କ ନାମରେ ମନ୍ତ୍ର ସବୁ ଦିଆ ହୋଇଛି। ଧୂଳିମନ୍ତ୍ର, ଜଉଁଟିଆ, କଳା, ସିନ୍ଦୂର, ଅଞ୍ଜନ, ମୁଳିକା, ଗୁଣ୍ଡି, କୁହୁକ, ଯନ୍ତ୍ର, ମୁଦ୍ରା, ପିଚଣା, ଉଲୁକ, ମୋହନ, ଯାଦୁକା ଓ ସ୍ୱପ୍ନରେ ବିଭିନ୍ନ ପ୍ରକାର ମନ୍ତ୍ରତନ୍ତ୍ରର ପ୍ରୟୋଗ ପ୍ରସଙ୍ଗରେ ବିଶେଷ ଭାବରେ ଗୋରକ୍ଷନାଥଙ୍କର ନାମ ଦେଖିବାକୁ ମିଳିଥାଏ (୫)। 'ମଧ୍ୟପର୍ବ'ରେ ନକୁଳ ଦକ୍ଷିଣ-କୋଶଳର ଅନେକ ରାଜାଙ୍କୁ ପରାସ୍ତ କରି ଯାଇବା ପରେ କଦଳୀବନରେ ପ୍ରବେଶ

---

୪। The History of the Medieval Vaishnabism in Orissa—P. Mukherjee P. 55-58-60.

୫। "ଶ୍ରୀ କାଳିକା କାଳସୃଷ୍ଟି ମାୟାବତୀ ଶ୍ରୀ ଗୋରେକ୍ଷନାଥ ମୂଳେ ଚଉଷଠି ସିଦ୍ଧଙ୍କର କୋଟି କୋଟି ଆଜ୍ଞା।" —ମଧ୍ୟପର୍ବ, ପାଣ୍ଡୁଲିପି ପୃ.୨୧୧।

* ଓଁ ଉଲୁକ କୁହୁକ ଦେଲେକ୍ ରଜ
ମୁହଁ ପଢ଼ଇ ମୋତେ କେହୁ ନ ଦେଖ ପ୍ରବାଗ୍ରଜ
ନ ଦେଖ ବୋଲି ତାହାର ଆଜ୍ଞା
ଚଉଷଠି ସିଦ୍ଧଙ୍କର କୋଟିଏ ଆଜ୍ଞା—ମଧ୍ୟପର୍ବ, ପାଣ୍ଡୁଲିପି ପୃ.୨୨୫।

କରେଲ । ସାରଳା ଦାସ ଲେଖିଛନ୍ତି, କଦଳୀବନର ବୃତ୍ତାନ୍ତ ଓ ସେ ଦେଶରେ ଗୋରେଖନାଥ ଜନ୍ମ ହୋଇଥିଲେ । ନକୁଳ ଗୋରେଖନାଥଙ୍କୁ ନିମନ୍ତ୍ରଣ କରିଛନ୍ତି । ସେ ଗୋରେକ୍ଷନାଥଙ୍କୁ ଯୋଗଧ୍ୟାନ ସମ୍ବନ୍ଧରେ ପଚାରିବାରେ ଗୋରେଖନାଥ କହିଲେ ଯେ, ତାଙ୍କର ଯୋଗ ସାଧିବା ବୟସ ହୋଇ ନାହିଁ । କେବଳ ତାଙ୍କୁ ଧ୍ୟାନବିଦ୍ୟା ଦେଇ ଗୋରେଖନାଥ ଅନ୍ତର୍ଦ୍ଧାନ ହୋଇଗଲେ । ପୁଣି ବନପର୍ବରେ ଶକୁନି ଗୋରେଖନାଥଙ୍କୁ ସ୍ମରଣ କରି ପଶାକାଠି ଗଢ଼ାଇଛି । ସାରଳା ମହାଭାରତର ଭିନ୍ନ ସ୍ଥାନରେ ଗୋରେକ୍ଷନାଥ, ମତ୍ସ୍ୟେନ୍ଦ୍ରନାଥ, ଦତ୍ତୃପା, ଶିବପା ପ୍ରଭୃତି ସିଦ୍ଧାଚାର୍ଯ୍ୟଙ୍କର ବିଷୟ ବର୍ଣ୍ଣିତ ହୋଇଛି । ନକୁଳ କଟସୁଣ୍ଡିଲରେ ଶିବପା ନୃପତିଙ୍କୁ ଭେଟିଥିବା ବିଷୟ ସଭାପର୍ବରେ ବର୍ଣ୍ଣିତ ।

---

* ଭ୍ରମନ୍ତ ପାଇଲା ସେ ମହୀଭଦ୍ରଙ୍କର ଦ୍ୱାର ।
ଭେଟିଲେ ପରମ ଯୋଗୀ ଗୋରଖ ଅବଭୂତା (ଅବଧୂତା)

× × ×

ଦୂଦେଶ ବକୁଳମାଳା ବେଣୀପଦ୍ମ ଶୋଭିବନ ।
ପରମ ପୁରୁଷଙ୍କର ପୁର କଦଳୀ ଭୁବନ ।

କଦଳୀ ଦେଶର କଥା ପ୍ରସଙ୍ଗରେ କୁହାଯାଇଛି ଯେ, ସେ ଦେଶରେ ସମୁଦ୍ର ବହୁକାଳ ପର୍ଯ୍ୟନ୍ତ ମାଡ଼ି ବସିଥିଲା । ସୋମ ନାମରେ ଋଷି କାଦମ୍ବର୍ଦ୍ଧ ପାନ କରି ସାହେର ଭିତରକୁ ଡେଇଁ ପଡ଼ି ତା ସହିତ ଯୁଦ୍ଧକଲେ ଓ ସେ ରାଜ୍ୟକୁ ଜଳ ଛଡ଼ାଇଲେ । ପରେ ତାହା କଦଳୀ ବନ ହେଲା । କଦଳୀବନକୁ ସାରଳା କହିଛନ୍ତି ଯେ, ତାହା "ଅଯୋଦ୍ଧା ପୃଥ୍ୱୀରେ ସେ ପଟ୍ଟଣ ଗ୍ୟାନ ସାଧୁ" ।

ସଭାପର୍ବ ପାଣ୍ଡୁଲିପି ପୃ. ୫୬-୫୭ ।

* ଅଙ୍ଗେ ବିଲେପନ କରିଛି ଭସ୍ମ ପାଂଶୁ
ତାମ୍ର କୁଣ୍ଡଳ ସେ ମଣ୍ଡିଲ ଶୀତାଂଶୁ
ଗୋପୀଚନ୍ଦନ ଚିତା ରୁଦ୍ରାକ୍ଷ ଜପମାଳୀ
ଜଟା ବଦନ ପରିଧାରଣ ଧବଳ ବସ୍ତ୍ର ଚଳି ।

× × ×

ଗୋରେଖ ଭେଟିଲେ ଶ୍ରମ ଯୋଗାଶ୍ରମ ବନେ
ଅନେକ ଯୋଗ ସେ କହିଲେ ପ୍ରସଙ୍ଗେ ।

—ବନପର୍ବ ପାଣ୍ଡୁଲିପି ପୃ. ୫୧୩-୧୪ ।

ଏହାଛଡ଼ା 'ଡଉରଣୀ' ପୀଠମାନଙ୍କ ସମ୍ବନ୍ଧରେ ବହୁ କଳ୍ପିତ କଥା ମଧ୍ୟ ଓଡ଼ିଆ ସାହିତ୍ୟରେ ଦେଖାଯାଏ । ଅଚ୍ୟୁତାନନ୍ଦ, ବଳରାମ ଦାସ ଓ ଯଶୋବନ୍ତ ଦାସ ତାଙ୍କ ରଚନାର ବିଭିନ୍ନ ସ୍ଥାନରେ ପୀଠାଧୀଶ୍ୱରୀ-ମାନଙ୍କର ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଯଶୋବନ୍ତ ଦାସଙ୍କର ବଶିଷ୍ଟ ଶିଷ୍ୟ ସୁଦର୍ଶନ ଦାସଙ୍କର ଡଉରଣୀ ଆଙ୍କ ଗ୍ରନ୍ଥରେ ଦେଖିହେବ ଅଲୌକିକ ତାନ୍ତ୍ରିକ ପ୍ରସଙ୍ଗର ବର୍ଣ୍ଣନା ଦିଆଯାଇଛି, ଯହିଁରୁ ସେ କାଳର ତାନ୍ତ୍ରିକ ମତବାଦର ଧାରା ସମ୍ବନ୍ଧରେ ପ୍ରଚୁର ସୂଚନା ମିଳିଥାଏ । ସାରଳା ଦାସ ମହାଭାରତର ସଭାପର୍ବରେ ଉଲ୍ଲେଖ କରି ଅଛନ୍ତି ଯେ, ୮୯ ଦେବତାଙ୍କୁ ଚନ୍ଦ୍ରକେଶୀ ନାମକ ନଗ୍ର ବନ୍ଧୁ ଆସୁଛି । ଆହୁରି ମଧ୍ୟ ପୀଠମାନଙ୍କ ପ୍ରସଙ୍ଗରେ ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତର ଡଉରଣୀ ଗୁମ୍ଫା, ଡଉରଣୀ ସର୍ବତକୁ ଗ୍ରହଣ କରାଯାଇପାରେ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଉଡ୍ଡୀୟାନ ପୀଠ ଓ ଉଡ୍ଡୟାଣ ଶବ୍ଦର ଉଲ୍ଲେଖ ସ୍ଥାନବିଶେଷରେ ଲକ୍ଷିତ ହୋଇଥାଏ । ସେହିପରି ପୂର୍ଣ୍ଣଗିରି, କାଞ୍ଚିମଣ୍ଡଳ, ଶ୍ରୀହଟ୍ଟ ପାଟଣା ଓ ଜାଳନ୍ଧର ଆଦିର ଉଲ୍ଲେଖ ଅଚ୍ୟୁତାନନ୍ଦ, ଯଶୋବନ୍ତ, ବଳରାମ, ଜଗନ୍ନାଥ ଓ ଅନନ୍ତ ପ୍ରଭୃତିଙ୍କ ରଚନାରେ ପରିଦୃଷ୍ଟ ହୁଏ (୬) । ଏହାଛଡ଼ା ସାରଳା ଦାସଙ୍କର

(୬) * "ନବମ ବରଷେ ଯାଶା ବନ୍ଧିଲେ । ଜାଳାନ୍ଧ୍ରୁ ମନ୍ତ୍ର ଯେ ଶିକ୍ଷିତ ଭଲେ ।" ଅ. ମା.୧୭ ଶୁଦ୍ଧଭକ୍ତି ଗୀତା (ପ୍ରାଚୀ)

* "ବାରବରଷରେ ଯାତ୍ରା ବନ୍ଧିବ । ଜାଳାନ୍ଧ୍ରୁ ସମାଧି ହୁଏ କହିବ" ।
ଅ. ମା.୫୦

* "ଜାଳାନ୍ଧର ଭେଦେ ପଶିଥାନ୍ତି ଯେଉଁଜନ"
ଶୁଦ୍ଧଭକ୍ତି ଗୀତା ପୃ. ୨୮୭

* "ଜାଳାନ୍ଧ୍ରୁ ଭେଦିବା ପାଇଁ ଅଟଇ ସାଧନ"
ଶୁଦ୍ଧଭକ୍ତି ଗୀତା ପୃ. ୧୫୯

ଅର୍ଜ୍ଜୁନ ଶସ୍ତ୍ର ନେ ନଦୀରେ ସ୍ନାନ କଲାବେଳେ ବଙ୍ଗଦେଶର ରାଜା ଲୋକେଶ୍ୱର ଜାଳାନ୍ଧର ଅର୍ଜ୍ଜୁନଙ୍କୁ ପୂଜା କରନ୍ତି ।

* "ସ୍ୱେମନ୍ତ ସମସ୍ତେ ବଙ୍ଗଦେଶର ରାଜା
ଲୋକେଶ୍ୱର ଜାଳନ୍ଧର ଆସିଣ କଲା ପୂଜା ।
ସାଥେ ଜଟା ଭାର ତାମ୍ର ମୁଦ୍ରା କର୍ଣ୍ଣେ
ବଘାବାଘ ପରିଧାନ ଚମ୍ପା ଧରି ହସ୍ତେ ।"
ସାରଳା ମହାଭାରତ, ସଭାପର୍ବ—ପୃ. ୨୨୧-୨୨

ମହାଭାରତରେ କାଞ୍ଚିମଣ୍ଡଳ, ଶ୍ରୀହଟ୍ଟ ପାଟଣା ଓ ସହଜସାଧନା ପ୍ରଭୃତିର ଉଲ୍ଲେଖ ଓ ଯୌଗିକ ସାଧନାର ପ୍ରଣାଳୀ ପୂର୍ବବର୍ତ୍ତୀ ବୌଦ୍ଧ-ଗାନ ଦୋହାର ସଂସ୍କୃତି ସହିତ ଓଡ଼ିଶାର ଘନିଷ୍ଠ ସମ୍ପର୍କ ଦେଖାଇ ଦେଇଥାଏ । କେତେକ ତାନ୍ତ୍ରିକ ପୀଠ ସହିତ ଓଡ଼ିଶାର ଯେ ଘନିଷ୍ଠ ସମ୍ବନ୍ଧ ରହିଥିଲା ଓ ପରସ୍ପର ମଧ୍ୟରେ ଯେ ସଂସ୍କୃତିର ବହୁ ଆଦାନପ୍ରଦାନ ଘଟିଥିଲା, ତାହା ମଧ୍ୟ ଆମ୍ଭମାନଙ୍କର ଭୁଲିଯିବାର କଥା ନୁହେଁ । ଏତଦ୍ୱାରା ଜଣାଯାଏ ଯେ, କାମାକ୍ଷା ପୀଠ ସହିତ ଓଡ଼ିଶାର ବିଶେଷ ଭାବରେ ସମ୍ବନ୍ଧ ସ୍ଥାପିତ ହୋଇଥିଲା । ଓଡ଼ିଶାର କେଳାମାନଙ୍କର ସାପଖେଳା, କୁହୁକ ଓ ଯାଦୁବିଦ୍ୟା ପ୍ରଭୃତିରେ ଝଡ଼ା, ଫୁଙ୍କା, ମନ୍ତ୍ର, ଯନ୍ତ୍ର ପ୍ରଭୃତିର ବର୍ଣ୍ଣନାରେ; ପୌରାଣିକ କିମ୍ବଦନ୍ତୀ ଓ ଲୋକକଥା ସମୂହରେ କାମରୂପଦେଶର କଥା ବହୁଳ ଭାବରେ ସ୍ଥାନଲାଭ କରିଛି ।

ଓଡ଼ିଶାର ଜ୍ଞାନମିଶ୍ରା ଭକ୍ତି ଉପାସକ ବୈଷ୍ଣବମାନଙ୍କ ସାଧନାର ଧାରାରେ ମଧ୍ୟ ପୂର୍ବବର୍ତ୍ତୀ ସିଦ୍ଧସାଧକମାନଙ୍କର ସାଧନ ପଦ୍ଧତି ସ୍ପଷ୍ଟ ପରିଲକ୍ଷିତ ହୁଏ । ଯନ୍ତ୍ର, ମନ୍ତ୍ର, ତନ୍ତ୍ର, ଶୂନ୍ୟ, ଜ୍ୟୋତି, ଅନାହତ, ଭଜ (ସହଜ), ସମାଧି, ରୂପ ଓ ଶୂନ୍ୟ ପ୍ରଭୃତି ବୈଶିଷ୍ଟ୍ୟ ଯୋଗୀ ତାହାର ସାଧନାରେ ଗ୍ରହଣ ଓ ଅନୁଭବ କରିଥାଏ । ବ୍ରହ୍ମଜ୍ଞାନ ଲାଭ କରିବାକୁ ହେଲେ ଯୋଗୀ ନିଶ୍ଚୟ ଏହି ମାର୍ଗ ଦେଇ ଗତି କରିବ । ସହଜଯାନରେ ସହଜ ସାଧନ ଦ୍ୱାରା ଯୋଗୀ ପାଞ୍ଚଗୋଟି ଅବସ୍ଥା ଭିତର ଦେଇ ଉପଲବ୍ଧି କରେ ଓ ତାହା ହେଉଛି ମରୀଚିକା, ଧୂମ, ଖଦ୍ୟୋତ, ଦୀପଜ୍ୱାଳା ଓ ଗଗନ ସନ୍ନିଭ ପ୍ରଭୃତି ବିଭିନ୍ନ ଅବସ୍ଥାର ପ୍ରକାଶ । କିନ୍ତୁ ଓଡ଼ିଶାର ବୈଷ୍ଣବଧର୍ମରେ ଚାରିଗୋଟି ଅବସ୍ଥା ଯୋଗୀ ଉପଲବ୍ଧି କରିଥିବାର ବର୍ଣ୍ଣନା ରହିଛି । ତାହା ହେଉଛି ଭ୍ରମି, ଧୂମି, ଜ୍ୟୋତି ଓ ଜ୍ୱାଳା (୨) । ଏହାପରେ ଯୋଗୀ ନିର୍ବାଣ ଅବସ୍ଥା ଲାଭ କରିଥାଏ ।

---

(୨) ତୁଳକୃଷ୍ଣସ୍ୱାମୀଙ୍କର ଜ୍ଞାନସାଗର ଗ୍ରନ୍ଥରେ ଏ ସବୁ ସାଧନାର ବିସ୍ତୃତ ବର୍ଣ୍ଣନା ଦିଆଯାଇଛି :—

ଜ୍ୟୋତିଉଦରେ ଥାଇ ଥୋକେ ଜ୍ୟୋତ ନ ଦେଖିଣ
ନକ୍ଷତ୍ର ଜ୍ୱାଳା ଯୋଗ ଦେଖି ହେଉଥାନ୍ତି ଭ୍ରମ ।୮୮।
ନକ୍ଷତ୍ର ଜ୍ୱାଳା ଯୋଗ ଦେଖି କରନ୍ତି ଗାରିମା
ସେ କାହୁଁ ଜାଣିବେ ଆଉ ଜ୍ୟୋତିର ମହିମା ।୮୯।

× × ×

ଗୁହ୍ୟ ସମାଜ ତନ୍ତ୍ର, ମର୍ମକାଳକାତନ୍ତ୍ର ଓ ଶ୍ରୀକାଳଚକ୍ର ତନ୍ତ୍ର ପ୍ରଭୃତି ଗ୍ରନ୍ଥରେ ଉପରିଲକ୍ଷିତ ସାଧନାର ପ୍ରଣାଳୀ ବର୍ଣ୍ଣିତ ହୋଇଛି (୮) । ନିଷ୍କଳା—ଧର୍ମ, ଷଡ଼ଦ୍ୟୋତ—ଦ୍ୟୋତ ଓ ପାଦକ୍ରାଳା—କ୍ରାଳା ଆଦିରେ ଓଡ଼ିଶୀ ବୈଷ୍ଣବମାନଙ୍କର ସାଧନ ପ୍ରଣାଳୀରେ ସ୍ଥାନ ଲାଭ କରିଛି । ସାରଳା ମହାଭାରତର ବହୁ ସ୍ଥଳରେ ଏ ସାଧନାର କଥା କୁହାଯାଇଛି । ସିଦ୍ଧାଚାର୍ଯ୍ୟମାନଙ୍କର ସାଧନ ପ୍ରଣାଳୀ ତତ୍କାଳୀନ ଓଡ଼ିଶାର ଆଧ୍ୟାତ୍ମିକ ବାୟୁମଣ୍ଡଳକୁ ଯେ ଯଥେଷ୍ଟ ଭାବରେ ପ୍ରଭାବିତ କରିଥିଲା, ତାହାର ପ୍ରମାଣ ଆମେମାନେ ସାରଳା ସାହିତ୍ୟ ଓ ତତ୍ପରବର୍ତ୍ତୀ ପଞ୍ଚସଖା ସାହିତ୍ୟ ଓ ପଞ୍ଚସଖା ପରବର୍ତ୍ତୀ ଓଡ଼ିଶାର ସନ୍ଥସାହିତ୍ୟରୁ ଯଥେଷ୍ଟ ଭାବରେ ପାଉଥାଉଁ ।

ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ଓଡ଼ିଆ ସାହିତ୍ୟର କ୍ରମପରିଣାମ ବିଶେଷ ଭାବରେ ବଜ୍ରଯାନ, ସହଜଯାନ୍ ଓ ଉଡ଼୍ଡୀୟାନର କଥା ଆଲୋଚନା କରିବାକୁ ଯାଇ କହିଅଛନ୍ତି, ଉଡ଼୍ଡୀୟାନ ବା ଓଡ଼ିଶୀମାର୍ଗ ଓ ଜଗନ୍ନାଥଙ୍କ ନାମରେ ସିଦ୍ଧାଚାର୍ଯ୍ୟମାନେ ସେମାନଙ୍କ ପଞ୍ଚମକାର ସେବାର ସ୍ଥାନନୈତିକତା ପ୍ରଚୁର କରି ଯାଇଛନ୍ତି । ଏ ସହଜଯାନର

---

ଧୂମ କଳାବର୍ଣ୍ଣ ସେତେବେଳେ ପ୍ରକାଶ*
ଦ୍ୱିବସ୍ତି ନୀଳବର୍ଣ୍ଣ ଦିଶିଯାଏ ପାଛ ।୧୩୨।
ପୀତାବର୍ଣ୍ଣ ଗୋଟି ସେତେ ଦର୍ଶନ ପାଇ
ଚନ୍ଦ୍ର ଯେ ହୃଦଅ ପ୍ରାଏ ଶରୀରେ ଦିଶଇ ।୧୩୩।
ଧର୍ମ ଧଳ ବର୍ଣ୍ଣ ଗୋଟି ସେତେ ପାଇ ଦେଖ
ଶେତବର୍ଣ୍ଣର ସଙ୍ଗେ ଦବରେ ଯାଇ ଦେଖ ।୧୩୪।
ଏହି ସ୍ତୁତିକଳା ସେତେ ସାଧୁପାରୁ ପାଅ
ଚନ୍ଦ୍ର କଳାକୁ ତେବେ ଭେଟିବୁ ଭାବତ ।୧୩୫।

Mss. P. 12–13.

* ପ୍ରଥମଂ ମଣ୍ଡଳାକାରଂ ଧୂମ୍ରାକାରଂ ଦ୍ୱିତୀୟକମ୍,
ତୃତୀୟଂ ଖଦ୍ୟୋତାକାରଂ ଚତୁର୍ଥଂ ଦୀପବତ୍ ଜ୍ୱଲମ୍
ପଞ୍ଚମନ୍ତୁ ସଦାଲୋକଂ ନିରଭ୍ରଂ ଗଗନ ସନ୍ନିଭମ୍

—ଶ୍ରୀଗୁହ୍ୟ ସମାଜତନ୍ତ୍ର—ଅ: ୮ ପୃ. ୧୬୪ ( ସା. ଓ. ସି. )

୮ । Obscure Religious Cults of Bengal
—P. 125-126.

ବିକଶିତ ସ୍ୱରୂପ ଓଡ଼ିଶାରେ ନ ଥିଲା । ଓଡ଼ିଶାର ସିଦ୍ଧସାଧକମାନେ ଇନ୍ଦ୍ରିୟ ସଂଯମ ଓ ବ୍ରହ୍ମଚର୍ଯ୍ୟ ଛଡ଼ା ଆଉ କିଛି କେବେ ସାଧନା ବୋଲି ଗ୍ରହଣ କରି ଯାଇନାହାନ୍ତି (୧) ।

ଏ କଥା ଅତି ନିଶ୍ଚିତ ସତ୍ୟ ଯେ ଓଡ଼ିଶାର ଶୂନ୍ୟ ସାଧକମାନେ ଇନ୍ଦ୍ରିୟ ସଂଯମ ଓ ବ୍ରହ୍ମଚର୍ଯ୍ୟ ଉପରେ ଅତ୍ୟନ୍ତ ଭାବରେ ନିର୍ଭର କରିଛନ୍ତି । କିନ୍ତୁ ସେ କାଳର ବଜ୍ରଯାନୀ ସିଦ୍ଧମାନେ ଜଗନ୍ନାଥଙ୍କ ନାମରେ ଓ ଓଡ଼ିଶୀ ମାର୍ଗ ନାଁରେ ଯେ ସାଧନା ଯୌନାଚାର ଚଳାଇ-ଥିଲେ, ଏ ପ୍ରକାର ସାଧନାର କୌଣସି ସୂଚନା ନାହିଁ । ବଜ୍ରଯାନ ଓ ସହଜଯାନରେ ବର୍ଣ୍ଣିତ ମଞ୍ଜନଦ'ରର ସେବା ବାହ୍ୟରୂପ ବ୍ୟଞ୍ଜକ ଆଭ୍ୟନ୍ତରୀଣ ଅର୍ଥ ଥିଲା ଓ ତାହା ହେଉଛି ଯଥାର୍ଥ ସଂଯମର ମାର୍ଗ । ପୂର୍ବରୁ ଏହାର ବହୁ ଉଦାହରଣ ପ୍ରଦତ୍ତ ହୋଇଅଛି ଓ ଦର୍ଶାଯାଇଅଛି ଯେ, ଏହି ଅଶ୍ଳୀଳ ଅର୍ଥ ହେଉଛି ବାହାରର ଅର୍ଥ ଓ ଭିତରେ ଯୋଗ-ସାଧନାର ଅର୍ଥ ରହିଅଛି । ସିଦ୍ଧାଚାର୍ଯ୍ୟମାନଙ୍କର ଗୀତିକା ସମୂହରେ ଏହିସବୁ ଅର୍ଥ ରହିଛି ଓ ସେ ସବୁର ବ୍ୟାଖ୍ୟା ମଧ୍ୟ ସେହି ସମ୍ପ୍ରଦାୟର ସିଦ୍ଧମାନେ କରିଯାଇଅଛନ୍ତି । ଓଡ଼ିଶାରେ ଏହି ପରଂପରାକୁ ଆଦୌ ଅସ୍ୱୀକାର କରିହେବ ନାହିଁ । ବହୁ ଭଜନ ଓ ଓଡ଼ିଶାର ପରବର୍ତ୍ତୀ ସିଦ୍ଧମାନଙ୍କର ରଚନାରେ ଏ ପ୍ରକାର ରୂପକାତ୍ମକ ତତ୍ତ୍ୱର ଅଭାବ ନାହିଁ । ଦେହତତ୍ତ୍ୱର ଷଟ୍‌ଚକ୍ର ସମ୍ବନ୍ଧରେ ଇଡ଼ା ଓ ପିଙ୍ଗଳାର ସମ୍ବନ୍ଧ ସ୍ପଷ୍ଟ ଭାବରେ ଏକ ଯୌଗିକ ବିଷୟ । ସେହିପରି ଡୋମୁଣୀ, ଚଣ୍ଡାଳୁଣୀ, ଧୋବଣୀ ପ୍ରଭୃତି ସମ୍ବନ୍ଧ ବର୍ଣ୍ଣିତ ଯୌନସମ୍ପର୍କ ବାହାରକୁ ଅତି ଅଶ୍ଳୀଳ ବୋଲି ପ୍ରତୀୟମାନ ହେଲେ ମଧ୍ୟ ତାହାର ଅର୍ଥ ଉଲଟା ଓ ଏ ପ୍ରକାର ରଚନା ହିଁ ସନ୍ଧ୍ୟାଭାଷା ।

ଏହା ମଧ୍ୟ ହୋଇପାରେ, ଯେହେତୁ ଓଡ୍ଡୀୟାନ ପୀଠ ପ୍ରଥମ ଓ ପ୍ରଧାନ ତାନ୍ତ୍ରିକ ପୀଠ; ପୁଣି ବଜ୍ରଯାନ ଓ ସହଜଯାନର ଆଦି ଜନ୍ମଭୂମି । ତେଣୁ ସେଠାକାର ସାଧନ ପରମ୍ପରାର ମହତ୍ତ୍ୱ କାଳକ୍ରମେ ଯଥାର୍ଥ ମାର୍ଗରେ ଅଗ୍ରସର ହେଲା । କିନ୍ତୁ ଓଡ଼ିଶାର ସେ କାଳର ସେହି ସିଦ୍ଧ ସାଧକମାନେ ପଦ୍ମବଜ୍ର, ଅନଙ୍ଗବଜ୍ର, ଇନ୍ଦ୍ରଭୂତି.

୧ । ଓଡ଼ିଆ ସାହିତ୍ୟର କ୍ରମପରିଣାମ—୧ମ ଖଣ୍ଡ, ପୃ. ୧୦-୧୨ ।

ଓ ଲକ୍ଷ୍ମୀଙ୍କର ପ୍ରଭୃତି ତିବ୍ବତ, ନେପାଳ ପ୍ରଭୃତି ଦେଶକୁ ଯାଇ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଚାର କରିଥିଲେ; ସେଠାରେ କାଳକ୍ରମେ ବଜ୍ରଯାନର ଆଧ୍ୟାତ୍ମିକତା ଲୋପ ପାଇଗଲା ଓ କେବଳ ବାହାରର ଅଦ୍ଭୁତ ସ୍ୱରୂପ ଜନସାଧାରଣରେ ଲୋକପ୍ରିୟ ହେଲା । ବଙ୍ଗଳା, କାଞ୍ଚିପ୍ରଦେଶ, ଆସାମ ଓ ଅନ୍ୟତ୍ର ମଧ୍ୟ ସେହି କଥା ଘଟିଅଛି ।

ଓଡ଼ିଶାର ଜଗନ୍ନାଥ ଯେ ଯଥାର୍ଥ ଭାବରେ ଜୈନମାନଙ୍କର 'ଜିନଦେବ' ଓ ସେ ମୂର୍ତ୍ତି ଖାରବେଳଙ୍କ ଅମଳର ଜିନଦେବ, ଯାହାଙ୍କୁ ଖାରବେଳ ମଗଧରୁ ଘେନି ଆସିଥିଲେ, ଏହିପ୍ରକାର ଭାବନାରେ କୌଣସି ଐତିହାସିକ ତଥ୍ୟ ଏ ଯାବତ୍ ମିଳି ନାହିଁ; କିନ୍ତୁ ଜଗନ୍ନାଥଙ୍କର ସ୍ୱରୂପ ଓ ପୂଜାବିଧି ପ୍ରଭୃତିରେ ବିଶେଷ ଭାବରେ ପରବର୍ତ୍ତୀ ବୌଦ୍ଧ-ଧର୍ମର ସ୍ପଷ୍ଟ ଆଭାସ ମିଳୁଛି । ଓଡ଼ିଆ ସାହିତ୍ୟରେ ସର୍ବତ୍ର ଜଗନ୍ନାଥ ବୁଦ୍ଧ ଭାବରେ ଖ୍ୟାତିଲାଭ କରିବା ଜଗନ୍ନାଥଧର୍ମରଏକ ବଳିଷ୍ଠ ପରମାଣ ! ଜଗନ୍ନାଥ ଯେଉଁଠି, ତାଙ୍କର ଶକ୍ତି ବିମଳା ମଧ୍ୟ ସେଇଠି । ମନ୍ଦିରର ସେବାପୂଜାର ତାନ୍ତ୍ରିକ ଆଚାର-ବ୍ୟବହାର, ପୁଣି ଶାଳ୍ମାଧବ କଥା ସମ୍ବନ୍ଧ ସିଂହଳ ଦନ୍ତକଥାର ଯେଉଁ ସାଦୃଶ୍ୟ (୧୦) । ସେଥିରୁ ଜଣାପଡ଼ୁଛି ଯେ, ଜଗନ୍ନାଥଙ୍କଠାରେ ବୌଦ୍ଧଧର୍ମର ସବିଶେଷ ପ୍ରଭାବ ପଡ଼ିଛି ଓ ତାହାର ଯଥାର୍ଥ ପ୍ରମାଣ ନ ଦେଇ ଅସ୍ୱୀକାର କରିବା କଠିନ ହୋଇ ପଡ଼ିବ ।

ଓଡ଼ିଶାରେ ଜୈନଧର୍ମର ପ୍ରବଳ ପ୍ରଭାବ ଥିବାର କଥାଟି ସତ୍ୟ; କିନ୍ତୁ ତାହା ଖ୍ରୀ: ପୂ: ଦ୍ୱିତୀୟ ଶତକର କଥା, ତାହାପରେ ଶହ ଶହ ବର୍ଷ ଧରି ଓଡ଼ିଶାରେ ବୌଦ୍ଧଧର୍ମର ବହୁ ଲକ୍ଷଣ ରହିଛି । ଏହା ଭିତରେ ଅର୍ଥାତ୍ ପ୍ରାୟ ହଜାର ବର୍ଷର ଇତିହାସରେ ଜୈନଧର୍ମର କଥା ଦେଖିବାକୁ ମିଳେ ନାହିଁ ।

ସହଜଯାନ ସିଦ୍ଧମାନେ ଜଗନ୍ନାଥଙ୍କୁ ସେମାନଙ୍କର ଇଷ୍ଟଦେବତା କରିନେବାରେ ଓ ଜଗନ୍ନାଥଙ୍କୁ ନମସ୍କାର କରି ଗ୍ରନ୍ଥ ରଚନା କରିବା ମୂଳରେ କି କାରଣ ନିହିତ ଅଛି ? ଏହା ଅତି ସ୍ପଷ୍ଟ କଥା ଯେ, ଜଗନ୍ନାଥ ସେହି ଧର୍ମର ଦେବତା ଓ ସେହି ଆଦ୍ୟଦେବତାଙ୍କ ନାମ

(୧୦) ଓଡ଼ିଶାରେ ବୌଦ୍ଧଧର୍ମ—

ନେଇ ଇନ୍ଦ୍ରଭୂତି ଓ ଅନଙ୍ଗବଜ୍ର ବଜ୍ରଯାନ ସମ୍ବନ୍ଧୀୟ ଗ୍ରନ୍ଥରଚନା କରିଅଛନ୍ତି । ଏ ପ୍ରକାର ସ୍ୱତନ୍ତ୍ର ହିନ୍ଦୁଧର୍ମ ପରମ୍ପରାର ଏକ ପ୍ରଧାନ ବୈଶିଷ୍ଟ୍ୟ । କୌଣସି ଶାକ୍ତଧର୍ମାବଲମ୍ବୀ କବି ବିଷ୍ଣୁଙ୍କର ନମସ୍କାର କରାଇ ତାଙ୍କର କାବ୍ୟ ପ୍ରଣୟନ କରିବା ଓ କୌଣସି ବୈଷ୍ଣବ ତାଙ୍କର ବିଷ୍ଣୁଙ୍କ ବ୍ୟତୀତ ଶିବ ବା ଶକ୍ତିଙ୍କର ନାମରେ କାବ୍ୟ ରଚନା କରିବାର ଦୃଷ୍ଟାନ୍ତ ଅତି ବିରଳ ନୁହେଁ । ବୁଦ୍ଧଙ୍କର ଅନ୍ୟ ନାମ ମଧ୍ୟ ଜଗନ୍ନାଥ । ଓଡ୍ଡୀୟାନର ପୀଠଦେବତା ଜଗନ୍ନାଥଙ୍କୁ ନେଇ ଇନ୍ଦ୍ରଭୂତି ଓ ଅନଙ୍ଗବଜ୍ରଙ୍କର ଗ୍ରନ୍ଥ ପ୍ରଣୟନ ଯଥାର୍ଥ ହୋଇଛି ଓ ସେଥିରେ ଯେ କିଛି ପ୍ରତାରଣା ରହିଛି, ଏପରି ଭାବିବା ମୋ ମତରେ ଠିକ୍ ନୁହେଁ । ଆହୁରି ଜଗନ୍ନାଥ ମଧ୍ୟ ବୁଦ୍ଧଅବତାର ଭାବରେ ଦଶ ଅବତାରର ବନ୍ଦନା ରଚନା ଏବଂ କ ଶଙ୍ଖ ପ୍ରାଧାନ୍ୟରେ ମୂର୍ତ୍ତିମନ୍ତ ହୋଇଛନ୍ତି (୧୧) ଓ ଏ ସବୁ ବହୁ ପ୍ରମାଣ ଥାଇଁ ଥାଉଁ ଜଗନ୍ନାଥଙ୍କୁ ଜୈନଦେବ ଭାବରେ କଳ୍ପିତ କରି ସେହି ଧର୍ମମତରେ ସମସ୍ତ ସାହିତ୍ୟ ଓ ସଂସ୍କୃତିର ଧାରାକୁ ପରିଚାଳିତ କରାଇବା ଠିକ୍ ହେଉନାହିଁ । ଜାତି ଓ ଜାତୀୟତା ପକ୍ଷରେ ଯଦ୍ୟପି ଏ ପ୍ରକାର ମତ ବିଶେଷ ଗୌରବାବହ ଓ ଜୈନଧର୍ମ ପରି ଏକ ବୈଦ୍ଧିକ ଓ ସୂକ୍ଷ୍ମ ବହୁ ପ୍ରାଚୀନ ସଂସ୍କୃତିର ତାହା ପରିପୋଷକ; ତଥାପି ଉକ୍ତ ମତର ଐତିହାସିକ ଭିତ୍ତି ଦୁର୍ବଳ, ସନ୍ଦେହ ଓ ଅନୁ-ମାନସିଦ୍ଧ ।

ଜଗନ୍ନାଥଙ୍କୁ ବଜ୍ରଯାନର ସିଦ୍ଧମାନେ ସେମାନଙ୍କର ଆରାଧ୍ୟ-ଦେବତା ଭାବରେ ଗ୍ରହଣ କରିବାରେ କୌଣସି ଅସତ୍ୟ ବା ଅଯଥାର୍ଥତା ନାହିଁ । ଓଡ୍ଡୀୟାନ ତାନ୍ତ୍ରିକପୀଠରେ ମଦ୍ୟ ମୈଥୁନାଦିର ବ୍ୟବହାର ଯଦିଓ କେବେ କେଉଁଠି ଥିଲା, ତେବେ ତାହା ବୈଷ୍ଣବଧର୍ମର ପ୍ରବଳ

---

(୧୧) "ମତ୍ସ୍ୟକୂର୍ମ ବରାହ ନରସିଂହ ରୂପ ଧରି
ବାମନ ଭୃଗୁରାମ ଶ୍ରୀରାମ ଅବତରି
ବଉଦ୍ଧ କଳ୍କି ଯେ ଦଶ ଅବତାର
ଅସୁର ନିବାରଣେ ହୋଇତେ ରୂପ ଧରି"

—ଶାରଳା ମହାଭାରତ, ମଧ୍ୟପର୍ବ ପୃ: ୧୨୨

* ଜଗନ୍ନାଥ ଧର୍ମ-ଓଡ଼ିଶାର ଇତିହାସ—ଡକ୍ଟର ହରେକୃଷ୍ଣ ମହତାବ ।

ପ୍ରଭାବ ଫଳରେ ନେଇ ଥାଇପାର । ଓଡ଼ିଶା ତାନ୍ତ୍ରିକତାର ପୀଠଭୂମି ହେଲେ ଯେ ସେଠାରେ ସ୍ତ୍ରୀସ୍ୱାଧୀନତାର ଯଥେଷ୍ଟ ଥିଲା ରହିବ, ଏଥିର କିଛି କଥା ନାହିଁ । ବଜ୍ରଯାନ ଓ ସହଜଯାନର ପ୍ରବଳ ସ୍ରୋତରେ ଓଡ଼ିଶା ଏକେ ଉଦ୍‌ବୁଦ୍ଧ ହୋଇଥିଲା; କିନ୍ତୁ ତାହାର ବାହ୍ୟାଚାର ବ୍ୟବହାର ତତ୍କାଳୀନ ସମାଜ ଦୃଷ୍ଟିରେ ଘୃଣ୍ୟ ବିବେଚିତ ହେଲା । ପୁଣି ତାହା ପରେ ପରେ ଆସିଲା ବୈଷ୍ଣବଧର୍ମର ପ୍ରବାହ, ଯେଉଁଥିରେ ଅବଶେଷ ରୂପେ ରହିଗଲା ବଜ୍ରଯାନ ଓ ସହଜଯାନର ସାଧନ ଓ ନୈଷ୍ଠିକ ମର୍ମ, ଯାହା ସବୁ ସମୟରେ ଯେ କୌଣସି ଉନ୍ନତ ସମାଜର ଆଦର୍ଶ ହେବା ସ୍ୱାଭାବିକ ।

---

## ଓଡ଼ିଆ ସାହିତ୍ୟରେ 'ସହଜ' ଶବ୍ଦ ଓ ସହଜଯାନର କେତେକ ସୂତ୍ର ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ସହଜ' ଶବ୍ଦର ବହୁଳ ପ୍ରୟୋଗ ପରିଦୃଷ୍ଟ ହୁଏ (୧) । ଅଚ୍ୟୁତାନନ୍ଦ ଦାସଙ୍କର ଶୂନ ଗୁଜ ବ୍ରହ୍ମ ଜନସାଗର ନାମକ ଏକ ଗ୍ରନ୍ଥ ପ୍ରଣୟନ କରିଅଛନ୍ତି । ତହିଁରେ ସହଜ ସାଧନାର ବିସ୍ତୃତ ବର୍ଣ୍ଣନା ପରିଲକ୍ଷିତ ହୁଏ । "ସହଜ" ଓ "ସହଜ ସମାଧି"ରେ ଯେ ଯେଉଁ ବର୍ଣ୍ଣନା ଦେଇଅଛନ୍ତି, ତାହା ମୁଖ୍ୟତଃ ଯୌଗିକ ସାଧନା ଓ ବିଶେଷ ଭାବରେ ଷଡ଼ଙ୍ଗ ଯୋଗ । କେଉଁ ବାଟରେ, କେଉଁ କାଳରେ ନିଶ୍ୱାସ ପ୍ରଶ୍ୱାସ ସାହାଯ୍ୟରେ ଯୋଗସାଧନ କରିବାକୁ ହେବ, ତାହା ସେ ବିଭିନ୍ନ ସ୍ଥାନରେ ଉଲ୍ଲେଖ କରିଅଛନ୍ତି । ସହଜ ଅବସ୍ଥା ଯେ ଯୌଗିକ ସାଧନାର ଚରମ ଆନନ୍ଦମୟ ଅବସ୍ଥା; ତାହା ସେ ବର୍ଣ୍ଣନା କରି କହିଅଛନ୍ତି ଯେ, ଅଳ୍ପ ଆହାର ହୋଇ ନିଦ୍ରାକୁ ଜାଗିବାକୁ ହେବ । ଶରୀର ଚଞ୍ଚଳତାରେ ସହଜ ଅବସ୍ଥା ଆସିବା ଅସମ୍ଭବ । ସହଜ ସାଧନା ଶତ୍ରୁବୃତ୍ତି ନିବୃତ୍ତିର ସାଧନା (୨) । ଏ ପ୍ରକାର ସାଧନାରେ

---

(୧) * କାହ୍ନୁ ବିଲସଅ ଆସବମାତା
ସହଜ ନଳିନୀବନ ପଇସି ନିବିତା—ଚର୍ଯ୍ୟାପଦ: ଦୋ: ନଂ. ୯
ଚଉଷଠି କୋଠେ ଦେଖି ପ୍ରକାଶ ହୋଇଛି
ସହଜ ଜାଗିଲେ ସେ ଦେଖିବୁ ପଣ୍ଡ ଶିଖି ।୨।—ଜନସାଗର Mss. ପ. ୧୨୫, ପୃ. ୧୨, ଅ. ୧,
ଯୋଗ ଛାୟା ଅବାଢ଼ ସେ ସହଜ ସମାଧି
ଗୁରୁ ଅଙ୍ଗେ କହିଅଛୁଁ ସାଧନା ସେ ବିଧି ।୧୩। ୨ୟ ଅଧ୍ୟାୟ ।

(୨) ଅଳପ ଆହାରେ ରହି ନିଦ୍ରାକୁ ଜାଗିବୁ ।
ଯୋଗ ଯୋଗେ ରହି ହେବୁ ସହଜ ବାଟକୁ ।୩।
ସହଜ ବାଟକୁ ହେଲେ ଅବାଢ଼ ନ ପଡ଼ିବୁ
ନିବୃତ୍ତି ହୋଇଣ ଶତ୍ରୁ ବୃତ୍ତିକୁ ଛାଡ଼ିବୁ ।୪। ଅ. ୩.

କଳ୍ପାବନ୍ତ କାମାକ୍ଷୀ ଦେବୀଙ୍କୁ ଅଭ୍ୟର୍ଥନା କରୁଥିବେ । ଲୋକେ ବାହାରର ସେବାପୂଜା ମଧ୍ୟରେ ତତ୍ପର; କିନ୍ତୁ ମନର ସହଜ ଅବସ୍ଥା କ୍ୱଚିତ ଜାଣନ୍ତି (୩) । ସହଜ ସାଧନା ଏକ ସ୍ୱତନ୍ତ୍ର ସାଧନା । ଏଥିରେ ବାହ୍ୟବସ୍ତୁର ବା ଅନ୍ୟ କାହାର ସମ୍ପର୍କ ନାହିଁ । ସହଜବାଦର ମୌଳିକ ତତ୍ତ୍ୱ ଓଡ଼ିଶାର ଯୋଗସାଧନ ପ୍ରଣାଳୀରେ ନିହିତ ରହିଛି । ସହଜ ସାଧନା ଏକ ଭାବସାଧନା ମାତ୍ର । ସାଧକ ସହଜ ଅବସ୍ଥା ଲାଭ କରି ପାରିବା ପରେ ସେ କାଳକୁ ଜୟକରି ପାରିବ ବା ଦୀର୍ଘାୟୁ ହୋଇ-ପାରିବ । ହେଲେ କୃଷ୍ଣଙ୍କ ଅଧ୍ୟାୟରେ ସହଜ ସମାଧି ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ ଲେଖିଅଛନ୍ତି ଯେ, ସହଜକୁ ଜାଣିବାକୁ ହେଲେ ପ୍ରାଣାୟାମ ହିଁ ପ୍ରୟୋଜନ । ବାମ ପାଖ ନିଶ୍ୱାସ ବନ୍ଦ କରି ଡାହାଣରେ ନିଶ୍ୱାସ ନେବାକୁ ହେବ ଓ ସହଜ ଅବସ୍ଥା ବାରିବାକୁ ପଡ଼ିବ । ଏହି ସହଜ ସାଧନାର ଅନୁକୂଳ ସମୟ ହେଉଛି ପାହାନ୍ତିଆ ପହର (୪) । ସୂର୍ଯ୍ୟ ନାଡ଼ିର ସାଧନା ହିଁ ସହଜ ସାଧନା (୫) । ପାହାନ୍ତା ପହରରୁ ଉଠି ଦନ୍ତଧାବନାଦି ସ୍ନାନ ସାରି ହେଜ ଘରରେ ଭାବନା କରିବାକୁ ହେବ । ସହଜ ସାଧନା କଠୋର ସାଧନା । ତେଣୁ ତାହାକୁ ଅଳ୍ପ ଅଳ୍ପ ସାଧନା କରିବାକୁ ହେବ । ପାହାନ୍ତା ପହର ସହଜ ସମୟ । ଏହି ସମୟରେ ଯେଉଁ ଚକ୍ରବର୍ତ୍ତୀ ନକ୍ଷତ୍ର ଉଦୟ ହୁଏ, ତାହା ଶାସ୍ତ୍ରରେ ଭୃଗ ବେଦ ଶବ୍ଦରେ କଥିତ । ପାହାନ୍ତା ପହରରୁ ଦେଢ଼ଦଣ୍ଡ ପର୍ଯ୍ୟନ୍ତ

(୩) ବାହାରେ ମୋ ନାନା ପୂଜା ବିଧିମାନ ହୋଇ ।
ମନର ସହଜ ସେବା ନ ଜାଣନ୍ତି କେହି ।୫୮। ପୃ. ୨୭।୫୮ ଅ. ୩

(୪) ପାହାନ୍ତି ହୋଇଗଲେ ଉଠି ବସିବୁ ପାହାନ୍ତ ।
ସହଜ ସମାଧି ଯୋଗାସନେ ଲୟ କରି ।୬୮ ।
ସହଜ ଜାଣିଲେ ଯୋଗେ ସୂର୍ଯ୍ୟ ପରକାଶ ।
ବାମ ଶଶି ବନ୍ଦକରି ଦକ୍ଷିଣରେ ପଶ ।୬୯ ।
ସହଜ ସୂତ୍ରରେ ବାନ୍ଧି ଉଠିବୁ ସମସ୍ତେ ।
ଶୁଣିଲେ ଇନ୍ଦ୍ରକୁ ଜିଣି ଅପାର ସ୍ଥାନେ ।୭୦ । ଅ. ୫

(୫) ଦେଖ ମନ୍ଦୁ ସୂର୍ଯ୍ୟ ସେ ପାଦ କଳାବନ୍ତୀ ।
ଡାହାଣରେ ରବି ଜାଣ ବାମେ ଚନ୍ଦ୍ର ସ୍ଥିତି ।୯୯ ।
ଏଥୁ ଆତସୀ ହୋଇ ପାହାଣ୍ଡୁ ଭୁ କର ।
ଦଇବାର ସୂର୍ଯ୍ୟ ଦେଖୁଅଛି ମୁଁ ସହଜ ।୧୦୦ । ଅ—୩

ସଖି ଅନ୍ତରେ ସାଧନା କଲେ ସୂର୍ଯ୍ୟର ପ୍ରକାଶ ଘଟିବ ଓ ସାଧକ ଜ୍ୟୋତି ରୂପ ଦେଖିବାକୁ ସମର୍ଥ ହୋଇପାରିବ । ଏ ବିଷୟ ଅତି ଗୁପ୍ତ ଓ ଏହା ହିଁ ସହଜ ବସ୍ତୁର (୬) । ସହଜ ସ୍ଥିତି ଜନ୍ୟ ବୃନ୍ଦାବନର ଆନନ୍ଦମୟ ଅବସ୍ଥା (୭) । ଯୌଗିକ ସାଧନାରେ ଯଥାଯଥ ଭାବରେ ପବନ ତୋଳିବା ସହଜ ଅବସ୍ଥା ଓ ପବନକୁ ନିବୃତ୍ତି କଲେ ଅସହଜ ଅବସ୍ଥା ବୁଝାଏ (୮) । ପବନକୁ ଉତ୍ତୋଳନ କରି ପରମ ସତ୍ତ୍ୱ ଭେଟାଇଲେ ଯୋଗୀର ସହଜ ଅବସ୍ଥା ପ୍ରାପ୍ତି ହୁଏ (୯) । ଏ ସାଧନା ସେହେତୁ ଅତି କଠିନ ସାଧନା, ଶିଷ୍ୟ ସର୍ବଦା ଗୁରୁଙ୍କ ପାଖରେ ବସାଇ ସହଜ ସାଧନା କରିବ । ସାଧକ ଧ୍ୟାନସ୍ଥ ହେଲା ପରେ ନୟନ ଭୃକୁଟି ପବନକୁ ମନ ସହିତ ମିଳାଇଲେ ତାକୁ ହଜ ଅବସ୍ଥା କହନ୍ତି (୧୦) । ସହଜ ସାଧନା ଶାନ୍ତଯୋଗ ଭାବରେ ମଧ୍ୟ କଥିତ । ସାଧକ ସହଜ ନ ହେଲେ ସେ କନକ ପାଗ ଭୁଲି ଆନନ୍ଦମୟ ଜ୍ୟୋତି ଦେଖି-ବାକୁ ସମର୍ଥ ହୋଇପାରିବ ନାହିଁ (୧୧) । ମନ, ନୟନ ଓ ନାସା ଏହାକୁ ଏକତ୍ର କରି ସହଜ ସାଧନା କରିବାକୁ ପଡ଼ିବ (୧୨) । ଏ ସହଜ ସାଧନାରେ ଜଳ ପବନ ଓ ଅଲକ୍ଷ ଲଭିବାକୁ ପଡ଼ିବ ଓ ଏ ସାଧନାରେ ବୃକ୍ଷମୂଳରେ ସାଧନା କରିବା ଅନୁକୂଳ ସ୍ଥଳ (୧୩) । ସହଜ ଅବସ୍ଥାରେ ଯୋଗୀ ଅବସ୍ଥିତ ହୋଇ ତ୍ରିକୂଟ ଉପରେ ଅର୍ଥାତ୍ ଦୁଇ ଭ୍ରୂର ମଧ୍ୟବର୍ତ୍ତୀ

---

(୬) Ibid P. 37.

(୭) ,, P. 48.

(୮) ପବନ ତୋଳିଲେ ସାଧ ବୋଲାଇ ।
ପବନ ନିବୃତ୍ତି ହେଲେ ଅସହଜ କହି । ଅ-୬।୮

(୯) ଶବପରମ ଭେଟ ହୋଇଲେ ସେହିକ୍ଷଣି ।
ଏହାକୁ ସହଜ କହି ଶୁଣ ଫାଲଗୁନି । ଅ. ୬।୩୯.

(୧୦) ନୟନ ଭୃକୁଟିରେ ପାର୍ଥ ହଜସ୍ୱାକୁ କହି
ପବନ ଯେ ମନ ସଙ୍ଗେ ହୃଦ ମିଳୁଥାଇ । ୬।୪୯:

(୧୧) ସୁ: ୭୦.

(୧୨) ମନ ଯେ ନୟନ ପ୍ରାଣ ପବନ ନାସାରେ
ଏହାକୁ ଏକତ୍ର ପାର୍ଥ କର ଏକଠାରେ । ୬।୮୨

(୧୩) ସୁ. ୭୩

ସ୍ଥାନରେ ଯେତେବେଳେ ଦୃଷ୍ଟି ନିବଦ୍ଧ ରହେ, ସେତେବେଳେ ସେ ବ୍ରହ୍ମଜ୍ଞାନ କଅଣ, ତାହା ଉପଲବ୍ଧି କରିଥାଏ । ଏସବୁ ସାଧନା ଗୁରୁ ବ୍ୟତୀତ ହୋଇପାରେ ନାହିଁ । ସେଥିପାଇଁ ଗ୍ରନ୍ଥକାର କହିଛନ୍ତି ଯେ "ଗୁରୁ ଅଙ୍ଗ ଶିଷ୍ୟ ଅଙ୍ଗ ଯୁକ୍ତ ଅର୍ଦ୍ଧ" (୧୪) । ଏହି ଦେହରେ ଗୁରୁଶିଷ୍ୟ ଏକତ୍ର ବାସ କରୁଅଛନ୍ତି । ଦକ୍ଷିଣ ବା ଡାହାଣ ଅଙ୍ଗ ଗୁରୁ ଓ ବାମ ଅଙ୍ଗ ଶିଷ୍ୟ, ପୁଣି ଦକ୍ଷିଣ ଅଙ୍ଗ ଶେଷଦେବ ଓ ବାମଅଙ୍ଗ ଜଗନ୍ନାଥ ରାଧାକୃଷ୍ଣ ଭାବରେ କଥିତ । ଏ ସବୁ କେବଳ ଚନ୍ଦ୍ରସୂର୍ଯ୍ୟ ନାଡ଼ିର ବିସ୍ତାର ମାତ୍ର । ସହଜ ଅବସ୍ଥା ଏକ ଅନିର୍ବଚନୀୟ ଅବସ୍ଥା । ଏ ଅବସ୍ଥାରେ ବାହ୍ୟ ଇନ୍ଦ୍ରିୟ ନାଶଯାଏ ଓ ଏକାଦଶ ଇନ୍ଦ୍ରିୟମାନ ନିଶ୍ଚଳ ହୋଇପଡ଼େ । କଳ୍ପନା, ତୃଷା ସବୁ ନାଶ ପାଇଯାଏ । ଶାନ୍ତ ଯୋଗ ବା ସହଜ ସମାଧିରେ ଯୋଗୀ ସହଜାନନ୍ଦ ଉପଲବ୍ଧି କଲାବେଳେ ସମଗ୍ର ବିଶ୍ୱ ସହଜ ଆନନ୍ଦରେ ପରିପ୍ଲାବିତ ହେବାର ଅନୁଭବ ହୁଏ (୧୫) । ସହଜ ଅବସ୍ଥା ପାଇବାକୁ ହେଲେ ସେହି ବାମ ଅଙ୍ଗରେ ସାଧନ କରିବାକୁ ହେବ ଓ ତାହା ସେ ବର୍ଣ୍ଣନା କରି କହିଛନ୍ତି ଯେ, ଗୁରୁ ଆଜ୍ଞାରେ ଓ ଗୁରୁଙ୍କର ଆଶିଷରେ ଶତ ବ୍ରହ୍ମତୁଲ୍ୟ ସହଜାନନ୍ଦ ସାଧକ ଉପଲବ୍ଧି କରିବାକୁ ସମର୍ଥ ହୋଇପାରିବ (୧୬) । ଜ୍ଞାନସାଗରର ବହୁତ ସ୍ଥାନରେ ଏହିପରି

---

(୧୪) ଜ୍ଞା. ୮୦ । ଅ. ୬

(୧୫) ବାମଶୂନ୍ୟ ସହଜକୁ ବାରିକି ସେଥିରେ
ବ୍ରହ୍ମାଣ୍ଡ ସହଜପାକ ସମ୍ଭାଳ ପଦ୍ମରେ । ଅ. ୮।୬୯.

(୧୬) ବାମ ଅଙ୍ଗେ ବସି ପାର୍ଥ ନିର୍ମଳମେ ଆଉ
ଡାକୁଣୀ ଯୋଗିନୀ ଚିହ୍ନିବ ଭଣିଦିବ ଦେଖ
ସହଜାନନ୍ଦକୁ ପାର୍ଥ ଦେଖିବୁ ନୟନେ ।
ଗୁରୁ ଆଜ୍ଞା ଶତ ବ୍ରହ୍ମ ସହଜ ଆପଣେ ।
ଅ. ୧୦।୧୮।୧୯.

* ଦୁର୍ଲଭ ପାଇବୁ ପାର୍ଥ ପରମ ନୈର୍ମାଲ୍ୟ
ସହଜକୁ ଚିହ୍ନି ପାର୍ଥ ଲୟ ଲଗା ଯୋଗୀ । ୫୬ ।
ନବ ପଦ୍ମଠାରେ ପାର୍ଥ ସହଜ ସମାଧି
ମନପବନ ଚୈତନ୍ୟ ରଖି ଥିବୁ ଭଜି । ୬୦ ।
ହୃଦରେ ମିଶିଲେ ପାର୍ଥ ଲାଗିବ ସମାଧି
ନାନାକାର ଭାବ ପାର୍ଥ ପଚାରିବୁ ଭେଦ । ଅ.୧୦.

ସହଜ ସାଧନାର ବର୍ଣ୍ଣନା ଦିଆଯାଇଛି ଓ ସହଜଯାନ ଯେ ସ୍ୱତନ୍ତ୍ର ଏକ ଯୌଗିକ ନୈଷ୍ଠିକ ମାର୍ଗ ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ଶିଶୁବେଦ ଗ୍ରନ୍ଥରେ ପରମଯୋଗୀ ସମାଧି, ଶୂନ୍ୟସମାଧି, ନିରଞ୍ଜନ ପୁରୁଷ ସମାଧି, ଅଲେଖ ସମାଧି, ସପ୍ତନାଧିକ, ପରଯୋଗ ସମାଧି ପ୍ରଭୃତି ସମ୍ବୃତ ସହଜ ସମାଧିର ବର୍ଣ୍ଣନା ରହିଛି (୧୭) । ଶିଶୁ ବେଦର ଅନ୍ୟ ଏକ ସ୍ଥାନରେ ମଧ୍ୟ ସେହିପରି ସହଜ ସମାଧିର ବିଷୟ ବିଶଦଭାବରେ ଉଲ୍ଲେଖ ରହିଛି । ତହିଁରେ ଶ୍ଳୋକ ସମ୍ବତ ବ୍ୟାଖ୍ୟା ମଧ୍ୟ ଦିଆଯାଇଅଛି (୧୮) । ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ସହଜଯାନ ବା

---

(୧୭) ପବନ ନ ରହିଲ୍ ନାଦ । ତେଷବେନ କମଳ ପବନ ଦେ ।
ସମାଧିର ସମ୍ପନ୍ନ ଜାଣେଂ । ତେବେ ପିଣ୍ଡଂର କାରଣ
ପରମାଂଶେଂ ।
ବ୍ୟାଖ୍ୟା—ମନ ବିଶ ଯୋଗନଂ । ମାଳ୍ଲ ଯେ ସେ ପବନଂ ।
ନିରାଃ ଯୋଗନେକ ବିନ୍ଦୁଂ ।
ମନ ପବନକୁ ଲକ୍ଷ୍ୟ କଲେ । ବିଚମାଝେ ନିର ଶୂନ୍ୟଂ ସ୍ଥୂଳଂ
ନିବର୍ଣ୍ଣିତ ଯୋଗ୍ୟଂ ।
ସେହିକୁ ସହଜଯୋଗ ସମାଧି ବୋଲି ।୧୭। ଶିଶୁବେଦ—ପୃ. ୧[illegible]
(୧୮) ଭାହ୍ମାଣ ତ୍ରିକୂଟ ସଂଗଂ ଛୁଇଂଲେ ଦିନେ ଦିନେ ବଢ଼ିଲ କାୟେ
ମହାରଣ ଯୋଗୀବେ ବ୍ରହ୍ମଂନ ନ ଝଶିବେ ।
ନାଏ ବଦନ୍ତୁ କାଳ୍ପେ ଶିବ ନ କରି ପାସ୍ୱେ । ଅର୍ଥ—
ଭାହ୍ମାଣ ତ୍ରିକୂଟ ଯେ ଦକ୍ଷିଣ ପିଅଳା ନାଡ଼ୀ ଊର୍ଦ୍ଧ୍ୱମୁଖ ହୋଇଲେ ।
ଈପଚନ୍ଦ୍ରଂ ଝରଇ । ଅକାଶରୁ ଅମୃତ ଝରଇ ।
ଅମନା ପବନରେ ଚିତ ରହଇ ।
ଅବାଧା (ଇ) ପରେ ବାଧା (ଇ) ରହଇ । କାମଂ ମଣ୍ଡଳେ
ବିନ୍ଦୁଂ ରହଇ ।
ବ୍ରହ୍ମଂର ବୃଷ୍ଟି ନ ଜଣଇ । ମନବୃତ୍ତି ଶାଳକ ବାହାର ନୁହଇ ।
ନଟଇ ସ୍ୱେତ୍ରିକଯାଇ ।
ସେହିକୁ ସହଜ ସମାଧି ବୋଲି । ଶିଶୁବେଦ—ପୃ. ୪
ଶିର ବନ୍ଧିଲେ ପବନ ବହଇ । ଊର୍ଦ୍ଧ୍ୱେ ସ୍ଥିରକରି ଲକ୍ଷ
ସହଜଯୋଗୀ ନିଃସୀମ ମନ, ପବନ ଏକତ୍ରିବ । ଇତ୍ୟାଦି ।
ଶିଶୁବେଦ ।

ସହଜ ମାର୍ଗର ସାଧନା ଏକ ସ୍ୱସମ ବା ନିବୃତ୍ତିମାର୍ଗର ସାଧନା । ଡକ୍ଟର ଏସ୍. କେ. ଦେ ଏହି ସହଜସିଦ୍ଧି ବିଷୟରେ ଲେଖିବାକୁ ଯାଇ କହିଛନ୍ତି ଯେ (୧୯) ସହଜଯାନ, ମନ୍ତ୍ର, ମଣ୍ଡଳ ଓ ମୁଦ୍ରା ପ୍ରଭୃତି ଉପରେ ସେତେ ଜୋର ନ ଦେଇ ବରଂ ଯୌଗିକ ସାଧନା ଓ ମାନସିକ ବଳର ଉତ୍କର୍ଷ ସାଧନ ପ୍ରଭୃତି ଉପରେ ବିଶେଷ ଜୋର ଦେଇଅଛନ୍ତି; କିନ୍ତୁ ମହାଶୟ ସେହି ପ୍ରବନ୍ଧରେ କହନ୍ତି ଯେ, ତାନ୍ତ୍ରିକତା ବଙ୍ଗଳା ଓ ଆସାମରେ ଜନ୍ମଲାଭ କରିଥିଲା ଓ ସେହି ଉଭୟ ପ୍ରଦେଶରେ ବିଶେଷ ବ୍ୟାପ୍ତ ହୋଇଥିଲା; କିନ୍ତୁ ସେ ଏହାଦ୍ୱାରା ଓଡ୍ଡୀୟାନ ତାନ୍ତ୍ରିକ ପୀଠ ତଥା ତନ୍ତ୍ରର ସିଦ୍ଧାଚାର୍ଯ୍ୟମାନଙ୍କୁ ଅସ୍ୱୀକାର କରିଅଛନ୍ତି ।

ସିଲଭେନ ଲେଭି ଓଡ୍ଡୀୟାନକୁ କାଶ୍ମୀର ସହିତ; ଏଲ୍. ଏ. ୱାଡେଲ ସ୍ୱାଟ ଉପତ୍ୟକା ସହିତ ଓ ବିନୟତୋଷ ଭଟ୍ଟାଚାର୍ଯ୍ୟ ବଙ୍ଗଳା ଓ ଆସାମର ମଧ୍ୟବର୍ତ୍ତୀ ସ୍ଥାନରେ ବିଶେଷ ଭାବରେ ଆସାମର ପଶ୍ଚିମାଂଶରେ ଅବସ୍ଥାପିତ କରିଅଛନ୍ତି । ଓଡ୍ଡୀୟାନ ଓ ଓଡ୍ରବିଶା ବା ଓଡ଼ିଶା ଯେ ଏକ, ତାହା ଲାମା ତାରନାଥଙ୍କର କାହାଣୀର ବହୁଳ ସ୍ଥାନରେ ଲିପିବଦ୍ଧ ହୋଇଅଛି । ଏଣୁ ସ୍ଥଳେ ବଜ୍ରଯାନ ଓ ସହଜଯାନର ପୀଠ ଯେ ପ୍ରାଚୀନ ଓଡ଼ିଶା ବା ଓଡ୍ରଦେଶରୁ ଥିଲା ଓ ତାହାର ବିଶିଷ୍ଟ ସାଧନ ପ୍ରଣାଳୀ ଯେ ଓଡ୍ଡୀୟାନ ଭାବରେ କଥିତ, ଏଥିରେ ଦ୍ୱିଧା ପ୍ରକାଶ କରିବାର କୌଣସି କାରଣ ନାହିଁ ।

---

(୧୯) „One of the characteristics of Sahaja Siddhi is that it repudiates Mantra, Mandale, and other external means and modes of Vajrayana and Mantrayana, puts emphasis on yogic practices and cultivation of mental powers, and accepting their terminology, places different meter proetations on such fundamental concepts as Vajra, Mudra etc."

The Budhist Tantric Literature—
N. I. A. 1938 Vol. I. P. 14

ଏହି ସହଜସାଧନାରେ ଧାରା ଓଡ଼ିଶା, ଆସାମ ଓ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ଥିବାର ଜଣାଯାଏ । କାରଣ ପୂର୍ଣ୍ଣଗିରି ପୀଠ ମଧ୍ୟପ୍ରଦେଶର ଭୋପାଳ ଦେଶରେ ଥିଲା ବୋଲି ଆଲୋଚକଙ୍କର ମତ (୨୦) । ଅନ୍ୟାନ୍ୟ ଅଞ୍ଚଳରେ ସହଜଯାନର ବିକୃତ ସ୍ୱରୂପ ପ୍ରକାଶ ପାଇଥିଲେ ମଧ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସହଜଯାନର ପ୍ରକୃତ ସ୍ୱରୂପ ରହିଛି ।

## ଉପସଂହାର

'ବୌଦ୍ଧଗାନ ଓ ଦୋହା'ର ଉପରୋକ୍ତ ତଥ୍ୟର ବିଶଦ ଆଲୋଚନା ପରେ ଆମେ ଜାଣିବାକୁ ପାଉଛୁ ଯେ ସିଦ୍ଧାଚାର୍ଯ୍ୟମାନଙ୍କର ଏହି ଗୀତିକା ସମୂହ ଖ୍ରୀ. ଅଷ୍ଟମ-ଦଶମ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ଓଡ଼ିଶା ଭୂଖଣ୍ଡରେ ଏକ ଧାର୍ମିକ ସାହିତ୍ୟ ଭାବରେ ଖ୍ୟାତିଲାଭ କରିଥିବା ସମ୍ଭବ । ବର୍ତ୍ତମାନ ଓଡ଼ିଆ ଭାଷାର ଉଦ୍ଭବ ଏବଂ ବିକାଶ ଉକ୍ତ ଦୋହା ସମୂହର ଭାଷାରେ ଯେ ନିହିତ, ତାହା କହିବା ବାହୁଲ୍ୟ ହେବ । ପ୍ରକାରାନ୍ତରେ ବୌଦ୍ଧଗାନ ଓ ଭାଷାକୁ ପ୍ରାଚୀନତମ ଓଡ଼ିଆଭାଷାର ନିଦର୍ଶନ ବୋଲି ମଧ୍ୟ କୁହାଯାଇ ପାରେ । ପୂର୍ବାଞ୍ଚଳୀୟ ଏହି ଅପଭ୍ରଂଶ ଭାଷା ଯେ କେବଳ ଓଡ଼ିଆ-ଭାଷାର ଜନନୀ, ତାହା ନୁହେଁ । ଏହି ଭାଷା ସହିତ ଅନ୍ୟାନ୍ୟ ପୂର୍ବାଞ୍ଚଳୀୟ ଭାଷା; ଯଥା—ବଙ୍ଗଳା, ଆସାମୀ, ମୈଥିଳୀ, ବିହାରୀ ପ୍ରଭୃତି ଭାଷାର ମଧ୍ୟ ସମ୍ପର୍କ ରହିଛି । ସିଦ୍ଧସାହିତ୍ୟର ଭାଷା ଏକ ସମୟରେ ସମଗ୍ର ପୂର୍ବ-ଭାରତର ଭାଷା ଥିବାର ଅନୁମିତ ହୋଇଥାଏ । ଏହି ଭାଷାରୁ ପୂର୍ବାଞ୍ଚଳୀୟ ଭାଷାସବୁ ପରିପୁଷ୍ଟି ଲାଭ କରିଅଛନ୍ତି । ଓଡ଼ିଆଭାଷା ସହିତ ଏହି ଭାଷାର ଘନିଷ୍ଠ ସମ୍ପର୍କ ହେତୁ ଆମ୍ଭେମାନେ କହିପାରୁଁ ଯେ ଏହି ଭାଷା ବହୁଳ ଭାବରେ ଓଡ଼ିଶାଭୂମିରେ କଥିତ ହେଉଥିଲା ।

ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ବହୁ ସିଦ୍ଧାଚାର୍ଯ୍ୟ ଓଡ୍ଡୀୟାନ ବା ଓଡ଼ିଶାବାସୀ ଥିଲେ । ମୁଖ୍ୟତଃ ଏହି ପୀଠରୁ ବହୁ ସିଦ୍ଧାଚାର୍ଯ୍ୟ ତିବ୍ବତ, ନେପାଳ ଓ ଭାରତର ଅନ୍ୟାନ୍ୟ ସ୍ଥାନକୁ ଯାଇ ସେମାନଙ୍କର ଧର୍ମ ସାହିତ୍ୟ ମାଧ୍ୟମରେ ଧାର୍ମିକ ମତବାଦ ପ୍ରଚାର କରିଥିଲେ । ଆମ୍ଭେମାନେ

(୨୦) Purnagiri and Uddeyana—Jogendra Chandra Ghosh N. I. A. Dec. 1938, P. 573.

ସିଦ୍ଧାଚାର୍ଯ୍ୟମାନଙ୍କର ଜୀବନୀ ବିବରଣୀରୁ ଜାଣିଥାଉଁ ଯେ (୨୧) କମରିପା, ଢେଣ୍ଟିପା, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, କମ୍ବଳପା, ଧୋକଡ଼ିପା, ଗୁଣ୍ଡରିପା, ଭୁଷୁକପା ଓ ଦାରିକପା ପ୍ରଭୃତି ବହୁ ସିଦ୍ଧସାଧକ ଓଡ଼ିଶାବାସୀ ବା ଓଡ଼ିଆ ଥିଲେ ଓ ତାହାଛଡ଼ା ଅନ୍ୟାନ୍ୟ ପ୍ରସଙ୍ଗରୁ ଜାଣିଥାଉଁ ଯେ ତାନ୍ତ୍ରିକ ପୀଠଗୁଡ଼ିକ ମଧ୍ୟରେ ପ୍ରସିଦ୍ଧିଲାଭ କରିଥିବା ଓଡ଼ିୟାନ ପୀଠକୁ ଅନ୍ୟାନ୍ୟ ସିଦ୍ଧାଚାର୍ଯ୍ୟମାନେ ଆସି ଯୋଗ ଓ ତନ୍ତ୍ର ଶିକ୍ଷା କରୁଥିଲେ । ଆଜି ତାହାର ମୂକ ସାକ୍ଷୀରୂପେ ଓଡ଼ିଶାର ରତ୍ନଗିରି ମହାବିହାର ଓ ଉଦୟ-ଗିରି, ଲଳିତଗିରି ପ୍ରଭୃତିର ବହୁଳ ବୌଦ୍ଧକୀର୍ତ୍ତି ଦଣ୍ଡାୟମାନ ରହି ସେ କାଳର ବହୁ ଅତୀତ ସ୍ମୃତି ସ୍ମରଣ କରାଇ ଦେଉଛି ।

ଇତିହାସ ବ୍ୟତୀତ ଧର୍ମ ଦିଗରୁ ବିଚାର କଲେ ଦେଖିବା ଯେ ସିଦ୍ଧାଚାର୍ଯ୍ୟମାନଙ୍କର ଧର୍ମତତ୍ତ୍ୱ ଧର୍ମଭୂମି ଓଡ଼ିଶାର ପୁରପଲ୍ଲୀରେ ଏବେ ବି ଲୋକପ୍ରିୟ ହୋଇ ରହିଛି । ଜାତିଧର୍ମନିର୍ବିଶେଷରେ ସେମାନଙ୍କର ଧାର୍ମିକ ମତବାଦ ଓଡ଼ିଶାରେ ଲୋକପ୍ରିୟତା ଲାଭ କରିଥିଲା ଏବଂ ଆଜି ମଧ୍ୟ ଓଡ଼ିଶାରେ ଉଚ୍ଚ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଯୋଗତତ୍ତ୍ୱ ସମ୍ବନ୍ଧୀୟ ବହୁଳ ନିଗୂଢ଼ ତତ୍ତ୍ୱ ସନ୍ଧ୍ୟାଭାଷା ପରି ଏକ ସାଙ୍କେତିକ ଭାଷାର ମାଧ୍ୟମରେ ଆଲୋଚିତ ହୋଇଥାଏ । ପରବର୍ତ୍ତୀ ପଞ୍ଚସଖା ସାହିତ୍ୟରେ ଏହାର ଅବିକଳ ସ୍ୱରୂପ ପ୍ରତିଫଳିତ ହୋଇଛି ଯାହାକୁ କ୍ଲିଷ୍ଟ, ଦୁର୍ବୋଧ ଓ ନିରର୍ଥକ ବୋଲି କେବେ କେବେ କହୁଥାଉଁ ।

ଭାଷାତତ୍ତ୍ୱ, ଧର୍ମ, ଦର୍ଶନ ଓ ଇତିହାସ ପ୍ରଭୃତି ବହୁଳ ଦୃଷ୍ଟିରୁ ବିଚାର କଲେ ଆମେ ଏହି ଅପୂର୍ବ ସିଦ୍ଧସାହିତ୍ୟ ବୌଦ୍ଧଗାନ ଓ ଦୋହାକୁ ଓଡ଼ିଆଭାଷା ଓ ସାହିତ୍ୟ ବିକାଶର ଆଦିମ ସ୍ତର ବୋଲି ମନେକରିଥାଉଁ ।

---

(୨୧) ବୌଦ୍ଧ ସିଦ୍ଧ ସାହିତ୍ୟ—ରାହୁଲ ସାଂକୃତ୍ୟାୟନ, ସମ୍ମେଳନ ପତ୍ରିକା ଶକ ୧୮୮୭, ଭାଗ ୪୧, ସଂ ୧-୨, ପୃ. ୯-୮ ଦ୍ରଷ୍ଟବ୍ୟ ।

# ପ୍ରାଚୀନ ଓଡ଼ିଆ ଅଭିଲେଖ

ଓଡ଼ିଆ ଲିପି, ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟର ବିକାଶରେ ଓଡ଼ିଆ ଅଭିଲେଖ ଯଥା—ଶିଳାଲେଖ ଓ ତମ୍ବାପଟ୍ଟା ସନନ୍ଦଗୁଡ଼ିକର ଅନୁଧ୍ୟାନ ଓ ଗବେଷଣା ଏକାନ୍ତ ଆବଶ୍ୟକ ଅଟେ । ଓଡ଼ିଆ ଅଭିଲେଖଗୁଡ଼ିକର କେତେକ ପରିମାଣରେ ସାହିତ୍ୟିକ ମୂଲ୍ୟ ନ ଥିଲେ ମଧ୍ୟ ତାହାର ଭାଷାତାତ୍ତ୍ୱିକ ଓ ଐତିହାସିକ ମୂଲ୍ୟ ରହିଅଛି । ଓଡ଼ିଆ ଗଦ୍ୟସାହିତ୍ୟର ଇତିହାସ ବା ଓଡ଼ିଆ ଗଦ୍ୟର ବିକାଶରେ ଏହି ଅଭିଲେଖଗୁଡ଼ିକ ବହୁଳ ଭାବରେ ସାହାଯ୍ୟ କରିଥାନ୍ତି । ଅଭିଲେଖଗୁଡ଼ିକର ଲିପି ଓ ଭାଷା-ପ୍ରତି ଆମ୍ଭେମାନେ ବହୁତ ଗୁରୁତ୍ୱ ଦେଇଥାଉ; କାରଣ ଅଭିଲେଖର ଲିପି, ଭାଷା ଓ ଅନ୍ୟାନ୍ୟ ଉପକରଣର କୌଣସି ପରିବର୍ତ୍ତନ ସଂଘଟିତ ହୋଇ ନ ଥାଏ । କିନ୍ତୁ ଆମ ଦେଶରେ ପ୍ରଚଳିତ ତାଳପତ୍ର ଓ ଅନ୍ୟାନ୍ୟ ନଥିପତ୍ର (Records)ର ସ୍ଥାୟିତ୍ୱ ତ କମ୍ । ଏହାଛଡ଼ା ଏହି ସବୁର ବହୁଳ ପ୍ରତିଲିପିରେ ଆମେ ଭାଷା ତଥା ଲିପିର ବହୁଳ ପରିବର୍ତ୍ତନ ଓ ପରିବର୍ଦ୍ଧନ କେବେ କେବେ ଦେଖିଥାଉଁ । 'ପଥର-ଲେଖା' ଓ ତମ୍ବାପଟ୍ଟା ଉପରେ ଖୋଦିତ 'ଲେଖାବଳୀ' ଅବିକୃତ ଭାବରେ ସେହି ସମୟର ସାମାଜିକ, ସାଂସ୍କୃତିକ ଓ ଐତିହାସିକ ପରିବେଶର ଠିକ୍ ଚିତ୍ର ପ୍ରଦାନ କରିଥାନ୍ତି ।

ଓଡ଼ିଶାରେ ଏହି ଅଭିଲେଖଗୁଡ଼ିକର ସଂଖ୍ୟା ବହୁତ ବେଶି । ଦିନକୁ ଦିନ ନୂତନ ନୂତନ ଅଭିଲେଖ ଓଡ଼ିଶାର ଇତିହାସ, ସାହିତ୍ୟ ଓ ଭାଷାର ବହୁଳ ଦିଗ ପ୍ରତି ଆଲୋକପାତ କରୁଅଛି ।

## ପ୍ରାଚୀନତମ ଓଡ଼ିଆ ଅଭିଲେଖ

ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିବା ଅଭିଲେଖ ମଧ୍ୟରେ ଖ୍ରୀ: ୧୦୫୧ର [illegible] ବଜ୍ରହସ୍ତ ଦେବଙ୍କର ଉରଜାମ ଅଭିଲେଖଟି ହେଉଛି ପ୍ରାଚୀନତମ ଓଡ଼ିଆ ଅଭିଲେଖ । ଏହି ଅଭିଲେଖଟି

ଦକ୍ଷିଣର ଶ୍ରୀକାକୁଲମ୍ ଜିଲ୍ଲାର ଶ୍ରୀକାକୁଲମ୍ ତାଲୁକସ୍ଥ ଊରଜାମ୍ ଗ୍ରାମରେ ଥିବା ଶିବମନ୍ଦିରର ଏକ ଅଭିଲେଖ । ଏହି ଅଭିଲେଖର ଲିପି ହେଉଛି ନାଗରୀଲିପି । ଏହାର ଭାଷା ସଂସ୍କୃତ ଓ ଓଡ଼ିଆଭାଷା ଅଟେ । ଏଥିରେ ସ୍ଥାନବିଶେଷରେ କେତେଗୁଡ଼ିଏ ଓଡ଼ିଆଶବ୍ଦ ବ୍ୟବହୃତ ହୋଇଅଛି, ଯଥା—ସଶୀବାରରଭମ, ତେମଲଣ, କଡ଼ାଲ, ଭଣ୍ଡି, ମାଣିଚକ୍କୁ, ମଇଡାଣ (ମଣ୍ଡପ), ଥିଳଇ, ଧଳ (ଧନ ବା ଦେଳ ଅର୍ଥରେ) ତଦ୍ଭବ ଶବ୍ଦ । ଏହି ଅଭିଲେଖର ଭାଷାରେ ତାମିଲ ଓ ତେଲୁଗୁ ଭାଷାର ପ୍ରଭାବ ମଧ୍ୟ ପଡ଼ିଛି । (The evolution of Oriya Language and Script—Tripathi P. 222)

ଏହି ଦଶମ ଶତାବ୍ଦୀ ମଧ୍ୟରେ ଆହୁରି ଅନେକଗୁଡ଼ିଏ ପ୍ରାଚୀନ ଓଡ଼ିଆ ଅଭିଲେଖ ମିଳିଥାଏ । ସେଗୁଡ଼ିକର ଭାଷାରୁ ଆମ୍ଭେମାନେ ଜାଣିବାକୁ ପାଉଁ ଯେ ଖ୍ରୀ. ଦଶମ ଶତକ ବେଳକୁ ଓଡ଼ିଆଭାଷା କ୍ରମେ ସ୍ୱତନ୍ତ୍ର ହେଲାଣି । ଏଥିମଧ୍ୟରେ ଓଡ଼ିଶା ସଂଗ୍ରହାଳୟରେ ସୁରକ୍ଷିତ ଥିବା ଏକ କୈନବଗ୍ରହରେ ଦୁଇଟି ଧାଡ଼ି କୁଟିଳାକ୍ଷର ଲିପିରେ ଉତ୍କୀର୍ଣ୍ଣ ହୋଇଛି । ଏହାର ଭାଷା ଓଡ଼ିଆ ଅଟେ । ସେହି ଦୁଇଟି ଧାଡ଼ି ହେଉଛି—

‘ହେବଂଲୁଣ୍ଡି ଭର୍ଗତ କନ୍ତୁଣ
ଅକ୍ଷକ୍ତ ଷେ କୁମାର ହେଣ’ ।

ଲିପିତତ୍ତ୍ୱ ଦୃଷ୍ଟିରୁ ଏହି ଅଭିଲେଖକୁ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ ଖ୍ରୀ. ଦଶମ ଶତକର ବୋଲି କହିଅଛନ୍ତି ।

ଏହାପରେ ଖ୍ରୀ. ଦଶମ ଶତକର ଅନ୍ୟ ଏକ ସନନ୍ଦ ହେଉଛି ପଞ୍ଚମ ବଜ୍ରହସ୍ତଦେବଙ୍କର ପାରଳାଖେମୁଣ୍ଡି ତମ୍ବାପଟ୍ଟା ସନନ୍ଦ । ଏହି ଅଭିଲେଖରେ କେତେକ ଓଡ଼ିଆଶବ୍ଦ ଦୃଷ୍ଟିଗୋଚର ହୋଇଥାଏ; ଯେପରି—ଗଜବଣୀ ଓଡ଼ବାଡ଼ି, ତେଳସିଗ୍ରାମ (ତୁଳସୀ ଗ୍ରାମ), ଇଦନଦଶୋଦସ୍ତୁ (ଇନ୍ଦ୍ରନନ୍ଦନୋଦସ୍ତୁ) ପାହାଣ (ପ୍ରାସ୍ତୁ) ଓ ମିଳନ୍ତ ଧନ (ମେଳଦଧନ) ଇତ୍ୟାଦି । (Ins. of Orissa Vol. II, P. 169-70) । ଏହି ଭାଷାରେ ଓଡ଼ିଆ ଭାଷାର ପ୍ରାଣବସ୍ତୁ ନିହିତ ଅଛି ଓ ତନ୍ମଧ୍ୟରେ କେତେକ ଶବ୍ଦରେ ପ୍ରାକୃତଭାଷାର ପ୍ରଭାବ ମଧ୍ୟ ଦେଖା ଦେଇଛି ।

ଉଦାହରଣ ସ୍ୱରୂପ 'ଇଦନନ୍ଦଶୋଦସ୍ତୁ' । ପ୍ରାକୃତଭାଷାର ସମ୍ପୂର୍ଣ୍ଣ ଅଭିଲେଖ ଓଡ଼ିଆଭାଷାରେ ମିଳି ନ ଥିଲେ ମଧ୍ୟ ଓଡ଼ିଆଭାଷାର ବିକାଶରେ କେତେକ ଅଭିଲେଖରେ ପ୍ରାକୃତଭାଷାର କେତେକ ପଦ ପରିଲକ୍ଷିତ ହୋଇଥାଏ । ଓଡ଼ିଆଭାଷା ଓ ସାହିତ୍ୟ ସମବିକାଶରେ ଏହି ପଦଗୁଡ଼ିକର ଗୁରୁତ୍ୱ ଅନେକ ।

ଶୈଳୋଦ୍ଭବ ରାଜବଂଶର ଧର୍ମରାଜଙ୍କର ସନନ୍ଦ 'ନଅନ ତମ୍ବାପଟା ସନନ୍ଦ' ନାମରେ କଥିତ । ଏହି ସନନ୍ଦର ସମୟ ହେଉଛି (ଖ୍ରୀ.୭୦୫-୭୨୫) (Inscriptions of Orissa, Vol I, P. II—Rajguru, P. 210) । ଏହି ସନନ୍ଦର ଭାଷା ସଂସ୍କୃତ ହେଲେ ଲକ୍ଷ୍ମୀରେ ତତ୍କାଳୀନ ଲୌକିକ ପ୍ରାକୃତଭାଷାର କେତେକ ବ୍ୟବହାର ରହିଛି ।

ଯଥା—"ଗ୍ରାମସ୍ୟ ସୀ(ସୀ)ମା କ(କୃ)ତ । ପଶ୍ଚିମ ଦିଶହି ତି-(ନି)ଳୁଣ୍ଟ ଜୋଡ଼ ଯାବଦ୍ ବଣରାଇ ବାଲ୍ମୁକ ବଂଧଦୀଳ ବଣରାଜ ଉତର ଦିଶହି ତିଳୁଣ୍ଟ । ଯାଣି ସୀଣତଣ ମଣିବାଟୋ ଦଣ୍ଡ । ଉତର ଦିଶନ୍ତି ଦଧଶିଳ । ପୂର୍ବେଣ ଅଣ୍ଡ ବଣରାଇ ବାଡ଼ । ପୂର୍ବ ଉତର କୋଣେଣ୍ଡ ସୋମଣିତ(ନି)ଳୁଣ୍ଟ । ପୂର୍ବ ଦକ୍ଷିଣେଣ୍ଡ ସେ......ମ ତି(ନି)ଳୁଣ୍ଟ । ପୂର୍ବ ଦିସନ୍ତି ଲାଡ଼ । ପୂର୍ବ ଦକ୍ଷିଣ କୋଣେଣ୍ଡ ବାଘ ଗୁହ୍ଲ ତି(ନି)ଳୁଣ୍ଟ । ଦକ୍ଷିଣଦିଶ ପୂର୍ବ ଦୀପିକ ଗାଡ଼ ପ୍ରାକଟତ୍ରସୂର ବିଟିମିରି ।"

ଏହି ଅଭିଲେଖରେ ମିଳୁଥିବା ଶବ୍ଦଗୁଡ଼ିକ ଓଡ଼ିଆଭାଷାତତ୍ତ୍ୱ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଯେପରି କତ(କୃତ), ଦିଶହି, ତିଳୁଣ୍ଟ (ତିକୁଣ୍ଟ), ଜୋଡ଼, ବଣରାଇ (ବନରାଜି), ପାଣି, ଦିଘ (ଦୀର୍ଘ), ବାଡ଼; ପୂର୍ବ, ଦକ୍ଷିଣ, କୋଣେଣ୍ଡ, ବାଘ ଗୁହ୍ଲ (ବ୍ୟାଘ୍ରଗୁମ୍ଫା) ଇତ୍ୟାଦି । ଏହି ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀର ଗୁରୁତ୍ୱପୂର୍ଣ୍ଣ ଅଭିଲେଖଟିର ସମସ୍ତ ଅପଭ୍ରଂଶ ଯୁଗର ଅନ୍ତର୍ଭୁକ୍ତ । ଏହି ଅଭିଲେଖର ଶବ୍ଦଗୁଡ଼ିକ ପ୍ରାକୃତ ଅପେକ୍ଷା ଅପଭ୍ରଂଶ ଭାଷାର ବୈଶିଷ୍ଟ୍ୟ ଧାରଣ କରିଛି, ଯାହା ଆଧୁନିକ ଓଡ଼ିଆଭାଷାର ଖୁବ୍ ନିକଟବର୍ତ୍ତୀ ଭାଷା ବା ତାହାର ସମକକ୍ଷ ଅଟେ । ମୋର ମତରେ ଏହାର ଭାଷାକୁ ପ୍ରାକୃତ ନ କହି ଅପଭ୍ରଂଶ କହିବା ସମୀଚୀନ; କାରଣ ଏହି ଅଭିଲେଖର ସମସ୍ତ ଚର୍ଯ୍ୟାଗୀତି ରଚନା ସମୟର ଅଟେ, ଅର୍ଥାତ୍ ଖ୍ରୀଷ୍ଟ ଅଷ୍ଟମ ଶତାବ୍ଦୀ ।

ଖ୍ରୀଷ୍ଟ ଏକାଦଶ ଶତାବ୍ଦୀର ଅନ୍ୟ ଏକ ଅଭିଲେଖରେ ସେହିପରି ସଂସ୍କୃତ ଓ ଓଡ଼ିଆ ଭାଷା ମିଶ୍ରିତ ଏକ ଅଭିଲେଖର ସନ୍ଧାନ ମିଳିଥାଏ । ଏହି ଅଭିଲେଖର ସମୟ ଖ୍ରୀ. ୧୦୭୭, ପଞ୍ଚମ ବଜ୍ରହସ୍ତ ଦେବଙ୍କ ରାଜତ୍ୱରେ ଉତ୍କୀର୍ଣ୍ଣ ହୋଇଥିଲା । ଅଭିଲେଖର କେତେକ ଧାଡ଼ି ଦେଉଛି—

"ଓଁ ଶ୍ରୀ ମଦନ୍ତବର୍ମ୍ମ ବଜ୍ରହସ୍ତଦେବ ବିଜୟ ରାଜ୍ୟ ସମ୍ବତ୍ସର ୩୯ ଓଶାଳ ବଳ ସେନାପତି ମାଧବ ପଦ୍ୟ ଭାର୍ଯ୍ୟାକାମୁଣ୍ଡ ଭୁଟୋଦ୍ଭବ ସମସ୍ତ ଧର୍ମ ପର(ପା)ଳନ(ଣ) ବନଜୀବନ(ଣ) ଗୁଣ୍ଡମହାସୁକ କଳ ଟୋଣ୍ଡସ୍ୱା (୫) ଅଖଣ୍ଡ ବର୍ତ୍ତି(ର୍ତ୍ତି)ସ୍ତ ମଧୁକେଶ୍ୱର ଦେବସ୍ୱ ଦିଲା । (Inscription of Orissa—Vol. I, No. 9, P. 13."

ଏହି ଅଭିଲେଖର ଭାଷା ସହିତ ବା ଗଦ୍ୟରଚନା ଶୈଳୀ ସହିତ ଖ୍ରୀ: ୧୦୫୦ର ଦ୍ୱିତୀୟ ବଜ୍ରହସ୍ତ ଦେବଙ୍କର 'ଅଭିଲେଖର କେତେକ ଧାଡ଼ି ତୁଳନା କରାଯାଇପାରେ । ଯେପରି :—

"ସ୍ୱସ୍ତି ସମରମୁଖାନେକ ରିପୁଦର୍ପ ମର୍ଦ୍ଦନ ଭୁଜବଳ ପରାକ୍ରମ ଗଙ୍ଗାନ୍ୱୟାବଲମ୍ବନ ପ୍ରଭୁ ଶ୍ରୀମଦ୍ ଅନନ୍ତ ବ( ) ସ୍ତଦେବ ବିଜୟ ରାଜ୍ୟ ସମ୍ବତ୍ସର ୧୫ ତୁଳାମାସ ଶୁକ୍ଳପକ୍ଷ ଦିନ ପଞ୍ଚମୀ ଶନିବାରଇମ ସ୍ୱବର୍ଣ୍ଣ ମେଳଣ ଦମ୍ଭ ବାଇଲ ପଞ୍ଚାସ୍ତି" ଇତ୍ୟାଦି ।

ଖ୍ରୀ: ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗରାଜା ନରସିଂହ ଦେବଙ୍କ (ଖ୍ରୀ: ୧୩୯୭) ଦ୍ୱୈଭାଷିକ ଅଭିଲେଖ ଅନ୍ୟ ଏକ ପ୍ରଧାନ ଓଡ଼ିଆ ଅଭିଲେଖ ଅଟେ । ଖ୍ରୀ: ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ଲେଖଟି ଓଡ଼ିଆଭାଷା ଓ ଓଡ଼ିଆ ସାହିତ୍ୟ ଆଲୋଚନା ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଅଭିଲେଖର ଗୋଟିଏ ପାଖରେ ପ୍ରତ୍ନ-ଓଡ଼ିଆ ଲିପି ଓ ଅନ୍ୟ ପାଖରେ ପ୍ରାଚୀନ ତାମିଲ ଲିପିରେ ଲିପି ଖୋଦିତ ହୋଇଅଛି । ଖ୍ରୀ: ଚତୁର୍ଦ୍ଦଶ ଶତାବ୍ଦୀରୁ ଯଥାର୍ଥରେ ଆମେ ଅଭିଲେଖଗୁଡ଼ିକରୁ ଜାଣିବାକୁ ପାଉଁ ଯେ ଏହି ସମୟରୁ ହିଁ ଓଡ଼ିଆଭାଷା ଓ ସାହିତ୍ୟର ପୂର୍ଣ୍ଣାଙ୍ଗ ବିକାଶ ଘଟିଅଛି । ଏହି ଅଭିଲେଖ ୩୪ ଗୋଟି ଧାଡ଼ିରେ ଲିପିବଦ୍ଧ ହୋଇଅଛି । ଏହି ଅଭିଲେଖର ଭାଷା ସମ୍ବନ୍ଧରେ ପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ଡକ୍ଟର ସୁନୀତି କୁମାର ଚାଟାର୍ଜି କହିଅଛନ୍ତି, "The language is genuine Oriya,

which is already quite a developed speech, and undoubtedly takes its stand on some centuries of Oriya linguistic history". ଏହି ପ୍ରସିଦ୍ଧ ଅନୁଲେଖର କେତେକ ପଦର ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା :—

"ଓଁ ସ୍ୱସ୍ତି ଶ୍ରୀ ବୀରନରକେଶରୀଦ ଦେବସ ପ୍ରବ୍ରଧମାନେ ବିଜେ ରାଜେ ସମ୍ଭତ ୨୨ ଶ୍ରାହ୍ମ କାର୍ତ୍ତିକ କୃଷ୍ଣ ୭ ରବିବାରେ ଶ୍ରୀ କୀର୍ତ୍ତିବାସ କ୍ଷେତ୍ରଂ ଗିରିଷ୍ଟୁର ମଠର ବଡ଼ ନରସିଂହ ଦେବଙ୍କର ଆସ (ଆୟୁଷ) କାମାର୍ଥେ ପ୍ରରକ୍ଷକେ (ପୂର୍ବକ) ବାଗମତ୍ତ ବାରବାଟୀ ଭୂମି ଏକାଦଶ ରୁଦ୍ର ସାକ୍ଷୀ ଦେବାଭୂମି ସମଂଥେ ଭଗବାନ ମହାମୁନି ଦୁର୍ଗାଭକ୍ତ ଆୟୁସଂକର ବିଧା କଲା। ଏ ମାଡ଼ ଶତଦେଢ଼ ୧୫୦ ଭୁବନେଶ୍ୱର ନାଏକଙ୍କର ଚହ୍ନ ଦେହଲା। ଏ ମାଡ଼ ଦଣ୍ଡଧାନ୍ୟ ଦେଇଁଟି ଶିଂହେପକ ଚଗବାନ ମହାମୁନି। ଏ ଦୁଇଧାନ୍ୟ ପୂଜା ଦୁର୍ଗା ଭକ୍ତେ ଭୁବନେଶ୍ୱର ନାଏଙ୍କଙ୍କ ଦେଇ ଅଙ୍କ କଲା। ଏ କଉଡ଼ି ଏ ଧାନ ମୂଳାମୂଳ ଭଳନ୍ତର କରନ୍ତେ ମାଡ଼ ଶତେକ ଅଶୀ ୧୮୦ ଭଗବାନ ମହାମୁନି ଯାକ ପ୍ରାପ୍ତେଂ ଭଗତଏବଣ ସ୍ଥାନପତି ହୋଇଲା। ଏ ଭଗତଏବଣଙ୍କର ଦୁର୍ଗାଭକ୍ତ ଆୟୁସ୍ୟଙ୍କର ଘରୀ ଦୁର୍ଗାଭକ୍ତ ଆୟୁସ୍ୟେ ସ୍ତୁତି ଏକଘରୀ ହୋଇ ନୈଷ ପଷ ହୋଇଲା। ଏ ବାଗମତ୍ତଭୂମୀ ବାରବାଟୀ ଫଳ ଭୋଗ୍ୟ ଅସିଆ—ଯେତେକ କାଳକର ଭଗତଏ ବଣରେ ହୋଇଥିଲା। ଦୁର୍ଗାଭକ୍ତ ଆୟୁସେ ପାଣି ଥିଲା। ଏ ଶ୍ରୀ ବୀରନରକେଶରୀଦ ଦେବଙ୍କର ଆଜ୍ଞା କାମାର୍ଥେ ଏକାଦଶ ରୁଦ୍ର ସାକ୍ଷୀ କରାଇବା। ଏ ଭୀଷା ଶ୍ରୁଡ଼ଦେବ ଧାତ୍ରୀଦେବ କାର୍ତ୍ତିଦେବ ଏଙ୍ଗାଏ ଦେବସେ ଜମିଲା ହୋଇ ମଣ୍ଡାମଣ୍ଡେ ଘଷାକର ଆଶ୍ୱବନ୍ତ ହୋଇଲା। ଭଗବାନଙ୍କ ଭୀଷା ଦେଢେକାଳ ଚ(•)ଗ୍ରୁ ସୂର୍ଯ୍ୟ· ଗୁଣ ଏତେକ କାଳଙ୍କ ବସ ଭୁଞ୍ଜିବାକ °୨୨—"

ଏହି ଅନୁଲେଖର କେତେକ ବୈଶିଷ୍ଟ୍ୟ ରହିଛି, ଯାହା ଭାଷାତତ୍ତ୍ୱ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଏହି ଅନୁଲେଖରେ କେତେକ ବୈଶିଷ୍ଟ୍ୟ ରହିଛି ଯାହା ମାଗଧୀ ଅପଭ୍ରଂଶ ସହିତ ପ୍ରାଚୀନ ଓଡ଼ିଆଭାଷାର ସମ୍ବନ୍ଧ ଦର୍ଶାଇଥାଏ, ଯେପରି 'ନାଏକଂ କଲ, କାକ୍ଷାକଲ, ହୋଇଥିଲ' ରୂପର ପ୍ରାଚୀନତମ ରୂପ ଦେଖନ୍ତୁ ଯଥାକ୍ରମେ 'ନାୟକଂ-କହ୍ନ, କାଲ-କହ୍ନ, ହୋଇ-ରହ୍ନ' ଇତ୍ୟାଦି। ଏହି ପ୍ରତ୍ୟୟଗୁଡ଼ିକର ପରବର୍ତ୍ତୀ ରୂପ

କେଉଁଠୁ 'ନେ', 'କୁ' ଏବଂ 'ରେ' । ଏହାଛଡ଼ା ଉଦେଯୁର, ସ୍ତମ୍ଭପମନ ପ୍ରଭୃତି ଶବ୍ଦରେ ଯଥାର୍ଥ ଓଡ଼ିଆ ଲୌକିକ ଉଚ୍ଚାରଣ ପ୍ରତିଫଳିତ ହୋଇଛି । ଅନ୍ୟାନ୍ୟ ଉଚ୍ଚାରଣ ବୈଶିଷ୍ଟ୍ୟରେ 'ଶ' 'ସ୍ୟ' ରୂପେ ଉଚ୍ଚାରିତ ହୋଇଛି । ଏହା ବ୍ୟତୀତ 'ଣ' 'ଷ' ଓ 'ସ' ପୁଣି 'ି' 'ୀ' 'ୁ' 'ୂ' ମାନଙ୍କ ମଧ୍ୟରେ ବିଶେଷ ପ୍ରଭେଦ ରକ୍ଷିତ ହୋଇନାହିଁ । ଏହି ଅଭିଲେଖରେ 'ର' ଓ 'ଲ' ଉଚ୍ଚାରଣ ପ୍ରାକୃତ ଭାଷାନୁଯାୟୀ ହୋଇଅଛି । 'ଦୁର୍ଗାଙ୍କଟ' 'ପ୍ରଭାବକେ' ପ୍ରଭୃତି ଶବ୍ଦରେ ପ୍ରାକୃତ ଭାଷା ଗଠନ ରୀତିର ସ୍ପଷ୍ଟ ପ୍ରକାଶ ପାଇଛି ।

ଏହି ସବୁ ଦୃଷ୍ଟିରୁ ତଥା ବାକ୍ୟ ଗଠନ ରୀତି ଓ ଗଦ୍ୟ ରଚନା ଶୈଳୀ ଦୃଷ୍ଟିରୁ ଅଭିଲେଖଟି ଓଡ଼ିଆଭାଷା ତଥା ସାହିତ୍ୟାଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀର ଅନ୍ୟାନ୍ୟ ପ୍ରସିଦ୍ଧ ଅଭିଲେଖଗୁଡ଼ିକ ମଧ୍ୟରେ ସିଦ୍ଧେଶ୍ବର ଅଭିଲେଖ, କେନ୍ଦୁଳିମଠ ଓ ଶଙ୍କରାନନ୍ଦ ମଠର ତମ୍ବାପଟ୍ଟ ସନନ୍ଦ ଓଡ଼ିଆଭାଷା ଓ ଗଦ୍ୟ ରଚନାର ବିକାଶ ଦିଗରୁ ଉଲ୍ଲେଖଯୋଗ୍ୟ ଅଟେ । ଚତୁର୍ଥ ନରସିଂହଦେବ (୧୩୭୮-୧୪୦୪) ଙ୍କର ଶିମାଳି ମଠର ତମ୍ବାପଟ୍ଟ ସନନ୍ଦ (ଖ୍ରୀ. ୧୩୮୯)—

"ଶ୍ରୀମାନ (ନ୍) ନୃସିଂହଦେବ ନୃପତେଃ (ତେଃ) ସୁରାଜ୍ୟସ୍ୟ ଅଷ୍ଟାଙ୍କେ ୮ ଅଭିଳଷ୍ୟମାନେ ତୈକେମାସି ଶୁକ୍ଳ(କ୍ଳେ) ପକ୍ଷେ ସପ୍ତାଦଶ୍ୟାଂ (ଷଷ୍ଠୀ) ରବିବାରେ ବାରଣସୀ କଟକ ବସ୍ତୁକ୍ ଶୁର୍ଭା (ଭ ?) ବେଢକ (?) ସମସ୍ତେ ଶ୍ରୀଚରଣେ ଭିତର ନବର କନ୍ୟାମଣ୍ଡପ ବାଙ୍କିଆଏ ବିଜୟ ସମସ୍ତେ ଦୁଆର ପଶ୍ଚିମ ଗଜପତିଶ୍ଵର କେଦାଂ (ଦା) ଭୁଡ଼ାଲେଙ୍କା ଲଗ୍ନ ପକମିଶ୍ର (୧) ଭଣ୍ଡ ଜ(ର)ଆ ଆଜ୍ଞଃ(ଜ୍ଞ) ପୌର ପସ୍ତଷ ମହାରାଜ ନରେନ୍ଦ୍ରଦେବ ଚକ୍ରବର୍ତ୍ତୀ ମହାପାଣି ନରହରି ଦାସ ପ୍ରହରାଜ ମହାପ(ପା)ତ୍ର ଶ୍ରୀପତି ମଙ୍ଗଳରାଜ ବୋଇତରେ ଆ(ଅ) ବଧାରିଲା ନ୍ୟାଏ ଯୋଗେ ଶ୍ରୀକରଣ ସମ୍ପନେଶ୍ବର ମହାସେନାପତି ବଇସ ମହାସେନାପତି ମୃଦଲେନ ମହାପାଣି ନରହରି ଦାସ ପ୍ରହରାଜ କରିକ

(୧) ଭଣ୍ଡାରିଆ ଆଜ୍ଞ ।

କନଣ ଗ୍ରାମର ନାମ ଭଜସ୍ତୁ ନରସିଂହପୁର ଚତୁଃସୀମା ସମାକ୍ରାନ୍ତ ଶାସନ କରି ଦେଷ୍ୟା କଳାପୁର ଉତ୍ତର ଚତୁସୀମା କନକ ଗ୍ରାମର ନାମ ଭଜସ୍ତୁ ନରସିଂହପୁର । ସ୍ୱଭୁତ ସଣ୍ଢା ପାଟର ଉପ(୦) ବନ୍ଧ କତ ଶଆଉସ ସଂଗ୍ରହ ମାଡ ୪୫୦ ସ୍ଥଳଟେଳା ପାଟର ଉପଂବନ୍ଧ ଶଆଉସ ସଂଗ୍ରହ ମାଢ଼ ୪୫୦ ଗା ତ୍ରୁ ଅବଧାନ ମଧକର କତ ନଅପ ୯୦୦ ମାଢ଼ କଲ ଚୋଡେଗଣ୍ଡକରଣ ବଢ଼ଦାସୀ ମହାସେନାପତିର ସୀମାବନ୍ଧ ପ୍ରମାଣେ । ଅସ୍ୟ ଗ୍ରାମସ୍ୟ ପୂର୍ବସୀମା ମଳଏ ଗ୍ରାମର କପିଳେଶ୍ୱରଦେବଙ୍କର ଦେଉଳର ପଶ୍ଚିମ ବଗଡ ପୋ(ଖୋ)ଳ ବଂଢ଼ାର ବଢ଼ କଂଟଢ଼ା ଦଣ୍ଡାର ଅର୍ଦ୍ଧ ଆଦିକରି । ଅଂଢ଼ଳ ଗ୍ରାମର ପୋ(ଖୋ)ଳ ଭୂଇଁର ପଶ୍ଚିମ ପାର୍ଶ୍ୱ । କଂକଢ଼ା ଲୁଣ୍ଡା ଦଣ୍ଡା ଅର୍ଦ୍ଧ(ର୍ଦ୍ଧ) । ତୁଆପାଢ଼ ଗ୍ରାମର ଅନାଇବୁଷ ଭୂଇଁର ଉତ୍ତର ଦଣ୍ଡା ଅର୍ଦ୍ଧ ପର୍ଯ୍ୟନ୍ତ ସୀମାନମାଢ଼ କୃତ୍ୱା । ଦକ୍ଷିଣସୀମା । ଆ(ଖ?) ଖର ସାସ୍ତ୍ର ଗ୍ରାମର ଚକଳଆ ଲୁଣ୍ଡା ଭଆକ ଓସ ଭୂଇଁର ଉତ୍ତର ଦଣ୍ଡା ଅର୍ଦ୍ଧ । ଉଅପଢ଼ା ଗ୍ରାମର ଉତ୍ତର ଗଛର ଅର୍ଦ୍ଧ । ଉପାଖଣ୍ଡ ଗ୍ରାମର ଦୋସୀମାନ୍ତ ବଂଧ ଉପର ନାଅ(ଳ) ପଥର କଣମାଢ଼ କରି ! ଲଙ୍କାବଢ଼ ଗ୍ରାମର ଉତ୍ତର ମାଳୀ ନଇର ଅର୍ଦ୍ଧ । ମଦ୍ଭୁଲୁଣ୍ଡା ଗ୍ରାମର ନଇତଢ଼ ପାଣିପି (ଶି) ଳା । ଖଂଢ଼ାରପୁର ଗ୍ରାଢ଼ ପର୍ଯ୍ୟନ୍ତ ସୀମା ନୁମାଢ଼ କୃତ୍ୱା । ପଶ୍ଚିମ ସୀମା । ମଦ୍ଭୁଲୁଣ୍ଡା ଗ୍ରାମର ପୂର୍ବ ପାଟୁଆ ସାଇର ବୋଣାବନ୍ଧର ୨ ବଢ଼ ବରଗଛ ୩ । ବୋକଣୀ ଗ୍ରାମର ପୂର୍ବ ଦୋସୀମା ପଢ଼ୁଆ ବସତ ଅର୍ଦ୍ଧ ଆଦିକରି ସପଢ଼ା ଗ୍ରାମର ଖଜୁରିଆ ଜୋଢ଼ ପଶ୍ଚିମ କଢ଼ । ଏ ଗ୍ରାମର ବସତର ପୂର୍ବ ଦୋସୀମା ବୃକ୍ଷ ଅର୍ଦ୍ଧ ପର୍ଯ୍ୟନ୍ତ ସୀମାନମାଢ଼ଂ କୃତ୍ୱା । ଉତ୍ତର ସୀମା । ଭଳଟପୁର ଶାସନର ଦକ୍ଷିଣ କଂକଢ଼ା ଜୋଢ଼ ଅର୍ଦ୍ଧ ଆଦିକରି ବାଳପୁର (ବ୍ୟାବଳପୁର ?) ଗ୍ରାମର ଦକ୍ଷିଣ । ଅଲଖେ ପଢ଼ାର ମଧ କ(ଶ) ଦଣ୍ଡା ଅର୍ଦ୍ଧ । ଅଚ୍ଛାସପୁର ଶାସନର ଦକ୍ଷିଣ ଖେଣ୍ଡୋଇ ଦଣ୍ଡାର ବନ୍ଧ ପର୍ଯ୍ୟନ୍ତ ସୀମାନମାଢ଼କୃତ୍ୱା ।

ଇତ୍ୟାଦି ।

( The Kenduli Copper-plate grant of Narasinha Deva IV of Saka 1305 by Sri S. N. Rajguru, O. H. R. J, Vol. V, No. 1, April 1956 P. 42–P. 44)

ଏହି ସମୟ ମଧ୍ୟରେ କୋଣାର୍କ ମନ୍ଦିରର ଏକ ଖଣ୍ଡିତ ଅଭିଲେଖ ଦେଖାଯାଇଥାଏ । ଚତୁର୍ଥ ନରସିଂହଦେବଙ୍କ ସମୟରେ ଏହି ଅଭିଲେଖଟି ଉକ୍ତ ମନ୍ଦିରରେ ଉତ୍କୀର୍ଣ୍ଣ ହୋଇଥିଲା । ପାଠଟି ହେଉଛି ।

"ଶ୍ରୀ ବସ୍ତୁ ଭଣ୍ଡାର ଅଧିକାରୀ ବଲ୍ଲଭ ନାଏକ । ଭଣ୍ଡାର ନାଏକ ଅଲ୍ଲୁ ନାଏକ / କୋଷ୍ଟ କରଣ ଅଙ୍ଗାର ନାଏକ ।

(J. B. O. R. S. 1917, P. 282)

କିନ୍ତୁ ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶରେ ଡଃ ଆର୍ତ୍ତବଲ୍ଲଭ ମହାନ୍ତି ଉପରୋକ୍ତ ଅଭିଲେଖର ଏହିପ୍ରକାର ପାଠାନ୍ତର ଦେଇ ଅଛନ୍ତି —

"ଶ୍ରୀ ବପ (ବସ୍ତ) ଭଣ୍ଡାର ଅଧିକାରୀ ବଳୀକ ନାଏକା । ଭଣ୍ଡାର ନାଏକ ଅଣାଣ୍ଡୁ ନାଏକା । କୋଷ୍ଟ କରଣ ଅଙ୍ଗାର ନାଏକ ।"

(ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ପ୍ରାଚୀ ସମିତି ପ୍ରକାଶିତ ପୃ.୭୯)

ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀର ଅନ୍ୟାନ୍ୟ ଅଭିଲେଖଗୁଡ଼ିକ ମଧ୍ୟରେ ଯାଜପୁରସ୍ଥ ସିଦ୍ଧେଶ୍ୱର ମନ୍ଦିରର ସ୍ତମ୍ଭ ଅଭିଲେଖଟି ହେଲା ଏହିପରି—

(ସ୍ୱସ୍ତି) ଶ୍ରୀ ନରସିଂହ ଦେବଙ୍କ ବିଜେରାଜେ ସମଂଥୁ ୧୯ ସ୍ରାହ୍ମ ମକର୍ଡ଼ା କୃଷ୍ଣ ୧୮ ଚନ୍ଦ୍ରବାରେ ଚତୁର ସାଗେ(ର) ଦଣ୍ଡ ପରୀକ୍ଷା ଶ୍ରୀ ଜେନା ପଟ୍ଟାନାଏକ ବିଶ୍ୱନାଥ ମହାସେନାପତିଙ୍କ ଦଣ୍ଡ ପରୀକ୍ଷା ପୁରୁଷ ବଡ଼ ଦଣ୍ଡ ପା(ଟ)ରୁ ନନ୍ଦିକେଶ୍ୱର ସ୍ୱାମୀଙ୍କୁ ବେହେରାଣେ ଏ ଦଣ୍ଡପାଟର ପରାଇତ ମୁଦୁଲି କୋଠକରଣ ସମସ୍ତ ଲୋକ ସମସ୍ତ ବେହେରାଣ ଅନୁମତେ ଉଆଳ ବିଷେ ଭୈମଗ୍ରାମ ଗ୍ରାମ ଜଳ ମାଡ଼ ୫୦ ପଣ ଭାଗ(କ) ଦାନ(ଓ) ହୋଇ ଚାନ୍ଦକା. ଚାଇକା ଦେହୋ ବୋଧ ଘଡ଼ି ଦରଯମା ଯାବତ ଅବଦାନ କାର୍ତ୍ତିକର (ର) ସାର ଶ୍ରୀ (ନ)ର ସିଂଘ ଦେବ ।

( Siddheswar Inscription of Narasimha IV, Anka year 19 by Dr. D. C. Sircar and Dr. K. B. Tripathy—Epigraphia Indica Vol. XXIX P. IV, Octo. 1951, P. 105—P. 108 )

ଏହି ଅଭିଲେଖରେ 'ଅ', 'ଆ', 'ଇ', 'ଉ'. 'ଏ' ଏବଂ 'ଓ' ମଧ୍ୟରୁ 'ଇ' ଅକ୍ଷରଟି ଗୌଡ଼ୀୟ 'ଇ' ପରି ଓ ଅନ୍ୟଗୁଡ଼ିକ ଆଧୁନିକ ଓଡ଼ିଆ ଲିପିପରି ଅଟେ । ଏଥିରେ ପରିଦୃଷ୍ଟ ଅନ୍ୟାନ୍ୟ ଲିପି ମଧ୍ୟ : ଯ 'ଘ' 'ପ' ଓ 'ମ' ମଧ୍ୟରେ ଖ୍ୟ.ବ୍ୟ. ସାମାନ୍ୟ ବିଭେଦ ରହିଅଛି ।

ବେଳେ ଏହି 'ର' 'ଡ' ସହ ଦୃଶ୍ୟମାନ ହୋଇଥାଏ । ତେଣୁ ଜଣାପଡ଼େ ଯେ ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀ ଓଡ଼ିଆ ଲିପିମାଳାରେ ମଧ୍ୟ ପ୍ରତ୍ନ-ଓଡ଼ିଆ ଲିପିର କେତେକ ପ୍ରଭାବ ରହିଅଛି ।

ଓଡ଼ିଆ ଅଭିଲେଖଗୁଡ଼ିକର ଭାଷା ସାଧାରଣତଃ ଲୌକିକ ଭାଷା । ଯେତେବେଳେ ରାଜାଙ୍କର ଆଦେଶ ରାଜକର୍ମଚାରୀମାନେ ସମ୍ଭବତଃ ତାଳପତ୍ରରେ ଲେଖି ଲିପିକାରଙ୍କୁ ତାମ୍ରପଟ୍ଟ ବା ପ୍ରସ୍ତରରେ ଖୋଦିତ କରିବା ପାଇଁ ଦେଉଥିବେ ଏବଂ ଲିପିଖୋଦକମାନେ ରାଜକର୍ମଚାରୀଙ୍କର ସେହି ଭାଷାକୁ ଅବିକଳ ଭାବରେ ଉତ୍କୀର୍ଣ୍ଣ କରାଇ ଅଛନ୍ତି । ଭାଷାର ପ୍ରୟୋଗରେ ଲିପିକାରର ସ୍ୱତନ୍ତ୍ରତା ନାହିଁ ବରଂ ଲିପିର ଆକାର ପ୍ରକାର ଉତ୍କୀର୍ଣ୍ଣ କରାଇବାରେ ତାହାର ସ୍ୱାତନ୍ତ୍ର୍ୟ ଅନେକାଂଶରେ ଅଭିଲେଖ-ଗୁଡ଼ିକରେ ପ୍ରତିଫଳିତ ହୋଇଥିବା ସମ୍ଭବ । ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଓଡ଼ିଆଲିପି ତଥା ଭାଷା ସମ୍ପୂର୍ଣ୍ଣ ବିକଶିତ ହୋଇଅଛି । ଆଜିର ଓଡ଼ିଆ ଲେଖାରେ ଓଡ଼ିଆ ଲେଖକ ଯେଉଁ ପ୍ରାଚୀନ ଯୁଗର କରଣୀ ଲେଖା ବ୍ୟବହାର କଲାପରି ଯେତେବେଳେ ମଧ୍ୟ ଓଡ଼ିଆ ଲେଖକମାନେ ତତ୍କାଳୀନ ଓଡ଼ିଆ ଲିପି ସହିତ ତତ୍ପୂର୍ବବର୍ତ୍ତୀ ବହୁ ପ୍ରାଚୀନଯୁଗର ପ୍ରତ୍ନ-ଓଡ଼ିଆ ଲିପି ବେଳେ ବେଳେ ବ୍ୟବହାର କରିବା ଅସମ୍ଭବ ନୁହେଁ ।

ସିଦ୍ଧେଶ୍ୱର ମଠର ଅଭିଲେଖର ଭାଷାରେ ଯେଉଁ ଭାଷାଗତ ବୈଶିଷ୍ଟ୍ୟ ଦେଖାଯାଇଥାଏ, ତାହା ନିମ୍ନରେ ଉଦ୍ଧୃତ ହେଲା ।

ସଂ. ନରସିଂହ—ଓ, ନରସିଂଘ; ତତ୍ପୁ ରାଜ୍ୟେ—ଓ ରଜେରଜେ; ସଂ. ସମ୍ମୁଖର (ସବଳ) ଓ. ସମଂଥୁ; କୃଷ୍ଣ—ଓ. କସଣ, ଭୁବନେଶ୍ୱର ବୈଷ୍ଣିତିକ ଅଭିଲେଖ କସଣ; ଶ୍ରୀକରଣ ପଟ୍ଟନାୟକ 7 ଶ୍ରୀକଣ ପଟ୍ଟନାଏକା; ସାନ୍ଧିବିଗ୍ରହିକ 7 ଓ. ସଗାମିଗ୍ର; କୋଠକରଣ 7 ଓ. କୋଠକଣ; ସମ୍ବତ୍ସ 7 ଓ. ବସେ; ସଂ.ପରିଦର୍ଶକ 7 ଓ. ପରୀଦରସନା; ସିଦ୍ଧେଶ୍ୱର 7 ଓ. ସିଧେସର ଇତ୍ୟାଦି । ଏହି ଅଭିଲେଖର ବିଷୟବସ୍ତୁରୁ ଜଣାଯାଏ ଯେ ରାଣୀଙ୍କ ବିଷୟର ଭୈମଗ୍ରାମର କେତେକ ଅଂଶ ଦାନ ଦିଆଯାଇଛି । ସେହି ଗ୍ରାମର ଜମିଜମାର କର ୫୦ ମାଢ଼ ମାଣ । ଉପରୋକ୍ତ ରାଣୀଙ୍କ ବିଷୟ ପୂର୍ବଦିଗ ଦଣ୍ଡପାଟର ଅନ୍ତର୍ଭୁକ୍ତ ଅଟେ ।

ଅଭିଲେଖରୁ ଆହୁରି ଜଣାପଡ଼େ ଯେ ଏହି ଦଣ୍ଡପାଟର ଦଣ୍ଡପରଗୁ ଥିଲେ ନଘଦେବଙ୍କର ସାନ୍ଧିବିଗ୍ରହିକ ସେ କ ଶ୍ରୀ କରୁଣ ପଟ୍ଟନାୟକ, ବିଶ୍ୱନାଥ ମହାସେନାପତି ପ୍ରଭୃତିଙ୍କର ଅଧସ୍ତନ କର୍ମଚାରୀ ଥିଲେ । ଏହି ଦାନ ସେହି ଅଞ୍ଚଳର ବିଭିନ୍ନ ରାଜକର୍ମଚାରୀ ଯଥା ଚଣାଇତ, ମୁଦୁଲି (ମୁଦୁଲି), ଭୋଠକରଣ ଓ ଦଣ୍ଡପାଟର ଖଇଲେକମାନଙ୍କର ସର୍ବସମ୍ମତିରେ ଅର୍ପଣ କରାଯାଇଅଛି । ସେତେବେଳେ ରାଜ୍ୟରେ ପ୍ରଚଳିତ ଥିବା ଓହୋଳୁ, ପାଞ୍ଜିକା, ପାଇକା, ଭେଟ, ବୋଧା ଓ ପରିବର୍ତ୍ତନା ପ୍ରଭୃତି ବିଭିନ୍ନ କରରୁ ଏହି ଦାନ ରହିତ ହୋଇଥିବାର ବିଷୟ ମଧ୍ୟ ଏହି ଅଭିଲେଖରୁ ଜଣାପଡ଼ୁଥାଏ ।

ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀର ଅନ୍ୟ ଏକ ପ୍ରଧାନ ଓଡ଼ିଆ ଅଭିଲେଖ ହେଉଛି ଚତୁର୍ଥ ନରସିଂହଦେବଙ୍କର ପୁରୀ ଶଙ୍କରାନନ୍ଦ ମଠର ତାମ୍ର-ପଟ୍ଟାସନନ୍ଦ । ଏହି ଅଭିଲେଖର ସମୟ ହେଉଛି ଖ୍ରୀ. ୧୩୯୬ । ଏହାର ଲିପିରେ ପ୍ରତ୍ନ-ଓଡ଼ିଆ ଓ ଦେବନାଗରୀ ଲିପି ମିଶିକରି ରହିଛି । ଉକ୍ତ ଅଭିଲେଖର କେତେକାଂଶ ନିମ୍ନରେ ଦିଆଗଲା ।

"ଅସ୍ମିନ ରାଜ୍ୟେ ସପ୍ତୋବିଂଶତ୍ୟଙ୍କେ କନ୍ୟା ଦିନସୁ କୃଷ୍ଣସପ୍ତମୀ ବର୍ତ୍ତିଥବାରେ ଦେବକୂଟ କଟକେ ଶ୍ରୀଚରଣେ ପ୍ରଜା ନବରେ ଜଗପମତେସୁ ଚାଣ୍ଡେ ଶାନ ମହାମୁଦ୍ରା ପ୍ରତିବିଷ୍ଣୁର ଦ୍ୱାର ଉପାଦ୍ଧ ଶ୍ରୀ ବିକ୍ରମ ସନ୍ଧିବିଗ୍ରହ ବୁଢ଼ାଲେଙ୍କା ସୋମନାଥ ବାହୁବଳୀ ଭିତର ଭଣ୍ଡାର ଅଧିକାରୀ ନରହରି ନ୍ଧିବିଗ୍ରହ ଆଜ୍ଞା ପୂର୍ବେ ଶ୍ରୀକରଣ ବିଶ୍ୱନାଥ ମହାସେନାପତି ଗୋଚରରେ ଅବଧାରିତ ମୁଦଲେ ଦେବରଥାବୃତିକୁ ଆଠଖଣ୍ଡ କୋଷ୍ଠଦେଶ ମହାନଷ୍ଟ୍ର ବିଷୟେ ଶାଳପୋଗ୍ରାମର ବାଟ(?) ସହେ ଦକ୍ଷିଣ ଗଡ଼ପୋଡ଼ି ଗ୍ରାମ ଏ ଦୁଇ ଗ୍ରାମ ଶାସନ କରି ଭୂମି ଖଏବାଟି ଦେବା । ଏ ସ୍ଥାନ୍କୁ ମୀନ ସଂକ୍ରାନ୍ତି କୃଷ୍ଣ ଏକାଦଶୀ ରବିବାରେ ନାରାୟଣପୁର କଟକେ ଶ୍ରୀଚରଣେ ପୂଜା ଉଦ୍ଭବ୍ୟ ସରେଜନର ଅର୍ପିବା ସମସ୍ତେ ଚାଣ୍ଡେ ବୁଢ଼ାଲେଙ୍କା ସନ୍ଧିବିଗ୍ରହ ସୋମନାଥ ବାହୁବଳୀ ଭୁବନେଶ୍ୱର ସାଧୁବିଗ୍ରହ ଲକ୍ଷ୍ମଣାନନ୍ଦ ସନ୍ଧିବିଗ୍ରହ ଆଜ୍ଞା ଦ୍ୱାଆର ପ୍ରକାଶ ତ୍ରିବିକ୍ରମ ସନ୍ଧିବିଗ୍ରହ ଗୋଚରେ ଅବଧାରିତ ମୁଦଲେ ଏମାପି ପୁରୋଗଶଙ୍କ ମହାପାତ୍ର ଗଜେଶ୍ୱର ଦାସ ଶ୍ରୀଚନ୍ଦନ ଆଦେଶ ଅବ(ଧ)ରିତ ଆଜ୍ଞା ବୋଇଲ ମୁଦଲେ ଦେବରଥାବୃତିର ସାଇସ ଦକ୍ଷିଣ ଖଣ୍ଡସ ଓ ତ(ଏ) ଦୁଇଗ୍ରାମ କୋଷ୍ଠ ଦେଶ ଜଗେଶ୍ୱର' ଦେବଙ୍କର

ଦେଉଳୀ ଭୂମି ଦେଉଳ ମଧ କରି ଚତୁଃସୀମା ସମାଖ୍ୟାନ୍ତ ଶାସନେକ
ପଟ୍ଟା ଦେବା । ଓଁକ୍ରମୋଦେନୋ ମଦନଖଣ୍ଡ ମଧ୍ୟେ ସାଇପେ ଗ୍ରାମ ବ୍ରହ୍ମ
ଅବଧାନ ମଧ କରି ଦେକାଠ ବ୍ୟାପାରର ଭାଗ ଛଅଏ ବାଇଶ ମାତ୍ର
ମ୨୨ ଜଇ ସ୍ୱରେ ଶ୍ରୀକରଣ ବିଶ୍ୱନାଥ ମହାସେନାପତିର ଚନ୍ଦ୍ର(?)ଅ
ନନ୍ଥ ମାଦ୍ଧୁଳର ସୀମାଜାଳ ପ୍ରମାଣେ ଏ ଗ୍ରାମର ପୂରୁବ ସୀମା ଭଗବଣ୍ଡ-
ପୁର ଶାସନର ପଶ୍ଚିମ ଚନ୍ଦ୍ରଭାଗ ଦଣ୍ଡାଧର ଆଦ କରି ବାଙ୍ଗରପେ ଗ୍ରାମର
ପୂବକୋଣ ପୋଡ଼ା ପୋଡ଼ା ପୋଖରୀର ଧି ଜଳ ପର୍ଯ୍ୟନ୍ତକେ ସୀମାନ୍ତର
ସୀମା/ବାଙ୍ଗରପେ ଗ୍ରାମର ଦକ୍ଷିଣ ଡଡ଼ ଡଡ଼ ବାଟିର ଉତର ଦଣ୍ଡାର
ଅଧ ବ୍ରାହ୍ମଣ ବାଟିର ଜମୁଣ୍ଡି ଗୋପଥ ଅଧ ଆଦ କରି ବାଇଂଗଣି
ନଗ ବା(ଧ)ଙ୍କଅନ ଅଧା ହୋଇ ପର୍ଯ୍ୟନ୍ତକ ସୀମା / ପଶ୍ଚିମ ସୀମା /
ବଡ଼ସଓଗ୍ରାମର ପୁର(ବ) ବାଇଗଣି . ନଗର ଅଧା ହୋଇ ଆଦ
କରି ନକପାଣ ଗୋପୀନାଥପୁର ଶାସନର ନଗ ତଣ୍ଡା ଆମ୍ବ-
ଢୋଟାରେ ଦକ୍ଷିଣ କୋଣ କୁଡ଼ିଅ ପାଇବ ବୋଥ ଅଧ ପର୍ଯ୍ୟନ୍ତେକ
ସୀମା / ଦକ୍ଷିଣ ସୀମା / ଗୋପୀନାଥପୁର ଉତର ବଇଗୀ
ଅଧାକରି ଭଗବଣ୍ଡପୁର ଶାସନର ଗୋପୀନାଥପୁର ଶାସନର ଜମୁଣ୍ଡି
ଗୋପଥର ଅର୍ଦ୍ଧ ନଇ ଉତର କୂଳ ପର୍ଯ୍ୟନ୍ତେ କେ ସୀମା ଗୋ ଚତୁଃ
ସୀମା ସମାଖ୍ୟାନ୍ତ ଗ୍ରାମେକ ଏ ବସ୍ତୁ ମଧ୍ୟେ ବଡ଼ସଓ ଦ୍ୱିଜ ସଇନ
ଅବଧାନ ମଧ କରି ମହି ପତ୍ର ପୁରୁଷୋତ୍ତମ ପ୍ରସାଦ ନବର ଭାଗ ସଏ
ସତାଇସ ମ.ତ୍ର ୧୨୨ ଜଇ ଏ ସୀମାଜଳ ପ୍ରମାଣେ ଏ ଗ୍ରାମର ପୂର୍ବ-
ସୀମା / ସାଇପେ ଗ୍ରାମର ପଶ୍ଚିମ ବାଇଗଣିଆ ନଗ ଅଧା ହୋଇ
ଆଦିକରି ଦେଉଳୀ ଭୂମିର ଦକ୍ଷିଣ ରକତପଟ୍ଟା ଦଣ୍ଡା ଅର୍ଦ୍ଧ ପର୍ଯ୍ୟନ୍ତେକ
ସୀମା / ଉତର ସୀମା / ଦେଉଳୀ ଭୂମିର ଦକ୍ଷିଣ ରକତ ପଟ୍ଟା·
ଦଣ୍ଡାର ଅଧ ଆଦ କରି ବାରଗୋ ନଇ ଅଧା ହୋଇ ପର୍ଯ୍ୟନ୍ତେକ
ସୀମା / ପଶ୍ଚିମ ସୀମା / ବଜସ୍ତୁ ଲକ୍ଷ୍ମୀପୁର ଶାସନର ପୂର୍ବ ବାରଗୋ
ନଗ ଅଧାହୋଇ ଆଦିକରି ଗୋପିନାଥପୁର ଶାସନ ସୁଦୁଣ୍ଡ ସାଇ
ବଂଧଡ଼ଲ ଗୋପଥ ଅଧ ପର୍ଯ୍ୟନ୍ତେକେ ସୀମା / ଦକ୍ଷିଣ ସୀମା / ଗୋପୀ-
ନାଥପୁର ଶାସନର ଉତର (   ) ନଇକୂଳ ଆମ୍ବଢୋଟାର ପଶ୍ଚିମ
ଗୋପଥର ଅଧବାଇଗଣିଆ ନଇର ଅଧା ହୋଇ ପର୍ଯ୍ୟନ୍ତେ କେ
ସୀମାଗ ଚତୁଃସୀମାସମାଖ୍ୟାନ୍ତ ଗ୍ରାମେକବସ୍ତେ ବସ୍ତୁ ମଧ୍ୟେ ଉଗ୍ରେଶ୍ୱର

ଦେବଙ୍କର ଦେଉଳ ଅବଧାରିତ ମୂଦଲି ପ୍ରମାଣେ ଭୂମିଷିଂଶ ବାଟି ୩୦ ଜଣ-ଏ ସୀମା କଲ୍ପ ପ୍ରମାଣେ ଏ ଗ୍ରାମ ପୂର୍ବ ସୀମା ବାଙ୍ଗରସୋ ଗ୍ରାମର ପଶ୍ଚିମ ବାଇଗଣିଆ ନଇ ଆଦ କଣ୍ଠ ବାଲିଆ ଗ୍ରାମର ପୂର୍ବ ନଇକୂଳ ଗୋଇଠ ଅଧ ପର୍ଯ୍ୟନ୍ତେକେ ସୀମା/ ଉତ୍ତର ସୀମା ବାଲିଆ ଗ୍ରାମ ଦକ୍ଷିଣ ଖେତ ମୂଣ୍ଡର ବୋହାଜ ଦଣ୍ଡା ଆଦ କରି ବାଉସୋ ନଦର ଅର୍ଦ୍ଧ ପର୍ଯ୍ୟନ୍ତେକେ ସୀମା / ପଶ୍ଚିମ ସୀମା / ଖଜପୁ ଲକ୍ଷ୍ମୀପୁର ଶାସନର ପର ବାଉସୋ ନଦୀର ଅଧା ସୋଙ୍ଗ ଆଦକେ ସୀମା । ଦକ୍ଷିଣ ସୀମା / ଭୁତସୋ ଓ ଗ୍ରାମର ଉତର 'ଉଭ 'ଅଟା--ଦଣ୍ଡା ଅର୍ଦ୍ଧ ପର୍ଯ୍ୟନ୍ତେ ସୀମା / ଗା ଚତୁଃସୀମା ସମାକ୍ରାନ୍ତ ଗ୍ରାମର' ଗ୍ର ଗ୍ରାମ ଭିଜକ ଜତ ଶଆରପ ନୃକସନ ମାଡ଼ ୪୪୯ ଭୂମି ଖଣ୍ଡ ବାଟିକ ଚତୁଃସୀମାକ୍ରାନ୍ତ ସୁକସ୍ଥ (ଲ) ମଚ୍ଛକଚ୍ଛପ ମାଦ ପାରଣ୍ୟ ମଧ୍ୟ କରି ଆଚନ୍ଦ୍ରାର୍କ ଥାଇବାକୁ ଦେବଦ୍ରଥ ଆସ୍ୱର୍ଯ୍ୟଙ୍କୁ ଦେଉଳ ଉଚ୍ଛ୍ରେସ୍ୱ(ର) ଦେଲ୍ (।) ମଧ୍ୟ କରି ଚତୁଃସୀମାକ୍ରାନ୍ତ ଶାସନ ଦତ ଅଟାକ" ଇତ୍ୟାଦି । *

ଏହି ଗଦ୍ୟାଂଶର ଭାଷାରେ ଓଡ଼ିଆ ଗଦ୍ୟରଚନା ସ୍ୱତନ୍ତ୍ର ଅଭିନବ ବୈଶିଷ୍ଟ୍ୟ ଓ ଶୈଳୀ ସୃଷ୍ଟିକରିଛି । ତଦ୍ଭିନ୍ନ ଓଡ଼ିଆ ଶବ୍ଦର ପ୍ରୟୋଗରେ ମୂଦଲେ, ଶାସନେକ, ଖଣ୍ଡ, ବାଇସ ମାଡ଼, ପୂରବ-ସୀମା, ଦଣ୍ଡା, ପୁବକୋଣ, ଚୋଖୁଣି, ବାଇଂଗଣି ନଇ, ସୋଇ ପର୍ଯ୍ୟନ୍ତେକ, ଆମ୍ବତୋଟା, କୁଟିଆ ଘାଇ, ନଇକୂଳ ଅମ୍ବତୋଟା, ଖଣ୍ଡ ବାଟି ଓ ଥାଇ କରି ପ୍ରଭୃତି ଶବ୍ଦ ଖାଣ୍ଟି ଓଡ଼ିଆଶବ୍ଦ । ପୂର୍ବୋକ୍ତ ଗଦ୍ୟାଂଶରେ ବାକ୍ୟଗୁଡ଼ିକ ଯଥାର୍ଥ ଅର୍ଥ ପ୍ରକାଶ କରୁଅଛନ୍ତି ଏବଂ ବିଭକ୍ତି ଗୁଡ଼ିକର ବ୍ୟବହାର ମଧ୍ୟ ସମ୍ପୂର୍ଣ୍ଣ ଅଟେ । ଏଥିରେ ବ୍ୟବହୃତ 'ମୂଦଲ' ଶବ୍ଦଟି ତେଲଗୁ ଶବ୍ଦରୁ ଆସିଅଛି । ତେଲଗୁ 'ମୁଡ଼ଲ' ଶବ୍ଦର ଅର୍ଥ ହେଉଛି 'ରାଜାଦେଶ' ଏବଂ ଦିଗ୍ରସ୍ତ ଅର୍ଥ ହେଉଛି ସେହି ବ୍ୟକ୍ତି

* (୧) The evolution of Oriya Language and Script. —Dr. K. B. Tripathi*

(୨) J. A. S. B. Vol. LXIV (1895) P. 151 —A Copper plate inscription etc by Manmohan Chakravarty.

ରାଜାଦେଶ କାର୍ଯ୍ୟକାରୀ କରେ (Seal Bearer) । ଏହି ସବୁ ଦୃଷ୍ଟିରୁ ବିଚାର କଲେ ଆମ୍ଭେମାନେ ଜାଣିବାକୁ ପାଇବା ଯେ ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଗଦ୍ୟରଚନା ଶୈଳୀର ଅଭୂତପୂର୍ବ ବିକାଶ ଘଟି ସାରିଲଣି ।

ଗଙ୍ଗ ରାଜତ୍ୱର ଅବସାନ ପରେ ସୂର୍ଯ୍ୟବଂଶର ରାଜତ୍ୱ ଆରମ୍ଭ ହୁଏ ଖ୍ରୀ.୧୪୩୫ରେ । ସୂର୍ଯ୍ୟବଂଶର ପ୍ରଥମ ଗଜପତି ରାଜା କପିଳେନ୍ଦ୍ର-ଦେବଙ୍କର ଗୌରବମୟ ରାଜତ୍ୱ ଓଡ଼ିଆ ଭାଷା ଓ ସାହିତ୍ୟ ରାଜ୍ୟରେ ଆଣିଲା ଅଭୂତପୂର୍ବ ବୈପ୍ଳବିକ ପରିବର୍ତ୍ତନ । ଏହି ରାଜତ୍ୱରେ ହିଁ ଓଡ଼ିଶାର ଆଦିକବି ସାରଳା ଦାସଙ୍କର ଆବିର୍ଭାବ ଘଟିଥିଲା ଓ ଓଡ଼ିଆ ସାହିତ୍ୟର ଗୌରବମୟ ପର୍ଯ୍ୟାୟ ସୃଷ୍ଟିଲାଭ କଲା ବିରାଟ ସାରଳା ସାହିତ୍ୟର ପୃଷ୍ଠଭୂମିରେ । କପିଳେନ୍ଦ୍ରଦେବଙ୍କ ରାଜତ୍ୱରେ ଆମେ ଅନେକଗୁଡ଼ିଏ ଶିଳାଲେଖ ଓ କେତେକ ତମ୍ବାପଟ୍ଟା ସନଦ ପାଉ-ଆଁ । ସେଗୁଡ଼ିକର ଆଲୋଚନାରେ ଜଣାପଡ଼େ ଯେ ଖ୍ରୀ. ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଅଭିଲେଖଗୁଡ଼ିକର ଭାଷାବିଭବ ଓ ରଚନାଶୈଳୀ ତତ୍କାଳୀନ ଓଡ଼ିଆ ସାହିତ୍ୟ ସହିତ ସମାନ୍ତରାଳ ଭାବରେ ଗତିକରି ଚାଲିଛି । ଏକପ୍ରକାର ଲୌକିକ ରଚନାଶୈଳୀ ଅଭିଲେଖ ତଥା ତତ୍କାଳୀନ ଓଡ଼ିଆ ସାହିତ୍ୟରେ ପ୍ରକାଶଲାଭ କରିଛି, ଅବଶ୍ୟ ଗଙ୍ଗବଂଶ ରାଜତ୍ୱରୁ ଏହିପ୍ରକାର ସାହିତ୍ୟ ଭିତ୍ତିର ସୂତ୍ରପାତ ଘଟିଥିଲା ।

କପିଳେନ୍ଦ୍ରଦେବଙ୍କ ସମୟରେ ଓଡ଼ିଆଭାଷା ବିଶେଷତଃ ଗଦ୍ୟରଚନା ଶୈଳୀର ସ୍ୱରୂପ କିପରି ଥିଲା, ତାହାର କେତେକ ଉଦାହରଣ ନିମ୍ନରେ ଦିଆଗଲା ।

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଅଭିଲେଖ (ଖ୍ରୀ. ୧୪୩୬)

"ସ୍ୱସ୍ତି ଶ୍ରୀ କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ରାଜ୍ୟ ସମସ୍ତ ୪ଅଂକ ଶ୍ରାହି ମିଥୁନ ସଂକ୍ରାନ୍ତି କୃଷ୍ଣ ୯ ମଙ୍ଗଳବାର ଦୃଷ୍ଟିବାର କଟକେ ଅଭରୁ ପୂଜା ଅବକାଶେ ଘଟେଶ୍ୱରଙ୍କୁ ବାମ୍ବ ମହାପାତ୍ର ଭୁବନେଶ୍ୱର ମହାପାତ୍ର ଏ ଦୁଇଜଣ ଆସି ଜଣାଇଲେ ଏ ଦୁହିଙ୍କର ବୋଲାଗରେ ଆଗଂଧ୍ୟ ବୋଲି ବୋଲିଲୁ ଆମ୍ଭର ଓଡ଼ିଶା ରାଜ୍ୟ ଯେତେ ରାଜା ମୂଳ ସବୁହେଂ ରାଜାଂକୁ ହିତେ ବୃତ୍ତେମ୍ଭ ଆପଣା ସଦାବ୍ରତେ

ଥିବେ ଅପଦମାର୍ଗେ ନ ଉଚ୍ଛୁଟେବଂ ରାଜାଙ୍କ ଅଣକୁଟେତ ଦୁଷ୍ଟେଲେ ରାଜା କାହାରି କଲି ତାହାରି ସର୍ବସ୍ୱହରି ।”

କପିଳେଶ୍ୱରଦେବଙ୍କର ଜଗନ୍ନାଥ ମନ୍ଦିର ଜୟ ବିଜୟ ଦ୍ୱାରରେ ଥିବା ଅନ୍ୟ ଏକ ପ୍ରସିଦ୍ଧ ଅଭିଲେଖ—(ଖ୍ରୀ.୧୪୩୬)

“ବୀର ଶ୍ରୀ ପ୍ରତାପ କପିଳେଶ୍ୱରଦେବ ମହାରାଜାଙ୍କର ବିଜୟ ରାଜ୍ୟ ସମସ୍ତ ୪ ଅଙ୍କ ଶ୍ରାହ୍ମ ଧନୁ ଅମାବଇ ସୋମବାରେ ଶ୍ରୀ ପୁରୁଷୋତ୍ତମ କଟକେ ପରମେଶ୍ୱରଙ୍କ ଦର୍ଶନ ସମଏ ମହାପାତ୍ର କରାଇ ସାନ୍ଧି ମହାପାତ୍ର ଜଳେଶ୍ୱରସେନ ନରେନ୍ଦ୍ର ମହାପାତ୍ର ଗୋପିନାଥ ମଙ୍ଗରାଜ ମହାପାତ୍ର କାଶୀ ବିଦ୍ୟାଧର ମହାପାତ୍ର ବେଳେଶ୍ୱର ପ୍ରହରାଜ ମହାପାତ୍ର ଲକ୍ଷଣ ପୁରୋହିତ ପଟ୍ଟନାୟକ ଦାମୋଦର ମହାସେନାପତ୍ର ଥାଇ ପରମେଶ୍ୱରଙ୍କ ଶ୍ରୀ ଚରଣ ଅଗ୍ରତେ ସେବାପତ୍ରଲେଖା ପାତ୍ର ଅଗ୍ନିସର୍ମା ମୂର୍ତ୍ତିହସ୍ତର ବୋଡରେ ବୋଇଲେ ମୁଦିଲେ ଶ୍ରୀ ପୁରୁଷୋତ୍ତମଦେବଙ୍କ ଦେଉଳ ଦ୍ୱାରେ ଲେଖନ କରିବା ଆମ୍ଭର ଓଡ଼ିଶା ରାଜ୍ୟର ଲୋଣ କଉଡ଼ି ମୂଳକରି ଘୁଡ଼ିଲା ଘୁଡ଼ିଲ ଏହା ରାଜା ହୋଇ ଯେ ଲଂଘଇ ସେ ଶ୍ରୀ ଜଗନ୍ନାଥଦେବଙ୍କୁ ଦ୍ରୋହ କରଇ) ।”

କପିଳେନ୍ଦ୍ରଦେବଙ୍କର ଅନ୍ୟାନ୍ୟ ଅଭିଲେଖ ମଧ୍ୟରେ ବେଲଗାଲିକ ତମ୍ବାପଞ୍ଜା ସନନ୍ଦର ଓଡ଼ିଆ ଭାଷା ମଧ୍ୟ ପୂର୍ବପର ପରିମାର୍ଜିତ ଭାଷା ଦୃଷ୍ଟିରେ ଭାଷାର କେତେକ ବିଶେଷ ପ୍ରାଚୀନ ସ୍ୱରୂପ ପ୍ରତିଫଳିତ ହୋଇଅଛି ।

ବେଲଗାଲିକ ତମ୍ବା ପଞ୍ଜା ସନନ୍ଦ ।

“ମେଦୂରଥଳ ମଧ୍ୟେ ବେଲଗାଲିକି କାହାକର ନାମ । ଖଣ୍ଡେ ଅଷ୍ଟେତ(ଥ୍ୟ) ଷ୍ଟୋତ୍ରୀୟମ ଦଣ୍ଡପାଟ ମୂଳ କୋଠ ଦେସରୁ ଫେଡ଼ି ଶ୍ରୀହସ୍ତ ସନ୍ତେକ ଗଙ୍ଗତମ ନଦ୍ଧ(ଗ) ଗଇଭ(ଗର୍ଭ) ମାରେ ସିଂଘ (ସିଂହ) ବ୍ରେ(ବ୍ରୃ)ହସ୍ପତି ପୂନ୍ୟ କାଲ(କାଳ) ସୁଏ ଶ୍ରୀହସ୍ତେ ପାଣୀ ଘୁଡ଼ିଲ ଭୂମୀ ଦାନ ନାନାଗୋତ୍ର ବ୍ରାମ୍ହଣଂକୁ । ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟୀ କର୍ଣ୍ଣାଟ କଲବର୍ଗେଶ୍ୱର ପ୍ରତାପ କପିଳେସର ଦେବ ମହାରାଜାଙ୍କର ଭଜ କଟେସରପୁର ସାସନ ବେଲମପୁର ସାସନ ପ୍ରତାପ କପିଳେସରପୁର ସାସନ । ଏଥିନ ସାସନକୁ ୪୦ ଲେଖାଏ ଘର ୧୬୦ ମଧ୍ୟେ ବାଢ଼ି ତୋ(ଠା) ଜଳଭୂମୀ ମଧ(ଧ୍ୟ) କରି ଦେଇ

ହୋଇଲା । ଏ ଗା(ଗାଁ) ଅଉ ଭୂମି ଗା(ଗାଁ)ଅ ଅଇମ୍ହେ (ଆମ୍ଭେ) ସବ ମାଇନେ୍ୟ (ମାନ୍ୟ) ଛତିଶ ଅବଦାନ (ଆବ୍ଦାନ) ମଧ(ମଧ୍ୟ) କରି ଛାଡ଼ିଲୁବେ ଭୋଗ କରିବା । *

ଏହି କେତେକ ପ୍ରଧାନ ଅଭିଲେଖକୁ ବାଦ ଦେଲେ କପିଳେନ୍ଦ୍ର ଦେବଙ୍କ ସମୟର ଆହୁରି ଅନେକ ଓଡ଼ିଆ ଅଭିଲେଖ ରହିଛି; ଯାହାର ରଚନାଶୈଳୀ ଓ ବାକ୍ୟ ଗଠନ ଶକ୍ତିରୁ ଜାଣିପାରିବା ଯେ ସେତେବେଳକୁ ଓଡ଼ିଆ ସାହିତ୍ୟ ଓ ଭାଷା ସମୃଦ୍ଧିବନ୍ତ ସ୍ବରୂପ ଲାଭ କରିପାରିଲାଣି । ଏହି ଗଦ୍ୟ ରଚନା ସହିତ ଆମ୍ଭେମାନେ ସାରଳା ସାହିତ୍ୟର ଗଦ୍ୟକୁ ମଧ୍ୟ ତୁଳନା କରି ଦେଖିବା ଯେ ଉଭୟ ଗଦ୍ୟ ରଚନା ମଧ୍ୟରେ ଅନେକ ସାଦୃଶ୍ୟ ରହିଅଛି । କପିଳେନ୍ଦ୍ରଦେବଙ୍କର ଅନ୍ୟାନ୍ୟ ଅଭିଲେଖ ସମୂହରେ ଆମେ କେତେକ ବିଶିଷ୍ଟ ଶବ୍ଦ ଲକ୍ଷ୍ୟ କରିଥାଉଁ । ଭାଷା ଓ ସାହିତ୍ୟ ରାଜ୍ୟରେ ସେଗୁଡ଼ିକର ମୂଲ୍ୟ ଅପରିହାର୍ଯ୍ୟ ବୋଲି ବିବେଚିତ ହୋଇଥାଏ ।

ମଲିକା, ପଞ୍ଚସା, ବାହୁଡ଼ା, ଭଟ୍ଟାଇ, ମଣୋଇ (ମଣୋହି), ଦେଓ, ଆଇଗା ହୋଇଲା, ପଶ୍ଚଷା (ପଚିଛା), ସଇଜେ (ସହଜ୍ୟ) ମାଜଣା ଅବକାଶକୁ, ଏଣ୍ଡାଣ (ଏଣ୍ଡ୍ରାଣ), ଟଂକା, କର୍ମାଲ୍ୟ, ଛୁମୁ, ନାଡ, ନାଟୁଣୀ, ଗାଏ, ଖଟିବେ, ମଣ୍ଡପ, ଅବଧାରିତ ଆଗ୍ୟାଂ, ବୋଇଲ, ମୃଦଲେ, ବାଦ୍ଧିକ (ବାଦ୍ୟ) ଇତ୍ୟାଦି ।

ବାକ୍ୟ—(୧) ମୋହର ଯେତେ ରତନ ପଦାର୍ଥ ଅଛି ସେ ତୋହର ।

ଏହୁ ଅବର ଆନ ଧନ ଯେ ଅଛି ମୁଇ ବ୍ରାହ୍ମଣ ହାତରେ ଭାହା ଯେତେ ଦେଇପାରିଲି ତାହା ଦେବ । (E.O.S. P. 265)

(୨) ସ୍ତେ ଯୋ ହରଇ ନରସିଂହ ଦେବଙ୍କୁ ଦ୍ରୋହ କରଇ ।
(E.O.S., P. 268)

---

* (1) Epigraphia Indica Vol. XXXIII, 1959—60 Pl. —32. —D. C. Sircar

(2) A note on the Oriya portion of the Veligalini Copper plate grant of Kapileswar–Sri P. Acharya J.A.S. Vol., No. 4, 1959, P. 332.

(3) The evolution of Oriya Script—P. 263.

(ଗ) ହେ ଜଗର୍ନାଥ ଚୋଡେ଼ା ସେବକ ଏମନ୍ତ ଜଣାଉଅଛି । ଭଇକଯାକେ ଏ ସାଆନ୍ତମାନଙ୍କୁ ମୁଇଂ ପାଇକ ରାଉତଙ୍କୁ କରି ଖଣ୍ଡ (ଖଣ୍ଡ) ଧୀଲ (ଦେଲି) । ବାଲକାଙ୍କୁ ପୋଷି ଆଣିଲ । ଏମାନେ ମୋତେ ସବୁହେଂ ଗ୍ରୁହ୍ନିଲେ । ଏମାନଙ୍କୁ ମୁଇଂ ଯେ ଯାହା ଅନୁରୂପେ ବନ୍ଧିକ କରି ରଖିବ । ହେ ଜଗର୍ନାଥ ! ଏ କଥା ମୋହୋର । ଦୋଷ ଅଦୋଷ ବସ୍ତୁର । ( ଜଗନ୍ନାଥ ମନ୍ଦିର ଜୟବିଜୟ ଦ୍ୱାରସ୍ଥ ଅଭିଲେଖ, ସମୟ ଖ୍ରୀ: ୧୪୬୪) ।

(ଘ) ଆମ୍ଭର ଓଡ଼ିଶା ରାଜ୍ୟେ 'ଯେତେ ରାଜା ମୂଳ ସବୁହେଂ ରାଜାଙ୍କୁ ଦିତେ ବୃତ୍ତି । ଯେ ଆପଣା ସଦାଚ୍ଛରେ ଥିବେ ଅପଥ ମାର୍ଗେ ନ ରହିବେଂ । ରାଜାଂକ ଅଣହିତେ ବୃତ୍ତିଲେ ରାଜା ବାହାର କରି ତାହାର ସର୍ବସ୍ୱ ହରି । (E. O. S. P. 252)

ଖ୍ରୀଷ୍ଟୀୟ ପଞ୍ଚଦଶ ଶତକର ଓଡ଼ିଆ ଅଭିଲେଖଗୁଡ଼ିକ ବିଶେଷତଃ କପିଳେନ୍ଦ୍ରଦେବଙ୍କର ଅଭିଲେଖଗୁଡ଼ିକର ଭାଷା ଅତୀବ ଆଧୁନିକ ପରିମାର୍ଜିତ ଅଟେ । ବାକ୍ୟ ଗଠନ ରୀତି ଆଧୁନିକ ଓଡ଼ିଆ ଭାଷାର ବାକ୍ୟ ଗଠନ ରୀତି ସହିତ ପ୍ରାୟ ସମାନ ଅଟେ । ପୂର୍ବୋକ୍ତ ବାକ୍ୟଗୁଡ଼ିକ କପିଳେନ୍ଦ୍ରଦେବଙ୍କର ବିଭିନ୍ନ ଅଭିଲେଖରୁ ଦୃଷ୍ଟାନ୍ତ ସ୍ୱରୂପ ଦିଆଯାଇଛି ।

ଓଡ଼ିଆ ଅଭିଲେଖ ସମୂହ ବିଚାରରୁ ଜଣାଯାଏ ଯେ ଓଡ଼ିଆ ଅଭିଲେଖର ପ୍ରାରମ୍ଭ ସମୟ ଖ୍ରୀ. ଏକାଦଶ ଶତାବ୍ଦୀ ଅଟେ ଓ ଏହି ସମୟରୁ ଓଡ଼ିଆ ଗଦ୍ୟରଚନା ରୀତିର ସ୍ପଷ୍ଟ ଆଭାସ ଆମେ ପାଇଥାଉଁ । ପୂର୍ଣ୍ଣାଙ୍ଗ ଓଡ଼ିଆ ଗଦ୍ୟ ଓ ଓଡ଼ିଆଭାଷାର ବିକାଶ ଯଥାର୍ଥ ଭାବରେ ଖ୍ରୀ. ତ୍ରୟୋଦଶ ଶତାବ୍ଦୀରୁ ଦେଖିବାକୁ ମିଳେ । କପିଳେନ୍ଦ୍ରଦେବଙ୍କ ଅଭିଲେଖ ସମୂହର ଆଲୋଚନାରେ ଜଣାପଡ଼େ ଯେ ଖ୍ରୀ. ପଞ୍ଚଦଶ ଶତାବ୍ଦୀ ବେଳକୁ ଉଭୟ ପଦ୍ୟ ଓ ଗଦ୍ୟସାହିତ୍ୟରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାରୂପେ ସ୍ଥାନ ଲାଭ କରିଛି ।

# ସାହିତ୍ୟରେ ଗଦ୍ୟ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଶିଶୁବେଦ'ର ରଚନା ଏକ କ୍ଷୁଦ୍ର ଅଥଚ ଗୁରୁତ୍ୱପୂର୍ଣ୍ଣ ରଚନା (୧)। ପ୍ରାଚୀନ ଓଡ଼ିଆ ପଦ୍ୟ ତଥା ଗଦ୍ୟସାହିତ୍ୟରେ 'ଶିଶୁବେଦ' ପ୍ରାକ୍ ସାରଳା ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରନ୍ତି। ଆଗରୁ କୁହାଯାଇଛି ଯେ ଭାଷା ତଥା ଧର୍ମତତ୍ତ୍ୱ ଦୃଷ୍ଟିରୁ ଏହାର ରଚନା ସମୟ ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀ ଅଟେ। 'ଶିଶୁବେଦ'ରେ ପଦସଂଖ୍ୟା ସନ୍ଥମାନଙ୍କ ମତରେ ୨୫ ଗୋଟି ଅଟେ ଓ ଏଥିରେ ବିଭିନ୍ନ ପଦର ବ୍ୟାଖ୍ୟା ଗଦ୍ୟରେ ଦିଆଯାଇଛି। ଏଥିରୁ ଜଣାଯାଏ ଯେ 'ଶିଶୁବେଦ'ର ପଦଗୁଡ଼ିକ ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀର ହେଲେ ଉକ୍ତ ପଦଗୁଡ଼ିକ ସମାଜରେ ପ୍ରଚଳିତ ହେବାର ଅର୍ଦ୍ଧଶତ ବର୍ଷ ପରେ ସମ୍ଭବତଃ ତାହାର ବ୍ୟାଖ୍ୟା କରାଯାଇଥିବ। ଯେହେତୁ 'ଶିଶୁବେଦ'ର ପଦଗୁଡ଼ିକ ଭାବ ଶବ୍ଦର ବେଦତତ୍ତ୍ୱ ଓ ବ୍ରହ୍ମଜ୍ଞାନମୂଳକ ଓ ଭାଷା ପ୍ରାଚୀନ ତଥା ଅପଭ୍ରଂଶମୂଳକ ଅଟେ। ତେଣୁ ତାହା ପରେ କୌଣସି ଓଡ଼ିଶାର ନାଥଧର୍ମପନ୍ଥୀ ସାଧକଙ୍କ ଦ୍ୱାରା ଲୌକିକ ଓଡ଼ିଆ ଭାଷାରେ ବ୍ୟାଖ୍ୟା ହୋଇଥିବା ସମ୍ଭବ। 'ଶିଶୁବେଦ' ଗଦ୍ୟର ଭାବ ତତ୍ତ୍ୱମୂଳକ ହେଲେ ମଧ୍ୟ ଏହାର ଭାଷା ଯେ ଲୌକିକ ଭାଷା କହିବା ବାହୁଲ୍ୟ ହେବ। ନିମ୍ନରେ ଏହି ଗଦ୍ୟର କେତେକାଂଶ ଉଦ୍ଧୃତ ସ୍ୱରୂପ ଦିଆଗଲା :—

---

(୧) ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ—ଡକ୍ଟର ବଂଶୀଧର ମହାନ୍ତି, ପୃ. ୨୯୭

ଶିଶୁବେଦର ବ୍ୟାଖ୍ୟା ଦେଇ ଡଃ ଅନନ୍ତ ପ୍ରସାଦ ବାନାର୍ଜି ଶାସ୍ତ୍ରୀ କହନ୍ତି ଯେ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରେ 'ଶିଶୁପା' ନାମରେ ଜଣେ ସିଦ୍ଧ ସାଧକ ଥିଲେ ଓ ତାଙ୍କ ରଚିତ ହେତୁ ତାଙ୍କ ନାମ ଅନୁସାରେ 'ଶିଶୁବେଦ' ହେବା ଅସମୀଚୀନ ନୁହେଁ।

ଶିଶୁବେଦର ଅର୍ଥର ବୋଇଲେ ନ ଜାଣଇ ନ ବୋଇଲେ କଳକଳଇ କି ବୁଝି ଜଣିବା ନ ଜାଣି । ଚାରି ଶାସ୍ତ୍ର ପଢ଼ି ସମସ୍ତେ ମରିବେ ନ ଜାଣିବେ ଶିଶୁ ବେଦର ବାଣୀ ।

ଦୁଇ କର୍ଣ୍ଣରେ ତୁଳା ଦେଇ ଭଲ କରି ବୁଜିବ । ଘଣ୍ଟ ଗାବାନ୍ତା ଉଠି ଉଠିଲେ କହିବ । ଯେବଣ ଧୁନି ଉଠଇ ଆକାଶର ମଧ୍ୟେଂ ସେହିତାକୁ ଶିଶୁବେଦ ବୋଲନ୍ତି ।

ସେହିକି ନଚହିଇଂ ଦୁଇ ନାଗି ଅଛି । ଯେ ସେ ତତ୍ତ୍ୱର ପିଣ୍ଡନ୍ତି ହୋଇ ଜଣେଂ । ଦୁଇ ଚକ୍ଷୁ ଧୁନିରୁ ବାହାରି ଅଛି । ଧୁନି ସହେ ମନ ପଶିଲେ ସମାଧି ହୁଅଇନ୍ତି ।

କାଳ ଯେ ବୋଇଲୁ ସେ ଚକ୍ଷୁ ପିଣ୍ଡଡ଼ାରେ ଅଛି । ସମର କାଳାଗ୍ନି ଯୋ ସେହିକୁ କାଳ ବୋଲି । କମଳ ଯେ ପୁଷ୍ପପ୍ରାୟ ଫୁଟି ଅଛି ନିରଂଜନ ଯେ ତହିଁ ଭିତରେ ପିଉଛନ୍ତି । ଗୋରେକ୍ଷଙ୍କର ପରମ ଶୂନ୍ୟଟି ସେ । ନ ବଢ଼ଇ ନ ଛୁଟଇ ସର୍ବଦା ଶୂନ୍ୟଟିଏ । ନିରଞ୍ଜନ ଯେ ତହିଂ ଭିତରେ ପିଉଛନ୍ତି । ସ୍ଥିର କରି ଜ୍ଞାନସ୍ତୁ କଲେ ନିରଂଜନ ଯେ ତାହାକୁ ଭେଟି । କାଳ କମଳ ନିରଂଜନ ଏକଇ ଠାବେ ବାସ ।

ଚକ୍ଷୁ ଭିତରେ ପିଉଛନ୍ତି ସ୍ୱୟଂ କରତାଟି ସେ । ନ ବଢ଼ଇ ନ ଛୁଟଇ ସର୍ବଦା ସମଂଷ୍ଟେ ସେ । ନୟନକୁ ମନ ବୋଲି । ନୟନ ଉପରେ ମନ ଚକ୍ର ଅଛି । ତେଣୁ କରି ଶୁଣିଲା କଥାକୁ ମନ ଯାଇନ୍ତି । ଦେଖିଲେ ସେ ଜନ୍ମଂ ଘାଣ । ଶୁଣିଲା କଥାକୁ ଶ୍ରୁତି ନ ଯାଇଂନ୍ତି ।

ଚନ୍ଦ୍ର ସୂର୍ଯ୍ୟ ଯେ ବୋଇଲୁଂ ସେ ଚକ୍ଷୁର ନହଣିଟି ସେ । ନହଣି ସ୍ଥିର କଲେ ତାହାକୁ ଦେବ ଦେଖି ବୋଲି । ଦେବତାଙ୍କର କପଟେ ନିତଳ ହୋଇ ଅଛି । ତେମନ୍ତ ହୋଇଲେ ସିଧଂ ହୁଅଇଂନ୍ତି ।

ପକ୍ଷୀ ଯେ ବୋଇଲୁ ସେ ପବନଟି । ପୁଣ୍ୟଟିଣ ଯେ ବୋଇଲୁ ସେ ଗଗନଟି । ମନ ଲେଖିଟାଇ ଧୁନିରେ ପଶିଲେ ପବନ ପସଇଟି । ସେହିକୁ ପରମ ଶିବ ସମାଧିଂ ବୋଲିଂ । ଆଗ ଯେ ବୋଇଲୁ ସେ ଚକ୍ଷୁଟି । ତାହା ସ୍ଥିର କଲେ ପରତେ ବୋଲି । ଚକ୍ଷୁରେ ଦେଖିଲେ ତେ କଳ୍ପନା ଛାଡ଼ିଲା । ସେ ପ୍ରାଣୀକି ଶୂନ୍ୟ ଦେଖି ବୋଲି । ଚକ୍ଷୁ ଭିତରେ

ପିଙ୍ଗଳାକୁ ଲକ୍ଷ୍ୟ କଲେ ମନ ସ୍ଥିର ହୋଇଂ ପବନ ସ୍ଥିର ହୋଇଂ । ସେହାକୁ ନିରଂଜନ ସମାଧି ବୋଲି । କୁଣ୍ଡଳକୁ ଜାଳ ସର୍ପ ବୋଲିଂ । ସର୍ପ ବୋଲି ପବନକୁହି । ସୁଷୁମ୍ନା ଦ୍ୱାରେ ବାମ ଗୋଲାଟି ଗୁମ୍ଫି ବସିବ । ପବନ ଇଙ୍ଗଳା ପିଙ୍ଗଳାରେ ଖଂଜିଲେ ସେହାକୁ ଉଦ୍‌ଭବ ଉଡ୍ଡିଆଣୀ ବୋଲି । ମନକୁ ମନ ଦେଇ ରଖିଲେ ପବନ ସ୍ଥଳଚର ହୁଅଇଂ । ସେହାକୁ ଶୂନ୍ୟ ପ୍ରାଣ ସମାଧି ବୋଲିଂ । ମନ ଇନ୍ଦ୍ରୀ ମଲେ ସବୁ ମରଇନ୍ତି । ପ୍ରକୃତ ନିରୋଧ ହୁଅଇନ୍ତି । ଅଚଳ ହୋଇଗଲେ ସିଦ୍ଧଂ ହୁଅଇଂନ୍ତି ଜାଳ ଜଞ୍ଜାଳ ସେ ବୋଲିଲୁଂ । ତତ୍ପରର କଥା ଉତ୍ତର ପଦଟିକୁ ଲକ୍ଷ୍ୟ କଲେ ଜାଳ ଜଞ୍ଜାଳ ସେ ବୋଲୁ ଲକ୍ଷ୍ୟ ପଡ଼ୁ ଅଛି । ତତ୍ପର ଲକ୍ଷ୍ୟ ସ୍ଥିର କଲେ ସେ ଦେବତା ସମାନ ହୁଅନ୍ତି । ଅଗ୍ନି ତାପରେ ସମ୍ଭାଇ । ଆପ ଜଳରେ ସମ୍ଭାଇ । ମେଦ ମେଦରେ ସମ୍ଭାଇ । ମଲେ ପ୍ରାଣ ଶୂନ୍ୟରେ ସମ୍ଭାଇ । ପବନ ପବନରେ ସମ୍ଭାଇ । ସେହି ପ୍ରକାର ପଂଚତତ୍ତ୍ୱ ସେ ସେଷ୍ଠା ଠାବକୁ ଯାଆନ୍ତିଂ ।

ସଦଗୁରୁ କହିଲେ ପାଇବା ସ୍ୱରୂପ ଈଶ୍ୱର । ଅଚଳ ସେ ଶୂନ୍ୟନ୍ତି ସେ । ଅଖଣ୍ଡ ନିରାକାର ସେ । ଏ ପୁରୁଷଙ୍କର ରୂପରେଖ ଚିହ୍ନ ନାହିଁନ୍ତି । ତତ୍ତ୍ୱ ନିରଂଜନ ଶୂନ୍ୟ ସେ । ଶୂନ୍ୟ ଯେବେ ନିରାକାର ପୁରୁଷଙ୍କୁ ଦେଖିଲେ । ସେହାକୁ ନିସ୍ପନ୍ଦ ଯୋଗ ସମାଧି ବୋଲନ୍ତି । ସବୁଦି ସେ ସେ ବ୍ରହ୍ମ ଧ୍ୱନିନ୍ତି । ନିଅବାଦ ସେ ସେ ତତ୍ତ୍ୱ ନିରଞ୍ଜନନ୍ତି । ତୁରୀମାକୁ ମନ ତତ୍ତ୍ୱ ନପାଇଂନ୍ତି । ଶ୍ରୁତି ନିମିଷରେ ଚଇତନ୍ୟ ରୂପ ହୁଅଇଂନ୍ତି । ବ୍ରହ୍ମ ଧ୍ୱନି ଶୁଣିଲୁ ନଜା ସେବେ ରଖିଲେ । ସେହାକୁ ଅଲେଖ ନିରଞ୍ଜନ ସମାଧି ବୋଲନ୍ତି ।

ଜୀବ ଅନ୍ତେ ତାହାର ପର ପରମ ଶୂନ୍ୟ ସେ । ସେ ଆକାଶର ମଧ୍ୟଂ ଅଟଇ । ସେ ପରମ ସତ୍ତ୍ୱ ଯତି ଦେଖୁ ଅଛୁଂ । ସେ ପରେ ଜାଗ୍ରତ କଳା ସେଣ ରଖିଲେ ମନ ପବନ ସୁସ୍ଥିତରେ ରହିଲେ ସେହାକୁ ସହଜଧ୍ୟାନ ଉଚିତ ସମାଧି ଯୋଗ ବୋଲି । ତାହାଣ ପ୍ରଭେଦ ସେ ଯାହାକୁ ବୋଲି ସେ ଦକ୍ଷିଣ ପିଙ୍ଗଳା ନାଡ଼ି ଊର୍ଦ୍ଧ୍ୱମୁଖ ହୋଇଲେ । ଆପତତ୍ତ୍ୱ ଝରଇ । ଆକାଶରୁ ଅମୃତ ଝରଇ । ଅମନାଗମନରେ ତତ୍ତ୍ୱ ରହଇ । ସୁଷୁମ୍ନାର ଦୃଷ୍ଟି ନ ଖସଇ । ମନ ହସ୍ତୀଶାଳକୁ ବାହାର କୁହଇ । ନଖସଇ ସେଥିକି ଥାଇ । ସେହାକୁ ସହଜ ସମାଜ ବୋଲି । ଭିଅଂଜା

ସେ ଦୃଷ୍ଟି । ପିଅଂଳା ସେ ନାଭି ପବନକୁ ବୋଲି । ଇଅଂଳା ପିଅଂଳା ମଧ୍ୟରେ ସଂଚରେ ମହାରସ ଗଗନ ମଣ୍ଡଳକୁ ଯାଇ । ଷନ୍ଦୂର ଉପରେ ଇଅଂଳା ରୂପି ରହିଲେ ସେହିକୁ ଅମନାଗମନ ସମାଧି ବୋଲି । ସେଥୁ ମନପବନ ଛନ୍ଦ ଭେଦ ଜାନ୍ତୁ । ଗଗନ ସେ ସେ ଦେଖନ୍ତି । ଅଭ୍ୟନ୍ତର ସେ ସେ ଷଡ଼୍ଦଳ କମଳନ୍ତି । ମନବୁଦ୍ଧି ଯେତେ ଚଇତନ ପ୍ରମହଂସ ଗ୍ୟାନରେ ଚଳିଲେ ସେହିକୁ ପରମ ହଂସ ସମାଧି ବୋଲି ।

ବଗ ସେ ସେ ମନ । ମଞ୍ଚ ସେ ସେ ପବନ । ନାରୁ ସେ ସେ ଛନ୍ଦନ୍ତି । ମନପବନକୁ ଲକ୍ଷ୍ୟ କଲେ ବଗ ମଞ୍ଚ ଅଚଳ ହୁଅଇନ୍ତି । ସେହିକୁ ସହଜ ସମାଧି କହି । ହୃଦସ୍ଥ ଚକ୍ରେ ମନ ହୋଇ ଥିଉ । ନାଭିଚକ୍ରେ ଲାଗଇ ସମୀର । କଣ୍ଠ ଚକ୍ରେ ଲାଗଇ ସୁସ୍ୱାଦ । ଗଗନ ଚକ୍ରେ ସେ ଲାଗଇ ସମାଧି । ଗଗନ ସେ ନେବାଇଲି ଧ୍ୱନି ଅନ୍ତରେ ଗଗନନ୍ତି । ଜୋତି ଉଦେ କଲେ ସେହିକୁ ଗଗନ ସମାଧି କହି । ଅହନିଶି ବରଷଇ ସେ ଦେଖନ୍ତି । ସେ ସେ ନିରଂଜନ ଶୂନ୍ୟନ୍ତି । ଚଇକଣ୍ଡ ଥିଉ କରି ସହଜ ନିଜ ଉଜାଗର କରି ଲକ୍ଷେ କଲେ ସେ ପରମ ଶୂନ୍ୟକୁ ଭେଟଇନ୍ତି । ସେ ସେ ଶୂନ୍ୟ ଗ୍ୟାନନ୍ତି । ଯେତେବେ ଦିଭ ପରମ ପଦ ପାଇନ୍ତି । ସେ ପୁରୁଷକୁ ଦେଖି ଅନୁଭବ କଲେ ସିଧ ହୋଇନ୍ତି । ଅବଶ୍ୟ ଭେଟ ପାଇନ୍ତି । ଗୁରୁବଚନେ ଥିଲେ ଜନ୍ମମରଣ ଭବବନ୍ଧୁ ଖଣ୍ଡଇନ୍ତି । ସେଥୁ ଉପରେ ଅନ୍ୟ ଗ୍ରନ୍ଥ ନାହିଁନ୍ତି । ଗ୍ୟାନ ଗୁରୁ କହିଲେ ଜାଣଇନ୍ତି ସେ । ନାଥଙ୍କର କାୟା ଭଷଣନ୍ତି ସେ । ରଇକ୍ଷା କରନ୍ତୁ ଗୋରେକ୍ଷ ଅବଧୂତ । ଚେତନା ତଙ୍ଗରଙ୍ଗୀ ଗ୍ୟାନ ଗୋରେକ୍ଷ ନାଥ ।”

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶିଶୁବେଦର ଗଦ୍ୟ ବାଖ୍ୟା ଶୈଳୀ ଲୌକିକ ଗଦ୍ୟରଚନା ଶୈଳୀର ଭିତ୍ତି ପକାଇ ଅଛି । ଗୂଢ଼ଜ୍ଞାନ ମୂଳକ ଅପଭ୍ରଂଶ ଭାଷାମିଶ୍ରିତ ପ୍ରାଚୀନ ଓଡ଼ିଆ ପଦ୍ୟକୁ କପରି ସରଳ ସହଜ ଭାବରେ ଜନସାଧାରଣଙ୍କୁ ବୁଝାଇବା ପାଇଁ ଚେଷ୍ଟା କରାଯାଇଛି, ତାହା ଉପରୋକ୍ତ ଗଦ୍ୟାଂଶରେ ପରିଲକ୍ଷିତ ହୋଇଥାଏ । ଏ ବ୍ୟାଖ୍ୟାରେ ପାଣ୍ଡିତ୍ୟ ନାହିଁ; ଅଛି ସହଜ ସରଳ ଶିଶୁସୁଲଭ ଭାବରେ ଭାବର ପ୍ରକାଶ । “ଦେଖ ନିରଂଜନନ୍ତି, ସିଧ ହୋଇନ୍ତି, ଅବଶ୍ୟ ଭେଟ ପାଇନ୍ତି” ପ୍ରଭୃତି ପଦରେ ବୁଝାଇବାର ଢଙ୍ଗ କପରି କୋମଳ ଏବଂ ସରଳ,

ତାହା କହିବା ଅନାବଶ୍ୟକ ଅଟେ । 'ଶିଶୁବେଦ'ର ଗଦ୍ୟ ବ୍ୟାଖ୍ୟା ସ୍ୱଳ୍ପପରିସର ମଧ୍ୟରେ ଆବଦ୍ଧ ହେଲେ ହେଁ ତାହାର ପ୍ରକାଶ ଭଙ୍ଗୀରେ ସ୍ୱାଭାବିକତା ରହିଅଛି । ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ପ୍ରଥମ ସୋପାନ ରୂପେ 'ଶିଶୁବେଦ'ର ଗଦ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ନୂତନ ନିର୍ଦ୍ଦେଶ ଓ ଗୁରୁତ୍ୱପୂର୍ଣ୍ଣ ରଚନା ଅଟେ ।

ଏହି ପଞ୍ଚଦଶ ଶତାବ୍ଦୀର ଅନ୍ୟାନ୍ୟ ଗଦ୍ୟରଚନା ମଧ୍ୟରେ କେତେକ ପ୍ରାଚୀନ ଓଡ଼ିଆ ଓ ହିନ୍ଦୀଭାଷା ମିଶ୍ରିତ ନାଥଧର୍ମସମ୍ବନ୍ଧୀୟ ରଚନା ଓଡ଼ିଶାରୁ ମିଳିଅଛି । ଗ୍ରନ୍ଥଟି କ୍ଷୁଦ୍ର ହେଲେ ହେଁ ତାହାର ଭାଷାରେ ସ୍ଥଳବିଶେଷରେ ପ୍ରାଚୀନତା ଦେଖାଯାଇଥାଏ । ଗ୍ରନ୍ଥର ନାମ ହେଉଛି 'ପଞ୍ଚତନ୍ତ୍ର' * । ସିଦ୍ଧ ସାହିତ୍ୟରେ ନାଥଧର୍ମର ପ୍ରଭାବରେ ଏ ପ୍ରକାର ମିଶ୍ରିତ ଭାଷା ସମ୍ବଳିତ ଗଦ୍ୟ ରଚନା ଓଡ଼ିଶାରେ ମଧ୍ୟ ପ୍ରଚଳିତ ଥିଲା । ଉକ୍ତ 'ପଞ୍ଚତନ୍ତ୍ର' ଗ୍ରନ୍ଥରୁ କେତେକ ଉଦ୍ଧୃତାଂଶ ଆମ୍ଭେ ନିମ୍ନରେ ପ୍ରଦାନ କଲୁଁ ।

"ଅବଧୂତ ତୁମ କାହାସୁଁ ଆୟା
କୌନ ତୁମ ଗୁରୁ ନାମ ବୋଲାୟା
ସିଦ୍ଧ ଯୋଗୀ କାହାକେ ବୋଲିଏ
ଯ.ହାକୁ ମେରୁ ମେଖଳା ବୋଲିଏ ।
ବ୍ରହ୍ମାଣ୍ଡ ରଖିଲା ବୋଲି ।
ତୁମ କେଉନ ଯୋଗୀ
ଗୋରେଖ ଉବାଚ :—

* ପାଂଚ ତତ୍ତ୍ୱ—(ଗୋରେଖ ବାଣୀ ପୃ. ୮) ଓଡ଼ିଆରେ ଏହା ପଞ୍ଚତତ୍ତ୍ୱ । ପଞ୍ଚତତ୍ତ୍ୱ, ପଞ୍ଚମକାର ବା ପାଂଚ ପଦାର୍ଥ ଭାବରେ କଥିତ । ତାନ୍ତ୍ରିକ, ବୌଦ୍ଧ ଓ ନାଥସାହିତ୍ୟରେ ଏହା ଶବ୍ଦବିଶେଷ ଭାବରେ ପ୍ରଚଳିତ । ମଦ୍ୟ, ମତ୍ସ୍ୟ, ମାଂସ, ମୁଦ୍ରା ଓ ମୈଥୁନକୁ ପଞ୍ଚତତ୍ତ୍ୱ ବୁଝାଯାଇଥାଏ । କୌଲଜ୍ଞାନ ନିର୍ଣ୍ଣୟ ଗ୍ରନ୍ଥରେ (୧୧ ପଟଳ) ବିଷ୍ଠା, ଧାରାମୃତ, ଶୁକ୍ର, ରକ୍ତ ଓ ମଜ୍ଜାକୁ ପଞ୍ଚପଦାର୍ଥ ବୁଝାଯାଇଅଛି । ଡଃ ହଜାରୀପ୍ରସାଦ ଦ୍ୱିବେଦୀ 'ନାଥ ସଂପ୍ରଦାୟ' ଗ୍ରନ୍ଥରେ ଶରୀରସ୍ଥିତ ୫ଟି ଦ୍ରବରସ ଯଥା—ଶୁକ୍ର, ଶୋଣିତ, ମେଦ, ମଜ୍ଜା ଓ ମୂତ୍ରକୁ 'ପଂଚାମୃତ' ବୋଲି କହିଛନ୍ତି । ସାଧାରଣତଃ କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମକୁ ପଞ୍ଚତତ୍ତ୍ୱ ନାମରେ ଅଭିହିତ କରାଯାଇଥାଏ ।

ସ୍ୱାମି ହାମ ନିରଂଜନ ଯୋଗୀ
ସବୁ ଗୁରୁଂ ମୁଂ ତା ଚେଲା
× ×
ସ୍ୱାମୀ ପୃଥ୍ୱିକା ଗୁରୁ ବୋଲୟେ ।
ମନ ଦେବତା ବାୟୁରଣା ରୂପୀ ।
ଚନ୍ଦ୍ରଦେବତା ଶୀତଳସ୍ୟ ରୂପୀ ।
ନିରଂଜନ ଦେବତା ଅବ୍ୟକ୍ତ ସ୍ୱରୂପୀ ।
ଈଶ୍ୱର ଦେବତା ନାଦ ସ୍ୱରୂପୀ ।
ପିଣ୍ଡ ପଞ୍ଚ ତତ୍ତ୍ୱ ପଞ୍ଚଶ ପ୍ରକୃତି ଅବ୍ୟକ୍ତ ।
ମହାତତ୍ତ୍ୱ ମଧ୍ୟାନ୍ତ ଉତ୍ପତ୍ତି । ଆକାଶ ଉତ୍ପତ୍ତି ।
ବାୟୁ ବାୟୁ ଉତ୍ପତ୍ତି ।
ତେଜ ତେଜଂ ଉତ୍ପତ୍ତି । ତେଜାତେଜ ଗ୍ରାସନ୍ତି ।
ଆକାଶ ମହାତତ୍ତ୍ୱ ଗ୍ରାସନ୍ତି ।
...ସହଜ ଶୂନ୍ୟ...ଗଣେଶ ଗୋଷ୍ଠୀ ସମାପତ ।
(ଉତ୍କଳ ବିଶ୍ୱବିଦ୍ୟାଳୟ ପାଣ୍ଡୁଲିପି)

ପାଣ୍ଡୁଲିପିର ନାମ 'ପଞ୍ଚତତ୍ତ୍ୱ' ଥିଲେ ହେଁ ତାହାର ଉପସଂହାରରୁ ଜଣାଯାଏ ଯେ ତାହା ଜାଗସ୍ୱ ସ୍ୱଶ୍ରେଣୀ ସଭାର ପାଣ୍ଡୁଲିପି ତାଲିକା ଅନୁସାରେ 'ଗୋରେକ୍ଷ ଗଣେଶ ସମ୍ବାଦ (ଗଦ୍ୟ)" ରଚନା ଅଟେ । ଏହି ଉକ୍ତି-ପ୍ରତ୍ୟୁକ୍ତିରେ ଦୁଇ ପ୍ରଧାନ ଚରିତ୍ର ହେଉଛନ୍ତି ଗୋରେକ୍ଷ ଓ ଗଣେଶ ।

(ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ ପୃ.୧୯୩ ଦ୍ରଷ୍ଟବ୍ୟ)

ଓଡ଼ିଆ ବହୁ ପ୍ରାଚୀନ କାଳରୁ ଭାରତର ଏକ ପ୍ରଧାନ ଧର୍ମକ୍ଷେତ୍ର ଭାବରେ ପରିଚିତ । ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିର ଧାରାରେ ବହୁ ଭାଷା ଓ ସାହିତ୍ୟର ଆଗମନ ଓ ପ୍ରତିଗମନ ଘଟିଛି ଏହି ଦେଶରେ । ବହୁ ଉତ୍ତର-ଭାରତୀୟ ସାଧୁ ସନ୍ଥ ଏହି ଦେଶକୁ ଆସି-ଅଛନ୍ତି ଓ ସେମାନଙ୍କ ସାହିତ୍ୟଧାରାର ସଙ୍କେତ ଏବେ ବି ମଧ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳୁଛି । ଏହି ପ୍ରସଙ୍ଗରେ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ପ୍ରାଚୀନ ଓଡ଼ିଆ ପାଣ୍ଡୁଲିପିମାନଙ୍କରେ ଉତ୍ତର-

ସରଣସ୍ଥ ବହୁ ସନ୍ଥ କବି ଯଥା ନାନକ, କବୀର, ସୁରଦାସ, ବିଦ୍ୟାପତି, ଦାଦୁ ପ୍ରଭୃତିଙ୍କର ରଚନାବଳୀ ପରିଦୃଷ୍ଟ ହୋଇଥାଏ ଓ ଅନ୍ୟ ସ୍ଥାନରେ ବହୁ ବଙ୍ଗୀୟ କବିଙ୍କର ପଦାବଳୀ ମଧ୍ୟ ପ୍ରାଚୀନ ଓଡ଼ିଆ ତାଳପତ୍ର ଲିପିମାନଙ୍କରେ ରହିଛି ।

ଏହି ପ୍ରକାର ହିନ୍ଦୀ-ଓଡ଼ିଆ ମିଶା ବିକୃତ ରଚନାର ସଂଖ୍ୟା ବିଶେଷତଃ ନାଥଧର୍ମସମ୍ବନ୍ଧୀୟ ରଚନାରେ ଦେଖିବାକୁ ମିଳିଥାଏ । ପ୍ରାକ୍ ସାରଳାଯୁଗରେ ଏହିପ୍ରକାର ସାହିତ୍ୟ ଓଡ଼ିଶାରେ ସନ୍ଥସାହିତ୍ୟରେ ପ୍ରଚଳିତ ଥିବାର ଅନୁମାନ କରାଯାଇଥାଏ ।

ଅନ୍ୟ ଏକ ରଚନା **ଗୋରେଖ ବୋଲିରେ :**

'ଗୋରେଖ ମଚ୍ଛନ୍ଦ୍ର' ସମ୍ବାଦ ମାଧ୍ୟମରେ କେତେକ ପ୍ରାଚୀନ ଓଡ଼ିଆ ଗଦ୍ୟର ନମୁନା "ବାରପଳ ରଜ । ନ ପଳ ବିନ୍ଦୁ । ଦଶ ପଳ ରକ୍ତ । ବତିଶ ଦାନ୍ତ । ଏକୋଇଶ ଦିନ ଅନ୍ତରେ । ଷଠି ଆଂଗୁଳ ଜିହ୍ୱା । ଚାଳି ଭେଦ ଆଙ୍ଗୁଳ । ଛ ଆଙ୍ଗୁଳ ଲିଙ୍ଗୋଲ୍ଲି ହି । ଆଠ ଆଂଗୁଳ ଇନ୍ଦ୍ରି । ଅଠର ଆଂଗୁଳ ମୂଳ କୁଣ୍ଡଳି । ଚଉଷଠି ସନ୍ଧିବନ୍ଧ ଆଧାର ମୁଖ ତେହତି ନାଥ । କ୍ଷୀର ସୋମେନ୍ଦ୍ର । ମଧୁ ସୋମେନ୍ଦ୍ର । ଖାର ସୋମେନ୍ଦ୍ର । ନାର ସୋମେନ୍ଦ୍ର । ଘୃତ ସୋମେନ୍ଦ୍ର ଚଉଦ ବ୍ରହ୍ମାଣ୍ଡ । ନବଖଣ୍ଡ ମେଦିନୀ । ଅଷ୍ଟୁଟ କୋଟି ରୋମାବଳି । ଏକସେତ ଏକଟେକ । ଏତେକ ଦେଖ ଶିରେ ଧାରଣ । ଦେଖ ପତ୍ରସତ୍ର ଈଶ୍ୱର କହନ୍ତି । ପୀତାମ୍ବର ଖେତ ଧାନ । ଅଷ୍ଟୁଟ ଭିତରୁ ରହିଲା ରକ୍ତ । ପିତାମାଳ ଦୁଇ ଧାନ । ଛଡ଼ ଧାନରୁ ଜାତପତ ଶରୀର ।"

ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ଆଲୋଚନା ପ୍ରସଙ୍ଗରେ ଆମେ ଅନେକ କ୍ଷୁଦ୍ର ଗଦ୍ୟରଚନା ଦେଖିବାକୁ ପାଇଥାଉଁ । ଜ୍ୟୋତିଷ-ଶାସ୍ତ୍ର, ଶିଳ୍ପଶାସ୍ତ୍ର, ବୈଦ୍ୟଶାସ୍ତ୍ର, ସଂସ୍କୃତ ଗ୍ରନ୍ଥମାନଙ୍କର ଟୀକା ପ୍ରଭୃତିରେ ପ୍ରାଚୀନ ଓଡ଼ିଆ ଗଦ୍ୟରଚନା ପୂର୍ଣ୍ଣ ରହିଛି; କିନ୍ତୁ ସେଗୁଡ଼ିକର ଏ ପର୍ଯ୍ୟନ୍ତ ପ୍ରକାଶ ଓ ଯଥାଯଥ ଆଲୋଚନା ହୋଇ ନାହିଁ । ସେହିପରି ଅନେକ ସେବାପୂଜା, ଓଷାବ୍ରତର କଥାରେ ମଧ୍ୟ ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ନମୁନା ଦେଖିବାକୁ ମିଳେ । ଭାଷା ଓ ଧର୍ମତତ୍ତ୍ୱ ଦୃଷ୍ଟିରୁ ବ୍ରତ ଓଷାଗୁଡ଼ିକର ସମୟ ନିରୂପଣ କରାଯାଇପାରେ; କିନ୍ତୁ ସେସବୁର ସମସ୍ତ

ନିର୍ଦ୍ଧାରଣ ଏ ପର୍ଯ୍ୟନ୍ତ ହୋଇ ନାହିଁ । ବ୍ରତକଥା ମଧ୍ୟରେ ଶିବ ଉପାସନା ବା ଶୈବଧର୍ମ ସମ୍ବନ୍ଧୀୟ ସୋମନାଥ ବ୍ରତ କଥାକୁ ସାରଳା ପୂର୍ବବର୍ତ୍ତୀ ଓଡ଼ିଆ ଗଦ୍ୟରଚନା ବୋଲି ସ୍ୱର୍ଗୀୟ ଆର୍ତ୍ତବଲ୍ଲଭ ମହାନ୍ତି 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ'ରେ ନିର୍ଦ୍ଧାରଣ କରିଅଛନ୍ତି ଓ ତାହାର ସମୟ କହିଛନ୍ତି ଯେ ତା ଖ୍ରୀ. ପଞ୍ଚଦଶ ବା ଖ୍ରୀ. ଷୋଡ଼ଶ ଶତାବ୍ଦୀ । ଶୈବଧର୍ମ ଓଡ଼ିଶାର ଧର୍ମର ଇତିହାସରେ ଏକ ବିଶିଷ୍ଟ ପ୍ରାଚୀନ ଧର୍ମ । ଶୈବ ଓ ଶାକ୍ତ ସାହିତ୍ୟ ପ୍ରାକ୍‌ସାରଳା ସାହିତ୍ୟର ଅନ୍ତର୍ଭୁକ୍ତ — ଏହି ଦୃଷ୍ଟିରୁ ବ୍ରତକଥାଗୁଡ଼ିକ ମଧ୍ୟରୁ 'ସୋମନାଥ ବ୍ରତ କଥା' ଖ୍ରୀ. ପଞ୍ଚଦଶ ଶତାବ୍ଦୀର ରଚନା ହେବା ସ୍ୱାଭାବିକ । ସୋମନାଥ ବ୍ରତ କଥାରେ ଗଦ୍ୟ ସରଳ, ସହଜ ଓ ବହୁଳ ଶବ୍ଦରେ ପ୍ରାଚୀନତା ପୂର୍ଣ୍ଣ ରହିଛି । ବାକ୍ୟଗୁଡ଼ିକ ମଧ୍ୟ ସରଳ ଓ କ୍ଷୁଦ୍ର ଅଟେ । ଓଡ଼ିଆ ଗଦ୍ୟ ସାହିତ୍ୟର ଇତିହାସରେ 'ସୋମନାଥ ବ୍ରତ କଥା'ର ସ୍ଥାନ 'ଭାଷାତତ୍ତ୍ୱ ଓ ଧର୍ମତତ୍ତ୍ୱ ଦୃଷ୍ଟିରୁ ଯେ ସର୍ବୋଚ୍ଚ ଭାବରେ, ଏଥିରେ ସନ୍ଦେହର ଅବକାଶ ନାହିଁ । ସୋମନାଥ ବ୍ରତ କଥାରୁ କିମ୍ବଦଂଶରେ କେତେକ ଉଦ୍ଧୃତି ଦିଆଗଲା ।

"ପରମେଶ୍ୱର କହନ୍ତି, ଦେବୀ ଶୁଣନ୍ତି । ଶୁଣ ଦେବୀ ସାବନ୍ତ ମାଳବ ବୋଲି ଦେଶ. ତହିଁ ପାଟଳ ବୋଲି ନଗ୍ର, ତହିଁ ସାରବଜମାଜିତ ବୋଲି ରଜା । ସେ ରଜା ମହା ପ୍ରତାପୀ । ସେ କଟକର ଅନେକ ମହିମା । ଘରେ ଘରେ ସୁବର୍ଣ୍ଣ କଳସ ବସାନ୍ତି । ଧବଳମନ୍ଦିରପୁର, ଅତି ସୁନ୍ଦର । ସୁବର୍ଣ୍ଣ କଳସ ଉପରେ ନେତ ପତାକା ଉଡ଼ାନ୍ତି । ବଜାର ହାଟ ବସାନ୍ତି । ମେଡ଼, ମଣ୍ଡପ, ଅଟାଳି, ଦେଉଳ, ଜଗଘର, କୂପ, ପୁଷ୍କରିଣୀ ଅଧିକରୁ ଲୋକେ ବସାନ୍ତି । ହସ୍ତୀଙ୍କର ଘଣ୍ଟାରବ, ଘୋଡ଼ାଙ୍କର ହିଁହିଁର ରବ, ପାଦାନ୍ତିଙ୍କର ମୁଖରବ । ଚତୁରଙ୍ଗ ବଳ । ନବକୋଟି ଭଣ୍ଡାର । ଅନେକ ରଜାମାନେ ସେ ରଜାକୁ ଖଟନ୍ତି । ଏମନ୍ତ ସମୟେ ପ୍ରବେଶ, କାପୁଡ଼ିମାନେ ସୋମନାଥ ଦେବଙ୍କୁ ଦେଖି ଆଇଲେ । ସେ ଦିନ ସୋମନାଥ ଦେବଙ୍କ ବ୍ରତ । ସେ କାପୁଡ଼ିମାନେ ସୋମନାଥ ଦେବଙ୍କୁ ଦେଖି ବାହୁଡ଼ି ଆଇଲେ । ତାଙ୍କ ପାଟଳ ନଗ୍ରେ ପ୍ରବେଶ ହେଲେ । ସାର ବଜମାଜିତ ରଜା ସିଂହଦ୍ୱାରେ ପ୍ରବେଶ ହେଲେ । ଦ୍ୱାରପାଳମାନଙ୍କୁ ବୋଇଲେ ତୁମ୍ଭେ ଯାଇଁ ରଜାଙ୍କୁ ଜଣାଅ । ବୋଲ ସୋମନାଥ ଦେବଙ୍କର ସାତିଏ କାପୁଡ଼ି ଆସିଅଛନ୍ତି । ସିଂହଦ୍ୱାରେ ଆସି ରହିଅଛନ୍ତି ।

ଦ୍ୱାରପାଳ ଯାଇଂ ଜଣାଇଲା ରାଜାଙ୍କୁ । ହେ ଦେବ ! ଶିବବ୍ରତୀ ଷାଠିଏ କାପୁଡ଼ି ସିଂହଦ୍ୱାରେ ରହି ଅଛନ୍ତି । ରାଜା ଶୁଣି ବୋଇଲେ ଭିତରକୁ ଆସନ୍ତୁ । ଦ୍ୱାରପାଳ ଯାଇଂ କହିଲା—ଆହେ କାପୁଡ଼ିମାନେ ରାଜାଙ୍କର ଆଜ୍ଞାଂ ହୋଇଲା ତୁମ୍ଭେ ଭିତରକୁ ଯିବ । ଷାଠିଏ କାପୁଡ଼ି ଭିତରେ ପ୍ରବେଶ ହେଲେ । ରାଜା କାପୁଡ଼ିଙ୍କି ଦେଖି ବଡ଼ ସନ୍ତୋଷ ହୋଇଲା । ସମସ୍ତ କାପୁଡ଼ିଙ୍କି ଆସନ ଦେଲେ । କାପୁଡ଼ିମାନେ ବୋଇଲେ ଆମ୍ଭେ ଭୋକା ହୋଇଅଛୁଂ । ଆମ୍ଭଙ୍କୁ ଭିକ୍ଷା ଦେବ । ରାଜା ବୋଇଲେ କ୍ଷଣେ ବିଶ୍ରାମ କର । ରାଜା ମହା ସୁଆରଙ୍କୁ ରାଇ ଆଜ୍ଞାଂ ଦେଲେ ବେଗେଁ ପାକ ସିଦ୍ଧ କର । ମହାସୁଆର ପାକ କଲେ । କାପୁଡ଼ିମାନେ ସ୍ନାହାନ କରିଗଲେ । ବେଢ଼ଣ ପୋଖାରି ହେଲେ । କାପୁଡ଼ିମାନେ ଭୁଞ୍ଜି ବସିଲେ । ସମସ୍ତେ ମିଷ୍ଟାନ୍ନ ଭୋଜନ କଲେକ । ଦଧି ଗୁଡ଼ ମାଲର କଦଳୀ ଛେନୁଆ ଲଡ଼ୁ ଖଣ୍ଡ ସମେତେ ପଞ୍ଚାମୃତ ଭୋଜନ କଲେକ । କାପୁଡ଼ିମାନେ ଭୋଜନ ସାରି ଆଚମନ କଲେ । କାପୁଡ଼ିମାନଙ୍କୁ କର୍ପୂର ତାମ୍ବୁଳ ଦେଲେ । କାପୁଡ଼ିମାନେ ବୋଇଲେ ଆମ୍ଭେ ତାମ୍ବୁଳ ନ ଭୁଞ୍ଜୁ, କଷାଫଳ ଖାଉଛୁଂ । ତାହା ଶୁଣି ରାଜା ବଡ଼ ସନ୍ତୋଷ ହେଲେ । କାପୁଡ଼ିମାନେ ବହୁରି ବୋଇଲେ ହେ ରାଜନ ବହୁତ ଗଉରବ କଲୁ, ଆମ୍ଭେ ତୁମ୍ଭଙ୍କୁ ବ୍ରତେକ ଦେବୁଂ । ଏଥାରୁ ତୁମ୍ଭଙ୍କୁ ଆପୁତ୍ର, ସତିଶ୍ରୀ ହୋଇବ । ରାଜା ବୋଇଲେ ସୋମନାଥ ବ୍ରତ କେମନ୍ତେ କରି କରିବା । କାପୁଡ଼ିମାନେ ସୋମନାଥ ବ୍ରତ କହିବାକ । ଶୁଣ ହେ ନୃପତି ଲିପ୍ତିବ ମାଘ ଶୁକ୍ଳପକ୍ଷ ଷଷ୍ଠୀ ଦିନରେ ବ୍ରତ ଘେନମାକ । ଘର ତଳ ଲିପନ କରିବାକ । ପୀଢ଼ା ଉପରେ ପାଟେସ୍ତ ଗୋଟିଏ ରଖିବାକ । ତହିଁ ଉପରେ ସ୍ଫଟିକର ଲିଙ୍ଗ ଗୋଟିଏ ସ୍ଥାପିବାକ । ଲିଙ୍ଗରେ ଅକ୍ଷତ ଦେବ । ପ୍ରଭାତେ କୁଷ୍ମାଣ୍ଡଫୁଲ ଖୁକୁଣ୍ଡିଫୁଲ ଦେଇ ପୂଜା କରିବ । ଦଶଗୋଟି ତଣ୍ଡୁଳ ଦଶଗାଡ଼ ଦୁବ ଦେଇ ପୂଜା କରିବ ।”

ଏହି ଗଦ୍ୟରେ ଆର ବସ୍ତୁପାଦିତ, ପାହାନ୍ତି, ପ୍ରବେଶ ହେଲେ, କାପୁଡ଼ି, ସ୍ନାହାନ, କଲେକ, କେମନ୍ତ କରି କରିବା, କରିବାକ, ପାଟେସ୍ତ ଓ ସ୍ଥାପିବାକ ପ୍ରଭୃତି ଶବ୍ଦ ଉକ୍ତ ଗଦ୍ୟରଚନାର ପ୍ରାଚୀନତା ପ୍ରତିପାଦନ କରିଥାଏ ।

ଅନ୍ୟାନ୍ୟ ଗଦ୍ୟରଚନା ମଧ୍ୟରେ **'କାକ ଚରିତ୍ର' ଓ 'ପୁରୁଷୋତ୍ତମ ଦେବାଳୟ କାର୍ଯ୍ୟବିଧି'**ର ଗଦ୍ୟରଚନାକୁ ଖ୍ରୀ. ପଞ୍ଚଦଶ ଶତାବ୍ଦୀର ଗଦ୍ୟରଚନା ବୋଲି ଗ୍ରହଣ କରାଯାଇପାରେ ।

କାକ ଚରିତ୍ର—"ଈଶ୍ୱର କହୁଛନ୍ତି ପାର୍ବତୀଙ୍କ ଆଗେ । ଶୁଣ ଗୋ ପାର୍ବତି ଈଶ୍ୱରଙ୍କ ଆଜ୍ଞାଂ । କାକ ଚରିତ୍ର । କାକ ଯେ ଅମର ବର ପାଇଅଛି । ଆଗତ କଥା ଗୋ ପାର୍ବତୀ ଜାଣନ୍ତି । ଈଶ୍ୱରଙ୍କ ଆଜ୍ଞାଂ ପ୍ରମାଣେ ପାର୍ବତୀ ପଚାରୁଛନ୍ତି । ହେ ସ୍ୱାମି ମୋତେ କାକ ପ୍ରଶ୍ନ କୁହ । ତୁମ୍ଭ ମୁଖଂ ଶୁଭାଶୁଭ ଜାଣିବା । ଈଶ୍ୱର କହୁଅଛନ୍ତି ଏବେ ପ୍ରଥମେ ପୂର୍ବ ମୁଖେ ରେବନ୍ତେ କାକ କୁଶଳ ବାର୍ତ୍ତା କୁହନ୍ତି । ଦକ୍ଷିଣ ମୁଖେ ରେବନ୍ତେ କାକ ପ୍ରିୟ ବାର୍ତ୍ତା କହନ୍ତି । ଅଗ୍ନି କୋଣ ମୁଖେ ରେବନ୍ତେ କଳହ ବାର୍ତ୍ତା କହନ୍ତି । ନୈର୍ଋତ କୋଣ ମୁଖେ ରେବନ୍ତେ କାକ ଗୁରୁ ଦର୍ଶନ ବାର୍ତ୍ତା କହନ୍ତି । ବାୟୁବ୍ୟ କୋଣ ମୁଖେ ରେବନ୍ତେ ଶତ୍ରୁ ଭୟ ବାର୍ତ୍ତା କହଇ । ଈଶାନ୍ୟ କୋଣ ମୁଖେ ରେବନ୍ତେ ରାଜ ଦର୍ଶନ ବାର୍ତ୍ତା କହନ୍ତି ।"

× × ×

ଏବେ ଦେଉଳ ତୋଳାଇବା । କାକ ପିଣ୍ଡ ଦେବା । ପ୍ରଥମେ ରୂପା ବୋଲି ଦେବା । ଦ୍ୱିତୀୟେ ପିତଳ ବୋଲି ଦେବା । ତୃତୀୟେ ତମ୍ବା ବୋଲି ଦେବା । ରୂପା ପିଣ୍ଡ ଯେବେ ଆଗେ ତୋଳଇ ତେବେ ଦେଉଳ ହୋଇବ । ପିତଳ ପିଣ୍ଡ ଯେବେ ଆଗେ ତୋଳଇ ତେବେ ଜାଣିମ ଦେଉଳ ଉଠିବ । ତମ୍ବା ପିଣ୍ଡ ଯେବେ ଆଗେ ତୋଳଇ ତେବେ ଜାଣିମ ସେ ଦେଉଳ ଭାଗିବ । (ପାଣ୍ଡୁଲିପି ପୃ: ୫୭)

## ପୁରୁଷୋତ୍ତମ ଦେଉଳ ମାହାତ୍ମ୍ୟ—ଦେଉଳ କାର୍ଯ୍ୟବିଧି

"ପବଂଶ କୋଣରୁ ଉତ୍ତରେ ଏକ ନାଭିମଣ୍ଡଳରେ ଶ୍ରୀ ନୀଳକନ୍ଦରେ ପର୍ବତରେ ନୀଳମଣି ରତ୍ନରେ ଘଟିତ ଚତୁର୍ଭୁଜରେ ଶଙ୍ଖ ଚକ୍ର ଗଦା ପଦ୍ମ ଧରି ନାନା ରତ୍ନମାନରେ ଖଚିତ ମୁକୁଟ ହାର କେୟୂର ନାନା ଅଳଂକାର ଭୂଷଣ ଲକ୍ଷ୍ମୀ ବାମ ପାର୍ଶ୍ୱରେ ସ୍ଥିତି ଯେ ପଲ୍ଲଙ୍କ ବଚନ ହରି ସ୍ୱୟଂ ବର୍ତ୍ତୁଳ ଶ୍ରୀ ଶ୍ରୀ ନୀଳମାଧବ ମୂର୍ତ୍ତି ଅବତାର । ସ୍ୱୟଂ ଅବତାରରେ ସ୍ୱର୍ଗରୁ ଦେବତାମାନେ ଆସି ଅମୃତମୟ ଦେବ ଭୋଜ୍ୟ ପଦାର୍ଥ ମାନନ୍ତ ଆଣି ନୃତ୍ୟଗୀତ ନାନା ଚତୁର୍ବିଧ ବାଦ୍ୟମାନନ୍ତ ବଜାଇ ଉପସ୍ଥିତ

ମାନଙ୍କରେ କରି ପୂଜାକରି ଦେବତାମାନେ ସ୍ୱର୍ଗକୁ ଯାନ୍ତି । ଏ ଭିତରେ ସେମାନେ ଯେତେ ନକ୍ଷତ୍ରରେ ମଧ୍ୟରୁ ଦଶଦ୍ୱାର ବୈକୁଣ୍ଠ ଅବସ୍ଥାବସ୍ତୁ ସକଳ ଆସି ପ୍ରାତଃକାଳରୁ ଜଗି ସେବକ ଗଣରେ ସେବା କରି ଯାଇଅଛନ୍ତି । ସେହି ପ୍ରକାରେ ପ୍ରଥମ ପର୍ବ ଭୋଗ କଲି । × × ସେହିଠାରୁ ଭୋଗ ବୋଲି ଖିରି ପିଠା ଗୋଟିକା ଘଣା ସହି ତାହାର ପ୍ରତ୍ୟେକ ଯେପରି ବାସ ଯାଇଁ ଏମାନ ମନୋହର ହୋଇଲେ ଏହାକୁ ସାଂଗିର ବୋଲି । ଏହିକ ଧୂପରେ ଭୋଗ ପ୍ରଥମରେ ପର୍ବତ ଆକାର ହୋଇ ବଡ଼ାହୋଇବ । ଏଥିରୁ ବେବସ୍ଥା ପ୍ରଥମରେ ଧୋବ ଲୁଗା ପାହାଡ଼ ଭୂମିଠା ହୋଇ ପଡ଼ିବ ଏ ଉପରେ ସୁବର୍ଣ୍ଣ ଥାଳିମାନ ଖଞ୍ଜି ଉପରେ ପର୍ବତ ସବୁ ହୋଇ ପିଅ ପଡ଼ିବ । ସେହି ପର୍ବତକୁ ବଡ଼ ଗୋଟା ଖଣ୍ଡମାନ ତଳା ଏଣ୍ଡୁରି ନାଡ଼ୁ ଖୁଦ୍ଦ ଏମାନ ବୃକ୍ଷମାନଙ୍କର ଗଛ ହୋଇବ । ଖଜା ପିଠା ଗୋଟା କଦଳୀ ଭଜା ଖଣ୍ଡ ଆସି ଏମାନ ଗଛର ଫୁଲ କଢ଼ି ହୋଇବ । ହର ସାମୁଡ଼ି ଚୋଟିକା କଦମ୍ବ ଫୁଲ ନମିତ୍ୟେ ରସବୋଳ ଏମାନ ଫୁଲ ହୋଇବ । ହଂସକେଳି ଧର୍ମ ଶରଣ ବଡ଼ ତାଳନ ଛେନା ଲଡ଼ୁ । ମନୋହର ଲଡ଼ୁ ବଡ଼ା । ଖଇରେ ଚୁର ଚଢ଼ଳ ନଡ଼ା ଛେନା ମଣ୍ଡା ପତ୍ରପିଠା ପୋଡ଼ପିଠା ସର୍ପଡ଼ ପାନେଲ କଦଳୀ ଏମାନସବୁ ଫଳ ହୋଇବ । ନାନା ପ୍ରକାରେ ଖଣ୍ଡଗମାନେ ଝିଲିଝିଲିସା ଅମୃତ ଦୁଧ ଅଧାନ ଦହି ସର-ବଦ୍ଧକଦୁଧ ଦୁଧଖିରି ଦୁଧ ଦେଶୀ ଦୁଧ ଏମାନସବୁ ମଧୁର ରସ ହୋଇବ । ନାନାପ୍ରକାର ସଣା ସଜ୍ଜା ବାସ ଯାଇଁ ଏମାନ ସବୁ ପର୍ବତ କନ୍ଦର ନାଳ ହୋଇବ ।' (Orissa State Museum Mss. ORP—18)

ଅତି ସରଳ ଓ ଲୌକିକ ଭାଷାରେ ଏହି ଗଦ୍ୟରଚନାଶୈଳୀ ପ୍ରକାଶ ଲାଭ କଲେ ହେଁ ତହିଁରେ ଜଗନ୍ନାଥଙ୍କର ଭୋଗକୁ କପଳ ପର୍ବତ ବୃକ୍ଷ, ଫୁଲ, ଫଳ ଓ ନର୍ଝରଣୀ ସହିତ ତୁଳନା କରାଯାଇ ସୁନ୍ଦର ରୂପକ ଅଳଂକାରରେ ସଜ୍ଜିତ କରାଯାଇଅଛି, ଯାହା ଏକ ସମୃଦ୍ଧିବନ୍ତ ପ୍ରାଚୀନ ଗଦ୍ୟସାହିତ୍ୟର ନିଦର୍ଶନ ଦେଇଥାଏ ।

ପ୍ରାୟ ଅଧିକାଂଶ ସାହିତ୍ୟ ଇତିହାସ ଲେଖକ 'ମାଦଳାପାଞ୍ଜି'କୁ ଓଡ଼ିଆସାହିତ୍ୟର ପ୍ରାଚୀନତମ ଗଦ୍ୟରଚନା ବୋଲି କହନ୍ତି । 'ମାଦଳାପାଞ୍ଜି' ଓଡ଼ିଆ ସାହିତ୍ୟ ତଥା ଇତିହାସରେ ଏକ ବଡ଼ ସମସ୍ୟା

ସୃଷ୍ଟି କରନ୍ତି । ଐତିହାସିକ ଦୃଷ୍ଟିକୋଣରୁ ତାହା ଖ୍ରୀ. ଷୋଡ଼ଶ ଶତାବ୍ଦୀର ରଚନା ବୋଲି ସିଦ୍ଧାନ୍ତ କରାଯାଇଥିବା ହେତୁ ଉକ୍ତ ବିଷୟ 'ପ୍ରାକ୍ ସାରଳା ସାହିତ୍ୟ' ଆଲୋଚନାର ଅନ୍ତର୍ଭୁକ୍ତ ନ କରି ପରବର୍ତ୍ତୀ ଖଣ୍ଡରେ ଆଲୋଚନା କରିବାର ବାସନା ରହିଲା ।

## ରୁଦ୍ରସୁଧାନିଧି

**ସମସ୍ୟା ନିରୂପଣ :**

ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ ସ୍ୱର୍ଗତ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ହୋଇ ତହିଁରେ ପ୍ରାଚୀନ ଓଡ଼ିଆ ଗଦ୍ୟରଚନା ରୁଦ୍ରସୁଧାନିଧିର କେତେକାଂଶ ପ୍ରକାଶଲାଭ କରିଥିଲା । ସ୍ୱର୍ଗତ ମହାନ୍ତି ଏହାର କାଳ ନିରୂପଣ କରିବାକୁ ଯାଇ କହିଅଛନ୍ତି ଯେ ବର୍ଣ୍ଣିତ ବୃତ୍ତ ପ୍ରଚଳିତ ହେବା ସମୟକୁ ଯଦି ଏହାର ରଚନା ସମୟ ଧରାଯାଏ, ତେବେ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଖ୍ରୀ. ତ୍ରୟୋଦଶ ବା ଚତୁର୍ଦ୍ଦଶ ଶତାବ୍ଦୀର କବି ହୋଇପାରନ୍ତି; କିନ୍ତୁ ପରିଶେଷରେ ସେ କହିଛନ୍ତି ଯେ ତାହାର ଭାଷା, ଭାଷାର ଗଠନ ପ୍ରଣାଳୀ, ପ୍ରଭୃତିରୁ ପ୍ରକୃତ ଠିକ୍ ଭାବରେ ବିଚାର କରି ନ ପାରି ତାହାକୁ ସପ୍ତଦଶ ଶତାବ୍ଦୀ ପୂର୍ବର ରଚନା ବୋଲି ଠିକ୍ କଲି (୧) ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ର ପ୍ରଥମ ଭାଗରେ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ସମ୍ବନ୍ଧରେ ମଧ୍ୟ ସେପରି କିଛି ଆଲୋଚନା କରିନାହାନ୍ତି । ରୁଦ୍ରସୁଧାନିଧି ସମ୍ବନ୍ଧରେ ସେ ଏକ ସଂକ୍ଷିପ୍ତ ଟିପ୍ପଣୀ ଦେଇ କହିଅଛନ୍ତି:—

"ରୁଦ୍ରସୁଧାନିଧି" ରଚୟିତା ନାରାୟଣାନନ୍ଦ ଅବଧୂତ ସ୍ୱାମୀ ସାରଳା ଦାସଙ୍କ ପୂର୍ବର ଲେଖକ । ସେ ଏକାମ୍ର କାନନର (ଭୁବନେଶ୍ୱର) ଜଣେ ପ୍ରସିଦ୍ଧ ଯୋଗୀ । ସେ ତପସ୍ୟା ବଳରେ ହରପାର୍ବତୀଙ୍କୁ ସନ୍ତୁଷ୍ଟ କରି ବର ପାଇଥିଲେ । ବେଦଶାସ୍ତ୍ର, ଜ୍ୟୋତିଷ ବିଦ୍ୟା, ଭୂତତ୍ତ୍ୱ ବିଦ୍ୟା ପ୍ରଭୃତିରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସ୍ୱରବିଦ୍ୟାରେ ମଧ୍ୟ ସେ ପାରଙ୍ଗମ ଥିଲେ । 'ରୁଦ୍ରସୁଧାନିଧି' ତାଙ୍କର ଯୌବନାବସ୍ଥାର ଲେଖା (୨) ।

---

(୧) ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ (ପ୍ରାଚୀ ସମ୍ପାଦିତ) ମୁଖବନ୍ଧ ପୃ. ୯

(୨) ଓଡ଼ିଆ ସାହିତ୍ୟର ଇତିହାସ ୧ମ ଭାଗ-ପୃ, ୨୬ (ଗ୍ରନ୍ଥମନ୍ଦିର)

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବ୍ରହ୍ମସୁଧାନିଧି ଭଳି ସାହିତ୍ୟିକ ଗଦ୍ୟଗ୍ରନ୍ଥ ଦୁର୍ଲଭ । ଏହି ଗ୍ରନ୍ଥର ରଚନାଶୈଳୀ ମୈଥିଳୀକବି ବିଦ୍ୟାପତିଙ୍କର ଗଦ୍ୟକାବ୍ୟ କୀର୍ତ୍ତିଲତା ସହିତ ତୁଳନା କରାଯାଇପାରେ । କେତେକ ଅଲୋଚକ ବ୍ରହ୍ମସୁଧାନିଧିର ପଦ୍ୟାତ୍ମକ ରଚନା ଶୈଳୀକୁ ଦାକ୍ଷି-ଣାତ୍ୟ ବୋଲି ଅନୁମାନ କରନ୍ତି; କିନ୍ତୁ ତାହା ଭ୍ରମାତ୍ମକ ବୋଲି ମନେ-ହୋଇଥାଏ । ଗଦ୍ୟରେ ପଦ୍ୟାତ୍ମକ ରଚନା ଶୈଳୀ ବହୁପୂର୍ବରୁ ପ୍ରାଚୀନ ସଂସ୍କୃତ ସାହିତ୍ୟରେ ରହିଛି ଓ ତାହାର ଉଦାହରଣ ବାଣଭଟ୍ଟଙ୍କର କାଦମ୍ବରୀ ଓ ଦଣ୍ଡୀଙ୍କର ଦଶକୁମାର ଚରିତ । ବ୍ରହ୍ମସୁଧାନିଧିର କବି ଅବଧୂତସ୍ୱାମୀ ଭାବରେ ଜଣେ କେବଳ ପ୍ରସିଦ୍ଧ ଯୋଗୀ ବା ସାଧକ ନ ଥିଲେ; ସେ ଅସାମାନ୍ୟ ସଂସ୍କୃତ ପଣ୍ଡିତ ଥିଲେ ଓ ବହୁ ଶାସ୍ତ୍ରରେ ତାଙ୍କର ପ୍ରବେଶ ଥିଲା । ସେ ନିଜେ କାବ୍ୟର ଆରମ୍ଭରେ ଲେଖିଅଛନ୍ତି :—

"ଶ୍ରୀ ହରିହରାଭ୍ୟାଂ ନମଃ । ଶ୍ରୀ ଏକାମ୍ରକାନନ ଆଶ୍ରିତ । ଶ୍ରୀ ଭୁବନେଶ୍ୱର ଦେବଙ୍କର ବରପୁତ୍ର । ନିର୍ଦ୍ଦୋଷ ବାକ୍ ବିଚକ୍ଷଣ । ଆଗମ ଜନ୍ମ । ପୁଂସାବତାର ସାରଦା । ସମସ୍ତ ପଣ୍ଡିତଙ୍କୁ ଉପମ କେଶରୀ । ଶୁଦ୍ଧ ଧୀରେ ମନ୍ତ୍ର ଗର୍ବିତ । ପଣ୍ଡିତଜନ ସମୂହଙ୍କୁ ଜନ୍ମାନ୍ତ ସୂର୍ଯ୍ୟ । ସୁଧା ରତ୍ନାକର । ନବକୃତି ବର୍ଣ୍ଣିତ ପଞ୍ଚମ ବେଦ । ଷଟ୍‌ଶାସ୍ତ୍ର । ନବଧା ବ୍ୟାକରଣ । ଅଷ୍ଟାଦଶ ପଦ୍ୟ । ଗୀତା ପୁରାଣ । ନବନାଟକ । ସ୍ତମ୍ଭନ ମୋହନବଶଉଚ୍ଚାଟନ । ଗୋଟିକ ଅଞ୍ଜନ.....ରସରସାୟନ । ଜଳୂକ କୁହୁକ ମଣିମନ୍ତ୍ର ମହୌଷଧ । ଇତ୍ୟାଦି ବିଦ୍ୟାପଟଳ । ମାଣିକ୍ୟ କେଶରୀ । ବ୍ରହ୍ମସୁଧାନିଧିଙ୍କ ନବରତ୍ନ ଜଡ଼ିତ ମଣି । ନାରାୟଣାନନ୍ଦ ଅବଧୂତର ବାଗଡମ୍ବର । ଶିବ ଶିବ ନମଃ ଶିବାୟ ।" (୧)

---

(୧) ଉତ୍କଳ ଇଉନିଭର୍ସିଟି ପାଣ୍ଡୁଲିପି ପୃ. ୧ ।

"ଶ୍ରୀ ଏକାମ୍ର ବନ ଆଶ୍ରିତ । ଶ୍ରୀ ଭୁବନାଥ ଦେବଦେବଙ୍କର ବରପୁତ୍ର । ନିର୍ଦ୍ଦୋଷ । ବାକ୍ ବିଚକ୍ଷଣ । ପୁଂସାବତାର । ସାରଦା ବିଶାରଦ । ଶୁଦ୍ଧ ପଣ୍ଡିତ । ସମସ୍ତ ପଣ୍ଡିତଙ୍କୁ ଉତ୍ତମ ପୂଜ୍ୟ । ଯୋଗୀ ରତ୍ନାକର । ନବକୃତ ବର୍ଣ୍ଣିତ ପଞ୍ଚମ ବେଦ । ଷଟ୍ ଶାସ୍ତ୍ର, ନ ବ୍ୟାକରଣ, ଅଷ୍ଟାଦଶ ପୁରାଣ, ଗୀତା, ଛତିଶି ସୂତ୍ର, ନବ ନାଟକ, ସ୍ତମ୍ଭନ, ମୋହନ, ବଶ, ଉଚ୍ଚାଟନ, ଗୋଟିକା, ଅଞ୍ଜନ, ପାଦୁକ, ଜଳୂକ, କୁହୁକ ଇତ୍ୟାଦି କରି ବିଦ୍ୟା ପଟଳ । ତପତ କନକ କର୍ଣ୍ଣିକା । ସେବକସୁତ ନାରାୟଣାନନ୍ଦ ଅବଧୂତର ବାକ୍ୟବାଣୀ"—ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ (ପ୍ରାଚୀ) ପୃ. ୬୬ । ଉକ୍ତ ପାଣ୍ଡୁଲିପିରେ କେତେକ ଅଂଶ ଅସ୍ପଷ୍ଟ ହୋଇଥାଏ ।

ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ କବିଙ୍କର ଜ୍ଞାନ ପ୍ରାଚୀନ ସଂସ୍କୃତ ସାହିତ୍ୟର ବିଶାଳ ପରିସରକୁ ଆଲିଙ୍ଗନ କରିଥିଲା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସେ ସଂସ୍କୃତ ସାହିତ୍ୟର ପରମ୍ପରାର ସୃଷ୍ଟିକରି ବସିଲେ । ରୁଦ୍ରସୁଧାନିଧିର ଗଦ୍ୟରଚନା ସହିତ ସମ୍ପୃକ୍ତ ଶିଶୁବେଦର ଗଦ୍ୟବ୍ୟାଖ୍ୟା ବା ପରବର୍ତ୍ତୀ ସାରଳା ମହାଭାରତ ଓ ଚଣ୍ଡୀପୁରାଣ ଗଦ୍ୟକୁ ତୁଳନା କଲେ ବହୁ ପ୍ରଭେଦ ଦେଖାଯାଏ ।

ରୁଦ୍ରସୁଧାନିଧି ରଚନା ସମୟ ନିମିତ୍ତ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି ବା ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ କୌଣସି ପ୍ରକାର ପ୍ରମାଣ ଦେଇନାହାନ୍ତି । ରୁଦ୍ରସୁଧାନିଧି ଗ୍ରନ୍ଥର ପାଠରେ ଆମେ ଶିବଙ୍କର ସ୍ତୁତି ପ୍ରସଙ୍ଗରେ 'ଶିଶୁବେଦ'ର ଉଲ୍ଲେଖ ପାଉଁ । ଯଥା :—

"ସପ୍ତଲୋକ ଧାରକ । ସପ୍ତଶୈଳ ନିବାସ । ସପ୍ତସ୍ୱର ଭେଦକ । ସର୍ବ ବର୍ଜିତ । ସର୍ବମୟ । ସଂସାର ସାଗର ବିଚ୍ଛେଦନ । ସାରଭୂତ । ସାଙ୍ଗୋପାଙ୍ଗବେଦଭ୍ରମଣ । ସଂସ୍ପୃଷ୍ଟ ସୂକ୍ଷ୍ମ ପଠନ । ଶାକମ୍ବରୀ ସୁରଭି ପରିପୂର୍ଣ୍ଣ । ସାକ୍ଷ୍ୟନନ୍ଦନ । ସାକ୍ଷାତ୍ ବ୍ରହ୍ମସ୍ୱରୂପ । ସହସ୍ର ନାଡ଼ୀ ଚକ୍ର ଶୋଧକ । ସ୍ୱଭାବତ ବୋଧ ସ୍ୱରୂପ । ଶୂନ୍ୟାଦି ଋଷିବନ୍ଦିତ । ଶୁଦ୍ଧଚେତନ । ଶିଶୁବେଦ । ସଂତତକଳ୍ପସମ୍ପନ୍ନ ସ୍ୱର ସ୍ୱରୂପ ନନ୍ଦିତ ।" ଇତ୍ୟାଦି ପୃ- ୫୯ ।

ଏଥିରୁ ପ୍ରତିପନ୍ନ ହୁଏ ଯେ ଶିଶୁବେଦ ରଚନା ପରେ ରୁଦ୍ରସୁଧାନିଧି ରଚିତ ହୋଇଛି; ଅର୍ଥାତ୍ ଶିଶୁବେଦର ରଚନା ଯଦି ଖ୍ରୀ. ଚତୁର୍ଦ୍ଦଶ ଶତକ ବୋଲି ଧରାଯାଏ ତେବେ ଖ୍ରୀ. ପଞ୍ଚଦଶ ଶତାବ୍ଦୀ ବେଳକୁ ରୁଦ୍ରସୁଧାନିଧି ରଚିତ ହୋଇଥିବା ସମ୍ଭବ ।

## ରୁଦ୍ରସୁଧାନିଧିରେ ପରିଦୃଷ୍ଟ କେତେକ ପ୍ରାଚୀନ ଶବ୍ଦ

ଗ୍ରନ୍ଥଟିର ଭାଷା ଉନ୍ନତ ସ୍ତର ହେଲେ ମଧ୍ୟ ଏଥିରେ ସ୍ଥଳ-ବିଶେଷରେ ବହୁ ପ୍ରାଚୀନ ଶବ୍ଦ ଦୃଷ୍ଟିଗୋଚର ହୋଇଥାଏ । ଗ୍ରନ୍ଥରେ ଅଧିକାଂଶ ପଦର ଆରମ୍ଭରେ 'ଜି' ବ୍ୟବହୃତ ହୋଇଛି । ଏହି 'ଜି'ର କୌଣସି ସେପରି ଅର୍ଥ ନାହିଁ । ଏହା କେବଳ ବ୍ୟକ୍ତିବିଶେଷର ଏକ ବର୍ଣ୍ଣନା କରିବାର ଭଙ୍ଗୀ ବୋଲି ମନେ ହୋଇଥାଏ । କାରଣ ଏ ପର୍ଯ୍ୟନ୍ତ ଜଣାଯାଇଥିବା କୌଣସି ପ୍ରାଚୀନ ଓଡ଼ିଆ ଗଦ୍ୟ ବା ଗଦ୍ୟ ଗ୍ରନ୍ଥରେ ବାକ୍ୟର ପ୍ରାରମ୍ଭରେ ନିରର୍ଥକ 'ଜି'ର ବ୍ୟବହାର ମିଳେ ନାହିଁ ।

ଏହି ଗ୍ରନ୍ଥରେ ପ୍ରଚଳିତ ତଦ୍ଭବ, ପ୍ରାଚୀନ ଶବ୍ଦର ଉଦାହରଣ
ଯଥା :— ମାନନ୍ତ (ବିଶ୍ୱସ୍ଥମାନନ୍ତ) ଏମାନନ୍ତ, ଦାନନ୍ତ
ଅନୁଗାମ (ଅନୁଗମ), ହାଇ ହାଇ (ହାସ୍ୟ ହାସ୍ୟ)
କୁହୁଡ଼ାଣ୍ଡ (କୁଷ୍ମାଣ୍ଡ), ସମ୍ଭାଇ, ସମ୍ଭାଳି (ପୃ. ୧୧)
ପେଷିଲୁ (ପ୍ରେରଣ କରିଲୁ) ପୃ. ୧୩, ସଂପୋଷେ (ପୃ.୨୩)ସମ୍ପୂର୍ଣ୍ଣ
ଶିର ସଙ୍କୋଡ଼ଇ (ପୃ. ୨୩) ଶିର ସଙ୍କୋଚଇ
ବହୁକଂଇ (ପୃ.୨୩) ଚମକିବା ଅର୍ଥରେ
ଜାମିଦାନ୍ତ (ପୃ ୨୩) ଯାମୁଦାନ୍ତ, ଉଚ୍ଛୁହା (ପୃ. ୨୪) ଉତ୍ସାହ,
ଏକାମ୍ବର (ପୃ. ୫୪) ଏକାମ୍ର,
ହାଦେ (ପୃ.୫୫, ପୃ. ୫୮), କଳୁହନ (ପୃ.୫୮) କଳ୍ପହନ
ଅରିଷ୍ଟି—ଅରିଷ୍ଟ (ପୃ. ୫୬), ସୁଧିଷ୍ଟି (ପୃ. ୫୬)—ସୁଧିଷ୍ଟିର;
ତଳହଳ (ପୃ. ୬୧) ତଳତଳ, ଗନ୍ଧିକା (ପୃ. ୧୩) ଗନ୍ଧ,
ଧିଳ (ପୃ.୭୪) ଦେଲ,
ଘଣ୍ଟିକା (ପୃ. ୭୬) ଗନ୍ଧ, ଭିଧି (ପୃ. ୭୧) ଛୁଟି,
ବୁଣ୍ଡ (ପୃ. ୩୯) ବୁଡ଼,
ହେଠାମୁଣ୍ଡି (ପୃ. ୨୯) ହେଠ୍—ସଂ : ଅଧସ୍ତାତ୍ ପ୍ରା. ହେଠ୍ଠ
ହେଠାମୁଣ୍ଡି—ଅବନତ ମସ୍ତକ ଅର୍ଥରେ । ଇତ୍ୟାଦ ।

## ବୁଦ୍ଧସୁଧାନିଧି ଓ ଯୋଗତତ୍ତ୍ୱ

ଏହାଛଡ଼ା ଗ୍ରନ୍ଥର ପ୍ରାୟ ଅଧିକାଂଶ ସ୍ଥଳରେ ଯୋଗ ଏବଂ ଦର୍ଶନ ସମ୍ବନ୍ଧୀୟ ବହୁ ପ୍ରାଚୀନ ଶବ୍ଦ ପରିଦୃଷ୍ଟ ହୋଇଥାଏ । ଯୋଗସମ୍ବନ୍ଧୀୟ ତଦ୍ଭବ ପାରିଭାଷିକ ଶବ୍ଦ ତଥା ତାହାର ବିଶ୍ଳେଷଣ ଏତେ ଅଧିକ ଯେ ତାହାର ସମୀକ୍ଷା କରିବା ବହୁ ଅଧ୍ୟବସାୟ ଓ ପାଣ୍ଡିତ୍ୟସାପେକ୍ଷ । ଓଡ଼ିଶା ବୈଷ୍ଣବଧର୍ମରେ ଏହି ସମସ୍ତ ପାରିଭାଷିକ ଶବ୍ଦ ବହୁଳ ଦୃଷ୍ଟି-ଗୋଚର ହେଲେ ହେଁ କେତେକ କ୍ଷେତ୍ରରେ ବୁଦ୍ଧସୁଧାନିଧି ବହୁ ଅଜ୍ଞାତ ତଥ୍ୟ ପ୍ରଦାନ କରିଅଛି । ନାଥଧର୍ମ, ଶୈବ ତଥା ଶାକ୍ତଧର୍ମର ବହୁ ଯୌଗିକତତ୍ତ୍ୱ ଓଡ଼ିଶାର ବୈଷ୍ଣବଧର୍ମର ସାଧନ ପରମ୍ପରାରେ ସ୍ଥାନଲାଭ କରିଛି କହିବା ବାହୁଲ୍ୟ ହେବ । ତନ୍ମଧ୍ୟରୁ କେତେକ ଉଦାହରଣ ଏଠାରେ ଦିଆଗଲା । ଯଥା :—

ଓଡ଼ ଭୂମି (ପୃ. ୨୦), ନବଦ୍ୱାର (ପୃ. ୨୨) ଷୋଡ଼ଶ ଉମନ୍ତ (ପୃ. ୨୬), ହଂସ କୋଟର (ପୃ. ୨୭), ଭ୍ରମର ଗୁମ୍ଫା (ପୃ. ୨୭), ଶ୍ରୀହଟ୍ଟ ଘାଟଣା (ପୃ. ୨୭), ନବଚକ୍ର (ପୃ. ୨୭), ତୁରୀୟ ଅବସ୍ଥା (ପୃ. ୨୮); କୁଣ୍ଡଳୀ ଶକ୍ତି (ପୃ. ୩୦), ଗୋଲହାଟ ମଣ୍ଡଳ (ପୃ. ୩୧), ଚତୁଃଷଷ୍ଠୀ ଯୋଗିନୀ (ପୃ. ୩୨) ସହଜାନନ୍ଦ (ପୃ. ୩୩) ଠୂଳ ଶୂନ୍ୟ (ପୃ. ୩୨), ସୁଣ୍ୟଗିରି ଶବନାରୋପଣ (ପୃ. ୩୯), ଭ୍ରମର କୁହର (ପୃ. ୪୧), ଯମ ନିୟମ ଆସନ ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି (ପୃ. ୪୪), ବଙ୍କାନାଳ (ପୃ. ୪୬), ଷଟ୍‌କମଳଦଳ (ପୃ. ୪୮), ଷଟ୍‌ଚକ୍ର (ପୃ. ୪୮), ଶିଶୁବେଦ (ପୃ. ୪୯), ସହସ୍ର ନାଡ଼ିଚକ୍ର (ପୃ. ୪୯), ଇଅଁଳା, ପିଅଁଳା, ସୁଷୁମ୍ନା (ପୃ. ୫୨), ଜଳୁକ, କୁହୁକ, ଚୌଟିକ, ଅଞ୍ଜନ, ଲେପନ··· (ପୃ. ୫୩), ସ୍ତମ୍ଭନ, ମୋହନ, ଗୁଟିକ, ଅଞ୍ଜନ, ପାଦୁକ, ଲେପନ, ଅସୁଧାଭୁକରଣ (ପୃ. ୩୫) ଊର୍ମି ଧୂର୍ମି ନେତ୍ର ଜ୍ୱାଳା (ପୃ. ୫୩); ଅର୍ଦ୍ଧମାତ୍ରା (ପୃ. ୫୪), ବଶୁଭ ମଣ୍ଡଳ (ପୃ. ୫୫), ତାରକ ଧାତୁ ଯୋଗ (ପୃ. ୫୮), ଇଳା, ପିଙ୍ଗଳା, ସୁଷୁମ୍ନା, ଜଳମୂଷା, କୌଶିଣୀ, ଗାନ୍ଧାରୀ, ହସ୍ତିଜିହ୍ୱା, ଶଙ୍ଖିନୀ ପ୍ରଭୃତି ନବନାଡ଼ୀ (ପୃ. ୫୯), ନାଗ, କୂର୍ମ, କୃକଳକ, ଦେବଦତ୍ତ, ଧନଞ୍ଜୟ, ଅପାନ, ବ୍ୟାନ, ସମାନ, ଉଦାନ, ପ୍ରାଣ ପ୍ରଭୃତି ନବବାୟୁ (ପୃ.୫୯), ତ୍ରିବେଣୀଭୂମି (ପୃ. ୫୯), ଉଦୟ ଆହ୍ୱାସ ଯୋଗୀ (ପୃ. ୬୧), ଧାରଣାବନ୍ଧ ଯୋଗୀ (ପୃ. ୬୨), କୂଳନ ଯୋଗ (ପୃ. ୩୭), ମୂଳକମଳ ଓଡ଼ିଅଣୀ ମୁଦ୍ରା (ପୃ. ୩୭); ଖେଚରୀ ମୁଦ୍ରା (ପୃ. ୩୭) ଅନାହତ ଧ୍ୱନି (ପୃ. ୩୮)।

ସମଗ୍ର ଗ୍ରନ୍ଥରେ ଆହୁରି ଅନେକ ଯୋଗସମ୍ବନ୍ଧୀୟ ପାରିଭାଷିକ ଶବ୍ଦ ଅଛି, ଯାହାର ପ୍ରୟୋଗ ଆମ ପ୍ରାଚୀନ ଓଡ଼ିଆ ଯୋଗଶାସ୍ତ୍ରରେ ଦେଖିବାକୁ ମିଳେ ନାହିଁ। ଗ୍ରନ୍ଥରେ ଯୋଗ ସମ୍ବନ୍ଧୀୟ ବିଶଦ ବିବରଣୀ ଦେଖି ମନେହୋଇଥାଏ ଯେ ନାରାୟଣାନନ୍ଦ କେବଳ ସାହିତ୍ୟିକ କବି ବା ଜ୍ଞାନୀ ନ ଥିଲେ। ସେ ଜଣେ ପ୍ରସିଦ୍ଧ ଅବଧୂତ ଓ ଯୋଗୀ ମଧ୍ୟ ଥିଲେ।

ରୁଦ୍ରସୁଧାନିଧି ଗ୍ରନ୍ଥର ଧର୍ମ ଧାରାରେ ଶୈବ ତଥା ନାଥଧର୍ମର ପରମ୍ପରା ବିଦ୍ୟମାନ। ଗ୍ରନ୍ଥର ସଂକ୍ଷିପ୍ତ ବିଷୟବସ୍ତୁ ଦେଖିଲୁ ଯେ

ଅନଙ୍ଗ ଚନ୍ଦ୍ରାକର ନାମକ ଜନୈକ ରାଜା ନିଃସନ୍ତାନ ଥିଲେ । ସେଥି-ନିମିତ୍ତ ରାଜା ଶିବଙ୍କୁ ପ୍ରାର୍ଥନା କଲେ । ଶିବ ଏକ ସୁନ୍ଦର ଗୁଣବାନ୍ ଓ ଜ୍ଞାନୀ ପୁତ୍ର ଦେବା ଅଭିପ୍ରାୟରେ ପାର୍ବତୀଙ୍କୁ ଏକ ସୁନ୍ଦରୀ କନ୍ୟା ଜନ୍ମ ଦେବା ନିମିତ୍ତ ପ୍ରାର୍ଥନା କଲେ । ପାର୍ବତୀ ତହିଁରେ ସମ୍ମତ ହେବା ଜାଣି ଶିବ ତାଙ୍କର ରୁଦ୍ରଗଣଙ୍କ ମଧ୍ୟରୁ ଅଭିନବ-ଚୈତନ୍ୟ ନାମକ ରୁଦ୍ରଗଣଙ୍କୁ ରାଣୀ ଶଶିପ୍ରଭାଙ୍କ ଉଦରରେ ଜନ୍ମ ଗ୍ରହଣ କରିବା ନିମିତ୍ତ ଆଦେଶ ଦେଲେ । ଶିବଙ୍କର ଏହି ଆଜ୍ଞାରେ ଅଭିନବ-ଚୈତନ୍ୟ ଗର୍ଭବାସ ଓ ସଂସାରର ପାପବଶତଃ ଦୁଃଖକଷ୍ଟ ଭୋଗ କରିବା ନିମିତ୍ତ ଅନିଚ୍ଛା ପ୍ରକାଶ କଲେ । ଶିବ କହିଲେ ଯେ ନର ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିବା ପରେ ଇନ୍ଦ୍ରିୟଗତ ଭୋଗ କରି ଶେଷରେ କୈବଲ୍ୟ ଲାଭ କରିବେ । କବି ଏକ ସୁନ୍ଦର ରୂପକ ସୃଷ୍ଟି କରି ବର୍ଣ୍ଣନା କରିଅଛନ୍ତି :—

"ତନ୍ତୁ ଉଦଧି ତୋଳ ଜଗତରେ ଏକ କଟକ ଅଛି । ସେ କଟକର ନାମ ବସ୍ତୁଧ ମଣ୍ଡଳ । ତହିଁର ରାଜାର ନାମ ଅନଙ୍ଗଚନ୍ଦ୍ରାକର । ମନ୍ତ୍ରୀ ନାମ ବିବେକାଲଙ୍କାର । ସେ ରାଜାର ପାଟମହାଦେବୀର ନାମ ଶଶିପ୍ରଭା । ସେ ସମସ୍ତ ସୁଖେ କରି ମଗ୍ନନ୍ତ, ଛାସେ ବଞ୍ଚାଇ ତେଣୁ । ସୁତା ଅବସ୍ଥା ତାହାର ହୋଇଅଛି ଶେଷ । ସୁତ ନ ଥିବାରୁଂ କରି ମୋତେ ଭକ୍ତି କଲା ନିରେଖ ।"

ଅନ୍ୟ ପକ୍ଷରେ ପାର୍ବତୀଙ୍କର ମାନସରୁ ଜାତ ନିଷ୍ଠା କନ୍ୟା ଧର୍ମଧ୍ୱଜ ନାମକ ରାଜାର ଦୁହିତା ହେବା ନିମିତ୍ତ ଗଲା । ଶଶିପ୍ରଭାଙ୍କ ଗର୍ଭରେ ଅଭିନବ-ଚୈତନ୍ୟ ଗର୍ଭ ପରିଗ୍ରହଣ କଲେ । ଗର୍ଭବସ୍ଥ ଅବସ୍ଥାରେ ରାଣୀ ଅତିଶୟ କଷ୍ଟ ଭୋଗକଲେ । ଗର୍ଭଜନିତ ଯନ୍ତ୍ରଣା ପୀଡ଼ା ଉପଶମ କରିବା ନିମିତ୍ତ ଜନୈକ ଅବଧୂତ ରାଜ୍ୟରେ ପ୍ରବେଶ କଲେ । ରାଜା, ରାଣୀଙ୍କର କଷ୍ଟ ଲାଘବ ହେବା ନିମିତ୍ତ ଶିବଙ୍କୁ ପ୍ରାର୍ଥନା କରିବାରେ ଶିବ ଏହିପରି ଆଦେଶ ଦେଇଥିଲେ । କବି ଏହା ବର୍ଣ୍ଣନା କରିଛନ୍ତି ।

"ପାଣ୍ଡବେ ଈଶ୍ୱରଙ୍କୁ ସହସ୍ର ଦଳ ଉପରେ ଶୁଦ୍ଧ ସ୍ଫଟିକ ପ୍ରକାଶ କରି କଳ୍ପି ପୂଜା କରନ୍ତେ ଅଦ୍ଭୁତ ଧ୍ୱନିଏ ରାଜାର କର୍ଣ୍ଣରେ ପଶିଲା । ଅହୋ ରାଜା ଜଣେ ଅବଧୂତ ଆସିବ ତାହାକୁ ରାଣୀକି ଖାଇଲେ ଶାନ୍ତି ପାଇବ । ଗର୍ଭର ପୁତ୍ରକୁ ସେ ବୋଧିଲେ ସିନା ।

ଆସେନ୍ତ ତୋହର ମୁକ୍ତ ହୋଇଂ ଜନ୍ମ ହୋଇଂ ଅଛୁନା । ଏମନ୍ତେ ସେ ଈଶ୍ୱରଙ୍କର ଅର୍ଚ୍ଚନାଠାରେ ମାନସିକ ପୂଜା କରିବାରେ । ଏ ଧ୍ୟାନ ସ୍ତୁତି ସମାପ୍ତ ହୁଅନ୍ତେ । ଅବଧୂତଙ୍କୁ ନମସ୍କରି ଥାଇ । ଏମନ୍ତେ ସେ ଏକ ଦିନେକ ନଗରରେ ପୁରୁଷେକ ଆସି ପ୍ରବେଶ ହୋଇଲା । ସେ ପୁରୁଷର ଦେହ କେମନ୍ତ ଅଛଇ । କୃଷ୍ଣ ଧୂସର କେଶକାନ୍ତି । କେଶ କୁଟିଳ ଜଟିଳ ଯେତେକ କନକର ଭ୍ରାନ୍ତି । ଚକ୍ଷୁ ପିଙ୍ଗଳ ବର୍ଣ୍ଣାକୃତ । ଶରୀର ଘର୍ମ ଧୂଳି ଅଳଙ୍କୃତ । କଟିରେ ଅଛି ବଜ୍ରକାଛେଟି । ...... ମୂଳକମଳ ସାଧିଅଛି । ଉଡ୍ଡିଆଣୀ ମୁଦ୍ରା ବାନ୍ଧିଅଛି । ଖେଚରୀ ମୁଦ୍ରା ସାଧିଅଛି ।" ଇତ୍ୟାଦି । ପୃ. ୩୭ ।

ପରେ ଅବଧୂତ ଆସି ଯୋଗବଳରେ ଗର୍ଭସ୍ଥ ସନ୍ତାନ ସହିତ ଆଳାପ କରନ୍ତି । ଭ୍ରୁଣଗଣ ଜଗତ ସମ୍ପର୍କରେ ବିଭିନ୍ନ ତଥ୍ୟ ଅବଧୂତଙ୍କୁ ପଚାରନ୍ତେ ଅବଧୂତ ବର୍ଣ୍ଣନା କରି ଶୁଣାଇଛନ୍ତି ବିଭିନ୍ନ ଯୋଗତତ୍ତ୍ୱ ଓ ବିଭିନ୍ନ ଦର୍ଶନ । ମୋଟ ଉପରେ ବିଭିନ୍ନ ଯୋଗ ଓ ଦାର୍ଶନିକ ତତ୍ତ୍ୱର ସମୀକ୍ଷା କରି ଅବଧୂତଙ୍କ ମୁଖରେ କହାଇ ଗ୍ରନ୍ଥର ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱ ପ୍ରତିପାଦନ କରିଅଛନ୍ତି ।

ଏହି ଅବଧୂତ ଚରିତ ଗ୍ରନ୍ଥର କବି ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ଅବଧୂତଙ୍କ ମୁଖରେ ଯୋଗୀ-ପ୍ରବର କବି ଅବଧୂତସ୍ୱାମୀ ତାଙ୍କର ବହୁପ୍ରଚେଷ୍ଟ ଅଦ୍ଭୁତ କଠିନ ଯୋଗ-ସାଧନ ସମ୍ବନ୍ଧୀୟ ଅନୁଭବ ଜ୍ଞାନଗରିମାର ପରିଚୟ ଦେଇଅଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## କୀର୍ତ୍ତିଲତାର ଗଦ୍ୟ ଓ ରୁଦ୍ରସୁଧାନିଧି

ମୈଥିଲୀ କବି ବିଦ୍ୟାପତିଙ୍କର ଅବହଟ୍‌ଠ ରଚନା କୀର୍ତ୍ତିଲତାର ଗଦ୍ୟରଚନା ଶୈଳୀ ଓ ରୁଦ୍ରସୁଧାନିଧିର ଗଦ୍ୟରଚନା ରୀତି ମଧ୍ୟରେ ଅନେକ ସାଦୃଶ୍ୟ ପରିଲକ୍ଷିତ ହୋଇଥାଏ । * ରସିକ କବି ବିଦ୍ୟାପତି ଖ୍ରୀ. ୧୩୬୦ରେ ଜନ୍ମ ପରିଗ୍ରହଣ କରିଥିଲେ ଓ ମହାରାଜା କୀର୍ତ୍ତିସିଂହଙ୍କର ରାଜତ୍ୱରେ ରାଜାଙ୍କର ପ୍ରଶଂସାମୂଳକ ରଚନା ଖ୍ରୀ. ୧୪୦୨-୪ ମଧ୍ୟରେ

* Maithili Literature Vol. I—Prof. Joykanta Misra, P. 139.

ରଚନା କରିଥିଲେ । କୀର୍ତ୍ତିଲତାରେ ଯୁକ୍ତିମୂଳକ ଗଦ୍ୟରଚନାର ପ୍ରଚ-ଳନ ଶେଷରେ ନବ ଗଦ୍ୟରଚନା ଦେଇଅଛନ୍ତି ଓ ତାହା କଥନ ଛନ୍ଦସୁଧା-ନନ୍ଦର ପଦ୍ୟାତ୍ମକ ରଚନାସ୍ପନ୍ଦ ସମ୍ବନ୍ଧ ମେଳକାଭିତ୍ତି ତାଙ୍କର କେତେକ ଉଦାହରଣ ଦିଆଗଲା ।

## “ଗଦ୍ୟ”

“ତାନ୍‌କ୍ଷ ବେଶ୍ୟାଙ୍ଗନାରେ ମୁଖ-ସାର ମଣ୍ଡନେ, ଅଳକ ତିଳକ ପତ୍ରାବଳୀ ଖଣ୍ଡନେ, ଧବଳାମ୍ବର ପିନ୍ଧନେ, ଉଦାର ଉଦାର କେଶପାଶ ବନ୍ଧନେ, ମଞ୍ଜୀରକ ବେଶରନେ, ଧୂପ ଦେବନେ, ସଜାସ, କସ୍ତୁରୀ ପାଚଣ, ପଟ୍ଟୋଦ୍ଧୃତ ଚନ୍ଦ୍ରିକା, ଓଢଣୀ, କବଳ୍ପ୍ରୀ, ବିଅଳଙ୍କାର ପରିଧାନ ପେଛଣୀ ଶୃଙ୍ଗାର-ସାର୍ଥ କରେ ଦେଖିଅ, ତବେ ମନକର ତୋଷଣ ଲାଗି ଏନ ଉପେକ୍ଷକଶିଅ । ଚନ୍ଦ୍ରକ କେଶ କୁସୁମ ବସ, ଜନ୍ମକ ମାଦ୍ୟ କଟକ ଲମ୍ବାବଲମ୍ବିତ ମୁକ୍ତାଦ୍ର-ଚନ୍ଦ୍ରକାକସ୍ତ ଅଧ ଓ ଗଣ୍ଡ ଦେଖି ଅନ୍ଧକାର ହସ । ନଅନାଞ୍ଚଳ-ସଞ୍ଚାରେ ଭ୍ରୂଲତାଭଙ୍ଗ, ଜନ କଳ୍ପଳ-କଲ୍ଲୋଳିନୀ-ଜଣ୍ଡ ଦାନ-ବନ୍ଧର୍ଣ୍ଣ ବକ୍ରୀ ବଙ୍କୀ ଶପଥ ତରଙ୍ଗ ଅଞ୍ଚ-ଗୁଲ୍ଫ ସିନ୍ଦୂର-ରେଖା ନନ୍ଦନେ ପାଇ, ଜନ ପଞ୍ଚଶର-କଟସ ପଦ୍ଧତି ପ୍ରତାପ ।”

ଅନ୍ୟତ୍ର—

“ମଧ୍ୟାହ୍ନ-କାଳ ବେଳା ଝଂମଧ ଯାଜ, ସକଳ ପୃଥ୍ୱୀ ତନ୍ତ-କରେ ଓଁ ବନ୍ଧୁ ସର୍ବାଙ୍ଗେ ଜଏ ବାଜ । ମାନୁଷକ ସୀସି ତୀସିବର ଆଗେ ଆଁଗ, ହଁସର ଆନନ୍ଦ ତିଳକ ଆଜଙ୍କା ଲଗ, ଯାଷାଢ଼ତଟ ଚରଣୀକ କଲସ୍ମା ଭାଁଗ । ବ୍ରାହ୍ମଣକ ପଦକ୍ଷେପଦାତ ଗୃଣ୍ଡାଳ ଦୁଦାସ୍ତ ଲୁଳ । ବେଶ୍ୟାଦ୍ଭୁଦ-କରେ । ପୟୋଧରେ କଟୀକ ଦୁଦସ୍ତ ତୂର । ଘନେ ସଞ୍ଚର ବୋଳନ୍ତାଅ, ଭଦ୍ରୁତ ବାସୁର ତୃଷ୍ଣ ଜାଥ ।”*

କୀର୍ତ୍ତିଲତା କାବ୍ୟର ପ୍ରାୟ ପ୍ରତ୍ୟେକ ଗଦ୍ୟାଂଶରେ ଛନ୍ଦ-ସୁଧାନନ୍ଦ ତୁଲ୍ୟ ଗଦ୍ୟରଚନା ଦୃଷ୍ଟିଗୋଚର ହୋଇଥାଏ ।

---

* ହରପ୍ରସାଦ-ରଚନାବଳୀ—ସମ୍ପାଦକ ଡା ସୁନୀତି କୁମାର ଚଟ୍ଟୋପାଧ୍ୟାୟ, ପୃ. ୨୪୭ ।

ବର୍ଣ୍ଣ ରତ୍ନାବଳୀ—ସମ୍ପାଦକ ଡା ସୁନୀତି କୁମାର ଚଟ୍ଟୋପାଧ୍ୟାୟ ପୃ. ୨୪୬ ।

ମନେହୁଏ, ସଂସ୍କୃତ ଆଦର୍ଶରେ ଏହି ଧରଣର ଗଦ୍ୟ ରଚନା ଏକସମୟରେ ଭିନ୍ନ ଅଞ୍ଚଳରେ ପ୍ରଚଳିତ ଥିଲା । କୀର୍ତ୍ତିଲତା ଓ ରୁଦ୍ର-ସୁଧାନିଧିର ତୁଳନାରେ ଦୁଇ ଗଦ୍ୟ ରଚନାର ସାମ୍ୟ ଲକ୍ଷିତ ହେବା ସହିତ ରୁଦ୍ରସୁଧାନିଧି ରଚନାର ପ୍ରାଚୀନତା ମଧ୍ୟ ପ୍ରତିପାଦିତ ହେଉଅଛି ।

ସଂସ୍କୃତ ସାହିତ୍ୟର ଗଦ୍ୟରଚନାଶୈଳୀ ରୁଦ୍ରସୁଧାନିଧିର ରଚନାକୁ ପ୍ରଭାବିତ କରିଛି । ଶବ୍ଦ ଓ ଅଳଙ୍କାର ଦୃଷ୍ଟିରୁ ବିଚାର କଲେ ଦେଖାଯାଏ, କବି ତାଙ୍କର ରଚନାରେ ଭିନ୍ନ ଅଳଙ୍କାର ମଧ୍ୟରେ ଉପମା, ଉତ୍ପ୍ରେକ୍ଷା ଓ ରୂପକ ଅଳଙ୍କାରର ସୁନ୍ଦର ପ୍ରୟୋଗ କରି-ଅଛନ୍ତି । କେବଳ ସେତିକି ନୁହେଁ, ସ୍ଥଳବିଶେଷରେ ସେ ଭିନ୍ନ ଅଳଙ୍କାରର ନାମୋଲ୍ଲେଖ କରି ଯଥାନୁକ୍ରମରେ ବର୍ଣ୍ଣନା ପ୍ରସଙ୍ଗରେ ଉକ୍ତ ଅଳଙ୍କାରଗୁଡ଼ିକର ବର୍ଣ୍ଣନା କରିଅଛନ୍ତି । ଯଥା :—ଉପମା—ନକ୍ଷତ୍ର ସମୂହର ମଧ୍ୟେ । ଶରଦ ଶ୍ୟାମଳ ମେଘର ଉର୍ଦ୍ଧ୍ୱେ । ଅଶିଷ୍ଟ ଗ୍ରହଙ୍କର ଭଙ୍ଗେ । ଉନ୍ନତି ରୋହିଣୀର ସଙ୍ଗେ । ସମ୍ପୂର୍ଣ୍ଣ କଳାଯୁକ୍ତ ଚନ୍ଦ୍ରମାର ପ୍ରାଏ ଶୋଭା ପାଉଅଛନ୍ତି ବୋଲି ଜାଣିଲୁଂ ଧ୍ୟାନ କରନ୍ତେ ସୁପିଦ୍ଧେ । ତ ସେ ମହାତ୍ମା ଶିବ ରୁଦ୍ରନାଗମାନେ କେମନ୍ତ ଅଟନ୍ତି । ଶୁଦ୍ଧଚୈତନ୍ୟ । ନିର୍ମଳ ମନ । ନିଷ୍କଳ ନପୁନ । ଅନୁଭବାନନ୍ଦ ତତ୍ପର ।" ଇତ୍ୟାଦି * ପୃ:୧ ।

ଅନ୍ୟତ୍ର "ଉତ୍ପ୍ରେକ୍ଷା"—

ଏମନ୍ତ ସମୟରେ ବସନ୍ତଋତୁ ଚଳିଲା । କାମାଂଶ ବଳିଲା । ସେ ତ୍ରୈଲୋକ୍ୟ ମୋହନ କଲୁ ସମାଧି ଲଗ୍ନେ ସିଦ୍ଧ ମନ୍ତ୍ରକର ମଧ୍ୟଂ ମିଳିଲା । ତ କେମନ୍ତ ପ୍ରାଏ ହୋଇଂ । ଉତ୍ପ୍ରେକ୍ଷା । ସ୍ଥିରମନ ବିହଙ୍ଗମ ସମୂହର ମଧ୍ୟଂ ମନ୍ମଥ ପତାକା ଉଡ଼ାଇଲା କି ଧୈର୍ଯ୍ୟ ସଙ୍କଳ୍ପମାନଙ୍କୁ ଲାବଣ୍ୟନିଧି ବୁଡ଼ାଇଲା କି । କୈବଲ୍ୟ ଜ୍ଞାନ ମୁକ୍ତି କି ଆଣି ଅଣିମାଦି ବିଦ୍ୟା ଅଙ୍କିଲା କି । ବୋଧ ଉଦୟ ଚନ୍ଦ୍ର ଜ୍ୟୋତ୍ସ୍ନାମାଳକୁ ମୋହ ମେଘ ପଟଳ ଶଙ୍କିଲା । କି ଶାନ୍ତିରସ କମଳ ସୂର୍ଯ୍ୟକୁ ତ ନବ ବସନ୍ତ ବାନ୍ଧିଲା । କି ପୁନରପି ଶାପ ବୁଦ୍ଧିକି ସ୍ତ୍ରୀ ମୁଖେ ବସାଇଲା । (?) କି ଯୋଗାଭ୍ୟାସ ଅଗ୍ନିକି ଅଧରାମୃତ ବାରି ଲିଭାଇଲା । "ତ ଆହ୍ୱାନକୁ କନ୍ୟାରେ ସେ ।

* ରୁଦ୍ରସୁଧାନିଧି ପାଣ୍ଡୁଲିପି ପୃ. ୫ ।

୨୦

ଜଗତ ମୋହନ୍ତି । ପୃଥିବୀ ମୋହନ୍ତି । ପ୍ରାଣୀମାନଙ୍କ ଧୈର୍ଯ୍ୟ ଉଡ଼ନ୍ତି । ଅନଙ୍ଗ ଅମୁନିଧି କି ଆସି କପିଳାସକନ୍ଦରକୁ ବେଢ଼ିଲା । ତାହାର ଧନ୍ୟ ଧନ୍ୟ । ଭ୍ରୂମିଚ୍ଛି କି ଇକ୍ଷୁକର କାଣ୍ଡ । କି ମନ୍ମଥ ରାଜାର କୋଦଣ୍ଡ ଖଣ୍ଡ । କି ବ୍ରହ୍ମାଦିଦେବଙ୍କୁ ମୋହନ ପାଶି । କି ବ୍ରହ୍ମ ନିର୍ମାଣ କଲା ଲାବଣ୍ୟରାଶି । କି ଯୋଗୀ ଜନମନମୀନ ବଡ଼ଶୀ । କି ଅନଙ୍ଗ ଅମୀୟ ପୂର୍ଣ୍ଣ କଳସୀ । କି କାମିନୀକୁଳ କମଳ ବିଳାସୀ । କି ମନସିଜ ଶାସନ ବନଶଶୀ । କି ବ୍ରହ୍ମକୌଶଳ ନିର୍ମାଣ କଷି । କି ବିବେକ ପ୍ରତାପକୁ ହତକାରାଶୀ । କି ଦେଖି କାମ ଦେବଙ୍କ ହେଉଅଛନ୍ତି ଧଂସି ।” ଇତ୍ୟାଦି ।

ରୁଦ୍ରସୁଧାନିଧିରେ ଅନୁପ୍ରାସ ଅଳଙ୍କାରର ପ୍ରୟୋଗ ଅନବଦ୍ୟ । ଏପରି କି ତାହା ଗୀତଗୋବିନ୍ଦ ଓ ଅନ୍ୟାନ୍ୟ ସଂସ୍କୃତ କାବ୍ୟର କାନ୍ତ-କୋମଳ ପଦାବଳୀର ଲାଳିତ୍ୟକୁ ବଳିଯାଇଛି କହିବା ବାହୁଲ୍ୟ ହେବ । ଉକ୍ତିସୂତ୍ରର ଆଳଙ୍କାରିକ ଭଙ୍ଗୀର ବହୁ ସ୍ୱଚ୍ଛନ୍ଦ ରୁଦ୍ରସୁଧାନିଧିର ରଚନା-ଶୈଳୀରେ ପ୍ରକାଶ ପାଇଛି । ଉଭୟ ଶବ୍ଦ ଓ ଅର୍ଥାଳଙ୍କାରର ମନୋହର ସମାବେଶ ଗ୍ରନ୍ଥର ବିଭିନ୍ନ ସ୍ଥଳରେ ଦେଖିବାକୁ ମିଳିଥାଏ । ସୁମନୋହର ଶବ୍ଦାଳଙ୍କାରର ମଧୁର ନିକ୍ୱଣ କିପରି ଶିଳ୍ପଚାତୁରୀରେ ପ୍ରତିଧ୍ୱନିତ, ତାହାର କେତେକ ଉଦାହରଣ ନିମ୍ନରେ ଦିଆଗଲା ।

“କମ୍ବୁ କମ୍ବୁ କୁନ୍ଦ କୁମୁଦ କୁରଙ୍ଗଧର କର୍ପୂର ଧବଳ । କମ୍ବୁ ସମକଣ୍ଠ । କୋକନଦମାଳା ଆଭରଣ । କରକଳିତ ତ୍ରିଶୂଳ କପାଳ । କରପଦ୍ମ ଯୋଡ଼ି କାକୋଦର କାଙ୍କଣ । କୁରଙ୍ଗଚର୍ମ କଟି ବସନ । କାଳାନଳ ନୟନ । କର୍ପୂର କୁଣ୍ଡଳ ମଣ୍ଡିତ । କୃଷ୍ଣବର୍ଣ୍ଣ ଭୁଜଙ୍ଗମ କର । କଳାଧର କଳାନିଧି ଧାରଣ । କଳା ପ୍ରବଣ । କାଳିକା ସେବିତ ଚରଣ ତଳ । କାଳାନ୍ତକ ରୂପ । କପିଳାସ କନ୍ଦର ବାସ । କାମାଙ୍ଗ ନାଶନ । କୈବଲ୍ୟ ବରପ୍ରଦ । କୈବଲ୍ୟ ସ୍ୱରୂପ । କୁଧର ନନ୍ଦନା କୁଚକୁମ୍ଭ କୁଙ୍କୁମ ଲେପନ । କରକମଳ କଳିତ । କାମିନୀ କଦମ୍ବ ବନ୍ଦିତ । କୁଳଟା କୁଳ କଣ୍ଟକ । କଳିତ କୋମଳ । କାମାଙ୍ଗନା ଦର୍ପ ଖଣ୍ଡନ । କାଳିନ୍ଦୀ କୁମୁଦ-ବନ୍ଧୁ ମୁଖ ଚନ୍ଦ୍ରନ । କାର୍ତ୍ତିକେଶ୍ୱର ସେବିତ ଚରଣ ପଙ୍କଜ । କୁଶଧର କମଳାସନ ବନ୍ଦିତ ଚରଣ । କଣ୍ଠପଙ୍କଜ କୁମୁଦ । କମଳ କଳାଧର । କର୍ଣ୍ଣରେ କୁଣ୍ଡଳ କୁଣ୍ଡଳ ଶୋଭିତ ଶିର । କୁରଙ୍ଗ କୋଟର ଶୋଭିତ

କର । କାମଗୁପଧଜ କାମପ୍ରଦ । କାମକଳ୍ପଦ୍ରୁମ । କାମରୂପିଣୀ ପ୍ରୀତ କଠିନ କୁଚକଳଶ କଠୋର କମଳକର ମର୍ଦ୍ଦିତ । କଠୋର ହୃଦୟ । କରୁଣାକୁପାର । କୁଣ୍ଡଳଗ ଶକ୍ତି ଭେଦକ । କାଳମୁଖ କଳାରନ୍ତେ କକଲ୍ୟ । କଳିତ କମଳ କୋଷକର । କଳାନିଧି । କମଳଦସୁନ ଦିବ୍ୟସ୍ୱରୂପ । କୁଟିଳ ବର୍ଜିତ । କୁଟିଳ କଟାଜୁଟମଣ୍ଡିତ ଶିର । କାଞ୍ଚନ ଶୈଳ ସ୍ୱଳପିତ । କାମାନ୍ଧି ବରୁଣ ବିବର୍ଜିତ । କାମଦେଧନୁ । କମଠ ପୃଷ୍ଠ କଠୋର ଶୂଳଧର । କୁମାରୀ ବରପ୍ରଦ । କୁମାରୀସ୍ୱରଣ ପୂଜିତ । କାଳାନ୍ତକ । କାଳ ମୁଖ । କମଳାପତି ସେବିତ । କଳା ବିବର୍ଜିତ । ଜୟ ଜୟ ଶିବ ଶମ୍ଭୋ । ୧ । ଜୟ ଜୟ ଖଣ୍ଡଇନ୍ଦୁମୁକୁଟ । ଖମନ୍ତ୍ରଗତ । ଖଟ୍ୱାଙ୍ଗକର । ଖଣ୍ଡପରଶୁଧର । ଖଗପତି ଆସନ ସୁହୃଦ । ଖଡ୍ଗଧାରୀ । ଖଗାନ୍ତକ । ଖଜିତ ନୟନ । ଖପ୍ପରଧାରଣ । ଖଗେନ୍ଦ୍ରମୁଖ । ଜୟ ଜୟ ଶିବଶମ୍ଭୋ ।। ୨ । ଜୟ ଜୟ ଗଗନଗତ । ଗଗନାନ୍ତକ । ଗଗନ ଶରୀର । ଗଗନ ତଳ ସମ୍ଭୂତ । ଗଗନ ସମନ୍ୱିତ ଭୂଷଧର । ଗଂଗଶେଖର । ଗିରିଜାର୍ଦ୍ଧ ଶରୀର । ଗିରୀଶବାହନ । ଗୋବରପ୍ରଦ । ଗୋଲକଦ୍ୱାଟ ମଣ୍ଡଳଗତ । ଗୋକର୍ଣ୍ଣଗଣ ମଣ୍ଡଳ । ଘୃଣାଶାଳ । ଗଣପତି ପିତର ଗୁହ୍ୟାଶୟ । ଗରଳକଣ୍ଠ । ଗୋଧର । ଗୋମୟ ଭସ୍ମ ଚୂର୍ଣ୍ଣ-ଲେପିତ । ଗୋପାଳକ । ଗାୟତ୍ରୀ ଗାୟକ । ଗ୍ୟାନଗମ୍ୟ । ଗୋ ଆସନ । ଗୋଭକର ଗନ୍ଧସ୍ଥଳ କର ମଣ୍ଡିତ । ଗୋପ୍ୟ ଗୋପିତ । ଗବାଂପତି ଗମନ । ଗମ୍ଭୀର ଗମନ । ଗ୍ୟାନ ପରିପୂର୍ଣ୍ଣ । ୩ ।" * ଇତ୍ୟାଦି ।

କାବ୍ୟରେ ବର୍ଣ୍ଣନା ବୈଚିତ୍ର୍ୟ ପ୍ରସଙ୍ଗରେ ସ୍ଥାନବିଶେଷରେ ପ୍ରକୃତିର ମନୋଜ୍ଞ ବର୍ଣ୍ଣନା ଦେଖିବାକୁ ମିଳିଥାଏ । ବସନ୍ତର ଆଗମନରେ ସମସ୍ତ ପ୍ରକୃତି କିପରି ଉନ୍ମତ୍ତ ହୋଇ ଉଠିଛି ତାହାର ବର୍ଣ୍ଣନା କବି ନିମ୍ନୋକ୍ତ ମତରେ ପ୍ରଦାନ କରିଅଛନ୍ତି ।

"ଆକାଶେ ନିର୍ମଳ ହୋଇଂ ଚନ୍ଦ୍ରମା ଉଇଂଲ । ତ ମଧୁଯାମିଣ ହୋଇଲ୍ଂ । ମଳୟ ପବନ ମନ୍ଦ ମନ୍ଦ ହୋଇ ବହିଲା । ଯୁବାଜନ-ମାନଙ୍କର ମନକୁ ପୁନଃ ପୁନଃ କରି ଦହିଲା । ତ ସେ ମନସିଜ ଦର୍ପେ । ରମ୍ୟ ଅରଣ୍ୟେ । ......ଶୁଷ୍କ ପାଦପମାନେ କଅଁଳିଲେ । ପଲ୍ଲବ ହୋଇଲେ । ମହାରାଜମାନଙ୍କର ବସ୍ତୁକଳନ ଅଯୋଗ୍ୟ ବୃତ୍ତିମାନେ

* ବୃହତ୍ ସୁଧାନିଧି ପାଣ୍ଡୁଲିପି ପୃ. ୩୦—୩୨

ଫୁଟିଲେ । ଦିବ୍ୟାଙ୍ଗନାମାନଙ୍କର ସ୍ତନ ବସନରେ ମଳୟ ପବନମାନେ ଶରଣ ପଶିଲେ । ଲଜ୍ଜାଂଏ ଗଳିଲା । କୋକିଳମାନଙ୍କର କୁହୁ କୁହୁ ଶବ୍ଦ ଶୁଭିଲେ । ଅଧରେ ସାରସିକା ପକ୍ଷୀ ସେ ଘୁସିଲେ । ଭ୍ରମରକୁଳ ପଦ୍ମେ ଲେଉଟାଇ ଚମ୍ପିକାକୁ ଘଲ୍ଲତଜ ମନ୍ଦ ମନ୍ଦ ହୋଇ ହସିଲେ ।” ଇତ୍ୟାଦି । ପୃ. ୭ ।

ଅତ୍ର ନାଟକସ୍ଥ ସ୍ତବରେ କଥା ଆରମ୍ଭ କରିଅଛନ୍ତି । ଶିବ, ସମାଧିଯୁକ୍ତ ସିଦ୍ଧ ରୁଦ୍ରଗଣଙ୍କୁ ପରୀକ୍ଷା କରିବା ନିମିତ୍ତ ମହାମାୟା ପ୍ରକୃତି ସ୍ୱରୂପିଣୀ ଅମ୍ବିକାଙ୍କୁ ଏକ ଅପୂର୍ବ ସୁନ୍ଦରୀ କନ୍ୟା ମାନସପଟରୁ ଜାତ କରିବା ନିମିତ୍ତ କହିଅଛନ୍ତି । 'ପାର୍ବତୀ ମୁହୂର୍ତ୍ତମାତ୍ର ଧ୍ୟାନରେ ମାନସ ପଟରୁ ମୋହିନୀକନ୍ୟା ଜାତ କରିଅଛନ୍ତି । ମୋହିନୀକନ୍ୟା ଜଗତରେ ଅବତୀର୍ଣ୍ଣା ହେବା ମାତ୍ରେ ସମସ୍ତ ପ୍ରକୃତି ଚଞ୍ଚଳ ହୋଇ ଉଠିଛି । କନ୍ଦର୍ପ ସହିତ ନବବସନ୍ତର ଆଗମନରେ ଜୀବ ତଥା ଜଡ଼ ଜଗତରେ ଅପୂର୍ବ ସ୍ପନ୍ଦନ ଜାତ ହୋଇଛି । ତ୍ରୈଲୋକ୍ୟମୋହିନୀ କନ୍ୟା ରୂପରେ ନବବସନ୍ତ ଓ ପଞ୍ଚଶର ସହିତ କଳ୍ପସମାଧି ନିରତ ସିଦ୍ଧଗଣଙ୍କର ନିକଟରେ ଉପସ୍ଥିତ ହେଲା ।

ସିଦ୍ଧମାନଙ୍କର ସମାଧି ଭଙ୍ଗ ହେଲା । ସିଦ୍ଧମାନେ ତୁରୀୟାବସ୍ଥାରୁ ଆସି ଜାଗ୍ରତ ଅବସ୍ଥାରେ ଉପନୀତ ହେଲେ । ସେମାନଙ୍କର ସମାଧି ଭଗ୍ନ ହେଲା । କନ୍ଦର୍ପର ପଞ୍ଚବାଣରେ ସେମାନେ ଅସ୍ଥିର ହୋଇ ପଡ଼ିଲେ । ସିଦ୍ଧ ରୁଦ୍ରଗଣଙ୍କ ମଧ୍ୟରୁ ଜଣେକ ଅଭିନବ ଚୈତନ୍ୟ ମୋହିନୀ କନ୍ୟାକୁ ଦେଖନ୍ତେ ସମାଧି ଭଗ୍ନ ହୋଇ ତାହାର ରୂପସମୁଦ୍ରରେ ନିମଜ୍ଜିତ ହେଲା । ସୁନ୍ଦରୀ ରୂପ ଯୌବନ ସମୁଗ୍ଧ ଅଭିନବ ଚୈତନ୍ୟ କିପରି କାମର ବିହ୍ୱଳ ଦଶଦଶାର ବଶୀଭୂତ ହୋଇଛି, ତାହାର କବି ବର୍ଣ୍ଣନା କରି ଚାଲିଛନ୍ତି ।

"ସେ ମାୟା କନ୍ୟାକୁ ଦେଖିଲା । ସ୍ଥିର କରି ତାହାର ଲାବଣ୍ୟ-ସୁଧାନିଧି ମୁଖ ନିରେଖି ଦେଖିଲା । ତା ଅଚଳ ଚିତ୍ତ ଚଳିଲା । ସ୍ଥିର ଚକ୍ଷୁ ଚଳିଲା । ଚେତନା ବୁଡ଼ିଲା । ଶରୀର ଚମକିଲା । ବୁଦ୍ଧି ଝମକିଲା । ପ୍ରେମଲତା ଫୁଲ୍‌କିଲା । କାମ ଝମକିଲା । ସ୍ୱେଦବିନ୍ଦୁ ଗଳିଲା । ଶ୍ୱାସ ଚଳିଲା । ଗଣ୍ଡସ୍ଥଳ ଝଲସିଲା । ଭ୍ରୂଲତା ବକାଟିଲା । ଶୃଙ୍ଗାର ରସେ

ବସିଲା । ଧ୍ୟାନ ମୁଦ୍ରା ଖସିଲା । ସମାଧି ଭଙ୍ଗିଲା । ଉତ୍କଣ୍ଠା ବଢ଼ିଲା । ବିକାର ମିଶିଲା । ଖେଦଜଳେ ପଶିଲା । ପାପ ରାଶି ଖସିଲା । ମନ କମ୍ପିଲା । ସ୍ୱେଦ ଜଳ ମାଡ଼ିଲା । ଯୋଗାଭ୍ୟାସ ଛାଡ଼ିଲା । ଊର୍ଦ୍ଧ୍ୱବନ୍ଧ ଛୁଟିଲା । ଖେଚରୀଧ୍ୟାନ ଫିଟିଲା । ପ୍ରେମଲକ୍ଷଣା ଦିଶିଲା । ରସ ଜଳଧିରେ ମିଶିଲା । ତ ଏମନ୍ତ ବେଶ ମୋହିନୀ କନ୍ୟା ସଙ୍ଗରେ ମନ ମନ ହୋଇ ହସିଲା ।”

ଶିବଙ୍କର ଅଦୃଶ୍ୟ ସିଦ୍ଧ ହେଲା । ସେ ଅଭିନବ ଚୈତନ୍ୟର ଭୋଗାସକ୍ତ ମନ ଦେଖି କହିଲେ, ଯେଉଁ କାମଦେବର ବାଣରେ ନିଜେ ଅସ୍ଥିର ହୋଇ ପଡ଼ିଥିଲେ ସେ ବା କପରି ତହିଁରୁ ରକ୍ଷା ପାଇ ପାରନ୍ତା । ଶିବ ଅଭିନବ ଚୈତନ୍ୟଙ୍କୁ କହିଲେ—

“ହେ ବତ୍ସ । ହେ ଅଭିନବଚୈତନ୍ୟ । ସିଦ୍ଧ ହୋଇଲା ତୋର ଭୋଗ ଆସକ୍ତ ମନ ।...ଏବେ ତୁ ଉତ୍ତମ ନରେନ୍ଦ୍ର କୋଳେ ଜନ୍ମ ହେବୁ ଯାଇଁ । ଆସମୁଦ୍ରାନ୍ତ ପୃଥ୍ୱୀ ଭୋଗକରିବୁ ତହିଁ । ତୁ ହୋଇବ ବାଞ୍ଛା-କଳ୍ପ ଯେମନ୍ତ । ଯୋଗଭ୍ରଷ୍ଟର ଫଳ ତେମନ୍ତ । ଏହି କନ୍ୟାକୁ ପାଇବୁ ତୁହି । ଏହାର ଗ୍ରହଣ ବ୍ୟତିରେକେ ମର୍ତ୍ତ୍ୟମଣ୍ଡଳେ ଅନ୍ୟ ଭୋଗ ନାହିଁ । ଏବେ ଯା ତୁ ସକଳ ବେଦନା ସହ । ଅନଙ୍ଗ ପଦ୍ମାକର ରାଜାର ପାଟ-ଦେଶୀ ଶଶିପ୍ରଭା ନାମେ ରାଣୀ ତାହାର ଗର୍ଭରେ ରହ ।” *

ଶିବଙ୍କର ଏ ଆଦେଶରେ ଯୋଗଭ୍ରଷ୍ଟ ଅଭିନବ-ଚୈତନ୍ୟ କିଂକର୍ତ୍ତବ୍ୟବିମୂଢ଼ ହୋଇ ଶିବଙ୍କୁ ପ୍ରାର୍ଥନା କରିବାରେ ଲାଗିଲା । ଯୋଗୀ ଯୋଗଭ୍ରଷ୍ଟ ହେଲେ ତାକୁ କି ପ୍ରକାର ନରକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ, ତାହା ଅଭିନବ-ଚୈତନ୍ୟ ଚିନ୍ତା କରୁଛି । ସଂସାରର ଅସାରତା କବି ଏହି ପ୍ରସଙ୍ଗରେ ପଦେ ପଦେ ପ୍ରମାଣିତ କରିଅଛନ୍ତି । ନଶ୍ୱର ଶରୀରର ମୋହ ତ୍ୟାଗ ପ୍ରଦାନ କରି ବୈରାଗ୍ୟ ଭାବର ଯେଉଁ ବର୍ଣ୍ଣନା କରିଛନ୍ତି, ତାହା କପରି ଜୀବନ୍ତ, ତାହା ଏହି ଗଦ୍ୟାଂଶରୁ ଜଣାପଡ଼ୁଥାଏ ।

“ହେ ନାଥ ! ମୁଁ ଯେ ଜନନୀ ଜଠରେ । ମଳମୂତ୍ର ପୁଞ୍ଜରେ । ମୂଢ଼ ନରକ ଭିତରେ । ପିତୋଦ୍ଧାର ନିକଟେ । ନାଡ଼ିଚର୍ମ ସଙ୍କଟେ ।

* ଭୂ. ପ୍ରସ୍ତାବଧି ପାଣ୍ଡୁଲିପି ପୃ. ୧୦

ଶିରୋଶାଡ଼ି ସୂତ୍ରେ । ଚର୍ମାବ ମେଦ ପୂରେ । ଭିନନ୍ତନ୍ତୁତର ନଜରେ । ଜାଲି ଘଟ ସେସନ୍ଧା କରି କମଠର ପ୍ରାଏ ଅଙ୍ଗ ସଙ୍କୋଚୁଥିବ ତହିଁ । ମନ୍ଦା ବନ୍ଧନ କରନ୍ତେ । ଶିବ ଶିବ । ତହିଁ କୃମିମାନେ ଚରୁଥିବେ । କର୍ଣ୍ଣ ନାସାଦ୍ୱାରେ ଗଳୁଁଥିବେ । ଅନନ୍ତ ନାଡ଼ିମାନେ ଛନ୍ଦିଥିବେ । ...... ଜନନୀ ଉଠିବା ବସିବାରେ ଝଜଟ ଧକଡ ହାଡ଼ମାନଙ୍କରେ ଚାପ ହୁଅବାରେ । ଜଠରାଗ୍ନି ଜଳିବାରେ । ବାତପିତ୍ତ ଶ୍ଳେଷ୍ମା ବ୍ୟାଧି ପୀଡ଼ିବାରେ । ରୁଧିରମାନଙ୍କର ସଢ଼ିବାରେ । ......ଚର୍ମପୁଟିକାରେ ରହିବାରେ କେମନ୍ତ କରି ସେ ତାପମାନ ଅଙ୍ଗ ସହୁଥିବ । ତହିଁରେ ମୁହୁର୍ମୁହୁ ହୋଇଯାଉଥିବ ମୂର୍ଚ୍ଛା ।” ✻

କବି ପ୍ରକାରନ୍ତରେ ପ୍ରତିପାଦନ କରିଛନ୍ତି ଯେ ମନୁଷ୍ୟ ମାୟା-ଜାଲରେ ପଡ଼ି ନଶ୍ୱର ଅସତ୍ୟକୁ ସତ୍ୟ, ଅନାତ୍ମା ଶରୀରକୁ ଆତ୍ମା ଓ ଅସାରକୁ ସାର ମନେକରି ଅସୀମ ଦୁଃଖକଷ୍ଟର ଭାଗୀଦାର ହୋଇଥାଏ; ତାହା ସେ ବିଭିନ୍ନ ସ୍ଥାନରେ ପ୍ରତିପାଦନ କରି ଚାଲିଛନ୍ତି ।

“ଯେଣୁ ଏ ଅନିତ୍ୟ ଶରୀର । ସମସ୍ତ ବିପତ୍ତିମାନଙ୍କର ଏ ଅଟଇ ଘର । ମେଦ ଅସ୍ଥି ନର୍ଦ୍ଦାଣି ଅତ୍ୟନ୍ତ ଗଣ୍ଡି । ଶରୀର ବନ୍ଧା କେବା ହୋଇବ ଦଣ୍ଡି । ବ୍ୟାଧିମାନଙ୍କର ତ ଏ ବଢ଼ିବା ସଦନ । ନିରନ୍ତରେ ଲୁଟିକରି ମାରୁଥାଇ ମଦନ । ଅନବରତେ ନବଦ୍ୱାରେ ସ୍ରବୁଥାଇ ନରକ । ...ସେ ନାଠି ଏଥର ଅନ୍ତରେ ସେ ହୋଇବ ଜରା । ଏ ଶରୀର ଦିଶିବ ନଷ୍ଟବିଧ୍ୟାରୁ ଭଗ୍ନ ପରି । ଭ୍ରମରକୁ ନିନ୍ଦଇ ଯେଉଁଣ ସେ କେଶ । ଶ୍ୱେତଚାମର ପ୍ରାଏକ ହୋଇବ ପ୍ରକାଶ । ନୀଳୋତ୍ପଳ ପ୍ରାଏକ ଯେ ଯେଉଁଣ ସେ ଚକ୍ଷୁ । ସେ ବିକଟ ଅଦ୍ଭୁତ ଜମ୍ବୁନ ପ୍ରାଏ ହୋଇବ ଦେଖୁଁ ଦେଖୁଁ । ଶୁଦ୍ଧ ସୁବର୍ଣ୍ଣ ପ୍ରାଏକ ଯେଉଁଣ ଶରୀର କାନ୍ତି । ସେ ଶୁଷ୍କ ଶବର ପ୍ରାଏ ଦିଶିବ ଦେହର ଭ୍ରାନ୍ତି । ସିଂହ ବିକ୍ରମ ପ୍ରାଏକ ଯେଉଁଣ ମଣ୍ଡା । ସେ ଲଙ୍ଗଳ କାଠର ପ୍ରାଏ ଦିଶିବ କୁବୁଜା । କୁଣ୍ଡଳୁଁ କର୍ଣ୍ଣରେ ଗଳୁଁଥିବ ଲାଳ । ବକ୍ଷସ୍ଥଳ ମାଡ଼ି ବସିଥିବ କାଳ । ହାଡ଼ ମାଳ ଦଙ୍କାଳ ସେ ଦେହ ଦିଶଇ । ସଢୋଢ଼େ ଆସି ବଳ ପଳିତ ମିଶଇ । ନସ୍ଥନଗଳଇ ଛଳକୁ ଭରଇ ତୁଣ୍ଡ । ବାତେ ପାଦପ ପ୍ରାଏ ହୋଇ ହଲୁଥାଇ ମୁଣ୍ଡ ।

---

✻ ବୁଦ୍ଧସୁଧାନିଧି ପୃ: ୧୭-୧୮

ନାଭି ନେଉଛିଭ । ବଳ ତୁଟିବ । ଉଠିଲେ ଘୂରିବ । ଚରଣ ଟଳିବ । ଝସିଲେ କାଣିବ । ଲଜ୍ଜ ଧରି ଥର ଥର ହୋଇ ଉଠିବ । ଇନ୍ଦ୍ରିୟ-ମାନେ ଭିତରକୁ ପଶିବେ । ଚକ୍ଷୁରେ ଲୋକମାନେ ଦେଖିଲେ ହସନ୍ତି । ହେ ନାଥ ! ହେଉ ଇଚ୍ଛା ପରିଲ । ସପ୍ତଧାତୁ ମରିଲ । ହୃଦବୃତ୍ତି ହରିଲ । ବହୁଳ କରିଲ । ପ୍ରଚଣ୍ଡ ବତାସ । ଦେହ ଭାଙ୍ଗିଲ । ସ୍ଥାନ ଛାଡିଲ । ଯୌବନ ନଷ୍ଟ । ଶିର ଘଟକୋଡ଼ିଲ । ବ୍ରହ୍ମ ଟାଙ୍କୋରିଲ । ହୃଦୟ ଚହଟକଲ । ...ବାଧିକ ଧନ କେଉଁଠି ବିଚ୍ଛିନ୍ନ ଅବସ୍ଥାରେ । ସେ ଘଡ଼ିରେ ମୃତ୍ୟୁ ଶୂନ୍ୟ ପାରିଲ ନୟାକାଳେ । ତାକୁ ଶ୍ୱେତ ବସ୍ତ୍ରରେ ବାନ୍ଧି ଘୁଇ ଘରୁ ନେବେ । ଲୋକ ନ ପୁଛିଲ । ଯେଉଁ ମାଟିକି ଚରଣରେ ଛୁଇଁବ ଛାଡିଲ । ଏହାର ନାମ ଧରିଲେ ତାହାକୁ ଅମୃତ ହେଉ ପ୍ରାଏ ଲାଗଇ ।"

(ପୃ. ୨୨—୨୩)

ଏହାପରେ କବି ଯୋଗ ପ୍ରଣାଳୀରେ ଶରୀରତତ୍ତ୍ୱ ବର୍ଣ୍ଣନା କରି ସେହି ପ୍ରସଙ୍ଗରେ ମୃତ୍ୟୁ ପୂର୍ବରୁ ଶରୀରର ଅବସ୍ଥା କିପରି ଥାଏ, କିପରି ପ୍ରାଣପବନ ଶରୀରର ବିଭିନ୍ନ ସ୍ଥାନ ଅତିକ୍ରମ କରି ବାହାରିଯାଏ, ତାହାର ବର୍ଣ୍ଣନା ଅଭିନବ-ଚୈତନ୍ୟ ମୁଖରେ ପ୍ରତିପାଦନ କରିଅଛନ୍ତି । ଏହିସବୁ ତତ୍ତ୍ୱ ଉପସ୍ଥାପନର ଉଦ୍ଦେଶ୍ୟ ହୋଇଛି କାଳକୁ ଜୟ କରି ମୃତ୍ୟୁଞ୍ଜୟୀ ହେବା; ଯାହା କାଳେ କାଳେ ଯୋଗୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହୋଇ ଆସିଛି ।

"ବୃକ୍ଷମାନଙ୍କର ଆହାର ସମ୍ପନ୍ନଂ ପ୍ରଥମେ ମହାବ୍ୟାଧିମାନେ ନାଭିମଣ୍ଡଳକୁଂ ପଡ଼ନ୍ତି । ତେଣୁ ପବନମାନେ ଛୁଟନ୍ତି ଅଙ୍ଗରେ ସ୍ଥିର । ଶ୍ଳେଷ୍ମା ବ୍ୟାଧି ସମ୍ପୂର୍ଣ୍ଣ ହୋଇ ବ୍ୟାପଇ ଶରୀର । ତେଣୁଂ ସାଗିର ଉଷ୍ଣଂ ଅଗ୍ନି ଚଳାଇ । ସୁଷୁମ୍ନା ନାଡ଼ିକି ବୋଲି ପବନ ବଳାଇ । ମନପବନ ଅଗ୍ନି ଏକତ୍ର ହୋଇ ଏକ ମୁଖେ ପଦ୍ମସୂତ ସୁଷୁମ୍ନା ବାଂକେ ପଶୁଥାନ୍ତି ଦୁଃଖେ ଦୁଃଖେ । ଅମୃତ କଳାମାନେ ପୋଡ଼ୁଥାନ୍ତି । ତୋଡ଼ିସ ଉମ୍ବରୁ ପେଡ଼ୁଥାନ୍ତି । ସେ ଉମ୍ବରୁ ଖଣ୍ଡିଏ ଖଣ୍ଡିଏ ଫିଟନ୍ତିଂ ଫିଟନ୍ତିଂ ବ୍ୟାକୁଳ ସେତେ ଶତେ ନାଗର ଜ୍ୱାଳା ନୋହିବଟି ତେତେ । ଏକ ଏକ ଥର ହୃଦୟ ପଦ୍ମ ଲୁଟନ୍ତି କ ଖଣ୍ଡକୁନ୍ତ ଯେନ ଶରୀର ମରନ୍ତି । ବିଷମ ଶ୍ୱାସ ପ୍ରବଳେ କାଟିମାନେ ଯାଆନ୍ତି । ନାଡ଼ିମାନେ ଗୁଡ଼ିଆଇ ହୋଇ ମୂର୍ଚ୍ଛା ତରଳାନ୍ତି । ସେ ନାଡ଼ି-

ମାନଙ୍କର ଭୁଲଚକ୍ରେ ସମ୍ପ୍ରଧାନ୍ତୁ ମରଇ । ଅନ୍ୟ ଭିତରେ ପଶି ସେତେଷ୍ଟେ ସିଂହ ହଦାରଇ । ତ ଶ୍ଳେଷ୍ମା ବ୍ୟାଧି କଣ୍ଠଦେଶରେ ବସି । ପରମହଂସ ଚର୍ଯ୍ୟାଚକ୍ର ଆଇଂ ଗ୍ରାସି ।" (ପୃ: ୨୫-୨୭)

ଅଭିନବ-ଚୈତନ୍ୟ ସଂସାରଚକ୍ରର କଳ୍ପନା କରି ବିମର୍ଷ ହୋଇ ପଡ଼ନ୍ତି । ସେ ଭାବନ୍ତି ଯେ ଶୁଭାଶୁଭ କର୍ମ ନେଇ ତାଙ୍କୁ "ପୁନରପି ଜନନ ପୁନରପି ମରଣ । ପୁନରପି ଜନନୀ ଜଠରେ ଶୟନ" କରିବାକୁ ପଡ଼ିବ । ଏ ସ୍ଥଳରେ ଶଙ୍କରଙ୍କ ମୋହମୁଦ୍‌ଗରର ପ୍ରଭାବ କବିଙ୍କୁ ପ୍ରଭାବିତ କରିଛି । କିପରି ଅଭିନବ-ଚୈତନ୍ୟ ସଂସାର ବନ୍ଧନରୁ ମୁକ୍ତି ପାଇବ, ସେଥିଲାଗି ସେ ବ୍ୟାକୁଳ ହୋଇ ଶିବଙ୍କୁ ୫୦ ବର୍ଣ୍ଣରେ ସ୍ତୁତି କରନ୍ତି । ରୁଦ୍ରସୁଧାନିଧିର ସ୍ତୁତିଟି ଯେପରି କବିତ୍ୱପୂର୍ଣ୍ଣ ଓ ଆଳଙ୍କାରିକ ଆଡ଼ମ୍ବରରେ ଗରିମାମୟ, ତାହା କହିବା ବାହୁଲ୍ୟ ହେବ । ଏ ପ୍ରକାର ଆଳଙ୍କାରିକ ରଚନା ସମଗ୍ର ମଧ୍ୟଯୁଗ ଗଦ୍ୟ ସାହିତ୍ୟରେ ନାହିଁ କହିଲେ ଚଳେ । ଏଥିରୁ ପ୍ରତୀତ ହୁଏ ଯେ ଓଡ଼ିଆ ଗଦ୍ୟ ସଂସ୍କୃତର ସୁଦୃଢ଼ ଭିତ୍ତିପାତ ପ୍ରାଥମିକ କାବ୍ୟଯୁଗର ବହୁପୂର୍ବରୁ ଓଡ଼ିଆ ସାହିତ୍ୟରେ ଘଟିଛି ଓ ତାହା ଏହି ରୁଦ୍ରସୁଧାନିଧିର ଆଳଙ୍କାରିକ ରଚନା ପ୍ରମାଣ କରିଥାଏ ।

ଅଭିନବ-ଚୈତନ୍ୟ ଶିବଙ୍କୁ ଅତି କାତର ଭାବରେ ପ୍ରାର୍ଥନା କରିବାରେ ସେ କହିଛନ୍ତି ଯେ ତାହାର ପ୍ରାରବ୍ଧକର୍ମ ଶେଷ ହେବା ପରେ ପୁନର୍ବାର ରୁଦ୍ରଗଣ ଭାବରେ ଫେରି ଆସିବ; କିନ୍ତୁ ବର୍ତ୍ତମାନ ଅବସ୍ଥାରେ ତାହାକୁ ସଂସାର ଚକ୍ରରେ ଭ୍ରମଣ କରିବାକୁ ପଡ଼ିବ ଓ ସେଥିପାଇଁ ବିଶୁଦ୍ଧ ମଣ୍ଡଳର ରାଜା ଅନଙ୍ଗ ଚନ୍ଦ୍ରାକରଙ୍କ ରାଣୀ ଶଶିପ୍ରଭା ଗର୍ଭରେ ଜନ୍ମନେବାକୁ ପଡ଼ିବ । କବି ଲେଖିଛନ୍ତି, "ରତ୍ନ ଶୃଙ୍ଗାଦ୍ରି ଶିଖରେ ଚନ୍ଦ୍ର ଉଦୟ ଶୈଳ ଉପରେ ଏକ କଟକ ଅଛି । ସେ କଟକର ନାମ ବିଶୁଦ୍ଧ ମଣ୍ଡଳ । * ସେହି ବିଶୁଦ୍ଧ ମଣ୍ଡଳ ଦୁଃଖୀ ଦରିଦ୍ରର ଠାଉ । ଏହି ବିଶୁଦ୍ଧ ମଣ୍ଡଳ ହେଉଛି କଣ୍ଠସ୍ଥ ବିଶୁଦ୍ଧାଖ୍ୟ ମଣ୍ଡଳ । ଏହି ବିଶୁଦ୍ଧାଖ୍ୟ ମଣ୍ଡଳ ବା ବିଶୁଦ୍ଧ ଚକ୍ରର ସ୍ଥାନ କଣ୍ଠଦେଶ, ତାହାର

* The Serpent Power—A. Avalon. PP. 141–2 & P. 248.

ତତ୍ତ୍ୱର ବର୍ଣ୍ଣ ଶ୍ୱେତ, ଦେବତା ହେମକାନ୍ତି ସଦାଶିବ ଓ ଶକ୍ତି ଶାକିନୀ ଅଟନ୍ତି । ବିଶୁଦ୍ଧାଖ୍ୟ ମଣ୍ଡଳ ତପୋଲୋକର ଅନ୍ତର୍ଭୁକ୍ତ ପୂର୍ଣ୍ଣ ସତ୍ତ୍ୱ ଗୁଣାପନ୍ନ ଓ ତନ୍ମଧ୍ୟରେ ଅଧିଷ୍ଠିତ ଦେବତା ହେମକାନ୍ତି ଚନ୍ଦ୍ର । (୧)

ବିଶୁଦ୍ଧ ଚକ୍ର ସମ୍ବନ୍ଧୀୟ ଏହିପରି ବର୍ଣ୍ଣନା ପ୍ରସଙ୍ଗରେ ପୂର୍ବୋକ୍ତ ସ୍ମାରକସ୍ତମ୍ଭଗୁଡ଼ିକର ଆଶ୍ରୟ ନିଆଯାଇଛି । ରାଜାର ନାମ ଅନଙ୍ଗ ପ୍ରଭାକର ଅର୍ଥାତ୍ ଅନଙ୍ଗ ବା କନ୍ଦର୍ପ ରୂପକ ସରୋବର ଓ ମନ୍ତ୍ରୀର ନାମ ଶିବଦେବ ରତ୍ନାକର । ଏଠାରେ ମଧ୍ୟ ଏ ପ୍ରକାର ରୂପକ ଦେବାର ଉଦ୍ଦେଶ୍ୟ ଏହି ଯେ ଶିବଦେବ ରୂପକ ରତ୍ନାକର ଅନଙ୍ଗ ରୂପକ ସରୋବରକୁ ପ୍ରାପ୍ତ କରିପାରିଲେ ଯୋଗୀ ବିଶୁଦ୍ଧ ମଣ୍ଡଳର ଅଧିଦେବତା ସଦାଶିବଙ୍କର ସାନ୍ନିଧ୍ୟ ଲାଭ କରିପାରିବ । ରାଜାର ପାଟ ମହାଦେବୀର ନାମ ଶଶିପ୍ରଭା ଯାହାକି ବିଶୁଦ୍ଧାଖ୍ୟ ମଣ୍ଡଳର ଅଧିଷ୍ଠିତ ଦେବୀ । (୨)

ସାଧକ ମୂଳାଧାର ଚକ୍ରରୁ କ୍ରମେ ଊର୍ଦ୍ଧ୍ୱକୁ ଗତି କରିବାକୁ ଲାଗିବାବେଳେ ତାହାକୁ ଭୂ, ସ୍ୱ, ମହ, ଜନ, ତପ ଓ ସତ୍ୟ ପ୍ରଭୃତି ଲୋକ

(୧) "ଏମଧ୍ୟେ ପୂର୍ଣ୍ଣେନ୍ଦୁ ପ୍ରଥିତତମନଭୋମଣ୍ଡଳଂ ବୃତ୍ତରୂପମ୍ ।" ।୨୯।
"ସୁଧାଂଶୋଃ ସଂପୂର୍ଣ୍ଣ ଶଶପରିରହିତଂ ମଣ୍ଡଳ କର୍ଣ୍ଣିକାୟାଂ
ମହାମୋକ୍ଷଦ୍ୱାରଂ ଶ୍ରିୟମଭିମତଶୀଳସ୍ୟ ଶୁଦ୍ଧେନ୍ଦ୍ରିୟସ୍ୟ ।୩୦।
"ତ୍ରିକାଳାନାଂ ଦର୍ଶୀ ସକଳହିତକରୋ ରୋଗଶୋକପ୍ରମୁକ୍ତ
ଶ୍ଚିରଂଜୀବୀ ଜୀବୀ ନିରବଧି ବିପଦାଂ ଧ୍ୱଂସହଂସ ପ୍ରକାଶଃ ।୩୧।
ପୁଣି ତସ୍ୟୋପରି ସଦାଶିବସ୍ୟ ଦକ୍ଷିଣେଽର୍ଦ୍ଧାଙ୍ଗିନୀ ।
ଶିବେନୈଃ ପଞ୍ଚବକ୍ତ୍ରଶ୍ଚ ପ୍ରତିବକ୍ତ୍ରେ ତ୍ରିଲୋଚନମ୍
ବହ୍ନତି ଭୂଷିତାଙ୍ଗଶ୍ଚ ରଜତାଚଳ ସୋଦରଃ ।
ଇତ୍ୟାଦି ଉକ୍ତୈବ 'ଶ୍ରୀ ଚନ୍ଦ୍ରଶେଖରରୂପଣେ' (ପୃ, ୩୯—୪୩,)

(୨) The Serpant Power—'A' Avalon P. 248

| ଚକ୍ର | ଲୋକ | ଗୁଣ | ଅଧିଷ୍ଠିତ ଦେବତା |
|---|---|---|---|
| ୧ । ମୂଳାଧାର | —ଭୂବର୍ଲୋକ | ତମୋଗୁଣ | ଅଗ୍ନି |
| ୨ । ସ୍ୱାଧିଷ୍ଠାନ | —ସ୍ୱର୍ଲୋକ | | |
| ୩ । ମଣିପୁର | —ମହର୍ଲୋକ | ରଜୋଗୁଣ | ସୂର୍ଯ୍ୟ |
| ୪ । ଅନାହତ | —ଜନଲୋକ | | |
| ୫ । ବିଶୁଦ୍ଧି | —ତପଲୋକ | ସତ୍ତ୍ୱ | ଚନ୍ଦ୍ର |
| ୬ । ଆଜ୍ଞା | —ସତ୍ୟଲୋକ | | |

ମାନଙ୍କର କୁଳଚକ୍ରେ ସପ୍ତଧାତୁ ମରଇ । ଅନ୍ତ ଭିତରେ ପଶି ସେହେଲେ ସିଂହ ବଦାଉଇ । ତ ଶେଷ୍ଟା ବୀଧି କଣ୍ଠଦେଶରେ ବସି । ପରମହଂସ ପର୍ଯ୍ୟନ୍ତେ ଥାଇଂ ପ୍ରାପ୍ତି ।" (ପୃ: ୨୫-୨୬)

ଅଭିନବ-ଚୈତନ୍ୟ ସଂସାରଚକ୍ରର କଳ୍ପନା କରି ବିମର୍ଷ ହୋଇ ପଡ଼ୁଛନ୍ତି । ସେ ଭାବୁଛନ୍ତି ଯେ ଶୁଭାଶୁଭ କର୍ମ ନେଇ ତାଙ୍କୁ "ପୁନରପି ଜନନଂ ପୁନରପି ମରଣଂ ! ପୁନରପି ଜନନୀ ଜଠରେ ଶୟନଂ" କରିବାକୁ ପଡ଼ିବ । ଏ ସ୍ଥଳରେ ଶଙ୍କରଙ୍କ ମୋହମୁଦ୍‌ଗରର ପ୍ରଭାବ କବିଙ୍କୁ ପ୍ରଭାବିତ କରିଛି । କିପରି ଅଭିନବ-ଚୈତନ୍ୟ ସଂସାର ବନ୍ଧନରୁ ମୁକ୍ତି ପାଇବ, ସେଥିଲାଗି ସେ ବ୍ୟାକୁଳ ହୋଇ ଶିବଙ୍କୁ ୬୦ ପଦ୍ୟରେ ସ୍ତୁତି କରିଛନ୍ତି । ରୁଦ୍ରସୁଧାନିଧିର ସ୍ତୁତି ଯେପରି କବିତ୍ୱପୂର୍ଣ୍ଣ ଓ ଆଳଙ୍କାରିକ ଆଡ଼ମ୍ବରରେ ଗରୀୟାନ୍‌, ତାହା କହିବା ବାହୁଲ୍ୟ ହେବ । ଏ ପ୍ରକାର ଆଳଙ୍କାରିକ ରଚନା ସମଗ୍ର ମଧ୍ୟଯୁଗ ସାରା ସାହିତ୍ୟରେ ଦାର୍ଢ୍ୟ କହୁନଲ୍ ଚଳେ । ଏଥିରୁ ପ୍ରତୀତ ହୁଏ ଯେ ଓଡ଼ିଆ ସାଡ ସଂସ୍କୃତ୍ୟର ସୂତ୍ରକ୍ ଭିତ୍ତିଭୂତ ପ୍ରାଥମିକ କାବ୍ୟଗ୍ରନ୍ଥର ବହୁପୂର୍ବରୁ ଓଡ଼ିଆ ସାହିତ୍ୟରେ ରଚିତ ଓ ତାହା ଏହି ରୁଦ୍ରସୁଧାନିଧିର ଆଳଙ୍କାରିକ ରଚନା ପ୍ରମାଣ କରୁଥାଏ ।

ଅଭିନବ-ଚୈତନ୍ୟ ଶିବଙ୍କୁ ଅତି କାତର ଭାବରେ ପ୍ରାର୍ଥନା କରିବାବେଳେ ସେ କହୁଛନ୍ତି ଯେ ତାହାର ପ୍ରାରବ୍ଧକର୍ମ ଶେଷ ହେବା ପରେ ପୁନର୍ବାର ରୁଦ୍ରଗଣ ଭାବରେ ଫେରି ଆସିବ; କିନ୍ତୁ ବର୍ତ୍ତମାନ ଅବସ୍ଥାରେ ତାହାକୁ ସଂସାର ଚକ୍ରରେ ଭ୍ରମଣ କରିବାକୁ ପଡ଼ିବ ଓ ସେଥିପାଇଁ 'ବିଶୁଦ୍ଧ ମଣ୍ଡଳର ରାଜା ଅନଙ୍ଗ ପଦ୍ମାକରଙ୍କ ରାଣୀ ଶଶିପ୍ରଭା ଗର୍ଭରେ ଜନ୍ମନେବାକୁ ପଡ଼ିବ । କବି ଲେଖିଛନ୍ତି, "ରତ୍ନ ଶୃଙ୍ଗାର ଶିଖରେ ଚନ୍ଦ୍ର ଉଦୟ ଶୈଳ ଉପରେ ଏକ କଟକ ଅଛି । ସେ କଟକର ନାମ ବିଶୁଦ୍ଧ ମଣ୍ଡଳ ।* ସେହି ବିଶୁଦ୍ଧ ମଣ୍ଡଳ କୁଣ୍ଡଳୀ ଷଷ୍ଠପୁର ଦ୍ୱାର । ଏହି ବିଶୁଦ୍ଧ ମଣ୍ଡଳ ହେଉଛି ଷଟ୍‌ଚକ୍ର ବିଶୁଦ୍ଧାଖ୍ୟ ମଣ୍ଡଳ । ଏହି ବିଶୁଦ୍ଧାଖ୍ୟ ମଣ୍ଡଳ ବା ବିଶୁଦ୍ଧ ଚକ୍ରର ସ୍ଥାନ କଣ୍ଠଦେଶ, ତାହାର

---

* The Serpent Power—A. Avalon, PP. 141-2 & P. 248.

ଚକ୍ରର ବର୍ଣ୍ଣ ଶ୍ୱେତ, ଦେବତା ହେଉଛନ୍ତି ସଦାଶିବ ଓ ଶକ୍ତି ଶାକିନୀ ଅଟନ୍ତି । ବିଶୁଦ୍ଧାଖ୍ୟ ମଣ୍ଡଳ ତତ୍ପରଲୋକର ଅନ୍ତର୍ଭୁକ୍ତ ପୃଥ୍ୱୀ ପଞ୍ଚ ଗୁଣାତ୍ମକ ଓ ତହିଁରେ ଅଧିଷ୍ଠିତ ଦେବତା ହେଉଛନ୍ତି ଚନ୍ଦ୍ର । (୧)

ବିଶୁଦ୍ଧ ଚକ୍ର ସମ୍ବନ୍ଧୀୟ ଉକ୍ତ ବର୍ଣ୍ଣନା ପ୍ରସଙ୍ଗରେ ପୂର୍ବୋକ୍ତ ପ୍ରଶ୍ନଚନ୍ଦ୍ରିକାର ଆଶ୍ରୟ ନିଆଯାଉଛି । ରାଜାର ନାମ ଅନଙ୍ଗ ପ୍ରଦ୍ୟୁମ୍ନର ଅର୍ଥାତ୍ ଅନଙ୍ଗ ବା କନ୍ଦର୍ପ ରୂପକ ସରୋବର ଓ ମନ୍ତ୍ରୀର ନାମ ସ୍ୱରୂପ ରତ୍ନାକର । ଏଠାରେ କଥା ଏ ପ୍ରକାର ରୂପକ ଦେବାର ଉଦ୍ଦେଶ୍ୟ ଏହି କି ଯେ ଶରୀର ରୂପକ ରତ୍ନାକର ଅନଙ୍ଗ ରୂପକ ସରୋବରକୁ ଗ୍ରାସ କରି ପାରିଲେ ଯୋଗୀ ବିଶୁଦ୍ଧ ମଣ୍ଡଳର ଅଧିଦେବତା ସଦାଶିବଙ୍କର ସାନ୍ନିଧ୍ୟ ଲାଭ କରିପାରିବ । ରାଜାର ପାଟ ମହାଦେବୀର ନାମ ଶଶିପ୍ରଭା ଯାହାକି ବିଶୁଦ୍ଧାଖ୍ୟ ମଣ୍ଡଳର ଅଧିଷ୍ଠିତ ଦେବୀ । (୨)

ସାଧକ ମୂଳାଧାର ଚକ୍ରରୁ କ୍ରମ ଊର୍ଦ୍ଧ୍ୱକୁ ଗତି କରିବାକୁ ଲାଗିବାବେଳେ ତାହାକୁ ଭୂ, ଭୁବ, ମହ, ଜନ, ତପ ଓ ସତ୍ୟ ପ୍ରଭୃତି ଲୋକ

---

(୧) "ଏମଧ୍ୟେ ପୂର୍ଣ୍ଣେନ୍ଦୁ ପ୍ରଥିତତମନଭୋମଣ୍ଡଳଂ ବୃତ୍ତରୂପମ୍ ।" ।୨୯।
"ସୁଧାଂଶୋଃ ସଂପୂର୍ଣ୍ଣ ଶଶପରିରହିତଂ ମଣ୍ଡଳ କର୍ଣ୍ଣିକାୟାଂ
ମହାମୋକ୍ଷଦ୍ୱାରଂ ଶ୍ରିୟମଭିମତଶୀଳସ୍ୟ ଶୁଦ୍ଧେନ୍ଦ୍ରିୟସ୍ୟ ।୩୦।
"ତ୍ରିକାଳାନାଂ ଦର୍ଶୀ ସକଳହିତକରୋ ରୋଗଶୋକପ୍ରମୁକ୍ତ
ଶ୍ଚିରଂଜୀବୀ ଜୀବୀ ନିରବଧି ବିପଦାଂ ଧ୍ୱଂସହଂସ ପ୍ରକାଶଃ ।୩୧।
ପୁଣି ତସ୍ୟୋପରି ସଦାଗୌରୀ ବାମସ୍ଥେଶସଦାଶିବଃ ।
ତ୍ରିନେତ୍ରଃ ପଞ୍ଚବକ୍ତ୍ରଶ୍ଚ ଦଶବକ୍ତ୍ରୋ ତ୍ରିଲୋଚନମ୍
ବସ୍ତ୍ର ଭୂଷିତାଙ୍ଗଶ୍ଚ ରଜତାଚଳ ସୋଦରଃ ।
ଇତ୍ୟାଦ ତଦୈବ 'ସ୍ତ୍ରଃ ତଦୈକରୂପମ୍' (ପୃ. ୩୯—୪୩.)

(୨) The Serpant Power—'A' Avalon P. 248

| ଚକ୍ର | ଲୋକ | ଗୁଣ | ଅଧିଷ୍ଠିତ ଦେବତା |
|---|---|---|---|
| ୧ । ମୂଳାଧାର | —ଭୂଲୋକ | ତମୋଗୁଣ | ଅଗ୍ନି |
| ୨ । ସ୍ୱାଧିଷ୍ଠାନ | —ସ୍ୱର୍ଲୋକ | | |
| ୩ । ମଣିପୁର | —ମହର୍ଲୋକ | ରଜୋଗୁଣ | ସୂର୍ଯ୍ୟ |
| ୪ । ଅନାହତ | —ଜନଲୋକ | | |
| ୫ । ବିଶୁଦ୍ଧି | —ତପଲୋକ | ସତ୍ତ୍ୱ | ଚନ୍ଦ୍ର |
| ୬ । ଆଜ୍ଞା | —ସତ୍ୟଲୋକ | | |

ତେଲ ଶିବାକୁ ଚନ୍ଦ୍ରଆଏ, ତମୋଗୁଣ ରଜ ଓ ସତ୍ତ୍ୱ ଗୁଣରେ ଉପନୀତ ହୋଇଥାଏ ଓ ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ ଓ ପରିଶେଷରେ ଚନ୍ଦ୍ର ଚକ୍ରରେ ପହଞ୍ଚଥାଏ । ଚନ୍ଦ୍ରଚକ୍ର ଅଧିଷ୍ଠିତ ଦେବତା ଭାବରେ କଥିତ । କବି ଯଥାର୍ଥ ଭାବରେ ଅନଙ୍ଗ ପଦ୍ମାକରଙ୍କର ପାଟମହାଦେବୀଙ୍କୁ ଶଶିପ୍ରଭା ନାମରେ ଉଲ୍ଲେଖ କରି ରୂପକକୁ ଗମ୍ଭୀର କରିଅଛନ୍ତି । ଏହା ବି ପରିକଳ୍ପନାର ଯୋଗ୍ୟ ହୋଇପାରେ ଯେ ବିଶୁଦ୍ଧ ମଣ୍ଡଳର ଦେବତା ଶଶିଭୂଷଣ ସଦାଶିବ କନ୍ଦର୍ପଦର୍ପ ବିନାଶକ ଅଟନ୍ତି—କନ୍ଦର୍ପ ଯାହା ଯୋଗପଥର ପ୍ରଧାନ କଣ୍ଟକ ଅଟେ ।

ସେ ଯାହାହେଉ, ବିବେକ ସମ୍ପନ୍ନ ଯୋଗୀ କନ୍ଦର୍ପର ଦର୍ପ ପରାହତ କରି ବିଶୁଦ୍ଧ ମଣ୍ଡଳରେ ସଦାଶିବଙ୍କର ନିକଟସ୍ଥ ହୋଇ ସତ୍ତ୍ୱଗୁଣ ଯୁକ୍ତ ହୋଇଥାଏ । ଏହାହିଁ ପୂର୍ବୋକ୍ତ ରୂପକର ତାତ୍ପର୍ଯ୍ୟ ।

ଅନ୍ୟ ପକ୍ଷରେ ପାବକଙ୍କର ମାନସୀକନ୍ୟା ଶିବଙ୍କର ଆଦେଶରେ ଧର୍ମଧ୍ୱଜର ରାଜାର ଦୁହିତା ହୋଇବାକୁ ଗଲ । ତେବେ ସେ କନ୍ୟା କିଏ ? ସେ କୁଣ୍ଡଳିନୀଶକ୍ତି ବ୍ୟତୀତ ଅନ୍ୟ କେହି ନୁହେଁ । ଅଗ୍ନିଜନ୍ୟ ଚୈତନ୍ୟ କି ସାଧକର ଅଗ୍ନିଜନ୍ୟ ଚେତନାଶକ୍ତି । ସାଧକ ବା ଯୋଗୀ ଏହି ଚେତନା ସାହାଯ୍ୟରେ ସୁପ୍ତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରାଇ କ୍ରମେ ମୂଳାଧାର ଚକ୍ରରୁ କ୍ରମେ ବିଭିନ୍ନ ଚକ୍ର ଦେଇ 'ସହସ୍ରାର ପଦ୍ମ'ରେ ଉପନୀତ ହୋଇଥାଏ । ତୈତ୍ତିରୀୟ ଆରଣ୍ୟକରେ ଏହି କୁଣ୍ଡଳିନୀଶକ୍ତି ସମ୍ବନ୍ଧରେ କୁହାଯାଇଛି ଯେ ତାହା ଯେତେବେଳେ ଜାଗ୍ରତ ହୁଏ, ସେତେବେଳେ ସେ କୁମାରୀ ନାମରେ, ଅନାହତ ଚକ୍ରରେ ପହଞ୍ଚିଲେ 'ଯୋଷିତ' ନାମରେ ଓ 'ସହସ୍ର'ରେ ପହଞ୍ଚିଲେ ସେ ପୁଣି 'ପତିବ୍ରତା' ନାମରେ ଅଭିହିତା ହୋଇଥାଏ । * କୁଣ୍ଡଳିନୀଶକ୍ତି

---

* "This Kundalini, as soon as it is awakened, is in the Kumari (girl) stage, on reaching Anahata, it attains the Yosit stage (womanhood) ···. The next stage is in the Sahasrara, of which we shall speak hereafter, and the Sakti in that stage is called Pativrata ( devoted husband ).
The Serpent Power—A. Avalon—P. 249.

ସାଧକ ଅଭିନବ ଚୈତନ୍ୟର ପ୍ରୟୋଗ ଓ ସନ୍ନିବେଶରେ ଶିବଲୋକ ପ୍ରାପ୍ତି ଯଥାର୍ଥରେ ଯୋଗୀର ଲକ୍ଷ୍ୟ ଓ ତତ୍ତ୍ୱରେ ତାହାର ମୁକ୍ତି ଓ ସଫଳତା ବିଦ୍ୟମାନ । ଏ ମିଳନ ଏକ ଅପୂର୍ବ ମିଳନ । ଗ୍ରନ୍ଥକାର ଏହି ରୂପକକୁ ଅତି ସୂକ୍ଷ୍ମ ଭାବରେ ଏଥିରେ ଚିତ୍ରିତ କରି ସ୍ୱୀୟ ସାଧକ ଜୀବନର ଅନୁଭୂତି ନିପୁଣ ଭାବରେ ବର୍ଣ୍ଣନା କରିଅଛନ୍ତି ।

ଏହି ପରବର୍ତ୍ତୀ ଗର୍ଭୀୟାମୃତରେ ସୂକ୍ଷ୍ମଲକ୍ଷ ନିମିତ୍ତ ଅନଙ୍ଗ ଚନ୍ଦ୍ରକରଙ୍କର ନୀତିନ୍, ସାଧନା ଓ ଦାନଧର୍ମ ପ୍ରଭୃତିର ଚିତ୍ର ଦେଇଅଛନ୍ତି । ତାହାଙ୍କ କଠିନ ଯୋଗସାଧନା ପ୍ରଭୃତିର ଚିତ୍ର ପ୍ରଦାନରେ ଏହି ଲିପିବଦ୍ଧ କରିଅଛନ୍ତି ।

"ତା ହେ କେଉଁ କେଉଁ ଧର୍ମ । ସେ ଜପସ୍ତୁର ମଣ୍ଡନ । କୃଚ୍ଛ୍ର ଚାନ୍ଦ୍ରାୟଣ । ଅଧଃଊର୍ଦ୍ଧ୍ୱ ଜଟାରଥ । ଶୀତବାତ ତପନ କାଳ ସହନ । ଫଳମୂଳ ଅଶନ । ମଳୁଆ ବହନ । ପବନ ପାନ । ଜଳ ଭକ୍ଷ୍ୟ । ସପତ୍ନୀ ପାଶ । ତ ନାମ କରନ୍ତି ସେ ବହୁ ଧୈର୍ଯ୍ୟ । କୃଚ୍ଛ୍ର-ବାପ୍ତ ଏକ ପାଦସ୍ଥିତ । ପଞ୍ଚାଗ୍ନି ଶୋଷଣ । ଦୂର୍ବାରସ ଜଳ ଭକ୍ଷଣ । ନିରାଧ ଶୀତ ବହନ । ଅହରଣୀ ଦଣ୍ଡ କୁଶୋଦକେନ ଅର୍ଘ୍ୟ । ଦେବ ପିତୃ ସନ୍ତୋଷଣେ ତୃପ୍ତ । କୋଟି ଶାଳଗ୍ରାମ ଶିଳା ଶଙ୍ଖ କୋଟି ବିନ୍ଦୁର ତୋଳନେ...ସମାର୍ଜନ । ତୁଳସୀ ଭକ୍ଷଣ । କରୁଣେ ଦୂର୍ବାରସ ଆହାର । ଯମ । ନିୟମ । ପ୍ରାଣାମ । ଆହାର (ପ୍ରତ୍ୟାହାର) ଧ୍ୟାନ, ଧାରଣ । ସମାଧି । ଯଜ୍ଞ । ତୀର୍ଥାଟନ । ମହାବୃକ୍ଷ ରୋପଣ । ପୁଷ୍କରିଣୀ । ପ୍ରାସାଦ । ମଠ । ମଣ୍ଡପ । ଉଦ୍ୟାନ । ବାପୀ । କୂପ । ଦେବାଳୟ ସହସ୍ର ସହସ୍ର । ବିବିଧ ଦ୍ରବ୍ୟ ଅତିଥି ଅଭ୍ୟାଗତ ତୃପ୍ତ କରିତ । ଗୋ ଗ୍ରାସ ଦ୍ୱିବର୍ଗ ନିରତ । ସମ୍ବତ୍ସର ଧାରା । ବିବିଧ ଦ୍ରବ୍ୟ । ଅତିଥି ଅଭ୍ୟାଗତ । ତୃପ୍ତ କରିତ । ଗୋ ଗ୍ରାସ । ଦ୍ୱିବର୍ଗ ନିରତ । ସମ୍ବତ୍ସର ଧାରା ।" (ପୃ. ୫୬)

ପୁଣି ଦାନ ଗର୍ଭୀୟସ୍ତରେ—

"ତା ହେ ସମାପ୍ତିକ ଗତିଶ । ସନ୍ତୋଷ ନିମିତ୍ତେ । କଳ୍ପନା କରି ବିବିଧ ଦାନକୁ ଦେଲା । ତା ହେ କେଉଁ କେଉଁ ଦାନ ମାନକୁ ଦେଲା । ଭୂମି । ଜଳ । ଅନ୍ନ । ଅଳଙ୍କାର । ବସ୍ତ୍ର । କୁଞ୍ଜର । କଳ୍ପତରୁ । ତୁଳା

ପ୍ରଭୃତ । ସମ ଘଣ୍ଟା । ହେମଗିରିମଣ୍ଡଳ । ···ତିଳକାଞ୍ଚନ । ଦଧି ଶଙ୍ଖ । କନକ ଗାଭ । ସହସ୍ର କନ୍ୟାଯୁକ୍ତ ରତ୍ନଯୁକ୍ତ -ପରିଶାଢ଼ । ପଲଙ୍କ । ପାଦୋଦକ । ସେଜ । ପୁର । ଶାସନ । ନଗର । ପାଟଣା । ଗିରି । ନଦୀ । ବନ । ଘୃତ କୁମ୍ଭ । ପୁତ୍ରହିରଣ୍ୟ ରଜରାଶି । ଶାଳଗ୍ରାମ ।···ବୃକ୍ଷାଜନ । ଗୋଷ୍ଠାଦି କରି ସମସ୍ତ ଦାନ ମାନନ୍ତ ଦେଲି ।" (ପୃ:୫୬)

ବିଭିନ୍ନ ଯୋଗର ବିସ୍ତୃତ ପ୍ରସଙ୍ଗରେ କବି ୬୪ ପ୍ରକାର ଯୋଗ ମଧ୍ୟରେ ତାରକ ଧାତୁ ଯୋଗର ବିସ୍ତାର କରିଅଛନ୍ତି । ନବନାଡ଼ି ଓ ନବ ନାଭିରେ ନବ ପବନ ମଧ୍ୟରେ କୁଣ୍ଡଳିନୀ ଶକ୍ତି କିପରି ଜାଗ୍ରତ ହୋଇ, ତାହା ଭିତର କୁହର (ଗୁମ୍ଫା), ଗୋଲ୍ହାଟ, ତ୍ରିବେଣୀ ଭୂମି ଓ ଶଂଖିନୀ ସୃଷ୍ଟି କ୍ରମେ ଶରୀରରେ ଧାତୁପିଣ୍ଡ ସୃଷ୍ଟି କରେ, ତାହା ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ପ୍ରସଙ୍ଗରେ କାୟାସାଧନା ପ୍ରସଙ୍ଗରେ କବି ବହୁ ସ୍ଥାନରେ ବହୁ ସୂଚନା ଦେଇଅଛନ୍ତି । ଯଥା :—

"ଅବଧୂତ ଯୋଗୀ ଶରୀର ସାଧନେ ଲଗିଲେ । ଉଦୟୁ ଆକାଶ ଯୋଗୀମାନେ ପବନ ଅଭ୍ୟାସ ମଧ୍ୟ କରି ନେତ୍ରେ ଅଗ୍ନି ଦେ ବୋଲି ଭିଷା ପାରିଲେ । ପ୍ରାଣାୟାମ ଅଭ୍ୟାସି ସନ୍ନ୍ୟାସୀ ପ୍ରାଣାୟାମ ସାଧନେ ଲଗିଲେ । ଧାରଣା କରି ଯୋଗୀ ସୂର୍ଯ୍ୟ ଧାରଣା ଭୂମି ଚନ୍ଦ୍ର ଧାରଣାରେ ଲଗିଲେ * ।" ଅବଧୂତର ବର୍ଣ୍ଣନା କାବ୍ୟରେ ଅତି ଚମତ୍କାର ଭାବରେ ପ୍ରତିପାଦିତ ହୋଇଛି । ପ୍ରକାଶିତ ଶୁଦ୍ଧସୁଧାନିଧିରେ ଅବଧୂତ ପ୍ରଧାନ ଚରିତ୍ର ଓ ତାହାଙ୍କ ମୁଖରେ ପ୍ରକାଶିତ ବିଭିନ୍ନ ଯୋଗତତ୍ତ୍ୱ ଗ୍ରନ୍ଥର ସେ ପ୍ରଧାନ ପ୍ରତିପାଦ୍ୟ ବିଷୟ, ତାହା କହିବା ବାହୁଲ୍ୟ ହେବ । ସେ ଅବଧୂତ କାପରି ସେ ସମ୍ବନ୍ଧରେ କବି ତାଙ୍କର ସମସ୍ତ ଯୋଗଜ୍ଞାନକୁ ଏକତ୍ର କରି ଅବଧୂତଙ୍କୁ ଯଥାର୍ଥ ଭାବରେ ରୂପାୟିତ କରିବାକୁ ଯାଇ ଲିପିବଦ୍ଧ କରି ଅଛନ୍ତି ।

"ଶରୀର ସର୍ବ ପୃଥୁଳ ଆକୃତି । କଟିରେ ଅଛି ବଜ୍ର କାଛେଣୀ । ଶୃଙ୍ଗ ଅଛି ତସ୍ତ ତରଙ୍ଗି । ପୁଷ୍ପରସ ମଦରସରେ ହୋଇଅଛି ମତ୍ତ । କୁଳଣ ଯୋଗରେ ଇନ୍ଦ୍ରିୟମାନଙ୍କୁ କରିଅଛି ଅତି ଶତ । ଆକାଶ ସରଏ ପୂରି ଅଛି । ପବନର ମାର୍ଗ ଶୋଧି ଅଛି । ଇଡ଼ା ପିଙ୍ଗଳା ସାଧି ଅଛି । ମୂଳ

* ଶୁଦ୍ଧ ସୁଧାନିଧି—ଡଃ କନ୍ଦୁବିର କର ସମ୍ପାଦିତ । ପୃ. ୫୬

କମଳ ମୂଳ ଅଛି । ସପ୍ତ ଧାତୁ ମାରିଅଛି । ଇନ୍ଦ୍ରିୟମାନଙ୍କୁ ଜାଳି ଅଛି । ତ୍ରିବେଣୀ ଜଳ ଛାଣିଅଛି । ଉନ୍ମଣୀ ମୁଦ୍ରା ବାନ୍ଧି ଅଛି । ଖେଚରୀ ମୁଦ୍ରା ସନ୍ଧି ଅଛି । ଶରୀର ଯାକ ମନ୍ତ୍ରୀ ଅଛି । ଅଗ୍ନି ମଣ୍ଡଳ ଜାଳି ଅଛି । କୁଣ୍ଡଳିନୀ ମୁଖ ଖୋଲିଅଛି । ଷଟ୍ କମଳ ଫୁଟାଇ ଅଛି । ଆଜ୍ଞାର ଜିହ୍ୱା ଫୁଟାଇ ଅଛି । ପବନ ବାଣ ଶୋଧିଅଛି ।...ଜାହ୍ନବୀ ମଣ୍ଡଳ ଖୋଲିଅଛି । ଅନାହତ ଧୁନ ଶୁଣି ଅଛି । ମୂଳ ଶୂନ୍ୟ ଭେଦି ଅଛି । କାଳଖଣ୍ଡ ଛେଦି ଅଛି । ଚନ୍ଦ୍ର ସୂର୍ଯ୍ୟ ମିଶାଇ ଅଛି ।” ଇତ୍ୟାଦି ।

(ଭକ୍ତିସୁଧାନିଧି-ପୃ. ୫୮)

ଅବଧୂତ ଓ ଗର୍ଭସ୍ଥ ସନ୍ତାନ ମଧ୍ୟରେ ଯୋଗତତ୍ତ୍ୱ ଓ ବିଭିନ୍ନ ଦାର୍ଶନିକ ମତବାଦର ସମୀକ୍ଷା ଅତୀବ କୌତୂହଳପ୍ରଦ । ଏହା ବ୍ୟତୀତ ଆତ୍ମା, ପରମାତ୍ମା, ଜୀବ, ସ୍ୱରୂପଜ୍ଞାନ, ଅଜ୍ଞାନ, ଆତ୍ମଜ୍ଞାନ ଓ ମାୟା ପ୍ରଭୃତିର ବିସ୍ତୃତ ବିବୃତି ଏହି ଗ୍ରନ୍ଥରେ କରାଯାଇଛି । ଗର୍ଭସ୍ଥ କୁମାରର ଜନ୍ମସମୟରେ ଭବ ସ୍ନେହ ହରଣୀ ନାମକ ଯୋଗିନୀ ଚରିତ୍ରର ଅବତାରଣା କରିଅଛନ୍ତି । ଏହି ଯୋଗିନୀ ମାୟାର ପ୍ରତୀକ । ଶିବଗଣ ରୂପୀ ଜ୍ଞାନର ପ୍ରକାଶରେ ସେହି ମାୟା ଦୂର ହୋଇ ଯାଇଅଛି ।

ଏଣେ କୁମାର ଯୁବକ ଅବସ୍ଥାରେ ଉପନୀତ ହୁଅନ୍ତେ ରାଜା କୁମାରର ପରିଣୟ ନିମିତ୍ତ ଉପଯୁକ୍ତ କନ୍ୟା ନିମନ୍ତେ ଦୂତଗଣକୁ ଖୋଜ ପଠାଇଛନ୍ତି । ରାଜା କୁମାରର ପରିଣୟ ନିମିତ୍ତ ଚିନ୍ତିତ ଥିବା ଅବସ୍ଥାରେ କାମାନନ୍ଦ ନାମକ ଯୋଗୀଙ୍କର ଆବିର୍ଭାବ ଘଟିଲା । ଯୋଗୀ କାମାନନ୍ଦଙ୍କର ବର୍ଣ୍ଣନା ପ୍ରସଙ୍ଗରେ କବି ତାଙ୍କର ସ୍ୱରୂପରେ “ନାଥଧର୍ମ”ର ସ୍ୱରୂପ ସୂଚାଇ ଅଛନ୍ତି ।

“କାମାନନ୍ଦ ବୋଲି ଯୋଗୀ ଏକ ପ୍ରବେଶ ହୋଇଲା । × × ସେ ଯୋଗୀ ଅଭିନବ ଯୁବା । × × କର୍ଣ୍ଣରେ ମୁଦ୍ରା ଦୁଇଗୋଟା ଶୋଭାପାଉଅଛି କି ଅମୃତମୟ କୁଣ୍ଡଳ । ସେ ଯୋଗୀ ସକଳ ବିଦ୍ୟା ଅଛି ସାଧି । ତିନି ଭୁବନକୁ ଜାଣିବାକୁ ଜାଣଇ ବୁଦ୍ଧି । ବହୁତ ଜାଣେଇ କଳ୍ପ ମନ୍ତ୍ର । ସେ କେବଣ କେବଣ କଳ୍ପମାନ କରିଅଛି । କନକକଳ୍ପ, ଗନ୍ଧକକଳ୍ପ, ନାଗକଳ୍ପ, ରସକଳ୍ପ, ଅଭ୍ରକଳ୍ପ, କର୍ପୂରକଳ୍ପ, କସ୍ତୁରୀ-

କଳ୍ପ, ମଣିକଳ୍ପ, ବୈକ୍ରାନ୍ତୀକଳ୍ପ, କ୍ଷୀରକଳ୍ପ, ଧାତ୍ରୀକଳ୍ପ ଇତ୍ୟାଦି କରି ସକଳ କଳ୍ପ ସାଧିଅଛି ।” (୧)

ଶରୀରର ସ୍ଥାୟିତ୍ୱ ନିମିତ୍ତ ବିଭିନ୍ନ କଳ୍ପର ବ୍ୟବହାର ନାଥ-ଯୋଗୀମାନେ କରିଥାନ୍ତି । ଏହି ବିଷୟର ଆଲୋଚନା ‘କାୟାକଳ୍ପ’ ପ୍ରସଙ୍ଗରେ କରାଯାଇଛି ।

ବୁଦ୍ଧସୁଧାନିଧିର ଶେଷଭାଗରୁ ମହାମାୟା ଯୋଗୀକୁ ଯୋଗ-ସାଧନା ସମ୍ବନ୍ଧରେ କହିବାବେଳେ ବିଭିନ୍ନ ଆସନ, ବନ୍ଧ, ମୁଦ୍ରା, ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ, ଷଟ୍‌ଚକ୍ର ଓ ସମସ୍ତ ଶରୀର ଭେଦର ତତ୍ତ୍ୱ ବର୍ଣ୍ଣନା କରି ଅଛନ୍ତି । ଏପରି ବିଶଦ ବର୍ଣ୍ଣନା ଅନ୍ୟ କୌଣସି ଓଡ଼ିଆ ସନ୍ଥ ସାହିତ୍ୟରେ ଏପରି କି ସମ୍ପ୍ରଦାୟଭୁକ୍ତ ଅନ୍ୟାନ୍ୟ ଭାରତୀୟ ସାହିତ୍ୟମାନଙ୍କରେ ଦେଖାଯାଏ ନାହିଁ ।

ଯୋଗନିର ଧୌତି ପ୍ରସଙ୍ଗରେ ‘ଚନ୍ଦ୍ର ସୂର୍ଯ୍ୟ ପଖାଳ, ନାଗାର୍ଜୁନ ପଖାଳ ଓ ନଳ ଯୁଗଳ ପ୍ରଭୃତି ବିଭିନ୍ନ ପଖାଳ ବା ପ୍ରକ୍ଷାଳନ’ର ବିଷୟ ବର୍ଣ୍ଣନା କରି କଳ୍ପ ଔଷଧ ସେବନ କରିବାର ବିଧି ବର୍ଣ୍ଣିତ ହୋଇଅଛି ।

ଏହା ପରେ ଆସନ ପ୍ରସଙ୍ଗରେ ଗୋରକ୍ଷନାଥ କହିଛନ୍ତି ଯେ ସାଧାରଣତଃ ୮୪ ଲକ୍ଷ ବିଭିନ୍ନ ଆସନ ଥିବାର ଶିବ କହିଅଛନ୍ତି । ତନ୍ମଧ୍ୟରୁ ୮୪ଟି ଆସନ ଶ୍ରେଷ୍ଠ; କିନ୍ତୁ ସାଧକ ୮୪ଟି ଆସନରୁ ସିଦ୍ଧ, ପଦ୍ମ, ସିଂହ ଓ ଭଦ୍ର ଏହି ଚାରୋଟି ପ୍ରଧାନ ଆସନ ଉପରେ ନିର୍ଭର କରେ, ତେବେ ତାହାର ଏତେଗୁଡ଼ିଏ ଆସନ କରିବା ଉଚିତ ନୁହେଁ । ବୁଦ୍ଧସୁଧାନିଧିରେ କଣ ବିଭିନ୍ନ ଆସନ ନାମକରଣ କରି ‘ହଠଯୋଗ ପ୍ରଦୀପିକା’ ଅନୁଯାୟୀ (୨) ଚାରୋଟି ପ୍ରଧାନ ଆସନର କଥା କହିଛନ୍ତି । କିନ୍ତୁ ବୁଦ୍ଧସୁଧାନିଧିରେ ସିଂହାସନ ପରିବର୍ତ୍ତେ ସ୍ୱସ୍ତିକାସନର ଉଲ୍ଲେଖ ହୋଇଛି । “ଏଥିରୁ କି ଆସନ ଶ୍ରେଷ୍ଠ ହୋଇ । ସେ କେବଣ କେବଣ

(୧) ବୁଦ୍ଧ ସୁଧାନିଧି—ଡା କରୁଣାକର ।

(୨) ହଠଯୋଗ ପ୍ରଦୀପିକା—Tr. by Yagi Srinivas Iyangar, Adyar, Madras. P. 27

‘ମନ୍ମଥ ଅଗ୍ନି ଜଳିଲା । ହେଠଯୋଗ (ହଠଯୋଗ) ଖଟିଲା’

‘ହଠଯୋଗ ସାଧନ ସାରିଅଛି’ (ବୁ. ସୁ. ପୃ. ୧୮୨ ଓ ଜ୍ଞା: ସ୍ୱ: ପୃ. ୬୨୦)

ଆସନ । ପଦ୍ମାସନ । ଭଦ୍ରାସନ । ସ୍ୱସ୍ତିକାସନ । ସିଦ୍ଧାସନ । ଏ ସିଦ୍ଧାସନ କେମନ୍ତ । ବାମପାଦ ଅଗ୍ରଯାନୁରେ ଦୃଢ଼ କରି ନିବେଶିବୁ" ଇତ୍ୟାଦି ପୃ. ୧୬୦ ।

ଚତୁର ଶୀତ୍ୟାସନାନ୍ନି ଶିବେନ କଥିତାନି ଚ
ତେଭ୍ୟ ଶ୍ଚତୁଷ୍କମାଦାୟ ସାରଭୂତଂ ବ୍ରବୀମ୍ୟହମ୍ ।୩୩
ସିଦ୍ଧଂ ପଦ୍ମଂ ତଥା ସିଂହଂ ଭଦ୍ରଂଚେତି ଚତୁଷ୍ଟୟମ୍
ଶ୍ରେଷ୍ଠଂ ତତ୍ରାପି ଚ ସୁଖେ ତିଷ୍ଠେ ସିଦ୍ଧାସନେ ସଦା ।୩୪

ବୁଦ୍ଧସୁଧାନିଧିରେ ସିଦ୍ଧାସନ ପ୍ରଭୃତିର ଯେଉଁ ବର୍ଣ୍ଣନା ଦିଆଯାଇଛି, ତାହାର ଅନୁରୂପ ବର୍ଣ୍ଣନା ହଠଯୋଗ ପ୍ରଦୀପିକାରେ ରହିଛି । ହଠଯୋଗ ପ୍ରଦୀପିକାରେ ବନ୍ଧନ ବନ୍ଧତ୍ରୟଙ୍କର ବର୍ଣ୍ଣନା ମଧ୍ୟରେ, ଜାଳନ୍ଧର, ଉଡ୍ଡୀୟାନ ମୂଳ, ଓ ଜାଳାବନ୍ଧ ପ୍ରାଧାନ୍ୟ ଲାଭକରିଛି; କିନ୍ତୁ ବୁଦ୍ଧସୁଧାନିଧିରେ ୧୮ ଗୋଟି ବନ୍ଧର ସୂଚନା ଦିଆଯାଇଛି । ସଂକୁଟ, ଖଣ୍ଡମ, ଭୈରବ, ଶୂନ ଓ ମନ୍ତ୍ରମାନଙ୍କ ଭେଦଣୀ ପ୍ରଭୃତି ବନ୍ଧର ବିବରଣୀ ହଠଯୋଗ ପ୍ରଦୀପିକାରେ ମିଳେ ନାହିଁ । (୧)

ବନ୍ଧସାଧନା ପରେ ହଠଯୋଗ ପ୍ରଦୀପିକା ଅନୁଯାୟୀ ବିଭିନ୍ନ ମୁଦ୍ରାର ବର୍ଣ୍ଣନା ଦିଆଯାଇଛି । ବୁଦ୍ଧସୁଧାନିଧିରେ ୬୪ ମୁଦ୍ରା ମଧ୍ୟରୁ ୧୪ ଗୋଟି ମୁଦ୍ରାର ନାମୋଲ୍ଲେଖ କରାଯାଇଛି । ହଠଯୋଗ ପ୍ରଦୀପିକାରେ ପ୍ରଧାନ ୧୦ ମୁଦ୍ରା ମଧ୍ୟରେ ମହାମୁଦ୍ରା, ମହାବନ୍ଧ, ମହାବେଧ, ଖେଚରୀ, ଉଡ୍ଡୀୟାନ, ମୂଳ, ଜାଳନ୍ଧର ବିପରୀତକରଣୀ, ବଜ୍ରୋଲୀ ଓ ଶକ୍ତିଚାଳନା ମୁଦ୍ରାର ତାତ୍ପର୍ଯ୍ୟ ଓ ସାଧନ ପ୍ରଣାଳୀ ବର୍ଣ୍ଣିତ । ବୁଦ୍ଧସୁଧାନିଧିରେ ପୂର୍ବୋକ୍ତ ମୁଦ୍ରାଗୁଡ଼ିକ ମଧ୍ୟରୁ ଖେଚରୀ, ଶାମ୍ଭବୀ, ଅମୃତ ଓ ଭୂଚରମୁଦ୍ରା ପ୍ରଧାନ ବୋଲି କୁହାଯାଇଛି ।

ଏହା ପରେ ସାଧକ ତାର ସାଧନା ପଥରେ "କର୍ମଧର୍ମଜ୍ୟୋତି-ଜ୍ୱାଳା" ଦର୍ଶନ କରେ । ନାଥଧର୍ମରେ କର୍ମଯୋଗ, ଧର୍ମଜଗତ ; ଜ୍ୟୋତି ମୋକ୍ଷ ଓ ଜ୍ୱାଳାକୁ ମୁକ୍ତି ବୋଲି କୁହାଯାଇଛି । (୨) ଓଡ଼ିଶୀ

(୧) ବୁଦ୍ଧ ସୁଧାନିଧି—ସ୍ତ. ସମ୍ପାଦକ ଡଃ କରୁଣାକର କର ପୃ. ୮୦ ।
(୨) Gorakhnath & Medieval Hindu Mysticism — Appendix P. 6

"ଉତ୍ତମ ଜୋଗ ଧରମ ଜଗତ । ଜୋତ ମୋଖି ଜୁଆଳା ମୁକ୍ତ ।"

ବୌଦ୍ଧଧର୍ମ ଗ୍ରନ୍ଥ ସମୂହରେ ମଧ୍ୟ 'ଉର୍ମିଧର୍ମ ବ୍ୟାଖ୍ୟା ଓ ଓଁକାର' ବସ୍ତୁ ବର୍ଣ୍ଣନା କରାଯାଇଛି ।

ସାଧକର ଏହାପରେ ଚରିକଳ୍ପନା ଚିତ୍ରବ୍ରହ୍ମାଣ୍ଡ ଓ ଏହି ତତ୍ତ୍ୱ ଛନ୍ଦସୁଧାନିଧିରେ ବସ୍ତୃତ ରୂପେ ବର୍ଣ୍ଣିତ । ଏହାପରେ ସାଧକ କେଉଁ କେଉଁ ସ୍ଥିର ନେଇ ସାଧନା କରିବ.କୁ ହେବ ତାହାର ବିଶଦ ସୂଚନା ତାହା କୌଣସି ପ୍ରାଚୀନ ଓଡ଼ିଆ ଏତେକ କଥିତ ଯୋଗ ଶାସ୍ତ୍ରରେ ଦେଖିବାକୁ ମିଳେ ନାହିଁ । ୧୬ ଡ଼ମ୍ବରକୁ ବରିନ୍ଧ ନାମ ତଥା ଚନ୍ଦ୍ର ୧୬ କଳା, ଆଦିତ୍ୟଙ୍କର ୧୨ କଳା, ଚାରିନ୍ଧ ଚେକ, ପବନ, ନାଡ଼ମାନଙ୍କର ସ୍ୱରୂପ ଓ ବର୍ଣ୍ଣର ବିବରଣୀ ବିଶେଷ ଭାବରେ ପାଠକର ଦୃଷ୍ଟି ଆକର୍ଷଣ କରିଥାଏ ।

ତତ୍ପରେ ପ୍ରଣବ ବା ପ୍ରାଣାୟାମ, ଧ୍ୟାନ, ଧାରଣା, ଲୟ ଓ ସମାଧିର କ୍ରମିକ ବିବରଣୀ ଦେଇ ସାଧକ କପରି ସହସ୍ରାରେ ବ୍ରହ୍ମ-ଦର୍ଶନ କରିବ ତାହା କହିଅଛନ୍ତି । କବି ଏହାଠାରୁ ବର୍ଣ୍ଣନାରେ 'ଯୋଗ ରତ୍ନାକର' ନାମକ ଗ୍ରନ୍ଥର ସାହାଯ୍ୟ ନେଇଥିବାର ମଧ୍ୟ ସୂଚନା ଦେଇ ଅଛନ୍ତି (ପୃ. ୧୮୦) ।

ଏତଦ୍‌ବ୍ୟତୀତ ବାମାଣୀ ମନ୍ତ୍ର, ବେତାଳ ଓ ଗରୁଡ଼ବିଦ୍ୟା, ଲଗ୍ନ ଓ କାକଚରିତ, କଳକାଠି ଝଡ଼, ଭେଳକି, ମୋହିନୀ, ସ୍ତମ୍ଭନ, ବଶୀକରଣ, କଳ୍ପ ଚିନ୍ତାମଣି, ୬୪ ଯୋଗିନୀ ସାଧନା, କର୍ଣ୍ଣ ପିଶାଚୀ, ଚକ୍ରପାଣି ଓ ସିଦ୍ଧମାତା ପ୍ରଭୃତି ତାନ୍ତ୍ରିକ ବିଦ୍ୟାର ସୂଚନାରୁ ଜଣାପାଏ ଯେ କବି ଉଭୟ ଯୋଗ ଓ ତନ୍ତ୍ରଶାସ୍ତ୍ରରେ ପ୍ରବୀଣ ଥିଲେ ।

ଦାର୍ଶନିକ ଭାବରେ ନାନସ୍ଥାନନ୍ଦ ଅବଧୂତ ସ୍ୱାମୀ ବିଭିନ୍ନ ଦାର୍ଶନିକ ମତର ବିଶ୍ଳେଷଣ କରିଅଛନ୍ତି । ଅବଧୂତ ଓ ଗର୍ଭସ୍ଥ ଛୁଧ୍ୱଗଣ-ରୂପୀ କୁମାର ମଧ୍ୟରେ କଥୋପକଥନରେ ଅବଧୂତ ପାତଞ୍ଜଳ, ମୀମାଂସା, ବୈଶେଷିକ, କୌମାର, ପାଶୁପତ, ନ୍ୟାୟ, ତର୍କ, ବୌଦ୍ଧ, ଆର୍ହତ, କାପାଳିକ, ଲୌକିକ, ପାଷାଣ୍ଡ, ଶାକ୍ତିକ, ଉପନିଷଦ, ବେଦାନ୍ତ ଓ ଚିନ୍ତାମଣି ପ୍ରଭୃତି ଦାର୍ଶନିକ ମତ ଆଲୋଚନା ବିଷୟର ଅନ୍ତର୍ଭୁକ୍ତ । ଏହାଛଡ଼ା ମହାଭାଷ୍ୟ, ପାଣିନି, ଗୁରୁସାଗର, ସାରସ୍ୱତ, ଜୈନ, ଶାକଟାୟନ, ଔଣାଦିକ, ସମ୍ପଦାପିକ, କଳାପ ଓ ବର୍ଦ୍ଧମାନ ଓ ଭୋଜବଣ, ଜୁମର, କୌମୁଦୀ, ଅଷ୍ଟ୍ୟାଭ ଓ ଚନ୍ଦ୍ରକାନ୍ତ ପ୍ରଭୃତି

ଉପବ୍ୟାକରଣ; ଅଷ୍ଟାଦଶ ପୁରାଣ, ଉପପୁରାଣ, ଚତୁର୍ବେଦ, ଉପନିଷଦ, ଷଟ୍ ମହାକାବ୍ୟ, ଜ୍ୟୋତିଷ, ଆୟୁର୍ବେଦ, ଗୀତା (୨୧ ଗୀତା), ଶିଳ୍ପ-ଶାସ୍ତ୍ର, ନାଟକ, ଉପନାଟକ, ଛନ୍ଦଶାସ୍ତ୍ର, ଅଶ୍ୱ, ଗଜ ଓ ନରଲକ୍ଷଣ; ସାମୁଦ୍ରିକ, ରଥ ନିର୍ମାଣାଦି କୌଶଳ ପ୍ରଭୃତି ବହୁ ଶାସ୍ତ୍ରର ଉଲ୍ଲେଖରୁ ଜଣାପଡ଼େ ସେ କବି ଅସୀମ ପାଣ୍ଡିତ୍ୟର ଅଧିକାରୀ ଥିଲେ ।

ଭକ୍ତିସୁଧାନିଧି ଅସୀମ ପାଣ୍ଡିତ୍ୟ ଓ ସୁନ୍ଦର ବାକ୍ୟକୌଶଳ ଜାଣିବା ପରେ ରାଜା ବିବେକରତ୍ନାକର ମନ୍ତ୍ରୀଙ୍କୁ ତାଙ୍କ କୁମାର ବିବାହ ନିମିତ୍ତ ଏକ ସୁନ୍ଦରୀ କନ୍ୟା ଆଣିବା ପାଇଁ କହିଲେ । ଦୂତଗଣ ବହୁ ସୁନ୍ଦରୀ କନ୍ୟାର ବର୍ଣ୍ଣନା ଦେଲେ; କିନ୍ତୁ କାହିଁରେ ରାଜାଙ୍କର ମନରେ ତୃପ୍ତି ଆସିଲା ନାହିଁ । ରାଜା ଏହିପରି ଚିନ୍ତିତ ଥିବା ସମୟରେ କିଛି-ଦିନ ଅନ୍ତେ ବାମାନନ୍ଦ ନାମକ ଏକ ଯୋଗୀଙ୍କର ଆଗମନ ହେଲା ।

ବାମାନନ୍ଦର ବର୍ଣ୍ଣନାରେ କବି ନାଥଯୋଗୀର ସଂକେତ ଦେଇଅଛନ୍ତି; ଯଥା :—"ଯୋଗୀ ଶ୍ରୀ ଚନ୍ଦ୍ରମଣ୍ଡଳ ପ୍ରାୟେକ ମୁଖମଣ୍ଡଳ । କର୍ଣ୍ଣରେ ମୁଦ୍ରା ଦୁଇଗୋଟା ଶୋଭା ପାଉଅଛି । × × ବହୁତ ଜାଣଇ କଳ୍ପ ମଞ୍ଜୁଷା । ସେ କେବଣ କେବଣ କଳ୍ପମାନ ଜାଣୁଅଛି । ନାମକଳ୍ପ । ଗନ୍ଧକକଳ୍ପ । ନାଗକଳ୍ପ । ରସକଳ୍ପ । ଅଭ୍ରକଳ୍ପ । କର୍ପୂର-କଳ୍ପ । କର୍ତ୍ରୀକଳ୍ପ । ମଣିକଳ୍ପ । ଦେବଦନ୍ତୀକଳ୍ପ । କ୍ଷୀରକଳ୍ପ । ଧାତ୍ରୀକଳ୍ପ ଇତ୍ୟାଦି କରି ସକଳ କଳ୍ପ ସାଧି ଅଛି ।" * ଏହି ପ୍ରସଙ୍ଗରୁ କବି ତତ୍କାଳୀନ ତାନ୍ତ୍ରିକ ଓ ଯୌଗିକ ସାଧନ ପ୍ରଣାଳୀ ମଧ୍ୟରେ ବହୁ ତାନ୍ତ୍ରିକତାର ଆଭାସ ଦେଇଛନ୍ତି ।—

"ତଦନନ୍ତରେ ମଣିମନ୍ତ୍ର ମୁଦ୍ରାରେ ଶ୍ମଶାନଭୂମିରେ ମୁଣ୍ଡମାଳା ସ୍ଥାପି, ପୂଜାବିଧି କରି । ରକ୍ତମାଳାମ୍ବର ଧରି ଅଷ୍ଟବେତାଳଙ୍କୁ ସାଧି ଅଛି । ସମସ୍ତ ବିଦ୍ୟାକୁ ବାନ୍ଧିଅଛି । ତଦନନ୍ତରେ ମୃତଶବ ଉଷ୍ମଅଗ୍ନିରେ, କଳାମେଣ୍ଢା ରୁଧିରେ ହୋମକରି, ଭୂତପ୍ରେତମଣ୍ଡଳ ତର୍ପଣ, ସରସବସ୍ତୁ ସନ୍ଧି କଳ ପାଣ ଭୁଇଁ ଗଣ୍ଡି । ଅଞ୍ଜନ ମନ୍ତ୍ରୀ, ଭୂତମାନଙ୍କୁ ଭୃତ୍ୟ ପରାଏ କରି ବଶ କରିଅଛି । ତଦନନ୍ତରେ ମୃତପିଣ୍ଡ ଉପରେ ଯୁବାଭିମୁଖ

* ଭୂ. ସୁ. ପୃ. ୧୧୩—୧୪
" ପୃ. ୧୧୬

ହୋଇ, ନଗ୍ନ କୁନ୍ତଳ, ବଟବୃକ୍ଷର ମୂଳେ ମହାନିଶାକାଳେ । ମନୁଷ୍ୟର ମୁଣ୍ଡମାଳା ଧରି । ବଳିମଣ୍ଡଳ ପୂଜା କରି । ବାମତନ୍ତ୍ର ଆଚରି । ମହା-ଭୈରବ ତନ୍ତ୍ରୀ କ ଅଷ୍ଟ ମନ୍ତ୍ରବଳେ ବଶକରି । ତଦନନ୍ତରେ ଚତୁର୍ଯ୍ୟଷ୍ଟୀ ଯୋଗ୍ନୀ କୁ ସାଧିଲ ।" ✱

ଆଗରୁ କୁହାଯାଇଛି ଯେ କବି ମଧ୍ୟ ତନ୍ତ୍ରଶାସ୍ତ୍ରରେ ଧୁରୀଣ ଥିଲେ ଏବଂ ଏହି ସମାନ୍ତସୂରେ ଏହିପରି ଅନ୍ୟାନ୍ୟ ତାନ୍ତ୍ରିକମାନଙ୍କ ବର୍ଣ୍ଣନା ସେ ସମାନ୍ତସୂରେ ନାଥଯୋଗୀ କାମାନନ୍ଦଙ୍କ ପ୍ରସଙ୍ଗରେ ପ୍ରଦାନ କରିଅଛନ୍ତି ।

କାମାନନ୍ଦଙ୍କୁ କବି ଜଣେ ବିଶିଷ୍ଟ ତାନ୍ତ୍ରିକ ଯୋଗୀ ଭାବରେ ବର୍ଣ୍ଣନା କରିଅଛନ୍ତି । କାମାନନ୍ଦ ଜାଣିପାରିଲେ ଯେ ଛାନ ସୁଧାନିଧି ବା ଛୁଦ୍ରସୁଧାନିଧି କମିତି ଏକ ଅପୂର୍ବ ସୁନ୍ଦରୀ ଧର୍ମରାଜାର ଦୁହିତା ରୂପେ ଜନ୍ମ ହୋଇଛି । ଯୋଗୀ ମନ୍ତ୍ରବଳରେ ତାକୁ ଲାଭ କରିବା ପାଇଁ ଇଚ୍ଛାପ୍ରକାଶ କରିଛି । ପାର୍ବତୀଙ୍କର ଆଜ୍ଞାରେ ସେହି ଅପୂର୍ବ ସୁନ୍ଦରୀ ମାନସସରୋବର କୂଳରେ ତପସ୍ୟା କରୁଥାଏ । କବି ମାନସସରୋବରର ସୌନ୍ଦର୍ଯ୍ୟ ସହିତ ସୁନ୍ଦରୀର ସୌନ୍ଦର୍ଯ୍ୟକୁ ଏକତ୍ରିତ କରାଇବା ଦ୍ୱାରା ଅଭିନବ କାବ୍ୟ ସୃଷ୍ଟି କରିଛନ୍ତି କହିବା ବାହୁଲ୍ୟ ହେବ । ଲକ୍ଷ୍ମୀ ଉକ୍ତ ମାନସବିହାରୀ କନ୍ୟାର ରୂପରେ ବିମୁଗ୍ଧ ହୋଇ ତାକୁ ଦେବସ୍ତ୍ରୀ ତୁଲ୍ୟ ବେଶଭୂଷାରେ ସଜାଇ ଦୁହିତା ପଦରେ ବରଣ କଲେ ।

ହେଲେ ଧର୍ମଧ୍ୱଜର ମନ୍ତ୍ରୀ କୋକିଳାବତୀକୁ ଲକ୍ଷ୍ମୀ ଜାଣି ତାକୁ ଅବିବାହ୍ୟା ମୃତସଞ୍ଜୀବନୀ କନ୍ୟାକୁ ଦୁହିତା ସ୍ୱରୂପ ପ୍ରଦାନ କଲେ । ଆଉ ମଧ୍ୟ ସତ୍ୟ କରାଇଲେ ଯେ ଏହାକୁ କନ୍ୟାଦାନରେ ବିବାହ ନ କରାଇ ସ୍ୱୟମ୍ବରରେ ବିବାହ କରାଇବ ।

କାମାନନ୍ଦ ଯୋଗୀ ଏହି କନ୍ୟାର ସନ୍ଧାନ ପାଇ ତାକୁ ଲାଭ କରିବା ପାଇଁ ବିଶେଷ ଉଦ୍‌ଗ୍ରୀବ ହେଲା । ଭୂତ, ପ୍ରେତ, ଯକ୍ଷିଣୀ, ଡାକିନୀମାନଙ୍କୁ ପଠାଇଲା କୁମାରୀକୁ ବଶୀଭୂତ କରିବା ପାଇଁ । ଏପରି କି ସେମାନେ ହେଲେ ସମସ୍ତେ ମିଳି ରାଜନବର ଆକ୍ରମଣ କଲେ; କିନ୍ତୁ ଲକ୍ଷ୍ମୀଙ୍କ ବିଷ୍ଣୁଶକ୍ତି ସାହାଯ୍ୟ କଲା ଓ ଅଲୌକିକ ଉଦ୍ଧବ ଆଶୀର୍ବାଦରେ

✱ ରୁ. ସୁ. ସୁ. ୧୩୪

ଯୋଗିନୀ ଡାକିନୀ ଓ ବେତାଳ ପ୍ରଭୃତି ଶକ୍ତିମାନେ ପରାଜିତ ହୋଇ ପଳାଇ ଆସିଲେ । ଏହି ଅନୁଚ୍ଛେଦରେ ଯୋଗିନୀ ଡାକିନୀମାନଙ୍କର ବିକଟାଳ ରୂପ ଓ ଆକ୍ରମଣର ବର୍ଣ୍ଣନା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅତୁଳନୀୟ ।

କାମାନନ୍ଦର କାମନା ଏତିକିରେ ପରିପୂର୍ଣ୍ଣ ହୋଇ ନାହିଁ । ସେ ପୁନର୍ବାର ମାୟା ପ୍ରକାଶ କରନ୍ତି । କାମାନନ୍ଦ ଯୋଗୀ ହେଲେ ହେଁ ସେ କାପାଳିକ । କାପାଳିକମାନଙ୍କର ଉଦ୍ଭଟ ସାଧନା ପ୍ରତି କବି ପ୍ରକାରାନ୍ତରେ ଘୃଣା ବା ତାଚ୍ଛଲ୍ୟ ପ୍ରକାଶ କରିଅଛନ୍ତି ।

"କାପାଳିକ ବୋଲି ବୌଦ୍ଧମାନେ କହାଇ ନ ହେଲେ ସନ୍ତୁଁ ! ଲଜ୍ଜାପାଇ କାମାନନ୍ଦ ବାହୁଡ଼ିଲି ତହୁଁ ।" (ପୃ. ୧୫୨)

"ଶୁଣି ନୃପ କହିଲେ କାପାଳିକ ଦର୍ଶନ ଉଚିତ ନୁହଁଇ ! କୌଣସି କାଳେ ପ୍ରବେଶ ଗୋରେଶାଙ୍କ ଦିଷମାନେ ଦେହ ଧାନେ ମୋକ୍ଷ ହୋଇଲେ । ପାଷାଣ୍ଡମାନଙ୍କୁ ଭଣ୍ଡିବା ନିମନ୍ତେ କାପାଳିକ ଶାସ୍ତ୍ର ଭିଆଇଲେ । ନିରନ୍ତରେ କହନ୍ତି ଐଶ୍ୱର୍ଯ୍ୟ ସେ ଦେଉଛନ୍ତି, ଏ ପାପିଷ୍ଠ-ମାନଙ୍କୁ ଆପଣାର ଉତ୍ତମ ପଦ ନ ଦେଖାଇ ଦେହରକ୍ଷା ଯୋଗ ଭିଆଇଲେ । ଭୋଗ ଲୋଭ ଦେଖାଇ ଭକ୍ତମାନଙ୍କ ବଞ୍ଚିଗଲେ ।" (ପୃ. ୧୫୪)

ଏଣେ କାମାନନ୍ଦ ଚେଷ୍ଟା କରନ୍ତି, ଶୁଦ୍ଧସୁଧାନିଧି ସହିତ ପ୍ରୀତିକରି ପରେ କନ୍ୟାକୁ 'ଅପହରଣ କରିନେବା'କୁ ସେତେବେଳେ ଆଉ ତାହାର ଭୟ ନଥିବ । କାମାନନ୍ଦ ତାହାର ତାନ୍ତ୍ରିକ ଦେବଦେବୀଙ୍କୁ ସାଙ୍ଗରେ ନେଇ ଶୁଦ୍ଧସୁଧାନିଧି ନିକଟକୁ ଯାଇଛନ୍ତି । କୁମାର ଯୋଗୀଙ୍କର ଆଗମନ କଥା ଜାଣି ତାଙ୍କୁ ଦେଖିବାକୁ ଉଦ୍‌ଗ୍ରୀବ ହୋଇଛନ୍ତି; କିନ୍ତୁ ମନ୍ତ୍ରୀ ତାନ୍ତ୍ରିକ କାପାଳିକ ମୁଖ ଦର୍ଶନ ନ କରିବା ନିମିତ୍ତ କହୁଛନ୍ତି ।

କାମାନନ୍ଦ ଅଦ୍ଭୁତ ଯାଦୁକରୀ ମାୟା ଦେଖାଉଛନ୍ତି । କୁମାର ଯୋଗୀର ପରିଚୟ ପଚାରନ୍ତେ ଯୋଗୀ ପରିଚୟ ଦେଇ କହୁଛନ୍ତି, "କୁମର. ବୋଇଲା ଥିଲୁ କାହିଁ । ଯୋଗୀ ବୋଇଲା ବାବା ପୁଷ୍ପଗିରିରେ ଥିଲୁ" ପୃ. ୧୫୮ । ଏହି କଥା ସ୍ମରଣ କରାଇ ଦେଉଛି ପୁଷ୍ପଗିରି ମହାବିହାରର କଥା ଯାହା ଖ୍ରୀ. ସପ୍ତମ-ଅଷ୍ଟମ ଶତାବ୍ଦୀରେ ତାନ୍ତ୍ରିକ ବୌଦ୍ଧଧର୍ମ

ଯୋଗାଭ୍ୟାସର ପ୍ରଚାର ପୀଠସ୍ଥଳୀ ଥିଲା ଓ ପ୍ରାଜ୍ଞ ନାଗାର୍ଜ୍ଜୁନ ପ୍ରମୁଖ ବହୁ ବୌଦ୍ଧ ସିଦ୍ଧାଚାର୍ଯ୍ୟ ଏହି ପୀଠରେ ଯୋଗ ଓ ତନ୍ତ୍ର ଶିକ୍ଷା କରିଥିଲେ ।

କାମାନନ୍ଦ ଅଭୂତପୂର୍ବ ଇନ୍ଦ୍ରଜାଲ ବଳରେ ଏକ ନଗର ସୃଷ୍ଟି କରନ୍ତି ଓ ରାଜକୁମାର ଇନ୍ଦ୍ରଜାଲର ବଶୀଭୂତ ହୋଇନ୍ତି । ରାଜକୁମାରଙ୍କୁ ସେହି ନଗରକୁ ନେବା ପାଇଁ ଚେଷ୍ଟା କରି ତାଙ୍କୁ ବେତାଳମାନଙ୍କ ସାହାଯ୍ୟରେ ଶୂନ୍ୟରେ ଉଡ଼ାଇ ନେଇନ୍ତି । ରାଜନଗରରେ କୁମାର ପ୍ରବେଶ କରି ଅଭୂତପୂର୍ବ ଐଶ୍ୱର୍ଯ୍ୟ ଦେଖି ବିମୁଗ୍ଧ ହୋଇଯାଆନ୍ତି ଓ ସିଦ୍ଧ କାମାନନ୍ଦଙ୍କୁ ସିଦ୍ଧିପ୍ରାପ୍ତ ଈଶ୍ୱର ମନେକରି ବହୁ ସମ୍ମାନ ଜ୍ଞାପନ କରନ୍ତି । ଏହି ସମୟରେ ଗାୟକଗାୟିକା ଆହୂତ ହୋଇ କାମାନନ୍ଦ, ରୁଦ୍ରସୁଧାନିଧି ଓ ମନ୍ତ୍ରୀ ପ୍ରଭୃତିଙ୍କୁ ନୃତ୍ୟଗୀତ ପରିବେଷଣ କରୁଅଛନ୍ତି । ନୃତ୍ୟଗୀତର ମାଧ୍ୟମରେ ଗାୟିକା ସୁନ୍ଦରୀ ମୃତ୍ୟୁସଞ୍ଜୀବନୀ କରଣୀ କନ୍ୟାର ଗୁଣ ବର୍ଣ୍ଣନା କରି ଚାଲନ୍ତି ଏବଂ ଏହିପରି ଅବସ୍ଥାରେ କାବ୍ୟଟି ଅସମ୍ପୂର୍ଣ୍ଣ ରହିଛି ।

ରୁଦ୍ରସୁଧାନିଧି ଅସମ୍ପୂର୍ଣ୍ଣ କାବ୍ୟ ସୁଧାନିଧି ହେଲେ ହେଁ ଯେତିକି ମାତ୍ର ପ୍ରକାଶ ପାଇଛି ତାହା ଯେ କୌଣସି ଉଚ୍ଚାଙ୍ଗ ସଂସ୍କୃତ ଗଦ୍ୟ କାବ୍ୟ ବା ପଦ୍ୟ କାବ୍ୟର ସମକକ୍ଷ ହେବ କହିବା ବାହୁଲ୍ୟ ହେବ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହି ଅମୂଲ୍ୟ ଗଦ୍ୟ କାବ୍ୟଖଣ୍ଡିକ ତାହାର ସ୍ୱାତନ୍ତ୍ର୍ୟ ନେଇ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । କେବଳ ତ କବିତ୍ୱ, କଳ୍ପନାବିଳାସ, ଶବ୍ଦଯୋଜନା ବା ବର୍ଣ୍ଣନାର ଆଡ଼ମ୍ବର ନୁହେଁ, କାବ୍ୟରେ ପ୍ରାଚୀନ ଓଡ଼ିଆ ସଂସ୍କୃତିର ଯେଉଁ ବହୁଳ ପରିଚୟ ରହିଛି, ତାହାର ପାଇଁ ଏହି କାବ୍ୟର ମୂଲ୍ୟ ଅକଳନୀୟ ।

ରୁଦ୍ରର ବସୁଧାମଣ୍ଡଳ କଟକର ବର୍ଣ୍ଣନାରେ ଯେଉଁସବୁ ବହୁଳ ଦ୍ରବ୍ୟ ଓ ଜୀବଜନ୍ତୁର ବର୍ଣ୍ଣନା ଦିଆଯାଇଛି ତାହା କିପରି ବିରାଟ, ବିସ୍ତୃତ ଓ ଅନୁସନ୍ଧାନସାପେକ୍ଷ ତାହା ନିମ୍ନୋକ୍ତ ଉଦାହରଣରୁ ଜଣାପଡ଼େ ।

"ଏମନ୍ତ ଯେ ବସୁଧାମଣ୍ଡଳ କଟକରେ, ବାବୁ ଶୋକରେ କେବଣ କେବଣ ପଦାର୍ଥମାନ ଜନ୍ମ ହୋଇଅଛନ୍ତି । ଅପୂର୍ବ କ୍ଷୀରୋଦ୍ଭବ ପାଟ । ଧାରୀନେତ । ଗଣ୍ଡସବେତ । ଶ୍ୱେତଚାମର । ଚନ୍ଦ୍ରମଣିହାର ।

ସିଂହଳର ବୈଦୁର୍ଯ୍ୟ । ପଦ୍ମରାଗ ମାଣିକ୍ୟ । ସୂର୍ଯ୍ୟକାନ୍ତ ମଣି । ଗଜମୋତି ମଣି । ମେଷ ଲୋଚନ ମାଳା । କାଶ୍ମୀର ସ୍ଫଟିକ । X X ଚନ୍ଦ୍ରକାନ୍ତ ପୋଖଲା । ଚଟିକ ପେଲିଙ୍କ । ଜାଉ ମଞ୍ଜୁଷ । ସୁବର୍ଣ୍ଣ କଳସ । ଅଭେଦ କବଚ । ସ୍ୱର୍ଣ୍ଣବର୍ଣ୍ଣ ଶାମୁକ । ଡାହାଣ ବର୍ତ୍ତିକ ଶଙ୍ଖ । ଶାଳଗ୍ରାମ ଶିଳା । ନାଗେଶ୍ୱର ବାଣ । X X ଭାଗମଣ୍ଡଳ ପତଙ୍ଗ । X X ପାଟ-କାଳିଶୁଆ । ବନ୍ୟ ଭାଳ ମେଣ୍ଢା । କପିଳା ଗାଈ । ନାଟୁଆ ମର୍କଟ । ରକ୍ତ ମୁଖା ଓଟ । ଶ୍ୱେତକୋକିଳ । ବେଣ୍ଟକାର ଶାମଳ । ପାରିଓଗ୍ନ ମୃଗ । X X ବୈଶାଖୀ ଲୁହା । ନେପାଳ ତମ୍ବା । ବେଙ୍ଗି ପିତ୍ତଳ । ଚୁମ୍ବକ ଶିଳ । ପଦ୍ମ ପଥର । ମୁଖି ଝୁନଆ କାଖର । ଅଗରୁସ ଗନ୍ଧ ।" ଇତ୍ୟାଦି (ଲୁ: ସୁ: ପୃ. ୯୭)

ଏଭଳି ଅସ୍ତ୍ରଶସ୍ତ୍ରର ବର୍ଣ୍ଣନାରେ :—

"କେଉଁଠି କେଉଁଠି ବିଦ୍ୟା ପାଇଲ । ନାଗପାଶାସ୍ତ୍ର । ପାଶୁପତାସ୍ତ୍ର ଆଗ୍ନେୟାସ୍ତ୍ର । ବ୍ରହ୍ମାସ୍ତ୍ର । ବଜ୍ରାସ୍ତ୍ର । ମୋହନାସ୍ତ୍ର । ଅମୋଘ ଶକ୍ତି । ନାରାଚ ଇତ୍ୟାଦି (ଲୁ: ସୁ: ପୃ. ୧୦୩)

ଏଭଳି ରାଜ୍ୟର ନାମକରଣରେ :—

"କୁମର ସନ୍ଦେଶ କନ୍ୟା କାହିଁ ନ ପାଇଲ । ଭଟ୍ଟ, ଭୋଟ, ମାଳବ, ସଉରାଷ୍ଟ୍ର, ମହାରାଷ୍ଟ୍ର, ମଧ୍ୟଦେଶ, ମଲୟଣ ମଣ୍ଡଳ, ଶ୍ୱେତଦ୍ୱୀପ ଖଣ୍ଡମଣ୍ଡଳ, ଇନ୍ଦ୍ରପ୍ରସ୍ଥ, ସମପ୍ରସ୍ଥ, ହସ୍ତିନା, କାଲୁଣା, କସ୍ତୁରୀ ଅବନ୍ତୀ, ଅଯୋଧ୍ୟା, ମଥୁରା, ଚମ୍ପା, କାଶୀ, କାଞ୍ଚି, ମେଖଳା ଇତ୍ୟାଦି ।

(ଲୁ: ସୁ: ପୃ. ୧୦୪)

ପୁଣି "ହେଉଦେବ ଦକ୍ଷିଣ ଦିଗକୁ ଗଲା । ବଙ୍ଗ, କଳିଙ୍ଗ, ତେଲଙ୍ଗ, ସଉରାଷ୍ଟ୍ର, ମହାରାଷ୍ଟ୍ର, କର୍ଣ୍ଣାଟ, ମହାଚୀନ, ଖଣ୍ଡମଣ୍ଡଳ, ଚଣ୍ଡର୍ପ ମଣ୍ଡଳ (ବେଲ ବା ବେଲୁରମଣ୍ଡଳ ?) ଚେଦିମଣ୍ଡଳ, କାଶ୍ମୀ ଓ ମାଳୁଆ ଇତ୍ୟାଦି (ପୃ. ୧୧୦)

ନାବ ବା ନାଆମାନଙ୍କର ବର୍ଣ୍ଣନା ପ୍ରସଙ୍ଗରେ : —

"ସେ ନାବମାନେ ସବୁକ ପ୍ରତ୍ୟେକ ଅଟନ୍ତି । କେ ମଗର ମୁଖ । କେ ଅଶ୍ୱମୁଖ । କେ ସିଂହର । କେ ହଂସ ଆକାର । କାହିଁ ସହସ୍ରେ ଆହୁଲା ପଡ଼ୁଅଛି । କେ ବହନ୍ତା ସ୍ରୋତେ ଚଳୁଅଛି । କାହିଁ ସହସ୍ରେ ଆହୁଲା ପଡ଼ୁଅଛି । କାହିଁ ପତାକାବଳୀ ଉଡ଼ୁଅଛି । କେ କେବଳ

ମଙ୍ଗ ଭାଙ୍ଗୁ ଅଛନ୍ତି । ମଙ୍ଗୁଆଳମାନେ ଦୋହଡ଼ ଗୀତ ଗାଉଅଛନ୍ତି । କେ ପୋଡ଼ପୀଠା ଖାଉଅଛନ୍ତି ।" ଇତ୍ୟାଦି (ପୃ. ୧୫୨)

ଏହାଛଡ଼ା ଧର୍ମ, ଦର୍ଶନ, ଯୋଗ ଓ ତତ୍ତ୍ୱସମ୍ବନ୍ଧୀୟ ତଥ୍ୟ ଏହି କାବ୍ୟରେ ଏତେ ରହିଛି ଯେ ଏହାକୁ ଓଡ଼ିଶାର ଏକ ଧର୍ମସମ୍ବନ୍ଧୀୟ ବିଶ୍ୱକୋଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଭିନ୍ନ ଯୋଗସାଧନ ପ୍ରଣାଳୀ ବିଶେଷ ଭାବରେ ଅଷ୍ଟାଙ୍ଗଯୋଗର ବିସ୍ତୃତ ବିବରଣୀ ସହିତ ହଠଯୋଗର ବିଭିନ୍ନ ଆସନ, ମୁଦ୍ରା, ବନ୍ଧ, ଶରୀରସ୍ଥ ବିଭିନ୍ନ ଚକ୍ର, ନାଡ଼ି, ପବନ, ଓ ବ୍ରହ୍ମଦର୍ଶନ ସମ୍ବନ୍ଧୀୟ ତତ୍ତ୍ୱ ସହିତ ବିଭିନ୍ନ ଦାର୍ଶନିକ ତତ୍ତ୍ୱର ସମୀକ୍ଷା, ଜୀବାତ୍ମା ଓ ପରମାତ୍ମା ସମ୍ବନ୍ଧୀୟ ବିଭିନ୍ନ ତର୍କଣା, ବିଭିନ୍ନ ତାନ୍ତ୍ରିକ ଆଚାରବିଚାର ଓ ସେ ସବୁର ପ୍ରୟୋଗବିଧି ଏହି ଗ୍ରନ୍ଥର ବିଭିନ୍ନ ପର୍ଯ୍ୟାୟରେ ସନ୍ନିବେଶିତ ହୋଇ ଗ୍ରନ୍ଥର ଗାମ୍ଭୀର୍ଯ୍ୟ ଓ ପାଣ୍ଡିତ୍ୟ ପ୍ରତିପାଦନ କରିଛି । ଏହି ଗାମ୍ଭୀର୍ଯ୍ୟ ଓ ପାଣ୍ଡିତ୍ୟ ଉପରେ ଅପୂର୍ବ କବିତ୍ୱର ଆବରଣ ଓ ମନୋମୁଗ୍ଧକର ବିଷୟବସ୍ତୁ "ରୁଦ୍ରସୁଧାନିଧି"କୁ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ଅପୂର୍ବ ଅଲୌକିକ ସୃଷ୍ଟି ରୂପେ ପ୍ରତିଷ୍ଠାପିତ କରି ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଛି ।

## ସଂସ୍କୃତ, ହିନ୍ଦୀ ଓ ଅପଭ୍ରଂଶ ସାହିତ୍ୟରେ ଗୋରକ୍ଷନାଥଙ୍କ ରଚନାବଳୀ

ହିନ୍ଦୀ ଭାଷା ଓ ସାହିତ୍ୟ, ସଂସ୍କୃତ ଭାଷା ତଥା ଅପଭ୍ରଂଶ ଭାଷାରେ ଗୋରକ୍ଷନାଥ ପ୍ରଣୀତ ଅନେକ ଶ୍ରେଷ୍ଠ ବଡ଼ ଗ୍ରନ୍ଥ ପରିଲକ୍ଷିତ ହୋଇଥାଏ। ଏଥିମଧ୍ୟରୁ ଅନେକ ଗ୍ରନ୍ଥ ଅପ୍ରକାଶିତ ଅବସ୍ଥାରେ ରହିଅଛି। ହିନ୍ଦୀ ଓ ଅପଭ୍ରଂଶ ଭାଷାରେ ରଚନା ଅପେକ୍ଷା ସଂସ୍କୃତ ଭାଷାରେ ଗୋରକ୍ଷନାଥଙ୍କ ଲିଖିତ ଗ୍ରନ୍ଥର ସଂଖ୍ୟା ବେଶି। ସଂସ୍କୃତ ତଥା ହିନ୍ଦୀ ଗ୍ରନ୍ଥ ସମୂହର ତୁଳନାରେ ଅନେକ ମତଭେଦ ପରିଲକ୍ଷିତ ହୋଇଥାଏ ଓ ତନ୍ମଧ୍ୟରୁ କେଉଁଗୁଡ଼ିକ ଠିକ୍ ଗୋରକ୍ଷନାଥଙ୍କର ରଚନା ତାହା ଅଦ୍ୟାପି ନିରୂପିତ ହୋଇପାରି ନାହିଁ। ଡଃ ପୀତାମ୍ବର ଦତ୍ତ ବଡ଼ଥ୍ୱାଲ ଏହି ବିଷୟରେ ପ୍ରଥମେ ଆଲୋକପାତ ତାଙ୍କର "ଗୋରଖ ବାଣୀ" ଗ୍ରନ୍ଥରେ ଗୋରକ୍ଷଙ୍କର 'ଅନେକ ରଚନା ସନ୍ନିବେଶିତ କରିଅଛନ୍ତି। ଗୋରକ୍ଷନାଥଙ୍କର ନାମରେ ମିଳୁଥିବା ' ଗ୍ରନ୍ଥଗୁଡ଼ିକର ତାଲିକା ନିମ୍ନଲିଖିତ ଭାବରେ ଦିଆଗଲା।

୧। ହଠଯୋଗ
୨। ଗୋରକ୍ଷ ସଂହିତା
୩। ଗୋରକ୍ଷ ଗୀତା
୪। ଶବଦୀ
୫। ପଦ
୬। ଶିଷ୍ୟା ଦରଶନ
୭। ପ୍ରାଣ ସାଙ୍କୋଲୀ
୧୩। ଛନ୍ଦ ଗୋରକ୍ଷ
୧୪। ନବଗ୍ରହ
୧୫। ନବରାତ୍ର
୧୬। ଅଷ୍ଟପାରଚ୍ଛ୍ୟା
୧୭। ରହରାସ
୧୮। ଜ୍ଞାନମାଳ
୧୯। ଆତ୍ମବୋଧ

୮ । ନରବୈ ବୋଧ
୯ । ଆତ୍ମବୋଧ
୧୦ । ଅଭୈମାତ୍ରା ଜୋଗ
୧୧ । ପନ୍ଦ୍ରହ ତିଥି
୧୨ । ସପ୍ତବାର
୧୩ । ମଛୀନ୍ଦ୍ର ଗୋରଖ ବୋଧ
୧୪ । ରୋମାବଲୀ
୧୫ । ଗ୍ୟାନ ତିଲକ
୧୬ । ଗ୍ୟାନ ଚୌଁତିଶା
୧୭ । ପଂଚମାତ୍ରା
୧୮ । ଗୋରଖ ଗଣେଶଗୋଷ୍ଠୀ
୧୯ । ଗୋରଖ ଦତ୍ତ ଗୋଷ୍ଠୀ
୨୦ । ମହାଦେବ ଗୋରଖ ଗୋଷ୍ଠୀ
୨୧ । ସିଷ୍ଟପୁରାଣ
୨୨ । ଦୟାବୋଧ
୩୦ । ବ୍ରତ
୩୧ । ନିରଞ୍ଜନ ପୁରାଣ
୩୨ । ଗୋରଖ ବଚନ
୩୩ । ଇନ୍ଦ୍ର ଦେବତା
୩୪ । ମୂଳଗର୍ଭାବଳୀ
୩୫ । ଖାଣୀ ବାଣୀ
୩୬ । ଗୋରଖ ସଂଭ
୩୭ । ଅଷ୍ଟମୁଦ୍ରା
୩୮ । ଚୌବିସ ସିଦ୍ଧି
୩୯ । ଷଡ଼କ୍ଷରୀ
୪୦ । ପଞ୍ଚଅଗ୍ନି
୪୧ । ଅଷ୍ଟଚକ୍ର
୪୨ । ଅବଳି ସିଲୁକ
୪୩ । କାଫିର ବୋଧ

ନାଗରୀ ପ୍ରଚାରିଣୀ ସଭା ଦ୍ୱାରା ହସ୍ତଲିଖିତ ଓ ହିନ୍ଦୀପୁସ୍ତକ ବିବରଣୀ ନାମକ ଗ୍ରନ୍ଥରେ ଗୋରକ୍ଷନାଥଙ୍କ ନାମରେ ଅନେକ ପୁସ୍ତକ-ପୁସ୍ତିକାର ସୂଚନା ଦିଆଯାଇଛି । ତନ୍ମଧ୍ୟରେ ମିଳୁଥିବା କେତେକ ଅତିରିକ୍ତ ନୂତନ ପୁସ୍ତକର ତାଲିକା ନିମ୍ନରେ ଦିଆଗଲା । (ପୃ ୨୭୧-୭୩ ଦ୍ରଷ୍ଟବ୍ୟ)

୧—ଗୋରକ୍ଷ ନାଥସ୍ୟ ଯୋଗଶତକଟୀକା (ଗଦ୍ୟ)—ଅଜ୍ଞାତ
୨—ଗୋରଖ କବୀର କୀ ଗୋଷ୍ଠୀ—କବୀର ଦାସକୃତ
୩—ଗୋରଖ ଗଣେଶ ସମ୍ବାଦ (ଗଦ୍ୟ)
୪—ଗୋରଖ ଗ୍ରନ୍ଥ (ପଦ୍ୟ)
୫—ଗୋରଖ ଚିନ୍ତାମଣି (ଗଦ୍ୟ)—ଗୋରଖନାଥ
(ଯୋଗ ଓ ଇନ୍ଦ୍ରଜାଲସମ୍ବନ୍ଧୀୟ ଗ୍ରନ୍ଥ)
୬—ଗୋରଖ ଦତ୍ତ ଗୋଷ୍ଠୀ—(ଗୋରଖନାଥ)
୭—ଆରତି (ପଦ୍ୟ) (ସଂସ୍କୃତ ଭାଷାରେ ଲିଖିତ)
୮—ଗୋରଖ କୁଣ୍ଡଳୀ—(ପଂ-ଗଦ୍ୟ)

୯—ଗୋରକ୍ଷ ଚିନ୍ତାମଣି—(ସଂ-ଗଦ୍ୟ)
୧୦—ଗୋରକ୍ଷ ସାର—(ଗଦ୍ୟ)
୧୧—ଯୋଗ ମଂଜରୀ—(ଗଦ୍ୟ)
୧୨—ଯୋଗେଶ୍ୱର ସାକ୍ଷୀ
୧୩—ଜ୍ଞାନ ସିଦ୍ଧାନ୍ତ ଯୋଗ
୧୪—ଦତ୍ତଗୋରକ୍ଷ ସମ୍ବାଦ
୧୫—ରତନ ମାଳା (ପଦ୍ୟ)
୧୬—ଜ୍ଞାନ ଝଂସ୍ତୋଠ (ପଦ୍ୟ)
୧୭—ପ୍ରେମାବଳୀ (ପଦ୍ୟ)
୧୮—ଦ୍ୱଷ୍ଟ ପୁରାଣ
୧୯—ଦେବ ଗୋରକ୍ଷ ନାଥଙ୍କ (ସଂ-ପଦ୍ୟ)
୨୦—ସୂକ୍ଷ୍ମ ବେଦ (ପଦ୍ୟ)
୨୧—ଗୋରକ୍ଷ ନାଥଙ୍କ ସତରୀ କଳା।

ଏହାଛଡ଼ା ଅନେକ ହସ୍ତଲିଖିତ ଛୋଟ ଛୋଟ ପୋଥି ଯୋଧପୁର ରାଜାଙ୍କର ହସ୍ତଲିଖିତ ଗ୍ରନ୍ଥ ପୁସ୍ତକାଗାରରେ ସୁରକ୍ଷିତ ହୋଇଅଛି ଏବଂ ତନ୍ମଧ୍ୟରୁ କେତେକ ବିଶିଷ୍ଟ ଏବଂ ନୂତନ ଗ୍ରନ୍ଥ ହେଲା :—

୧—ନଂଅଣ୍ଡ ବୋଧ ୨—ଈଷ୍ଟମୁଦ୍ରା ୩—ପଞ୍ଚମାତ୍ରୀ ଯୋଗ ୪—ଅଠକଳ ଶ୍ଳୋକ ୫—ଗୋରକ୍ଷଙ୍କ ସତରୀ କଳା ୬—ସଂଖ୍ୟା ଦରଶନ ୭—ରହରାସ ୮—ନାଥଙ୍କ ବଅ ୯—ବତିଶ ଲକ୍ଷଣ ୧୦—ଛନ୍ଦଗୋରକ୍ଷ ନାଥଙ୍କ ୧୧—ପିଣ୍ଡ ପରମାଂଶ ଗ୍ରନ୍ଥ ୧୨—ଗୋରକ୍ଷ ସାର (ଗଦ୍ୟ) ୧୩—ସୂକ୍ଷ୍ମବେଦ (ପଦ୍ୟ) ଗୋରକ୍ଷ ନାଥକୃତ, ଲିପିକାଳ ସ.—୧୮୩୭ ବଷମ୍; ପ୍ରା: ଶ୍ରୀ ବଶିଷ୍ଠ ଉପାଧ୍ୟାୟ ଚଉସ୍ପାକୋଟ (ଆଜମଗଡ଼)।

ଏହିସବୁ ଗ୍ରନ୍ଥ ବ୍ୟତୀତ ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ ଗୋରକ୍ଷ ନାଥକୃତ କେତେକ ବିଶିଷ୍ଟ ଗ୍ରନ୍ଥର ସୂଚନା ଦେଇଅଛନ୍ତି—

ଯଥା—

୧—ଅମନସ୍କ (ବରୋଦା ଲାଇବ୍ରେରୀ) ୨—ଅମରୌଘ ଶାସନମ୍ ୩—ଅବଧୂତ ଗୀତା ୪—ଗୋରକ୍ଷ କଳ୍ପ ୫—ଗୋରକ୍ଷ କୌମୁଦୀ

୬—ଗୋରକ୍ଷ ଚିକିତ୍ସା ୭—ଗୋରକ୍ଷ ପଦ୍ଧତି ୮—ଗୋରକ୍ଷ ସଂହିତା (ପ୍ରାୟ ପ୍ରତ୍ୟେକ ସୂଚୀରେ ଏହି ପୁସ୍ତକର ନାମ ମିଳିଥାଏ । ଡଂ-ପ୍ରସନ୍ନ-କୁମାର କବିରତ୍ନ ଅନେକଦିନ ତଳେ ସ ୧୮୯୩ରେ ଏହି ଗ୍ରନ୍ଥ ଛପାଇ ଥିଲେ । ବର୍ତ୍ତମାନ ଉକ୍ତ ଗ୍ରନ୍ଥର ହସ୍ତଲିପି ମିଳୁନାହିଁ । ଗ୍ରନ୍ଥର ଅନେକ ଶ୍ଲୋକ ମତ୍ସ୍ୟେନ୍ଦ୍ରନାଥଙ୍କ 'ଅକୁଳ ବୀରତନ୍ତ୍ର ଗ୍ରନ୍ଥ'ର ଶ୍ଲୋକ ସହିତ ମିଳିଯାଇ ଥାଏ । ଡଃ. ଦ୍ୱିବେଦୀଙ୍କ ମତରେ ଏହି ଗ୍ରନ୍ଥର ମହତ୍ତ୍ୱ ଅଧିକ । ଏହି ବିଷୟରେ ଓଡ଼ିଆ ଗୋରେଖ ସଂହିତାର ଆଲୋଚନା ଦ୍ରଷ୍ଟବ୍ୟ । ) ୯—ନାଡ଼ିଜ୍ଞାନ ପ୍ରଦୀପିକା ୧୦—ଜ୍ଞାନାମୃତ ଯୋଗ ୧୧—ମହାର୍ଥ ମଂଜରୀ ୧୨—ଯୋଗ ଚିନ୍ତାମଣି ୧୩—ଯୋଗ ମାର୍ତ୍ତଣ୍ଡ ୨୪—ଯୋଗ ଶାସ୍ତ୍ର ୧୫—ଯୋଗ ସିଦ୍ଧାସନ ପଦ୍ଧତି ୧୬—ବିବେକମାର୍ତ୍ତଣ୍ଡ ୧୭—ଶ୍ରୀନାଥ ସୂତ୍ର ୧୮—ସିଦ୍ଧସିଦ୍ଧାନ୍ତ ପଦ୍ଧତି ୧୯—ହଠ ସଂହିତା ୨୦—ଜ୍ଞାନ ଶତକ ।

ଏହିସବୁ ଗ୍ରନ୍ଥର ତାଲିକା ଏତେ ବହୁଳ ଯେ, ତାହାର ପ୍ରାପ୍ତି; ସମ୍ପାଦନା ଓ ସମାଲୋଚନା ବହୁ ସାଧନସାପେକ୍ଷ । ତନ୍ମଧ୍ୟରୁ କେଉଁଟି ଗୋରକ୍ଷ ନାଥଙ୍କର ଓ କେଉଁଟି ନୁହେଁ, ଏଥିନିମିତ୍ତ ଆଲୋଚକମାନଙ୍କ ମଧ୍ୟରେ ବହୁ ମତଦ୍ୱୈଧ ରହିଛି ।

## ଗୋରେଖ ବାଣୀର ସ୍ୱରୂପ

ନାଥ ଧର୍ମ ଓ ନାଥ ସାହିତ୍ୟ ସମ୍ବନ୍ଧରେ ଡଃ. ପୀତାମ୍ବର ଦତ୍ତ ବଡ଼ଥ୍ୱାଲଙ୍କର "ଗୋରେଖବାଣୀ" ଏକ ଅତି ଉପାଦେୟ ଗ୍ରନ୍ଥ । ଏହାର ଭାଷା ଅନୁଶୀଳନରେ ଜଣାପଡ଼େ ଯେ, ଗୋରେଖ ବାଣୀର ଭାଷା ଅପଭ୍ରଂଶ ଭାଷାର ଠିକ୍ ପରବର୍ତ୍ତୀ ଭାଷା ଓ ଆଧୁନିକ ଭାରତୀୟ ଭାଷାମାନଙ୍କର ଏକ ବିକଶିତ ସ୍ୱରୂପ । ଅପଭ୍ରଂଶ ଭାଷାର ପ୍ରଭାବ ଗୋରେଖ ବାଣୀର ଭାଷାରେ ବହୁଳ ଭାବରେ ଦୃଷ୍ଟିଗୋଚର ହୋଇଥାଏ । ନାଥ ସାହିତ୍ୟର ଭାଷା ନିପଟ ଓଡ଼ିଆ ଭାଷାର ଖୁବ୍ ନିକଟବର୍ତ୍ତୀ ଭାଷା, ତହିଁରୁ କେତେକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

(୧) ହସିବା ଖେ (ଖେ)ଳିବା ରହିବା ରଙ୍ଗ
କାମ କ୍ରୋଧ ନ କରିବା ସଙ୍ଗ ।
ହସିବା ଖେଳିବା ଗାଇବା ଗୀତ
ଦିଢ଼ କରି ରାଖି ଅପନା ଚୀତ । ୭ ।ପୃ.୩

(୨) ଅବଧୂ ଆହାରକୁ ତୋଡ଼ିବା ପବନକୁଂ ମୋଡ଼ିବା
ଜ୍ୟ ଜବନ୍ଦୁଂ ନଷୋପ୍ଷବା ଯୋଗୀ । ୨୧୫ । ପୃ ୩୦

ଯୋଗୀ ସୋ ଯୋ ରଖେ ଜୋଗ
ଜିହ୍ୟାଂ ଇଂଦ୍ରୀ ନ କରେ ଭୋଗ
ଅଂଜନ ଛୋଡ଼ି ନିରଂଜନ ରହେ
ତାକୁ ଗୋରଖ ଯୋଗୀ କହେ । ୨୩୦ । ପୃ ୨୩
ଆଦିନାଥ ନାତି ମଛନ୍ଦ୍ରନାଥ ପୁତା
ଓଝପଘ ଭଣିଂଲେ ଗୋରଖ ଅବଧୂତା । ୨ । ପୃ· ୮୮
ଅନ୍ୟତ୍ର 'ଗୋରେଖ ବୋଧ'ରେ
"ଖଲ ଏକ ପୁଛିବା ଦୟାକରି କହିବା ।
ମନ୍ତ୍ରେ ନ କରିବା ରୋଷ"
"ସ୍ୱାମୀ କା କ୍ୟା ଦେଖିବା କ୍ୟା ଶୁଣିବା
କ୍ୟା ଲେ ଧରିବା ସାର
କ୍ୟା କ୍ୟା ଦେଖି ମସ୍ତକ ମୁଣ୍ଡାଇବା
କ୍ଷଣ ତ୍ୟାଗଲେ ଉତରିବା ପାରଂ ।
(ଗୋରେଖବୋଧ; ପୃ ୫)

ଏହିପରି ଉଦାହରଣ ଅନେକ, ତେଣୁ ନାଥ ଧର୍ମ ଓ ସାହିତ୍ୟ ଆଲୋଚନାରେ ଆମ୍ଭେମାନେ ଉତ୍କଳୀୟ ଧର୍ମର ଧାରାରେ ନାଥ ଧର୍ମର ଅନେକ ପ୍ରଭାବ ପାଇବା ସହିତ ଆମର ଭାଷା ଓ ସାହିତ୍ୟରେ ମଧ୍ୟ କେତେକ ନୂତନ ଉପାଦାନ ପାଇଥାଉଁ ।

---

# ଓଡ଼ିଆ ସାହିତ୍ୟର ପ୍ରାଚୀନତମ ରଚନା

## "ଶିଶୁବେଦ"

ଶିଶୁବେଦ ପ୍ରସଙ୍ଗରେ ଅନେକ ନୂତନ ତଥ୍ୟ ଓଡ଼ିଶାର ସନ୍ଥକ କାଳ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ମିଳିଥାଏ। କଟକ ଜିଲ୍ଲା ବାଙ୍କିର ରଗଡ଼ି ଗାଁର ସନ୍ଥକଗୁରୁ ବୟୋବୃଦ୍ଧ ଶ୍ରୀ ଦୀନବନ୍ଧୁ ଦାସଙ୍କ ସହ ଲେଖକଙ୍କର 'ଶିଶୁବେଦ' ସମ୍ପର୍କରେ ଆଲାପ ହୋଇଥିଲା। ଶିଶୁବେଦ ଗ୍ରନ୍ଥ ନାମକ ଏକ ଗ୍ରନ୍ଥ ମୋ ନିକଟରେ ଥିବାର ସ୍ୱର୍ଗତ ଔପନ୍ୟାସିକ ଗୋପୀନାଥ ମହାନ୍ତି ଜାଣିବାରୁ 'ସେ ମୋ ନିକଟକୁ ଅତୀବ ଉତ୍ସାହର ସହିତ ଧାଇଁ ଆସିଥିଲେ—ତାହା ଦେଖିବା ନିମିତ୍ତ। 'ବୁଦ୍ଧଦେବ ଓ ବୌଦ୍ଧଧର୍ମ" ଗ୍ରନ୍ଥର ଲେଖକ ବଡ଼ମ୍ବା ମଣିଆବନ୍ଧ (ଜି. ଢେଙ୍କାନାଳ)ର ଶ୍ରୀ ସଦାଶିବ ଦାସ ସନ୍ଥକ କାଳର ଧର୍ମଗ୍ରନ୍ଥ ସମ୍ବନ୍ଧରେ ମଧ୍ୟ କେତେକ ଆଲୋଚନା କରିଅଛନ୍ତି। ପୁସ୍ତକଟି ୧୯୬୯ ମସିହାରେ ପ୍ରକାଶ ପାଇଛି। ଲେଖକ ସେହି ଗ୍ରନ୍ଥରେ ଶିଶୁବେଦ ପ୍ରସଙ୍ଗରେ ଲେଖିଛନ୍ତି, ମାତ୍ର ମଧ୍ୟଯୁଗରେ ଯେତେବେଳେ ବୌଦ୍ଧଧର୍ମରେ ତନ୍ତ୍ର ଓ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜା ପ୍ରଚଳନ କଲେ ଓ ବୌଦ୍ଧଧର୍ମରୁ ଅନେକ ନୂତନ ଧର୍ମ ସୃଷ୍ଟି ହେଲା, ସେତେବେଳେ 'ଶିଶୁବେଦ' ନାମକ ପଞ୍ଚମ ବେଦର ସୃଷ୍ଟି। ସନ୍ଥକମାନଙ୍କ ପାଖରେ ଥିବା ବୌଦ୍ଧଗ୍ରନ୍ଥଗୁଡ଼ିକରେ ଏହି ଶିଶୁବେଦ ସମ୍ବନ୍ଧୀୟ ଆଲୋଚନା ରହିଛି। ଯେପରି "ଅହିଂସା ପରମ ଧର୍ମ ବୈରବନ୍ଧ ବିବର୍ଜିତ। ସନାତନ ନିବାସାୟ ବୌଦ୍ଧରୂପୀ ନମୋନମଃ। ନମସ୍ତେ ବୌଦ୍ଧଦେବାୟଂ ଅନନ୍ତ ଶିରଭୂଷଣମ୍, ଯୋଗମାୟା ସୁଭଦ୍ରାଞ୍ଚ ମଧ୍ୟେ ଶ୍ରୀ ବିଜୟେ ତଥା। ଜଗନ୍ନାଥଗୁରୁ ବୁଦ୍ଧଞ୍ଚ ଧର୍ମଚକ୍ର ସୁଦର୍ଶନମ୍। ଓଁକାର ବ୍ରହ୍ମ ମୂର୍ତ୍ତିଞ୍ଚ ତସ୍ମୁ ଶ୍ରିଷ୍ଟିତଂ ଭଜେହ।"

ବାଙ୍କିର ଜନୈକ ଭକ୍ତ ଶ୍ରୀ ଗଗନଚନ୍ଦ୍ର ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ପରମ୍ପରାକ୍ରମେ ସେମାନେ ଶୁଣି ଆସୁଛନ୍ତି ଯେ, 'ଶିଶୁବେଦ' ଗ୍ରନ୍ଥ ସେମାନଙ୍କର ମୂଳ ବା ପ୍ରଧାନ ଗ୍ରନ୍ଥ; କିନ୍ତୁ କୌଣସିଠାରେ ସେ ଗ୍ରନ୍ଥର ସନ୍ଧାନ ମିଳୁ ନାହିଁ; ମାତ୍ର ସେମାନେ ହଜି ଯାଇଥିବା ଶିଶୁବେଦ ଗ୍ରନ୍ଥର କେତେକ ଶ୍ଳୋକ ମନେ ରଖିଛନ୍ତି । ତାଙ୍କୁ ସେହି ଶିଶୁବେଦରୁ କେତେକ ଆବୃତ୍ତି କରିବାକୁ କହିବାରୁ ସେ ମହାଶୟ କମ୍ପିତସ୍ୱରରେ କେତେକ ପଦ ଆବୃତ୍ତି କଲେ । ତାହାର ଭାଷା ଅଶୁଦ୍ଧ ଓ ବିକୃତ ସଂସ୍କୃତ ଭାଷା ।

"କୈଳାସ ଶିଖରରମ୍ୟଂ ଗୌରୀ ପୃଚ୍ଛନ୍ତି ଶଙ୍କର
ଶିଶୁବେଦ କମାଶ୍ଚର୍ଯ୍ୟଂ କଥଂଦେବ ମହେଶ୍ୱର ।
ଓଁକାର ଚତୁର୍ବେଦା ବେଦାନାଞ୍ଚ ଶିଶୁବେଦ
ଶିଶୁବେଦ ମହାଜ୍ଞାନଂ ମହାଜ୍ଞାନଂ ମହେଶ୍ୱର ।
ମହେଶ୍ୱର ଯୋଗମୂର୍ତ୍ତି ଯୋଗମୂର୍ତ୍ତିସ୍ତୁଦ୍ୟାଦୟ
ଯଥାସ୍ତୁନ୍ ତଥାବନ୍ ଯଥାବନ୍ ତଥାଜଳ ।
ଓଁ ସର୍ପବତ୍ କୁଣ୍ଡଳାକାରଂ ସିଦ୍ଧମ୍ନାଦେହସ୍ଥିତ ତନୁମ୍
ଓଁ କାରସ୍ତୁ ଲୟ ପ୍ରାପ୍ତେ ପ୍ରଣବେ ପ୍ରାଣବାୟକମ୍ ।"
ପୁଣି ସେ ବୋଲିଲେ —
"ଅହିଂସା ପରମା ଧର୍ମ ଶିଶୁବେଦାନ୍ତର୍ଗତ",
'ଶ୍ରୁତଣାଂ ସାରଜ୍ଞାନଂ ଶିଶୁବେଦ
ପରମହଂସୋ ବୌଦ୍ଧାଭିଧାନୋ' ଇତ୍ୟାଦ ।

ଯଜ୍ଞୋପବୀତ ଗ୍ରହଣ କରିବା ସମୟରେ ସେମାନେ "ଶିଶୁବେଦ ଅଧ୍ୟୟନେ ଅଦ୍ୟତ୍ୟ ଗୋଷ୍ଠ ଶ୍ରୀମାନ..." ମନ୍ତ୍ରଟି ପାଠ କରିବାର ମଧ୍ୟ କହିଲେ । ନାଡ ସୁଦ୍ରାକ୍ଷ ଓ ସୁଶବେଦର ସୁରବାଣ୍ଡ, କିନ୍ତୁ ସମସ୍ତେ ଶିଶୁବେଦ ଅର୍ଜିତ ବା ଶିଶୁବେଦୀ ଅଟନ୍ତି ବୋଲି ସେ ପ୍ରତିପାଦନ କରିବାକୁ ଲାଗିଲେ । ଶିଶୁବେଦର ମାହାତ୍ମ୍ୟ ନେଇ ଓଡ଼ିଆରେ ଗୋଟିଏ ପଦ ବୋଲିଲେ,—

ଶିଶୁବେଦଘରେ ରତ୍ନ ସିଂହାସନ
ବ୍ରହ୍ମବେଦ ବ୍ରହ୍ମଦ୍ୱାରେ ।"

ମୋଟ ଉପରେ ତାଙ୍କ ପଣ୍ଡିତ ଆଲୋଚନାରୁ ଜଣାଗଲା ଯେ, ସେମାନେ ହେଉଛନ୍ତି ଓଡ଼ିଶାର ବୌଦ୍ଧ ସମ୍ପ୍ରଦାୟର ଅବଶେଷ । ସେମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ ହେଉଛି 'ଶିଶୁବେଦ' ଯାହାର କେତେକ ପଦ ସେମାନଙ୍କର ମନେ ଅଛି; କିନ୍ତୁ ଉକ୍ତ ବେଦଗ୍ରନ୍ଥ ଆଜି ମିଳୁ ନାହିଁ ।

## ପ୍ରାଚୀନ ଓଡ଼ିଆ ସାହିତ୍ୟର ବିଭିନ୍ନ ଗ୍ରନ୍ଥରେ ଶିଶୁବେଦର ଉଲ୍ଲେଖ

ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷକରି ଓଡ଼ିଶାର ଆଦିକବି ସାରଳା ଦାସଙ୍କ ମହାଭାରତରେ 'ଶିଶୁବେଦ'ର ବହୁଳ ଅଂଶ ମିଳିଥାଏ । ମହାଭାରତର ମଧ୍ୟପର୍ବରେ ଦେବକୀ ଯେଉଁ 'କାମାକ୍ଷୀ' ବ୍ରତ ପାଳନ କରିଅଛନ୍ତି, ତହିଁରେ ଚାରିବେଦାଧ୍ୟାୟୀ ବ୍ରାହ୍ମଣମାନଙ୍କ ସହିତ ପଚିଶ ହଜାର 'ଶିଶୁବେଦୀ' ବ୍ରାହ୍ମଣ ନିମନ୍ତ୍ରିତ ହୋଇଅଛନ୍ତି ।

ଯଥା—

"ଶିଶୁବେଦୀ ହୋଇବେ ପଞ୍ଚବିଂଶ ସହସ୍ର ଆମ୍ବଜ ।" ପୁଣି ସେହି ମଧ୍ୟ ପର୍ବରେ ଶିବଶିଶୁ ବେଦର ଜନ୍ମଦାତା ଭାବରେ ବର୍ଣ୍ଣିତ ହୋଇ ଅଛନ୍ତି, ଅର୍ଥାତ୍ ଶିବ ହିଁ କେବଳ ଶିଶୁବେଦ ଜାଣନ୍ତି ।

''ଋକ୍ ଯଜୁ ସାମ ଅଥର୍ବ ଶୁକ୍ଳବେଦ ହୋଇଲ,
ପଞ୍ଚମ ମୁଖରେ ଶିଶୁବେଦ ଅଭ୍ୟାସିଲ,
ସେ ମନ୍ତ୍ରେ ପଞ୍ଚମ ବେଦ ମୁଁ ପଢ଼ିଲି ବେଦବର
ତୁମ୍ଭେ ଶୁକ୍ଳବେଦ ଘୋଷ ନାରଦର ।''

ମଧ୍ୟପର୍ବ ମହାଭାରତରେ ଅନ୍ୟତ୍ର ବର୍ଣ୍ଣିତ ଅଛି ଯେ, ବ୍ରହ୍ମା ଚାରି ବେଦର ସ୍ରଷ୍ଟା; କିନ୍ତୁ ଶିବ ପଞ୍ଚମ ବେଦ ଅଭ୍ୟାସ କରନ୍ତି ଓ ବେଦମାନଙ୍କର ନାମକରଣରେ କବି 'ଯୋଗ' ବେଦ ସହିତ 'ଆୟୁର ଜ୍ୟୋତିର ଧନୁ ଶିଶୁମୁନା ଲେଖି' ଅର୍ଥାତ୍ ''ଆୟୁର୍ବେଦ, ଜ୍ୟୋତିର୍ବେଦ, ଧନୁର୍ବେଦ ଓ ଶିଶୁମୁନା ବେଦ'' ପ୍ରଭୃତିର ନାମ ଉଲ୍ଲେଖ କରିଅଛନ୍ତି । ସାରଳା ମହାଭାରତରେ ଅନ୍ୟାନ୍ୟ ସ୍ଥାନରେ 'ଶିଶୁମୁନା ବେଦ ବା ଶିଶୁବେଦ'ର ପ୍ରସଙ୍ଗ ଉଲ୍ଲେଖ କରାଯାଇଛି । ସାରଳା ମହାଭାରତରେ କବି ଶିଶୁ ବେଦକୁ ଶିଶୁମୁନା ବା ଶିଶୁମ୍ନା ବେଦ ଭାବରେ ଗ୍ରହଣ କରି

ଅଛନ୍ତି । ଶିଶୁମୁନାବେଦ ଅର୍ଥାତ୍ ଶିଷୁମ୍ନା ନାଡ଼ିରେ ଯୋଗ-ସାଧନ-ସମ୍ବନ୍ଧୀୟ ବେଦ । ସଭାପର୍ବ ପୃ. ୩୦୫ ।

"ଆବର ଜ୍ୟେଷ୍ଠଧନୁ ସିଶୁମ୍ନାଂନା ଶ୍ରୁତିବେଦ
ଉଚାରି ଉଠାଇଲୁ ମାତ୍ର ତକ୍ଷ ମଂହେ ଯେ ତୋହର
ଅଜଗା କୁଠ ମଂହେ ।
(ସଭାପର୍ବ ପୃ. ୪୫୩)

"ଆବର ଜ୍ୟେଷ୍ଠ ଧନୁ ସିଶୁମ୍ନା ଅଥର୍ବା
ପଞ୍ଚବେଦ ମନ୍ତ୍ରେ
ଯଥାବାକ୍ୟ ଉଚ୍ଚାରଣ କରନ୍ତି ପ୍ରୋକ୍ଷିତେ ।
(ସଭାପର୍ବ ପୃ. ୫୮୫)

ସାରଳା ପରବର୍ତ୍ତୀ ଅନ୍ୟ ପ୍ରାଚୀନ ସାହିତ୍ୟ ମଧ୍ୟରେ ଚୈତନ୍ୟ ଦାସଙ୍କର ବିଷ୍ଣୁଗର୍ଭ ପୁରାଣ ଏକ ପ୍ରାଚୀନତମ ଗ୍ରନ୍ଥ । ଏହା ପାଣ୍ଡୁଲିପିରେ ଲିଖିତ ଓ ରଚନା ସମୟ ସାରଳା ମହାଭାରତର ଖୁବ ନିକଟ-ବର୍ତ୍ତୀ ଅର୍ଥାତ୍ ଖ୍ରୀ. ୧୫ଶ ଶତାବ୍ଦୀର ଶେଷଭାଗ । ଏହି ଗ୍ରନ୍ଥରେ ମହାଯାନ ବୌଦ୍ଧଧର୍ମର ସର୍ବଶେଷ ପ୍ରଭାବ ଥିବା ବିଷୟ ଉଭୟ ନଗେନ୍ଦ୍ର ନାଥ ବସୁ ଓ ପରିଡ଼ା ଆର୍ତ୍ତବଲ୍ଲଭ ମହାନ୍ତି ଆଲୋଚନା କରିଅଛନ୍ତି । ବିଷ୍ଣୁଗର୍ଭ ପୁରାଣ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ଉପାଦେୟ ଗ୍ରନ୍ଥ ଓ 'ବିଷ୍ଣୁଗର୍ଭ'ର ନାମୋଲ୍ଲେଖ ସହିତ ତାହାର ସୃଷ୍ଟି ପ୍ରସଂଗଗୁଡ଼ିକୁ ସାରଳା ମହାଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ । ଏହି ପ୍ରସିଦ୍ଧ ପ୍ରାଚୀନ ପୁରାଣରେ 'ଶିଶୁବେଦ'ର ବହୁଳ ଉଲ୍ଲେଖ ମଧ୍ୟ ପରିଲକ୍ଷିତ ହୋଇଥାଏ ।

ସାରଳା ମହାଭାରତ ବିଷ୍ଣୁଗର୍ଭ ପୁରାଣ ଆଲୋଚନାରେ ଜଣାଯାଏ ଯେ, ଶିବ ଶିଶୁବେଦର ସ୍ରଷ୍ଟା ଓ ତାହା ପଞ୍ଚମ ବେଦ ଭାବରେ କଥିତ । ସାରଳା-ମହାଭାରତରେ 'ଶିଶୁମୁନାବେଦ' 'ସିଷମ୍ନାବେଦ' 'ଶିଶୁମୁନା ଯୋଗ ବା ସିଷୁମ୍ନା ଯୋଗ' ପ୍ରଭୃତି ପ୍ରୟୋଗରୁ ଜଣାଯାଏ ଯେ, ଶିଶୁ ବେଦ ଗ୍ରନ୍ଥରେ 'ସିଷୁମ୍ନା ନାଡ଼ିରେ ପବନ ଉତ୍ତୋଳନ କରି ବ୍ରହ୍ମ ଦର୍ଶନ କରିବାର ବିଷୟ ଏହି ଗ୍ରନ୍ଥରେ ବର୍ଣ୍ଣିତ କରାଯାଇଛି ।

ବିଷ୍ଣୁଗର୍ଭ ପୁରାଣରେ ଶିଶୁବେଦର ପଦ ପରିଦୃଷ୍ଟ ହୋଇଥାଏ ଯେପରି 'କାଳକୁ ଜନନ ଯେ ହୋଇଲା ଉତପନ' (ପୃ ୧୬); କାଳ,

କମଳ ଓ ନିରଞ୍ଜନର ଉକ୍ତିର ସଙ୍ଗେ ‘ଶିଶୁବେଦ’ ‘ଶିଶୁବେଦ ପୁରାଣ’, ‘ଶିଶୁ ଗ୍ରନ୍ଥ’, ‘ସୁଷମ୍ନା ଗ୍ରନ୍ଥ’ ପ୍ରଭୃତି ପଦର ବ୍ୟବହାର ଏତେ କରାଯାଇଛି ଓ ଶିଶୁବେଦ ପୁରାଣର ମହତ୍ତ୍ୱ ଏପରି ଘୋଷିତ ହୋଇଛି ଯେ, ତାହା ସମସ୍ତ ଏ ନିବନ୍ଧରେ ଉଦାହରଣ ଦେବା ଅସମ୍ଭବ ହୋଇପଡ଼େ । ବିଷ୍ଣୁଗର୍ଭ ପୁରାଣରୁ ଜଣାଯାଏ ଯେ, ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶିଶୁବେଦ ପୁରାଣ ଯୋଗତତ୍ତ୍ୱ-ସମ୍ବନ୍ଧୀୟ ଏକ ପ୍ରଧାନ ପୁରାଣ ଥିଲା । ‘ସୁଷମ୍ନାବେଦ’ ଏହି ଶବ୍ଦର ଜନଗରଣଙ୍କ ‘ଶିଶୁ-ବେଦ’ରେ ହିଁ ଉପସ୍ଥିତ ହୋଇଛି । ‘ଶିଶୁ ବେଦ’ ବା ‘ସୁଷମ୍ନା ବେଦ’ର ମହାଭାରତ ଓ ବିଷ୍ଣୁଗର୍ଭ ପୁରାଣରେ ବହୁଳ ପ୍ରୟୋଗ, ଏପରି କି ଶିଶୁ ବେଦ ଗ୍ରନ୍ଥର ପ୍ରଧାନ ପଦଗୁଡ଼ିକର ଅବିକଳ ବ୍ୟବହାର ଦେଖି ଜଣାଯାଏ ଯେ, ‘ଶିଶୁବେଦ’ ଗ୍ରନ୍ଥ ଉଭୟ ସାରଳା-ମହାଭାରତ ଓ ବିଷ୍ଣୁଗର୍ଭ ପୁରାଣର ବହୁ ପୂର୍ବବର୍ତ୍ତୀ ଏକ ପ୍ରାଚୀନ ଓଡ଼ିଆ ରଚନା ।

ପ୍ରକାଶିତ ବା ଅପ୍ରକାଶିତ ଓଡ଼ିଆ ସନ୍ଥ ସାହିତ୍ୟରେ ‘ଶିଶୁ-ବେଦ’ର ପ୍ରସଙ୍ଗ ଏତେ ଆଲୋଚିତ ହୋଇଛି ଯେ, ସେ ସମୁଦାୟ ଉଦ୍ଧୃତ ଏକ ଗ୍ରନ୍ଥ ହୋଇଯିବାର ଆଶଙ୍କା ହୋଇଥାଏ ।

ତଥାପି କେତେକ ପ୍ରଧାନ ପ୍ରକାଶିତ ଓ ଅପ୍ରକାଶିତ ଗ୍ରନ୍ଥରୁ ‘ଶିଶୁବେଦ’ର ପ୍ରୟୋଗ ଦେଲି । ‘ତତ୍ତ୍ୱସାର ଟୀକା ସିଦ୍ଧାନ୍ତ ଚନ୍ଦ୍ରିକା’ ନାମକ ଏକ ଅପ୍ରକାଶିତ ଗ୍ରନ୍ଥରେ ‘ଶିଶୁବେଦ’କୁ ଗ୍ରନ୍ଥକାର ‘ଶିଶୁବୋଧ’ ଅର୍ଥରେ ଗ୍ରହଣ କରିଅଛନ୍ତି ।

ଯଥା—“କାହ୍ନି ଅଲକ୍ଷ କାହ୍ନିଁ ଜୀବ,
ସେହୁ ନ ଜାଣେ ବ୍ରହ୍ମା ଶିବ ।”

ଅର୍ଥ—ରଜଗୁଣ ଆତ୍ମା । ତମଗୁଣ ଈଶ୍ୱର । ସତ୍ତ୍ୱ ଗୁଣ ବିଷ୍ଣୁ । ସେହୁଙ୍କୁ ନ ଜାଣିବେ । ତମ ଗୁଣରେ “ଜାଣନ୍ତି ଈଶ୍ୱର । କହନ୍ତି ପ୍ରକାରେ ଶିଶୁବେଦରୁ । ଶିଶୁ ଯେ ବାଳକ । ବାଳକମାନେ ଅଳପରେ ତମଗୁଣ ବହନ୍ତି, ତାହାଙ୍କର ଯେଉଁ ବୋଧ । ସେ ଶିଶୁବେଦ ବୋଲନ୍ତି । ସୁଜନଜନ ନ ଜାଣନ୍ତି ଶିଶୁବେଦର ବାଣୀ । ଗୁରୁ କର୍ଣ୍ଣରେ କୁହା ହେଉଁ ବୁଝି ପରମାଣି । ଯେଉଁ ଧ୍ୱନି ଆକାଶ ମଧ୍ୟରେ ପ୍ରବେଶଇ । ସେ

ଶ୍ରୀ ଅନ୍ତର୍ଯ୍ୟାମୀ । ନିରାକାର ସ୍ୱାମୀ । ସେ ଶିଶୁବେଦଟି । ସେହିକ ସ୍ୱୟଂଭୁ ଦେହ ବନ୍ଧୁ ସୃଷ୍ଟି । ଶିଶୁବେଦ ମଧ୍ୟେ ପ୍ରକାଶ । ସେ ଯେ ତତ୍ତ୍ୱଟି । ସେହି ବାଳକମନ୍ତ୍ର । ଏହି ମନ୍ତ୍ରରେ ବାଳ ଚତୁର୍ଦ୍ଦଶ ବୃଦ୍ଧ ଜନ ରୂପ ଧରିବ ଜନ କାଳରେ (ପୃ. ୧୫୩) ।"

ଶିଶୁବେଦକୁ ଏହା ଗୋଟିଏ ନୂତନ ବ୍ୟାଖ୍ୟା । ଗ୍ରନ୍ଥକାର 'ଶିଶୁବୋଧ' ଶବ୍ଦ 'ଶିଶୁବେଦ'ରୁ ଉତ୍ପତ୍ତି ବୋଲି କହିଅଛନ୍ତି । ଉଦ୍ଧୃତାଂଶର କେତେକ ଗଦ୍ୟାଂଶ ମୂଳ ଶିଶୁବେଦର ବ୍ୟାଖ୍ୟା ସହିତ ମେଳ ଖାଉଛି । ମନେହୁଏ ଗ୍ରନ୍ଥକାର 'ଶିଶୁବେଦ' ପାଠ କରି ତଦ୍ୱାରା ଓତଃ-ପ୍ରୋତ ପ୍ରଭାବିତ ହୋଇଥିଲେ ଓ ତାଙ୍କର 'ଶିଶୁବେଦ'ର ବ୍ୟାଖ୍ୟା ସ୍ୱକଳ୍ପନାପ୍ରସୂତ ଅଟେ । 'ମନବୋଧ', 'କୁମାରବୋଧ' ନାମକରଣର ସାଦୃଶ୍ୟରେ ଗ୍ରନ୍ଥକାର 'ଶିଶୁବେଦ'କୁ 'ଶିଶୁବୋଧ' କରିଥିବା ମନେହୁଏ ।

ଶିଶୁବେଦ ଗ୍ରନ୍ଥର ପ୍ରଭାବ ଅନ୍ୟ ଏକ ଅପ୍ରକାଶିତ ରଚନା 'ଅଗ୍ୟାନ ମୋଚନ'ରେ (କବିଙ୍କର ନାମ ନାହିଁ)—

'ଅଲେଖ ମୁଦ୍ରାକୁ ଧରିଥିବୁ ଚାହିଁ
ଶିଶୁବେଦ ତତ୍ତ୍ୱ ଥିବୁ ଯେ ଜାଣି ।' (ଅପ୍ର. ୧୭୭ ନୃସିଂହଭୂଷଣ ।)

ପୁଣି "କଳାଟି ଶାବ । ଧଳାଟି ପରମ । ଦୋମୁଣ୍ଡୀ ସର୍ପ କର୍ଣ୍ଣକୁ କହି । ନୟନକୁ ନେଇ ନାସାଅଗ୍ରକୁ ରଖିବ । ସେ ସେଥିଁ ରୂପ ଦୃଶ ହେବ । ନୟନକୁ ସ୍ଥିର କରି ଭ୍ରୂଲତା ଉପରକୁ ଟେକ । ସ୍ଥିର କରି ଦେଖା କରିବ । ପଦ୍ମରେ ପୂର୍ଣ୍ଣିଲେ ଜ୍ୟୋତିରୂପ ଦିଶିବ । ସେହିଠାରେ ସ୍ୱରୂପରେ ଅଛନ୍ତି । ଭ୍ରୂଲତା ମଧ୍ୟରେ ସାଧୁଜନମାନଙ୍କର ସେହି ନିରଂଜନ ହୋଇଛନ୍ତି । × × ନାସିକାରେ ଲଲାଟ ଓଁକାର । ନୟନ ମଧ୍ୟ ସୂର୍ଯ୍ୟ ଜ୍ୟୋତି ସେ ହିଁ ତନ୍ତ୍ର । କାଳ ସେ, କମଳ ସେ, ନିରଞ୍ଜନ ସେ, ସେହି କାଳ ରୂପେ ଯୋଗୁଛି । ନିରଂଜନ ହୋଇ ଅଛି ।" (ପୃ. ୧୭୭)

'ଶିଶୁବେଦ' ନେଇ ଏହିପରି ଶତାଧିକ ଉଦ୍ଧୃତାଂଶ କେତେକ ଗ୍ରନ୍ଥରୁ ଦିଆଯାଇପାରିବ । ଓଡ଼ିଶାର ବୈଷ୍ଣବଧର୍ମରେ ଯେଉଁ 'ସପ୍ତପଞ୍ଚାମୃତ' ବିବରଣୀ ରହିଛି, ତହିଁରେ ଥିବା ବେଦର ବର୍ଗରେ ପାଞ୍ଚଗୋଟି ବେଦର ନାମକରଣ ରହିଛି । ତନ୍ମଧ୍ୟରେ ପ୍ରଥମ ସ୍ଥାନ 'ଶିଶୁବେଦ'କୁ ଦିଆଯାଇଛି ।

ଶିଶୁବେଦର ଦ୍ୱିତୀୟ ଶ୍ଳୋକଟି ଦେଖନ୍ତୁ :—

"କାଳ କମଳ ନିରଂଜନ ବନ୍ଦେଁ
ସ୍ୱେଦଜଂ ଠାବରେ ବାସ
ସେଥିଁ ଶୂନ୍ୟ ପ୍ରତି ପ୍ରତି କରି କହିବ
ସେ ଶୂନ୍ୟର ମୂର୍ତ୍ତି ଦାସର ଦାସ ।"

ପଦରେ ଥିବା 'କାଳ କମଳ ନିରଂଜନ' ପଦଟି ପ୍ରାୟ ଅଧିକାଂଶ ଓଡ଼ିଆ ସନ୍ଥ ସାହିତ୍ୟରେ ଯେ ରହିଛି ତାହା ନୁହେଁ, ଶିଶୁବେଦର ଆଧ୍ୟାତ୍ମିକତା, ତାହାର ଯୋଗ ସାଧନ ପ୍ରଣାଳୀ, ତହିଁରେ ଥିବା 'ଓଲଟ ଭାଷା' ବା 'ସନ୍ଧ୍ୟାଭାଷା'ର ବହୁ ଅବିକଳ ପ୍ରଭାବ ଉକ୍ତ ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । ଉଦାହରଣ ସ୍ୱରୂପ ଶିଶୁବେଦର ୬ଷ୍ଠ ଶ୍ଳୋକର ବ୍ୟାଖ୍ୟା କପରି ବଳରାମ ଦାସଙ୍କର ଗୁପ୍ତଗୀତାରେ ପ୍ରତିଫଳିତ ହୋଇଛି, ତାହା ଦେଖିବାର କଥା ।

ଶିଶୁବେଦରେ—

"ଉଦେଗିରି ସୁଣ୍ୟଗିରି ଅସ୍ତଗିରିମେଳା ।
ହସ୍ତୀ ଚଗିଲ ସାହାତମାଳା
ସେବଣ ସେ ହସ୍ତୀ ମହାରସ ଖାଇଂ
ବେଢ ଷଠି ଛେଦିଲେ ଗଗନ ସମ୍ଭାଇ ।"

ବଳରାମ ଦାସ ଏହି ପଦର ବିଶଦ ବ୍ୟାଖ୍ୟା ଏହିପରି ଭାବରେ କରିଅଛନ୍ତି —

"ଚନ୍ଦ୍ର ଅସ୍ତାକୁ କରିଣୀ କରିନେଲି
ବାନ୍ଧିଲି ବୃଷର ଡାଳେ
ମହାରସ କୁମ୍ଭ ଭିତରେ ଖୋଇଲି
ଆକାଶ ଗଙ୍ଗାର ହେଳେ ।
ଉଦେଗିରି ଅସ୍ତଗିରି ସୁଣ୍ୟଗିରି
-ତିନି ସେବକ କରି ମେଳା
ଅନେକ ପ୍ରକାରେ ରକ୍ଷା କରିଥିଲି
ତରିବ ଶବ୍ଦମାଳା ।୭୭।
ଅଧ ଊର୍ଦ୍ଧ୍ୱ ମଧ୍ୟ ଉଭୟ ଶିଖରେ
ଚଳୁଛି ମତ୍ତ ମାତଙ୍ଗେ

ଜନ୍ତୁ ଆସି କରି ବସନ୍ତି ବନରେ
ଚରୁଥିଲେ ନାନା ରଙ୍ଗେ ।
ଲୁବ୍ଧକ ବେଶରେ ପକ୍ଷୀମାନଙ୍କୁ
ଅସୁଥାନ୍ତି ଧନ୍ତ ଗୁଣ୍ଡ
କେମନ୍ତ କରି ମୁଁ ଖଳ ନିରେଧନ୍ତେ
ଗୁଣ୍ଡଲ ଭଡ଼ଶ ରଢ଼ ।
ଗୁମ୍ଫା ଖଣାବାଟେ ବୃଷ୍ଟି ନ ଗଳନ୍ତି
ନ ଶୋଷିଲ ମହାରସ
ଆକାଶ ଗଙ୍ଗା ଭୁବରେ ନ ପଶିଲ
ବଣାକଲ ଧଣ ଧଣ ।
ବାଳର ଅଗ ସହସ୍ର ଭାଗରେ
ଭାଗେ ଚେଉଁ ବାଟ ଗୋଟି
ଚିକିଁ ଗଳି ନ ପାରି ମତ୍ତଗଜ
ଦାଦକୁ ଗଲା ଉଦ୍ଭୋଟି ।” ୮୧
(ଗୁପ୍ତଗୀତା-ପୃ. ୪୪ ଅ: ୧୩)

'ଶିଶୁବେଦ' ଯୁଗ ଯୁଗ ଧରି ସନ୍ଥ କବିମାନଙ୍କର ଲେଖାଗୁଡ଼ିକୁ ପ୍ରଭାବିତ କରିଛି । ଆଲୋଚନା ସମୂହରୁ ଜଣାପଡ଼େ ଯେ, ଶିଶୁବେଦ (କ) ଶିଶୁମାନଙ୍କ ବେଦ ଭାବରେ (ଖ) ଶିଶୁବୋଧ ଅର୍ଥରେ (ଗ) ଅଜପା ଅର୍ଥରେ (ଘ) ଶିଷ୍ୟମାନଙ୍କ ଯୋଗ ଭାବରେ (ଙ) ପଞ୍ଚମ ବେଦ ଭାବରେ (ଚ) ନିରାକାର ସ୍ୱାମୀ ମହାଶୂନ୍ୟ ବା ନିରଂଜନ ବା ନିସ୍ତୁ ଶବ୍ଦରେ (ଛ) ମାତୃସ୍ୱରୂପା ତଥା ଅଷ୍ଟାଙ୍ଗ ଯୋଗର ହେତୁ ଭାବରେ, (ଜ) ସମଗ୍ର ବିଶ୍ୱର ପ୍ରାଣପ୍ରବାହ, ସୃଷ୍ଟି, ସ୍ଥିତି ଓ ଲୟର ସ୍ଥଳ ଭାବରେ (ଝ) ମହାବସ୍ତୁ ଭାବରେ ବର୍ଣ୍ଣିତ । ଏହାର ବର୍ଣ୍ଣ ମାଳବର୍ଣ୍ଣ । ଶିଶୁବେଦ-ସାଧନାରେ ମନର ସ୍ଥିରତା ଓ କ୍ରମାନ୍ୱୟରେ କାମ୍ୟର ପ୍ରାପ୍ତିକୁ ଉଦ୍ଦିଷ୍ଟ ବୋଲି ବହୁତ ସ୍ଥାନରେ କୁହାଯାଇଛି । ଏହା ସିଦ୍ଧମାନଙ୍କର କାମ୍ୟସାଧନ ମାତ୍ର । ଶିଶୁବେଦର ସ୍ଥାନ ତ୍ରିକୂଟରେ ଅର୍ଥାତ୍ ଭ୍ରୂଲତା ମଧ୍ୟବର୍ତ୍ତୀ ସ୍ଥାନରେ ନିର୍ଦ୍ଦିଷ୍ଟ ହୋଇଅଛି ଓ ତହିଁରେ ପରମହଂସ ବିହାର କରୁଅଛନ୍ତି । ଏଥିରୁ ମନେହୁଏ ଯେ 'ଶିଶୁବେଦ' ଗ୍ରନ୍ଥର ମହତ୍ତ୍ୱ ପ୍ରାଚୀନ ଉତ୍କଳ ସନ୍ଥ

ସାହିତ୍ୟରେ ପ୍ରତୀକରୂପେ ଅନୁଭୂତ ହୋଇଥିବା ଓ ପ୍ରତ୍ୟେକ ସିଦ୍ଧ ଏହି
ଗ୍ରନ୍ଥକୁ ସେମାନଙ୍କ ସାଧନାର ପ୍ରଥମ ସୋପାନରୂପେ ଗ୍ରହଣ କରିଥିଲେ ।
ସିଦ୍ଧମାନେ ବେଦରୁ ଅପଭ୍ରଷ୍ଟ ହୋଇ ଓଡ଼ିଆରେ ଶିଶୁବେଦ ସ୍ୱୟଂ ବିଭିନ୍ନ
ଅର୍ଥରେ ବ୍ୟବହୃତ ହୋଇଥିଲା ଓ ଭକ୍ତସମ୍ପ୍ରଦାୟରେ କ୍ରମାନ୍ୱୟରେ ଆଲୋଚନା
ହୋଇଥିଲା; କିନ୍ତୁ ଶିଶୁବେଦର ମୂଳ ଅର୍ଥ ହେଲା, ସିଦ୍ଧମାନଙ୍କ ଦ୍ୱାରା ବାୟୁ
ସାଧନାର ପ୍ରଣାଳୀ ଓ ତତ୍ତ୍ୱନିହିତ ବିଭିନ୍ନ ଯୋଗର ସାଧନା । ତାହାର
ଉଦ୍ଦେଶ୍ୟ ହେଲା କାଳକୁ ଜୟ କରି ପିଣ୍ଡକୁ ଅମର କରି ରଖିବା । ପରେ
'ଶିଶୁବୋଧ' ପୁସ୍ତିକା ଶିଶୁବେଦର ଭିନ୍ନ ବ୍ୟାଖ୍ୟା ମାତ୍ର । 'ଶିଶୁବେଦ'
ଯେ ଏକ ପ୍ରଧାନ ଯୋଗତତ୍ତ୍ୱ ପୁରାଣଭାବରେ ଆଦର ଲାଭ କରିଥିଲା ତାହା
ବିଷ୍ଣୁଗର୍ଭ ପୁରାଣ ଓ ଅନ୍ୟାନ୍ୟ ଉକ୍ତିରୁ ଜଣାପଡ଼ିଥାଏ ।

ଅପଭ୍ରଂଶ 'ଗୋରେଖ ବାଣୀ' ନାମକ ନାଥଧର୍ମର ପ୍ରସିଦ୍ଧ ଗ୍ରନ୍ଥରେ
ବ୍ୟବହୃତ ହୋଇଥିବା 'ସସଂବେଦ' ଶବ୍ଦର ଅର୍ଥକୁ ଡାଃ ବଡ଼ଥ୍ୱାଲ
'ସ୍ୱସଂବେଦ୍ୟ' ବା 'ସ୍ୱସଂଜ୍ଞାନ' ବୋଲି ମତ ଦେଇଛନ୍ତି । ଗ୍ରନ୍ଥର ପାଠା-
ନ୍ତରରେ ରହିଛି 'ସୁନମବେଦ' । ସେ କହନ୍ତି, ଯଦି 'ସସ୍ୱବେଦ'କୁ ସୁନମ
ବେଦ ବା ସୁନନ ବେଦ ବୁଝାଯିବ ତାହାହେଲେ ଅର୍ଥ ଦୁର୍ବୋଧ୍ୟ ପ୍ରକାରେ
ହେବ । (ଗୋରେଖ ବାଣୀ—ଡଃ. ପି. ବଡ଼ଥ୍ୱାଲ ପୃ. ୯ ଦେଖନ୍ତୁ ।)

ଅନ୍ୟତ୍ର 'ସସବେଦ'ର ଅର୍ଥ କରଯାଇଛି 'ଅପରୋକ୍ଷାନୁଭୂତି'
(ଗୋରେଖ ବାଣୀ ପୃ. ୧୬୭ ଦେଖନ୍ତୁ)

## ଗୋରେଖ ବାଣୀରେ 'ଶିଶୁବେଦ'ର ପ୍ରୟୋଗ—

(କ) ସସଂବେଦ ଶ୍ରୀ (ଗୁରୁ) ଗୋରେଖ (ନାଥ) କହିୟା
ବୁଝିଲୌ ପଂଡ଼ିତ ପଢ଼ି ସ୍ୟା । ପୃ. ୮

(ଖ) ସସମବେଦ ସୋହଂ ପ୍ରକାସଂ ଧରଣି ଗଗନ ନ ଆଦଂ ।
ପୃ. ୧୦୯

(ଗ) ଇକବାସ ବ୍ରହ୍ମାଣ୍ଡ ନୀ ସିତର ଉପଜି ସସଂବେଦ ଉତ-
ସ୍ୟା । ପୃ. ୧୧୦

(ଘ) ପଢ଼ିଲେ ସସଂବେଦ କରିଲେ କଥ ନିବେଦ ଜାଣିଲୌ
ଭେଦାଂ ନ ଭେଦ । ପୃ. ୧୬୭

(ଙ) ଅଗମ ଅଗୋଚର, ଅନଂତ ଚରାଚର, ଅନନ୍ତସାଖା,
ସସଂବେଦ ପରମ ଭେଦ । ପୃ. ୧୫୯
(ଧାମ୍ୟ ନିମିତ୍ତ ନବନରେ ଅନନ୍ତ ଶିଶୁଙ୍କ ଉପାସନା-
ପଦ୍ଧତିର ଉକ୍ତି ଦେଖନ୍ତୁ । )

(ଚ) ଅବଧୂ-ମନର ଭାସୁସବଦ ଗ୍ରାସ,
ସୁସବଦନା ନିରଂତର ବାସ ।
ଦ୍ୱାଦଶ ଅଙ୍ଗୁଳ ବାଇ ଗୁରମୁଖି ଗହେ,
ଏସା ଶବ୍ଦର ମଚ୍ଛିଂଦ୍ର କହେ । ପୃ ୧୮୮, ଇତ୍ୟାଦି ।

ଗୋରେଖବାଣୀର ଏଷ୍ଟସବୁ ଉଦ୍ଧୃତିରୁ ଜଣାଯାଏ ଯେ ଓଡ଼ିଆରେ 'ଶିଶୁବେଦ' ଅପଭ୍ରଂଶ ଗୋରେଖ ସାହିତ୍ୟରେ 'ସୁସବଦ' 'ସସବଦ' 'ସସଂମବେଦ' ରୂପେ ବ୍ୟବହୃତ ହୋଇଅଛି । ଉଦ୍ଧୃତିରୁ ଜଣାଯାଏ ଯେ, 'ଶିଶୁବେଦ' ନାଥଧର୍ମସମ୍ବନ୍ଧୀୟ ଏକ ବଶିଷ୍ଟ ପ୍ରାଚୀନତମ ରଚନା ଓ ଗୋରେଖନାଥଙ୍କର ଗୁରୁ ନାଥସିଦ୍ଧଙ୍କର ଆଦ୍ୟ ନାଥ ମୀନ ବା ମଚ୍ଛିଂନ୍ଦ୍ର ନାଥଙ୍କ ସମୟରେ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲା । ମତ୍ସ୍ୟେନ୍ଦ୍ରନାଥଙ୍କର ଉକ୍ତିରେ 'ଶିଶୁବେଦ' ବା 'ସୁସବଦ' ପିଙ୍ଗଳା ନାଡ଼ିର ବାୟୁ ସାଧନାକୁ ବୁଝାଉଛି । କେଣୁ ଅନେକ ତା ବଉଁଲିକଙ୍କର ଅର୍ଥକୁ ଗ୍ରହଣ କରି ପାରିଲୁ ନାହିଁ । ଓଡ଼ିଆ ସାହିତ୍ୟରେ 'ଶିଶୁବେଦ'ର ଅର୍ଥ ଏପରି ସ୍ପଷ୍ଟ ଯେ ବଉଁଲିକଙ୍କର ଅର୍ଥ ଆମ୍ଭମାନଙ୍କର ହୃଦ୍‌ବୋଧ ହୁଏ ନାହିଁ ।

ଆମର ଆଗରୁ ଧାରଣା ଥିଲା ଯେ 'କଳସା ଚଉତିଶା' ବା ସାରଳା ଦାସଙ୍କର 'ମହାଭାରତ' ଓଡ଼ିଆ ସାହିତ୍ୟର ପ୍ରାଚୀନତମ ରଚନା । 'ଶିଶୁବେଦ'ର ପ୍ରାପ୍ତି ପରେ ଆମର ସେ ଧାରଣା ଦୂରୀଭୂତ ହୋଇ ଯାଉଛି । ଗୋରେଖନାଥଙ୍କର ଆବିର୍ଭାବର ସମୟ ଆନୁମାନିକ ଖ୍ରୀ: ଦ୍ୱାଦଶ ଶତାବ୍ଦୀ, କେତେକଙ୍କ ମତରେ ମଧ୍ୟ ଖ୍ରୀ: ଦଶମ ଶତକ । ଶିଶୁବେଦକୁ ସଂଯମବେଦ ଭାବରେ ଗ୍ରହଣ କରିବାର ତାହାର ଅପଭ୍ରଂଶ-ଭାଷାମିଶ୍ରିତ ଓଡ଼ିଆ ପଦଗୁଡ଼ିକୁ ବେଦତୁଲ୍ୟ ଶ୍ଳୋକ ଆଖ୍ୟା ଦିଆଯାଉଛି । ଗୋରେଖ-ନାଥଙ୍କ ନାମରେ ଭଣିତ ଶିଶୁବେଦ 'ଗୋରେଖ' ରଚନାରେ ପରିଦୃଷ୍ଟ ହୁଏ ନାହିଁ । ମତ୍ସ୍ୟେନ୍ଦ୍ରନାଥଙ୍କ ମୁଖରେ 'ଶିଶୁବେଦ'ର ପ୍ରସଙ୍ଗରୁ ମନେହୁଏ ଯେ, ତାହା ମତ୍ସ୍ୟେନ୍ଦ୍ରନାଥଙ୍କ ପୂର୍ବର ବା ସମକାଳୀନ ।

ମତ୍ସ୍ୟେନ୍ଦ୍ରନାଥଙ୍କର ସମସ୍ତ ଆଲୋଚକମାନଙ୍କ ମତରେ ଖ୍ରୀ: ଷଷ୍ଠ ଶତକଠାରୁ ଦଶମ ଶତକ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ହୋଇଅଛି । କାଳକ୍ରମେ 'ଶିଶୁବେଦ' ଅପଭ୍ରଂଶ ରଚନାଟି ମାର୍ଜିତ ହୋଇ ଓଡ଼ିଆ ରୂପ ପାଇଛି । ତଥାପି 'ଶିଶୁବେଦ'ର ଭାଷାରେ ବୌଦ୍ଧଗାନ ଓ ଦୋହାର ପରବର୍ତ୍ତୀ ଭାଷାର ରୂପରେଖ ପାଉଁ । ପ୍ରାଚୀନ ଓଡ଼ିଆଭାଷା ଓ ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନାରେ ଓ ବୌଦ୍ଧଗାନ ଓ ଦୋହା ସାହିତ୍ୟଠାରୁ ସାରଳା-ସାହିତ୍ୟ ମଧ୍ୟରେ 'ଶିଶୁବେଦ' ପ୍ରାଚୀନ-ତମ ଓଡ଼ିଆ ସାହିତ୍ୟର ଏକ କ୍ଷୁଦ୍ର ଅଥଚ ମହତ୍ତ୍ୱପୂର୍ଣ୍ଣ ପ୍ରଧାନ ଗ୍ରନ୍ଥ । ଗୋରେଖନାଥଙ୍କ ସମୟକୁ ଯଦି ଖ୍ରୀ. ଦ୍ୱାଦଶ ଶତକ ଧରାଯାଏ ଏବଂ 'ଶିଶୁବେଦ'ର ରଚନାକୁ ଅଂଶବିଶେଷରେ ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀ ବୋଲି ଧରିନିବା । କିଏ କହିପାରେ ହୁଏ ତ ତାହା ବୌଦ୍ଧଗାନ ଓ ଦୋହାର ଖୁବ୍ ନିକଟବର୍ତ୍ତୀ ସାହିତ୍ୟ; କିନ୍ତୁ ତାହାର ମହତ୍ତ୍ୱ ପରିବର୍ଦ୍ଧିତ ନିମିତ୍ତ କେହି ଗୋରେଖନାଥଙ୍କ ନାମ ଯୋଗକରିଥାଇ ପାରନ୍ତି । 'ଶିଶୁବେଦ'ର ଆବିଷ୍କାରରେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଶିଶୁବେଦ' ଶବ୍ଦର ବହୁଳ ବ୍ୟବହାରର ଯାଥାର୍ଥ୍ୟ ଏତେଦିନେ ହିଁ ମିଳିଲା ।

ସମଗ୍ର ଅଲୋଚନାରୁ ଜଣାପଡ଼େ ଯେ, ଶିଶୁବେଦ ଗ୍ରନ୍ଥ ରଚନାର ଏକ ବହୁ ପ୍ରାଚୀନ ପରଂପରା ଓଡ଼ିଆ ସାହିତ୍ୟରେ ସୁରକ୍ଷିତ ହୋଇଅଛି । ଅନ୍ୟ ଆବିଷ୍କୃତ ପର୍ଯ୍ୟନ୍ତ ବୌଦ୍ଧଗାନ ଓ ଦୋହା ପରେ 'ଶିଶୁବେଦ'କୁ ହିଁ ଓଡ଼ିଆ ସାହିତ୍ୟର ପ୍ରାଚୀନତମ 'ରଚନା ବୋଲି ଗ୍ରହଣ କରିବାକୁ ହେବ ।

## ଶିଶୁବେଦର ଭାଷା

ଶିଶୁବେଦର ଭାଷାରେ ବହୁ ପ୍ରାଚୀନ ଶବ୍ଦ ପରିଲକ୍ଷିତ ହୋଇ-ଥାଏ । ଶିଶୁବେଦ ରଚନା ସମୟରୁ ଆଜି ପର୍ଯ୍ୟନ୍ତ ଏହି ଦୀର୍ଘ ସମୟ ମଧ୍ୟରେ ଶିଶୁବେଦର ଭାଷାରେ କାଳକ୍ରମେ ବହୁ ପରିବର୍ତ୍ତନ ହୋଇଛି । କିନ୍ତୁ 'ଶିଶୁବେଦ' ରଚନାର ବହୁ ପଦ୍ୟାବଳୀ 'ଗୋରେଖବାଣୀ'ରେ ପରିଦୃଷ୍ଟ ହୋଇଥାଏ । ସମସ୍ତକ୍ରମେ ଗୋରେଖ ରଚନାବଳୀର ଭାଷା ଓ ଶିଶୁବେଦର ଭାଷାରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ।

ଶିଶୁବେଦର ଭାଷାରେ ଅପଭ୍ରଂଶ ଅପେକ୍ଷା ବହୁଳ ଓଡ଼ିଆଶବ୍ଦ ପ୍ରାଚୁର୍ଯ୍ୟ ଦେଖାଯାଏ ।

ଏଥିରୁ ମନେ ହୋଇପାରେ ଯେ, ଗୋରେଖନାଥଙ୍କ ସମକାଳୀନ କୌଣସି ପ୍ରସିଦ୍ଧ ଓଡ଼ିଆ ନାଥ ସିଦ୍ଧ ଏହି ରଚନା ଗୋରେଖନାଥଙ୍କ ନାମରେ ପ୍ରଚଳନ କରିପାରି ଥାଆନ୍ତି । ଆଉ ମଧ୍ୟ ଲେଖାର ପ୍ରାଚୀନତା ଓ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ପ୍ରଭାବ ତାହାର ଗୁରୁତ୍ୱ ପ୍ରତିପାଦନ କରିଥାଏ । 'ଶିଶୁବେଦ'ରେ ବ୍ୟବହୃତ କେତେକ ପ୍ରାଚୀନ ଓଡ଼ିଆ ଶବ୍ଦର ବ୍ୟବହାର ନିମ୍ନରେ ଦିଆଗଲା—

ତଲେ, ସଂ ତଲ୍ପପଶବଦ ।
ଧ୍ୱନି, ସଂ, ଧ୍ୱନ, ଧନି ତ ୧୬।୨୪
ମନ୍ଥ ସଂ, ମଥ
ଅଳଗ ସଂ, ଅଳଗ୍ନ
ବଳଗ ସଂ, ବଲଗ୍ନ
ଅସି ଓ ଅଷ୍ଠି ସଂ, ଅସ୍ଥି
ଉଡ ସଂ, 'ଉଡ୍ଡି ବର୍ଣ୍ଣିତ 'ଉଡ଼ି ଯଥା ଉଡ଼ି ରହିଅ'—
ଉଡ୍ଡୀରହିତ, ଦୋ. ୮୨

ଗଣ୍ଡୁଷ—ଗଣ୍ଡୁଆ ତ ୨୮
ସମ୍ବାଳ—ସମସ୍ତ ସଂ ଅନ୍ତର୍ଭୁକ୍ତ, କୃତ୍ତିବାସ
ସମ୍ବାଇଲ, ଚର୍ଯ୍ୟା ୪୦
ଜମ୍ବୁ—ଜାମ୍ବୁକାର ତଥ ଜମ୍ବୁଣ ସମସ୍ତ ତ. ୪୦।୨
ଅମନା ଗମନ—ଅଵଣା ଯବଣ ଓ ଅଵଣା
ଗମଣ—ଗମନାଗମନ
ତ ୭।୪, ୨୧।୨, ୩୬।୪, ୪୬।୨ ଦ୍ରଷ୍ଟବ୍ୟ
ଶି. ବେ. ଅମନା ଗମନ, ସମାଧି
ନବଦ୍ୱଂ; ଦ୍ୱାଦ୍ୱଂ, ଲକ୍ଷୀଦ୍ୱଂ—ଖେଳଦ୍ୱଂ ତ. ୧୦।୧
ଓଡ଼ିଆଣୀ—ଉଡ଼ିଯାଣୀ, ଉଡ଼୍ଡୀୟାନବନ୍ଧ,
ଗୋରେଖବାଣୀ—ବଡ଼ଥ୍ୱାଲ ପୃ. ୧୬୦।୨୪
ଆଦ୍ୟଟ—ଆଡ଼ଠ—ଆବର୍ତ୍ତେ ଅର୍ଥାତ୍ ଆବର୍ତ୍ତନ କରିବା
ଅର୍ଥରେ ଉଷାକାରରେ ସ୍ପନ୍ଦନ, ଗୋ. ବାଣୀ ପୃ. ୩

ମତ୍ସ୍ୟେନ୍ଦ୍ରନାଥଙ୍କର ସମସ୍ତ ଆଲୋଚକମାନଙ୍କ ମତରେ ଖ୍ରୀ: ଷଷ୍ଠ ଶତକଠାରୁ ଦଶମ ଶତକ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ହୋଇଅଛି । କାଳକ୍ରମେ 'ଶିଶୁବେଦ' ଅପଭ୍ରଂଶ ରଚନାଟି ମାର୍ଜିତ ହୋଇ ଓଡ଼ିଆ ରୂପ ପାଇଛି । ତଥାପି 'ଶିଶୁବେଦ'ର ଭାଷାରେ ବୌଦ୍ଧଗାନ ଓ ଦୋହାର ପରବର୍ତ୍ତୀ ଭାଷାର ରୂପରେଖ ପାଇଁ । ପ୍ରାଚୀନ ଓଡ଼ିଆଭାଷା ଓ ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନାରେ ଓ ବୌଦ୍ଧଗାନ ଓ ଦୋହା ସାହିତ୍ୟଠାରୁ ସାରଳା-ସାହିତ୍ୟ ମଧ୍ୟରେ 'ଶିଶୁବେଦ' ପ୍ରାଚୀନ-ତମ ଓଡ଼ିଆ ସାହିତ୍ୟର ଏକ କ୍ଷୁଦ୍ର ଅଥଚ ମହତ୍ତ୍ୱପୂର୍ଣ୍ଣ ପ୍ରଧାନ ଗ୍ରନ୍ଥ । ଗୋରେକ୍ଷନାଥଙ୍କ ସମୟକୁ ଯଦି ଖ୍ରୀ. ଦ୍ୱାଦଶ ଶତକ ଧରାଯାଏ ଏବଂ 'ଶିଶୁବେଦ'ର ରଚନାକୁ ଅଂଶତଃହେଲେ ଖ୍ରୀ. ଚତୁର୍ଦ୍ଦଶ ଶତାବ୍ଦୀ ବୋଲି ଧରାଯିବ । କଏ କହିଂରେ ହୁଏ ତ ତାହା ବୌଦ୍ଧଗାନ ଓ ଦୋହାର ଖୁବ୍ ନିକଟବର୍ତ୍ତୀ ସାହିତ୍ୟ; କିନ୍ତୁ ତାହାର ମହତ୍ତ୍ୱ ପରିବର୍ଦ୍ଧିତ କରିବା ନିମନ୍ତେ ଗୋରେକ୍ଷନାଥଙ୍କ ନାମ ଯୋଗକରିଥାଇ ପାରନ୍ତି । 'ଶିଶୁ-ବେଦ'ର ଆବିଷ୍କାରରେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଶିଶୁବେଦ' ଶବ୍ଦର ବହୁଳ ବ୍ୟବହାରର ଯାଥାର୍ଥ୍ୟ ଏତେଦିନେ ହିଁ ମିଳିଲା ।

ସମଗ୍ର ଆଲୋଚନାରୁ ଜଣାପଡ଼େ ଯେ, ଶିଶୁବେଦ ଗ୍ରନ୍ଥ ରଚନାର ଏକ ବହୁ ପ୍ରାଚୀନ ପରଂପରା ଓଡ଼ିଆ ସାହିତ୍ୟରେ ସୁରକ୍ଷିତ ହୋଇଅଛି । ଅନ୍ୟ ଆବିଷ୍କୃତି ପର୍ଯ୍ୟନ୍ତ ବୌଦ୍ଧଗାନ ଓ ଦୋହା ପରେ 'ଶିଶୁବେଦ'କୁ ହିଁ ଓଡ଼ିଆ ସାହିତ୍ୟର ପ୍ରାଚୀନତମ ରଚନା ବୋଲି ଗ୍ରହଣ କରିବାକୁ ହେବ ।

## ଶିଶୁବେଦର ଭାଷା

ଶିଶୁବେଦର ଭାଷାରେ ବହୁ ପ୍ରାଚୀନ ଶବ୍ଦ ପରିଲକ୍ଷିତ ହୋଇ-ଥାଏ । ଶିଶୁବେଦ ରଚନା ସମୟରୁ ଆଜି ପର୍ଯ୍ୟନ୍ତ ଏହି ଦୀର୍ଘ ସମୟ ମଧ୍ୟରେ ଶିଶୁବେଦର ଭାଷାରେ କାଳକ୍ରମେ ବହୁ ପରିବର୍ତ୍ତନ ହୋଇଛି । କିନ୍ତୁ 'ଶିଶୁବେଦ' ରଚନାର ବହୁ ତଥ୍ୟାବଳୀ 'ଗୋରେକ୍ଷବାଣୀ'ରେ ପରିଦୃଷ୍ଟ ହୋଇଥାଏ । ସମସୂତ୍ରରେ ଗୋରେକ୍ଷ ରଚନାବଳୀର ଭାଷା ଓ ଶିଶୁବେଦର ଭାଷାରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ।

ଶିଶୁବେଦର ଭାଷାରେ ଅପଭ୍ରଂଶ ଅପେକ୍ଷା ବହୁଳ ଓଡ଼ିଆପଣର ଓ ପ୍ରତ୍ୟକ୍ଷ ଦେଖାଯାଏ ।

ଏପରି ମନେ ହୋଇପାରେ ଯେ, ଗୋରେଖନାଥଙ୍କ ସମକାଳୀନ କେହି ପ୍ରସିଦ୍ଧ ଓଡ଼ିଆ ନାଥ ସିଦ୍ଧ ଏହି ରଚନା ଗୋରେଖନାଥଙ୍କ ନାମରେ ପ୍ରଚଳିତ କରିପାରି ଥାଆନ୍ତି । ଆଉ ମଧ୍ୟ ଲେଖାର ପ୍ରାଚୀନତା ଓ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ଭାଷାର ସ୍ୱରୂପ ପ୍ରତିପାଦିତ କରିଥାଏ । 'ଶିଶୁବେଦ'ରେ ବ୍ୟବହୃତ କେତେକ ପ୍ରାଚୀନ ଓଡ଼ିଆ ଶବ୍ଦର ବ୍ୟବହାର ନିମ୍ନରେ ଦିଆଗଲା—

ତଳେ, ସଂ ତଳ୍ପିପଶତଳ ।
ଧୂଳି, ସଂ, ଧୂଳି, ଧଳି ତ ୧୭।୨୪
ମଇଂଥ ସଂ, ମଥ
ଅଲପ ସଂ, ଅଲ୍ପ
ବଲକ ସଂ, ବଲ୍କ
ଅଣ୍ଡି ଓ ଅଣ୍ଡୁ ସଂ, ଅଣ୍ଡି
ଲତ ସଂ, ଭକ୍ତ ଚର୍ଯ୍ୟାପଦ 'ଭଉ ଯଥା ଭଉ ଇନ୍ଦ୍ରି'—
ଭକ୍ତିରସ୍ୱତ, ଦୋ. ୮୭

ଭଲ୍ଲୁକ—ଭଲ୍ଲୁଆ ତ ୨୮
ସମ୍ଭାଳ—ସମସ୍ତ ସଂ ଅନ୍ତର୍ଗତ, କୃତ୍ତିବାସ
ସମ୍ଭାଳକ, ଚର୍ଯ୍ୟା ୪୦
ଜମ୍ବୁ—କାଅବାକ୍ ଚିଅ ଜମ୍ବୁଣ ସମସ୍ତ ତ. ୪୦।୨
ଅମନା ଗମନ—ଅବଣା ଗବଣ ଓ ଅବଣା
ଗମଣି—ଗମନାଗମନ
ତ ୭।୪, ୨୧।୨, ୩୨।୪, ୪୭।୨ ଦ୍ରଷ୍ଟବ୍ୟ
ଶି. ବେ. ଅମନା ଗମନ, ସମାଧି
ନରଛଂ, ଭୂଜାଛଂ, ଲବଣୀଛଂ—ଖେଳଛଂ ତ. ୧୦।୧
ଓଡ଼ଆଣୀ—ଉଡ଼ସ୍ଥାଣୀ, ଉଡ୍ଡୀୟାନବନ୍ଧ,
ଗୋରେଖବାଣୀ—ବଙ୍ଗ୍ଥାଲ ପୃ. ୧୬୦।୨୪
ଆକୁଟ—ଆକୃଟ—ଆବର୍ତ୍ତେ ଅର୍ଥାତ୍ ଆବର୍ତ୍ତନ କରିବା
ଅର୍ଥରେ ତତ୍ସାକାରରେ ପ୍ରଯୁକ୍ତ, ଗୋ- ବାଣୀ ପୃ. ୩

ମହାରସ—ମହାରସ ଅର୍ଥାତ୍ ଘୋରାନନ୍ଦ,
ଗୋ, ବାଣୀ, ପୃ ୧୩୦

ରେବନ୍ତ—ରବନ୍ତ
ଛୀର—ଷୀର
ସିଜଇ—ସୃଜଇ
ଦେଖୁଂ—ଦେଖୁଛି, ଦେଖୁଅଛି
ଝନ—ଗ୍ଳାନ
ସସ୍ତେଂ—ସଂ ସ୍ୱସ୍ତଂଶଦନ
ସୁସୁପ୍ତ—ସଂ ସୁଷୁପ୍ତି
ଅବାଣ୍ଡ—ସଂ ଅବାପ୍ତ
ବାଣ୍ଡ—ସଂ ବାପ୍ତ
ପ୍ରମହଂସ—ପରମହଂସ
ବକା—ବକ
ଶାସ୍ତା—ଛସ୍ତା
ରେଙ୍ଖ—ରେଖ
ପ୍ରତେ—ପରତେ, ପରତ, ପରତୈ ଅର୍ଥାତ୍ ପ୍ରତ୍ୟୟ ।
ଗୋ, ବାଣୀ, ୧୫ । ୨୧ ଓ ପରତେ ଗୀତା
ଶିଶୁବେଦ "ଆପ ପରତେ ।"
ସତ—ସତ୍ୟ
ଆପ—ସଂ, ଆତ୍ମନ, ଆପପରତେ—ଆତ୍ମପ୍ରତ୍ୟୟ ।

## ପ୍ରାଚୀନ ଓଡ଼ିଆ ସାହିତ୍ୟରେ ନାଥଧର୍ମର ସ୍ୱରୂପ

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ବେଳକୁ ନାଥଧର୍ମ ଓଡ଼ିଶାରେ ଏକ ଲୋକପ୍ରିୟ ଧର୍ମ ହୋଇ ପ୍ରସ୍ତୁତ ଏବଂ ପ୍ରସାରଲାଭ କଲାଣି । ଏହାର ପ୍ରମାଣ ଆମେ ସାରଳାଦାସଙ୍କ ମହାଭାରତର ବହୁଳ ପ୍ରସଙ୍ଗରୁ ପାଇଥାଉଁ । ନାଥଧର୍ମାବଲମ୍ବୀମାନଙ୍କର ବହୁଳ ଉଲ୍ଲେଖ ବ୍ୟତୀତ ସେମାନଙ୍କର ନିନ୍ଦା ମଧ୍ୟ ଅନେକ ସ୍ଥଳରେ କରାଯାଇଛି । ମନେହୁଏ, ତାହା ହେଉଛି ଶୈବଧର୍ମ ବିରୋଧୀ ତତ୍କାଳୀନ ବୈଷ୍ଣବମାନଙ୍କର ଧ୍ୱନି ।

ମହାଭାରତର ମଧ୍ୟପର୍ବରେ ଲକ୍ଷ୍ମୀ ଓ ଶିବଙ୍କର ହାସ୍ୟପରିହାସମୟ ବର୍ତ୍ତନୀ ମାଧ୍ୟମରେ ଯୋଗୀମାନଙ୍କର କଥା ପ୍ରକାଶ ପାଇଛି । ବୃଷଭ ବାହନରେ ଶିବ ଆସୁଥିବା ଦେଖି ନାରାୟଣ ଚତୁର୍ଭୁଜରୁ ଅବତରଣ କରି ତାଙ୍କ ପ୍ରଣାମ କରନ୍ତେ ଲକ୍ଷ୍ମୀ କହି ଉଠିଲେ ;—

"ସେ ଯୋଗୀ ଗୋଟାକୁ କମା ହୋଇଲ ପରଣେମି ।
ଦେଖିଲେ ଅଧମା ଛୁଇଁଲେ ପାପ ଲାଗି ।
ବ୍ରାହ୍ମଣ ଚଣ୍ଡାଳେ ସବୁରି ଘରେ ଭିକ୍ଷ ମାଗି ।"
(ମଧ୍ୟ. ପ. ପାଣ୍ଡୁଲିପି ପୃ. ୧୮୭ )

ଆଜକାଲି ଓଡ଼ିଶାରେ ପ୍ରବାଦ ତଥା ପରମ୍ପରା ରହିଛି ଯେ, ଶୁଭ ଅନୁକୂଳ ବେଳେ ଯୋଗୀ ଦେଖିବା ଅନୁଚିତ । ସେହି ମଧ୍ୟପର୍ବରେ ଲକ୍ଷ୍ମୀ ପୁନଶ୍ଚ ନାରାୟଣଙ୍କୁ କହିଅଛନ୍ତି ;—

"ଲକ୍ଷ୍ମୀ ବୋଲନ୍ତି ଯୋଗୀର ଘରଣୀ ଯୋଗିଆଣୀ
ସେ ଘୁରି ହୋଇବ ମୋହ ଉପରେ ଠାକୁରାଣୀ ।
ଯୋଗୀ ତପସ୍ୱୀ ରାଉଳ ତିନି ନାମ ତାହାଙ୍କର ।"
(ମଧ୍ୟ. ପ. ପୃ. ୧୮୭)

ଏହି ସବୁ ଉକ୍ତି ମଧ୍ୟରେ ଶୈବଧର୍ମ ଅପେକ୍ଷା ବୈଷ୍ଣବଧର୍ମର ମହତ୍ତ୍ୱ ତଥା ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଅଛି । ଖ୍ରୀ. ପଞ୍ଚଦଶ ଶତାବ୍ଦୀରେ ଓଡ଼ିଶାର ବୈଷ୍ଣବଧର୍ମର ଉତ୍ଥାନ ଓ ତାହାର ଉଚ୍ଛୁଳ ପ୍ଲାବନ ଏହି ଉକ୍ତିର ପରିପୋଷକତା କରିଥାଏ ।

ଯୋଗୀ, ତପସ୍ୱୀ ଓ ରାଉଳ ଏହି ତିନି ନାମ ଯୋଗୀଙ୍କର ରହିଥିବାର କଥା ଉଲ୍ଲେଖ କରିଅଛନ୍ତି । ରାଉଳ, ଯୋଗୀମାନଙ୍କର ୧୨ଟି ବିଭାଗ ମଧ୍ୟରେ ଅନ୍ୟତମ ବିଭାଗ ଥିବାର ବହୁ ଆଗରୁ ଜଣାଯାଇଛି । କଳାହାଣ୍ଡି, ବଲାଙ୍ଗିର ଓ ବଉଦ ପ୍ରଭୃତି ଅଞ୍ଚଳରେ ରାଉଳମାନେ ଶିବ-ପୂଜକ ବା ମାଳି ଭାବରେ ପରିଚିତ । ସେ ଅଞ୍ଚଳରେ କେତେକ ରାଉଳ ସାଙ୍ଗିଆ ଲୋକେ ସାପଖେଳାଇବା ସହିତ ଜଡ଼ିବୁଟି ବ୍ୟବସାୟ ମଧ୍ୟ କରିଥାନ୍ତି । କଟକ ତଥା ପୁରୀ ଜିଲ୍ଲାର ରାଉଳ ସାଙ୍ଗିଆ ଲୋକେ ଉଭୟ ଶିବ ଓ ଶକ୍ତି ଉପାସକ ଅଟନ୍ତି । ଏହି ରାଉଳମାନେ ଠାକୁରାଣୀ ବା ଦେବୀପୂଜା କରିବା ସହିତ ପାଟୁଆ ନାଚ କରିଥାନ୍ତି । ଡା. ହଜାରୀ

ପ୍ରସାଦ କୃ. ବେହେରା ତାଙ୍କର ପ୍ରସିଦ୍ଧ ନାଥସମ୍ପ୍ରଦାୟ ଗ୍ରନ୍ଥରେ ସଉଳ-ସମ୍ପ୍ରଦାୟ ସମ୍ବନ୍ଧରେ ଆଲୋଚନା କରିଅଛନ୍ତି । ଶ୍ରୀଯୁକ୍ତ କୃ. ବେହେରା କହିଛନ୍ତି ଯେ ସଉଳ ଶାଖା ଶୈବଧର୍ମର ପ୍ରାଚୀନ ଲକୁଲୀଶ ସମ୍ପ୍ରଦାୟ ସହିତ ସମ୍ବନ୍ଧାନ୍ୱିତ । 'ଲକୁଳ' ଶବ୍ଦରୁ 'ସଉଳ' ଶବ୍ଦ ନ ଆସି ତାହା 'ସକୁଳ' ଶବ୍ଦରୁ ଆସିଛି ବୋଲି ତାଙ୍କର ମତ । ସାରଳା ମହାଭାରତର ଉଦ୍‌ଯୋଗ ପର୍ବରେ ସଉଳମାନେ ତନ୍ତ୍ର ବିଦ୍ୟାରେ ପାରଦର୍ଶିତା ଅର୍ଜନ କରିଥିବାର ବିଷୟ ନେଇ ଏକ ସୁନ୍ଦର ଉପାଖ୍ୟାନ ରହିଅଛି । ସେହି କଥାଟି ହେଉଛି 'ବାବନାଭୂତ' କଥା । ବାବନାଭୂତ ପ୍ରସଙ୍ଗରେ କୁହାଯାଇଛି ଯେ, ଭୂତମାନେ ଯେତେବେଳେ ସେମାନଙ୍କର ପ୍ରତାପରେ କୃତ୍ତିକାଗଣମାନଙ୍କୁ ଦୃଷ୍ଟି କରାଇ ଦେଲେ ନାହିଁ, ସେତେବେଳେ ଜଣେକ ମହାସଉଳ 'ମହାମୁଦ୍ରା' ରୂପକ ମହାଜାଲ ବିସ୍ତାର କରି ଭୂତମାନଙ୍କୁ ବନ୍ଧନ କଲେ ଓ କୃତ୍ତିକାଗଣମାନେ ଭୂତମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇଲେ ।

"କୃତ୍ତିକାଗଣମାନେ ନାଚନ୍ତି ପାଉନ୍ତି ତବାଧ
ମହା ସଉଳ ବୋଇଲା ଏହା କରି ଉପୁଜି ।
ମହାଜାଲ ମହାମୁଦ୍ରା ପାତିଲା ବନ୍ଧନ
ସମସ୍ତ ଭୂତମାନଙ୍କୁ କଲକ ବନ୍ଧନ ।"

(ମହାଭାରତ ଉଦ୍‌ଯୋଗପର୍ବ ପୃ. ୧୧୦)

କବି ଉପାଖ୍ୟାନର ଉପସଂହାରରେ କହିଅଛନ୍ତି ଯେ, ଏହି ସଉଳମାନଙ୍କ ପ୍ରସାଦରେ ସେ ସର୍ବଦୋଷରୁ ମୁକ୍ତିଲାଭ କରିଥିଲେ ।

"ସତ୍ୟଂ ସେ ଦୁରାପଦ ହୋଇଲୁ ଭଳକାଳ
କହୁ ଦୁରାପଦ ଠାକୁର ଭୁ ବଢ଼ାଇ ସଉଳ ।
ସ୍ୱାମୀ ନାଶିଲୁ ଶୋକ ମୋହ ଅପବାଦେ
ହରିଲ ସର୍ବରୋଗ ବଡ଼ ସଉଳ ପ୍ରସାଦେ ।"

(ଉଦ୍‌ଯୋଗ ପର୍ବ ପୃ. ୨୧୩-୧୪)

ସାରଳା ମହାଭାରତସ୍ଥ ଏହିସବୁ ଉକ୍ତିରୁ ଜଣାପଡ଼େ ଯେ, ନାଥ ସମ୍ପ୍ରଦାୟର ସଉଳ ଶାଖା ଏକ ସମୟରେ ଲୋକପ୍ରିୟତା ଅର୍ଜନ କରିବା ସହିତ ଓଡ଼ିଶାରେ ନାଥଧର୍ମର ପ୍ରାଚୀନ ନିଦର୍ଶନର ସଂକେତ ପ୍ରଦାନ କରିଥାଏ ।

# ସାରଳା ମହାଭାରତରେ ନାଥଗୁରୁ ଗୋରେକ୍ଷନାଥଙ୍କ ପ୍ରସଙ୍ଗ

ସଭାପର୍ବରେ ବର୍ଣ୍ଣିତ ଅଛି, ନକୁଳ ରାଜସୂୟ ଯଜ୍ଞରେ ଦିଗ୍‌ବିଜୟ କ୍ରମେ ଦକ୍ଷିଣ କୋଶଳର ବହୁ ରାଜାଙ୍କୁ ପରାସ୍ତ କରି ଶେଷରେ 'କଦଳୀ ବନ' ବା 'କଦଳୀ' ଦେଶରେ ପ୍ରବେଶ କଲେ । ସେ କଦଳୀ ଦେଶରେ ମତ୍ସ୍ୟେନ୍ଦ୍ରନାଥଙ୍କର ଶିଷ୍ୟ ଗୋରେକ୍ଷନାଥଙ୍କର ଦର୍ଶନ ପାଇଲେ । କଦଳୀ ଦେଶର ଉତ୍ପତ୍ତି କହିବାକୁ ଯାଇ ସେ ଲେଖିଛନ୍ତି ଯେ, କଦଳୀଦେଶକୁ ଏକ ସମୟରେ ସମୁଦ୍ର ମାଡ଼ି ଯାଇଥିଲା । ସୋମ ନାମକ ରୁଦ୍ର କାଦମ୍ବରୀ ରସ ପାନ କରି ସମୁଦ୍ର ସହିତ ଯୁଦ୍ଧ କରିବାକୁ ସମୁଦ୍ର ମଧ୍ୟରେ ପ୍ରବେଶ କଲେ । ସମୁଦ୍ର ସହିତ ଯୁଦ୍ଧ ହେଲା ଓ ସମୁଦ୍ର ଯୁଦ୍ଧରେ ପରାସ୍ତ ଲାଭ କରି ବହୁ ଦୂରକୁ ଘୁଞ୍ଚିଗଲା । ସେହି ଅଞ୍ଚଳ ଅପୋଢ଼ା ପୃଥିବୀ ଭାବରେ ନାମିତ ହେଲା ଓ ଉକ୍ତ ସ୍ଥାନ ସାଧୁ ସନ୍ନ୍ୟାସୀମାନଙ୍କର ନିବାସସ୍ଥଳୀ ଭାବରେ ପ୍ରସିଦ୍ଧିଲାଭ କଲା ।

କବି ଲେଖିଛନ୍ତି ଯେ, ଉକ୍ତ ଅଞ୍ଚଳ କୌଣସି କାଳରେ କାହାର ରାଜ୍ୟ ନ ଥିଲା । ସୋମ ନାମକ ରୁଦ୍ର ସେ ଖଣ୍ଡକୁ ଜଳ ଛଡ଼ାଇବା ପରେ ସେ ରାଜ୍ୟର ନାମ କଦଳୀ ରାଜ୍ୟ ହେଲା । ରାଜସୂୟ ଯଜ୍ଞ ନିମିତ୍ତ ନକୁଳ କଦଳୀ ରାଜ୍ୟରେ ପ୍ରବେଶ କରି ଗୋରେକ୍ଷନାଥଙ୍କୁ ନିମନ୍ତ୍ରଣ କଲେ । ଯୋଗଜ୍ଞାନ ସମ୍ବନ୍ଧରେ ନକୁଳ ଗୋରେକ୍ଷନାଥଙ୍କୁ କେତେକ ପ୍ରଶ୍ନ କରନ୍ତେ ସେ କହିଲେ ଯେ, ତାଙ୍କର ଯୋଗ ସାଧିବା ବୟସ ହୋଇନାହିଁ । ତେଣୁ ସେ ତାଙ୍କୁ ଯୋଗଜ୍ଞାନ ସମ୍ବନ୍ଧରେ କିଛି କହିବାକୁ ନାସ୍ତି କଲେ । ପରେ ନକୁଳଙ୍କର ବହୁ ଅନୁରୋଧରେ ସେ ତାଙ୍କୁ ସ୍ତମ୍ଭନବିଦ୍ୟା ଶିକ୍ଷା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । କବି ଏହି ଉପାଖ୍ୟାନରେ ଗୋରେକ୍ଷନାଥଙ୍କର 'କଦଳୀ ଦେଶ' ବାସସ୍ଥଳୀ ବୋଲି କହିଅଛନ୍ତି ।

"ଭୁବନ ପାଇଲା ସେ ମତ୍ସ୍ୟଇନ୍ଦ୍ରଙ୍କର ସୁତା
ରହିଥିଲେ ପରମଯୋଗୀ ଗୋରେକ୍ଷ ଅବଧୂତା ।
ଦୁଦେଶ ବକୁଳମାଳା କେଶ ତନୁ ଶୋଭାବନ
ନରମ ପୁଷ୍ପଙ୍କର ପୁର କଦଳୀ ଭୁବନ ।"

(ବନପର୍ବ ପୃ. ୩୫୭)

ଗୋରେଖନାଥଙ୍କର ବେଶବର୍ଣ୍ଣନା ପ୍ରସଙ୍ଗରେ ସାରଳା ଦାସ ବର୍ଣ୍ଣନା କରିଅଛନ୍ତି ଯେ, ତାଙ୍କର ଶରୀର ଶୁକ୍ଳାମ୍ବର ଦ୍ୱାରା ଆଚ୍ଛାଦିତ, ଶିରରେ ଚୂଳବେଣୀ, ବିଭୂତି ବିଲେପିତ ଶରୀର, କର ତଳରେ ଖର୍ପ୍ପର, ହୃଦୟରେ ବକୁଳମାଳ ଓ ହସ୍ତରେ ବଂଶୀ ଶୋଭମାନ ।

ମହାଭାରତର ବନପର୍ବରେ ରାମଚନ୍ଦ୍ର ଯୋଗାନ୍ତକ ବନରେ ଗୋରେଖନାଥଙ୍କୁ ଭେଟିବା ଓ ସେ ପ୍ରସନ୍ନ ହୋଇ ରାମଚନ୍ଦ୍ରଙ୍କୁ ବହୁ ଯୋଗତନ୍ତ୍ର କହିବା ବର୍ଣ୍ଣିତ ହୋଇଅଛି । ଯଥା—

"ଗୋରେଖ ଭେଟିଲେ ରାମ ଯୋଗାନ୍ତକ ବନେ
ଅନେକ ଯୋଗ ସେ କହିଲେ ପ୍ରସନ୍ନେ ।"

(ବନପର୍ବ ପୃ. ୧୧୯)

ସଭାପର୍ବରେ ପଶାଖେଳ ବିଷୟ ବର୍ଣ୍ଣନାରେ ଶକୁନି ଗୋରେଖନାଥଙ୍କର ନାମ ସ୍ମରଣ କରି ପଶା କାଠି ଗଡ଼ାଇ ଜୟଲାଭ କରିବା ମୂଳରେ ଗୋରେଖନାଥଙ୍କର ମହିମା, ଲୋକପ୍ରିୟତା ଓ ଦେବତ୍ୱ ପ୍ରକଟିତ ।

"ପାତ ହୋ ଶକୁନି ଗୋରେଖଙ୍କୁ ସୁମରି
ବେନି କୁଳ ଆମ୍ଭେ ସେ ମନୋହାରି ।"

(ସଭା—ପୃ. ୫୬୪)

"ତୁ ଦେବ ପରମ ପଣ୍ଡିତ ଗୋରେଖ
କାଠି ହାତେ ଯେଣିକି ବାଳିଲ ପଞ୍ଚ ହୁଅଇ ମହାପଞ୍ଚ ।"

(ସଭା ପୃ: ୫୬୫)

ବିରାଟ ପର୍ବରେ ବର୍ଣ୍ଣିତ ହୋଇଅଛି ଯେ ପାଣ୍ଡବମାନେ ବିରାଟ ରାଜ୍ୟରେ ଅଜ୍ଞାତ ବନବାସରେ ଥିବାବେଳେ ଶିଶୁପା ବୃକ୍ଷର କୋରଡ଼ରୁ ଉତ୍ତରା-କୁମର ଅଭିମନ୍ୟୁଙ୍କ ଅସ୍ତ୍ର ଆଣିବାକୁ ପଡ଼ିଥିଲା ଓ ଅସ୍ତ୍ର ଆଣିବା ସମୟରେ କାଳସର୍ପ ତାହାଙ୍କୁ ଦଂଶନ କରିଥିଲା । କିନ୍ତୁ ଗୋରେଖନାଥଙ୍କ କୃପାରେ ଗାରେଡ଼ି ବିଦ୍ୟାରେ ସିଦ୍ଧିଲାଭ କରିଥିବା ଅର୍ଜ୍ଜୁନ ଧାର ହସ ଝାଡ଼ି ଦେଇ ଅଭିମନ୍ୟୁଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ଦେଇଥିଲେ । ବିରାଟ ପର୍ବରେ ଉପରୋକ୍ତ ବର୍ଣ୍ଣନା ଟି ଦେଇଅଛି—

"ମହା ପଣ୍ଡିତ ଅର୍ଜ୍ଜୁନଂ ଜାଣିଲେ ଗାରେଡ଼ି ବିଦ୍ୟା
ଗୋରେଖ ପ୍ରସନ୍ନେ ସେ ପରମ ଯୋଗ ସିଦ୍ଧ୍ୟା ।"

ଅର୍ଜୁନ ପଢ଼ଇଂ ସେ ଗାରୁଡ଼ ମନ୍ତ୍ରଂ ଗୋଟିଏଂ
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଦୁର୍ଗାଙ୍କୁ ଜପିଲଏଂ ।”

(ବିରାଟ ପୃ. ୧୯୯)

ଅଜ୍ଞାତ ବନବାସ ସମୟରେ ଦୁର୍ଯୋଧନ ପାଣ୍ଡବମାନଙ୍କୁ ଖୋଜା ପକାଇବା ନିମିତ୍ତ କୌଶଳରେ ବହୁତ ଦେଶକୁ ଚର ପଠାଇଛି । ବହୁତ ଦେଶ, ଖଣ୍ଡମଣ୍ଡଳ, ରାଷ୍ଟ୍ର, ନଗର ଓ ପାଟଣା ପ୍ରଭୃତିର ବର୍ଣ୍ଣନା ପ୍ରସଙ୍ଗରେ କବି ‘ଗୋରେଖ ପୁର’ ଓ ‘ମହେନ୍ଦ୍ରପୁର’ର ନାମୋଲ୍ଲେଖ କରିଅଛନ୍ତି । ଏହି ଗୋରେଖପୁର ହୁଏତ ପଞ୍ଜାବର ଆଧୁନିକ ଗୋରେଖପୁର ହୋଇ-ପାରେ । ବିରାଟ ପର୍ବରେ ଅନ୍ୟ ଏକ ଘଟଣା ବର୍ଣ୍ଣିତ ହୋଇଛି ଯେ, ଅଜ୍ଞାତ ବନବାସ ସମୟରେ ପାଣ୍ଡବମାନେ ଥିବାବେଳେ ବିରାଟ ରାଜା ଏକ ଦୁଃସାଧ୍ୟ ଘୋଟକ ନକୁଳଙ୍କୁ ପରୀକ୍ଷା ପାଇଁ ଦେଇଥିଲେ ଏବଂ ସେହି ପ୍ରସଙ୍ଗରେ ସେ “ଗୋରେଖା କ୍ଷେତ୍ରପାଳ”ଙ୍କର ବିଷୟ ଉଲ୍ଲେଖ କରିଅଛନ୍ତି ।

ଯଥା—

“ଗୋରେଖା କ୍ଷେତ୍ରପାଳ ହିଁ ଅଛି ସଙ୍ଗତରେ
ଦେଖିଲି ଗୋରେଖା ଗୁଣ୍ଡ଼ ମୋତେ ଜଏ ।”

(ବିରାଟ ପର୍ବ ପୃ. ୭୩)

ସଭାପର୍ବରେ ବହୁତ ରାଜାମାନଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଅର୍ଜୁନର ଉତ୍ତର ଦିଗ ଯାତ୍ରା କବି ବର୍ଣ୍ଣନା କରିଅଛନ୍ତି । ଅର୍ଜୁନ ‘ଶତଦ୍ରୁ’ ନଦୀରେ ସ୍ନାନ କଲାବେଳେ “ଜଦେଶର ରାଜା ଯୋଗେଶ୍ୱରୀ ଜାଳନ୍ଧରୀ”ଙ୍କର ଆବିର୍ଭାବ ଘଟିଛି । ପୂର୍ବୋକ୍ତ ସଙ୍କେତୋକ୍ତ ଜାଳ-ନ୍ଧରୀଙ୍କୁ ନାଥ ସିଦ୍ଧ ଜାଳନ୍ଧରୀ ନାଥ ବୋଲି ଅନୁମାନ କରିବା କୌଣସି-ମତେ ଅସମୀଚୀନ ମନେହୁଏ ନାହିଁ । ଜାଳନ୍ଧରୀଙ୍କର ବର୍ଣ୍ଣନା ନିମ୍ନୋକ୍ତମତେ କବି ପ୍ରଦାନ କରିଅଛନ୍ତି—

“ସ୍ୱେମନ୍ତ୍ର ସମୟେ ବିଦେହର ରାଜା
ଯୋଗେଶ୍ୱରୀ ଜାଳନ୍ଧରୀ ଆଶିଷେ କଲେ ପୂଜା
ମାଥେଣ ଜଟା ତାର ତାମ୍ର ମୁଦ୍ରା କର୍ଣ୍ଣେ
କଷା ବାସ ପରି ଧରିଣ ତମ୍ୱାଧର ଛୁଦ୍ର ଶଙ୍ଖେ ।”

(ସଭାପର୍ବ ପୃ. ୨୨୧-୨୨)

ମହାଭାରତର ମଧ୍ୟପର୍ବରେ 'ସୁଭଦ୍ରା ଅର୍ଜୁନଙ୍କୁ ବଶୀଭୂତ କରିବା ନିମିତ୍ତ ଚନ୍ଦନ, ମଣି, ମନ୍ତ୍ର, ସିନ୍ଦୂର, ସ୍ତମ୍ଭନ, ମୋହନ, ବଶୀକରଣ ଓ ଉଚ୍ଚାଟନ ପ୍ରଭୃତି ତାନ୍ତ୍ରିକ କ୍ରିୟାର ଆଶ୍ରୟ ନେଇଅଛନ୍ତି । ମହାଭାରତର ଏହିସବୁ ମନ୍ତ୍ର ଗଦ୍ୟରେ ଲିପିବଦ୍ଧ ହୋଇଛି । ଏହି ମନ୍ତ୍ରଗୁଡ଼ିକ ମଧ୍ୟରୁ ଅନେକ ମନ୍ତ୍ରରେ 'ଗୋରେଖନାଥ'ଙ୍କର ଭଣିତା ପରିଦୃଷ୍ଟ ହୋଇଥାଏ ।

ଯଥା —

"ଓଁ ବଜ୍ର କବଳି ବଜ୍ର ଦ୍ୱାଅଂଗ ।
କେ ଖାଇଲି ଲୁହାର ଦେଇ,
X X ଭେଦ ହୋ ମହାକାଳ ବାଣ ।
ଛେଦ ଭେଦ ନ ଛେଦ, ନ ଭେଦୁ ବୋଲି
କାହାର ଆଜ୍ଞା, ଶ୍ରୀ ମାଳକା କାଳବହ୍ନି
ମାୟାବନ୍ଧ ଶ୍ରୀ ଗୋରେଖନାଥ ମୂଳକ
ଚଉଷଠି ସିଦ୍ଧଙ୍କର କୋଟିଏ ଆଜ୍ଞା ।"

(ମଧ୍ୟପର୍ବ ୧ମ ଖଣ୍ଡ, ପୃ. ୬୧୬)

ତେଣୁ ସାରଳା ମହାଭାରତର ଏହିସବୁ ବର୍ଣ୍ଣନାରୁ ସ୍ପଷ୍ଟ ଭାବରେ ଜଣାପଡ଼େ ଯେ, ଖ୍ରୀ. ପଞ୍ଚଦଶ ଶତାବ୍ଦୀ ବେଳକୁ ଗୋରେଖନାଥ; ମତ୍ସ୍ୟେନ୍ଦ୍ରନାଥ, ଜାଳନ୍ଧରନାଥ ପ୍ରଭୃତି ନାଥ ଗୁରୁମାନଙ୍କର ମହିମା ଓ ପ୍ରତିଷ୍ଠା ଓଡ଼ିଶାର ପୁରପଲ୍ଲୀରେ ଲୋକପ୍ରିୟତା ଅର୍ଜନ କରି ସାରିଥିଲା । ଏହା ସହିତ ନାଥସମ୍ପ୍ରଦାୟ ମଧ୍ୟ ଏକ ବିଶିଷ୍ଟ ଧାର୍ମିକ ସମ୍ପ୍ରଦାୟ ଭାବରେ ଓଡ଼ିଶାରେ ଖ୍ୟାତିଲାଭ କରିଥିବାର ଜଣାଯାଇଥାଏ ।

ପୂର୍ବରୁ ନାଥ ସମ୍ପ୍ରଦାୟର ଏକ ବିଶିଷ୍ଟ ରଚନା "ଶିଶୁବେଦ" ସମ୍ବନ୍ଧରେ ଆଲୋଚନା କରାଯାଇଛି । "ଶିଶୁବେଦ"ର ପ୍ରସଙ୍ଗ ସାରଳା ମହାଭାରତରେ କିପରି ବିଭିନ୍ନ ସ୍ଥଳରେ ସୂଚିତ ହୋଇଛି, ତାହାର ବହୁଳ ଉଦାହରଣ ଉକ୍ତ ଆଲୋଚନାରେ ଦିଆଯାଇଛି । ସାରଳା ମହାଭାରତର ରଚନା ପୂର୍ବରୁ ଓଡ଼ିଆ ସାହିତ୍ୟରେ "ଶିଶୁବେଦ" ଓ "ଅମରକୋଷ ଗୀତା" ପରି ଅନେକ ନାଥ ସାହିତ୍ୟ ପ୍ରଚଳିତ ଥିଲା, ଯାହାର ପ୍ରଭାବ ସାରଳା ଦାସଙ୍କର ଲେଖନୀକୁ ଓତଃପ୍ରୋତ ଭାବରେ ପ୍ରଭାବିତ କରିଥିଲା ।

# ରୁଦ୍ରସୁଧାନିଧିରେ ନାଥଧର୍ମର ସଙ୍କେତ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରୁଦ୍ରସୁଧାନିଧି (ଖ୍ରୀ: ୧୫ଶ ଶତାବ୍ଦୀ) ଏକ ଅଭିନବ ଯୋଗତନ୍ତ୍ରମୂଳକ ଗ୍ରନ୍ଥ । ଏପରି ଗ୍ରନ୍ଥ ପ୍ରାଚୀନ ଭାରତର ଅନ୍ୟାନ୍ୟ ଭାଷାଭାଷୀ ସାହିତ୍ୟରେ ବେଶ ଦେଖିବାକୁ ମିଳେନାହିଁ । ରୁଦ୍ର ସୁଧାନିଧିର ମୁଖବନ୍ଧରେ କବିଙ୍କର ଧର୍ମମତ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ସମ୍ପାଦକ ଲେଖିଅଛନ୍ତି ଯେ, 'କବି ନାରାୟଣାନନ୍ଦ' 'ଅବଧୂତ' ଥିଲେ ଏବଂ 'ଶୈବ' ଥିଲେ ।"

(ରୁଦ୍ରସୁଧାନିଧି ମୁଖବନ୍ଧ ପୃ: ୪୮, ଓଡ଼ିଶା ସାହିତ୍ୟ ଏକାଡେମୀ)

ରୁଦ୍ରସୁଧାନିଧିରେ ଯୋଗ ସମ୍ବନ୍ଧୀୟ ତତ୍ତ୍ୱ ଆଲୋଚନାରେ ପ୍ରାଚୀନତମ ଓଡ଼ିଆ ରଚନା "ଶିଶୁବେଦ"ର ମଧ୍ୟ ଉଲ୍ଲେଖ ରହିଛି ।

ଯଥା—

"ସହସ୍ର ନାଡ଼ି ତତ୍ତ୍ୱ ବିଶୋଧନ । × × ଶୁଣ ତେଜ । "ଶିଶୁ ବେଦ"—ରୁଦ୍ର ସୁଧାନିଧି ପୃ. ୩୯ । ନାଥଧର୍ମର ଯୋଗ ସାଧାରଣତଃ ହଠଯୋଗ ଭାବରେ କଥିତ ଏବଂ ଉକ୍ତ ହଠଯୋଗ ଓ ତତ୍ସମ୍ବନ୍ଧୀୟ ଅନ୍ୟାନ୍ୟ ତଥ୍ୟ ରୁଦ୍ରସୁଧାନିଧିରେ ଭରି ରହିଛି । ଶିବଙ୍କର ସ୍ତୁତିରେ ଶିବଙ୍କୁ ହଠଯୋଗେଶ୍ୱର ବୋଲି କୁହାଯାଇଛି । ଯଥା—

"ହଠଯୋଗେଶ୍ୱର, ହଠଯୋଗାଶ୍ରିତ, ହଠ
ଯୋଗଗମ୍ୟ, ହଠଯୋଗ ବିହାରୀ ।" (ରୁ, ସୁ, ପୃ. ୩୯)

ଏହାଛଡ଼ା ଜାଳନ୍ଧର ମତ (ପୃ. ୪୯), କଳ୍ପଲେପ ରସାୟନ (ପୃ. ୪୯, ପୃ.୧୧୪), ବିଭିନ୍ନ ମୁଦ୍ରା ମଧ୍ୟରେ ଓଡ଼ିଆଣୀ ମୁଦ୍ରା, ଖେଚରୀ ମୁଦ୍ରା (ପୃ.୫୮), ବିଭିନ୍ନ ବନ୍ଧ ମଧ୍ୟରେ ମତମାତଙ୍ଗ, ଓଡ଼ିଆଣୀ, ଜାଳନ୍ଧର ନାମ, ଭୈରବ ପ୍ରଭୃତି ବନ୍ଧ (ପୃ. ୧୬୦) ଓ ଯୋଗର ବିଭିନ୍ନ ବିଷୟ ବିସ୍ତୃତ ଭାବରେ ଉକ୍ତ ଗ୍ରନ୍ଥର ବିଭିନ୍ନ ସ୍ଥଳରେ ବିଶେଷଭାବରେ 'କର୍ଣ୍ଣରେ ମୁଦ୍ରା ପରିହିତ କାମାନନ୍ଦ ଯୋଗୀ'ର ଯୋଗସାଧନା ପ୍ରସଙ୍ଗରେ ବର୍ଣ୍ଣିତ ହୋଇଅଛି । (ରୁ, ସୁ, ପୃ. ୧୧୪-୧୩୦)

କାମାନନ୍ଦଙ୍କୁ ଜଣେ କାପାଳିକ ସିଦ୍ଧରୂପରେ ଅଭିହିତ କରିଅଛନ୍ତି ଓ ତାହାର କଥା ମଧ୍ୟ କହିଅଛନ୍ତି । ଯଥା—

"ଗୁଣ ସୂକ୍ଷ୍ମ କହୁଅଛେ କାପାଳିକ ଦର୍ଶନ ଉଚିତ ନୁହଇଁ । କୌଣସି କାଳେ ପୂର୍ବେ ଗୋରେଖାଦି ସିଦ୍ଧମାନେ ଦେହଧାରେ ସେ ସିଦ୍ଧ ହୋଇଲେ । ପାଷାଣ୍ଡମାନଙ୍କୁ ଭଣ୍ଡିବା ନିମନ୍ତେ କାପାଳିକ ଶାସ୍ତ୍ର ଭିଆଇଲେ ।"

"ପୂର୍ବେ ମହାଋଷିମାନେ, ଲୋମଶ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଆଦିକରି ଏମାନେ ପରମ ସିଦ୍ଧ ଥିଲେ । ଏ ପୁଣି ରଜାମାନଙ୍କୁ ଭେଟ ନୁହନ୍ତି କି ? ଗୋରେଖ ମତ୍ସ୍ୟେନ୍ଦ୍ର ଆଦି ସିଦ୍ଧମାନେ କେଁ ରଜାମାନଙ୍କୁ ଭେଟ ଦେଇ ଗୁହାରି କରନ୍ତି ।" (ପୃ. ୧୬୨)

ରୁଦ୍ରସୁଧାନିଧିର ଏହି ସମସ୍ତ ଉକ୍ତି ମଧ୍ୟରେ ଦେଖିବାକୁ ହେବ ଯେ, ଖ୍ରୀ: ୧୫ଶ ଶତାବ୍ଦୀ ବେଳକୁ ନାଥଧର୍ମ ଲୋକପ୍ରିୟତା ଲାଭ କରିବା ଓ ସୁପ୍ରଚାରିତ ହେବା ସହିତ ତାହାର କେତେକ ବିଷୟ ମଧ୍ୟ ସମାଲୋଚିତ ହୋଇଥିଲା ।

# ପଞ୍ଚସଖା ସାହିତ୍ୟରେ ନାଥଧର୍ମର ସ୍ୱରୂପ

ପଞ୍ଚସଖା ସାହିତ୍ୟରେ ଗୋରେକ୍ଷ ତଥା ନାଥ ସିଦ୍ଧମାନଙ୍କର ପ୍ରସଙ୍ଗ ସ୍ଥଳବିଶେଷରେ ବର୍ଣ୍ଣିତ ହୋଇଛି । ଶୂନ୍ୟସଂହିତା ୧୦ମ ଅଧ୍ୟାୟରେ ଅଚ୍ୟୁତାନନ୍ଦ କହିଛନ୍ତି ଯେ, ବହୁ ବୌଦ୍ଧ ଓ ନାଥ ସିଦ୍ଧାଚାର୍ଯ୍ୟ ପ୍ରାଚୀକୂଳରେ ବସତି ସ୍ଥାପନ କରୁଥିଲେ । ପ୍ରଧାନ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରେ ମଲ୍ଲିକାନାଥ, ଗରୁ ସିଂହ, କାଉଳ ଓ ଗୋରେକ୍ଷନାଥ ପ୍ରଭୃତିଙ୍କର ନାମୋଲ୍ଲେଖ ରହିଛି । ଯଥା—

"ଏଠାରେ ମଲ୍ଲିକା ନାଥ ଗୁମ୍ଫା କରିଥାନ୍ତି
ସୂକ୍ଷ୍ମ ଆଜ୍ଞା ଘେନିଣ ସେ ଯୋଗ ଆଚରନ୍ତି ।"

(ଶୂନ୍ୟସଂହିତା ଅ୧୦; ପୃ. ୭୮)

"ନାଗାନ୍ତକ ବେଦାନ୍ତକ ଯୋଗାନ୍ତକ ଯେତେ
ନାନା ପ୍ରଭବନ୍ଧରେ କହିଲେ ତୋଷ ଚିତ୍ତେ
ଗୋରେକ୍ଷନାଥଙ୍କ ବିଦ୍ୟା ଜାରସିଂହ ଆଜ୍ଞା
ମଚ୍ଛିନ୍ଦ୍ରନାଥଙ୍କ ଯୋଗ ନାଥକୁଳ ପ୍ରତିଜ୍ଞା ।"

(ଶୂନ୍ୟସଂହିତା ଅ· ୧୧, ପୃ· ୮୪)

ପଞ୍ଚସଖା ଯୁଗର ଅନ୍ୟ ଜଣେ ବିଶିଷ୍ଟ ସାଧକ କବି ଲେକ୍ଷଦାସ ତାଙ୍କର ଲେକ୍ଷଗୀତାରେ ୮୪ ସିଦ୍ଧଙ୍କର ନାମୋଲ୍ଲେଖରେ ମୀନନାଥ; ଗୋରେକ୍ଷ, କାହ୍ନୁପା, ହାଡ଼ିପା, ବିରୂପା ଓ ଲେକ୍ଷନାଥ ପ୍ରଭୃତି ସିଦ୍ଧାଚାର୍ଯ୍ୟଙ୍କର ବର୍ଣ୍ଣନା କରିଅଛନ୍ତି । ଏମାନଙ୍କ ମଧ୍ୟରେ ମୀନ, ଗୋରେକ୍ଷ କାହ୍ନୁପା, ହାଡ଼ିପା, ବିରୂପାକ୍ଷନାଥ ପ୍ରଭୃତି ନାଥସିଦ୍ଧାଚାର୍ଯ୍ୟ ଅଟନ୍ତି । ଲେକ୍ଷଗୀତାର ଉକ୍ତିରେ —

"ମାଣ୍ଡବ୍ୟ ଗଜାନନ ଆଦ୍ୟ ମୀନ
ମାଚ୍ଛନ୍ଦ୍ର ଗୋରେକ୍ଷ ଗାର୍ଗବ ଜାଣ ।
କାହ୍ନୁପା, ହାଡ଼ିପା, ବିରୂପା, ଲେକ୍ଷ
ସର୍ବ ଋଷି ବିଶିଷ୍ଟ ଜାବାଳି କଣ୍ବ ।"

(ଲେକ୍ଷଗୀତା ପୃ. ୨୮)

ପ୍ରାଚୀକୂଳର ଅଠାଣୀପୁର ଓ ଶଙ୍ଖାପୁଲା କୂଳରେ ମଧ୍ୟ ଅନେକ ସିଦ୍ଧପୁରୁଷ ରହିଥିଲେ । ବର୍ତ୍ତମାନ ସୁଦ୍ଧା ପ୍ରାଚୀ ଓ ଶଙ୍ଖାପୁଲା କୂଳରେ ଅନେକ ଆଶ୍ରମ ଓ ମଠ ବିଦ୍ୟମାନ । ପୁଣି ସେହି ଲେକ୍ଷଗୀତାରେ ଲିପିବଦ୍ଧ ହୋଇଅଛି—

"ଗୋବିନ୍ଦଚନ୍ଦ୍ର ହାଡ଼ିପା ଅମର ।
ମାଳ ବନରେ ମଠଟୀ ବସିଛେ
ପ୍ରାଚୀ ଅଠାଣୀପୁର ସନ୍ନିଧେ ।
ହଂ ହୁଂ ଅକ୍ଷର ତତ୍ତ୍ୱ ଜପୁଛେନ
ସ୍ୱେ ଛଡ଼ିରଖି ଶବାଙ୍ଗ ଘରେଣ ।"

(ଲେକ୍ଷଗୀତା ପୃ · ୧୭)

ଅନ୍ୟ ଏକ ଛନ୍ଦ ବର୍ଣ୍ଣନାରେ ଉକ୍ତ ପ୍ରାଚୀତୀରସ୍ଥ ଅଠାଣୀପୁରର ଉଲ୍ଲେଖ ରହିଛି ଓ ସେଠାରେ ବହୁ ବୌଦ୍ଧ ସନ୍ନ୍ୟାସୀ, ଶୈବଧର୍ମାବଲମ୍ବୀ ନାଥସିଦ୍ଧାଚାର୍ଯ୍ୟ ଆଶ୍ରମ ସ୍ଥାପନ କରି ରହିଥିଲେ । ଉକ୍ତିଟି ହେଉଛି—

"ପ୍ରାଚୀନଗ୍ର କନ୍ୟସ୍ୟଂ । ବସନ୍ତବନ ଅଠାଶୀପୁର ଖ୍ୟାତନ । ସୁଗନ୍ଧ ଗୁମ୍ଫକାର୍ଯ୍ୟ ଅନେକ । ଶାଳ ବକୁଳ ସଦା ଆନନ୍ଦ କରୁଣ । ଶାଳସିଂହ । ବୃକ୍ଷ ସିଂହ । ଭର୍ତ୍ତହରି ଚଉରଙ୍ଗୀ । ଆମ୍ନା ସାଧନ୍ତ କଣ୍ଠମୋଦକ ଭୁବନେ ।"

(ବନ ବର୍ଣ୍ଣନା)

ଏହି ଉଦ୍ଧୃତରେ ଭର୍ତ୍ତହରି ଓ ଚଉରଙ୍ଗୀ ଯଥାକ୍ରମେ ଭର୍ତ୍ତୃହରି-ନାଥ ଓ ଚଉରଙ୍ଗୀ ନାଥ ଅଟନ୍ତି । ଏଥିରୁ ମନେହୁଏ ଯେ କେତେକ ବିଶିଷ୍ଟ ନାଥସିଦ୍ଧାଚାର୍ଯ୍ୟ ଖ୍ରୀ. ୧୨ଶ ଓ ଖ୍ରୀ. ୧୩ଶ ଶତାବ୍ଦୀରେ ପ୍ରାଚୀ ନଦୀକୂଳବର୍ତ୍ତୀ ଅଠାଶୀପୁର ଓ ପ୍ରାଚୀକୂଳରେ ବସତି ସ୍ଥାପନ କରି ରହୁଥିଲେ ।

ବିଭିନ୍ନ ଆଲୋଚନାରୁ ଜଣାଯାଏ ଯେ ଓଡ଼ିଆ ନାଥସାହିତ୍ୟ ଏକ ସମୃଦ୍ଧିମନ୍ତ ସାହିତ୍ୟ ଭାବରେ ଖ୍ରୀ· ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସନ୍ଥ ସାହିତ୍ୟର ଧାରାକୁ ପ୍ରଭାବିତ କରିଥିଲା । ଓଡ଼ିଆ ନାଥସାହିତ୍ୟକୁ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ସ୍ୱତନ୍ତ୍ର ନୂତନ ଅଧ୍ୟାୟ ଭାବରେ ସନ୍ନିବେଶିତ କରାଯିବା ସମୀଚୀନ । ତଦ୍ଦ୍ୱାରା ଅନ୍ୟାନ୍ୟ ଭାରତୀୟ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟ ସମତା ରକ୍ଷା କରିବାରେ ସମର୍ଥ ହେବ ।

## ଓଡ଼ିଆ ନାଥସାହିତ୍ୟ ଓ ଗୋବିନ୍ଦଚନ୍ଦ୍ର ଉପାଖ୍ୟାନ

ନାଥଧର୍ମ ଓ ସାହିତ୍ୟ ପ୍ରସଙ୍ଗରେ ଯଶୋବନ୍ତ ଦାସଙ୍କର 'ଗୋବିନ୍ଦ ଚନ୍ଦ୍ର' ଓ ଶିଖର ଦାସଙ୍କର 'ଟୀକା ଗୋବିନ୍ଦଚନ୍ଦ୍ର' ଦୁଇଟି ଗ୍ରନ୍ଥ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଦୃଷ୍ଟିଗୋଚର ହୋଇଥାଏ । ଉଭୟ ଗ୍ରନ୍ଥ ଓଡ଼ିଶାର ନାଥସାହିତ୍ୟ ତଥା ସର୍ବୋପରି ଲୋକସାହିତ୍ୟ କ୍ଷେତ୍ରରେ ବହୁ ଲୋକ-ପ୍ରିୟତା ଅର୍ଜନ କରିଛି । ଖ୍ରୀ· ଷୋଡ଼ଶ ଶତାବ୍ଦୀର ସନ୍ଥ ସାଧକ ଓ କବି ଯଶୋବନ୍ତ ଦାସଙ୍କର 'ଗୋବିନ୍ଦ ଚନ୍ଦ୍ର' ରଚନାର ବହୁ ସମୟ ପରେ ଶିଖର ଦାସଙ୍କର 'ଟୀକାଗୋବିନ୍ଦ ଚନ୍ଦ୍ର' ରଚିତ ହୋଇଥିବା ଜଣା-ପଡ଼େ । ଭାଷାର ଅର୍ବାଚୀନତା ଦୃଷ୍ଟିରୁ 'ଟୀକାଗୋବିନ୍ଦ ଚନ୍ଦ୍ର' ରଚନାର ସମୟ ଖ୍ରୀ· ଅଷ୍ଟାଦଶ ଶତାବ୍ଦୀ ବୋଲି ମନେ ହୋଇଥାଏ ।

ଗୋବିନ୍ଦଚନ୍ଦ୍ର ବା ଗୋପୀଚନ୍ଦ୍ର କଥାଟି କେବଳ ଓଡ଼ିଶା ବା ବଙ୍ଗଳାରେ ନୁହେଁ, ଭାରତର ବହୁ ପ୍ରଦେଶରେ ବିଭିନ୍ନ ରୂପରେ ପ୍ରଚଳିତ । ବିଶେଷ ଭାବରେ ଉପାଖ୍ୟାନଟି ବଙ୍ଗଳା, ବିହାର, ଗୁଜୁରାଟ,

ମହାରାଷ୍ଟ୍ର, ପଞ୍ଜାବ, ଉତ୍ତର-ପଶ୍ଚିମ ପ୍ରଦେଶ, ସିନ୍ଧୁ, ମଧ୍ୟଭାରତ ଓ ଅନ୍ୟାନ୍ୟ ବହୁ ଅଞ୍ଚଳର ଲୋକକଥା, ଲୋକଗୀତ ଓ ସାହିତ୍ୟରେ ପ୍ରଚଳିତ । ଏହି ଗଳ୍ପର ତୁଳନାତ୍ମକ ଆଲୋଚନା 'ପ୍ରୋସିଡ଼ିଙ୍ଗସ୍ ଏଣ୍ଡ ଟ୍ରାନଜାକ୍‌ସନସ୍ ଅଫ୍ ଦ ସିକ୍‌ସଥ୍ ଓରିଏଣ୍ଟାଲ କନ୍‌ଫରେନ୍‌ସ" ଗ୍ରନ୍ଥରେ ହାଲଦାର ମହାଶୟ କରିଅଛନ୍ତି ।

ଗୁଜରାଟ ପ୍ରଦେଶର ଉପାଖ୍ୟାନରେ ଅଛି ଯେ, ଗୋବିନ୍ଦଚନ୍ଦ୍ରଙ୍କର ପିତା ବଙ୍ଗରାଜ ତିଳକଚନ୍ଦ୍ର ସିଦ୍ଧ ଜାଳନ୍ଧରିପାଙ୍କର ଶାପରେ ମୃତ୍ୟୁ ମୁଖରେ ନିପତିତ ହେଲେ । ଏହାର କାରଣ ହେଉଛି ଯେ, ଏକଦା ଦଳେ ଚୋର ରାଣୀ ମିନାଙ୍କ ବା ମେନାବତୀଙ୍କର କଣ୍ଠହାର ଚୋରି କରି ଧରାପଡ଼ିବା ଭୟରେ ଧ୍ୟାନସ୍ଥ ଜାଳନ୍ଧରିପାଙ୍କ ଗଳାରେ ପକାଇ ଦେଇ ପଳାଇଗଲେ । କୋଟୁଆଳ ଜାଳନ୍ଧରିପାଙ୍କୁ ଚୋର ମନେ କରି ତାଙ୍କୁ ରାଜସଭାକୁ ନେଇଗଲେ ଓ ରାଜା ତାଙ୍କୁ ଶାସ୍ତି ପ୍ରଦାନ କଲେ । ନିର୍ଦ୍ଦୋଷ ଯୋଗୀ ରାଜାଙ୍କ ଅବୁଝା ବ୍ୟବହାର ଯୋଗୁଁ ତାଙ୍କୁ ଶାପ ପ୍ରଦାନ କଲେ ।

ଏ ଘଟଣାର ସାମଞ୍ଜସ୍ୟ ଶିଶୁ ଅନନ୍ତ ଦାସଙ୍କ 'ହେତୁଉଦୟ ଭାଗବତ' ତଥା ଚନ୍ଦ୍ରଶେଖରନାଥଙ୍କ 'ଗୋରେକ୍ଷ ସଂହିତା'ର ବର୍ଣ୍ଣିତ ଗଳ୍ପରେ ପରିଲକ୍ଷିତ ହୁଏ । ଗୋରେକ୍ଷ ସଂହିତାର ଗଳ୍ପରେ ଅଛି ଯେ— କାନକୁଜ ଦେଶର ରାଜା ଶାଳିବାହନ ଭୋଟ ଦେଶକୁ ସୈନ୍ୟସାମନ୍ତ ଚାଳନ କରି ଯିବାବେଳେ ପଥରେ ଝଡ଼ବର୍ଷାର ସମ୍ମୁଖୀନ ହେଲେ । ସେ ପଥଭ୍ରଷ୍ଟ ହୋଇ ଏକାକୀ ଏକ ପୁଷ୍କରଣୀ କୂଳରେ ବସି ଚିନ୍ତା କରୁଥିବା ବେଳେ କୂଳରେ କଢ଼ା ହୋଇ ଥୁଆ ଯାଇଥିବା ଅବଗାହନରତା ରାଜକୁମାରୀଙ୍କର ଅଳଙ୍କାରକୁ ଚୋରମାନେ ଚୋରିକରି ନେଇ ପଳାଇଗଲେ । ପରେ କୋଟୁଆଳ ଆସି ନିର୍ଦ୍ଦୋଷ ଶାଳିବାହନ ରାଜାଙ୍କୁ ଧରି ନେଇ ରାଜାଙ୍କ ନିକଟରେ ପହଞ୍ଚାଇଲେ । ରାଜାଙ୍କ ଆଦେଶରେ କୋଟୁଆଳ ଶାଳିବାହନଙ୍କ ହାତଗୋଡ଼ କାଟି ଏକ ନିର୍ଜନ ସ୍ଥାନରେ ପକାଇଦେଲେ । ଏ ଗଳ୍ପରୁ ଚୌରଙ୍ଗୀନାଥ ଗଳ୍ପର ସୃଷ୍ଟି । ହେତୁଉଦୟ ଭାଗବତରେ ଏହାର ଅନୁରୂପ ବର୍ଣ୍ଣନା ମଧ୍ୟ ରହିଛି ।

ମହାରାଷ୍ଟ୍ରର ଗୋବିନ୍ଦଚନ୍ଦ୍ର ଉପାଖ୍ୟାନରେ ଗୁଜରାଟର ଉପର୍ଯ୍ୟୁକ୍ତ ବିଷୟ ସହିତ ଅଳ୍ପ କେତେକ ନୂତନ ବର୍ଣ୍ଣନା ରହିଛି । ପରବର୍ତ୍ତୀ ଉପା-

ଖ୍ୟାନରେ ଅଛି ଯେ ରାଣୀ ମୈନାବତୀ ରାଜଧାନୀ କାଞ୍ଚନ ନଗରର ରାଜ-ପଥରେ ସିଦ୍ଧ ଜାଳନ୍ଧରି ନାଥ କାଠସ୍ତୁପ ନେଇ ଯାଉଥିବାର ଦେଖିଲେ । ପରେ ଆଶ୍ଚର୍ଯ୍ୟ ସିଦ୍ଧି ବିଷୟ ଜାଣି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ।

ପଞ୍ଜାବ ଲୋକକଥାରେ ଅଛି ଯେ ଗୋପୀଚନ୍ଦ୍ର ବଙ୍ଗଦେଶରେ ଜନ୍ମ ହୋଇଥିଲେ ମଧ୍ୟ ସେ ଉଜ୍ଜୟିନୀର ରାଜା ଥିଲେ । ତାଙ୍କର ମା' ମୈନାବତୀ ଭର୍ତ୍ତୃହରି ନାଥଙ୍କର ଭଉଣୀ ଥିଲେ । ରାଣୀ ପୁଅକୁ ସିଦ୍ଧିମାର୍ଗ ଅବଲମ୍ବନ କରିବା ନିମିତ୍ତ ଜାଳନ୍ଧରିପାଙ୍କର ଶିଷ୍ୟ ହେବା ପାଇଁ କହିଲେ; କିନ୍ତୁ ମନ୍ତ୍ରୀଙ୍କର କୁପରାମର୍ଶରେ ରାଜା ଧ୍ୟାନସ୍ଥ ଜାଳନ୍ଧରିନାଥଙ୍କୁ କୂପ ମଧ୍ୟକୁ ନିକ୍ଷେପ କରି ମୂର୍ଦ୍ଧରେ ପଥର ଲଦିଦେଲେ । ପରେ ଜାଳନ୍ଧରିନାଥଙ୍କ ଶିଷ୍ୟ ଗୋରକ୍ଷନାଥ ସେଠାରେ ପହଞ୍ଚି ତାଙ୍କୁ କୂପରୁ ଉଦ୍ଧାର କଲେ । ରାଜା ଗୋରକ୍ଷନାଥଙ୍କୁ ଦେଖି ଭୟ ଓ ଭକ୍ତିରେ ସଙ୍କୁଚିତ ହୋଇ ଜାଳନ୍ଧରିନାଥଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଭିକ୍ଷା ନିମିତ୍ତ ଗୁରୁଙ୍କ ସହିତ ବହିର୍ଦ୍ଦେଶ ଭ୍ରମଣ କଲେ । ରାଜାଙ୍କର ବୈରାଗ୍ୟ ଦେଖି ରାଣୀ ଓ ତାଙ୍କର ସନ୍ତାନ ସନ୍ତତି କ୍ରନ୍ଦନ କରିବାକୁ ଲାଗିଲେ; କିନ୍ତୁ ରାଜା ଏଥିରେ ବିଚଳିତ ନ ହୋଇ ଭିକ୍ଷା ନିମିତ୍ତ ଗୁରୁଙ୍କ ସହିତ ବୁଲି ବୁଲି ବଙ୍ଗଦେଶରେ ପହଞ୍ଚିଲେ ଓ 'ଚମ୍ପା' ନାମ୍ନୀ ଭଗିନୀଙ୍କ ଗୃହରେ ଭିକ୍ଷା କଲେ । ଭଗିନୀ, ରାଜାଗୋପୀଚନ୍ଦ୍ରଙ୍କ ସନ୍ନ୍ୟାସ ଜୀବନକୁ ନିବୃତ୍ତି କରାଇ ନ ପାରି ଦୁଃଖରେ ପ୍ରାଣତ୍ୟାଗ କଲେ । ପରେ ଜାଳନ୍ଧରିପା ତାଙ୍କୁ ପ୍ରାଣପ୍ରଦାନ କରିଥିଲେ ।

ମିଥିଳାର ଲୋକକଥାରେ ଗୋପୀଚନ୍ଦ୍ରଙ୍କର କଥା ପ୍ରଚଳିତ ଅଛି । ଏଥିରେ ରାଜା ଭର୍ତ୍ତୃହରିଙ୍କର ଭାଇ ଗୋପଚନ୍ଦ୍ର ରାଜସିଂହାସନ ତ୍ୟାଗକରି ଗୋରକ୍ଷନାଥଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାର ବର୍ଣ୍ଣନା ରହିଛି । ଏହି ଗଳ୍ପରେ ଗୋପୀଚନ୍ଦ୍ରଙ୍କର ସନ୍ନ୍ୟାସୀ ଜୀବନ ଅତି କରୁଣ ଭାବରେ ରୂପାୟିତ ହୋଇଛି । ଗୋପୀଚନ୍ଦ୍ର ନାନା ସ୍ଥାନ ପରିଭ୍ରମଣ କରିବା ପରେ ତାଙ୍କ ଭଉଣୀଙ୍କ ରାଜପ୍ରାସାଦରେ ପହଞ୍ଚିଲେ ଓ ପ୍ରାସାଦର ଜନୈକା ଦାସୀ 'ମୁଗା' ତାଙ୍କୁ ତାଙ୍କର ଭଉଣୀ ନିକଟକୁ ନେଇଗଲେ । ଭଉଣୀ ଗୋପୀଚନ୍ଦ୍ରଙ୍କୁ ସନ୍ନ୍ୟାସୀ ଜୀବନରୁ ନିବର୍ତ୍ତାଇ ନ ପାରି ବିକଳରେ ପ୍ରାଣତ୍ୟାଗ କଲେ । ଲେଖକଙ୍କ ମତରେ ମିଥିଳାର ଏହି ଲୋକପ୍ରିୟ ଗୋପୀଚନ୍ଦ୍ର ଲୋକସଙ୍ଗୀତ, ବଙ୍ଗଦେଶର ଗୋପୀଚନ୍ଦ୍ର

କଥା ଅପେକ୍ଷା ବିଶେଷ ଭାବରେ ଲୋକପ୍ରିୟ ଓ କରୁଣ ରସରେ ପରିପ୍ଲାବିତ ।

ରାଜକୁମାର ମିଶ୍ର ସମ୍ପାଦିତ ହିନ୍ଦୀ ଭାଷାରେ କବି ଲକ୍ଷମନ ପ୍ରଣୀତ 'ଗୋପୀଚନ୍ଦ୍ର ଲୀଳା' ନାମକ ଏକ ପ୍ରାଚୀନ ସୂଫୀକାବ୍ୟରେ ଗୋପୀଚନ୍ଦ୍ରଙ୍କର କଥା ରହିଅଛି । ଗ୍ରନ୍ଥରେ ଗୋପୀଚନ୍ଦ୍ର 'ଧାର' ନଗରର ରାଜା ଭାବରେ ବର୍ଣ୍ଣିତ । ତାଙ୍କ ମାତାଙ୍କର ନାମ ମୈନାବତୀ ଓ ପିତା ହେଉଛନ୍ତି ତିଲକଚନ୍ଦ୍ର । ଗୋପୀଚନ୍ଦ୍ରଙ୍କର ଷୋଳଶହ ରାଣୀଙ୍କ ମଧ୍ୟରୁ 'ରୂପକୁମାରୀ ଦେଇ' ହିଁ ଶ୍ରେଷ୍ଠା । ଗ୍ରନ୍ଥରେ ଗୋପୀଚନ୍ଦ୍ରଙ୍କର ସନ୍ନ୍ୟାସ ଗ୍ରହଣ, ଜାଳନ୍ଧରନାଥଙ୍କ ସହିତ ବିଭିନ୍ନ ଦେଶ ଭ୍ରମଣ, ସନ୍ନ୍ୟାସ ଗ୍ରହଣରେ ରାଣୀମାନଙ୍କର ବିଳାପ, ଭଉଣୀ ନିମିତ୍ତ ବଙ୍ଗଦେଶ ଆଗମନ ଓ ସେଠାରେ ଭଗିନୀ ଚମ୍ପାବତୀଙ୍କ ସହିତ ସାକ୍ଷାତ, ଭାଇଙ୍କର ଏପରି ଅବସ୍ଥା ଦେଖି ଚମ୍ପାବତୀର ପ୍ରାଣତ୍ୟାଗ ଓ ଗୁରୁଙ୍କ କୃପାରେ ପୁନର୍ଜୀବନ ଲାଭ ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଅଛି ।

ସିନ୍ଧୁ ପ୍ରଦେଶରେ 'ଗୋପୀଚନ୍ଦ୍ର'ଙ୍କର କଥା "ଗୀତ ପଞ୍ଚାଓ" କଥା ସହିତ ଜଡ଼ିତ । ଏହି ଗଳ୍ପର ସମୟ ଖ୍ରୀ: ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗ । ଗୀତପଞ୍ଚ ଓ ସିନ୍ଧୁ ପ୍ରଦେଶର ହିନ୍ଦୁମାନଙ୍କ ଦ୍ୱାରା ଗୋପୀଚନ୍ଦ୍ର ଗୋପୀଚନ୍ଦ ଭାବରେ ପୂଜିତ । ବଙ୍ଗଦେଶରେ ଗୋପୀଚନ୍ଦ୍ରଙ୍କର କଥା 'ମାଣିକଚନ୍ଦ୍ର'ର ଗାନରେ ମଧ୍ୟ ରୂପାୟିତ ହୋଇଛି । ମାଣିକ ଚନ୍ଦ୍ର ଖ୍ରୀ: ୧୧ଶ ଶତାବ୍ଦୀର ପାଲରାଜା ଧର୍ମପାଳଙ୍କର ଭାଇ ଭାବରେ ପରିଚିତ ଓ ସେ ଥିଲେ ଗୋପୀଚନ୍ଦ୍ରଙ୍କର ପିତା । ଗୋପୀଚନ୍ଦ୍ରଙ୍କର ମାତା ମୈନାବତୀ ସିଦ୍ଧ ହାଡ଼ିପାଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କରି ସ୍ୱପୁତ୍ର ଗୋପୀଚନ୍ଦ୍ରଙ୍କୁ ନାଥଧର୍ମରେ ଅନୁପ୍ରାଣିତ କରାଇଥିଲେ । ଅନ୍ୟତ୍ର ମୈନାବତୀ ଗୋରକ୍ଷନାଥଙ୍କ ଦ୍ୱାରା ଦୀକ୍ଷିତ ହୋଇଥିବାର ଉଲ୍ଲେଖ ରହିଛି । ଗ୍ରୀୟର୍ସନ୍ ତଥା ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ମତରେ ଗୋବିନ୍ଦଚନ୍ଦ୍ର ଓ ଗୋପୀଚନ୍ଦ୍ର ଏକ ଏବଂ ଅଭିନ୍ନ ବ୍ୟକ୍ତି ଓ ସେ ଖ୍ରୀ. ୧୧ ଶ ଶତାବ୍ଦୀରେ ଜୀବିତ ଥିଲେ । କେତେକ ଆଲୋଚକ କହନ୍ତି ଯେ ଦକ୍ଷିଣର ରାଜେନ୍ଦ୍ରଚୋଳଙ୍କ ସହିତ ରାଜା ଗୋବିନ୍ଦଚନ୍ଦ୍ରଙ୍କର ଯୁଦ୍ଧ ହୋଇଥିଲା ଓ ତାହା ଯଦି ସତ୍ୟ ହୋଇଥାଏ, ତେବେ ଗୋବିନ୍ଦଚନ୍ଦ୍ରଙ୍କର ସମସ୍ତ ଉପର୍ଯ୍ୟୁକ୍ତ ମତେ ବର୍ଣ୍ଣିତ ହେବ ।

ଡକ୍ଟର ସୁକୁମାର ସେନ୍‌ଙ୍କ ମତରେ ମୈନାବତୀ ଗୋବିନ୍ଦଚନ୍ଦ୍ର କାହାଣୀର ଅସ୍ତିତ୍ୱ ଖ୍ରୀ ୧୬ଶ ଶତାବ୍ଦୀ, ଏପରି କି ଖ୍ରୀ. ୧୨ଶ ଶତାବ୍ଦୀ ପ୍ରବନ୍ଧ ବଙ୍ଗଳାରେ ଗୋବିନ୍ଦଚନ୍ଦ୍ରଙ୍କର ଲେଖା ମିଳନାହିଁ । ବଙ୍ଗଳା ଭାଷା ଓ ସାହିତ୍ୟରେ ସବୁଠାରୁ ପ୍ରାଚୀନତମ ଗୋବିନ୍ଦଚନ୍ଦ୍ର ରଚନା ହେଉଛି ଦୁର୍ଲ୍ଲଭ ମଲ୍ଲିକଙ୍କର ରଚନା ଓ ତାହାର ସମୟ ହେଉଛି ଖ୍ରୀ. ୧୬ଶ ଶତାବ୍ଦୀ । ବଙ୍ଗଳାର ଧର୍ମପୂଜା ସଙ୍ଗୀତ ମଧ୍ୟ ଗୋବିନ୍ଦ ଚନ୍ଦ୍ର କଥାଟି ସମ୍ପୃକ୍ତ ଥିବାର ଜଣାଯାଏ । "ମହାଶୂନ୍ୟ କାବ୍ୟ" ଓ ମହୀପତି ଲୋକକଥା ଅନୁଯାୟୀ ବଙ୍ଗଳାର ରାଜା ମାଣିକଚନ୍ଦ୍ରଙ୍କର ପୁତ୍ର ହେଉଛନ୍ତି ଗୋବିନ୍ଦ ଚନ୍ଦ୍ର ଓ ମାତା ମୈନାବତୀଙ୍କ ନିର୍ଦ୍ଦେଶରେ ସେ ଜାଳନ୍ଧରନାଥଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ରାଜ୍ୟ ପରିତ୍ୟାଗ କରିଥିଲେ । ଅନ୍ୟ ମତରେ ମୈନ ବତୀ ଉଜ୍ଜୟିନୀର ରାଜା ଭର୍ତ୍ତୃହରିଙ୍କର ଭଉଣୀ ଥିବାର କିମ୍ବଦନ୍ତୀ ରହିଛି । ଭର୍ତ୍ତୃହରିଙ୍କର ସ୍ତ୍ରୀ ରାଣୀ ପିଙ୍ଗଳାଙ୍କ ମୃତ୍ୟୁ-ପରେ ସେ ମଧ୍ୟ ସିଂହାସନ ତ୍ୟାଗକରି ଗୋରେକ୍ଷନାଥଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ।

ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର ଖ୍ରୀ. ୧୬ଶ ଶତାବ୍ଦୀର ରଚନା । ତ୍ରିଲୋଚନ ନାମକ ବଙ୍ଗରାଜାଙ୍କର ସନ୍ତାନ ଗୋବିନ୍ଦ ଚନ୍ଦ୍ର ବୋଲି ବର୍ଣ୍ଣିତ କରାଯାଇଛି । ଯଶୋବନ୍ତ ଦାସଙ୍କର 'ଗୋବିନ୍ଦଚନ୍ଦ୍ର'ର ବିଷୟବସ୍ତୁ ଦୁର୍ଲ୍ଲଭ ମଲ୍ଲିକଙ୍କ "ଗୋବିନ୍ଦଚନ୍ଦ୍ର" ଗ୍ରନ୍ଥର କଥାବସ୍ତୁ ସହିତ କେତେକ ସାମ୍ୟ ରହିଛି । ଦୁର୍ଲ୍ଲଭ ମଲ୍ଲିକଙ୍କର 'ଗୋବିନ୍ଦଚନ୍ଦ୍ରର "ମୈନାବତୀ" ଯଶୋବନ୍ତଙ୍କର ଗୋବିନ୍ଦଚନ୍ଦ୍ରରେ 'ମୁକୁତା ଦେଈ' ନାମରେ ନାମିତ । ସେହିପରି ଉକ୍ତ ବଙ୍ଗଳା ଗ୍ରନ୍ଥରେ ଗୋବିନ୍ଦ ଚନ୍ଦ୍ରଙ୍କର ସ୍ତ୍ରୀ ଉଦୁନା (ବା ଅଦୁନା), ପୁଦୁନା (ବା ପଦୁନା),. ପଦୁମା ଯଶୋବନ୍ତ-ଙ୍କର ଗ୍ରନ୍ଥରେ ରୋଦମା, ପଦୁମା ନାମ ଧାରଣ କରିଅଛନ୍ତି ।

ଦୁର୍ଲ୍ଲଭ ମଲ୍ଲିକଙ୍କର 'ମୈନାବତୀ' କଥାରେ ଜାଳନ୍ଧରୀପାଦ (ହାଡ଼ିପା) ଶିବଙ୍କର ଶାପରେ ହାଡ଼ି କୁଳରେ ଜାତ ହୋଇ ଗୋବିନ୍ଦ-ଚନ୍ଦ୍ର ରାଜାଙ୍କ ଘୋଡ଼ାଶାଳରେ ଭୃତ୍ୟ ରୂପେ ଖଟିଅଛନ୍ତି । ହାଡ଼ିପାଙ୍କର ଅଦ୍ଭୁତ ମନ୍ତ୍ରଶକ୍ତି ଦର୍ଶନ କରି ସେ ଗୋବିନ୍ଦଚନ୍ଦ୍ରଙ୍କୁ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇ ଅଛନ୍ତି । ଉକ୍ତ ଗ୍ରନ୍ଥରେ ରାଜା

ମାଣିକ ଚନ୍ଦ୍ରଙ୍କ ସହିତ ମୈନାବତୀଙ୍କର ବିବାହ, ଯୋଗବଳରେ ମୈନାବତୀ ସ୍ୱାମୀଙ୍କର ମୃତ୍ୟୁ ଜାଣି ସ୍ୱାମୀଙ୍କୁ ଗୃହରେ ଲୌହିତଜବାଟ ତେଲ ଆବଦ୍ଧ କରିବା, ମୈନାବତୀ ରନ୍ଧନଶାଳକୁ ଯିବା ସମୟରେ ଯମ-ଦୂତମାନଙ୍କର ମାଣିକଚନ୍ଦ୍ରଙ୍କ ପୁରରେ ପ୍ରବେଶ ଓ ତାଙ୍କର ପ୍ରାଣ-ହରଣ, ଭ୍ରମର ରୂପଧାରଣ ପୂର୍ବକ ମୈନାବତୀଙ୍କର ଯମପୁର ଗମନ, ମାଣିକଚନ୍ଦ୍ରଙ୍କୁ ସେଠାରୁ ଫେରାଇ ଆଣିବା ପାଇଁ ଉଦ୍ୟମ ଓ ଶେଷରେ ସଫଳ ହେବା ପ୍ରଭୃତି ବିଷୟର ବର୍ଣ୍ଣନା ଶତଶାବନ୍ତ ଦାସଙ୍କର 'ଗୋବିନ୍ଦଚନ୍ଦ୍ର' ବା ଭକ୍ତ ଦାସଙ୍କର 'ଟୀକା ଗୋବିନ୍ଦଚନ୍ଦ୍ର' ଗ୍ରନ୍ଥରେ ପରିଦୃଷ୍ଟ ହୁଏ ନାହିଁ । ଏହାଛଡ଼ା ମୈନାବତୀଙ୍କର କଳୁଗୃହରେ ପ୍ରବେଶ-ପୂର୍ବକ ଗୋବିନ୍ଦଚନ୍ଦ୍ରଙ୍କୁ ନାନା ସିଦ୍ଧି ଦେଖାଇବା ଓଡ଼ିଆ ଗୋବିନ୍ଦଚନ୍ଦ୍ର କଥାରେ ନାହିଁ ।

ସ୍ୱାମୀଙ୍କର ଅକାଳ ମୃତ୍ୟୁ ବିଷୟ ବର୍ଣ୍ଣନା କରି ମୂକୁତା ଦେଇ ପୁତ୍ର ଗୋବିନ୍ଦଙ୍କୁ ଯୋଗୀ ହୋଇଯିବା ପାଇଁ ପ୍ରବର୍ତ୍ତାଇବା ଏଠାରୁ ହିଁ ଓଡ଼ିଆ ଗୋବିନ୍ଦଚନ୍ଦ୍ର କଥା ବସ୍ତୁର ଆରମ୍ଭ ହୋଇଛି । ବଙ୍ଗଳାର ଗୋବିନ୍ଦଚନ୍ଦ୍ରଙ୍କ କଥାରେ ବର୍ଣ୍ଣିତ ଅଛି ଯେ, ଗୋବିନ୍ଦଚନ୍ଦ୍ର ଯେତେ-ବେଳେ ମାଙ୍କ କଥା ପ୍ରତି କର୍ଣ୍ଣପାତ ନ କରି ରାଜୈଶ୍ୱର୍ଯ୍ୟ ଓ ବିଳାସବ୍ୟସନରେ ମାତି ରହିଲେ, ସେତେବେଳେ ମୈନାବତୀ ଗୋବିନ୍ଦ ଚନ୍ଦ୍ରଙ୍କର ପ୍ରାଣ ହରଣ କରି ନେବାପାଇଁ ଯମଙ୍କୁ ପ୍ରାର୍ଥନା କଲେ, ଯମ ଗୋବିନ୍ଦଚନ୍ଦ୍ରଙ୍କର ପ୍ରାଣ ହରଣ କଲେ ; କିନ୍ତୁ ଗୋବିନ୍ଦ ଚନ୍ଦ୍ରଙ୍କର ଶବକୁ ଦାହ ନିମନ୍ତେ ନେବା ସମୟରେ ଯୋଗବଳରେ ରାଣୀ ପୁତ୍ରକୁ ବଞ୍ଚାଇଦେଲେ । ଏହି ଘଟଣାଟି ମଧ୍ୟ ଓଡ଼ିଆ ଗୋବିନ୍ଦ ଚନ୍ଦ୍ର ଉପାଖ୍ୟାନରେ ନାହିଁ । ପରେ ହାଡ଼ିପାଙ୍କଠାରୁ ଗୋବିନ୍ଦଚନ୍ଦ୍ର ଦୀକ୍ଷାନେଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲେ ।

ହାଡ଼ିପା ଓ ଗୋବିନ୍ଦଚନ୍ଦ୍ରଙ୍କର ଭିକ୍ଷା ନିମିତ୍ତ ବିଭିନ୍ନ ଦେଶ ଭ୍ରମଣ ଉଭୟ ପ୍ରଦେଶର ଉପାଖ୍ୟାନରେ ରହିଛି । ଭିକ୍ଷା ସମୟରେ ବାରଙ୍ଗନା ନିକଟରେ ହାଡ଼ିପା ଗୋବିନ୍ଦଚନ୍ଦ୍ରଙ୍କୁ ବନ୍ଧାଦେଇ ତାଙ୍କୁ ବିଷମ ପରୀକ୍ଷାର ସମ୍ମୁଖୀନ କରାଇବା ଓ ଗୋବିନ୍ଦଚନ୍ଦ୍ର ତହିଁରୁ ମୁକ୍ତି ଲାଭ କରିବା ବିଷୟ ଉଭୟ ଗ୍ରନ୍ଥରେ ଦେଖିବାକୁ ମିଳେ । ଏହାଛଡ଼ା ବିଭିନ୍ନ

ଦେଶ ଭ୍ରମଣ ପରେ ଗୋବିନ୍ଦଚନ୍ଦ୍ରଙ୍କର ହାଡ଼ିପାଙ୍କ ସହିତ ସମ୍ପର୍କ ପରି-ବର୍ତ୍ତନ, ପୁନର୍ବାର ନିଜ ରାଜ୍ୟକୁ ଆସି ପତ୍ନୀମାନଙ୍କ ସମକ୍ଷରେ ବିଭିନ୍ନ ଅଦ୍ଭୁତ ପ୍ରଦର୍ଶନ ଓ ଯୋଗବଳରେ ହାଡ଼ିପା ଗୋବିନ୍ଦଚନ୍ଦ୍ରଙ୍କର ବ୍ରହ୍ମଜ୍ଞାନ ଅପହରଣ କରିବା ପ୍ରଭୃତି ବିଷୟ ମଧ୍ୟ ଓଡ଼ିଆ ପୁସ୍ତକରେ ନାହିଁ ।

ଦୁର୍ଲ୍ଲଭ ମଲ୍ଲିକଙ୍କ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ ଗୋବିନ୍ଦଚନ୍ଦ୍ର ସିଦ୍ଧିଲାଭ କରିବା ପରେ ପୁନର୍ବାର ରାଜସିଂହାସନ ଆରୋହଣ କରି ସିଦ୍ଧ ହାଡ଼ିପାଙ୍କୁ ବାହାର ଆଣିବା ପାଇଁ କହିଅଛନ୍ତି ଓ ରାଣୀମାନଙ୍କର ପରା-ମର୍ଶରେ ସେ ହାଡ଼ିପାଙ୍କୁ ଗର୍ତ୍ତର ମାଟିତଳେ ପୋତି ପକାଇ ଅଛନ୍ତି । ପରେ ସିଦ୍ଧ କାହ୍ନୁପା ଗୋରେଖନାଥଙ୍କଠାରୁ ହାଡ଼ିପାଙ୍କର ଏହି ଶୋଚନୀୟ ଅବସ୍ଥା ଶୁଣି ଗୋବିନ୍ଦଚନ୍ଦ୍ରଙ୍କ ରାଜ୍ୟକୁ ଆସିଅଛନ୍ତି ଓ ହାଡ଼ିପାଙ୍କୁ ମାଟିତଳୁ ଉଦ୍ଧାର କରିଅଛନ୍ତି ।

କାହ୍ନୁପାଙ୍କର ସିଦ୍ଧି ଦେଖି ପୁନର୍ବାର ଗୋବିନ୍ଦଚନ୍ଦ୍ର ଅବଧୂତ ଦୀକ୍ଷା ଗ୍ରହଣ କରିଅଛନ୍ତି । ଏଥର ରାଣୀମାନଙ୍କର ରୋଦନ ପ୍ରତି ଗୋବିନ୍ଦ-ଚନ୍ଦ୍ର କର୍ଣ୍ଣପାତ କଲେ ନାହିଁ । ପରେ ପୁତ୍ର ସିଦ୍ଧାବସ୍ଥା ହେବା ଜାଣି, ମା ମୈନାବତୀ ଓ ରାଣୀମାନେ ପରମ ସୁଖୀ ହେଲେ ।

ଓଡ଼ିଆ ଗୋବିନ୍ଦଚନ୍ଦ୍ର ଗୀତ ସହିତ ବଙ୍ଗଳା ଗୋବିନ୍ଦଚନ୍ଦ୍ର ଗୀତର ଯେପରି ଅନେକ ସାଦୃଶ୍ୟ ରହିଛି, ସେହିପରି ଅନେକ ପ୍ରଭେଦ ମଧ୍ୟ ପ୍ରକଟିତ । ପୂର୍ବ ପ୍ରଦେଶର ଗୋବିନ୍ଦଚନ୍ଦ୍ର ଉପାଖ୍ୟାନରେ ଅନେକ ନୂତନତା ଓ ବର୍ଣ୍ଣନାଭଙ୍ଗୀରେ ବୈଚିତ୍ର୍ୟ ଲକ୍ଷିତ ହୋଇଥାଏ । ଯଶୋ-ବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ରର ଭାଷା, ବର୍ଣ୍ଣନାର ଚମତ୍କାରିତା ଦୁର୍ଲ୍ଲଭ ମଲ୍ଲିକଙ୍କର ମୈନାବତୀ ଉପାଖ୍ୟାନରେ ପରିଦୃଷ୍ଟ ହୋଇ ନ ଥାଏ ।

ଓଡ଼ିଆ ଗୋବିନ୍ଦ ଚନ୍ଦ୍ର ଉପାଖ୍ୟାନରେ ହାଡ଼ିପାଙ୍କର ବିଭିନ୍ନ ସିଦ୍ଧି ପ୍ରଦର୍ଶନ, ଖାଦ୍ୟରେ ଅସଂଯମ ହେତୁ ମାତା ମୁକ୍ତା ଦେଈଙ୍କ ନିର୍ଦ୍ଦେଶରେ ଗୋବିନ୍ଦଚନ୍ଦ୍ରଙ୍କର ପୁନର୍ବାର ବୈରାଗ୍ୟବ୍ରତ ଅବଲମ୍ବନ, କାହ୍ନୁପା ଓ ଗୋରେଖନାଥଙ୍କ ମଧ୍ୟରେ ଅଦ୍ଭୁତ ପରାକାଷ୍ଠା ପ୍ରଦର୍ଶନରେ ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ବିଷୟ ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର ଅଥବା ଭବକ ଦାସଙ୍କ ଟୀକା ଗୋବିନ୍ଦଚନ୍ଦ୍ର ଗ୍ରନ୍ଥରେ ଯେପରି ଚିତ୍ରିତ, ସେପରି ବର୍ଣ୍ଣନାର ଚମତ୍କାରିତା ବଙ୍ଗଳା ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ ନାହିଁ ।

ଡକ୍ଟର ସୁକୁମାର ସେନ୍ ବଙ୍ଗଳା ସାହିତ୍ୟର ଇତିହାସ ଗ୍ରନ୍ଥରେ ଗୋବିନ୍ଦ ଚନ୍ଦ୍ର ଉପାଖ୍ୟାନ ଆଲୋଚନା କରିବାକୁ ଯାଇ କହିଅଛନ୍ତି—

"ଓଡ଼ିଶାରେ ପ୍ରଚଳିତ କାହାଣୀ ବଙ୍ଗଳା ଦେଶର ଆଖ୍ୟାୟିକା ସଦୃଶ" । ଏହି ଉକ୍ତି କେତେକାଂଶରେ ଠିକ୍ ହେଲେ ମଧ୍ୟ ତାହା ପୂର୍ଣ୍ଣମାତ୍ରାରେ ଠିକ୍ ନୁହେଁ ।

"ଗୋବିନ୍ଦ ଚନ୍ଦ୍ର ଚରିତର ଐତିହାସିକତା ନେଇ ବହୁ ଆଲୋଚକଙ୍କ ମଧ୍ୟରେ ନାନା ମତଭେଦ ରହିଛି । ଅନେକ ଐତିହାସିକ ଗୋବିନ୍ଦ ଚନ୍ଦ୍ରଙ୍କୁ ଆଧୁନିକ ବଙ୍ଗଳାର ତ୍ରିପୁରା ଅଞ୍ଚଳର ଅଧିବାସୀ ବୋଲି କହିଥାଆନ୍ତି । ଖ୍ରୀ. ୧୧ଶ-୧୨ଶ ଶତାବ୍ଦୀରେ ତ୍ରିପୁରା ତାନ୍ତ୍ରିକତା ଜମିଥିବା ପ୍ରସିଦ୍ଧି ଲାଭ କରିଥିଲା । ନାଥ ଧର୍ମର ଆଲୋଚନାରେ "ଗୋବିନ୍ଦଚନ୍ଦ୍ର" ଉପାଖ୍ୟାନର ଆଲୋଚନା ଅପରିହାର୍ଯ୍ୟ । ଗୋବିନ୍ଦଚନ୍ଦ୍ର ଉପାଖ୍ୟାନ ଏପରି ବ୍ୟାପକ ଓ ବୈଚିତ୍ର୍ୟପୂର୍ଣ୍ଣ ଯେ, ସେ ସବୁର ଐତିହାସିକତା ପ୍ରତିପାଦନ ବିଶେଷ କଷ୍ଟସାଧ୍ୟ ହୋଇପଡ଼େ । ସେଥିପାଇଁ ବାଦରେ ପଣ୍ଡ ଡକ୍ଟର ସେନ୍ ଯଥାର୍ଥରେ କହିଛନ୍ତି "ସ୍ୱାଧୀନ ପ୍ରମାଣ ବ୍ୟତୀତ ମେନା-ବତୀ ମାଣିକଚନ୍ଦ୍ର—ଗୋବିନ୍ଦଚନ୍ଦ୍ରର ଭୂମିକାକୁ ଐତିହାସିକ ବୋଲିଯାଇ ନ ପାରେ ।"

## ବଙ୍ଗଳା ଭାଷାରେ ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର—

ବଙ୍ଗ ସାହିତ୍ୟ ପରିଚୟ ୧ମ ଭାଗ ଗ୍ରନ୍ଥରେ ସ୍ୱର୍ଗତଃ ଦୀନେଶଚନ୍ଦ୍ର ସେନ୍ ବଙ୍ଗଳା ଭାଷାରେ ଭାଷାନ୍ତରିତ ଯଶୋବନ୍ତ ଦାସଙ୍କ ଗୋବିନ୍ଦ ଚନ୍ଦ୍ର ଗ୍ରନ୍ଥର ଆଲୋଚନା କରିଅଛନ୍ତି । ଅନେକ ଦିନ ତଳେ ମୟୂରଭଞ୍ଜର ଉପାନ୍ତ ଅଞ୍ଚଳରୁ ବଙ୍ଗଳା ବିଶ୍ୱକୋଷ ସଙ୍କଳୟିତା ନଗେନ୍ଦ୍ର ନାଥ ବସୁ ଉକ୍ତ ଗ୍ରନ୍ଥଟି ପାଇଥିଲେ ଓ ତାହାର କେତେକାଂଶ ବଙ୍ଗ ସାହିତ୍ୟ ପରିଚୟ ଗ୍ରନ୍ଥରେ ଦିଆଯାଇଛି । ଆମ୍ଭେମାନେ ଜାଣୁ ଯେ, ସାରଳା ମହାଭାରତର ବିରାଟ ପର୍ବ, ଭକ୍ତକବି ଜଗନ୍ନାଥ ଦାସଙ୍କ ଭାଗବତ, ବଙ୍ଗଳାରେ ଭାଷାନ୍ତରିତ ହୋଇ ଏକ ସମୟରେ ବଙ୍ଗଳାରେ ଲୋକପ୍ରିୟତା ଅର୍ଜନ କରିଥିଲା ଓ ତାହା ସହିତ ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର' ଗ୍ରନ୍ଥ ବଙ୍ଗଳା ଭାଷାରେ ଭାଷାନ୍ତରିତ ହୋଇଥିଲା । ସ୍ୱର୍ଗୀୟ ଦୀନେଶ ଚନ୍ଦ୍ର

ସେନ୍ ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର'ର ବହୁ ପ୍ରଶଂସା କରି କହି-ଛନ୍ତି ଯେ ଗୋବିନ୍ଦ ଚନ୍ଦ୍ର ସନ୍ନ୍ୟାସୀ ହେବା ସମୟରେ ମା ଓ ପୁଅ ମଧ୍ୟରେ କଥୋପକଥନ ବିଶେଷ ଭାବରେ ହୃଦୟଗ୍ରାହୀ ହୋଇଛି । ଗୋବିନ୍ଦଚନ୍ଦ୍ର ଦର୍ପଣ-ସମ୍ମୁଖରେ ଛିଡ଼ା ହୋଇ ନିଜ ଯୌବନର ପ୍ରତିଛବି ଦେଖି ଆନନ୍ଦିତ ହେବା ବେଳେ ମୁକ୍ତାଦେଈଙ୍କର ଶରୀରର ନଶ୍ୱରତା ସମ୍ବନ୍ଧୀୟ ଉକ୍ତି ସର୍ବଗ୍ରାସୀ କାଳର ପ୍ରଭାବ ସମ୍ବନ୍ଧରେ ଯେଉଁ ସବୁ ବିଷୟ ବର୍ଣ୍ଣନା କରିଅଛନ୍ତି ତାହା ମଧ୍ୟ ବିଶେଷ ରମଣୀୟ ହୋଇ ଉଠିଛି ।

ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର' ବଙ୍ଗସାହିତ୍ୟ ପରିଚୟ ଗ୍ରନ୍ଥରେ 'ଗୋବିନ୍ଦ ଚନ୍ଦ୍ର ଗୀତ' ନାମରେ କେତେକାଂଶ ସନ୍ନିବେଶିତ ହୋଇଅଛି ଓ ତାହା କପରି ବିକୃତ ଭାବରେ ଭାଷାନ୍ତରିତ ହୋଇଛି ତାହାର କେତେକ ପଦ ଉଦାହରଣ ସ୍ୱରୂପ ଦିଆଗଲା—

**ଗୋବିନ୍ଦ ଚନ୍ଦ୍ରର ଗୀତ**

"ସୁରଚନ୍ଦ୍ର ବୋଲି କରି ବଙ୍ଗ ଦେଶେ ଭୂପ
ତାରଚନ୍ଦ୍ର ନାମେ ହେଲ ତାହାର ତନୟ ।
ଇହାର ନନ୍ଦନ ଶୁନ ବ୍ରହ୍ମଚନ୍ଦ୍ର ହୟ
ଗୋପୀଚନ୍ଦ୍ର ନାମେ ହେଲ ଇହାରେ ତନୟ ।
ମେଘଚନ୍ଦ୍ର ନାମ ପୁନ ଇହାରେ କୁମାରେ ।
ବସ୍ତୁଚନ୍ଦ୍ର ନାମେ ପୁଣ ହଇଲ ତାହାରେ ।
ବସ୍ତୁଚନ୍ଦ୍ର ନନ୍ଦନ ହଇଲ ରୂପଚନ୍ଦ୍ର
ତତନ୍ତୁ ଉତ୍ପତ୍ତି ହୋଏ ଗୋବିନ୍ଦ ଯେ ଚନ୍ଦ୍ର ।
ମହାପ୍ରତାପୀ ରାଜା ବଲେ ବଲସ୍ୱରେ
ତିନକୋଣ ଅପୂରନ କଟେ ଇହାରେ ।
ତିନପୁର ବାନ୍ଧିଲ ସେ ପାଥର ପାଚେରି
ତିନତାଲ ଗମ୍ଭୀର ବିଶାଲ ଖାନା ଦେଲ ।"

(ବଙ୍ଗସାହିତ୍ୟ ପରିଚୟ ୧ମ ଖଣ୍ଡ ପୃ ୮୫)

**ଗୋବିନ୍ଦ ଚନ୍ଦ୍ର** (ଯଶୋବନ୍ତ ଦାସ)—

"ଶୂରଚନ୍ଦ୍ର ବୋଲିକରି ବଙ୍ଗ ଦେଶ ରାଯ୍ୟ
ତାହାଙ୍କର ଚନ୍ଦ୍ର ନାମେ ହୋଇଲେ ତନୟ ।

ଏହାର ନନ୍ଦନ ନାମ ସୁଦ୍ଧଚନ୍ଦ୍ର ରଜ
ଗୋପାଳ ଚନ୍ଦ୍ରଙ୍କ ଥାଇ ହୋଇଲା ତନୁଜ ।
ମେଘଚନ୍ଦ୍ର ବୋଲିକରି ତାହାର କୁମର
ବିଷ୍ଣୁଚନ୍ଦ୍ର ବୋଲି ନାମ ହୋଇଲା ତାହାର ।
ବିଷ୍ଣୁଚନ୍ଦ୍ରର ନନ୍ଦନ ହେଲା ଶିବୁଚନ୍ଦ୍ର
ତାହାଠାରୁ ଉତପନ ଶ୍ରୀ ଗୋବିନ୍ଦଚନ୍ଦ୍ର ।
ମହାପରତାପୀ ରଜା ବଡ଼େ ବଳଧାରି
ତିନକୋଶ ଆସ୍ଥାନ କଟକ ତାହାର ।
ତିନପୁର କାଙ୍ଗୁଲ୍ଲ ଯେ ପଥରପାଚେରି
ତିନ ଘାଳ ଗଣ୍ଠିର ବିଶାଳ ଖଣା କରି ।"

—(ଗୋବିନ୍ଦଚନ୍ଦ୍ର ପୃ ୧)—

ଆଲୋଚନାରୁ ଜଣାଯାଏ ଯେ, ଯଶୋବନ୍ତ ଦାସଙ୍କର 'ଗୋବିନ୍ଦ-ଚନ୍ଦ୍ର ଖ୍ରୀ: ୧୬ଶ ଶତାବ୍ଦୀରେ ରଚିତ ଦୁର୍ଲ୍ଲଭ ମଲ୍ଲିକଙ୍କ 'ଗୋବିନ୍ଦଚନ୍ଦ୍ର' ରଚନାର ସମସାମୟିକ ରଚନା ଓ ଦୁଇ ପ୍ରଦେଶର ଉପାଖ୍ୟାନର ତୁଳନାତ୍ମକ ଆଲୋଚନାରୁ ଜଣାଯାଏ ଯେ ଯଶୋବନ୍ତ ଦାସ ବଙ୍ଗଳା ଉପାଖ୍ୟାନରେ ପ୍ରଭାବିତ ହୋଇଥିଲେ ମଧ୍ୟ ସେ ଗ୍ରନ୍ଥରେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିଅଛନ୍ତି । ଦୁର୍ଲ୍ଲଭ ମଲ୍ଲିକଙ୍କର ବିଷୟବସ୍ତୁକୁ ସେ ଆଦୌ ଗ୍ରହଣ କରି ନାହାନ୍ତି । ତତ୍‌କାଳୀନ ଓଡ଼ିଶାର ନାଥମାନଙ୍କ ମୁଖରେ ପ୍ରଚଳିତ ଗୋବିନ୍ଦଚନ୍ଦ୍ର କଥାକୁ ରୂପାୟିତ କରିଅଛନ୍ତି । ହୁଏତ ହୋଇପାରେ ଯେ, 'ଗୋବିନ୍ଦଚନ୍ଦ୍ର' କଥାବସ୍ତୁର ଧାରା ସେତେବେଳେ ଓଡ଼ିଶାରେ ପ୍ରଚଳିତ ଥିଲା । ଭାରତର ଅନ୍ୟାନ୍ୟ ପ୍ରଦେଶରେ 'ଗୋବିନ୍ଦ-ଚନ୍ଦ୍ର' କଥା ବା 'ମୈନାବତୀ' କଥା ପରି ଓଡ଼ିଶାରେ 'ଗୋବିନ୍ଦଚନ୍ଦ୍ର' 'ମୁକ୍ତାଦେଈ' କଥା ଏକ ଲୋକପ୍ରିୟ କାହାଣୀ ଏବଂ ଲୋକଗୀତ । ଏବେ ମଧ୍ୟ ଓଡ଼ିଶାରେ ଯୋଗୀ ସଂପ୍ରଦାୟର ସାହିତ୍ୟ ଭାବରେ ଯଶୋବନ୍ତ ଦାସଙ୍କ 'ଗୋବିନ୍ଦଚନ୍ଦ୍ର' ଓ ଉଦ୍ଧବ ଦାସଙ୍କ 'ଟୀକା-ଗୋବିନ୍ଦଚନ୍ଦ୍ର' ପ୍ରାଧାନ୍ୟ ଲାଭ କରିଛି ।

ବଙ୍ଗଳା ଭାଷାରେ ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର ଭାଷାନ୍ତରିତ ହେବା 'ଗୋବିନ୍ଦଚନ୍ଦ୍ର' ଗ୍ରନ୍ଥର ଲୋକପ୍ରିୟତା ପ୍ରମାଣ କରିଥାଏ ।

ଗୋବିନ୍ଦଚନ୍ଦ୍ର ଗ୍ରନ୍ଥକୁ ବଙ୍ଗଳାରେ ରୂପାନ୍ତରିତ କରିବାରେ ଅନେକ ତ୍ରୁଟି ଆସିପାରେ ଓ ସ୍ୱର୍ଗତଃ ଦୀନେଶଚନ୍ଦ୍ର ସେନ୍‌ଙ୍କର ବଙ୍ଗଳା ଭାଷାଗତ ଟୀକା, ଟିପ୍ପଣୀରେ ଅନେକ ଭୁଲ ରହିପାରେ; କିନ୍ତୁ ସ୍ୱର୍ଗୀୟ ବସୁଙ୍କଦ୍ୱାରା ଗ୍ରନ୍ଥର ଆବିଷ୍କାର ଯଶୋବନ୍ତ ଦାସଙ୍କ 'ଗୋବିନ୍ଦଚନ୍ଦ୍ର'ର ଲୋକପ୍ରିୟତା ନିଃସନ୍ଦେହଭାବରେ ପ୍ରମାଣ କରିଥାଏ ।

ଯଶୋବନ୍ତଦାସଙ୍କର 'ଗୋବିନ୍ଦଚନ୍ଦ୍ର' କେବଳ ଯୋଗୀମାନଙ୍କର ଭିକ୍ଷାଗୀତ ନୁହେଁ, ତାହା ଏକ ଅନବଦ୍ୟ ସାହିତ୍ୟିକ କୃତି । ଏହି କୃତିରେହିଁ କବିଙ୍କର କବିତ୍ୱ, କଳ୍ପନାବିଳାସ ବହୁସ୍ଥଳରେ ପରିଲକ୍ଷିତ ହୋଇ ଥାଏ । ଗ୍ରନ୍ଥର ପ୍ରଥମାର୍ଦ୍ଧରେ ଅସାମାନ୍ୟ ପ୍ରତାପଶାଳୀ ଗୋବିନ୍ଦଚନ୍ଦ୍ରଙ୍କ ରାଜ୍ୟର ଐଶ୍ୱର୍ଯ୍ୟ ବର୍ଣ୍ଣିତ ହୋଇଛି ଓ ଏହି ପ୍ରକାର ବର୍ଣ୍ଣନା ମଧ୍ୟଯୁଗୀୟ ଓଡ଼ିଆ କାବ୍ୟମାନଙ୍କରେ ସାଧାରଣତଃ ପରିଦୃଷ୍ଟ ହୋଇଥାଏ । ଗୋବିନ୍ଦଚନ୍ଦ୍ରଙ୍କ ରାଜ୍ୟ ଓ ରାଜଭବନର ବର୍ଣ୍ଣନା କବି ଏହିପରି ଭାବରେ ପ୍ରଦାନ କରିଅଛନ୍ତି,

"ତିକଣପୁର କାଞ୍ଚନ ଯେ ପଥର ପାଚେରି
ତିନିତାଳ ଉଠିଲ ବିଶାଳ ଘଣା କରି ।
କଗଣି ଅଟ୍ଟାଳି ମେଢ଼ ମଣ୍ଡପ ନବର
ଝରକା ଶଂଖୁଆ ଚାଳି ଉପରେ ଝିଙ୍ଗୁଳ ।
ଚନ୍ଦ୍ରଶାଳା ସୁତେଲ ଦିବ୍ୟ ମଧେର ଝରକା
ଅଷ୍ଟରତ୍ନ ମିଶାଇ ରଚିଲା ବିଶ୍ୱକର୍ମା ।
କୂପ ତଡ଼ାଗ ଅନେକ ବାପି ସରୋବର
ଘାଟିର ସୁସ୍ୱାଦୁ ଜଳ ଅତି ନିରମଳ
ଟେମଲି କୋଠାଘରମାନ ଅତି ବିଚିତ୍ର
ଶୁଏ ବଖରେ ପୋଷା ପକ୍ଷୀଗଣମାନ ।"

—(ପୃ. ୧-୨)—

ଗୋବିନ୍ଦଚନ୍ଦ୍ରଙ୍କ ରାଜ୍ୟରେ ଅଭାବ ଅନାଟନ ନାହିଁ । ପ୍ରଜାମାନେ ସମସ୍ତେ କୁବେର ତୁଲ୍ୟ । ଖଣ୍ଡି ନରେଇ ଧାନଘର ଘରେ ଘରେ ପୂରି-ରହିଛି । ଭିକଣ ହେଲେ ଦରିଦ୍ର ସେ ରାଜ୍ୟରେ ନାହିଁ । କବି ଏହି

ସୁଶୀଳ, ସମୃଦ୍ଧିବନ୍ତ ଓ ସୁସ୍ଥ ସମାଜର ଚିତ୍ର ଦେବାକୁ ଯାଇ କହିଅଛନ୍ତି—

“ରୋଗ ଶୋକ ଚିନ୍ତା ନାହିଁ ଅଶାନ୍ତିସୃଜନ
ଜନ ପ୍ରଜାମାନେ ପ୍ରାଏ କୁବେର ସମାନ ।
ବାଣିଜେ ଚଳାଏ କର ଉଆଣ ପ୍ରମାଣ
କର ଶୁଝି ପ୍ରଜାଏ ଅର୍ଜନ୍ତି କୋଟିଧନ ।
ଖଣି ମଣ୍ଡଇ ବସ୍ତ୍ର ଅଟେ ଧାନଘର
ଖାଇ ବୋହି ନ ସରଇ ଅନ୍ନ ଉପାଦାନ ।”

—ପୃ. ୩—

ଯଶୋବନ୍ତଙ୍କର ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟର ଆଦିକବିଙ୍କ ଲେଖାରେ ମଧ୍ୟ ଅନୁରୂପ ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ । ଯଥା—

“ସୁସ୍ଥରେ ଯେତେକ ଲୋକ ଅରଜନ୍ତି ବୃତ୍ତି
କାହାକୁ କାହି ନ ଦିଅନ୍ତି ସୁଖେ ଜିଅନ୍ତି ବୁଇଖଣ୍ଡି”।

—(ବନ ପୃ. ୧୭୨)—

“ସୁବର୍ଣ୍ଣ ଅଧିକ ଯେ ପାଳଇ ଜନପ୍ରଜା
ମାଣିକ ଭୂମିରୁ ଶିଖାଏ ଯେଜନେ ସଂଜା”

—(ସାରଳା ମହାଭାରତ, ବନପର୍ବ ପୃ. ୪୦୫)—

ଏହିସବୁ ବର୍ଣ୍ଣନା ବ୍ୟତୀତ ‘ଗୋବିନ୍ଦଚନ୍ଦ୍ର’ ଗ୍ରନ୍ଥର ଅନେକ ସ୍ଥଳରେ ସୁନ୍ଦର ଉପମା ଓ ରୂପକ ସମନ୍ୱିତ ପଦାବଳୀ ଓ ସୂକ୍ତି ସମୂହ ପରିଦୃଷ୍ଟ ହୋଇଥାଏ, ଯେଉଁଥିରେ କବିଙ୍କ କବିତ୍ୱର ସ୍ପଷ୍ଟ ମୁଦ୍ରାଙ୍କ ଅଙ୍କିତ । ଭାଷାର ସରଳତା ଦୃଷ୍ଟିରୁ ପଦଗୁଡ଼ିକର ମୂଲ୍ୟ ଅକଳନୀୟ ବୋଲି ବିବେଚିତ ହେବା ସ୍ୱାଭାବିକ । ଗ୍ରନ୍ଥର ଅଧିକାଂଶ ସ୍ଥଳରେ ବୈରାଗ୍ୟବୋଧକ ପଦ ସମୂହ ପରିଲକ୍ଷିତ ହୋଇଥାଏ । ‘ଗୁରୁବାଦ’ ସନ୍ଥ ସାହିତ୍ୟର ଏକ ପ୍ରଧାନ ବୈଶିଷ୍ଟ୍ୟ ଏବଂ ଅନେକ ସ୍ଥଳରେ ଗୁରୁବାଦ ସମ୍ବନ୍ଧରେ ଅନେକ ଉକ୍ତି ରହିଛି । ଯଥା :—

“ଗୁରୁ ପାଦ କହିବେ ଯେଉଁକୁ ଦୃଢ଼ କରି
[illegible]ଲଣି ଜାଳ ହୋଇବ ଯେସନେ ମେରୁଗିରି ।

ଗୁରୁର ବଚନ ବାବୁ ପାଷାଣର ଗାର
ଗୁରୁଙ୍କୁ ହିଂ ସେବାକଲେ ଯମଦଣ୍ଡପାର ।"

—(ଗୋବିନ୍ଦଚନ୍ଦ୍ର ପୃ. ୫)—

ଅନ୍ୟତ୍ର ସଂସାରର ନଶ୍ବରତା ଓ ଭଂଗୁରତା ସମ୍ବନ୍ଧରେ ସୁନ୍ଦର ଭକ୍ତିସମ୍ଭୂତ ଗ୍ରନ୍ଥରେ ଦୃଷ୍ଟି ରହିଅଛି । ଯଥା :—

"ମାତା ଏ ହୋଇଲେ ବାବୁ ଶୁଣରେ ଗୋଧନ
ମିଥ୍ୟା ମାୟା ସଂସାରେ ଲୁ ଚଞ୍ଚ ବୁଦ୍ଧି ଦନ"
"ଜନମ ହୋଇଲେ ଦେହ କ୍ଷୟ ହୋଏ ବାବୁ
ନାମ ବ୍ରହ୍ମ ଶୁଣିଥିଲେ କାରଣ ପାଇବୁ ।
ଜନ୍ମ ସକଳସ ଯେତେହି ଅଗ୍ନି ପାଣେ ଜାଣି
ସୁନ୍ଦର ଦେହକୁ ଅଗ୍ନି ସରସେ ତରୁଣୀ ।
ଇଂଦ୍ରଜାଲ ମାୟା କେଣ୍ଡ କାହାର ଭୁବନ୍ତି
ବକୁଳ ପବନ ପ୍ରାୟେ ଜାବଦଇ ସ୍ଥିତି ।
ବରଷାରେ ପାଣି ଥୋପା ଯେସନେ ଉତ୍ପନ୍ନ
କେତେଣ ଭାସିଯାଇ ନବଶଇ ରେଖ ବର୍ଣ୍ଣ ।
ସେହ୍ନି ମନ୍ତ ଦେଖ ଏ ଶରୀର ଗୋଟି ବାବୁ
କାଳକୁ ଜିଣିଲେ ବୃଦ୍ଧ ସୁତେ ରହିଥିବୁ ।"

—(ପୃ. ୯)—

"ମନ ବଚନରେ ହେଲେ ଅକାରଣ ହେବୁ
ଦୁଲଦୁଲ ଅଲଗା ମଧ୍ୟରେ ଭସୁଥିବୁ ।"

—(ପୃ. ୯)—

ଗୋବିଂଦଚନ୍ଦ୍ର ଯୋଗୀ ହୋଇଯିବା ସିଦ୍ଧାନ୍ତରେ ତାଙ୍କର ରାଣୀମାନେ ଶୋକବିହ୍ଵଳ ହୋଇ ପଡ଼ନ୍ତି ଓ ସେମାନଙ୍କର ଦୈନ୍ୟ ଏବଂ କରୁଣୋକ୍ତିରେ ଛନ୍ଦ କରୁଣରସରେ ପ୍ଲାବିତ ହୋଇ ଉଠିଛି । ରାଣୀ-ମାନଙ୍କର ବିକଳ କ୍ରଂଦନରେ ଗଗନପବନ ଥରି ଉଠିଛି । ସେମାନେ ଗୋବିଂଦଚଂଦ୍ରଙ୍କୁ ଏହିପରି ଭାବରେ ଅନୁନୟ କରିଅଛନ୍ତି —

"ରାଣୀ ବୋଲେ ଆହେ। ରାଜା ତୁମ୍ଭ ତ ମନ୍ଦିର
ମନ୍ଦିରକୁ ଆଶ୍ରେ କରି ହୋଇଲୁ ଅନାଥ ।

ଦୁଇକୂଳ ଗୁଡ଼ ମଧ୍ୟେ ଭସିଲୁ ଜଳର
ମାତା ପିତା ଭାଇ ବନ୍ଧୁ ଗୁଡ଼ିଲୁ ନିକର ।
ଜଳ ଶୁଖି ଗଲେ ବାନ୍ଧି ମୀନ ଯିବ ରଖା
ଚନ୍ଦ୍ରମା ନ ଥିଲେ ତାର ନୋହିବ ସେ ଲେଖା ।
ଏଣିର ବନ୍ଧୁନେ ଶଙ୍ଖୀ କି ଭରି ବଞ୍ଚିଲ
ଦେଖ ଦଇବ ପ୍ରୁତ୍ରଷ ବିସ୍ମୃତ ଜନା ଭୂଷ ।
କପାଳରେ ଜଳ ମାଲି ଶୁଖାନ୍ତି ଆକାଶ
ଲୋକାକୁ ଶୁଣି ବୋଲନ୍ତି ନ କର ନରଶ ।"

(ପୃ. ୧୮)

ଚରିତଚିତ୍ରଣରେ 'ଗୋବିନ୍ଦ ଚନ୍ଦ୍ର' ଗ୍ରନ୍ଥରେ ଖୁବ ଜଣାଙ୍କ ଚରିତ୍ର ସଜ୍ଜିତ ଅତି ଲୌକିକ ଗ୍ରାମ୍ୟ ଚରିତ୍ରର ମଧୁର ସମନ୍ୱୟ ଘଟିଛି । ଏକ ଦିଗରେ ରାଜୈଶ୍ୱର୍ଯ୍ୟ ଝଲସିତ ଗୋବିନ୍ଦଚନ୍ଦ୍ର ତଥା ଶୁଭଦମା, ଚୋଦମା ପ୍ରଭୃତି ରାଣୀମାନଙ୍କର ଚରିତ୍ର; ଅନ୍ୟ ଦିଗରେ ଗ୍ରାମ୍ୟ ଚରିତ୍ର ମଧ୍ୟରେ ବେଶ୍ୟା, ରାଡ଼ିଆଣୀ ଓ ଗୋବରେଇ, କାହ୍ନୁପା, ଡମ୍ବୁପା ପ୍ରଭୃତି ସିଦ୍ଧାଚାର୍ଯ୍ୟମାନଙ୍କର ଚରିତ୍ର ବୈଚିତ୍ର୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ରାଡ଼ିଆଣୀ ଚରିତ୍ର ବର୍ଣ୍ଣନାରେ କବି ଓଡ଼ିଶାର ଗାଉଁଲି ପରିବେଶକୁ ସୁନ୍ଦର ଭାବରେ ରୂପାୟିତ କରିଅଛନ୍ତି । ନିମ୍ନୋକ୍ତ ବର୍ଣ୍ଣନାରେ ଓଡ଼ିଶା ଗାଁ ଗହଳ କେଉଁଠି ସ୍ପଷ୍ଟର ଚିତ୍ର ପାଠକର ସମ୍ମୁଖରେ ଝଲସିତ ହୋଇ ଉଠିଥାଏ ।

"ଅଦୈନ୍ୟ ଦେହ ରାଜଇ ସେହୁ ରାଡ଼ିଅଣୀ ନାରୀ
ପାଗ ସଂଯୋଗ କରିଣ ଅଗ୍ନି ଦେଲା ଜାଳି ।
ରାଜଇ ହାଣ୍ଡିରେ ନିଆ ଛଡ଼ାଏ ନୂଆର
ବିକଇ ପସରା ନିତି ମାହାଲ ଅଡ଼ାର ।
ଲଖ ଅର୍ଦ୍ଧ ଭାଗେ ସେ ରାନ୍ଧଣା କରେ ଖାଇ
ଖାଇ ଯାଇ ଦୁଇଦଣ୍ଡ ଶୁଅଇ ନିଶେତ ।
ରାତ ପାହି ଉଠି ଥାଏ ଜଳାଇର ହୋଇ
ଚୁଲି ଲଗାଇଣ ସେହୁ ଥାଏ ଖରଡ଼ାଇ ।"

(ପୃ. ୩୭)

ଏହି ସବୁ ବର୍ଣ୍ଣନାରେ ଓଡ଼ିଶାର ସମାଜ ଚିତ୍ର କପରି ମାର୍ମିକ ଭାବରେ ଫୁଟି ଉଠିଛି ତାହା ଯେ କୌଣସି ପାଠକ ଓ ଆଲୋଚକ ଅନୁମାନ କରିପାରିବେ ।

ଓଡ଼ିଆ ନାଟ୍ୟ ସାହିତ୍ୟକୁ ବିଭିନ୍ନ ତଥ୍ୟ ପ୍ରଦାନରେ 'ଗୋବିନ୍ଦ ଚନ୍ଦ୍ର'ଗ୍ରନ୍ଥର ଅବଦାନ ଯଥେଷ୍ଟ ବେଶୀ । ପିତୃ ପୁରୁଷଙ୍କ ସଦୃଶ ଗୋବିନ୍ଦ ଚନ୍ଦ୍ରଙ୍କୁ ସମାନ କରିବା ଲାଗି ମାତୃହୃଦୟର କଠିନ ସ୍ୱାର୍ଥତ୍ୟାଗ ଓ ସାଧନା ଭାରତୀୟ ନାରୀଜାତିର ଇତିହାସରେ ଏକ ଚରମ ବ୍ୟତିକ୍ରମ । ଭାଷା, ଭାବ, ଚରିତ୍ର ଚିତ୍ରଣ ଓ କବିତ୍ୱ ଦୃଷ୍ଟିରୁ ଯଶୋବନ୍ତ ଦାସଙ୍କର ଗୋବିନ୍ଦ ଚନ୍ଦ୍ର ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟରେ ଚିରକାଳ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିବ ।

## ଟୀକା ଗୋବିନ୍ଦ ଚନ୍ଦ୍ର

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଟୀକା ଗୋବିନ୍ଦଚନ୍ଦ୍ର'ନାମକ ଅନ୍ୟ ଏକ ରଚନା ରହିଅଛି । ଏହାର ରଚୟିତା ହେଉଛନ୍ତି 'ଯୋଗୀନ୍ଦ୍ର ଦୈବଜ୍ଞ ବସୁ' ଓ କେତେକ ପୁସ୍ତକରେ 'ଉଦ୍ଧବ ଦାସ' ବୋଲି ଲେଖା ଯାଇଛି । ଏହି ଗ୍ରନ୍ଥର ଭାଷାରେ କେତେକ ପ୍ରାଚୀନ ଶବ୍ଦ ପରିଦୃଷ୍ଟ ହେଲେ ହେଁ ରଚନା ଶୈଳୀରୁ ଉକ୍ତ ଗ୍ରନ୍ଥଟି ଯଶୋବନ୍ତ ଦାସଙ୍କର ବହୁ ପରବର୍ତ୍ତୀ ରଚନା ପରି ଜଣାପଡ଼ିଥାଏ । ସମ୍ଭବତଃ, ଏହା ଖ୍ରୀ: ଅଷ୍ଟାଦଶ ଶତାବ୍ଦୀର ରଚନା ।

'ଟୀକା ଗୋବିନ୍ଦ ଚଂନ୍ଦ୍ର'ର ବିଷୟବସ୍ତୁ ଯଶୋବନ୍ତ ଦାସଙ୍କ ଗୋବିଂନ୍ଦ ଚଂନ୍ଦ୍ରର ବିଷୟବସ୍ତୁକୁ ଅନୁସରଣ କରିଛି । ଭାଷା, କବିତ୍ୱ ଓ ଛନ୍ଦର ଲାଳିତ୍ୟ ଦୃଷ୍ଟିରୁ ରଚନାଟି 'ଗୋବିଂନ୍ଦ ଚଂନ୍ଦ୍ର' ଅପେକ୍ଷା· ବିଶେଷ ଲୋକପ୍ରିୟ, ବୋଧହୁଏ ସେଇଥିପାଇଁ ଓଡ଼ିଶାର ନାଥମାନେ ଯଶୋବନ୍ତ ଦାସଙ୍କ 'ଗୋବିନ୍ଦଚନ୍ଦ୍ର' ଅପେକ୍ଷା 'ଟୀକା ଗୋବିନ୍ଦଚନ୍ଦ୍ର'କୁ ବିଶେଷ ଭାବରେ ଗାନ କରିଥାନ୍ତି ।

ଭଜ୍ କନା ରାମ ନାମରେ ଭଜନ, ବୋଲ୍ କନା ରାମ ନାମ
ଭଜ ନ ପାରିଲେ କୃତାନ୍ତମାନେ ବାନ୍ଧିନେବ କାଳଯମ ।

ସେହି କାଳଯମ ବନ୍ଧ ବାନ୍ଧୁଣରେ ନ ଜାଣଇ ଦୁଃଖସୁଖ
ବାନ୍ଧି ନେବ କଣ୍ଠା ଲଗିବ ଚାଳିଲୁ ଦେବଟି ଦାରୁଣ ଦୁଃଖେ ।”

(ପୃ. ୧)

ପ୍ରକୃତ ପକ୍ଷ ଓଡ଼ିଶାର ପ୍ରତ୍ୟେକ ଯୋଗୀ ମୁଖରେ ‘ଭାଗବତ’ ବା ‘ଗୀତା’ର ପଦପଦ ବିଖ୍ୟାତ ଓ ଗୀତ ହୋଇଥାଏ । ଗ୍ରନ୍ଥର ବିଷୟବସ୍ତୁ ଅତି ନାଟକୀୟ ଭାବରେ ଆରମ୍ଭ ହୋଇଛି । ଗୋବିନ୍ଦ-ଚନ୍ଦ୍ରଙ୍କ ମାତା ‘ଶମଟେଈ’ ବା ‘ଶମତୋଷି’ ଅପ୍ରାକୃତିକ ଅବସ୍ଥାରେ କରୁଣ କାହାଣୀ କହୁଛନ୍ତି । ତାଙ୍କର କୌଣସି ପୁତ୍ର କନ୍ୟା ନ ହେବାରୁ ରାଜା ରାଣୀଙ୍କୁ ଶମ ବୃକ୍ଷ ପରିପୂର୍ଣ୍ଣ ବଣରେ ଛାଡ଼ି ଦେଇ ଅଶେଷ ଅମାନୁଷିକ ନିର୍ଯ୍ୟାତନା ଦେଲେ । ରାଣୀ ସେହି ସବୁ ଅତ୍ୟାଚାରର କରୁଣ କାହାଣୀ ଅତ୍ୟନ୍ତ ଭାବରେ ବର୍ଣ୍ଣନା କରିଅଛନ୍ତି ।

“ଚୋହରି ବାପର ଅନେଶ୍ୱତ ଗଣ୍ଡା ହୋଇଥିଲୁ ମହାଦେଈ
ଅନେଶ୍ୱତ ଗଣ୍ଡା ଦେଈଙ୍କ ମଧ୍ୟରେ କାହାକୋଳେ ପୁତ୍ର ନାହିଁ ।
ଶାତଗର୍ଭ ପରିପନ୍ତେରେ କୁମର ଦୁହିତା ଜନମ ହେଲେ
ନୋହିବାରୁ ମୁଦ୍‌ଗଳା ରାଜନରେ ରାଜା ଶମତୋଷି କଲେ ।
ଶମତୋଷି ବୋଲି ଯାଇ ବୋଲନ୍ତେଲେ ଶମବନ ମଧ୍ୟେ ନେଇ
ନେଉଁଠି ରହିଲେ ଶମତୋଷି ରାଣୀ ସଦେ ଘରୁଛନ୍ତି ନାହିଁ ।
ସେଦିନକ ଶୁଣିଲ କଉଡ଼ି ବୋଢ଼ିଏ ଖାଇ ରାଜା ପଡ଼ି ଏଏ
ସେହି ସେରିକକୁ ସେହି ବୋଢ଼ିକକୁ ଶୁଣିଘାଗ କରଥାଏ ।”

(ପୃ. ୩)

ଅସୀମ ନିର୍ଯ୍ୟାତନା ମଧ୍ୟରେ ନିର୍ବାସିତା ଶମତୋଷି ଜୀବନ ଅତିବାହିତ କରିଅଛନ୍ତି । ଶମଦେଈଙ୍କର ଦୁଃଖ ନିର୍ଯ୍ୟାତନାକୁ ଓଡ଼ିଶାର ଲୋକପ୍ରିୟ ‘ତଅପୋଇ’ ଚରିତ ସହିତ ତୁଳନା କରାଯାଇପାରେ । ଏ ବର୍ଣ୍ଣନା ଓ କଥାବସ୍ତୁ କବିଙ୍କର ନିଜସ୍ୱ ଓ ପରିବେଶଭାବରେ ଏଥିରେ ତତ୍କାଳୀନ ସମାଜର ରାଜଅତ୍ୟାଚାରର ପ୍ରତିଛବି ରହିଛି । ଏହାପରେ ପରେ ପୁଣି ଅତି କରୁଣବର୍ଣ୍ଣନା କବିଙ୍କର ଲେଖନୀରୁ ଫୁଟି ଉଠିଛି ।

“ଲୁଣ ବୋଲକରି ଯାହାକୁ ଖଅଇ ଯବକ୍ଷାର ଭର୍ତ୍ତି ଥାଇ
ବାସନ କମିଥି କୁମରମଣିରେ ଗାତଖୋଳ ଭାତ ଖାଇ ।

ଜାଳ ଜାଳିବାକୁ ଥିଏ ତୋହର ବାପ ବାଣିଆଇଗଣ ଯୁଣ୍ଟା
ପଣିକା ମଧ୍ୟରେ ଖଞ୍ଜାଏ ତୋ ବାପ ଯୋଖସୁନାକଳମ ଲଣ୍ଟା ।
କାନଟୋଲି କଣ୍ଠା ବାଉଁଶଗଣ୍ଡା ଜାଳିଜାଳିବାକୁ ଦେଇ
ଟୋଡ଼ି ମାଲ୍ଲ ଥଣ୍ଟ ବାଉଁଶଣ୍ଟେଖଣ୍ଡ ପୁଞ୍ଜିବାରେ ଖଞ୍ଜି ଥାଇ ।
ମୁଂହୁରୀ ଅଗରେ କୁମର ମଶିରେ ଶରଣ ଶଯ୍ୟା କରାଇ
କଣ୍ଟା ଅଗ୍ରରେ ବନା ଘାଟରେ ବୃକ୍ଷ ବକଳ ପିନ୍ଧାଇ ।"

—(ପୃ. ୪)—

ଏପରି କାରୁଣ ହୃଦୟ ଗାଥାପର ଭାବ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଦୁର୍ଲଭ । ସେଇଥିପାଇଁ ଏହି ସାହିତ୍ୟର ଲୋକପ୍ରିୟତା ଓଡ଼ିଶାର ଗ୍ରାମେ ଗ୍ରାମେ ରହିଅଛି । ପ୍ରଥମ 'କମଳକାନ୍ତି'ଙ୍କର ଦୁଃଖ ଅସହ୍ୟ ହେବାରୁ ସେ ପିତା 'ଲକ୍ଷଚନ୍ଦ୍ର'ଙ୍କ ନିକଟକୁ ଡଙ୍ଗା ପଠାଇ ସବୁ ଦୁଃଖ ଜଣାଇଥିଲେ । ଲକ୍ଷଚନ୍ଦ୍ର ଝିଅର ଦୁଃଖ ଅପନୋଦନ ନିମିତ୍ତ ଝିଅ ନିକଟକୁ ଡଙ୍ଗା ଭର୍ତ୍ତିରେ ଲକ୍ଷେମାଣ ସୁବର୍ଣ୍ଣ ପ୍ରଦାନ କରିଥିଲେ । ରାଜ ଦରବାରରେ ରାଣୀ ସେହି ସୁନାକୁ ବାହାର କରି ବଣମଧ୍ୟରେ ଏକ ସୁରମ୍ୟ ନଗର ତୋଳାଇଥିଲେ । ମାଣିକଚନ୍ଦ୍ର ରାଜା ଏହି ସମ୍ବାଦ ପାଇ ବନ ମଧ୍ୟରେ ଥିବା ନଗରକୁ ସୈନ୍ୟସାମନ୍ତ ନେଇ ଅବରୋଧ କଲେ ଓ ରାଣୀଙ୍କୁ 'ବ୍ୟଭିଚାରିଣୀ' ବୋଲି ଦୋଷାରୋପ କଲେ । ରାଜା କର୍କଶ ସ୍ୱରରେ ରାଣୀଙ୍କୁ ଭର୍ତ୍ସନା କରି କହିଲେ ;—

"ସେତେବେଳ ଶୃଙ୍ଖଳ କଉଡ଼ି ଟୋଡ଼ଏ
ପଡ଼ି ଦେଇଥିଲି ମୁହିଁ
ସେ ପଡ଼ି ଖାଇଣ ଧନ କାହୁଁ ଏତେ
ଅଣିଲୁ କହ ବୁଝାଇ ।
ଦୋଷରୁଣୀ ହେଲେ ଧନ ଅଣିଲୁ
ତୋମୁଖ ଦେଖିବି ନାହିଁ ।"

ରାଣୀ ଯେ ସତୀନାରୀ—ଏହା ପ୍ରମାଣ କରିବା ପାଇଁ ନିଜକୁ ଅଗ୍ନିରେ ପରୀକ୍ଷା ଦେଲେ । ଏହି କଠିନ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ପରେ ରାଜା ରାଣୀଙ୍କୁ ଗ୍ରହଣ କଲେ ଓ କିଛିଦିନ ପରେ ରାଣୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ସେ ତାଙ୍କର ନାମ ଦେଲେ 'ଗୋବିନ୍ଦଚନ୍ଦ୍ର' ।

ଅଠର ବର୍ଷ ବୟସରେ ପୁଅର ବିବାହ କାର୍ଯ୍ୟ ସମ୍ପନ୍ନ ହେଲା; କିନ୍ତୁ ଦୈବଜ୍ଞଙ୍କଠାରୁ ରାଣୀ ପୁଅର ଅକାଳ ମୃତ୍ୟୁ କଥା ଜାଣି ଛଳପୂର୍ବକ ତାହାକୁ ଯୋଗୀ କରିଦେବାପାଇଁ ଚାହିଁଲେ । ଏହା ପରେ କବି ସଦାଶିବ ଦାସଙ୍କ 'ଗୋବିନ୍ଦଚନ୍ଦ୍ର'ର ବିଷୟବସ୍ତୁ ଅବଲମ୍ବନ କରି ଅନ୍ୟାନ୍ୟ ବିଷୟ ବର୍ଣ୍ଣନା କରିଅଛନ୍ତି ।

ଏହି ପୁସ୍ତିକାରେ 'ତନ୍ତ୍ରିପା' ଓ 'ଗୋରେଖନାଥ'ଙ୍କ ମଧ୍ୟରେ ମନ୍ତ୍ରଶକ୍ତିର ଅଦ୍ଭୁତ ପରୀକ୍ଷା ବିଶେଷ ଭାବରେ ଚିତ୍ତାକର୍ଷକ । ଗୋରେଖ-ନାଥଙ୍କଠାରୁ ତନ୍ତ୍ରିପାଙ୍କର ପରାଜୟ ପ୍ରସଙ୍ଗରେ ତତ୍କାଳୀନ ନାଥଧର୍ମ ଓ ସହଜିୟା ବୌଦ୍ଧଧର୍ମ ମଧ୍ୟରେ ସଂଘର୍ଷର ସୂଚନା ମିଳିଥାଏ । ସହଜିୟା ଧର୍ମ ଅପେକ୍ଷା ନାଥଧର୍ମର ଉତ୍କର୍ଷ ଏହି ଉପାଖ୍ୟାନରେ ପ୍ରଚ୍ଛନ୍ନଭାବରେ ରହିଅଛି ।

'ଗୋବିନ୍ଦଚନ୍ଦ୍ର' ଓ 'ଟୀକା ଗୋବିନ୍ଦଚନ୍ଦ୍ର' ଏହି ଦୁଇ ଗ୍ରନ୍ଥର ତୁଳନାରେ ଜଣାପଡ଼େ ଯେ, ଭାଷା, ଭାବ ଓ କଥାବସ୍ତୁ ଦୃଷ୍ଟିରୁ ସଦାଶିବ-ଦାସଙ୍କର 'ଗୋବିନ୍ଦଚନ୍ଦ୍ର', ଉଦ୍ଧବ ଦାସଙ୍କ 'ଟୀକା ଗୋବିନ୍ଦଚନ୍ଦ୍ର' ଅପେକ୍ଷା ଅଶେଷ ମହତ୍ତ୍ୱପୂର୍ଣ୍ଣ । 'ଟୀକା ଗୋବିନ୍ଦଚନ୍ଦ୍ର' ସଦାଶିବ ଦାସଙ୍କ 'ଗୋବିନ୍ଦଚନ୍ଦ୍ର'ର ଟୀକା ବା ସଂକ୍ଷିପ୍ତୀକରଣ ମାତ୍ର ।

କିନ୍ତୁ ଲୋକପ୍ରିୟ ଗୀତିକାବ୍ୟ ଦୃଷ୍ଟିରୁ ବିବେଚନା କଲେ 'ଗୋବିନ୍ଦଚନ୍ଦ୍ର' ଅପେକ୍ଷା 'ଟୀକା ଗୋବିନ୍ଦଚନ୍ଦ୍ର'ର ସ୍ଥାନ ଉଚ୍ଚରେ ଓ 'ଟୀକା ଗୋବିନ୍ଦଚନ୍ଦ୍ର' 'ଗୋବିନ୍ଦଚନ୍ଦ୍ର' ଅପେକ୍ଷା ବିଶେଷଭାବରେ ଲୋକପ୍ରିୟ ଗାଥା କାବ୍ୟ ତଥା ସର୍ବଶ୍ରେଷ୍ଠ ଲୋକସାହିତ୍ୟ ।

ଟୀକା ଗୋବିନ୍ଦଚନ୍ଦ୍ରର କବି ଗ୍ରନ୍ଥର ପ୍ରଥମାର୍ଦ୍ଧରେ 'ନାମତୋଳି'ଙ୍କ ପ୍ରସଙ୍ଗରେ ନୂତନତା ସୃଷ୍ଟି କରିଛନ୍ତି ଓ ତାହା ବିଶେଷ ଆକର୍ଷକ ଏବଂ ପ୍ରାଣସ୍ପର୍ଶୀ ହୋଇଛି କିନ୍ତୁ ଗୋବିନ୍ଦଚନ୍ଦ୍ରଙ୍କ ଜନ୍ମ ପରେ ଗ୍ରନ୍ଥର କଥାବସ୍ତୁ ସଦାଶିବ ଦାସଙ୍କ 'ଗୋବିନ୍ଦଚନ୍ଦ୍ର'ର କଥାବସ୍ତୁକୁ ପଦେ ପଦେ ଅନୁସରଣ କରିଛି ।

ଭାଷାର ଲୌକିକତା, ପ୍ରାଞ୍ଜଳତା ଓ ଛନ୍ଦର ମଧୁରତା ଦୃଷ୍ଟିରୁ 'ଗୋବିନ୍ଦଚନ୍ଦ୍ର' ଓ 'ଟୀକା ଗୋବିନ୍ଦଚନ୍ଦ୍ର' ଓଡ଼ିଶାର ଲୋକପ୍ରିୟ ନାଥ ସାହିତ୍ୟ । ନାଥ ଧର୍ମ, ଦର୍ଶନ ଓ ସାହିତ୍ୟର ସମୀକ୍ଷାରେ ଏହି ଦୁଇଖଣ୍ଡ ପୁସ୍ତକ ଅତୀବ ମୂଲ୍ୟବାନ ।

# ଅଷ୍ଟାଙ୍ଗ ଯୋଗ ଧାରଣା

ଗୋରେକ୍ଷନାଥଙ୍କ ନାମରେ ଦୁଇଟି ରଚନା ଦେଖାଯାଏ । ପ୍ରଥମଟି 'ଅଷ୍ଟାଙ୍ଗ ଯୋଗ' ଓ ଦ୍ୱିତୀୟଟି 'ଷଡ଼ାଙ୍ଗ ଯୋଗ" । 'ଅଷ୍ଟାଙ୍ଗ ଯୋଗ' ଗ୍ରନ୍ଥଟି ଅପ୍ରକାଶିତ ଓ ତାହା ମୋ' ଦ୍ୱାରା କଟକଜିଲାର ହରିହର-ପୁର ଅଞ୍ଚଳରୁ ସଂଗୃହୀତ ।

ମଲ୍ଲିକା ଗୋରେକ୍ଷନାଥଙ୍କ ନିକଟରୁ ଯୋଗତତ୍ତ୍ୱ ସମ୍ବନ୍ଧୀୟ ଉପଦେଶ ଶୁଣିବାକୁ ଇଚ୍ଛା କରିଅଛନ୍ତି ଓ ଗୋରେକ୍ଷନାଥ ଅଷ୍ଟାଙ୍ଗ ଯୋଗତତ୍ତ୍ୱ ବର୍ଣ୍ଣନା କରିଅଛନ୍ତି :—

"ସବୁ ଯୋଗେଶ୍ୱର ଆଦ୍ୟ ସିଦ୍ଧେଶ୍ୱର ବସ୍ତୁ,
କଟାକ୍ଷରେ କର ମୋତେ
ଯେମନ୍ତେ ଉଦ୍ଧବ ପ୍ରସନ୍ନେ ମାଗିବ
କାଳପ୍ରଳୟକୁ ଯେଉଁ ମତେ
କହନ୍ତି ଗୋରେଖ ଧ୍ୟାଇଣ ଅଲେଖ
ଲେଖା କରି ନେନି ମନେ ଗ୍ରନ୍ଥି
ଯେଉଁ ତତ୍ତ୍ୱ ଭବ ସଂସାରେ ଦୁର୍ଲଭ
ଯେବେ ଦୟା ହୋଇବୁ ଶିଷ୍ୟକୁଁ ।"

—(ପୃ. ୪୭)—

ଗୋରେକ୍ଷନାଥ ମଲ୍ଲିପ୍ରଭୁଙ୍କ ମୁଖରୁ ଯାହା ଶୁଣିଥିଲେ ତାହା ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ଶିବ ପାର୍ବତୀ ଉପାଖ୍ୟାନ ମଧ୍ୟରେ ଯୋଗ ସାଧନାର ତତ୍ତ୍ୱ ବର୍ଣ୍ଣିତ ହୋଇଛି । ଶିବ କହୁଛନ୍ତି :—

"ଶୁଣହେ ପାର୍ବତୀ ଭ୍ରୂ ମଧ୍ୟରେ ସ୍ଥିତି
ସେହି ପୁରୁଷକୁ ଲକ୍ଷ୍ୟ କଲେ
ଚେତନା ତରଳ ଉଡ଼ାଇ ପାରିଲେ
କାଳ ନ ପଶଇ କାନେ ଯାଲେ ।
ନାଗର ନାଶିବ ଯେବେ ଯୋଗୀ ହେବ
ତରକ ତାରଣ ଘଟେ ଘଟେ
ବାୟୁ ଭଜନରେ ବାୟୁ ଭରି ଥିରେ
ଭବ ଜଡ଼ିଗଲେ ମନ ଥିର ।"

ତନ୍ତ୍ରରେ ଇଡ଼ା, ପିଙ୍ଗଳା ବା ଚନ୍ଦ୍ର, ସୂର୍ଯ୍ୟ ଓ ଚେତସ ମୁଦ୍ରା ସମ୍ବନ୍ଧୀୟ ବହୁତ ତତ୍ତ୍ୱ ବୁଝାଯାଇଛି । ଯଥା :—

"ଜିହ୍ୱା ଲେଉଟାଇଁ ନାସାରନ୍ଧ୍ର ଛାଇ
  "କାନନା ସଜାଇ ଥାନେ ଭାର
ଜିହ୍ୱା ଭଦ୍ରଙ୍କର ପୀରତି ଅପାର
  ମନସଙ୍ଗ ସେତୁ ହୋଇସୁ ଦୂର ।
ତୋ ବେନି ଦାଣ୍ଡର ଚନ୍ଦ୍ର ସୂର୍ଯ୍ୟଙ୍କର
  ସାଧନ ଅଛଇଁ ସେତୁ ସ୍ଥାନେ
ବାମକୁ ଗମଇଂ ଦକ୍ଷିଣେ ନ ଯାଇଁ
  ସ୍ୱ ହଂସ ରହଇ ତାର ସ୍ଥାନେ ।
ବାମ ପବନ ସ୍ୱଂ ଦକ୍ଷିଣକୁ ନେଇଂ
  ବୁଝିବା ପବନ ପିଣ୍ଡି ଭେଦ
ତାହା ତୋ ଅଂଗରେ କନ୍ଦୁଛି ସଖୀରେ
  ଯୋଗେ ଭଜିବାକୁ କଲେ ସଧ । ପୃ. ୪୮

ବାମରେ ସ୍ୱ ହଂସ ଦକ୍ଷିଣେଟି ହଂସ
  ମଧ୍ୟେ ହଂସୁ ନାଦ ଦେବା ହୋଇସୁ
ସାତବାର ତଥି ଦେଖାଇଲୁ ପିଣ୍ଡି
  ଅଷ୍ଟାଙ୍ଗ ଯୋଗେ ଭଜିଲ ଲଙ୍ଘେ ।" ପୃ- ୪୯-

ଏହାସରେ ଅଷ୍ଟାଙ୍ଗ ଯୋଗ ବର୍ଣ୍ଣିତ ହୋଇଛି । ରବି, ମଙ୍ଗଳ, ଗୁରୁ ଓ ଶନିବାର ଏହି ସ୍ୱରୋଦୟ ପବନ ସୂର୍ଯ୍ୟ ଘରେ ଥାଏ । ସୋମ, ଶୁକ୍ର ଓ ବୁଧବାର ପବନ ଚନ୍ଦ୍ରଘରେ ଥାଏ । ସୂର୍ଯ୍ୟ ନାଡ଼ିରେ ପବନ ଯାଉଥିବାବେଳେ ସ୍ନାନ, ଭୋଜନ ଓ ବାମ ପୁଡ଼ାରେ ପବନ ଯାଉଥିବା ବେଳେ ଶୟନ କରିବା ଉଚିତ । ବୁଧ, ସୋମ ଓ ଶୁକ୍ରବାର କେବଳ ସ୍ତ୍ରୀ ସଙ୍ଗମ କରାଯାଇପାରେ ଓ ଅନ୍ୟ ବାରମାନଙ୍କରେ ତାହା ମନା; କାରଣ ଅନ୍ୟବାରଗୁଡ଼ିକ ସୂର୍ଯ୍ୟବାର । ପୁରୁଷର ରେତ ଦୁଇଭାଗ ଓ ସ୍ତ୍ରୀର ରଜ ତିନିଭାଗ ମିଶି ପିଣ୍ଡବ୍ରହ୍ମାଣ୍ଡର ସୃଷ୍ଟି । ପୁରୁଷର ଦ୍ୱୈତ ତିନିଭାଗ ଓ ସ୍ତ୍ରୀର ରଜ ତିନି ଭାଗ ମିଶି ସୃଷ୍ଟି ହେଲା ପରେ ଅନ୍ୟ ଏକ ଭାଗ ପୁରୁଷର ବଳ ପଡ଼େ ଓ ତାହା ଶରୀରରେ ଅଗାଡ଼ି ଭାବରେ ରହିଥାଏ ।

"ସପ୍ତବାର ମଧ୍ୟରେ ଗୁପ୍ତଶବରେ ଅଷ୍ଟାଙ୍ଗ ଯୋଗରେ ଧାରଣା ରହିଛି । ତେବେ ଅଷ୍ଟାଙ୍ଗ ଯୋଗ କଣ ?

"ସ୍ୱାନ ଧ୍ୟାନରେ ତଂସ୍ପୃର୍ଶ୍ୟ କରେ
ବାରବାର କର୍ମ ଉଦେ ହୋନ୍ତି
ସୂର୍ଯ୍ୟ ଶୁକ୍ର କଳା ତଂସ୍ତୁ ସୁରବର୍ଣ୍ଣ ।
ସୁଧର୍ମା ସଭାରେ ବସିଥାନ୍ତି ।
ଏହି ଆଠ ଯୋଗ ହୋଇଲୁ ଅଷ୍ଟାଙ୍ଗ
ସ୍ଥଳସ୍ପୁର କାଳେ ଉଦେ ହୋଇଂ
ସ୍ୱେଦେକ ସଂଗମ ମଧ୍ୟରେ ନିରମଂ
ଧାରେଣୀ ଯୋଗ ପଢ଼ଇଂ ଚନ୍ଦ୍ରଂ ।" ପୃ: ୫୨

ଏହିଠାରେ ଲେଖକ ଏକ ଗଳ୍ପର ଅବତାରଣା କରିଅଛନ୍ତି । ଶିବ ପାର୍ବତୀଙ୍କୁ ଯୋଗତତ୍ତ୍ୱ କହିବା ସମୟରେ ପାର୍ବତୀ ନିଦ୍ରା ଗଲେ । ସେହି ଗୁପ୍ତଜ୍ଞାନ ଅନ୍ୟ କେହି ଶୁଣିଲା କି ବୋଲି ଶିବ ସନ୍ଦେହ କରୁଛନ୍ତି । ପାଖରେ ଜଳ ମଧ୍ୟରେ ଥିବା ମତ୍ସ୍ୟ ଗର୍ଭରେ ଜଣେ ପୁରୁଷ ଏହା ଶୁଣୁଥିବାର ଶିବ ଯୋଗବଳରେ ଜାଣି ପାରିଛନ୍ତି । ଶିବଙ୍କ ଅନୁରୋଧରେ ମତ୍ସ୍ୟର ଆବିର୍ଭାବ ହେଲା ଓ ଶିବ କହିଲେ,—

"ମଚ୍ଛିନ୍ଦ୍ର ବୋଲିଣ ହେଉ ତୋର ନାମଂ
ମାଛ ଗର୍ଭେ ଯେଣୁ କଲୁ ଥାନ ।"
"ଶିବଙ୍କ କଲ୍ୟାଣ ଦେଖି ଅଜମୀନ
ଆନଂଦେ କହଇଂ ଶାସ୍ତ୍ର କର
ନ ଧରଇ ଦେହ ଅଛି ମାଛ ଗାତ୍ର
ଶରଣ ଶରଣ ବାନାନ୍ତର ।
ଶୁଣି ତାର ଜାଣି ତ୍ରିଶୂଳକୁ ଯେନ
ମୀନଗର୍ଭୁ ତାଙ୍କୁ ନିସ୍ତାରିଲେ
ଗୁହାନ୍ତୁ ବୋଲିଣ ବିଶ୍ୱନାଥ
ଦୟାକର ତତ୍ତ୍ୱ ଦାନ ଦେଲେ ।"

ଏକଥାଟି କେବଳ ଓଡ଼ିଆରେ ନୁହେଁ ମତ୍ସ୍ୟେନ୍ଦ୍ରନାଥଙ୍କ ସମ୍ବନ୍ଧରେ ଅନ୍ୟତ୍ର ପ୍ରଚଳିତ ରହିଛି ।

ଏହା ପରେ ଗୋଲଖନାଥଙ୍କର ବର୍ଣ୍ଣନା ତଥା କର୍ମ, ଧର୍ମ, ବୈରାଗ୍ୟ, ଜ୍ଞାନୀ ପ୍ରଭୃତିର ତାତ୍ତ୍ୱିକ ଅର୍ଥ ଦିଆଯାଇଛି । ଏହି ଅଷ୍ଟାଙ୍ଗ ଯୋଗ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ପ୍ରଭୃତିରେ ପର୍ଯ୍ୟବସିତ ନୁହେଁ । ଏଥିରେ ସପ୍ତାଙ୍ଗ ବା ସପ୍ତବାରରେ ଚନ୍ଦ୍ର ସୂର୍ଯ୍ୟ ନାଡ଼ିର ବିଷୟ ରହିଛି । ସେଥିପାଇଁ କୁହାଯାଇଛି ;—

"ସପ୍ତ ବାରବାର ଯୋଗୀଙ୍କର ସାର
ମୃତ୍ୟୁ ମେଣ୍ଟି ପାରେ ସାଧିଲେଣ
ଚନ୍ଦ୍ରଙ୍କର ବାରେ ଥିବ ଚନ୍ଦ୍ରଘରେ
ସୂର୍ଯ୍ୟ ରହିଥିବ ସୂର୍ଯ୍ୟରେଣ ।
ଆନ ହେଲେ ଏକ ସବୁ ଧନ୍ଦ ଜାଣ
ସେତେବେ ସାତବାରେ ଆନ ହୋଇ
ଆଠ ଦିନରେଣ ନିଅନ୍ତ ପ୍ରମାଣ
ବ୍ରହ୍ମା ରୁଦ୍ର ହରି ରଖି ନୋହେ ।"

ଚନ୍ଦ୍ର ସ୍ୱର କଳା ଓ ସୂର୍ଯ୍ୟ ସ୍ୱର କଳା; ଏହି ଆଠ ଟି ଅଷ୍ଟାଙ୍ଗ ସ୍ୱରରେ ଏହି ଗ୍ରନ୍ଥରେ ସ୍ଥାପିତ । ଗ୍ରନ୍ଥ ଗୋରେଖନାଥଙ୍କ ନାମରେ ରଚିତ ହେଲେହେଁ ତାହାର ଭାଷାରୁ ତାହା ଆନୁମାନିକ ଷୋଡ଼ଶ ଶତାବ୍ଦୀର ରଚନା । ଗ୍ରନ୍ଥଟି ଖ୍ରୀ. ପଞ୍ଚଦଶ ଶତାବ୍ଦୀ ବା ତତ୍ପୂର୍ବବର୍ତ୍ତୀ ରଚନା ନ ହେଲେ ମଧ୍ୟ ଗ୍ରନ୍ଥର ଆଲୋଚନା ନାଥଧର୍ମ ଦୃଷ୍ଟିରେ ଅପରିହାର୍ଯ୍ୟ ବୋଲି ମନେ ହୋଇଥାଏ ।

## "ସପ୍ତାଙ୍ଗ" ଓ "ଶିବସ୍ୱରୋଦୟ"

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଗୋରେଖ ନାଥ ପ୍ରଣୀତ ସପ୍ତାଙ୍ଗ-ନାମକ ଅନ୍ୟ ଏକ ଗ୍ରନ୍ଥର ସନ୍ଧାନ ମିଳେ । ଏହି ଗ୍ରନ୍ଥରେ ସପ୍ତବାରରେ ଚନ୍ଦ୍ର ସୂର୍ଯ୍ୟ କଳା ଅନୁସାରେ ନିଶ୍ୱାସ ପ୍ରଶ୍ୱାସଦ୍ୱାରା ଭଲମନ୍ଦ ବିଷୟର ବିଚାର କରାଯାଇଛି । ଗ୍ରନ୍ଥର ପ୍ରଥମାଂଶରେ କୁହାଯାଇଛି ;—

"ଅଲେଖ ନିରଞ୍ଜନଙ୍କୁ ଚିନ୍ତିବ ନେମନ୍ତେ
ଏ ଦେହ ସେବଣ ସ୍ୱାମୀ ରହିବ ଯେମନ୍ତେ ।
ସ୍ନେହେ ବୋଲି ମଲ୍ଲିକାନାଥ ଗୁରୁପାଦ ଧରି
ଷଟଯୋଗ ସ୍ୱାମୀ ମୋତେ କହିବା ବିସ୍ତାରି ।

ମଲ୍ଲିକା ଗୁରୁ ଗୋରେଖ ଯେ ମନ୍ତ୍ରେ ଶୁଣିଲେ
ପରମ ଯୋଗ ପ୍ରକାରେ ଶୁଣସି ବୋଇଲେ ।"

ଏହି ସଙ୍କେ ଯୋଗ ହେଉଛି ହଠ ଯୋଗ ବା ଚନ୍ଦ୍ର ସୂର୍ଯ୍ୟ ଯୋଗ । ଗୋରମାଞ୍ଜ ଗୁରୁଙ୍କୁ ପ୍ରାଚୀନ କାଳରେ ମହାଦେବ ଯାହା କହିଥିଲେ ଓ ଯାହା ବଳରେ ସେ ଅମରତ୍ୱ ଲାଭ କରିଥିଲେ, ସେହି ଯୋଗର ବିଷୟ ଗ୍ରନ୍ଥରେ ବର୍ଣ୍ଣିତ । ପୁଣି କୁହାଯାଇଛି ଯେ, ଗୋରମାଞ୍ଜଙ୍କର ଗୁରୁ 'ମଚ୍ଛିନ୍ଦ୍ର' ବା ମତ୍ସ୍ୟେନ୍ଦ୍ରନାଥ ଓ ତାଙ୍କଠାରୁ ସେ ଏହି ସପ୍ତାଙ୍ଗ ଯୋଗ ଶିକ୍ଷା କରିଥିଲେ ।

"ଆଦିନାଥ ଯୋଗ ପୁଣ ମଚ୍ଛିନ୍ଦ୍ର ମୋ ଗୁରୁ
ସଙ୍ଗ ସିଦ୍ଧାନ୍ତର ପୁଣ ଯୋଗୀନ୍ଦ୍ର ମହାମେରୁ ।
ସେହି ମୋତେ କହିଛନ୍ତି ପରମ ଗୁପ୍ତକରି
ତେଣୁ ମୁଁ ପୂଜିଲି ତାଙ୍କୁ ବେନପାଦ ଧରି ।"

—(ସପ୍ତାଙ୍ଗ ପୃ୧୦୭)—

ଏହା ପରେ ଚନ୍ଦ୍ର ସୂର୍ଯ୍ୟ ଯୋଗ ବର୍ଣ୍ଣିତ ହୋଇଛି ,—

"ବାମଭାଗେ ଚନ୍ଦ୍ର ପୁଣ ଡାହାଣ ଭାଗେ ସୂର୍ଯ୍ୟ ରହି
ଚନ୍ଦ୍ର ସୂର୍ଯ୍ୟ ମଧ୍ୟେ ପୁଣ ଶମ୍ଭୁନାଥ କହି ।"

ଏହି ଚନ୍ଦ୍ର ସୂର୍ଯ୍ୟ ଭାବ ପରମ ତଥା ହଂସ ସୁହଂସ ଭାବରେ କଥିତ । ସ୍ନାନ, ଭୋଜନ, ଶୟନ ଓ ଯାତ୍ରା ପ୍ରଭୃତି ଚନ୍ଦ୍ର ସୂର୍ଯ୍ୟ ଯୋଗ ଅନୁସାରେ ସମ୍ପାଦିତ ହେଲେ କୌଣସି ପ୍ରମାଦ ଉତ୍ପନ୍ନ ନାହିଁ । ଏପରିକି ଶରୀରରେ କାଳ ପ୍ରବେଶ କରି ପାରିବ ନାହିଁ । ଏହା ପରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ତନ୍ମଧ୍ୟରେ ଦଶ ବାୟୁର କଥା କୁହାଯାଇଛି ଓ ସପ୍ତାଙ୍ଗ ପ୍ରସଙ୍ଗ ପରେ ପରେ ବର୍ଣ୍ଣିତ ହୋଇଛି । ସପ୍ତାଙ୍ଗର ନାମକରଣ ସମ୍ବନ୍ଧରେ କୁହାଯାଇଛି—

"ସପ୍ତବାର ବୋଲି ପ୍ରକାରେ ସପ୍ତ ଆବରଣ
ସପ୍ତାଙ୍ଗ ଯୋଗ ପ୍ରକାରେ କହିବା ସେବେ ଶୁଣ ।
ଜ୍ଞାନ ସପ୍ତଭୂମି ପ୍ରକାରେ ବୋଲି ବେଦାନ୍ତରେ କହି
ସପତାଙ୍ଗ ଜ୍ଞାନ ଭୂମି ସପ୍ତବାର ଏହି ।
ଚନ୍ଦ୍ର ସୂର୍ଯ୍ୟ ଯୋଗ ପ୍ରକାରେ ସାତବାର କହି
ପଞ୍ଚଭୂତ ଆତ୍ମାକୁ ଟି ଧରିଛନ୍ତି ଏହି ।"

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସପ୍ତାଙ୍ଗ ସମ୍ବନ୍ଧୀୟ ବିଷୟ ପ୍ରାୟ ଅଧିକାଂଶ ଓଡ଼ିଆ ବୈଷ୍ଣବ ଧର୍ମ ଗ୍ରନ୍ଥରେ ପ୍ରଧାନ ସ୍ଥାନ ଲାଭ କରିଛି । ଯଶୋବନ୍ତ ଦାସଙ୍କର ଶିବ ସ୍ୱରୋଦୟ ମଧ୍ୟ ଏହି ଧରଣର ଏକ ଗ୍ରନ୍ଥ ଯାହା ସଂସ୍କୃତ 'ସ୍ୱରୋଦୟଲେଶ' ନାମକ ଗ୍ରନ୍ଥର ଅନୁସରଣରେ ଲେଖାଯାଇଛି ।

ସ୍ୱରୋଦୟଲେଶ ବା ଶିବ ସ୍ୱରୋଦୟ ଗ୍ରନ୍ଥ ସଂସ୍କୃତ ସାହିତ୍ୟରେ ଏକ ସ୍ୱରଶାସ୍ତ୍ର ସମ୍ବନ୍ଧୀୟ ଲୋକପ୍ରିୟ ଗ୍ରନ୍ଥ । ଏହାର ପ୍ରଭାବ କେବଳ 'ସପ୍ତାଙ୍ଗ ଯୋଗ' ଗ୍ରନ୍ଥରେ ନୁହେଁ, ତାହା ଯଶୋବନ୍ତଙ୍କର 'ଶିବ ସ୍ୱରୋଦୟରେ' ପଡ଼ିଛି । ଓଡ଼ିଆ 'ଶିବ ସ୍ୱରୋଦୟ' ଗ୍ରନ୍ଥ କହିବାକୁ ଗଲେ ସଂସ୍କୃତ 'ଶିବସ୍ୱରୋଦୟ' ଗ୍ରନ୍ଥର ଅନୁବାଦ ମାତ୍ର । ଉଦାହରଣ ସ୍ୱରୂପ :—

"ବାମେ ଚାମୃତ ରୂପା ସ୍ୟାଜ୍ଜଗଦାପ୍ୟାୟନଂ ପରମ୍
ଦକ୍ଷିଣେଚରଭାଗେନ ଜଗଦୁତ୍ପାଦୟେତ୍ସଦା ।୫୨।"

—(ଶିବ ସ୍ୱରୋଦୟ, ବମ୍ବେ ୧୯୬୭ ପୃ: ୧୫)

ଓଡ଼ିଆ ଅନୁବାଦ ହୋଇଛି :—

"ଅମୃତଟି ନାମ ତାର ହୋଇଛି ବିଦିତ
ଦକ୍ଷିଣ ଭଗ ନାଡ଼ିରେ ତର ନାମେ ସ୍ଥିତ ।"

(ଶିବ ସ୍ୱରୋଦୟ ପୃ୭, ଯଶୋବନ୍ତ ଦାସ)

ସପ୍ତାଙ୍ଗ ଗ୍ରନ୍ଥର ସ୍ୱର ସମ୍ବନ୍ଧୀୟ ବର୍ଣ୍ଣନା ପ୍ରାୟ ପ୍ରତ୍ୟେକ ଓଡ଼ିଆ ସନ୍ଥ ସାହିତ୍ୟରେ ପରିଲକ୍ଷିତ ହୋଇଥାଏ । ଗୋରେଖ ନାଥଙ୍କ ନାମରେ ରଚିତ 'ସପ୍ତାଙ୍ଗ' ଗ୍ରନ୍ଥଟି 'ଗୋରେଖ ବାଣୀ'ରେ ସନ୍ନିବିଷ୍ଟ 'ସପ୍ତବାର' ଅନୁସରଣରେ ରଚିତ ହୋଇଥିବାର ମନେ ହୋଇଥାଏ । ଏହି ରଚନାର ସମୟ ଖ୍ରୀ· ଷୋଡ଼ଶ ଶତାବ୍ଦୀର କୌଣସି ସଂସ୍କୃତ ଗ୍ରନ୍ଥର ଅନୁବାଦମୂଳକ ରଚନା ହୋଇପାରେ ।

# "ଗୋରଖ ମଲ୍ଲିକା ସଂବାଦ" ଓ "ସପ୍ତାଙ୍ଗ ଯୋଗ ଧାରଣମ୍"

ପୂର୍ବରୁ ଆଲୋଚିତ ହୋଇଛି ଯେ 'ସପ୍ତାଙ୍ଗ ଯୋଗଧାରଣମ୍' ପୁସ୍ତକଟି ଉଭୟ ଗୋରଖ ନାଥ ଓ ବଳରାମ ଦାସଙ୍କ ନାମରେ ଭଣିତା ହୋଇ ଓଡ଼ିଆରେ ପ୍ରକାଶ ଲାଭ କରିଛି । ଦୁଇ ଗ୍ରନ୍ଥର ପାଠରେ ବିଶେଷ କିଛି ପ୍ରଭେଦ ନାହିଁ । 'ସପ୍ତାଙ୍ଗ' ଏକ ପ୍ରାଚୀନତମ ରଚନା ବୋଲି ସ୍ୱର୍ଗୀୟ ଆର୍ତ୍ତବଲ୍ଲଭ ମହାନ୍ତି ଯେଉଁ ମତ ପ୍ରକାଶ କରିଅଛନ୍ତି ତାହା ଭୁଲ ବୋଲି ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ତାଙ୍କର 'ସପ୍ତାଙ୍ଗ ଯୋଗଧାରଣମ୍' ସନ୍ଦର୍ଭରେ ପ୍ରତିପାଦନ କରିଅଛନ୍ତି । 'ସପ୍ତାଙ୍ଗ ଯୋଗ ଧାରଣମ୍'ର ଭାଷା ବହୁ ପରବର୍ତ୍ତୀ ସମୟର ଭାଷା ଏବଂ ତାହାର ସମୟ ଅଟକଳରେ ଖ୍ରୀ- ଷୋଡ଼ଶ ଶତାବ୍ଦୀ ବୋଲି ଧରି ନିଆଯାଇ ପାରେ । ଗୋରଖ ଭଣିତ 'ସପ୍ତାଙ୍ଗ ଯୋଗ ଧାରଣମ୍' ଓ ବଳରାମ ଦାସଙ୍କ କୃତ 'ସପ୍ତାଙ୍ଗ ଯୋଗ ସାର ଟୀକା'ର ପଦସଂଖ୍ୟା ୨୬୫ ଓ 'ସପ୍ତାଙ୍ଗ ଯୋଗଧାରଣଂ'ର ପଦ ସଂଖ୍ୟା ହେଉଛି ୨୬୯ । ଅଧ୍ୟାପକ ପ୍ରଧାନ 'ସପ୍ତାଙ୍ଗ ଯୋଗସାର ଟୀକା'ର ପାଠକୁ ଉତ୍କୃଷ୍ଟତର ବୋଲି ବିବେଚନା କରିଅଛନ୍ତି ।

ଅଧ୍ୟାପକ ପ୍ରଧାନ 'ଅଙ୍ଗ' ଶବ୍ଦକୁ ଦିନ ବା ବାର ଅର୍ଥରେ ଗ୍ରହଣ କରିଅଛନ୍ତି ଏବଂ ଏହି 'ସପ୍ତାଙ୍ଗ ଯୋଗ ଧାରଣଂ' ଗ୍ରନ୍ଥରେ ଯେଉଁ 'ଅଷ୍ଟାଙ୍ଗ' ଶବ୍ଦ ଉଲ୍ଲେଖ କରାଯାଇଛି ତାହା 'ଅଷ୍ଟଦିନ' ଅର୍ଥରେ ବ୍ୟବହୃତ । ରାଜଯୋଗରେ ଯମ, ନିୟମ, ଆସନ, ପ୍ରତ୍ୟାହାର, ପ୍ରାଣାୟାମ, ଧ୍ୟାନ, ଧାରଣା ଓ ସମାଧି 'ଅଷ୍ଟାଙ୍ଗ' ଯୋଗ ଭାବରେ କଥିତ; କିନ୍ତୁ ଏଥିରେ ଉକ୍ତ ଅର୍ଥରେ 'ଅଷ୍ଟାଙ୍ଗ' ଶବ୍ଦ ବ୍ୟବହାର କରାଯାଇ ନାହିଁ । ଯେପରି—

"ଅଷ୍ଟାଙ୍ଗ ହେଲେ ପୁତା ଅବଶ୍ୟ ଘୁଞ୍ଚିବ କାଳ
ସପ୍ତାଙ୍ଗେ ଥାଇ ପୁତା ବ୍ରହ୍ମ ଅଗ୍ନି ଜାଳ ।୨୪୮"
"ସପ୍ତାଙ୍ଗରେ ଥାଇ ପୁତା ଅଷ୍ଟାଙ୍ଗରେ ଯାଇ
ନବାଙ୍ଗ କହିଲ ପୁତା ଜାଣି ଥାଅ ତୁହି । ୨୪୭ ।"

ଅନ୍ୟ ଏକ 'ଅଷ୍ଟାଙ୍ଗ' ପାଣ୍ଡୁଲିପିରେ (ପରିଶିଷ୍ଟ ଦ୍ରଷ୍ଟବ୍ୟ) ଯେଉଁ ଅଷ୍ଟାଙ୍ଗ ସାଧନା ପ୍ରତ୍ୟେକ ବାର ଅନୁଯାୟୀ ଦିଆଯାଇଛି ତାହା ଦେଖି ଅଷ୍ଟ ଦିନ ଅର୍ଥରେ ପ୍ରୟୋଗ କରାଯାଇଛି । ଏହି ବିଷୟ ''ଅଷ୍ଟାଙ୍ଗ ଓ କାୟାକଳ୍ପ'' ପରିଚ୍ଛେଦରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି । ପଣ୍ଡିତ ବିନାୟକ ମିଶ୍ର 'ସପ୍ତାଙ୍ଗ ଯୋଗ' ଗ୍ରନ୍ଥରେ ସହଜିଆ ଧର୍ମର ଯୋଗ ସାଧନ ପ୍ରଣାଳୀ ବର୍ଣ୍ଣିତ ହୋଇଥିବାର କହନ୍ତି (ଓଡ଼ିଆ ସାହିତ୍ୟର ଇତିହାସ ପୃ ୨୩) କିନ୍ତୁ 'ସପ୍ତାଙ୍ଗ ଯୋଗ' ବା 'ସପ୍ତବାରରେ ସୁର ସାଧନା' ନାଥ ସିଦ୍ଧମାନଙ୍କର ଯୋଗସାଧନାର ବିଶିଷ୍ଟ ଅଙ୍ଗ । 'ସପ୍ତାଙ୍ଗ ଯୋଗ ଧାରଣଂ' ଗ୍ରନ୍ଥରେ କୁହାଯାଇଛି ଯେ, ଏ ଯୋଗର ସ୍ରଷ୍ଟା ହେଉଛନ୍ତି ଶଙ୍କର ଏବଂ ଶଙ୍କରଙ୍କଠାରୁ 'ମଚ୍ଛେନ୍ଦ୍ର' ଓ ତାଙ୍କଠାରୁ 'ଗୋରେଖ ନାଥ' ଏହି ଯୋଗ ତତ୍ତ୍ୱ ଲାଭ କରିଥିଲେ । ତେଣୁ ପଣ୍ଡିତ ମିଶ୍ରଙ୍କର ଅନୁମାନ ଭୁଲ ଓ ଯଥାର୍ଥରେ ସପ୍ତାଙ୍ଗ ସାଧନା ନାଥ ସିଦ୍ଧମାନଙ୍କର ଯୋଗ ସାଧନ ପ୍ରଣାଳୀ । ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ ସହଜିଆ ଧର୍ମରେ ଇଡ଼ା, ପିଙ୍ଗଳା ବା ଚନ୍ଦ୍ର ନାଡ଼ି ସାହାଯ୍ୟରେ ବାୟୁ ଚାଳନା ପଦ୍ଧତିକୁ ଭଲଭାବରେ ଗ୍ରହଣ କରା-ଯାଇଛି; କିନ୍ତୁ ସପ୍ତାଙ୍ଗର ଉଲ୍ଲେଖ ଏଥିରେ ସ୍ଥାନ ଲାଭ କରିନାହିଁ ।

## ଗୋରେଖ ମଲ୍ଲିକା ସଂବାଦ ଓ ମଲ୍ଲିକା ନାଥ—

'ଗୋରେଖ ମଲ୍ଲିକା ସମ୍ବାଦ ଓ ମଲ୍ଲିକା ନାଥ' ଶୀର୍ଷକ ସନ୍ଦର୍ଭ 'ନାଗରୀ ପ୍ରଚାରିଣୀ' ପତ୍ରିକାରେ ନିକଟରେ ପ୍ରକାଶ ପାଇଛି । ଏହାର ଲେଖକ ହେଉଛନ୍ତି ଡାଃ ନରେନ୍ଦ୍ର ନାଥ ଉପାଧ୍ୟାୟ । ଲେଖକ 'ଗୋରେଖ ମଲ୍ଲିକା ସମ୍ବାଦ' ଗ୍ରନ୍ଥର ବିବରଣୀ ଦେଇ କହିଅଛନ୍ତି ଯେ, ପାଣ୍ଡୁଲିପି ହାତ ତିଆରି କାଗଜରେ ନାଗରୀ ଅକ୍ଷରରେ ଲିପିବଦ୍ଧ ହୋଇଅଛି ; ପାଣ୍ଡୁଲିପିର ଲମ୍ବ ୧୨.୭ ଇଞ୍ଚ ଓସାର ୪.୯ ଇଞ୍ଚ, ପତ୍ର ସଂଖ୍ୟା ୮ ଓ ପୃଷ୍ଠା ୧୫ ଅଟେ । ସମୀକ୍ଷକ ଏହି ଗ୍ରନ୍ଥକୁ ୩୦୦।୪୦୦ ବର୍ଷର ପ୍ରାଚୀନ ବୋଲି ମତ ଦେଇ ଅଛନ୍ତି । ସେ ଗ୍ରନ୍ଥର ଭାଷା ସମ୍ବନ୍ଧରେ ମତ ଦେଇ କହିଅଛନ୍ତି ଯେ, ଗ୍ରନ୍ଥର ଭାଷା ବଙ୍ଗଳା, କାରଣ ଏଥିରେ ଷଷ୍ଠୀ ବିଭକ୍ତିରେ 'ଏର', ଦ୍ୱିତୀୟାରେ 'କେ' ଆଦିର ପ୍ରୟୋଗ ଦେଖିବାକୁ ମିଳେ । ଧାତୁ ରୂପରେ 'କହିଲମ୍' ଶବ୍ଦର ମଧ୍ୟ ପ୍ରୟୋଗ ରହିଛି । ଏହାଛଡ଼ା ଗ୍ରନ୍ଥରେ ସଂଯୁକ୍ତ ଏଖନ ଶବ୍ଦର ମଧ୍ୟ ପ୍ରୟୋଗ ରହିଛି ।

‘ଗୋରକ୍ଷ ଟିକ୍କା’ କାଶୀଙ୍କଦ୍ୱାରା ପ୍ରକାଶିତ ‘ଶ୍ରୀନାଥ ଗ୍ରନ୍ଥସୂଚୀ’ରେ ଏହି ଗ୍ରନ୍ଥର ଉଲ୍ଲେଖ ଦେଖିବାକୁ ମିଳିଥାଏ । ଆହୁରି ମଧ୍ୟ ଶୁଣାଯାଉଛି ଯେ, ଯୋଧପୁର ଦୁର୍ଗର ପାଣ୍ଡୁଲିପି ଗ୍ରନ୍ଥାଗାରରେ ‘ମଲ୍ଲିକା ନାଥ ଗୋରେକ୍ଷ ନାଥ ସମ୍ବାଦ’ ପାଣ୍ଡୁଲିପିଟି ରହିଅଛି; କିନ୍ତୁ ପରେ ପତ୍ରାଳାପ-ଦ୍ୱାରା ଲେଖକ ଜାଣି ପାରିଛନ୍ତି ଯେ, ଏପ୍ରକାର ପାଣ୍ଡୁଲିପି ଯୋଧପୁର-ପାଣ୍ଡୁଲିପି ଗ୍ରନ୍ଥାଗାରରେ ନାହିଁ । ଲେଖକଙ୍କ ମତାନୁଯାୟୀ ବଙ୍ଗ ଭାଷାରେ ଲିଖିତ “ଗୋରକ୍ଷ ମଲ୍ଲିକା ସମ୍ବାଦ”ର କେତେକ ପଦ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି । ନିମ୍ନରେ ଉକ୍ତ ଉଦ୍ଧୃତଗୁଡ଼ିକ ଦିଆଯାଉଛି ।

“ଓଁ ନମୋ ଗଣେଶାୟ” ଈଶ୍ୱର ଉବାଚ
ନମଃ ନମସ୍ତେ ଗୁରୁଦେବ ଯୋଗଜ୍ୟ ଯ୍ୟ (ପ୍ରକୃତ)
ଅନ୍ତର୍ଯାମି ନାଥ ପ୍ରଭୁ ମହିମା ବିଶେଷ ।
ନମସ୍ତେ ଗୁରୁଦେବ ସର୍ବଯୋଗଦାତା
ନମସ୍ତେ ଗୁରୁଦେବ ସର୍ବସୁଖ ଦାତା ।
ନମସ୍ତେ ଗୁରୁଦେବ ସର୍ବ ଏକ ସାର
ନମସ୍ତେ ଗୁରୁ ତୁମି ବ୍ରହ୍ମା ବିଷ୍ଣୁ ହର ।
ନମସ୍ତେ ଗୁରୁଦେବ ଜ୍ଞାନକଳ୍ପତରୁ
ସର୍ବଯୋଗେଶ୍ୱର ପ୍ରଭୁ ଅଟନ୍ତ ମହାମେରୁ ।
ନମସ୍ତେ ଗୁରୁଦେବ କରୁଣା ଜ୍ଞାନ ସିନ୍ଧୁ
ଅଜ୍ଞ ତିମିରନାଶନ ତୁମି ସର୍ବଜ୍ଞାନବନ୍ଧୁ ।
ନମସ୍ତେ ଗୁରୁଦେବ ପରଂବ୍ରହ୍ମରୂପି
ଶମ ହସ୍ତେ ଉଦ୍ଧାର ପ୍ରଭୁ କାଳଦଣ୍ଡ ପାପି ।
ସ୍ତୁତି କରେ ମଲ୍ଲିକା ଗୋରକ୍ଷ ମୁଖ (ସୁଖ ?) ପାଶେ ବସିଁ ।
ଗୁପ୍ତକଥା କହିବି ମୋରେ ଦେହ କହି ।
ପ୍ରସନ୍ନ ହଇୟା ସ୍ୱାମି କହିବା ଆମାରେ
ତବେ ସେ ଛାଡ଼ିବେ ସ୍ୱାମୀ ଜନ୍ମ ମୃତ୍ୟୁ ମୋରେ ।
ଚରଣେ ପ୍ରଣାମ କହ ଯୋଗ କଥା
ମହାଯୋଗେଶ୍ୱର ପ୍ରଭୁ ଜ୍ଞାନଯଃ ସିଦ୍ଧି ।

କୃପଦେଶ ଆଜ୍ଞା ମୋତେ କହ ଗୁରୁଦେବ
ହଉଛି ପ୍ରାଣ ମୋତେ କେମନ୍ତେ ନା ଛାଡ଼ିବ ।
ଏସ ସକଳ କଥା ମୋତେ ବୁଝାଇଦ୍ୟା କହ ସ୍ୱାମୀ
ଆତ୍ମାଗମ ଜ୍ଞାନ, ତୁମି ସର୍ବ୍ବଯୋଗ ଗାମି ।
ମୋ ସ୍ୱାମୀ ଚରମ ଦଶା ଘଟିବ ମୋତେ କହ
କେ ମୋତେ ରକ୍ଷିବେ ସ୍ୱାମୀ ଅନ୍ତ (?) ସ୍ୱର ଦେହ ।
ଯୋଗ ମାର୍ଗର (?) ଗଜଯୋଗ ମାନସ୍ତର (?) ସାର
ଏ କୃପାସନା ସ୍ୱାମୀ ଦ୍ୟା! ପିଣ୍ଡରେ ଲୁଣ୍ଠାର ।
ନିଜ ଚରମ ମୋକ୍ଷ କରିଛି ଅଛି ଯାହା
ସଶସ୍ତ୍ର ଶିଖାଇ ମୋତେ ମନ୍ତ୍ରବାକ ତାହା (?)
ଶିବ ପରମ ଅମୃତ କେମନ୍ତେ ହୋଇଲେ
ପ୍ରଥମେ କଳ୍ପରେ ସ୍ୱାମୀ କାଷ୍ଠରେ ରହିଲେ ।
କେବଳ ପ୍ରକାରେ ସ୍ୱାମୀ........"

ହସ୍ତଲେଖାର ଅନ୍ତିମ ପୃଷ୍ଠାର ଶେଷ ଭାଗର କେତେକ ପଦ,—

"ଶୌଭନ କହିଲେ ଯାହା ମଲ୍ଲିକା ଶୁଣିଲେ ।
ଶ୍ରୀଗୁରୁ ବଶିଷ୍ଠ ପୂର୍ବେ ଯୋଗ ଆତ୍ମା ବହଇଲେ ।
ଆତ୍ମା କେ କାଷ୍ଠେର କରିଅ ପବନ ଧାରଣା କରିବେ
ଗୁରୁବାକ୍ୟ ମନ୍ତ୍ରେ ସ୍ୱରୂପ ବ୍ରହ୍ମ କେ ଦେଖିବା ।"

ଇତି ଶ୍ରୀ ପର(ର)ମ ଯୋଗ ସାରେ ପର(ର)ମ ହଂସ ନିର୍ଣ୍ଣୟେ ଶ୍ରୀଗୁରୁ କଥନେ ସ୍ତ୍ରୀ ଗୋରେଖନାଥ ମଲ୍ଲିକା ସମ୍ବାଦେ ଶ୍ରୀ ଷଡ଼ାଙ୍ଗ ଯୋଗ ଧାରଣା ନିବପରମ ଜ୍ଞାନାମୃତେ ଅନୁଭବ ଯୋଗ କଥନେ ଶ୍ରୀ ପର(ର) ମ ହଂସ ଯୋଗଃ ସମାପ୍ତୋଽୟଂ ଗ୍ରନ୍ଥଃ ଲିପିସ୍ତୁଣୀ ।

## ଓଡ଼ିଆ "ଷଡ଼ାଙ୍ଗ ଯୋଗଧାରଣା"

"ନମସ୍ତେ ଗୁରୁଦେବ ହେ ଯୋଗାଧି ପୁରୁଷ ।
ଅନ୍ତର୍ଯାମୀ ନାଥ ତୁମ୍ଭ ମହିମା ଅଶେଷ ।୧।
ନମସ୍ତେ ଗୁରୁଦେବ ହେ ସର୍ବଯୋଗ ବେତ୍ତା
ନମସ୍ତେ ଗୁରୁଦେବ ହେ ସର୍ବସୁଖ ଦାତା ।୨।

ନମସ୍ତେ ଗୁରୁଦେବ ସର୍ବଯୋଗ ବ୍ୟବସ୍ଥା
ନମସ୍ତେ ଗୁରୁଦେବ ହେ ସର୍ବସୁଖ ଦାତା ।୧।
(ନମସ୍ତେ ଗୁରୁ ଧର୍ମ ହେ ସର୍ବ ଧର୍ମସାର
ନମସ୍ତେ ଗୁରୁଦେବ ହେ ବ୍ରହ୍ମା ବିଷ୍ଣୁ ହର ।୧। )
ନମସ୍ତେ ଗୁରୁଦେବ ହେ ସର୍ବ ଦେବସାର
ନମସ୍ତେ ଗୁରୁଦେବ ହେ ବ୍ରହ୍ମା ବିଷ୍ଣୁ ହର ।୨।
ନମସ୍ତେ ଗୁରୁଦେବ ହେ ଜ୍ଞାନ କଳ୍ପତରୁ
ସର୍ବ ଯୋଗ ଧାରଣରେ ଅଟ ମହାମେରୁ ।୩।
(ନମସ୍ତେ ଗୁରୁଦେବ ହେ ଗ୍ୟାଂନ କଳ୍ପତରୁ
ସର୍ବ ଯୋଗ ଧାରଣା ହେ ଅଚଳ ମହା ମେରୁ ।୨।)
ନମସ୍ତେ ଗୁରୁଦେବ କରୁଣାମୟ ସିନ୍ଧୁ
ଅନ୍ଧତମିର ନାଶେ ତୁମ୍ଭ ଜ୍ଞାନ ଇନ୍ଦୁ ।୪।
(ନମସ୍ତେ ଗୁରୁଦେବ ହେ କରୁଣାମୟେ ସିନ୍ଧୁ
ଅନ୍ଧ ତମିରକୁ ନାଶ ତୁମ୍ଭେ ଗ୍ୟାଂନ ପୂର୍ଣ୍ଣଇନ୍ଦୁ ।୩।)
(ନମସ୍ତେ ଗୁରୁଦେବ ହେ ପରମ ବ୍ରହ୍ମଚାରୀ
ଖଳାନ୍ତୁ ଈଶ୍ୱର ତୁମ୍ଭେ କାଳଦଣ୍ଡ ପାଣି ।୪। )

—ସୁପ୍ରକର ୭ମ ଦେ ସତ ସମାଜ—

କରନ୍ତୁ ସୁତ ମଲ୍ଲିକା ଗୋରେଖଙ୍କୁ ପୃଚ୍ଛି
ଦୁଲ୍ଲର୍ଭ କଥାଏ ସ୍ୱାମୀ ଚତୁର୍ଥ ମୂର୍ତ୍ତି ।୧।
ପ୍ରସନ୍ନ ହୋଇଣ ସ୍ୱାମୀ କହିବା ସେ କଥା
ତେବେ ସେ ଛୁଟିବ ମୋର ଜନ୍ମ ମୃତ୍ୟୁ ବ୍ୟଥା ।
(ତେବେତେବେଳେ ଛୁଟିବ ସେ ଜନ୍ମ ମୃତ୍ୟୁ ବ୍ୟଥା) ।
ଚରଣେ ପ୍ରଣାମ ସ୍ୱାମୀ କହିବା ସେ ବିଧି
ମହା ଯୋଗେଶ୍ୱର ତୁମ୍ଭେ ଜାଣ ଷଟ ସାଧି ।
(ମହା ଯୋଗେଶ୍ୱର ତୁମ୍ଭେ ଜାଣ ଷଟ ସିଦ୍ଧି ।)
ଉପଦେଶ ସାର ଆଜ୍ଞା କର ଗୁରୁଦେବ
ଏହି ପିଣ୍ଡରୁ ଆତ୍ମା ସେ କେମନ୍ତ ନ ଯିବ ।
(ଏ ପିଣ୍ଡରୁ ଆତ୍ମା ଛାଡ଼ି ଯେମନ୍ତେ ନ ଯିବ । )

ସେବାଟ ବୁଝାଇ ମୋତେ କହ ଦେବ ସ୍ୱାମୀ
ଆତ୍ମା ସମ ଜ୍ଞାନ ତୁମ୍ଭେ ସର୍ବ ଯୋଗଗାମୀ ।
(ସେ କଥା ବୁଝାଇ ମୋତେ କହିବା ହେ ସ୍ୱାମୀ
ଆତ୍ମଜ୍ଞାନ ତୁମ୍ଭେ ସର୍ବ ଯୋଗ ଅନ୍ତର୍ଯାମୀ ।)
ହେ ସ୍ୱାମୀ ଚର୍ଣମ ଘାଷା ଏବେ ମୋତେ କହ
ଯେମନ୍ତେ ରହିବ ସ୍ୱାମୀ ଅଜ୍ରାମର ଦେହ ।୧୩।
(ହେ ସ୍ୱାମୀ ଚରମଭାଷା ମୋତେ ସବେ କହ
ଯେମନ୍ତ ରହିବ ସ୍ୱାମୀ ଅଜ୍ରାମର ଦେହ ।)
ଯୋଗମାନଙ୍କର ରଜା ଜ୍ଞାନଙ୍କର ସାର
ସେ ଉପଦେଶକୁ ଦେଇ ମୋ ପିଣ୍ଡ ଉଦ୍ଧାର ।୧୩।
(ସେ ଉପଦେଶ ଦେଇ ମୋର ପିଣ୍ଡକୁ ଉଧାର ।)
ମାବ ପରମ ଶାଙ୍କୋଳ ରଖି ଅଛୁ ସାଦା
ସଣସ୍ତ ପିଟାଇ ମୋତେ ବତାଇବ ତାହା ।୧୪।
(ଗବ ପରମ ସମ୍ପୁଟ ଯେମନ୍ତେ ହୋଇଲେ
ପ୍ରଥମେ କହୁତେ ସ୍ୱାମୀ କାହିଁରେ ରହିଲେ ।)
କେଉଁଣ ମାର୍ଗରେ ସ୍ୱା.........

ଅନ୍ତିମ ପୃଷ୍ଠାରେ କେତେକ ପଂକ୍ତି;—

ଗୋରେଖ ନାଥ କହିଲେ ମଛିନ୍ଦ୍ରା ଶୁଣିଲେ
ଗୁରୁ ଶିଷ୍ୟ ପରମ ଆତ୍ମାରେ ବିହରିଲେ ।୨୫।”
(ପାଣ୍ଡୁଲିପି ପତ୍ର ନ ୨୬୪)

ଇତି ଶ୍ରୀ ପରମ ଯୋଗସାର ପରମ ହଂସ ନିର୍ଣ୍ଣୟେ ଶ୍ରୀ ଗୋରେଖ-ନାଥଙ୍କ ସମ୍ବାଦେ ସପ୍ତାଙ୍ଗ ଯୋଗ ଧାରଣେ (ଯୋଗ ମାର୍ଗେଣ) ମାବ ପରମ ଉଚାରଣ କଥନେ (ଅନୁଭବ କଥନେ) ପରମହଂସ ଯୋଗ ସଦାଜନ୍ମେ ସମ୍ପୂର୍ଣ୍ଣ ।୨୭।”

'ଗୋରେଖ ମଛିନ୍ଦ୍ରା ସମ୍ବାଦ'ର ଉଦ୍ଧୃତାଂଶରେ ଅନେକ ଲିପିଗତ ଅଶୁଦ୍ଧି ରହିଛି । ଯଥା—'ଯୋଗୁଡ଼ ସ୍ୱରୂପ' ସ୍ଥଳରେ 'ଯୋଗାଖ୍ୟ ସ୍ୱରୂପ', 'ସର୍ବଦେବସାର' ସ୍ଥାନରେ 'ସର୍ବ ଏକସାର', 'ଉଳାନ୍ତୁ ଉଦ୍ଧାର' ସ୍ଥଳେ 'ଶମ ହସ୍ତେ ଉଦ୍ଧାର', 'ଅଜ୍ରାମର' ସ୍ଥାନରେ

'ଅକ୍ରମ୍ବର', 'ମାନଙ୍କର' ସାଗରେ 'ମାନସର' ଓ 'ମାନସ୍ୱର', 'ସଂଶୟ ପିଣ୍ଡାଇ ମୋତେ ବତାଇବା ତାହା, ସ୍ଥାନରେ 'ସଂଶୟ ପିଣ୍ଡାଇ ମୋତେ ମନ୍ତ୍ରବାକ ହାହା' ଓ 'ପରମ' ସ୍ଥାନରେ 'ପ୍ରବମ' ପ୍ରଭୃତି ।

ଏହା ବ୍ୟତୀତ ପାଣ୍ଡୁଲିପିରେ 'ଭୂମି', 'ହଇୟା', 'ମୋରେ' ଓ 'କରିଆ' ପ୍ରଭୃତି କେତେକ ବଙ୍ଗଳା ଶବ୍ଦ ରହିଛି । କିନ୍ତୁ ସନ୍ଦର୍ଭକାର 'ଗୋରକ୍ଷ ମଲ୍ଲିକା ସମ୍ବାଦ' ଗ୍ରନ୍ଥର ଯଥାର୍ଥ ଅନୁସନ୍ଧାନ ନ କରି ତହିଁରେ କେତେକ ବଙ୍ଗଳା ଶବ୍ଦ ଦେଖି ତାହା ବଙ୍ଗଳା ଭାଷାରେ ଲିଖିତ ହୋଇଛି ବୋଲି ମତବ୍ୟକ୍ତ କରିଅଛନ୍ତି ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନେକ ଉଲ୍ଲେଖ୍ୟ ଗ୍ରନ୍ଥ ବଙ୍ଗଳାରେ ଅନୁବାଦିତ ହୋଇଥିବାର ଦୃଷ୍ଟାନ୍ତ ମିଳୁଛି, ଯାହା 'ଗୋବିନ୍ଦଚନ୍ଦ୍ର' ଆଲୋଚନାରେ ପରିବେଷଣ କରାଯାଇଛି । ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର' ବିକୃତଭାବରେ ବଙ୍ଗଳାରେ ରୂପାନ୍ତରିତ ହେଲା ପରି 'ସପ୍ତାଙ୍ଗ ଯୋଗଧାରଣମ୍' ଓଡ଼ିଆ ଗ୍ରନ୍ଥଟି ସେହିପରି ବଙ୍ଗଳାରେ ଭାଷାନ୍ତରିତ ହୋଇଛି । ଓଡ଼ିଶାର ପୁରପଲ୍ଲୀରେ 'ସପ୍ତାଙ୍ଗ ଯୋଗ ଧାରଣଂ' ଓ ତାହାର ପରବର୍ତ୍ତୀ ସଂସ୍କରଣ 'ବଳରାମ ଦାସଙ୍କ ସପ୍ତାଙ୍ଗ ଯୋଗ' ଗ୍ରନ୍ଥ ଦୁଇଟି ବିଶେଷ ଲୋକପ୍ରିୟ ଗ୍ରନ୍ଥ ଓ ଏହାକୁ ବଙ୍ଗଳା ବୋଲି କହିବା ଅସମୀଚୀନ ।

## ସପ୍ତାଙ୍ଗ ଯୋଗଧାରଣଂର ମଲ୍ଲିକାନାଥ :—

ଶ୍ରୀଯୁକ୍ତ ଦ୍ୱିବେଦୀଙ୍କର ନାଥସିଦ୍ଧ ତାଲିକାରୁ 'ମଲ୍ଲିକା ନାଥ' ସିଦ୍ଧଙ୍କର ନାମ ମିଳେ ନାହିଁ । ଶୂଦ୍ର ମୁନି ସାରଳା ଦାସଙ୍କ ମହାଭାରତରେ ନାଥଧର୍ମର ବହୁଳ ପ୍ରଭାବ ଦୃଷ୍ଟିଗୋଚର ହୋଇଥାଏ ଓ ତାହା ଏକ ସ୍ୱତନ୍ତ୍ର ଅଧ୍ୟାୟରେ ଆଲୋଚିତ ହୋଇଅଛି । ସାରଳା ମହାଭାରତରେ 'ଏକାମ୍ବର ନାଥ' (ବନ ପୃ-୩୩), ବିଷ୍ଣୁନାଥ, ଅନାଦି ନାଥ (ହରିବଂଶପର୍ବ, ପୃ-୩୨୯) ପ୍ରଭୃତି ଶବ୍ଦର ବହୁଳ ବ୍ୟବହାର ରହିଛି ଓ ତାହା ସହିତ ମଧ୍ୟ ସମ୍ବାଦରେ କଥିତ ଯେ କାଶୀ ରାଜ୍ୟର ରାଜା ଉଜାଣ ତଟବର୍ତ୍ତୀ କାବେରୀ ନଦୀ କୂଳରେ ମଲ୍ଲିକାନାଥଙ୍କୁ ପୂଜା କରୁଥାଏ ଓ ତାଙ୍କର ରାଜ୍ୟରେ ଷଣାଲକ୍ଷ ଜଙ୍ଗମ ରହୁଥାନ୍ତି ।

"ସେ ଛୁଦ୍ର ମଲ୍ଲିକା ନାଥଙ୍କୁ କରଇ ସେ ପୂଜା
ଶବଲକ୍ଷ ଜଙ୍ଗମ ସେ ଅଟନ୍ତି ସ୍ୱଜ୍ଞେୟ ରଜା" ।

—(ପଞ୍ଚସଖା ପୃ-୩୨)—

କବି ମଲ୍ଲିକା ନାଥଙ୍କୁ ଶ୍ରୀ ଶିଶୁ ଶତପଦ୍ମ 'ମଲ୍ଲିକାନାଥ' 'ମଲ୍ଲିକାର୍ଜ୍ଜୁନ ବା ମଲ୍ଲିକାଞ୍ଜନ' ଶିବ ବୋଲି କହୁ ଅଛନ୍ତି । ଏହି 'ମଲ୍ଲିକାନାଥ' ହୁଏତ ଶିବଭକ୍ତ ଯୋଗୀ ମଲ୍ଲିକାନାଥ ହୋଇ ପାରନ୍ତି । କଟକ ଜିଲ୍ଲାର ଜଗତସିଂହପୁର ସବ୍‌ଡିଭିଜନ ଅନ୍ତର୍ଗତ ବାଲିକୁଦାଠାରୁ ମାତ୍ର ଦୁଇମାଇଲ ଦୂରରେ ମଲ୍ଲିକାପୁର ନାମକ ଏକ ଯୋଗୀ ବସତି ରହିଅଛି । ପଞ୍ଚସଖା ଯୁଗର ପ୍ରଧାନ ଶିଷ୍ୟ କବି ଅଚ୍ୟୁତାନନ୍ଦ ଦାସ ତାଙ୍କର ଶୂନ୍ୟ ସଂହିତାରେ ମଲ୍ଲିକାନାଥଙ୍କ ଯୋଗ କଥା ଉଲ୍ଲେଖ କରି କହୁ ଅଛନ୍ତି —

"ନାଥାନ୍ତକ ଯୋଗାନ୍ତକ ବେଦାନ୍ତକ ଯେତେ
ନାନା ପ୍ରକାରେ କହିଲେ ତୋଷ ଚିତ୍ତେ ।
ଗୋରେକ୍ଷ ନାଥଙ୍କ ବିଦ୍ୟା ସାରଙ୍ଗ ଆଦି
ମଲ୍ଲିକା ନାଥଙ୍କ ଯୋଗ ବାଲୁଙ୍କ ପ୍ରଭୃତି ।"

ଗୋରେକ୍ଷ, ସାରଙ୍ଗ, ମଲ୍ଲିକା ଓ ବାଲୁଙ୍କ ପ୍ରଭୃତି ଓଡ଼ିଶାର ପ୍ରାଚୀନ ସିଦ୍ଧାଚାର୍ଯ୍ୟ । ସାରଙ୍ଗ ଗାଦି ବା ପୀଠ ପୂର୍ବୋକ୍ତ ବାଲିକୁଦା ଅନ୍ତର୍ଗତ ନଗରଜପୁର ଗ୍ରାମରେ ରହିଅଛି ଓ ବାଲୁଙ୍କ ସିଦ୍ଧଙ୍କର ପ୍ରାଚୀନତମ ଗାଦି, ମଠ ଓ ମନ୍ଦିର ଜଗତସିଂହପୁର ସବ୍‌ଡିଭିଜନର ଉପାନ୍ତରେ ବିଦ୍ୟମାନ । ଏହି ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ମଲ୍ଲିକାନାଥ ଗୋରେକ୍ଷନାଥ ନାଥ ସମ୍ପ୍ରଦାୟର ସିଦ୍ଧାଚାର୍ଯ୍ୟ ସାରଙ୍ଗ, ବାଲୁଙ୍କ ଓ ଲୋକନାଥ ପ୍ରଭୃତିଙ୍କର ସମ୍ପ୍ରଦାୟ ଏପର୍ଯ୍ୟନ୍ତ ଜୀବିତ ହୋଇଅଛନ୍ତି ।

'ମଲ୍ଲିକା ନାଥ'ଙ୍କ ସମ୍ବନ୍ଧୀୟ ଏହି କେତେକ ଉପାଦାନ ବ୍ୟତୀତ ଅନ୍ୟାନ୍ୟ ଉପାଦାନ ନାଥ ସମ୍ପ୍ରଦାୟ ସାହିତ୍ୟରେ ଅଭାବ । ସମ୍ଭବତଃ 'ମଲ୍ଲିକା ନାଥ' ନାଥ ସମ୍ପ୍ରଦାୟର ଜଣେ ପ୍ରଧାନ ସାଧକ ଓ ହଠଯୋଗୀ ଥିଲେ; ଏଣୁ ସେ ହଠଯୋଗ ନିମିତ୍ତ ପ୍ରସିଦ୍ଧି ଲାଭ କରିଥିଲେ । 'ସପ୍ତାଙ୍ଗ' ଓ 'ହଠଯୋଗ' 'ସପ୍ତାଙ୍ଗ ଯୋଗ ଧାରିଣୀ' ଗ୍ରନ୍ଥର ପ୍ରଧାନ ଉପଜୀବ୍ୟ

କହନ୍ତୁ । ତେଣୁ ମଲ୍ଲିକା ନାଥଙ୍କୁ ଜଣେ ସନ୍ନ୍ୟାସୀ ଓ ହଠଯୋଗୀ ଭାବିବା ଭୁଲ ହେବ ନାହିଁ ।

ମଲ୍ଲିକା ନାଥଙ୍କ ସମ୍ପର୍କରେ ଡାଃ ଉପାଧ୍ୟାୟ ମୟୂରଭଞ୍ଜର ସ୍ୱର୍ଗୀୟ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜ ଦେବଙ୍କର ସାହାଯ୍ୟ ନେଇ କେତେକ ବିବରଣୀ ପ୍ରଦାନ କରି ଅଛନ୍ତି ଓ ତାହା ଓଡ଼ିଶାର ନାଥ ଧର୍ମ ଦୃଷ୍ଟିରୁ ବିଶେଷ ଉଲ୍ଲେଖଯୋଗ୍ୟ ।

ସ୍ୱର୍ଗୀୟ ଭଞ୍ଜଦେବ 'ମଲ୍ଲିକା ନାଥ'ଙ୍କୁ ମୟୂରଭଞ୍ଜ ରାଜବଂଶ ସହିତ ସମ୍ପର୍କାନ୍ୱିତ କରି ଅଛନ୍ତି । ବହୁ ପ୍ରାଚୀନ କାଳରୁ ମୟୂରଭଞ୍ଜ ରାଜବଂଶ ଉପରେ ଶୈବ ଧର୍ମର ଅପ୍ରତିହତ ପ୍ରଭାବ ରହି ଆସିଛି ଓ ଖିଚିଂର ସୁପ୍ରସିଦ୍ଧ ଶୈବ ପୀଠ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ସ୍ୱର୍ଗୀୟ ଭଞ୍ଜ ମଲ୍ଲିକା ନାଥଙ୍କର ଯେଉଁ ବିବରଣୀ ଦେଇ ଅଛନ୍ତି ତାହା 'ମଲ୍ଲିକା ମକରନ୍ଦ' ନାମକ ଏକ ଅପ୍ରକାଶିତ ପାଣ୍ଡୁଲିପି ଉପରେ ନିର୍ଭର କରିଛି । ସେ ତିନି ଖଣ୍ଡରେ ବିଭକ୍ତ ଉକ୍ତ ତାଳ ପତ୍ର ପାଣ୍ଡୁଲିପି ମୟୂରଭଞ୍ଜର ଏକ ବ୍ରାହ୍ମଣ ପରିବାରରୁ ପାଇଥିଲେ । ଉକ୍ତ ପାଣ୍ଡୁଲିପି ଇତିହାସ ଖଣ୍ଡ, ଶିକ୍ଷା ଜ୍ଞାନ ଖଣ୍ଡ ଓ ରହସ୍ୟ ଖଣ୍ଡ—ଏହିପରି ତିନି ଭାଗରେ ବିଭକ୍ତ । ଏହାର ଇତିହାସ ଖଣ୍ଡରୁ ସିଦ୍ଧମାନଙ୍କ ସମ୍ବନ୍ଧରେ ଅନେକ ବିବରଣୀ ମିଳିଥାଏ । 'ମଲ୍ଲିକା ମକରନ୍ଦ'ର ରଚୟିତା ହେଉଛନ୍ତି ସିଦ୍ଧ ଚମନ ନାଥ । ସେ ନିଜର ଗୁରୁ ଯୋଗୀନ୍ଦ୍ର ବାରୁଣୀ ନାଥଙ୍କଠାରୁ ତାହା ଶୁଣି ଲିପିବଦ୍ଧ କରିଛନ୍ତି ବୋଲି ଗ୍ରନ୍ଥରେ ଉଲ୍ଲେଖ କରି ଅଛନ୍ତି । ତେବେ ଦୁଃଖର ବିଷୟ ଯେ, ଏହି ଗ୍ରନ୍ଥର ଆଲୋଚନା ବା ଉଲ୍ଲେଖ ଓଡ଼ିଶାର କୌଣସି ପତ୍ର ପତ୍ରିକାରେ ପ୍ରକାଶ ଲାଭ କରି ନାହିଁ ଓ ଉକ୍ତ ଗ୍ରନ୍ଥ ପ୍ରକାଶ ନ ହେବା ପର୍ଯ୍ୟନ୍ତ ବିଷୟଟି ରହସ୍ୟମୟ ହୋଇ ରହିବ ।

ମୟୂରଭଞ୍ଜରେ ଅଦ୍ୟାପି ମଲ୍ଲିକାନାଥ ସିଦ୍ଧେଶ୍ୱରଙ୍କ ସମାଧି ଉପରେ ସ୍ଥାପିତ ଶିବଲିଙ୍ଗ ରହିଛି ଓ ସ୍ୱର୍ଗୀୟ ଭଞ୍ଜଦେବ କହନ୍ତି ଯେ, ତାହା ମଲ୍ଲିକା ନାଥଙ୍କ ସ୍ୱହସ୍ତସ୍ଥାପିତ ଶିବଲିଙ୍ଗ । ସ୍ୱର୍ଗୀୟ ଭଞ୍ଜଦେବଙ୍କର ପିତାମହ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କର କନିଷ୍ଠ ଭ୍ରାତା ଶ୍ରୀ ଗୋକୁଳ ଚନ୍ଦ୍ର ଭଞ୍ଜଦେବ ଉକ୍ତ ଶିବଲିଙ୍ଗ ଉପରେ ଏକ ମନ୍ଦିର ନିର୍ମାଣ କରାଇ

ଥିଲେ । ଏହି ମଠକୁ ପଞ୍ଚଶିଖ ମଠର ନାମରେ ମଧ୍ୟ ଅଭିହିତ । ଏହା କାଶୀ ବିଶ୍ୱନାଥ ମଠରର ଶୈଳୀ ଅନୁକରଣରେ ନିର୍ମିତ ହୋଇଅଛି । ସ୍ୱର୍ଗୀୟ ଭକ୍ତିଦେବଙ୍କ ପ୍ରଦତ୍ତ ମଲ୍ଲିକାନାଥଙ୍କ ସମ୍ପତ୍ତିରୁ ବନାରସୀ ଜନ୍ମରେ ପ୍ରଦତ୍ତ ହେଲା ।

ମଲ୍ଲିକା ମକରନ୍ଦରେ ଲେଖାଯାଇଛି ଯେ, ଶ୍ରୀଶ୍ରୀ ମଲ୍ଲିକାନାଥ ମାଳବ ଦେଶର ଏକ କ୍ଷତ୍ରିୟ ଯୋଦ୍ଧା ଥିଲେ ଓ ପୌଗଣ୍ଡବେଳେ ତାଙ୍କର ନାମ ଥିଲା କୁଳବୃଦ୍ଧ ମଲ୍ଲ । ଏକଦା ସେ ମୃଗୟା ସା'ଶ ସମୟରେ ସମାଧିସ୍ଥ ଗୋରକ୍ଷ ନାଥଙ୍କର ଦର୍ଶନ ଲାଭ କରିଥିଲେ । ସେ ଗୋରକ୍ଷ ନାଥଙ୍କୁ ପ୍ରଣାମ କରିବା ପରେ ତାଙ୍କ ମୁଖରୁ ଆଶୀର୍ବାଦସୂଚକ କୌଣସି ବାଣୀ ନ ଶୁଣିବାରୁ ବିକ୍ଷୁବ୍ଧ ମଲ୍ଲ କ୍ରୋଧାବିଷ୍ଟ ହୋଇ ସମାଧିସ୍ଥ ନାଥଙ୍କର ମସ୍ତକରେ ପ୍ରହାର କଲେ । ପରେ ଅନୁତପ୍ତ ହୋଇ ସଂସାର ତ୍ୟାଗୀ ହୋଇ ଗୋରକ୍ଷ ନାଥଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ । ପରେ ସେ ସିଦ୍ଧି ଲାଭ କରି ଶମ୍ଭୁନାଥ ନାମରେ ପ୍ରଖ୍ୟାତ ହେଲେ । କିନ୍ତୁ ତାଙ୍କର ଗୁପ୍ତନାମ ରହିଲା 'ସ୍ୱାନନ୍ଦ' । ଏହା ପରେ ଗୁରୁଙ୍କ ଆଦେଶରେ ସେ ତ୍ରିପୁର ଦେବୀଙ୍କର ଉପାସନା କରିବା ଉତ୍କଳୀୟାନ ଯାତ୍ରା କଲେ । ଉତ୍କଳୀୟାନରେ ସେ ତନ୍ତ୍ରାର୍ଚ୍ଚନ ଓ ତ୍ରିପୁର ଦେବୀଙ୍କର ଉପାସନାରେ ସିଦ୍ଧିଲାଭ କରିବା ପରେ ଏକ ବ୍ରହ୍ମବାଦିନୀ ବ୍ରାହ୍ମଣ କନ୍ୟାଙ୍କୁ ବିବାହ କଲେ । ଉତ୍କଳୀୟାନର ସିଦ୍ଧମାନଙ୍କର କ୍ରମ ଅନୁସାରେ ସେ ସ୍ୱୀୟ ସିଦ୍ଧା *ଭୈରବୀଙ୍କର ନାମ 'ମଲ୍ଲିକା' ରଖିଲେ ଓ ତଦ୍ଦ୍ୱାରା ସେ ମଲ୍ଲିକାନାଥ ନାମରେ ପ୍ରସିଦ୍ଧି ଲାଭ କଲେ ।

ମହାନିର୍ବାଣ ଅବସରରେ ସେ ତାଙ୍କର ମୁଖ୍ୟ ଶିଷ୍ୟ ବାରୁଣୀନାଥଙ୍କୁ ଆଦେଶ ଦେଲେ ଯେ ତାଙ୍କର ମୃତ୍ୟୁ ପରବର୍ତ୍ତୀ ଶରୀରକୁ ଅରଣ୍ୟରେ ସମାଧି ଦେଇ ତହିଁ ଉପରେ ଏକ ଶିବଲିଙ୍ଗ ସ୍ଥାପନ କରିବେ । ଭଦ୍ରକୁଶାସ୍ୱାମୀ ନିର୍ବାଣ ପରେ ବାରୁଣୀନାଥ ଗୁରୁଙ୍କ ସମାଧି ଉପରେ ତାଙ୍କର ସ୍ୱହସ୍ତନିର୍ମିତ ଶିବଲିଙ୍ଗକୁ ମଧ୍ୟ ପ୍ରତିଷ୍ଠିତ କରିଥିଲେ । ଗୋରକ୍ଷ ଆକାଶମାର୍ଗରେ ଉତ୍କଳୀୟାନକୁ ଆସିଥିଲେ ଓ ମଲ୍ଲିକା-ନାଥଙ୍କୁ ସେଠାରେ ଦର୍ଶନ କରିଥିଲେ । ଏହାର ବର୍ଣ୍ଣନା 'ମଲ୍ଲିକା-ମକରନ୍ଦ' ଗ୍ରନ୍ଥରେ ଦେଖିବାକୁ ମିଳିଥାଏ । ବାରୁଣୀନାଥ ପ୍ରସିଦ୍ଧ ଓ

ପରମଜ୍ଞାନୀ ମଧ୍ୟ ଥିଲେ । ମଲ୍ଲିକା ନାଥଙ୍କ ଦେହାନ୍ତ ପରେ ସିଦ୍ଧା ଭୈରବୀ ମଲ୍ଲିକା ଅନେକଦିନ ପର୍ଯ୍ୟନ୍ତ ଜୀବିତ ଥିଲେ । ଏହି ଗ୍ରନ୍ଥରେ ଗୋରେକ୍ଷ ନାଥ ଓ ମୀନନାଥଙ୍କ ସମ୍ବନ୍ଧରେ ମଧ୍ୟ କେତେକ ବିବରଣୀ ରହିଛି ।

ଏହି ସବୁ ତଥ୍ୟରୁ ପ୍ରମାଣିତ ହୁଏ ଯେ, ପ୍ରାଚୀନ ଓଡ଼ିଶାର ଧର୍ମର ଧାରାରେ ଓଡ଼ିଶାରେ ନାଥଧର୍ମର ପ୍ରଭାବ ବହୁକାଳରୁ ରହିଥିଲା । ଯଦି ଉପାଖ୍ୟାନ ସତ୍ୟ ହୁଏ ତେବେ ଖ୍ରୀ. ଦ୍ୱାଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ନାଥଧର୍ମର ଅଭ୍ୟୁଦୟ ଘଟିଛି । ସିଦ୍ଧ ମତ୍ସ୍ୟେନ୍ଦ୍ର ନାଥ ଓ ଗୋରେକ୍ଷନାଥଙ୍କର ଜୀବତାବସ୍ଥାରେ ଓଡ଼ିଶାର ଧର୍ମ ତଥା ସାହିତ୍ୟକୁ ପ୍ରଭାବିତ କରିଛନ୍ତି । 'ମଲ୍ଲିକା ନାଥ'ଙ୍କର ପ୍ରସଙ୍ଗ ଅନ୍ୟାନ୍ୟ ଭାରତୀୟ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ । ତେଣୁ ସିଦ୍ଧ ମଲ୍ଲିକାଙ୍କ ପ୍ରସଙ୍ଗ ଭାରତୀୟ ନାଥ ଧର୍ମ ଓ ସାହିତ୍ୟକୁ ଓଡ଼ିଶାର ଏକ ଅବଦାନ ବୋଲି କୁହାଯାଇ ପାରେ । ମଲ୍ଲିକା ନାଥଙ୍କ ପ୍ରସଙ୍ଗରୁ ଆହୁରି ମଧ୍ୟ ଜଣାଯାଏ ଯେ, ନାଥ ସମ୍ପ୍ରଦାୟ ଭାରତୀୟ ଶୈବ ସମ୍ପ୍ରଦାୟ ତଥା ତାନ୍ତ୍ରିକ ସାଧନା ପଦ୍ଧତି ଘନିଷ୍ଠ ଭାବରେ ସମ୍ବନ୍ଧିତ । ଶ୍ରୀଯୁକ୍ତ ହଜାରୀ ପ୍ରସାଦ ଦ୍ୱିବେଦୀ ମଲ୍ଲିକା ନାଥଙ୍କ ପ୍ରସଙ୍ଗରେ ଅନୁମାନ କରନ୍ତି ଯେ, ନାଥ ସିଦ୍ଧ ତାଲିକାରେ ଥିବା ମାଲଦେବ ନାଥ ଓ ମଲ୍ଲିକା ନାଥ ଅଭିନ୍ନ ବ୍ୟକ୍ତି । କିନ୍ତୁ ଏ ଅନୁମାନ ଅଭ୍ରାନ୍ତ ବୋଲି କୁହାଯାଇ ନ ପାରେ । ଓଡ଼ିଶାର ନାଥ ସିଦ୍ଧମାନଙ୍କ ମଧ୍ୟରେ ମଲ୍ଲିକା ନାଥ ଧର୍ମନାଥଙ୍କ ପରି ଅନ୍ୟ ଜଣେ ପ୍ରାଚୀନ ସିଦ୍ଧାଚାର୍ଯ୍ୟ ଓ ସେ ଗୋରେକ୍ଷ ନାଥଙ୍କ ସମକାଳୀନ ବା କିଛି ପରବର୍ତ୍ତୀ ହୋଇ-ପାରନ୍ତି । ଶେଷରେ ତାଙ୍କର ସପ୍ତାଙ୍ଗ ଯୋଗଧାରଣା ସଂସ୍କୃତ ବା ଅପଭ୍ରଂଶ ସପ୍ତାଙ୍ଗ ଯୋଗର ଓଡ଼ିଆ ଅନୁବାଦ ହୋଇପାରେ, ଯାହାର ମୂଳରଚନା ସମ୍ଭବ ସ୍ରୋତରେ ଲୋପ ପାଇଯାଇଛି । ସପ୍ତାଙ୍ଗ ଯୋଗ-ଧାରଣମ୍ ବା ବଳରାମ ଦାସଙ୍କ ସପ୍ତାଙ୍ଗ ଯୋଗ ଖ୍ରୀ. ଷୋଡ଼ଶ ଶତାବ୍ଦୀର ଅନୁବାଦମୂଳକ ରଚନା ବୋଲି ଅନୁମାନ କରାଯାଇ ପାରେ ।

ଭାରତର ଅନ୍ୟାନ୍ୟ ପ୍ରଦେଶର ନାଥ ସାହିତ୍ୟରେ ସପ୍ତାଙ୍ଗ ଯୋଗର କୌଣସି ଉଲ୍ଲେଖ ବା ବ୍ୟବହାର ନାହିଁ; କିନ୍ତୁ ଓଡ଼ିଶାର ନାଥ-ସାହିତ୍ୟ ତଥା ପ୍ରାଚୀନ ଓଡ଼ିଆ ସନ୍ଥସାହିତ୍ୟରେ 'ସପ୍ତାଙ୍ଗ' ସାଧନା ଅତି ଲୋକପ୍ରିୟ ସାଧନା ଭାବରେ ସାଧକମାନଙ୍କଦ୍ୱାରା ଗୃହୀତ ହୋଇଅଛି ।

ଗୋରେକ୍ଷ ମଲ୍ଲିକା ସଂବାଦରେ ଲିଖିତ ଷଡ଼ାଙ୍ଗ ଯୋଗଧାରଣମ୍ ବା ଷଡ଼ାଙ୍ଗଯୋଗ ବଙ୍ଗଳାରେ ଓ ପରେ ଦେବନାଗରୀ ଲିପିରେ ଉତ୍ତର ଭାରତରେ ପ୍ରଚାର ଓ ପ୍ରସାର ଲାଭ କରିବାଦ୍ୱାରା ଓଡ଼ିଆ ନାଥ ଧର୍ମର ସୁଦୂରପ୍ରସାରୀ ଲୋକପ୍ରିୟତାର ସୂଚନା ମଧ୍ୟ ପ୍ରଦାନ କରିଥାଏ ।

# ଗୋରେକ୍ଷ ସଂହିତା

**କାଳ ନିରୂପଣ :—**

ଗୋରେକ୍ଷ ସଂହିତା ଏକ ଅପ୍ରକାଶିତ ନାଥ ସାହିତ୍ୟ । ସର୍ବ-ପ୍ରଥମେ ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ 'ଗୋରେକ୍ଷ ଗୀତା ଓ ଚନ୍ଦ୍ରଶେଖର ନାଥ' ଶୀର୍ଷକ ପ୍ରବନ୍ଧରେ ଏହି ଗ୍ରନ୍ଥର ପରିଚୟାତ୍ମକ ଆଲୋଚନା କରି-ଅଛନ୍ତି । ନିଜେ ଆଲୋଚକ ଗ୍ରନ୍ଥରୁ ଯେଉଁ ଉଦ୍ଧୃତାଂଶ ତାଙ୍କର ଆଲୋ-ଚନାରେ ଦେଇଛନ୍ତି ତହିଁରେ ସ୍ପଷ୍ଟ ଲିଖିତ ଅଛି ଯେ, ଏହି ଗ୍ରନ୍ଥ ହେଉଛି 'ଗୋରେକ୍ଷ ସଂହିତା' । ଉଦ୍ଧୃତାଂଶଟି ହେଲା :—

"ଶ୍ରୀଗୁରୁ ଗୋରେକ୍ଷଙ୍କର ଅଭୟ ଚରଣ
ଚନ୍ଦ୍ରଶେଖର ନାଥଙ୍କୁ ଲଭିବା ସ୍ମରଣ ।
ଗୋରେକ୍ଷ ସଗୀତା ଶ୍ଳୋକ ଗୀତ ମୁହିଁ କଲି
ଅଗାଧ ଏ ଯୋଗ ସାର ଥଳ ନ ପାଇଲି ।"

ମୋ ପାଖରେ ଥିବା ସେହି ଗୋରେକ୍ଷ ସଂହିତାରେ ଉପରୋକ୍ତ ବର୍ଣ୍ଣନା ମଧ୍ୟ ରହିଛି :—

"ଗୋରେକ୍ଷ ସଂହିତା ଶ୍ଳୋକ ଗୀତ ମୁହିଁ କଲି
ଅଗାଧ ସେ ଯୋଗ ସାର ଥଳ ନ ପାଇଲି ।" [୬୦]

'ନାଥ ସଂପ୍ରଦାୟ' ଗ୍ରନ୍ଥରେ ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ 'ଗୋରକ୍ଷ ସଂହିତା' ଗ୍ରନ୍ଥ ସମ୍ବନ୍ଧରେ ନିମ୍ନୋକ୍ତ ବିବରଣୀ ପ୍ରଦାନ କରିଅଛନ୍ତି : "ଗୋରକ୍ଷ ସଂହିତାର ପ୍ରାୟ ସବୁ ସୂଚୀରେ ଏହି ପୁସ୍ତକର ନାମ ମିଳିଥାଏ । ପଣ୍ଡିତ ପ୍ରସନ୍ନକୁମାର କବିରତ୍ନ ଏହି ପୁସ୍ତକକୁ ସଂ ୧୯୦୯ରେ ଛପାଇଥିଲେ । ପରନ୍ତୁ ଏହି ପୁସ୍ତକ ଆଜି ଖୋଜିବାରେ ମିଳୁ ନାହିଁ । ଡଃ ବାଗଚୀ 'କୌଲଜ୍ଞାନ ନିର୍ଣ୍ଣୟ' ଭୂମିକାରେ ନେପାଳ ଦରବାର

ନିଷ୍ପତ୍ତିସକ୍ତ ପାଇଥିବା ହସ୍ତଲିପିର ସାମାନ୍ୟ ଅଂଶ ଉଦ୍ଧୃତ କରିଥିଲେ । ସୂତ୍ରକର କେତେକ ଅଂଶ ମତ୍ସ୍ୟେନ୍ଦ୍ରନାଥଙ୍କ 'ଅକୁଳବୀର ତନ୍ତ୍ର' ଗ୍ରନ୍ଥରେ ମିଳେ । ଏଥି ନିମିତ୍ତ ଏହି ଗ୍ରନ୍ଥଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ଅଟେ ।"

ଡାଃ କଲ୍ୟାଣୀ ପ୍ରସାଦ ଦ୍ୱିବେଦୀଙ୍କର ଏହି ଉକ୍ତିରୁ ଜଣା ପଡ଼େ ଯେ, 'ଗୋରକ୍ଷ ସଂହିତା' ଏକ ମୂଲ୍ୟବାନ ନାଥ ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ ଯାହାର ସମ୍ପର୍କ ମତ୍ସ୍ୟେନ୍ଦ୍ରନାଥଙ୍କର 'ଅକୁଳବୀରତନ୍ତ୍ର' ସହିତ ରହିଛି ଓ ତାହାର ବିଷୟବସ୍ତୁ ଏପର୍ଯ୍ୟନ୍ତ ଅଜ୍ଞାତ ଓ ଅନାଲୋଚିତ ହୋଇ ରହିଛି । ଚନ୍ଦ୍ରଶେଖର ନାଥଙ୍କର ଉକ୍ତି ଅନୁସାରେ ଓଡ଼ିଆ ଗୋରକ୍ଷ ସଂହିତାର ଶ୍ଳୋକକୁ ସେ ଗୀତ ଆକାରରେ କରିଅଛନ୍ତି ଏବଂ ଉକ୍ତ ଗ୍ରନ୍ଥରେ ଯୋଗ ସମ୍ବନ୍ଧୀୟ ଅଗାଧ ତତ୍ତ୍ୱର ଯେ ଅନୁକୂଳ ପାଇବାପାଇଁ ହୋଇ କହିଅଛନ୍ତି । ମନେହୁଏ ଚନ୍ଦ୍ରଶେଖର ନାଥଙ୍କର ଗୋରକ୍ଷ ସଂହିତା ପୂର୍ବୋକ୍ତ ମୂଲ୍ୟବାନ ଓ ମହତ୍ତ୍ୱପୂର୍ଣ୍ଣ ପୁସ୍ତକ ସଂସ୍କୃତ ଗୋରକ୍ଷ ସଂହିତାର ଛାୟା ବା ଅନୁବାଦ ହସ୍ତଲିପି । ଗ୍ରନ୍ଥର ଆରମ୍ଭରେ ମଧ୍ୟ କବି ଏହି ଗ୍ରନ୍ଥକୁ 'ଗୋରକ୍ଷ ସଂହିତା' ବୋଲି କହି ଅଛନ୍ତି ।

> "ଗୋରକ୍ଷ ସଂହିତା ଶ୍ଳୋକ ଗୀତ ମୁଁ କରଇ
> ଭବସିନ୍ଧୁ ତରିବାକୁ ଭେଳା ମୁଁ ବାନ୍ଧଇ ।"
>
> —(ଗୋ. ସଂ. ପୃ ୧)—

ତେଣୁ ଏହି ଗ୍ରନ୍ଥକୁ 'ଗୋରକ୍ଷ ଗୀତା' ନ କହି 'ଗୋରକ୍ଷ ସଂହିତା' କହିବା ସମୀଚୀନ ହେବ । ମୋ ପାଖରେ ଥିବା ପୋଥିଟି କଟକଜିଲାର ଚୋଲଣ ଗିରି ନାଥ ମଠରୁ ମିଳିଥିଲା । ଗ୍ରନ୍ଥର ପରିଶେଷରେ ଲେଖା ଅଛି :—

"ଏ ପୋସ୍ତକ ଲେଖନକାରୀ ଅଧୀ ବଳରାମ ପାତ୍ର । ସ୍ଥା । ଚୋଲଣଗିରି, ସମସ୍ତ ମୁକୁନ୍ଦଦେବ ମହାରାଜାଙ୍କ ଅ ୨୧ଙ୍କ ସ୍ନ ୧୩୦୫ ସାଲ ସାହି ମକର ୧ ଦିନ ବୁଧବାର ବେଳେ ଚଉଘଣ୍ଟା ସମୟରେ ଏ ପୋସ୍ତକ ସମାପ୍ତ ହୋଇଲା । ଏ ପୋସ୍ତକ । ଗ୍ରା । ଅଳକଦେବ ଗୋପାଳପୁର ମୌ : ଚୋଲଣଗିରି ମଠ ମହନ୍ତ ଶ୍ରୀ ଧନେଶ୍ୱର ନାଥଙ୍କର ପ୍ରମାଣ ଏ ପୋସ୍ତକ ।" ପୃ ୧୩୬ । ତେଣୁ ଜଣାଯାଏ ଯେ, ପୋଥିଟି ୭୧ ବର୍ଷ ତଳେ ଲେଖାଯାଇଥିବ ।

ଗ୍ରନ୍ଥ ରଚନାର ଠିକ୍ ସମୟ ନିରୂପଣ କରିବା କଠିନ । ତାଙ୍କର ଜନ୍ମ, କାଳ ଓ ବାସସ୍ଥାନ ସମ୍ବନ୍ଧରେ ମଧ୍ୟ ଆମ୍ଭେମାନେ ଅଜ୍ଞାତ । ଆମେ ଭାଷାର ରୂପରେଖରୁ ଆନୁମାନିକ ଭାବରେ ସମୟ ନିରୂପଣ କରିପାରିବା । ଗୋରେଖ ସଂହିତାରେ ନାଥ ସାହିତ୍ୟର ଅନ୍ୟତମ ବହୁ ପ୍ରାଚୀନ ରଚନା 'ଶିଶୁବେଦ'ର ଉଲ୍ଲେଖ ଦେଖିବାକୁ ପାଉଅଛି । ଏହି ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ, 'ଶିଶୁବେଦରୁ' ଗୋରେଖନାଥଙ୍କର ଉତ୍ପତ୍ତି ଘଟିଛି ଓ ସେହି ଶିଶୁବେଦର ସୃଷ୍ଟି ( ହେଉଛି ଲକ୍ଷଟରେ ।

"ଅନୁପଟି ରେଖ ଶିଶୁବେଦ ସେହିଠାରୁ
ଶିଶୁବେଦ ଭିତରୁ ଯେ ଗୋରେଖ ଅବତାର ।୨୩୭।
ନିରାଲମ୍ବ ଲକ୍ଷଟରେ ଶିଶୁବେଦ ସୃଷ୍ଟି
ଶିଶୁବେଦ ଭିତରୁ ଗୋରେଖ ଉତ୍ପତ୍ତି ।" ୨୩।

ଏହି ପଦରୁ ଜଣାଯାଏ ଯେ, 'ଶିଶୁବେଦ' ରଚନା ପରେ 'ଗୋରେଖ ସଂହିତା' ରଚିତ ହୋଇଛି । ଶିଶୁବେଦର ରଚନା ଆନୁମାନିକ ଖ୍ରୀ· ଚତୁର୍ଦ୍ଦଶ ଶତାବ୍ଦୀ ଧରାଯାଇଛି (ସନ୍ଦର୍ଭ ଶିଶୁବେଦ ଆଲୋଚନା ଦ୍ରଷ୍ଟବ୍ୟ) । କିନ୍ତୁ କେତେକ ପ୍ରାଚୀନ ଶବ୍ଦର ବ୍ୟବହାରରୁ ଜଣାପଡେ ଯେ, ଏହି ଗ୍ରନ୍ଥଟିର ରଚନା ସମୟ ଖ୍ରୀ. ଷୋଡ଼ଶ ଶତାବ୍ଦୀ ହୋଇପାରେ । ଭିନ୍ନ ପ୍ରାଚୀନ ଶବ୍ଦର ପ୍ରୟୋଗରେ ଶୁଣିମାଳ, ଘରବାଳ, ହୁଟମନ୍ତ୍ର, ଶୁଦ୍ଧମନ୍ତ୍ର, ଅପାମ୍ବର, କେବଣ, ଯେବଣ, ଘଟରେଣ, ଦିମାହରେଣ, ଜାପ୍ୟମନ୍ତ୍ର, ସମ୍ଭାଳ, କହୁ, ହାଟେ, ନେବଣହିଁ, କେବଳଲି, ଉଦୁଆ, ବ୍ରହ୍ମବୃନ୍ଦ, ସପ୍ତଦଳ, ଶୁଣସି, କହସି, ଅଚମ୍ଭିତ, ଅଃଘାତ୍ରତ, ଉପୁଜଣ, ଘୁଗଳ, ଏକାମ୍ବର, ଯାଜନଛି, ବଇଶଣୀ, ଜବାଡ଼, ଭର୍ଜନ ପ୍ରଭୃତି ଶବ୍ଦ ଯାହା ସାରଳା ମହାଭାରତକାଳୀନ ଶବ୍ଦ ସହିତ ସମକକ୍ଷ । ସାରଳା ମହାଭାରତ ଖ୍ରୀ· ପଞ୍ଚଦଶ ଶତାବ୍ଦୀର ରଚନା । ଖ୍ରୀ. ପଞ୍ଚଦଶ ଶତାବ୍ଦୀ ପରେ ପ୍ରାୟ ଆହୁରି ୧୦୦ ବର୍ଷ ଅଧିକ ସମୟ ବିତିଯାଏ ହେତେବ ସାରଳା ଯୁଗର ଏହି ଶବ୍ଦ ଶବ୍ଦସମ୍ଭାର ନେଇ ଖ୍ରୀ. ଷୋଡ଼ଶ ଶତାବ୍ଦୀ ବେଳକୁ 'ଗୋରେଖ ସଂହିତା' ରଚିତ ହୋଇଥିବା ସମ୍ଭବ ।

# ଗୋରେକ୍ଷ ସଂହିତା ଆଲୋଚନା

ପ୍ରଥମେ ଗ୍ରନ୍ଥକାର ଗ୍ରନ୍ଥ ଆରମ୍ଭରେ ଅନାଦି, ନିରାଶ୍ରୟ ନିରାକାର ନିରଂଜନଙ୍କୁ ବନ୍ଦନା କରି ବିଷୟବସ୍ତୁର ଅବତାରଣା କରିଅଛନ୍ତି । ଗୁରୁ ହାଡ଼ିପା ଓ ଗୋବିନ୍ଦଚନ୍ଦ୍ରଙ୍କର ଉକ୍ତି ପ୍ରତ୍ୟୁକ୍ତିରେ ମତ୍ସ୍ୟେନ୍ଦ୍ର ନାଥ ବା ମୀନ ନାଥଙ୍କର ଜନ୍ମ କାହାଣୀ ବର୍ଣ୍ଣିତ ହୋଇଅଛି । ପ୍ରଥମେ ଗୋରେଖଙ୍କର ଜନ୍ମ ବିଷୟ ଉଲ୍ଲେଖ କଲା ପରେ କବି ମତ୍ସ୍ୟେନ୍ଦ୍ର ନାଥଙ୍କ ସମ୍ବନ୍ଧରେ କହି ଅଛନ୍ତି ଯେ, ସତ୍ୟ ଯୁଗରେ ଅନାଦି ଗୋସାଇଁ ମହା-ଯୋଗ ନିଦ୍ରାରେ ଅଭିଭୂତ ଥିବାବେଳେ ସେ ଚକ୍ଷୁ ଉନ୍ମୀଳନ କରି ସମ୍ମୁଖରେ କମଳାଙ୍କୁ ଦେଖିଲେ ଓ ତାଙ୍କର ବୀର୍ଯ୍ୟ ସ୍ଖଳିତ ହେଲା । ସେହି ବୀର୍ଯ୍ୟ ଉଦକ ମତ୍ସ୍ୟଦ୍ୱାରା ଭକ୍ଷିତ ହେଲା । କ୍ରମେ ମତ୍ସ୍ୟ ପାକଳ ହୀରକୁ ଯାଇ ସେଠାରେ କୈବର୍ତ୍ତଦ୍ୱାରା ଧରାଯାଇ କର୍ତ୍ତିତ ହୁଅନ୍ତେ ତନ୍ମଧ୍ୟରୁ ମତ୍ସ୍ୟେନ୍ଦ୍ର ନାଥଙ୍କର ଜନ୍ମ ହେଲା ।

"ଦେଖିଲାକ ମତ୍ସ ଯୋଗ ହୋଇଛନ୍ତି ବଳି
ଯୋଗ ପଥ ଉଧାରିବା ପ୍ରାପ୍ତେ ମୋତେ ବଳି ।୧୩୦।"

ରାଜା ଏହି ବିଷୟ ଜାଣି ତାର କେଉଟଙ୍କୁ ଉକ୍ତ ସନ୍ତାନ ପ୍ରତି-ପାଳନ କରିବା ନିମିତ୍ତ ଆଦେଶ ଦେଲେ । ମତ୍ସ୍ୟେନ୍ଦ୍ରନାଥ ବଡ଼ ହୋଇ ଯିବା ପରେ ପିତାଙ୍କଠାରୁ ମେଲଣି ମାଗି ଦେଶ ପର୍ଯ୍ୟଟନ ନିମିତ୍ତ ବାହାରିଲେ । ପର୍ଯ୍ୟଟନର ଉଦ୍ଦେଶ୍ୟ ହେଲା ଯୋଗ ସାଧନା ଓ ତାହା ବଳରେ ଅମର କାୟା ଲାଭ କରିବା । ତୀର୍ଥ ପର୍ଯ୍ୟଟନ କରି ମତ୍ସ୍ୟେନ୍ଦ୍ର କପିଳାସ ଯାଇଁ ସେଠାରେ ହରଙ୍କୁ ଦର୍ଶନ କରି ତାଙ୍କର ନିର୍ଦ୍ଦେଶରେ ଏକ ବକୁଳ ଗଛ ମୂଳକୁ ଯାଇ ଯୋଗ ସାଧନ କଲେ । ଏଠାରେ ଯେଉଁ ଯୋଗ ସାଧନାର ବର୍ଣ୍ଣନା ଦିଆ ଯାଇଛି ତାହା ଓଡ଼ିଶୀ ବୈଷ୍ଣବ ଧର୍ମର ଯୋଗ ସାଧନାର ଧାରା ।

"ଚଉରାଶି ଆସନ ଅଷ୍ଟାଙ୍ଗ ଯୋଗ ଯେତେ
ସଂଭୃଣ ଖାଣ୍ଡା ଷୋଳ ଉମ୍ଭରୁ ସହିତେ ।୧୩୮।
ବ୍ରହ୍ମ ରନ୍ଧ୍ର ଘର ବାଟେ ପବନର ଭେଟ
ସୁଷମ୍ନା ହାର କରି ଭେଦ ଗୋଲହାଟ ।

ଅନନ୍ତ ମଣ୍ଡଳରେ ସେ ପରମ ହଂସ ଥାଇ
ଅଜପା ଜପିଲେ ସେ ତାହାଙ୍କୁ ଭେଟ ପାଇ ।
× × ×
ହୃଦ ପଦ୍ମ ଉପରେ ପରମ ହଂସ ବାସ
ଅଲପ ଅଲପ କରି ବଳାଅ ଅଭ୍ୟାସ
ନାମକୁ ଅମନ ହୋଇ ରଖ ତାର ପାଦେ
ଭ୍ରମର ଗୁଂଫାରେ ହଂସ ଅଛଇ ଅଭେଦେ ।"୧୫୪।

ଏହାପରେ ଶିବ ମତ୍ସ୍ୟେନ୍ଦ୍ରଙ୍କର ଜ୍ଞାନ ଶକ୍ତି ତାଙ୍କୁ ନାଥ ଧର୍ମରେ ଦୀକ୍ଷିତ କଲେ । ଶିବ ତାଙ୍କୁ ପରେ କହିଲେ ଯେ, ସେ ଅନନ୍ତ କୋଟି ବ୍ରହ୍ମାଣ୍ଡର ପିଣ୍ଡ ହେବେ ଓ ତାଙ୍କର ଚେଲା ହେବେ ଗୋରେଖ ନାଥ ।

ମତ୍ସ୍ୟେନ୍ଦ୍ରନାଥ ଭୈରବଙ୍କଠାରୁ ଶିକ୍ଷା ନେବା ପରେ ପୁନର୍ବାର ଦେଶ ପର୍ଯ୍ୟଟନରେ ବାହାରିଲେ । ସପ୍ତଦ୍ୱୀପ ସପ୍ତସିନ୍ଧୁ ଭ୍ରମଣ ପରେ ସେ ଲୋକାଲୋକ ପର୍ବତର ଗୁମ୍ଫାରେ ଚତୁର୍ବର୍ଷ ଧରି ଯୋଗ ସାଧନା କଲେ । ଏହି ଯୋଗ ସାଧନାର ପ୍ରସଙ୍ଗରେ ଗୋରେଖ ନାଥଙ୍କ ଜନ୍ମକଥା କୁହାଯାଇଛି ଯେ, ମହାବିଷ୍ଣୁଙ୍କର ବ୍ରହ୍ମ କପାଳରେ ସ୍ୱେଦ କଣିକାରୁ ଗୋରେଖନାଥଙ୍କର ଜନ୍ମ ହେଲା ।

"ରେଣୁ ଜାତ ହୋଇ ନାମ ବୋଲାଏ ଗୋରେଖ
ଇନ୍ଦ୍ରଂ କଲ୍ପହଣ ସେ ପାଇବ ମହାସୁଖ ।୧୫୫।"

ତତ୍ପରେ 'ଯୋଗମାୟାଙ୍କ' ଆଜ୍ଞାରେ ସେ ଗୋଲୋକରୁ ମର୍ତ୍ତ୍ୟକୁ ଅବତରଣ କଲେ । ଯୋଗମାୟା ତାଙ୍କୁ ଅନାଥ ଗିରି ଉପରେ ରଖି ଦେଇ ଆସିଲେ । ସେ ସେଠାରୁ ପର୍ବତ କନ୍ଦରର ନିର୍ଗତ ଜଳ ସ୍ରୋତରେ ଆସି ତପସାଧନରତ ମତ୍ସ୍ୟେନ୍ଦ୍ରଙ୍କ ନିକଟରେ ପହଞ୍ଚିଲେ । ଗୋରେଖ ନାଥ ମତ୍ସ୍ୟେନ୍ଦ୍ରଙ୍କୁ ଦେଖିବା ମାତ୍ରେ ତାଙ୍କର ପୂର୍ବକଥା ସ୍ମରଣ ହେଲା । ଗୋରେଖ ନାଥ ତାଙ୍କୁ କର୍ଣ୍ଣ ଚିରଇ ମନ୍ତ୍ରୋପଦେଶ ଦେବା ପାଇଁ କହିବାରୁ ଉଭୟେ ହିମାଳୟ ପର୍ବତକୁ ଆସିଲେ ଓ ଉଭୟ ରୁଦ୍ରାକ୍ଷ-ବୃକ୍ଷ ମୂଳେ ଉପବିଷ୍ଟ ହେଲେ । ଉଭୟଙ୍କ ମଧ୍ୟରେ ଯୋଗ ମାର୍ଗ ସମ୍ବନ୍ଧୀୟ ବିଭିନ୍ନ ତତ୍ତ୍ୱର ଆଲୋଚନା ହୋଇଛି । ସୃଷ୍ଟି ପ୍ରକ୍ରିୟା, ଜ୍ଞାନଯୋଗ, ବ୍ରହ୍ମଜ୍ଞାନ, ଶବ୍ଦ, ରବିଚନ୍ଦ୍ର, ଶୂନ୍ୟ, ବିଭିନ୍ନ ଚକ୍ର ସମ୍ବନ୍ଧୀୟ ତତ୍ତ୍ୱ

ଗୋରେକ୍ଷ ଓ ମତ୍ସ୍ୟେନ୍ଦ୍ରଙ୍କ ମଧ୍ୟରେ ଆଲୋଚନା ହୋଇଛି । ଏହି ପର୍ଯ୍ୟାୟରେ ଗୋରେକ୍ଷ ପ୍ରଶ୍ନ ପଚାରିଛନ୍ତି ଓ ମତ୍ସ୍ୟେନ୍ଦ୍ର ନାଥ ତାହାର ଉତ୍ତର ପ୍ରଦାନ କରି ଅଛନ୍ତି । ଏହି ପ୍ରଶ୍ନ ଓ ଉତ୍ତରଗୁଡ଼ିକ ହେଉଛି ନାଥ ଧର୍ମ ଓ ଦର୍ଶନର ନିଗୂଢ଼ ତତ୍ତ୍ୱ । ଗୋରେକ୍ଷ ସଂହିତାରେ ଏହି ବିଷୟଟି 'ଗୋରେକ୍ଷ ବୋଧ'ର ରୂପାନ୍ତର ମାତ୍ର ।

ଏହା ପରେ ଗୋବିନ୍ଦ ଚନ୍ଦ୍ର ଓ ହାଡ଼ିପାଙ୍କ କଥୋପକଥନ ମାଧ୍ୟମରେ ଗୋରେକ୍ଷ ନାଥ ଓ ମତ୍ସ୍ୟେନ୍ଦ୍ର ନାଥଙ୍କର ବିଷୟ ବର୍ଣ୍ଣିତ ହୋଇଛି । ବଦ୍ରିକା କ୍ଷେତ୍ରରୁ ଗୋରେକ୍ଷ ଓ ମତ୍ସ୍ୟେନ୍ଦ୍ର ଉଭୟ ପ୍ରୟାଗ ତୀର୍ଥକୁ ଯାତ୍ରା କରି ଅଛନ୍ତି । ଗୋରେକ୍ଷ ନାଥ ମତ୍ସ୍ୟେନ୍ଦ୍ର ନାଥଙ୍କୁ କଦଳୀ ଦେଶରେ ଭେଟିବେ ବୋଲି କର୍ଣ୍ଣାଟକ ନାମକ ଦେଶରେ ପ୍ରବେଶ କଲେ । ସେଠାରେ ଗୋରେକ୍ଷନାଥଙ୍କୁ ଲୋକେ କେହେ ମାନ୍ୟ କଲେ ନାହିଁ । ଏପରିକି ଜଳ ନିମିତ୍ତ ଜଣେକ ମହାଜନ ଦ୍ୱାରକୁ ଗଲେ ମଧ୍ୟ ତାଙ୍କୁ କେହି ଜଳ ବିନ୍ଦୁଏ ସୁଦ୍ଧା ଦେଲେ ନାହିଁ । ଗୋରେକ୍ଷ ନାଥ ଜଳ ନ ପାଇ କ୍ଷୁବ୍ଧ ହୋଇ ଅସନ୍ତୁଷ୍ଟ ହେଲେ । ଗୋରେକ୍ଷ ନାଥ ରାଜ୍ୟରୁ ଜଳ ହରଣ କରିନେଲେ । ରାଜ୍ୟର ରାଜା ଗୋରେକ୍ଷ ନାଥଙ୍କ ଆଶ୍ରିତ ହୋଇ କର୍ଣ୍ଣ ଛିଦ୍ର ଦୀକ୍ଷା ନେଲେ ଓ ରାଜ୍ୟରେ ପୁନର୍ବାର ଜଳବୃଷ୍ଟି ହେଲା ।

ଏହାପରେ ଗୋରେକ୍ଷନାଥ କାଶୀର କାଶୀବିଶ୍ୱନାଥଙ୍କ ନିକଟରେ ଯୋଗ ସାଧନ କଲେ ଓ ମତ୍ସ୍ୟେନ୍ଦ୍ର ନାଥ ବିଭିନ୍ନ ତୀର୍ଥ ପର୍ଯ୍ୟଟନରେ ସେଠାରୁ ବାହାରିଲେ । ବିଭିନ୍ନ ସ୍ଥାନ ଭ୍ରମଣ ପରେ ମତ୍ସ୍ୟେନ୍ଦ୍ର କୁଶଦ୍ୱୀପକୁ ଯାଇ ଚତୁର୍ମାସ୍ୟ ଯାପନ କରିବା ବିଷୟ ଗୋରେକ୍ଷ ସଂହିତାରେ ବର୍ଣ୍ଣିତ ଅଛି । କୁଶ ଦ୍ୱୀପରେ ରହିବା ସମୟରେ ମତ୍ସ୍ୟେନ୍ଦ୍ର ନାଥ କୁଶନଗର ରାଜଦୁହିତା 'କମଳା'ଙ୍କୁ ବିବାହ କରି ଉଭୟେ 'କଦଳୀ' କ୍ଷେତ୍ରକୁ ଯାଇ ଗୋରେକ୍ଷ ନାଥଙ୍କୁ ଭେଟିବା ବିଷୟ ବର୍ଣ୍ଣନା କରାଯାଇଛି ।

କୁଶଦ୍ୱୀପରୁ ଜମ୍ବୁ ଦ୍ୱୀପକୁ ଆସି ସେଠାରେ ବନ ମଧ୍ୟରେ ପର୍ଣ୍ଣ କୁଟୀର ରଚନା କରି ଉଭୟେ ବାସ କରିବାର ବିଷୟ କବି ସୁନ୍ଦର ଭାବରେ ରୂପାୟିତ କରି ଅଛନ୍ତି । ବନର ପ୍ରାକୃତିକ ଶୋଭା ବର୍ଣ୍ଣନାରେ କବିଙ୍କର କବିତ୍ୱ କେତେକାଂଶରେ ପ୍ରତିଫଳିତ ହୋଇଛି ।

"ନାନା ମନୋହର ବୃକ୍ଷମାନେ ଶନ୍ତୁ ଶନ୍ତି
କସ୍ତୁରୀ ନାରଙ୍ଗ ଟଭା ପଣସ ଅଛନ୍ତି ।୭୦୭।
ଶାଳ ଯୁଇ ଅଶଂକା ଦ୍ରାକ୍ଷା ବର ଜୋନା
ମନ୍ଦାର ଚମ୍ପକ ସେ ତଗର ଗୁଲଜୋନା ।୭୦୮।
X X X X
ଅଶ୍ୱତ୍ଥ ଗନ୍ଧନ ଚମ୍ପ ଜନକ ବୃକ୍ଷମାନ
ମୋନକର୍ଣ୍ଣ ପାରୁଷେ ଶୋଭନ୍ତି ଯେଷ୍ଟା ସ୍ଥାନ ।୭୧୦।
ବନର ମଧ୍ୟରେ ସେ ଯେ ଅଛଇ ପୋଖରୀ
ଅଷ୍ଟମ୍ବ ଶୁଆଦ ଜଳ ନିର୍ମଳ ସେ ବାରି ।୭୧୧।
ଚାରିକଣର ପାବଚ୍ଛ ବାନ୍ଧିଲା ଧାଡ଼ି ଧାଡ଼ି
ମଧ୍ୟରେ ଶୋଭନ ଅଛଇ ପାପ ଦଣ୍ଡୀ ।୭୧୨।
X X X X
ଅବସନ୍ତେ ବସନ୍ତ ବହଇ ଘନ ଘନ
ମହାରମ୍ୟ ସ୍ଥାନେଣ ହରିଲା ତାଙ୍କ ମନ ।"

ଏହି ସ୍ଥାନରେ କମଳାଙ୍କର ଗର୍ଭରେ ମତ୍ସ୍ୟେନ୍ଦ୍ର ନାଥଙ୍କର ପୁତ୍ର ଜନ୍ମ ହେଲା ଓ ପୁତ୍ରର ନାମ ହେଲା 'ମୀନନାଥ' ।

ଏହି ପ୍ରସଙ୍ଗ ପରେ କାଶୀ କ୍ଷେତ୍ରରେ ଗୋରେଖ ନାଥଙ୍କର ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ସେଠାରେ ବେଦବାଦୀ ବ୍ରାହ୍ମଣ ପଣ୍ଡିତଗଣ ଗୋରେଖଙ୍କର ଯୋଗୀବେଶ ଓ ଧ୍ୟାନ ଦର୍ଶନ କରି ଉପହାସ କରନ୍ତେ ଗୋରେଖନାଥ ସେମାନଙ୍କୁ ନିଜେ ବେଦ ନ ଶୁଣାଇ କୁକୁର ମୁଖରେ ବେଦ ଶୁଣାଇ ଆଶ୍ଚର୍ଯ୍ୟ କରାଇ ଦେଲେ । ଗୋରେଖ ନାଥ ସେମାନଙ୍କୁ ପଞ୍ଚମ ବେଦ ବା 'ଶିଶୁବେଦ'ର ବିଷୟ ଜାଣି ନ ଥିବାର କଥା କହିଛନ୍ତି ।

"ଗୋରେଖ ବୋଇଲେ ତୁମେ ଶୁଣ ବିପ୍ରମାନେ
ଆମ୍ଭଙ୍କୁ ନ ଚିହ୍ନି ତୁମ୍ଭେ ହୋଇବ ଅଗ୍ୟାନେ ।
ଚତୁର୍ବେଦ ପଢ଼ି ତୁମ୍ଭେ ଏତେ ଗର୍ବ କର
ପଞ୍ଚମ ବେଦର ଭେଦ ଜାଣିନ ନକର ।

ଶିଶୁବେଦ ବସ୍ତୁର ତ ଭୁମେ ନ ଜାଣିଲ
ଚତୁର୍ବେଦ ଶାସ୍ତ୍ର ପଢ଼ି କଥା ଯେ ହୋଇଲ ।୬୫୯।”

ବ୍ରାହ୍ମଣମାନେ ପଞ୍ଚମ ବେଦର ତତ୍ତ୍ୱ ଗୋରେଖଙ୍କୁ ପଚାରନ୍ତେ ଗୋରେଖନାଥ ମାଡରେ ଶୋଇଥିବା କୁକୁରକୁ ତାହା ପଢ଼ିବାକୁ କହିଲେ ଓ କୁକୁର ତାହା ପଢ଼ିବାକୁ ଲାଗିଲା । ଏଥିରେ ବ୍ରାହ୍ମଣମାନେ ଅପମାନିତ ହୋଇ ଗୋରେଖ ନାଥଙ୍କର ଶରଣାପନ୍ନ ହେଲେ ।

ଏହାପରେ କବି ଗୋରେଖ ନାଥଙ୍କର ଓଡ଼ିଶାର ବିଭିନ୍ନ ସିଦ୍ଧ ପୀଠ ବର୍ଣ୍ଣନରୁ ତଥ୍ୟ ପ୍ରଦାନ କରି ସ୍ୱଦେଶ ପ୍ରେମର ପରାକାଷ୍ଠା ପ୍ରଦାନ କରିଅଛନ୍ତି । ଏହି ପ୍ରକାର ସ୍ୱଦେଶବତ୍ସଳତା ବା ସ୍ଥାନସ୍ଥ ପ୍ରସିଦ୍ଧ ସ୍ଥାନଗୁଡ଼ିକରୁ ଜଣେଇବା ଧାରା କବି ମହାଭାରତକାର ସାରଳାଦାସଙ୍କ ରଚନାଦ୍ୱାରା ପ୍ରଭାବିତ ହୋଇଥିବାର ମନେ ହୋଇଥାଏ ।

ଗୋରେଖନାଥଙ୍କର ଓଡ଼ିଶାର ବିଭିନ୍ନ ତୀର୍ଥ ସ୍ଥାନ ଓ ସିଦ୍ଧ ପୀଠ ବର୍ଣ୍ଣନା ପ୍ରସଙ୍ଗରେ ସେ ଯାଜପୁରର ବିରଜା, ଲୋକନାଥ, ଭୁବନେଶ୍ୱରର ଲିଙ୍ଗରାଜ ଓ ପୁରୁଷୋତ୍ତମ କ୍ଷେତ୍ର ପ୍ରଭୃତି ଦର୍ଶନର ବର୍ଣ୍ଣନା ଦେଇ ଅଛନ୍ତି । ବିଭିନ୍ନ ସିଦ୍ଧାଶ୍ରମମାନଙ୍କ ପ୍ରସଙ୍ଗରେ ସେ ନାଥମାନଙ୍କର ବାର ଗୋଟି ପନ୍ଥର ବିଭିନ୍ନ ଖଣ୍ଡ ମଠ ବେଶଭୂଷାର ସୁନ୍ଦରବର୍ଣ୍ଣ ସୂଚନା ଦେଇ ଅଛନ୍ତି ।

ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ ପରେ, ଗୋରେଖ ନାଥ କପିଳାସ ଓ ଲଙ୍କାଗଡ଼କୁ ଯାଇଛନ୍ତି ଓ ସେଠାରେ ମନ୍ଦୋଦରୀ ତାଙ୍କର ଶିଷ୍ୟା ହୋଇଛନ୍ତି । ଲଙ୍କାରୁ ଗୋରେଖ ନାଥ କଦଳୀକ୍ଷେତ୍ରକୁ ଆସି ସେଠାରେ ଗୁରୁ ମତ୍ସ୍ୟେନ୍ଦ୍ରନାଥଙ୍କୁ ଭେଟି ଅଛନ୍ତି । ସେ କଦଳୀ କ୍ଷେତ୍ରକୁ ଯାଇ ଦେଖିଲେ ଯେ, ମତ୍ସ୍ୟେନ୍ଦ୍ରନାଥ ରୁଦ୍ରାକ୍ଷ ବୃକ୍ଷ ମୂଳରେ ଧ୍ୟାନରତ ଓ କିଛି ଦୂରରେ ତାଙ୍କର ପୁତ୍ର ମୀନନାଥ ରହିଅଛନ୍ତି । ଗୋରେଖନାଥ ଗୁରୁଙ୍କ ସହିତ ବିଭିନ୍ନ ତୀର୍ଥ ଭ୍ରମଣର ଅନୁଭୂତି ବର୍ଣ୍ଣନା କରି କଦଳୀ କ୍ଷେତ୍ରରେ ଦିନକର ବିଶିଷ୍ଟ ଘଟଣା ସୁନ୍ଦରଭାବେ ଲିପିବଦ୍ଧ କରି ଅଛନ୍ତି । ତାହା ହେଉଛି ଯେ, ଥରେ ମତ୍ସ୍ୟେନ୍ଦ୍ରଙ୍କ କୋଡ଼ରେ ମୀନନାଥ ବସିଥିବା ସମୟରେ ନିକଟସ୍ଥ ପୁଷ୍କରିଣୀରେ ପୁତ୍ରକୁ ଶୌଚକରି ଆଣିବାପାଇଁ ମତ୍ସ୍ୟେନ୍ଦ୍ର ଗୋରେଖନାଥଙ୍କୁ ଆଦେଶ ଦେଲେ । ଗୋରେଖ ମୀନନାଥଙ୍କୁ

ନେଇ ତାଙ୍କର ଅନ୍ତଃପୁରିକା ରାଣୀ ପୁଷ୍କରିଣୀ କୂଳରେ ଶୁଆଇ ଦେଇ ଆସିଲେ । ମତ୍ସ୍ୟେନ୍ଦ୍ର ଓ ରାଣୀ କମଳା ଏହି ବିଷୟ ଶୁଣି ଅସ୍ଥିର ହୋଇ ଉଠନ୍ତେ ଗୋରେଖନାଥ ସ୍ୱସିଦ୍ଧି-ବଳରେ ମୃତ ପୁତ୍ରକୁ ଜୀବନ୍ୟାସ ଦେଲେ । ଗୋରେଖନାଥ 'ମୀନନାଥ' 'ମୀନନାଥ' ଡାକନ୍ତେ ମୀନ-ନାଥଙ୍କର ମୃତ ଶରୀର ଉଜ୍ଜୀବିତ ହୋଇ ଉଠିଲା । ଗୋରେଖ ସ୍ୱସିଦ୍ଧିର ଚମତ୍କାରିତା ଦେଖାଇବାକୁ ଯାଇ କହିଲେ :

"ଗୋରେଖ ହୋଇଲେ ତୁମ୍ଭେ ଶୁଣ ଗୁରୁଦେବ
ଯୋଗୀ ଘରେ ଜନ୍ମ ଯେବେ କମାଇ ମରିବ ।"[୮୨]

କଦଳୀ ଦେଶରୁ ଗୋରେଖ ନାଥ ପୁନଶ୍ଚ ମତ୍ସ୍ୟେନ୍ଦ୍ରନାଥଙ୍କଠାରୁ ବିଦାୟ ମାଗି ଦେଶ ଭ୍ରମଣରେ ବାହାରିଲେ । ଗନ୍ଧର୍ବ ନଦୀ ତୀରସ୍ଥ ମନୋହର ବନରେ ଗୋରେଖ ଶିବ ପାର୍ବତୀଙ୍କୁ ଭେଟିବାର ବିଷୟ ବର୍ଣ୍ଣିତ ହୋଇଛି ଓ ଶିବ ପାର୍ବତୀ ମଧ୍ୟ ଗୋରେଖଙ୍କ ଅପୂର୍ବ ସିଦ୍ଧିର ପ୍ରଶଂସା କରିଅଛନ୍ତି । ଏହି ସ୍ଥଳରେ ଶିବ ପାର୍ବତୀ ଗୋରେଖଙ୍କ ସହିତ ଚଉରାଅଶୀ ସିଦ୍ଧାଚାର୍ଯ୍ୟଙ୍କୁ ଏକ 'ଅମୃତମନୋହର ଭାତ' ଓ 'ଷଡ଼ରସ' ଭୋଜନ ପାଇଁ ନିମନ୍ତ୍ରଣ କରିଅଛନ୍ତି । ନବନାଥ ଓ ସିଦ୍ଧାଚାର୍ଯ୍ୟଗଣ କପିଳାସରେ ହୁଣ୍ଡୀଭୂତ ହୋଇ ହରପାର୍ବତୀଦତ୍ତ ଭୋଜନରେ ଆପ୍ୟାୟିତ ହୋଇ ଅଛନ୍ତି ।

ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରସଙ୍ଗରେ ଗ୍ରନ୍ଥକାର ସୁପ୍ରସିଦ୍ଧ 'ଶାଳବାହନ ନୃପତି ଉପାଖ୍ୟାନ' ବା 'ଚଉରଙ୍ଗୀ' ପ୍ରସଙ୍ଗ ଆଲୋଚନା କରି ଅଛନ୍ତି ଯାହାର ବିସ୍ତୃତ ବିବରଣୀ ଓ ଉପାଖ୍ୟାନ ସନ୍ଦର୍ଭରେ ପୂର୍ବରୁ ପ୍ରଦତ୍ତ ହୋଇଅଛି । ଗ୍ରନ୍ଥକାର ଏହି ସ୍ଥଳରେ ଚଉରାଅଶୀ ସିଦ୍ଧଙ୍କର ନାମୋଲ୍ଲେଖ କରିଅଛନ୍ତି ଓ ତନ୍ମଧ୍ୟରୁ ଅଧିକାଂଶ ନାମ କାଳ୍ପନିକ ହୋଇ ମନେ ହୋଇଥାଏ । ଚଉରାଅଶୀ ସିଦ୍ଧଙ୍କୁ ପାର୍ବତୀ ଅନ୍ନ ବ୍ୟଞ୍ଜନ ପରି-ବେଷଣ କରିବା ବେଳେ ଗ୍ରନ୍ଥକାର ପାର୍ବତୀଙ୍କର ଯେଉଁ ଅନୁପମ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଅଛନ୍ତି ତହିଁରେ କବିଙ୍କର ସ୍ପଷ୍ଟ ମୁଦ୍ରାଙ୍କ ଅଙ୍କିତ ରହିଛି । ଯଥା :—

"ଆରତ ଯେ ମହାମାୟା ସେ ଅମୃତ ହସ୍ତ ଭରି
ପାତେ ସିଦ୍ଧ ପାତେ ସେ ଯେ ଇସ୍ପୁଣ କରି ।

ମୁକୁତା ସୁବର୍ଣ୍ଣ ମଣି ଗଳାରେଣ ଘଷି
ମୁନିମାନେ ମୋହ ହେବେ ରୂପ ଅନୁସରି ।
ଲଲାଟେ ସିନ୍ଦୁର ବିନ୍ଦୁ ଶିରେ ପୁଷ୍ପ ଗଭା
କର୍ଣ୍ଣରେ ମୁକୁତା କାପ ଦିଶେ ଅତି ଶୋଭା ।
ସୁବର୍ଣ୍ଣ ନିର୍ମିତ ହାର ହସ୍ତେ ଚୂଡ଼ି ଭରି
ପଦ୍ମରେ ନେପୁର ଦୁଇ ବାଜେ କି ମାଧୁରି ।
ହସ୍ତରେ ମୁଦ୍ରିକାମାନ ଅତି ଝଳମଳ
ବାହାରେ ବାହୁଟି କଣ୍ଠେ ମାଳା ଶୋଭେଘନ ।
ଶିରରେ ମୁକୁତା ଜାଲି କଟୀରେ ମେଖଳା
ଝଳମଳେ ଯୌବନେକେ ନାଚଇ ଚଞ୍ଚଳା ।
ପାଷାଣ ହିଁ ଦେଖିଲେ ହୋଇବ ଜଳ ଜଳ
ଋଷି ତପୀମାନେ ପିନ୍ଧା ମନୁଷ୍ୟ କଥାର ।"

ପାର୍ବତୀ ସିଦ୍ଧମାନଙ୍କୁ ଖାଦ୍ୟ ପରିବେଷଣ କରିବା ସମୟରେ ସେମାନଙ୍କର ସିଦ୍ଧି ପରୀକ୍ଷା ନିମିତ୍ତ ଅନେକ ସୁନ୍ଦରୀ କନ୍ୟା ସ୍ବଶରୀରରୁ ସୃଷ୍ଟି କଲେ । ପରିଶେଷରେ ସେ ଦେଖିଲେ ଯେ, ଗୋରେଖ ହିଁ ଅବିଚଳିତ ରହିଅଛନ୍ତି ଓ ଅନ୍ୟମାନଙ୍କ ମନରେ ଚଞ୍ଚଳତା ଆସିଛି । ଭୋଜନଶେଷ ପରେ ଗୋରେଖନାଥ ପ୍ରସ୍ଥାନୋଦ୍ୟତ ହୁଅନ୍ତେ ଦେବୀ ତାଙ୍କର ଅନୁସରଣ କଲେ । ପଥରେ ଦେବୀ ତାଙ୍କର ମହାମାୟା ରୂପ ପ୍ରକାଶ କରିବା ସହିତ ଚତୁର୍ଦ୍ଦିଗରେ ଅସଂଖ୍ୟ ଦେବୀମୂର୍ତ୍ତି ସୃଷ୍ଟିକଲେ । ଗୋରେଖନାଥ ତଥାପି ମଧ୍ୟ ଟଳିଲେ ନାହିଁ । ଦେବୀ ଗୋରେଖଙ୍କୁ କେବଳ ତାଙ୍କର ଅଙ୍ଗ ସ୍ପର୍ଶ କରିବା ପାଇଁ କହିଲେ ଓ ଗୋରେଖ ତାଙ୍କର ଅଙ୍ଗ ସ୍ପର୍ଶ କରନ୍ତେ ଦେବୀ ତାଙ୍କୁ ବର ମାଗିବା ପାଇଁ କହିଲେ । ଗୋରେଖ ଏହି ବର ମାଗିଲେ ଯେ, କାଳେ କାଳେ ତାଙ୍କର ମାୟାରେ ସେ ଯେପରି ବଶୀଭୂତ ନ ହୁଅନ୍ତି । ଦେବୀ ତଥାସ୍ତୁ କହି ଅନ୍ତର୍ଦ୍ଧାନ ହେଲେ ।

ଏହା ପରେ ଗ୍ରନ୍ଥକାର ଗୋରେଖଙ୍କର କାଶିଅର୍କ (କୋଣାର୍କ), ପୁରୁଷୋତ୍ତମ, ଏକାମ୍ର ଓ ଯାଜନଗର ପ୍ରଭୃତି ତୀର୍ଥସ୍ଥଳ ଭ୍ରମଣ କରିବାର ବିଷୟ ବର୍ଣ୍ଣନା କରିଅଛନ୍ତି । ପରିଶେଷରେ ପବିତ୍ର ସ୍ଥଳୀ ଯାଜପୁରରେ ଗୋରେଖ ନାଥ ରହି ତାଙ୍କର ଯୋଗସାଧନା ଆରମ୍ଭ କରି

ଅଛନ୍ତି । ଏହି ପର୍ଯ୍ୟାୟରେ ସେ ବଟୁଦାସ ନାଥଙ୍କ ଉପାଖ୍ୟାନ ବର୍ଣ୍ଣନା କରିଛନ୍ତି । ଏହି ଉପାଖ୍ୟାନରେ ନାଥ ସିଦ୍ଧାଚାର୍ଯ୍ୟ ବଟୁଦାସ ଓ ଯାଜପୁରର ବ୍ରାହ୍ମଣମାନଙ୍କ ମଧ୍ୟରେ ବିବାଦର ସୂଚନା ଦିଆଯାଇଛି । ବଟୁଦାସଙ୍କର ଅଦ୍ଭୁତ ଶକ୍ତିରେ ବ୍ରାହ୍ମଣମାନେ ପରାଜିତ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି କ୍ଷମାପ୍ରାର୍ଥନା ମାଗି ଅଛନ୍ତି । ଏଠାରେ ବଟୁଦାସ ଓ ଗୋରେଖଙ୍କର ସାକ୍ଷାତ୍ ହୋଇଛି ଓ ଗୋରେଖଙ୍କ କୃପାରେ ବଟୁଦାସ ଅତୀତର ସମସ୍ତ ପାପ ପ୍ରକ୍ଷାଳନ କରି ଦୀକ୍ଷା ମାର୍ଗ ଅନୁସରଣ କରିଅଛନ୍ତି ।

ଏକଦା ଯାଜପୁରକୁ କାଶୀରୁ ତ୍ରିଂଶ ହଜାର କନୋଜିଆ ବ୍ରାହ୍ମଣ ଆସିଥିଲେ, ବ୍ରହ୍ମା କାଶୀରୁ ଦଶ ହଜାର ବ୍ରାହ୍ମଣଙ୍କୁ ନେଇ ଯଜ୍ଞ ଆରମ୍ଭ କଲେ, ଯାଜପୁର ବିରଜା, ତ୍ରିଲୋଚନ, ବରାହନାଥ ପ୍ରଭୃତି ଦେବ-ଦେବୀଙ୍କୁ ସେବା କରିବା ପ୍ରସିଦ୍ଧି ଲାଭ କରିଛି, ସେ ସବୁର ଆଭାସ ଗ୍ରନ୍ଥକାର ପ୍ରଦାନ କରିଅଛନ୍ତି । ବଟୁଦାସ ଓ ଗୋରେଖ ନାଥ ଉଭୟେ କେଦାରେଶ୍ୱରର ହିଂଗୁଳା ପୀଠକୁ ଯାଇଛନ୍ତି ଓ ସେଠାରେ ହିଙ୍ଗୁଳା ସେମାନଙ୍କୁ ବ୍ରହ୍ମଦଣ୍ଡ ଓ କର୍ଣ୍ଣକୋପି ପ୍ରଦାନ କରିଅଛନ୍ତି । ଯାଜପୁର କ୍ଷେତ୍ର ତ୍ୟାଗ କରିବା ପରେ ବଟୁଦାସ ଶ୍ରୀକ୍ଷେତ୍ରକୁ ଆସି ସେଠାରେ ବ୍ରହ୍ମଦଣ୍ଡ ଭୁଲାଇ ଜଗନ୍ନାଥଙ୍କର ବ୍ରହ୍ମପରୀକ୍ଷା କରି ଦେଖିଛନ୍ତି ଯେ, ଜଗନ୍ନାଥ ହେଉଛନ୍ତି ପ୍ରକୃତରେ ଦାରୁବ୍ରହ୍ମ । ଜଗନ୍ନାଥ ବଟୁଦାସଙ୍କୁ ଆଦେଶ ଦେଲେ ଯେ, ଯୋଗ ପରାଶ୍ରିତ ଯୋଗୀମାନେ କେବଳ ତାଙ୍କୁ ଶ୍ରୀମୂର୍ତ୍ତିଙ୍କ ଦ୍ୱାରାରେ ଦର୍ଶନ କରି ପାରିବେ ।

ପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମଙ୍କର ସାନ୍ନିଧ୍ୟ ଲାଭ କରିବା ପରେ ବଟୁଦାସ ଭୁବନେଶ୍ୱର ଓ ସେଠାରୁ କଦଳୀ କ୍ଷେତ୍ରକୁ ଯାଇ ସେଠାରେ ମୀନନାଥ, ମତ୍ସ୍ୟେନ୍ଦ୍ର ନାଥ ଓ ଗୋରେଖ ନାଥଙ୍କ ସହିତ ମିଳିତ ହୋଇ ଅଛନ୍ତି । କଦଳୀ କ୍ଷେତ୍ରରେ କିଛିଦିନ ଅବସ୍ଥାନ କରିବା ପରେ ବଟୁଦାସ ଓ ଗୋରେଖ ଉଭୟେ ଗୋଦାବରୀ ତୀରକୁ ଯାଇ କାର୍ତ୍ତିକେୟଙ୍କୁ ଭେଟିଛନ୍ତି ଓ ଏହି ପ୍ରସଙ୍ଗରେ ଗ୍ରନ୍ଥକାର କାର୍ତ୍ତିକେୟଙ୍କର ଜନ୍ମ ଓ ତାରକାସୁର ବଧ ପ୍ରସଙ୍ଗ ବର୍ଣ୍ଣନା କରି ଗ୍ରନ୍ଥ ସମାପ୍ତି କରିଅଛନ୍ତି ।

ଗ୍ରନ୍ଥର ବିଷୟବସ୍ତୁ ଅନୁଶୀଳନରେ ପରିଦୃଷ୍ଟ ହୁଏ ଯେ, ଏହା ଯଥାର୍ଥରେ ସଂସ୍କୃତ ଗୋରେଖ ସଂହିତାର ଅନୁବାଦ କି ନୁହେଁ ତାହା କହି ହେଉ ନାହିଁ । ମନେ ହୁଏ, ଗ୍ରନ୍ଥକାର ଗୋରେଖ ସଂହିତା, ଗୋରେଖ ବୋଧ, ପ୍ରଭୃତି ଗ୍ରନ୍ଥର ସାହାଯ୍ୟ ନେଇ ସହିତ ସ୍ୱକଳ୍ପନା ମିଶାଇ ଏହି ଅଭିନବ ଗ୍ରନ୍ଥଟି ରଚନା କରିଅଛନ୍ତି । ଓଡ଼ିଆ ଗୋରେଖ ସଂହିତାରେ ଯୋଗୀମାନଙ୍କ ସଂପ୍ରଦାୟ ଓ ଦର୍ଶନ ସମ୍ବନ୍ଧୀୟ ବିଭିନ୍ନ ତତ୍ତ୍ୱ ଗୋରେଖ ସଂହିତାରୁ ଉଦ୍ଧୃତ କରାଯାଇଛି । ଗୋରେଖନାଥ ଓ ମତ୍ସ୍ୟେନ୍ଦ୍ର ନାଥଙ୍କ ମଧ୍ୟରେ ନାଥ ଧର୍ମ ଓ ଦର୍ଶନ ତତ୍ତ୍ୱ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର 'ଗୋରେଖ ବୋଧ' ନାମକ ରଚନାରୁ ସଂଗୃହୀତ ହୋଇଛି, ଯାହାର ତୁଳନାତ୍ମକ ପଦାବଳୀ ଆଲୋଚନାର ଶେଷ ଭାଗରେ ଦିଆଯାଇଛି । ସାରଳା ଦାସଙ୍କ ତୁଳି କଳ ଏହି ଗ୍ରନ୍ଥରେ ସୁଅନୁଭୂତିରୁ ଅନେକ ପାରି- ପାର୍ଶ୍ୱିକ ଚିତ୍ର ଦେଇ ଗ୍ରନ୍ଥକୁ ଜୀବନ୍ତ ଓ ସରସ କରିଅଛନ୍ତି ।

ଗ୍ରନ୍ଥର ବିଭିନ୍ନ ଉପାଖ୍ୟାନର ମୂଳ ନିର୍ଣ୍ଣୟ କରିବା କଠିନ ହେଲେହେଁ ଏହି ପ୍ରକାର ଉପାଖ୍ୟାନ ଭାରତର ବିଭିନ୍ନ ସ୍ଥଳରେ ପ୍ରଚଳିତ ରହିଛି । ଗୋରେଖ ସଂହିତାରେ ବର୍ଣ୍ଣିତ ଅଛି ଯେ, ମହା- ବିଷ୍ଣୁଙ୍କର ବ୍ରହ୍ମ କପାଳର ସ୍ୱେଦରୁ ଗୋରେଖଙ୍କର ଜନ୍ମ ହେଲା ଓ ପରେ ଯୋଗମାୟାଙ୍କ ଆଜ୍ଞାରେ ସେ ଗୋଲକରୁ ମର୍ତ୍ତ୍ୟକୁ ଆସିଥିଲେ । ଏହି ପ୍ରକାର କିମ୍ବଦନ୍ତୀ ଅନ୍ୟତ୍ର ପ୍ରଚଳିତ ଥିବାରୁ ଡ଼ଃ ବ୍ରିଗ୍ସ ଗୋରେଖ ନାଥଙ୍କ ସମ୍ବନ୍ଧୀୟ ଉପାଖ୍ୟାନ ପ୍ରସଙ୍ଗରେ ଆଲୋଚନା କରିଅଛନ୍ତି ।

ଦ୍ୱିତୀୟ ଉପାଖ୍ୟାନ ହେଉଛି ଯେ କର୍ଣ୍ଣାଟକ ଦେଶରେ ଗୋରେଖ ନାଥଙ୍କୁ ସେଠାକାର ଲୋକେ ମାନ୍ୟ ନ କରିବାରୁ ଗୋରେଖ ନାଥ ଯୋଗବଳରେ ସେ ରାଜ୍ୟରୁ ଜଳ ଅପହରଣ କରି ନେଲେ । ପରେ ରାଜା ଭୁଲ ବୁଝିପାରି ଗୋରେଖ ନାଥଙ୍କର ଶରଣାଗତ ହେବାରୁ ପୁନର୍ବାର ବୃଷ୍ଟି ହେଲା ଓ ଲୋକମାନେ ଜଳ ପାଇଲେ । ଏହି ପ୍ରକାର ଉପାଖ୍ୟାନ ନେପାଳରେ ପ୍ରଚଳିତ ଅଛି ଯେ, ଗୋରେଖ ନାଥ ବାରବର୍ଷ କାଳ ବର୍ଷା ହବାକୁ ଦେଇ ନ ଥିଲେ । କଥାଟି ହେଉଛି ଯେ ଗୋରେଖ ନାଥ ନେପାଳରେ ପହଞ୍ଚିବା ପରେ ସେଠାକାର ଲୋକେ ତାଙ୍କୁ ଯଥୋଚିତ ସମ୍ମାନ ଦେଖାଇଲେ ନାହିଁ । ଫଳରେ ସେ ଆକାଶରୁ ମେଘ

ସମୁଦ୍ରକୁ ତାଙ୍କର ୯ କମଣ୍ଡଳୁରେ ବାନ୍ଧିରଖି ତା ଉପରେ ନିଶ୍ଚଳ ଭାବରେ ବସିରହି ବାରବର୍ଷ କାଳ ଧ୍ୟାନସ୍ଥ ରହିଲେ । କିନ୍ତୁ ଗୁରୁ ମତ୍ସ୍ୟେନ୍ଦ୍ରଙ୍କର ଦର୍ଶନରେ ଗୋରକ୍ଷ ଉଠି ପଡ଼ନ୍ତେ ମେଘମାନେ ମୁକ୍ତ ହୋଇଗଲେ ଓ ପୁନର୍ବାର ବର୍ଷା ହେଲା ।

ଅନ୍ୟ ଏକ କଥା ଅଛି ଯେ, ଗୋରକ୍ଷ ନାଥ ବର୍ଷା କରାଉଥିବା ନଅଗୋଟି ସର୍ପଙ୍କୁ ବନ୍ଧନ କରି ନେପାଳରେ ବାରବର୍ଷ କାଳ ଅକାଳ ସୃଷ୍ଟି କରିଥିଲେ ଓ ପରେ ମତ୍ସ୍ୟେନ୍ଦ୍ରଙ୍କର ଆବିର୍ଭାବରେ ସର୍ପଗୁଡିକ ମୁକ୍ତ ହେଲେ ଓ ବର୍ଷା ହେଲା । ନେପାଳରେ ପ୍ରଚଳିତ ଏହି ଉପାଖ୍ୟାନ-ଗୁଡ଼ିକ ସହିତ ଗୋରକ୍ଷ ସଂହିତାର ଉପାଖ୍ୟାନର ବହୁ ସାଦୃଶ୍ୟ ଯେ ରହିଛି, କହିବା ବାହୁଲ୍ୟ ହେବ ।

ବଙ୍ଗଳା 'ଗୋରକ୍ଷ ବିଜୟ'ର କେତେକ ଉପାଖ୍ୟାନର ସାଦୃଶ୍ୟ ମଧ୍ୟ ଗୋରକ୍ଷ ସଂହିତାରେ ପରିଲକ୍ଷିତ ହୋଇଥାଏ । 'ଗୋରକ୍ଷ ବିଜୟ'ରେ ସିଦ୍ଧମାନଙ୍କ ପରୀକ୍ଷା କରିବା ନିମିତ୍ତ ମହାଦେବଙ୍କର ସିଦ୍ଧ-ମାନଙ୍କୁ ଭୋଜନ ପାଇଁ ନିମନ୍ତ୍ରଣ ଓ ଅନ୍ନ ପରିବେଷଣ ସମୟରେ ଦେବୀଙ୍କର ମୋହିନୀ ରୂପରେ ବିମୁଗ୍ଧ ମୀନନାଥ, କାହ୍ନୁପା, ହାଡ଼ିପା ସିଦ୍ଧମାନେ ଅଭିଶାପ ପାଇବା ଓ କେବଳ ଗୋରକ୍ଷ ନାଥ ଏହି ପରୀକ୍ଷାରେ ଅଟଳ ରହି ହରପାର୍ବତୀଙ୍କର ପ୍ରଶଂସାଭାଜନ ହେବା ପ୍ରଭୃତି ବିଷୟରେ ଗୋରକ୍ଷ ସଂହିତା ସହିତ ଯଥେଷ୍ଟ ମେଳ ରହିଛି ।

ମତ୍ସ୍ୟେନ୍ଦ୍ର ନାଥ କଦଳି ଦେଶରେ ଯାଇ ରହିବା ଓ କମଳା ମଙ୍ଗଳା ଦୁଇ ରାଜରାଣୀଙ୍କୁ ବିବାହ କରିବା ସହିତ ସେଠାରେ ବିଳାସ-ବ୍ୟସନପୂର୍ଣ୍ଣ ଜୀବନ ଅତିବାହିତ କରିବା ବିଷୟ ଆଗରୁ ଆଲୋଚିତ ହୋଇଛି । ଗୋରକ୍ଷ ସଂହିତାରେ 'ମତ୍ସ୍ୟେନ୍ଦ୍ର ନାଥ'ଙ୍କର ପତ୍ନୀ 'ବିମଳା' ଓ ପୁତ୍ରର ନାମ 'ମୀନନାଥ' ବୋଲି କୁହାଯାଇଛି । ମତ୍ସ୍ୟେନ୍ଦ୍ର ନାଥ ଗାର୍ହସ୍ଥ୍ୟ ଜୀବନ ଯାପନ କରିବା ବିଷୟ ବଙ୍ଗଳା ନାଥ ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥରେ ସ୍ୱୀକୃତି ଲାଭ କରିଛି । 'ଅମରଭୋଗ ଗୀତା'ରେ ମୀନନାଥଙ୍କ ପୁତ୍ର 'ମତ୍ସ୍ୟେନ୍ଦ୍ର ନାଥ' ବୋଲି କୁହାଯାଇଛି । ଏହି ବିଷୟକୁ ତିବତରେ ଜାଙ୍ଗୁଲିର ଗ୍ରନ୍ଥସୂଚୀ ସମର୍ଥନ କରିଥାଏ । ପଞ୍ଜାବର ଲୋକକଥାରେ ରହିଛି ଯେ, ମତ୍ସ୍ୟେନ୍ଦ୍ରଙ୍କର ଦୁଇ ପୁଅଙ୍କୁ ଗୋରକ୍ଷ ହତ୍ୟାକରି ଚର୍ମରେ

ଟାଙ୍ଗି ଦେଇଥିଲେ କିନ୍ତୁ ପରେ ମୀନନାଥ ପୁଅ ଦୁହିଁଙ୍କର ଅନୁସନ୍ଧାନ କରନ୍ତେ ଗୋରେଖ ନାଥ ସେମାନଙ୍କୁ ପୁନର୍ଜୀବିତ କରାଇଥିଲେ । ଗୋରେଖ ସଂହିତାରେ ବ୍ରାହ୍ମଣମାନଙ୍କ ଶ୍ରେଷ୍ଠବାଦର ଉତ୍ତର ଦେବାକୁ ନେଇ ଗୋରେଖ ନାଥ କୁକୁରଦ୍ୱାରା ବେଦଗାନ କରାଇବା ଘଟଣାର ସାଦୃଶ୍ୟ ମରହଟ୍ଟୀ ସନ୍ଥ କବି ଜ୍ଞାନଦେବଙ୍କ ପ୍ରସଙ୍ଗରେ ମଧ୍ୟ ପ୍ରତିଫଳିତ ହୋଇଛି । ବ୍ରାହ୍ମଣମାନଙ୍କ ସମ୍ମୁଖରେ ଜ୍ଞାନଦେବ ମହିଷର ମୁଖରେ ବେଦ ଗାନ କରାଇ ପଶୁ ଓ ମନୁଷ୍ୟର ଆତ୍ମାର ପାର୍ଥକ୍ୟକୁ ଦୂର କରିଥିଲେ । ବେଦାନ୍ତ ସାର ଗୁପ୍ତ ଗୀତାରେ ଭକ୍ତ କବି ବଳରାମ ଦାସ ବ୍ରାହ୍ମଣ ପଣ୍ଡିତ ଓ ରାଜା ପ୍ରତାପରୁଦ୍ର ଦେବଙ୍କ ନିକଟରେ ଜଡ଼ା ଲୋକଦ୍ୱାରା ବେଦାନ୍ତ ବ୍ୟାଖ୍ୟା କରାଇବା ବିଷୟ ମଧ୍ୟ ଏକ ପ୍ରସିଦ୍ଧ ଘଟଣା ।

ବିରୂପାକ୍ଷ ନାଥଙ୍କ ସମ୍ବନ୍ଧରେ ଯେଉଁ ଉପାଖ୍ୟାନ 'ଗୋରେଖ ସଂହିତା'ରେ ଉଦ୍ଧୃତ ତାହାର ବିଶଦ ଆଲୋଚନା ବିରୂପାକ୍ଷ ନାଥଙ୍କ ସମ୍ବନ୍ଧରେ କରାଯାଇଛି । ବିରୂପାକ୍ଷ ନାଥଙ୍କ ସମ୍ବନ୍ଧୀୟ କଥାର ମୂଳ କପିଳ ଲାମା ତାରାନାଥଙ୍କ ବିବରଣୀ ସହିତ ସମ୍ବନ୍ଧିତ ତାହା ତହିଁରେ ସୂଚିତ ହୋଇଛି ।

ଗୋରେଖ ସଂହିତାରେ ହଠଯୋଗ ଓ ଯୋଗ ସମ୍ବନ୍ଧୀୟ ଅନ୍ୟାନ୍ୟ ତତ୍ତ୍ୱର ଯାହା ବର୍ଣ୍ଣନା ଦିଆଯାଇଛି ସେ ସବୁ ତନ୍ତ୍ର ନାଥ ଧର୍ମର ତତ୍ତ୍ୱ । ଆସନ, ମୁଦ୍ରା, ଅଷ୍ଟାଙ୍ଗ ଯୋଗ, ଅଜପା ଜପ ସାଧନ ପ୍ରଭୃତି ବର୍ଣ୍ଣନା ଉଭୟ ନାଥ ଧର୍ମ ଓ ଓଡ଼ିଶୀ ବୈଷ୍ଣବ ଧର୍ମର ମୌଳିକ ସମ୍ପଦ । ମତ୍ସ୍ୟେନ୍ଦ୍ର ନାଥଙ୍କର ଯୋଗ ସାଧନ ପ୍ରସଙ୍ଗରେ ସେ ବର୍ଣ୍ଣନା କରିଛନ୍ତି—

"ଚଉରାଶୀ ଆସନ ଅଷ୍ଟାଙ୍ଗ ଯୋଗ ଯେତେ
ଶଙ୍ଖାଣ ପାଖୁଡ଼ା ଖେଳ ଉମ୍ମନ୍ତ ସହିତେ ।୧୪୮।
ବ୍ରହ୍ମ ରଂଧ୍ର ପରବାଟ ପବନର ଭେଟ
ଶୁଚି ମୁଦ୍ରା ବାରି ଷଟ୍ ଭେଦ ଗୋଲହାଟ ।୧୪୯।
ଅମନ ସନ୍ଧରେ ସେ ପରମ ହଂସ ଥାଇ
ଅଜପା ଜପିଲେ ତାହାକୁ ଭେଟ ପାଇଂ ।୧୫୦।"

—ଗୋରେଖ ସଂହିତା

ଆତ୍ମାଙ୍କ ଦେହବ୍ରହ୍ମଙ୍କର ସନ୍ଧାନ ନିମିତ୍ତ ବା ବ୍ରହ୍ମ ଦର୍ଶନ ନିମିତ୍ତ ବ୍ରହ୍ମ ବିଦ୍ୟାର ସେଉଁ ଆଲୋଚନା ଗୋରେଖ ସମ୍ବନ୍ଧୀୟ ବିଭିନ୍ନ ସ୍ଥଳରେ କବିମାନେ ତାହା ସ୍ଥଳେ ସ୍ଥଳେ ରୂପକକୁ ଆଶ୍ରୟ କରିଛନ୍ତି । ଜୀବାତ୍ମା ଓ ପରମାତ୍ମାକୁ ହଂସ ସମ୍ବନ୍ଧ, ଉତ୍ତୀର୍ଣ୍ଣ ତତ୍ତ୍ୱକୁ କାଳିନ୍ଦୀ ଓ ସହସ୍ରାର ଚକ୍ରକୁ ସହସ୍ରଦଳ ପଦ୍ମ ସହିତ, ଶରୀରକୁ ଦେଉଳ ଓ ନିରାକାର ପରମ ବ୍ରହ୍ମଙ୍କ ଲିଙ୍ଗ ସହିତ ତୁଳନା କରିବା ପ୍ରଭୃତି ବର୍ଣ୍ଣନା ସେପରି କବିତ୍ୱବ୍ୟଞ୍ଜକ ସେହିପରି ଭାବଦ୍ୟୋତକ ମଧ୍ୟ । ଏହି ପ୍ରକାର ବର୍ଣ୍ଣନା ପଞ୍ଚସଖା ସାହିତ୍ୟରେ ବହୁଳ ଭାବରେ ପରିଦୃଷ୍ଟ ହୋଇଥାଏ । ତହିଁରୁ କେତେକ ପଂକ୍ତି ଉଦାହରଣ ସ୍ୱରୂପ ପ୍ରଦତ୍ତ ହେଲା—

"ଗଗନ ଉପରେ ସେ ତ୍ରିକୂଟ ଗୋଲହାଟ
ତହିଁକି ଦ୍ୱାଦଶ ତାଳ ପରିକର୍ମେ ବାଟ ।
ତହିଁର ନିକଟେ ପୁଣି ହଂସ ବିହରଇ
ସରୋବର ପଶ୍ଚିମ ନିକଟେ ପାଣି ଖାଇ ।
ଭ୍ରମର ଗୁମ୍ଫାରେ ସେ ନିଶାନେ ବସିଥାଇ
ଜୀବ ପରମର ସେଠାବକୁ ଭେଦ ନାହିଁ ।

× × ×

ଅନୁଆଂ କମଳ ମଧ୍ୟେ ଭ୍ରମର ନ ବସେ
କମଳ ଫୁଲରୁ ସେ ଯେ ନ ଯେନଙ୍କ ବାସେ ।

× × ×

ଦେଉଳ ଭିତରେ ବାବା ଅଛି ଶ୍ୱେତ ଲିଙ୍ଗ
ଧ୍ୟାନ ମନ ପାପ ତେଜି ଦେଖ ତାର ଅଙ୍ଗ ।
ସ୍ୱୟଂ ସେ ପ୍ରକାଶ ପୁଣି ହୋଇଅଛି ପଣ୍ଣି
ଆତ୍ମାରାମ ନିରାକାର ପରମବ୍ରହ୍ମ ସେହି ।୮୬
କର ଚରଣ ବାବା ନାହିଁ ତାର ପିଠି
ଇନ୍ଦ୍ର ଗଣମାନଙ୍କରେ ନାହିଁ ତାର ଗୋଷ୍ଠୀ ।
ଅଲେଖ ସ୍ୱରୂପ ସେହି ରୂପରେଖ ନାହିଁ
ଶୂନ୍ୟରେ ଆସଇ ପୁଣି ଶୂନ୍ୟରେ ସେ ଯାଇ ।୮୪"

ନିସ୍ପୃଷ୍ଠ ସ୍ଥାନରେ ହଂସ ବିଚରଣ କରୁଛି ଓ ସେହି ହଂସକୁ ଦର୍ଶନ କରିବାରେ ଯୋଗୀ ଆନନ୍ଦ ଲାଭ କରେ । ପରମହଂସ ବିଭିନ୍ନ ସମୟରେ କଅର ବିଭିନ୍ନ ବର୍ଣ୍ଣ ଧାରଣ କରେ, ଯାହା ଯୋଗ ସାଧନାରେ ଊର୍ମି ଧର୍ମ, ଜ୍ୟୋତି ଓ ଜ୍ୱାଳା ଭାବରେ କଥିତ, ତାହା ଗ୍ରନ୍ଥକାର ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । ଯଥା—

ଦେଖ ତାକୁ ଦେଖ ବାବା ସ୍ଥିର କରି ମନ
ସହଜରେ ରହି ବାବା ଚାଅଂ ଚଇତନ ।୮୬୨
ସ୍ଥିର ପ୍ରହରରେ ହଂସ ରୂପେ ରୂପ ଧରି
ପ୍ରଥମ ପ୍ରହରରେ ଶ୍ୱେତ ବର୍ଣ୍ଣ କାଏ ଧରି ।
ଦ୍ୱିତୀୟ ପ୍ରହରେ ପୀତବର୍ଣ୍ଣ ବିରାଜଇ
ତୃତୀୟ ପ୍ରହରେ ସେ ଅସିତ ବର୍ଣ୍ଣ କହି ।
ଚତୁର୍ଥ ପ୍ରହରେ ରକ୍ତ ବର୍ଣ ତାର ହୋଏ
ଏହି ବର୍ଣ୍ଣକୁ ତୁ ବାବା କରିଥିବୁ ଲୟେ ।" ୮୬୫

—(ଗୋ. ସ.)—

ଗୋରକ୍ଷ ସଂହିତାରେ ଯୋଗର ବର୍ଣ୍ଣନାକୁ ଛାଡ଼ିଦେଲେ ତହିଁରେ ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ତହିଁରେ ନାଥ ପନ୍ଥାର ଯେଉଁ ସମସ୍ତ ବର୍ଣ୍ଣନା ଦିଆଯାଇଛି ତାହା କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତସ୍ଥ ନାଥ ଧର୍ମର ଆଲୋଚନାରେ ଅନେକ ତଥ୍ୟ ପ୍ରଦାନ କରିବ ।

— * —

ଗୋରକ୍ଷ ସଂହିତାରେ 'ଗୋରକ୍ଷ ବୋଧ' ପଦଗୁଡ଼ିକର ଅନେକ ଅନୁବାଦ ଦିଆଯାଇଛି । ଉଦାହରଣ ସ୍ୱରୂପ ତାହା ତୁଳନାତ୍ମକ ଭାବରେ ଦେଖାଇ ଦିଆଗଲା ।

## ଗୋରକ୍ଷ ବୋଧ ଓ ଗୋରକ୍ଷ ସଂହିତା

**ଗୋରକ୍ଷ ବୋଧ —**

ଗୋରଖ —ସ୍ୱାମୀ ଜୀ କୁଣ ମୂଳ କୁଣ ବେଳା
କୁଣ ଗୁରୁ କୁଣ ଚେଲା ।

ଶୁଣ ତତ ବେ ଧିରେ ଅଟକଲ ।

ମଚ୍ଛନ୍ଦ୍ର— ଅବଧୂ ମନମୂଳ ପବନ ବେଲୀ
ଶବଦ ଗୁରୁ ସୁରତି ଚେଲା ।
ନିରବାଣ ତ ତ ଲେ ଗୋରେଖ ନାଥ ଧୀରେ ଅଟକଲ ।୧୦।

## ଗୋରେଖ ସଂହିତା—

ଗୋରେଖ—କେବଣ ସେ ମୂଳ କେହବା କେବଣ ସେ ବେଲ
କେବଣ ସେ ଗୁରୁ କେହବା କେବଣ ସେ ଚେଲା ।୩୩୯।
କେମନ୍ତ ତତ୍ତ୍ୱ ବସ୍ତୁର ପେଶିବା ସ୍ୱେକଲ
ସେ କଥା ପଚ୍ଛୁଛି ଅଛି ମୁଣ୍ଡିଂ ଭୁସ୍ମ ଚେଲା ।୩୪୦।

ମଚ୍ଛନ୍ଦ୍ର— ମନହିଂ ସେ ମୂଳ ବାବା ପବନହିଂ ବେଲ
ଶବଦ ସେ ଗୁରୁ ଜାଣ ସୁରତି ସେ ଚେଲା, ।୩୪୧।
ନିର୍ବାଣ ସେ ତତ୍ତ୍ୱ ନେଇଂ ଫେରିବୁ ସ୍ୱେକଲ
ସ୍ୱରୂପ ବଚନ ବାବୁ ଆମ୍ଭେ କହୁ ଦେବା (ଲ) ।୩୪୨।

## ୨—ଗୋରେଖ ବୋଧ

ଗୋ—କହାଁ ବସେ ମନ କହାଁ ବସେ ପବନ ।
କହାଁ ବସେ ଶବ୍ଦ କହାଁ ବସେ ଚନ୍ଦ ।

ମଚ୍ଛନ୍ଦ୍ର—ହୃଦ ଦେଶ ବସେ ମନ ନାଭି ବସେ ପବନ
ରୂପି ବସେ ଶବ୍ଦ ଗିଗନ ବସେ ଚନ୍ଦ ।୨୭।

ଗୋ—ହିରଦା ନ ହୋତା ତବ କହାଁ ରହତା ମନ
ନାଭି ନହିଂ ତୋ ହୋତୀ କହାଁ ହୋତା ପବନ ।
ରୂପ ନ ହୋତା ତୋ କହାଁ ରହତା ସବଦ
ଗିଗନ ନ ହୋତା ତୋ କହାଁ ରହତା ଚନ୍ଦ ।୨୮।

ମ—ହିରଦା ନ ହୋତା ତବ ଶୁନ ରହତା ମନ ।
ନାଭି ନ ହୋତା ତବ ନିରାକାର ହୋତା ପବନ ॥
ରୂପ ନ ହୋତା ତବ ଅକୁଳ ରହତା ଶବ୍ଦ
ଗଗନ ନ ହୋତା ଅବ ଅଗ୍ନି ରହତା ଚନ୍ଦ ।୨୯।

ଗୋ—ରତ୍ରୀ ନ ହୋଇ ତୋ ଧନ କହାଂ ତେ ଆସ୍ଥା
ଦିନ ପ୍ରସଂଗେ ରତ୍ରୀ କହା ସମାଇ ।
ଦୀବା ବୁଝାଣା ଜୋତି କଥଂ ଲିସ୍ଥା ବାସା ।୨୯।
ମ—ରତ୍ରୀ ନ ହୋଇ ଧନ ସହଜ ହି ଆୟା
ଧନ ପ୍ରକାଶେ ରତ୍ରୀ ସହଜ ସମାଇଁ
ଦୀବା ବୁଝାଣା ଜୋତି ଲିଆ ନିରଂଜନ ବାସା
ପବନ ନ ହୋତା ତବ ପ୍ରାଣ ପୁରୁଷ କାସୁକ ହୋତା—
ହେଯାସା ।୩୦ ।

## ଗୋରକ୍ଷ ସଂହିତା

ଗୋ—କହାଂ ସେ ବସଇ ମନ କେବଣ ହି ସ୍ଥାନ
କାହାଂ ସେ ବସଇ ରୂପ କେ ସ୍ଥାନେ ପବନ ।୩୫୨।
ଚନ୍ଦ୍ରମା କାହାଂ ବସଇ କହିବା ଗୋସାଇଁ
ସେତୁ କଥାମାନ ମୋତେ କହିବା ବୁଝାଇଂ ।୩୫୩।
ମ—ଶୂନ୍ୟରେ ପବନ ବସେ ସଂଚରେଣ ମନ
କାୟା ସେ ବସନ୍ତି ରୂପ ଶୂନ୍ୟେ ଚନ୍ଦ୍ର ସ୍ଥାନ ।
ଗୋ—ହୃଦୟ ନୁହନ୍ତେ କହାଂ ମନ କରେ ସ୍ଥାନ
ନାଭି ନୁହନ୍ତେଣ କହାଂ ବସଇ ପବନ ।
ଶବଦ ନୁହନ୍ତେ କହାଂ ବସଇ ସେ ରୂପ
ଗଗନ ନୁହନ୍ତେ କହାଂ ମୋସଂଗଂ ସେ ରୂପ ।
ମ—ହୃଦୟ ମଣ୍ଡଳେ ମାରନ୍ତେ ହୋଇ ମନଂ
ନାଭିର ଭିତରେ ମାରନ୍ତେଂ ବସଇ ପବନ ।
ଶବଦ ଭିତରେ ଅନଳର ସେଇ ରୂପ
ଗଗନରେ ପ୍ରବେଶଇ ଚନ୍ଦ୍ରମା ସ୍ୱରୂପ ।
ଗୋ—ଶକ୍ତି ସେ ନୁହନ୍ତେ ଧନ କାହୁଂ ସେ ଅଇଲା
ଧନର ପ୍ରସ୍ତେ ଶକ୍ତି କାହିଂ ସେ ରହିଲା ।
ଦସ୍ଥାକୁ ନିବାଇ ଜୋତି କାହିଂ ପ୍ରକାଶ
ପିଣ୍ଡ ରହିଲେ ପ୍ରାଣ କାହିଂରେ ପ୍ରକାଶ ।
ମ—କହନ୍ତି ମଚ୍ଛିନ୍ଦ୍ର ଶୁଣିମା କଥାସେ
ଶକ୍ତି ହିଂ ନୁହନ୍ତେଂ ଧନ ସମ୍ଭବେଣ ଥାଏ ।

ହଦ ପ୍ରସାଦେଣ ଲୁଣ୍ଠି ସହଜେ ସମ୍ଭାଂଷେ
ଷାପ ନିମନ୍ତ୍ରେଂଣ ପୂଜା ଘଟେ ଯେ ଭଣଏ ।
ପିଣ୍ଡ ବ୍ରହ୍ମଂନ୍ତେଣ ପ୍ରାଣ ବ୍ରହ୍ମାଣ୍ଡେଂ ଷଶ୍ୱାସ
ଶୁଣ ଦେବ ଗୋରେକ୍ଷ ନାଥ କହ୍ନିଂଲ୍ ସନ୍ଦେଂଶ ।

## ଗୋରେକ୍ଷ ବୋଧ—

ଗୋ—କହାଂ ବସେ ଚନ୍ଦା କହାଂ ବସୈ ସୂର
କହାଂ ବସୈ ନାଦ ବ୍ୟନ୍ଦଂ କା ମୂଳ ।
କହାଂ ଚଢ଼ି ହଂସ ପିବୈ ପାଣୀ
ଜଳଟୀ ସକଶ୍ଚି କୁଣ ଧରି ଆଣୀ ।୩୭।
ମ—ଅଉଧେ ବସୈ ଚନ୍ଦ୍ରମା ଉରଧେ ବସୈ ସୂରଂ
ହିରଦୈ ବସୈ ନାଦ ବଂଦ କା ମୂଳ ।
ଗିଗନି ଚଢ଼ି ହଂସା ପୀବୈ ପାଣୀ
ଜଲଟି ସକଶ୍ଚି ଆପ ଧରି ଆଣୀ ।୩୮।

## ଗୋରେକ୍ଷ ସଂହିତା—

ଗୋ—ଅବଧାନ ହୋଇ ତୁମେ ଶୁଣିମା ଗୋସାଇଂ
ଚନ୍ଦ୍ର ସୂର୍ଯ୍ୟ କେଉଁ ସ୍ଥାନେ ବସଇ ଯେ ଦୁଇ ।
କାହିଂ ରହେ ନାଦ ବିନ୍ଦୁ କାହାର ଯେ ମୂଳ
କାହିଂ ରହେ ହଂସ ଯେ ପିଅଇଂ ଯାହିଂ ଜଳ ।
ମ—ଊର୍ଦ୍ଧରେ ବସଇ ଚନ୍ଦ୍ର ଅଧେ ସୂର୍ଯ୍ୟ ଜଳ
ନାଭିରେ ବସଇ ନାଦ ବିନ୍ଦୁ କାହା ମୂଳ ।
ଗଗନେ ଚଢ଼ିଣ ହଂସ ପିଅଇ ଯେ ପାଣି
ସଂତୁଷ୍ଟି ଗୋରେକ୍ଷ ଦେବ ଶୁଣ ପରମାଣି ।

## ଗୋରେକ୍ଷ ବୋଧ—

ଗୋ—କୁଣ ପରେବଭ କୁଣ ସୁନାଲା
କୁଣ ମୁଣି ହୋଇ ଜାଂଚବା ଜମକାଲା
କେ ଦେଖ ଅଗୋଚର କୈସେ ଲଖୈ
ସତଗୁରୁ ହୋଇସ ପୂଛ୍ୟା କହେ ।୩୯।

ମ—ମନ ପବନରୁ ପବନ ସୁନାଳା
ଊରଧ ମୂର୍ତ୍ତି ହୋଇ ବଂଶୀକା ଜମକଲା ।
ଊରଧ ଭରଧ ଅଗୋଚର ନାବ ଲହେ
ଏହ ଶବ୍ଦର ମଚ୍ଛିନ୍ଦ୍ର କହେ ।୫୯।

## ଗୋରେଖ ସଂହିତା—

ଗୋ—କାଶୀଂ ଦେବ ପବନରୁ କେବଣ ସେ ନାଳ
କେବଣ ଭୂମିରେ ଦେବ ବଣେ ଧନ ବାଳ
କେବଣ ସ୍ଥାନରେ ମନ ଉନମନ ରହଇ
ସଦଗୁରୁ ହେଲେ ତତ୍ତ୍ୱ ଚିହ୍ନଇଲେ କହେ ।
ମ—ବରନ୍ଦ୍ରୀଂ ମଚ୍ଛନ୍ଦ୍ରଂ ନାଥ ଶୁଣ ତତ୍ତ୍ୱଂ ସନ୍ଧୀଂ
ଅମନ ଉପରେ ସେ ପବନ ହେଲା ବନ୍ଧୀଂ ।
ଗଗନ ସ୍ଥାନରେ ମନ ଉନମନ ରହେ
ଗୋରେଖ ପୁଛନ୍ତି ସେ ମଚ୍ଛନ୍ଦ୍ରଂ ନାଥ କହେ ।୩୭୨।

## ଗୋରେଖ ବୋଧ—

ଗୋ— ସପଣୀ କୁଣ୍ଡଳେ କୁଣ୍ଡ ଗଲ
ବଂକ ନାଳ ରସ କୁଣ୍ଡ ଗଲ
ଜ୍ୟୁଂ ଜ୍ୟୁଂ ପ୍ରାଣୀ ନିଦ୍ରା କରେ
ପିଂଡ଼ ମଧ୍ୟେ ପ୍ରାଣ କହାଂ ଯାଇ ରହେ ।୫୮।
ମ—ସପଣୀ କୁଣ୍ଡଳେ ସହଜ ରହି
ବେଂକ ନାଳରସ ନାଶି ଗଇ
ଜ୍ୟୁଂ ଜ୍ୟୁଂ ପ୍ରାଣୀ ନିଦ୍ରା କରନ୍ତି
ପିଂଡ ମଧ୍ୟେ ପ୍ରାଣ ଅପର ଭିନ ରହେ ।୫୭।
ଗୋ—ଶୁଣିମାକ ଗୁରୁ ଦେବ ସ୍ୱେକଇଂ ସ୍ୱଦବ
ବଂକୁନାଳ ବସଇ ସେ କେବଣଇଂ ଠାବ
ଯାବତ ପ୍ରାଣୀମାନଙ୍କୁ ନିଦ୍ରାସ୍ତ୍ରିଂ କରଇଂ
ପିଣ୍ଡ ଛାଡି ପ୍ରାଣ ଆଉ ବ୍ରହ୍ମାଣ୍ଡେ ରହଇଂ
କେବଣ କମଳେ ଦେବ ଯାଇଛି ନିଶ୍ୱାସ
କେବଣ କମଳେଟି ପରମ ହଂସ ବାସ ।

କେବଣ କମଳେ ଗୁରୁ ଦେବାକୁ ଦେଖାଇ
କେବଣ କମଳେ ହଂସା ଉଡ୍ଡଂଇ ସମ୍ଭାଇଂ

ମ—ବଂକନାଳର ଭିତରେ ଧର୍ମ କୁଟେଇ ଶବ
ମନ ପବନ ସଙ୍ଗତେ ନଖ୍ୟା କରାଇବ ।
ଧର୍ମ ଉଜ ସୁତା ସେ ଯେ ସମ୍ଭାଳି ଉଡ଼ଇଂ
ପଦ୍ମ ଶକ୍ତି ଉଣ୍ଡି କରି ତେବେ ସିନା ଉଣ୍ଡଂ ।

(ପୃ ୩୨)

## ଗୋରେଖ ବୋଧ—

ଗୋ—କୌଣ କଂବଳ ହଂସସାସ ଉସାସ
କୌଣ କଂବଳ ହସ ହଂସା ବାସ ।
କୌଣ କଂବଳ ହସ ପୂଜା କସଂ
କୌଣ କଂବଳ ହମ ଅଲଖ କୌ ଗ୍ରହାଂ ।୧।

## ଗୋରେଖ ସଂହିତା—

ଗୋ—କେବଣ କମଳେ ଦେବ ଯାଇଛି ନିଶ୍ବାସ
କେବଣ କମଳେଟି ପରମ ହଂସ ବାସ ।
କେବଣ କମଳେ ଗୁରୁ ଦେବାକୁ ଦେଖାଇ
କେବଣ କମଳେ ହଂସା ଉଡ଼ଇଂ ସମ୍ଭାଇଂ ।

## ଗୋରେଖ ବୋଧ—

ଗୋ—କୁଣ ମୁଖି ଲଗୈ ସମାଧି
କୁଣ ମୁଖି ଛୁଟୈ ଉପାଧି ।
କୋଣ ମୁଖି ଭୁବସ୍ଥା ବଂଧ
କୁଣ ମୁଖି ଅଜର ବର କଂଧ ।୭।

ମ—ମନ ମୁଖି ଲଗୈ ସମାଧି ।
ପବନ ମୁଖି ବାଳା ଛୁଟୈ ଉପାଧି
ସୁରତି ମୁଖି ବାଳା ଭୁବସ୍ଥା ବଂଧ
ଗୁରୁ ମୁଖି ବାଳା ଅଜର ବର କଂଧ ।୮।

**ଗୋରେକ୍ଷ ସଂହିତା—**

ଗୋ—କେବଣ ବନ୍ଧଂରେ ଦେହ ନାଗର ସେ ବନ୍ଧଂ
କେମନ୍ତ ପ୍ରକାରେ ହୋଏ ଅସାମ୍ଭଂର ଲକ୍ଷଂ ।
ମ—ମନକୁ ମୁର୍ଚ୍ଛିଲେ ସେ ସେ ଆତ୍ମାର ସମାଧି
ପବନ ମୁର୍ଚ୍ଛିଲେ ସେ ସେ ନାଗର ସମାଧି ।
ଆତ୍ମ ଦ୍ରାର୍ଥି ମୁର୍ଚ୍ଛିଲେକି ନାଗରକି ବନ୍ଧଂ
ଧ୍ୟାନ ଚେତେବ ମୁର୍ଚ୍ଛିଲଭି ଅସାମ୍ଭର ଲକ୍ଷଂ ।

**ଗୋରେକ୍ଷ ବୋଧ—**

ଗୋ—କୁଣ ସୋବେ କୁଣ ଜାଗେ କୁଣ ଦଶ ଦିଶୀ ଜାଇ
କହଥେ ଉଠଂର ପବନ ହୋଠ କଂଠ ତାଳକା ବଜାଇ ।୧୬।
ମ—ମନ ସୋବେ ଚେତନ ଜାଗେ କଲପନ ଦଶ ଦିଶୀ ଜାଇ
ନାଭିରେ ଉଠନ୍ତି ପବନ ଆବେ ହୋଠ କଂଠ
ତାଳୁକା ବଜାଇ ।୧୭।

**ଗୋରେକ୍ଷ ସଂହିତା—**

ଗୋ—କେବଣ ଜାଗଇଂ ଦେହ କେତୁ ଥାଇଂ ସୋଇଂ
କେଉଁଠାରୁ ପବନ ସେ ଉପୁଜଇଂ ଯାଇଂ
ଓଷ୍ଠ କଣ୍ଠ ତାଳୁକା ସେ କେମନ୍ତ ବଜାଇ
ସେ ମୁ ସଂତ ଥାନ ଦେହ କହ ଗୁରୁ ହୋଇ ।
କେତୁଂ ଏଥୁ ଥାଇ ଦେହ ଭୁଂଜଇ ଆହାର
ଶ୍ରୀଗୁରୁ ଗୋସାଇଂ କହ ବାତ୍ୟାର ବିଚାର ।
ମ—ଚେତନା ଯାଗଇଂ ସେ କଳ୍ପନା ଥାଇଂ ଶୋଇଂ
ନାଭିର ଅନ୍ତରୁ ନିଶ ପବନ ଉପୁଜଇଂ ।୩୮୨।
ଓଷ୍ଠ କଣ୍ଠ ତାଳୁକା ସେ ସ୍ୱେମାନ ବାଜଇଂ
ସେ ମୁ ସଂତ କାଯ୍ୟାରୁ ସେ ଅଲେଖ ରୂପ ହୋଇଂ ।
ନଂର ଭିତରେ ଅଗ୍ନି ଭୁଂଜଇ ଆହାର
ଶୁଣ ଶୁଣ ପୁତା ତୁମ୍ଭେ କାଯ୍ୟାର ବିଚାର ।୩୮୩।

**ଗୋରେକ୍ଷ ବୋଧ—**

ଗୋ—କହାଂକେ ମତ କରୈ ଗୁଣ ଘଣ ।
କହତ ପ୍ରବନ କରୈ ଆବା ଗମନ ।

କୁଣ ମୁଖି ଚଂଦା ନଷ୍ଟର ସ୍ୱରେ ।
ମନ ମୁଖି କାଳ ନିଦ୍ରା କରେ ।୨୫।
ମ — ହୃଦରେ ଥିମନ କରେ ଗୁଣ ଘଣ
ନାଭି ଥି ପବନ କରେ ଆଜ୍ଞା ଗମନ ।
ଆପମୁଖି ଚନ୍ଦା ନଷ୍ଟର ସ୍ୱରେ ।
ମନ ମୁଖୀ କାଳ ନିଦ୍ରା କରେ ।୨୬।

**ଗୋରେଖ ସଂହିତା —**

ଗୋ — କେବଣରି ସ୍ଥାନେ ମନ କରଇ ସେ ପୂର୍ଣ୍ଣ
ଅସଂପୂର୍ଣ୍ଣ ପବନ ସେ କରଇ ଉତପନ ।୩୯୦।
କେବଣ ଘରରେ ଚନ୍ଦ୍ର ନଷ୍ଟର ଝରଇଂ
କାହାର ମୁଖରେ ନିଦ୍ରାକାଳ କରୁଅଇଂ ।୩୯୧।
ମ — ହୃଦସ୍ଥରେ ମନ ସେ ଯେ କରଇ ସଂପୂର୍ଣ୍ଣ
ଅସମ୍ପୂର୍ଣ୍ଣ ଭା ମନରେ ନାଭିରୁ ପବନ ।
ଆଟଘରେ ଚନ୍ଦ୍ର ସେ ଯେ ନଷ୍ଟର ଝରଇଂ
ମନର ସମ୍ମୁଖେ କାଳ ନିଦ୍ରା କରୁଅଇଂ ।

**ଗୋରେଖ ବୋଧ —**

ଗୋ — କୁଣ ତଣି ଥିର ହୋଇ ବଂଧ ।
କୁଣ ତଣି ଅଗୋଚର ବଂଧ ।
କୁଣ ତଣି ହଂସ ନିରୋଧି ।
କୁଣ ତଣି ମନ ସ୍ଥିରମାଧି ।
କୁଣ ତଣି ଲକ୍ଷି ସ୍ୱାଦ ।
କୁଣ ତଣି ଲାଗେ ସମାଧି ।
ମ — ମୂଳ ତଣି ଥିର ହୋଇ ବଂଧ ।
ଗୁହ୍ୟାତଣି ଅଗୋଚର ବଂଧ ।
ନାଭି ତଣି ହଂସ ନିରୋଧି ।
ହୃଦେ ତଣି ମନ ସ୍ଥିରମାଧି ।
କଂଠ ତଣି ଲଗେ ସ୍ୱାଦ ।
ନିଲାଟ ତଣି ଲାଗେ ସମାଧି ।

## ଗୋରେଖ ସଂହିତା—,

ଗୋ—କେଉଁ ତତ୍ୱଠାରେ ସେ ପବନ ଅବରୋଧ
କେବଣ' ସ୍ଥଂ ରହି ସେ ମନକୁ ସେ ପ୍ରବୋଧ ।
ରହି ସେ କେବଣ ଠାରେ ଧରଇଂ, ଧ୍ୟାନ
କେବଣ ସ୍ଥାଂ ତତ୍ୱଠାରେ ବିଶ୍ରାମଇଂ ମନ ।
ନ—ମୂଳ ସେ ରହି ବାବା ଦୃଢ଼ ହୋଇ ବସଂ
ଷିଶପୁ ସେ ତତ୍ୱରେ ପୂଜା ତତ୍ୱ କୁମ୍ଭଂ ସନ୍ନ ।
ନାଭିକମଳ ତତ୍ୱରେ କମଳ ବରୋଧ
ହୃଦସ୍ଥ କମଳ ତତ୍ୱେ ମନକୁ ପ୍ରବୋଧ ।
କଣ୍ଠ ତତ୍ୱଠାରେ ପୂତା ଧରଇନ୍ତି ଧ୍ୟାନ
ଅଗମ୍ୟ ଦ୍ୱାରରେ ଯାଇଁ ବିଶ୍ରାମଇଂ ମନ ।

---

## ପ୍ରାଚୀନ ଓଡ଼ିଆ ପାଣ୍ଡୁଲିପିରେ ସଂରକ୍ଷିତ କେତେକ ନାଥଧର୍ମ ସମ୍ବନ୍ଧୀୟ ହିନ୍ଦୀ ରଚନା

'କବୀର ଓ ଗୋରେଖ' ସମ୍ବାଦର ରଚନାଟି ଗୋଟିଏ ଓଡ଼ିଆ ପୋଥିରୁ ମିଳନ୍ତି । ହିନ୍ଦୀରେ ଯେଉଁ 'ଗୋରେଖନାଥଙ୍କ ଗୋଷ୍ଠୀ' ନାମକ କ୍ଷୁଦ୍ର ରଚନା ରହିଛି ତହିଁରେ କବୀର-ଗୋରେଖ ନାଥଙ୍କର ଉକ୍ତି ପ୍ରତ୍ୟୁକ୍ତି ରହିଛି । ସେହି ପୁସ୍ତିକାରେ ଗୋରେଖ ନାଥ ନିଜକୁ ମତ୍ସ୍ୟେନ୍ଦ୍ର ନାଥଙ୍କର ପୁତ୍ର ଓ ଆଦିନାଥଙ୍କର ନାତି ବୋଲି କହିଛନ୍ତି । କବୀର ଓ ଶିଖମାନଙ୍କ ଲେଖାରେ ଗୋରେଖ ନାଥଙ୍କ ନାମୋଲ୍ଲେଖ ଅନେକ ସ୍ଥାନରେ ରହିଛି । କଥିତ ଅଛି ଯେ ଖ୍ରୀ. ଷୋଡ଼ଶ ଶତକରେ ଶିଖ ଓ ନାଥ ଯୋଗୀମାନଙ୍କ ମଧ୍ୟରେ ଘୋର କଳହ ହୋଇଥିଲା ଓ ଗୋରେଖ ନାଥଙ୍କ ମଠର ମଧ୍ୟ ସେମାନଙ୍କଦ୍ୱାରା ଆକ୍ରମିତ ହୋଇଥିଲା । କବୀରଙ୍କ ସମୟର (ଖ୍ରୀ. ୧୪୪୦-୧୫୧୮) ବହୁ ପୂର୍ବରୁ ଗୋରେଖ ନାଥ ଜୀବିତ ଥିଲେ । କବୀର ଓ ଗୋରେଖଙ୍କ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଗୋରେଖ ଓ କବୀରଙ୍କ ବହୁ ପରବର୍ତ୍ତୀ ସମୟର ରଚନା ବୋଲି ମନେ ହୋଇଥାଏ ।

"କବୀର ଗୋରେଖ" ସମ୍ବାଦଟି ଓଡ଼ିଶାରେ ପ୍ରାଚୀନ ନାଥଧର୍ମ ଲୋକ-ପ୍ରିୟତାର ସନ୍ଧାନ ଦେଇଥାଏ । ନାଥ ସମ୍ପ୍ରଦାୟର କୌଣସି ବ୍ୟକ୍ତି ଏହି ରଚନାକୁ ବକୃତ କରି ଓଡ଼ିଆରେ ଲିପିବଦ୍ଧ କରିଅଛନ୍ତି । ଏହି କ୍ଷୁଦ୍ର ରଚନାଟିର ପ୍ରତପ୍ରଖ୍ୟା ମାତ୍ର ବାଇଶ ଓ ହିନ୍ଦୀରେ ମଝିରେ ମଝିରେ ଓଡ଼ିଆ ଶବ୍ଦ ମିଶି ରହିଛି । ଉକ୍ତ ରଚନାରୁ କେତୋଟି ପଦ ଏଠାରେ ଉଦାହରଣ ସ୍ୱରୂପ ପ୍ରଦତ୍ତ ହେଲା । ଏଠାରେ ଗୋରେଖ ପ୍ରଶ୍ନ ପଚାରିଛନ୍ତି ଓ କବୀର ତାହାର ଉତ୍ତର ପ୍ରଦାନ କରିଅଛନ୍ତି ।

ଗୋରେଖ—ଅବଧୂ କଉଂଣ ଭୂମନ୍ଧରି ଉତ୍ପତିବାଲା
କଉଂଣ ଭୂମାଥି ଖ୍ୟାଲା
କଉଂଣ ଭୂମସେ ସିଧ ବୋଲିଏ
କଉଂଣ ଭୂମ ସେ ଘାଲା ।

କବୀର—ସ୍ୱାମୀ ଧରଣୀ ହାମାରେ ଉତ୍ପ ବୋଲିଏ
ଅମଲ ହାମାର ଖ୍ୟାଲ
ଏକ ହାମସେ ସିଧ ବୋଲିଏ
ଆଉର ସବହେ ଘାଲ ।୧୨।

ଗୋ—ଅବଧୂ କାହାଂଥା ଶୂନ୍ୟ କାହାଂସେ ଆଂଇ
କାସ୍ୱା ବୋଲିଏ କାହାଂ ସମାଇଂ ।
କାଇଅଁ ଶୂନ୍ୟ କାହାର ବଶୁର
କାହାଂ ମାଲ୍ଲ ତିଲକ ପାର ଉତାର ।

କବୀର—ସ୍ୱାମୀ ଶୂନ୍ୟ ଧରଣୀ ଶୂନ୍ୟ ଆକାଶ ଶୂନ୍ୟ ଉଞ୍ଜିତେ ନା ହାସ
କହତକ ହାମ ଶୂନ୍ୟ ସନେଷ୍ଟି
ଶୂନ୍ୟ ନୟନ ସେ ଧନ ସେବକ ଘଏ ଦେଖା ।୨୨।

ଅନ୍ୟତ୍ର ଓଡ଼ିଆ ପ୍ରାଚୀନ ପୋଥିମାନଙ୍କରେ କେବେ କେବେ ନାଥ ଧର୍ମ ସମ୍ବନ୍ଧୀୟ ହିନ୍ଦୀ ରଚନା ଦେଖିବାକୁ ମିଳିଥାଏ । ମଝିରେ ମଝିରେ ହିନ୍ଦୀ ପଦଗୁଡ଼ିକ ଦୁର୍ବୋଧ ହୋଇ ପଡ଼ିଛି । ତନ୍ମଧ୍ୟରୁ କେତେକ ପଦ ହେଉଛି—

"ଓଁ ଅବଧୂତ କେଉଁରୁ ଭୁମାଣ
ମାତା ବୋଲିଏ କଉଁରୁ ଭୁମାଣ ହେଟେ
କରେଶ୍ୱରକ ମାଳାବାଳି ଗଜବନ୍ଧନ ଶବଦ ଅଲେଖ ।

ଓଁ ଅବଧୂତ ଆଣ ବୋଲନ୍ତେ ଶବଦପରକାଶ
ନଅନାଥ ଚଉରଙ୍ଗୀ ସିଦ୍ଧକରେ ଅନାହତ ଶବଦକୁ ଆଣ ।"

ଅନ୍ୟ ଏକ ପାଣ୍ଡୁଲିପିରେ 'ଶଭୂତ' ଓ ଯୋଗୀମାନଙ୍କର ପ୍ରଶ୍ନୋତ୍ତରରେ ମୃଦଙ୍ଗର ଉତ୍ପନ ସ୍ତବ ରଚନା ଦେଖିବାକୁ ମିଳେ । 'ଶଭୂତ' ବର୍ଣ୍ଣନାରେ—

"ଏକେବ ଉଦ୍ଭବର ଶବଦ —
ପ୍ରଥମେ ଉଦ୍ଭବ ଭାଣ୍ଡାରୁ ଆସ
ଘାଟେ ଘାଟେ କରନ୍ତୁ ବାସ
ମଢ଼ି ମସାଣେ ବନ୍ଧୁ ପଃଇଂ
ଗଜସର ଛିଷା ଲେଖାଏଁ କରତାଇ
ଆପନ ଜନ୍ମଆଣ ନ ଶୁଣନ
ଅନ୍ତ କାଳେ ନିରଗୁନ ହୋଇଂ ରହେ ।"

ଯୋଗୀମାନଙ୍କର ପ୍ରଶ୍ନୋତ୍ତର ମଧ୍ୟ ସ୍ଥଳବିଶେଷରେ ପ୍ରାଚୀନ ଓଡ଼ିଆ ପାଣ୍ଡୁଲିପିରେ ପରିଦୃଷ୍ଟ ହୋଇଥାଏ । ଏହି ସବୁ ଉକ୍ତି ଗୋରେଖ ସମ୍ବାଦ ଅନୁସରଣରେ ଲିଖିତ । ଅନ୍ୟତ୍ର ଗୋରେଖ ସଂହିତାରେ ମତ୍ସ୍ୟେନ୍ଦ୍ର ଗୋରେଖ ଉତ୍ତର ପ୍ରତ୍ୟୁତ୍ତରର ଅନୁରୂପ । ଯେପରି—

"କଉଂଣ ଦିଆ ତୁମେ ଦଣ୍ଡ କମଣ୍ଡଳ
କଉଂଣ ଦିଆ ଆଧାରି,
କଉଂଣ ଦିଆ ତୁମେ ଡୋରି କଉପୁନି
କଉଣ କିଆ ବ୍ରହ୍ମଲୟ ।
ବ୍ରହ୍ମା ଦିଆ ଦଣ୍ଡ କମଣ୍ଡଳ
ବିଷ୍ଣୁ ଦିଆ ଆଧାରି
ଈଶ୍ୱର ଦିଆ ଡୋରି କଉପୁନି
ଗୁରୁ କିଆ ବ୍ରହ୍ମଲୟ ।"

ଅନ୍ୟାନ୍ୟ ମନ୍ତ୍ର ଯନ୍ତ୍ର ଗୁରୁ ପରଂପରା ବର୍ଣ୍ଣନାରେ ମଧ୍ୟ "ନବନାଥ ଓ ସିଦ୍ଧାଚାର୍ଯ୍ୟ"ଙ୍କର ପ୍ରସଙ୍ଗ ଦିଆଯାଇଛି । ଯେପରି "ଗୁରୁ ଗୋବିନ୍ଦଙ୍କେ ଦଣ୍ଡବତ । ଅନନ୍ତ କୋଟି ବୈଷ୍ଣବଙ୍କେ ଦଣ୍ଡବତ । ନଅନାଥ ସିଦ୍ଧଙ୍କେ ଦଣ୍ଡବତ । ଓଁ ରାମାନୁଜ ଗୁରୁ ପରମାଣ ।" ଇତ୍ୟାଦି—

ଓଡ଼ିଆ ସନ୍ଥ ସାହିତ୍ୟ ମଧ୍ୟରେ ନାଥ ଗୀତମାନଙ୍କ ରଚନାର ପ୍ରଭାବ ଏତେ ବେଶୀ ଯେ ତାହା କଳ୍ପନାତୀତ । ଓଡ଼ିଆରେ ନାଥ ସାହିତ୍ୟ ବ୍ୟତୀତ ହିନ୍ଦୀଭାଷା ଓ ସାହିତ୍ୟର ଧାରା ଓଡ଼ିଆ ସନ୍ଥ ସାହିତ୍ୟରେ ମଧ୍ୟ ବେଳେବେଳେ ପଶି ଆସିଛି କହିବା ଭୁଲ ହେବ ନାହିଁ ଏବଂ ଉପରୋକ୍ତ ଅଦ୍ଭୁତ ହିନ୍ଦୀ ରଚନାବଳୀ ଏହାର ସତ୍ୟତା ପ୍ରମାଣ କରିଥାଏ । ଏହି ସବୁ ରଚନାର ସମୟ ଅନୁମାନିକ ଖ୍ରୀ· ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀ ବୋଲି ସ୍ଥିର କରାଯାଇ ପାରେ ।

# ନାଥଧର୍ମ ସମ୍ବନ୍ଧୀୟ କେତେକ ଓଡ଼ିଆ ଲୋକଗୀତ

ନାଥଧର୍ମ ସମ୍ବନ୍ଧୀୟ ଅନେକ ପ୍ରବାଦ ପ୍ରବଚନ ଓ ପୂଜା ପଦ୍ଧତି ସମ୍ବନ୍ଧୀୟ ଲୋକଗୀତ ଓଡ଼ିଶାର ଯୋଗୀ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ଅଛି । "ଯୋଗୀ ଘରେ ଢିଙ୍କି" "ଯେବେ ଦେଖିବ ଯୋଗୀ ତେବେ ନ ଯିବ ଭଗି" ପ୍ରଭୃତି ପଦ ବହୁକାଳର ଉକ୍ତି । "ଯୋଗୀଘରେ ଢିଙ୍କି" ପଦଟି ସୂଚିତ କରୁଥାଏ ଯେ, ଯୋଗୀ ଜାତି ଭିକ୍ଷା ଉପରେ ଜୀବିକା ନିର୍ବାହ କରନ୍ତି ଏବଂ ଦ୍ୱିତୀୟ ପ୍ରବାଦଟି ଯୋଗୀ ଜାତି ପ୍ରତି ଅବଜ୍ଞା ବା ଅଶ୍ରଦ୍ଧାମୂଳକ ପ୍ରବଚନ । ଏହି ଉକ୍ତି ସାଧାରଣତଃ ହିନ୍ଦୁଧର୍ମର ସଂପ୍ରଦାୟବାଦ ଦୃଷ୍ଟି ଲାଭ କରିଥିବା ସମ୍ଭାବନା । ସେ ଯାହାହେଉ ଏକ ସମୟରେ ଓଡ଼ିଶା ଭୂଇଁରେ ଏହି ଧର୍ମର ଅଭ୍ୟୁତ୍ଥାନ ଘଟିଥିଲା ଓ କାଳ କ୍ରମେ ତାହାର ବିଲୟ ମଧ୍ୟ ଘଟିଛି; କିନ୍ତୁ ଧର୍ମ, ଦର୍ଶନ ଓ ସାହିତ୍ୟରେ ନାଥ ସଂପ୍ରଦାୟର ପ୍ରଭାବ ଦୂର ହୋଇ ଯାଇନାହିଁ ।

ପରିଶିଷ୍ଟରେ ପ୍ରଦତ୍ତ କବିତ୍ତ ଜଣାଣ, ଗଇତା ଜଣାଣ ଓ ସ୍ତୁତ୍ୟାର୍ଥ ଜଣାଣ ପ୍ରଭୃତି ଅନେକ ବହୁ ପରବର୍ତ୍ତୀ ସମୟର ରଚନା । ସମ୍ଭବତଃ ଏମାନେ ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କ ପରି ନିଜର ଏକ ଦେବୋକ ଦେଖାଇବାକୁ ଯାଇ ଏ ପ୍ରକାର ଗୀତିକା ରଚନା କରିଅଛନ୍ତି । ଏହି ରଚନାଗୁଡ଼ିକ

ସାଧାରଣତଃ ଧର୍ମମୂଳକ, ଏଥିରେ ସାହିତ୍ୟର ସ୍ୱରୂପ ସେପରି ଭାବରେ ନିହିତ ନାହିଁ । କିନ୍ତୁ ଭାଷା ଦୃଷ୍ଟିରୁ ବିଚାର କଲେ ଏହି ରଚନାଗୁଡ଼ିକ ଯେ ଶୁଦ୍ଧ ସରଳ ଲୋକଭାଷାର ପରିପ୍ରକାଶ କହିବା ବାହୁଲ୍ୟ ହେବ ।

ବିଭୂତି ଉତ୍ପତ୍ତି ପ୍ରସଙ୍ଗରେ ସୁନ୍ଦର ଲୋକ ଭାଷାରେ ତତ୍ତ୍ୱଟି ରୂପାୟିତ ହୋଇଛି । ଯଥା—

"ବିଭୂତି କାହିଁ ଉତପତି
କପିଳା ଗାଈର ମଳୁ ଉତପତି ।
ସେ କପିଳା ଗାଈ କି କି ଖାଏ
ବେଲ ଖାଏ ବେଲ ପତ୍ର ଖାଏ
ବିଭୂତି ଯେ ନ ଲେ ପାପ ନ ଥାଏ ।"

ସେହିପରି ରୁଦ୍ରାକ୍ଷ ମହିମା ପ୍ରସଙ୍ଗରେ ଅନ୍ୟ ଏକ ଗୀତିକା ପ୍ରାଚୀନ ପାଣ୍ଡୁଲିପିର ପୃଷ୍ଠାରେ ପରିଦୃଷ୍ଟ ହୋଇଥାଏ । ଯେପରି—

"ବୋଲନ୍ତି ହର ଶୁଣ ଗୋ ଉମା
ରୁଦ୍ରାକ୍ଷର ମହିମା
ଆମ୍ଭେ ଗଲୁ କଇଳାସ
ତହିଁ ଅଣିଲୁ ରୁଦ୍ରାକ୍ଷ
ରୋପିଲୁ ମଂଜ ବୃକ୍ଷକ
ଉଠିଲେ କପୁଜାବନ ରଞ୍ଜକ ।
ମେଲିଲେକ ଫଳ ଫୁଟିଲେକ ପୁଷ୍ପ
ଫଳିଲେକ ଫଳ ।
ଧରଣୀ ସୂତାରେ ଗୁନ୍ଥିଲୁ ମାଳ
ହୃଦେ ଲମ୍ବାଇ ବଂଚିଲୁ ଚିରକାଳ ।"

ସେହିପରି ଶମ୍ଭୁତା ଜନ୍ମ, ରୁଦ୍ରାକ୍ଷ ଜନ୍ମ, ତମ୍ବାକୁଣ୍ଡଳୀ ଜନ୍ମ, ଶଙ୍ଖ ଜନ୍ମ, ଧୂନି ସ୍ଥାପନ ଦ୍ୱୈତ କବିତାରେ ଓଡ଼ିଶାରେ ନାଥ ଧର୍ମ ସମ୍ବନ୍ଧୀୟ ବହୁ ଫଳେକ ରହିଛି । ଶମ୍ଭୁତା ଜନ୍ମ ପ୍ରସଙ୍ଗରେ କେତେକ କୌତୂହଳୋଦ୍ଦୀପକ ପୌରାଣିକ କାହାଣୀ ଦିଆଯାଇଛି । ଯେପରି—

"ଲୋହିତାକ୍ଷ ନାମେ ପୂର୍ବେ ଏକ ଦୈତ୍ୟ ଥିଲେ
ପଶୁରାମ ମହାବୀର ତାଙ୍କୁ ବଧ କଲେ ।

ହାଡକଲେ, ହାଡୁଣି ଜାଂଘକଲେ ଜଙ୍ଘୁଣି
ନାଶାକଲେ ତ୍ରିଶୂଳ ମୁଣ୍ଡ କଲେ ଖପର ।
ନଳ ଧଲେ ଡମ୍ବୁରା ସେ ଆମ୍ଭର ଗୁରୁ
ଆନନ୍ଦ ତାଙ୍କର ଚିତ୍ତ
ଏ ଡମ୍ବୁରା ଗୋପନ ତତ୍ତ୍ୱ ସବୁ ବାଟ ।"

ଅନ୍ୟ ଏକ ଗୀତିକା 'ଭସ୍ମାକୁଣ୍ଡଳ ଜନ୍ମ' ନାଥଗୁରୁ ଗୋରେଖ-ନାଥଙ୍କ ନାମରେ ଭଣିତ କରାଯାଇଛି; କିନ୍ତୁ ଏହା ପ୍ରକୃତରେ ଗୋରେଖ-ନାଥଙ୍କ ଦ୍ୱାରା ରଚିତ ନୁହେଁ ଓ ତାହା ଏହିସବୁ ଗୀତିକାରେ ଲୌକିକଭାବ ବହୁଳ ସମାବେଶ ଘଟିଛି । ଯେପରି—

"ପାର୍ବତୀ ବୋଇଲେ ଜଗତ୍କର୍ତ୍ତା ଶକ୍ତି
ସୃଷ୍ଟି ଈଶ୍ୱର ଶକ୍ତି ଦେଖାଇଲେ ।
ପାର୍ବତୀ ଚାହିଁଲେ ଈଶ୍ୱର ବନାଇଲେ
କୁଣ୍ଡଳ ଖପର କାଢ଼ି ପାର୍ବତୀଙ୍କି ଦେଲେ
କୁଣ୍ଡଳ ସେ ଦେବୀ କର୍ଣ୍ଣେ ନାଇଲେ ।"

ଇତ୍ୟାଦି—

ଅନ୍ୟ ଏକ ଗୀତିକା 'ଧୂନିସ୍ଥାପନ' ଅବଧୂତ ଗୋରେଖନାଥଙ୍କ ନାମରେ ଭଣିତ କରାଯାଇଛି । ଲେଖକ ଏଥିରେ 'ବଟକେଶ୍ୱର' ଓ 'ଏକାମ୍ରକ୍ଷେତ୍ରର ମାହାତ୍ମ୍ୟ' ବର୍ଣ୍ଣନ କରିଅଛନ୍ତି ଓ ଶିବ ବଟକେଶ୍ୱରଙ୍କୁ ଏକାମ୍ର କ୍ଷେତ୍ରକୁ ଆସି ସେଠାରେ ଧୂନି ସ୍ଥାପନା କରିଅଛନ୍ତି । "ସଳିତା ଜନ୍ମ" ପ୍ରସଙ୍ଗରେ ଗୋଟିଏ ସୁନ୍ଦର ବର୍ଣ୍ଣନା ଦିଆଯାଇଛି ଯେ ଅନାଦି ସ୍ୱ ଇଚ୍ଛାରେ କପାବୃକ୍ଷ ଜାତକରାଇ ତହିଁରୁ ତୁଳା ସୃଷ୍ଟିକଲେ । ଅନନ୍ତରେ ପାର୍ବତୀ ସୂତା କାଟିବା ଫଳରେ ଈଶ୍ୱର ତ୍ରିଗୁଣ ଓ ନାଦ ପାଇଲେ ।

"ଅନାଦି ବୋଇଲେ ସୁଖ ବସ୍ତୁ କରାଇବା
କପାବୃକ୍ଷ ଜାତ କରି ସୂତା ଉଆଇବା ।
ଅନାମିକା ନଖରୁ ଜନ୍ମି ଆସି
ଦେଖୁ ଦୁର୍ଗା ହେଲେ ତହିଁ ମାଟିର କାରେଣୀ ।

ବ୍ରହ୍ମା ଦେଲେ ତଣ୍ଡୁଆଳ ଈଶ୍ୱର କୁଁଡ଼ଆଳ
ବସ୍ତ୍ର ଛୁଞ୍ଚିଲେ ଘାଣି ଆକାଶ ମଣ୍ଡଳ ।

× × ×

ଈଶ୍ୱର ବାସନା ଅଲେଖ ପାବଣୀ କାଟିଲେ
ପାବଣୀ କାଟିଲେ ଶୁକ୍ଳ ସୂତା
ହେଲୁ ମଞ୍ଜାଳରେ ପଡୁଲ ପଇତା
ସ୍ୱର୍ଣ୍ଣମାଳା ମୋତି ମାଣିକ୍ୟ ମର୍କତ
ନବଗୁଣ ପଇତା ହୋଇଲକ ଜାତ ।

× × ×

ନବଗୁଣ ପଇତା ଈଶ୍ୱରଙ୍କୁ ଦେଲେ
ନାଦ ବାନ୍ଧି ଗଳାରେ ଲମ୍ବାଅ ବୋଇଲେ ।"

ଇତ୍ୟାଦି—(ପରିଶିଷ୍ଟ ଦ୍ରଷ୍ଟବ୍ୟ)

ପୁନଶ୍ଚ 'ଶଙ୍ଖ' ନାମକ ଲୋକଗୀତ ପ୍ରସଙ୍ଗରେ କୁହାଯାଇଛି ଯେ ବ୍ରହ୍ମା ସ୍ୱରବେଦ ପାଇଲେ ଏବଂ ପାବଣୀଙ୍କ ନିକଟରେ "ଶିଶୁବେଦ" ରହିଲା । ଏହି ଶିଶୁବେଦରୁ ବାରନାଥ ନାଥଙ୍କର ଜନ୍ମହେଲା ଏବଂ ସେମାନେ ବାରଟି ଭିନ୍ନ ପନ୍ଥା ସୃଷ୍ଟି କଲେ । ପୁଣି ଏହି ବର୍ଣ୍ଣନାରେ ଶିବଙ୍କ ସହିତ ଜୀବନର ସଂପର୍କ ଦେଖାଇ ଦିଆଯିବା ସଙ୍ଗେ ଯୋଗୀର ମହତ୍ତ୍ୱ ଯୋଗ ସାଧନାରେ ଓ ଯୋଗ ନିନ୍ଦାରେ ଯୋଗୀର ବିନାଶ ବିଷୟ କୁହାଯାଇଛି । ବର୍ଣ୍ଣନାଟି ହେଉଛି ଏହିପରି—

"ସ୍ୱରବେଦ ଯୋଗୀ ବ୍ରହ୍ମାଙ୍କୁ ଦେଲେ
ଶିଶୁବେଦକୁ ପାବଣୀ ରଖିଥିଲେ ।
ଶିଶୁବେଦ ସତ୍ତ୍ୱଂ ରହିଲକ ଦେହେ
ସେହି ଗର୍ଭୁ ଜାତ ହେଲେ ବାରନାଥେ ।
ବାର ମାଗର ବାରଗୋଟି ପନ୍ଥା
ତାହା ଜାଣନ୍ତି ସହଜ ସନ୍ଥ ।
ସହଜ ଯାହାର ନାମ ସଦାଶିବ
ଶିବ ନ ଥିଲେ ଆଉ କାହିଁ ଜୀବ ।

ଯୋଗ କଲାନ୍ତୁ ଯୋଗ ଗଲ ନାଶ
ସଂସାରେ ଧାରଣା ଯୋଗୀ ପୁରୁଷ ।”

‘ଅବଧୂତ’ ଓ ବିଭିନ୍ନ ‘ବ୍ରହ୍ମଜ୍ଞାନ’ର ମହିମା ପ୍ରଭୃତି ଗୀତିକା ପ୍ରସଙ୍ଗରେ ନାଥଧର୍ମସମ୍ବନ୍ଧୀୟ ବିଭିନ୍ନ ତତ୍ତ୍ୱ ଭରି ରହିଛି । ଏହି ଗୀତିକାଗୁଡ଼ିକର ସମୟନିର୍ଦ୍ଦେଶ କରିବା ସହଜ ନୁହେଁ । ତେବେ ଏ ଗୁଡ଼ିକ ନାଥଧର୍ମ ଲୋକପ୍ରିୟତା ଲାଭ କରିବା ପରେ ଆନୁମାନିକ ଖ୍ରୀ. ଷୋଡ଼ଶ ଶତକର ରଚନା ବୋଲି ଧରିଯାଇପାରେ । ସାହିତ୍ୟ ଓ ଭାଷା ଦୃଷ୍ଟିରୁ ଗୀତିକାଗୁଡ଼ିକ ଓଡ଼ିଆ ଲୋକସାହିତ୍ୟର ସରଳତା ଭଲ ଭାବେ ପ୍ରତିପାଦନ କରିଥାଏ । ଓଡ଼ିଶାର ନାଥଧର୍ମ ସମୀକ୍ଷାରେ କ୍ଷୁଦ୍ର ଅଥଚ ଏହି ମୂଲ୍ୟବାନ ଗୀତିକା ଅନେକ ନୂତନ ଉପାଦାନ ଯୋଗାଇ ଥାଏ । “ଶିଶୁବେଦ” ଯେ ଓଡ଼ିଶାର ନାଥଧର୍ମ ଓ ସାହିତ୍ୟର ଏକ ବିଶିଷ୍ଟ ରଚନା, ତାହା ମଧ୍ୟ ଉପରୋକ୍ତ ଲୋକଗୀତିରୁ ପ୍ରମାଣିତ ହୋଇଥାଏ ।

## ଉପସଂହାର

ଓଡ଼ିଶାର ନାଥଧର୍ମ ଓ ସାହିତ୍ୟ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ନୂତନ ଅଧ୍ୟାୟ । ଖ୍ରୀ. ଦ୍ୱାଦଶ ଶତାବ୍ଦୀର ସିଦ୍ଧ ସାଧକ ଗୋରକ୍ଷନାଥଙ୍କ ପ୍ରବର୍ତ୍ତିତ ନାଥଧର୍ମ ଏକ ସମୟରେ ସମଗ୍ର ଭାରତରେ ଲୋକପ୍ରିୟ ଧର୍ମ ହୋଇ ଉଠିଥିଲା । ଧର୍ମଭୂମି ଓଡ଼ିଶାରେ ମଧ୍ୟ ଏହି ଧାର୍ମିକ ସମ୍ପ୍ରଦାୟର ଅପ୍ରତିହତ ପ୍ରଭାବ ଉଭୟ ଧର୍ମ ଓ ସାହିତ୍ୟକୁ ପ୍ରଭାବିତ କରିଥିଲା । ନାଥ ସମ୍ପ୍ରଦାୟର ମୁଖ୍ୟ ବାରଟି ସମ୍ପ୍ରଦାୟ ମଧ୍ୟରୁ ସତ୍ୟନାଥୀ ଶାଖାର ପୀଠ ପ୍ରାଚୀନ ଶୈବପୀଠ ଭୁବନେଶ୍ୱରରେ ରହିଥିବାର ଜାଣିବାକୁ ପାଇଥାଉଁ । ଏହାଛଡ଼ା ପୁରୀରେ ସତ୍ୟନାଥୀ ଶାଖାର ପ୍ରବର୍ତ୍ତକ ସତ୍ୟନାଥଙ୍କର ଅନ୍ୟ ଏକ ପୀଠ ଥିବାର ଜଣା ପଡ଼ିଥାଏ ।

ଓଡ଼ିଶାର ନାଥସମ୍ପ୍ରଦାୟ ସମ୍ବନ୍ଧୀୟ ବିବରଣୀରୁ ଜଣାପଡ଼େ ଯେ, ନାଥଧର୍ମରେ ବାରଟି ଉପଶାଖାର ସାଦୃଶ୍ୟରେ ଓଡ଼ିଶାର ନାଥଧର୍ମାବଲମ୍ବୀ ସାଧକଗଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାର ଗୋଟି ମଠ

ସ୍ଥାପନ କରିଥିଲେ । ଓଡ଼ିଶାରେ ଯୋଗୀମାନଙ୍କର ଉଦ୍ଭବ ଓ ପ୍ରସାର ଗୋରେକ୍ଷନାଥଙ୍କ ସମ୍ପୃକ୍ତ ଘଟିଛି ଓ ଓଡ଼ିଶାର ଶୈବଧର୍ମ ସହିତ ନାଥଧର୍ମ ଘନିଷ୍ଠ ଭାବରେ ସମ୍ବନ୍ଧାନ୍ୱିତ ହୋଇ ରହି ଆସିଛି । ନାଥ ଧର୍ମର ପ୍ରାଚୀନ ପରମ୍ପରା ଶୈବଧର୍ମର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଥିଲେ ହେଁ ତାହା ସମସାମୟିକ ବୌଦ୍ଧଧର୍ମର ପ୍ରଭାବକୁ ପୂର୍ଣ୍ଣ ରୂପେ ଏଡ଼ାଇଦେଇ ପାରି ନାହିଁ । ଡ଼ଃ ଗୋପୀନାଥ କବିରାଜଙ୍କ ମତରେ ବିଶେଷ କରି ମତ୍ସ୍ୟେନ୍ଦ୍ର ଓ ଗୋରେକ୍ଷନାଥଙ୍କର ଦାର୍ଶନିକ ସମ୍ବନ୍ଧକୁ କାଶ୍ମୀର ଶୈବଦର୍ଶନ ସହିତ ସମ୍ବନ୍ଧାନ୍ୱିତ କରିଅଛନ୍ତି । ଡ଼ଃ କଲ୍ୟାଣୀ ମଲ୍ଲିକ ଉକ୍ତ ସମ୍ବନ୍ଧକୁ ଖଣ୍ଡନ କରି ନାଥଧର୍ମ ଦର୍ଶନକୁ ଶୈବ ପରମ୍ପରା ସହିତ ସଂଶ୍ଳିଷ୍ଟ କରିଅଛନ୍ତି । ବ୍ରିଗ୍ସ ସାହେବ ଅନୁମାନ କରନ୍ତି ଯେ ଗୋରେକ୍ଷନାଥ ପ୍ରଥମେ ବଜ୍ରଯାନୀ ସିଦ୍ଧ ଥିଲେ ଓ ପରେ ଶୈବ ହୋଇଥିଲେ । ପଣ୍ଡିତ ହଜାରୀ ପ୍ରସାଦ ଦ୍ୱିବେଦୀ କହନ୍ତି ଯେ, "ଗୋରେକ୍ଷନାଥ ଶୈବ-ପ୍ରତ୍ୟଭିଜ୍ଞାଦର୍ଶନ ଉପରେ ବହୁ ବିସ୍ତୃତ କାୟା ବିଦ୍ୟାର ପ୍ରବର୍ତ୍ତକ ସାଧନାକୁ ବ୍ୟବସ୍ଥିତ କରିଛନ୍ତି । ଆନ୍ତର ମଧ୍ୟ ବଜ୍ରଯାନୀ ତାନ୍ତ୍ରିକ ସାଧନା ମାର୍ଗର ପାରିଭାଷିକ ଶବ୍ଦକୁ ପାରମାର୍ଥିକ ରୂପ ପ୍ରଦାନ କରିଛନ୍ତି ଓ ତତ୍କାଳୀନ ପ୍ରଚଳିତ ବାମାଚାର ମାର୍ଗକୁ ପରିହାର କରିଛନ୍ତି ।" ତେବେ ଏହି ନାଥଧର୍ମ ମୁଖ୍ୟତଃ ଶୈବମାର୍ଗୀ ହେଲେ ହେଁ ସେତେବେଳେ ବହୁ ବାମମାର୍ଗୀ, ଶାକ୍ତ ବ୍ରାହ୍ମଣ୍ୟ, ବୌଦ୍ଧ ଓ ଆଜୀବକ ସଂପ୍ରଦାୟର ଲୋକେ ଗୋରେକ୍ଷନାଥଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ତେଣୁ ନାଥ ସମ୍ପ୍ରଦାୟରେ ଏ ସବୁର ପ୍ରଭାବ ଅଳ୍ପାଧିକ ପରିମାଣରେ ପରିଲକ୍ଷିତ ହୋଇଥାଏ । ନାଥ ପନ୍ଥାରେ ଶୂନ୍ୟତତ୍ତ୍ୱ ବା ଶୂନ୍ୟସାଧନା 'ବ୍ୟୋମ ପଞ୍ଚକ' ସାଧନାରେ ପରିସ୍ଫୁଟ ହୋଇଛି । ବହୁ ପ୍ରାଚୀନ କାଳରୁ ଶୂନ୍ୟଚିନ୍ତା ଋଗ୍ବେଦୀୟ ସାହିତ୍ୟରୁ ଆରମ୍ଭ କରି ବୌଦ୍ଧ, ଜୈନ ଓ ବୈଷ୍ଣବ ପ୍ରଭୃତି ଧର୍ମ ସମୂହରେ ପରିଲକ୍ଷିତ ହୋଇଥାଏ ଓ ନାଥଧର୍ମରେ ମଧ୍ୟ ଶୂନ୍ୟତତ୍ତ୍ୱ ଓ ଶୂନ୍ୟସାଧନାର ସ୍ଥାନ ରହିଛି । ମହାଯାନ ଶୂନ୍ୟସାଧନା ନାଥଧର୍ମର ମଧ୍ୟ ଦେଇ ଓଡ଼ିଆ ସାହିତ୍ୟର ପରବର୍ତ୍ତୀ ସନ୍ଥ ସାହିତ୍ୟକୁ ଯେ ପ୍ରଭାବିତ କରିଛି, କହିବା ବାହୁଲ୍ୟ ହେବ ।

ଗୋରେକ୍ଷନାଥଙ୍କର ଆବିର୍ଭାବ ପରେ ଭାରତର ଅନ୍ୟାନ୍ୟ ପ୍ରଦେଶରେ ଯେପରି ନାଥଧର୍ମର ଅଭ୍ୟୁଦୟ ଘଟିଛି ସମସାମୟିକ

ଭାବରେ ଓଡ଼ିଶାରେ ମଧ୍ୟ ସେହିପରି ନାଥଧର୍ମର ପ୍ରସାର ହୋଇଛି । ଓଡ଼ିଶାରେ ଯୋଗୀମାନେ ଏକ ପ୍ରଧାନ ଧାର୍ମିକ ସଂପ୍ରଦାୟ ହେଲେ ମଧ୍ୟ ସେମାନେ ଅନ୍ତ୍ୟଜ ଧାର୍ମିକ ସଂପ୍ରଦାୟ ଭାବରେ ପରିଗଣିତ । ଏହି ସଂପ୍ରଦାୟର ପ୍ରାଚୀନତା ଯେପରି ସୁବିଶାଳ ଓ ସୁବିସ୍ତୃତ, ସେହିପରି ମଧ୍ୟ ଗୌରବମୟ । କିନ୍ତୁ ଧର୍ମଭୂମି ଓଡ଼ିଶାରେ ବିଭିନ୍ନ ଧାର୍ମିକ-ମତବାଦର ଘାତପ୍ରତିଘାତ ଓ ସଂଘର୍ଷ ମଧ୍ୟରେ ନାଥଧର୍ମାବଲମ୍ବୀମାନେ ସେମାନଙ୍କର ପରମ୍ପରା ହରାଇ ବର୍ତ୍ତମାନ ଗୃହସ୍ଥ ବା 'ଯୋଗୀ ଭିଖାରି' ଭାବରେ ପରିଚିତ ହେଉଛନ୍ତି । ଦାକ୍ଷିଣାତ୍ୟରେ ଯୋଗୀମାନେ ନାଗ-ପୂଜକ । ମହାରାଷ୍ଟ୍ରରେ ଯୋଗୀମାନେ ଗୃହସ୍ଥ ଜୀବନ ଯାପନ କରିବା ସହିତ ଭୈରବଙ୍କର ପୂଜା କରିଥାନ୍ତି । ମାଳୟାଳୀ ଯୋଗୀମାନେ କାଳୀ ଓ ମୈଥୁନ ପୂଜକ ଅଟନ୍ତି; କିନ୍ତୁ ଓଡ଼ିଶାର ଯୋଗୀମାନେ ସାଧାରଣତଃ ଶିବ ଉପାସକ ଓ ଭିକ୍ଷାଦ୍ୱାରା ଜୀବିକା ନିର୍ବାହ କରିଥାନ୍ତି । ଓଡ଼ିଶାରେ ଯେଉଁମାନେ ଯୋଗୀ ବୈଦ୍ୟ ସେମାନେ ନାଥସଂପ୍ରଦାୟର ଉପଶାଖାର ସଂପ୍ରଦାୟ ଅନ୍ତର୍ଭୁକ୍ତ ଅଟନ୍ତି ।

ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟ ନାଥଧର୍ମ ଦର୍ଶନଦ୍ୱାରା ଓତଃପ୍ରୋତ ଭାବରେ ପ୍ରଭାବିତ ହୋଇଛି କହିବା ଭୁଲ ହେବ ନାହିଁ । ଯୋଗର ବିଭିନ୍ନ ସ୍ୱରୂପ ମଧ୍ୟରେ ହଠଯୋଗର ସବିଶେଷ ପ୍ରଭାବ ଓଡ଼ିଆ ପଞ୍ଚସଖା ସାହିତ୍ୟ ଓ ପରବର୍ତ୍ତୀ ସନ୍ଥ ସାହିତ୍ୟରେ ଦେଖିବାକୁ ମିଳେ । ହଠଯୋଗ ସମ୍ମତ ଷଡ଼ାଙ୍ଗ, ଅଷ୍ଟାଙ୍ଗ ଯୋଗର ବର୍ଣ୍ଣନା ଓ ସୂଚନା ଓଡ଼ିଆ ସାହିତ୍ୟରେ ପୂରି ରହିଛି । ନାଥଧର୍ମ ଦର୍ଶନର ଅନ୍ୟାନ୍ୟ ସଂକେତ ଯଥା ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଆରମ୍ଭ, ଘଟ, ପରଚେ ଓ ନିଷ୍ପତ୍ତି ଯୋଗର ସାଧନା, ଭାସ୍ତାନକୁ ପ୍ରଭୃତି ଯୋଗସମ୍ବନ୍ଧୀୟ ତତ୍ତ୍ୱ ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ ଅଟେ ।

'ଶିଶୁବେଦ' 'ଅମରକୋଷ ଗୀତା' 'ସାରଳା ସାହିତ୍ୟ' 'ବ୍ରହ୍ମ ସୁଧାନିଧି' ଓ ପରବର୍ତ୍ତୀ ଓଡ଼ିଆ ସନ୍ଥ ସାହିତ୍ୟରେ ଗୋରେଖ, ମତ୍ସ୍ୟେନ୍ଦ୍ର ପ୍ରଭୃତି ନାଥ ସିଦ୍ଧମାନଙ୍କ ସମ୍ବନ୍ଧୀୟ କିମ୍ବଦନ୍ତୀ ଓ ନାମୋଲ୍ଲେଖ ସାରଳା ଯୁଗ ପୂର୍ବରୁ ଏକ ଗୌରବମୟ ସିଦ୍ଧଯୁଗ ଓ ସିଦ୍ଧସାହିତ୍ୟର ସୂଚନା ଦେଇଥାଏ । ଏହି ପ୍ରସଙ୍ଗରେ 'ଶିଶୁବେଦ' 'ଅମରକୋଷ ଗୀତା'

'ଗୋରକ୍ଷ ସଂହିତା' ଓ ଅନ୍ୟାନ୍ୟ ନାଥଗୀତିକା ପୁସ୍ତକର ଆବିଷ୍କାର ପ୍ରମାଣ କରୁଛି ଯେ 'କୈବର୍ତ୍ତଗୀତା ଓ ଦେହା'ର ରଚନା ପରେ 'ନାଥ ସାହିତ୍ୟ'ର ଉଦ୍ଭବ ଓ ବିକାଶ ଓଡ଼ିଆ ସାହିତ୍ୟରେ ଘଟିଥିଲା । 'ଶିଶୁ-ବେଦ'ର ସ୍ୱରୂପ ଉଦ୍‌ଘାଟନରେ ଜଣାଯାଏ ଯେ, ତାହା ଆକାରରେ ଏକ କ୍ଷୁଦ୍ର ରଚନା ହେଲେ ମଧ୍ୟ ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟର ପଦେ ପଦେ 'ଶିଶୁବେଦ' ଶବ୍ଦର ପ୍ରୟୋଗ ସହିତ ଶିଶୁବେଦର ଅନେକ ପଦାବଳୀ ଉଦ୍ଧୃତ ରଚନାରେ ପରିଦୃଷ୍ଟ ହୋଇଥାଏ । 'ଶିଶୁବେଦ' ଏକ କ୍ଷୁଦ୍ର ରଚନା ହେଲେ ହେଁ ତାହାର ଅସୀମ ପ୍ରଭାବରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଆଲୋକିତ ହୋଇଛି । 'ଶିଶୁବେଦ'କୁ ଏକ ଯୁଗାନ୍ତ-କାରୀ ରଚନା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟରେ ଅନେକ ଯୋଗସମ୍ବନ୍ଧୀୟ ପାରିଭାଷିକ ଶବ୍ଦର ପ୍ରୟୋଗ କରାଯାଇଛି, ଯାହାକୁ ଅଧୁନାତନ ସମା-ଲୋଚକଗଣ କ୍ଲିଷ୍ଟ, ଦୁର୍ବୋଧ ଓ କେହି କେହି ନିରର୍ଥକ ବୋଲି ସ୍ୱ ଅଜ୍ଞତାର ପରିଚୟ ଦେଇଥାନ୍ତି । ସେ ଯାହାହେଉ, ଯୋଗସମ୍ବନ୍ଧୀୟ ପାରିଭାଷିକ ଶବ୍ଦାବଳୀ କେବଳ ଓଡ଼ିଆ ସନ୍ଥ ସାହିତ୍ୟରେ ନୁହେଁ, ଭାରତୀୟ ଅନ୍ୟାନ୍ୟ ଧାର୍ମିକ ସାହିତ୍ୟରେ ଶତାଧିକ ସଂଖ୍ୟାରେ ପରିଦୃଷ୍ଟ ହୋଇଥାଏ । ନାଥସମ୍ପ୍ରଦାୟର ସାହିତ୍ୟରେ ପରିଦୃଷ୍ଟ ଏହିପରି ଅନେକ ଯୋଗତତ୍ତ୍ୱ ସମ୍ବନ୍ଧୀୟ ପାରିଭାଷିକ ଶବ୍ଦାବଳୀ ସହିତ ପଞ୍ଚସଖା ସାହିତ୍ୟରେ ଲକ୍ଷିତ ଶବ୍ଦାବଳୀର ସାଦୃଶ୍ୟ ଓ ତୁଳନାତ୍ମକ ବିଚାର ଓ ଧର୍ମତତ୍ତ୍ୱମୂଳକ ସମୀକ୍ଷାରେ ଜଣାପଡ଼ିଥାଏ ଯେ, ନାଥସମ୍ପ୍ରଦାୟର ଦର୍ଶନ ଓଡ଼ିଆ ପଞ୍ଚସଖା ସାହିତ୍ୟକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା ।

ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟରେ 'ଗୋବିନ୍ଦଚନ୍ଦ୍ର' ବା 'ମଇନାବତୀ' ଉପାଖ୍ୟାନ ପରି ଓଡ଼ିଆ ସାହିତ୍ୟରେ ଉକ୍ତ ଉପାଖ୍ୟାନ ଅତି ଲୋକପ୍ରିୟ ଲୋକଗୀତ ବା ଲୋକସାହିତ୍ୟ ଭାବରେ ପ୍ରତିଷ୍ଠା ଲାଭ କରିଛି । 'ସପ୍ତାଙ୍ଗ ଯୋଗ ଧାରଣମ୍' ଓ 'ଗୋବିନ୍ଦଚନ୍ଦ୍ର' ଦୁଇଟି ଓଡ଼ିଆ ନାଥସାହିତ୍ୟର ଲୋକପ୍ରିୟ ରଚନା ବଙ୍ଗଳା ଭାଷାରେ ଭାଷାନ୍ତରିତ ହୋଇଥିବା ବିଷୟ ଗବେଷଣାରୁ ଜଣାପଡ଼ିଥାଏ ଓ ଉକ୍ତ

ରଚନା ଦୁଇଟିକୁ ଯେଉଁମାନେ ବଙ୍ଗଳା ଭାଷାର ରଚନା ବୋଲି ଆଖ୍ୟାତ କରନ୍ତି, ତାହା ନିତାନ୍ତ ପ୍ରମାଦପୂର୍ଣ୍ଣ ।

ପରିଶେଷରେ 'ଗୋରେଖ ସଂହିତା'ର ଆବିଷ୍କାର ଓଡ଼ିଆ ନାଥ-ସାହିତ୍ୟରେ ଏକ ନୂତନ ସଂଯୋଗ । ଉକ୍ତ ଗ୍ରନ୍ଥଟି ନାଥ ସମ୍ପ୍ରଦାୟ ସମ୍ବନ୍ଧୀୟ ବହୁ ଲୁପ୍ତ ତତ୍ତ୍ୱ ଓ ତଥ୍ୟର ଉପାଖ୍ୟାନ ପ୍ରଦାନ କରିବା ସହିତ ଓଡ଼ିଆ ନାଥସାହିତ୍ୟ ଆଲୋଚନାକୁ ବହୁ ଭାବରେ ସମୃଦ୍ଧିବନ୍ତ କରିଥାଏ । ନାଥସାହିତ୍ୟର ଇତିହାସ, ଧର୍ମ ଓ ଦର୍ଶନ ଦୃଷ୍ଟିରୁ ଏହି ଅଭିନବ ଗ୍ରନ୍ଥଟି ଯେ ଏକ ଉପାଦେୟ ଗ୍ରନ୍ଥ ତାହା କହିବା ବାହୁଲ୍ୟ ହେବ । ଭାରତୀୟ ତନ୍ତ୍ର ସାହିତ୍ୟରେ ନାଥସମ୍ପ୍ରଦାୟ ସମ୍ବନ୍ଧୀୟ ଉପା-ଦାନର ସ୍ୱଳ୍ପତା ଦୃଷ୍ଟିରୁ ଓଡ଼ିଆ ନାଥସାହିତ୍ୟର ଏହି ରଚନା ସମୂହର ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହେଲେ ନାଥ ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଆଲୋଚନାର ଦ୍ୱାର ଅନେକ ପରିମାଣରେ ସମ୍ପ୍ରସାରିତ ହୋଇପାରନ୍ତା ।

ସାରଳା ଯୁଗର ପୂର୍ବବର୍ତ୍ତୀ ଯୁଗରେ ଧର୍ମର ଦୁଇ ପ୍ରଧାନ ଧାରା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଥାଏ; ଯଥା— ସିଦ୍ଧାଚାର୍ଯ୍ୟମାନଙ୍କର ଦୋହା ସାହିତ୍ୟ, ନାଥ ସିଦ୍ଧାଚାର୍ଯ୍ୟଙ୍କଦ୍ୱାରା ରଚିତ ଓ ପ୍ରଚାରିତ ଓଡ଼ିଆ ନାଥସାହିତ୍ୟ । ଏହି ଯୁଗର ସାହିତ୍ୟକୁ ଆମ୍ଭେମାନେ ଦୁଏ ତ ବୌଦ୍ଧ ସିଦ୍ଧାଚାର୍ଯ୍ୟ ସାହିତ୍ୟ ଓ ନାଥସାହିତ୍ୟ—ଏହିପରି ଦୁଇ ଭାଗରେ ବିଭକ୍ତ କରିପାରୁ; କାରଣ ଏହି ସାହିତ୍ୟ ସାଧାରଣତଃ ବୌଦ୍ଧ ତଥା ନାଥ ସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ପରିପୁଷ୍ଟ ହୋଇଛି । ଅତଏବ ଏହି ସମଗ୍ର ଯୁଗକୁ 'ସିଦ୍ଧସାହିତ୍ୟ ଯୁଗ' ଭାବରେ ନାମିତ କରାଯାଇପାରେ । ତେଣୁ ଓଡ଼ିଆ ସାହିତ୍ୟ ତଥା ଧର୍ମର ଇତିହାସରେ 'ନାଥଧର୍ମ' ଓ 'ନାଥ ସାହିତ୍ୟ' ଏକ ନୂତନ ଯୁଗ, ଏକ ନୂତନ ସଂଯୋଜନା, 'ଅବହେଳିତ ଓ ବିଲୁପ୍ତ ପ୍ରାୟ ଏକ ସର୍ବଭାରତୀୟ ଧାର୍ମିକ ସମ୍ପ୍ରଦାୟର ପୁନଃସଂସ୍ଥାପନ, ସର୍ବୋପରି ବୌଦ୍ଧ ସିଦ୍ଧାଚାର୍ଯ୍ୟ ସାହିତ୍ୟ ଓ ସାରଳା ସାହିତ୍ୟ ମଧ୍ୟରେ ବହୁ ଦିନରୁ ରହି ଆସିଥିବା ବିଶାଳ ବିଚ୍ଛେଦ ମଧ୍ୟରେ ସଂଯୋଗ ସ୍ଥାପନ କରିବା ନିମନ୍ତେ ଏକ ସୁଦୃଢ଼ ସେତୁ ଭୂମି ପ୍ରତୀୟମାନ ହୋଇଥାଏ ।

## ଡାକ ବଚନ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଡାକ ଓ ଖନା ବଚନ ବହୁଳ ଭାବରେ ପ୍ରଚଳିତ । ଏହି ଡାକ ଓ ଖନା ବାଣୀ ଯେ କେବଳ ଓଡ଼ିଶାରେ ପ୍ରଚଳିତ ତାହା ନୁହେଁ । ଏହି ପ୍ରକାର ଉକ୍ତି ବଙ୍ଗଳା, ବିହାର, ଆସାମ, ତଥା ହିନ୍ଦୀଭାଷୀ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ପ୍ରବାଦ ଓ ପ୍ରବଚନ ହୋଇ ରହିଛି । କେବଳ ଲୋକ ମୁଖରେ ପ୍ରବାଦ ପ୍ରବଚନ ମଧ୍ୟରେ ନୁହେଁ, ସେଗୁଡ଼ିକ ପ୍ରାଚୀନ ଓଡ଼ିଆ ପାଣ୍ଡୁଲିପି ବିଶେଷତଃ ଜ୍ୟୋତିଷଶାସ୍ତ୍ରମାନଙ୍କରେ ଲିପିବଦ୍ଧ ହୋଇଛି । ବୃଷ୍ଟିବାତ୍ୟା, ବର୍ଷା-ବୃଷ୍ଟି, ବିବାହ-ବ୍ରତ ପ୍ରଭୃତି ସାଧାରଣ ଜୀବନର ବିଭିନ୍ନ କର୍ମ-କ୍ଷେତ୍ରରେ ଏହି ଉକ୍ତିଗୁଡ଼ିକ ବିଶେଷ ଲାଭ ବିସ୍ତାର କରିଥିଲା— ଏବେ ବି ଓଡ଼ିଶାର ପୁରପଲ୍ଲୀରେ ସେଗୁଡ଼ିକ ଉଚ୍ଚାରିତ ହୋଇଥାଏ । ଓଡ଼ିଆ ଭାଷାରେ ଡାକ ଓ ଖନାଙ୍କର ବଚନ ପ୍ରଚଳିତ ହୋଇଛି । ଆସାମୀୟା ଓ ମୈଥିଳୀ ସାହିତ୍ୟରେ ଡାକବଚନ ପ୍ରଚଳିତ; କିନ୍ତୁ ସେଠାରେ ଖନା ବଚନ ଦେଖିବାକୁ ମିଳେ ନାହିଁ । ଅନେକ ଖନାବଚନ ମଧ୍ୟ ଡାକ ବଚନ ଭାବରେ ସେହି ସବୁ ଅଞ୍ଚଳରେ ଚଳୁଅଛି ।

କେତେକ ଆଲୋଚକ ମତ ଦିଅନ୍ତି ଯେ ଡାକ ଓ ଖନା ବ୍ୟକ୍ତି-ବିଶେଷଙ୍କର ନାମ ନୁହେଁ; ତାହା କେବଳ ଉପାଧି ବିଶେଷ । ଏହି ଦୁଇଟି ଉପାଧି ତିବ୍ବତ ଶବ୍ଦ Gdag ଓ Mkhan ଶବ୍ଦ ଦୁଇଟିରୁ ଅପଭ୍ରଷ୍ଟ । ଏହାର ଅର୍ଥ ଯଥାକ୍ରମେ ହେଉଛି ଜ୍ଞାନୀଲୋକ ଓ ଜ୍ଞାନୀ ସ୍ତ୍ରୀ ଲୋକ । ( New light on History of Asamiya literature—D. Neogi, P. 72 )

ଡାକଙ୍କର ଜୀବନୀ ସମ୍ବନ୍ଧରେ ବହୁ ପ୍ରକାର କିମ୍ବଦନ୍ତୀ ରହିଛି । କଥିତ ଯେ ଡାକଙ୍କର ପିତା ଥିଲେ କୁମ୍ଭକାର ଓ ତାଙ୍କର ସାତୋଟି ଭାଇ ଥିଲେ । କାମରୂପ ଜିଲ୍ଲାର ବଡ଼ପେଟା ସହରଠାରୁ ଅନତିଦୂରରେ 'ଡ଼ାକ' ନାମକ ଗାଁ ମଧ୍ୟ ରହିଛି । କଥିତ ଯେ ଡାକ ସେହିଁଠି ଜନ୍ମଲାଭ କରିଥିଲେ, ସେହି ଗାଁରେ ତାଙ୍କ ଯଶସ୍ତମ୍ଭ [illegible] ଗଢ଼ା ରହିଛି । ନବରତ୍ନଙ୍କ ମଧ୍ୟରୁ ବରାହ ମିହିରଙ୍କର ସମ୍ପର୍କ ମଧ୍ୟ ଡାକଙ୍କ ସହିତ ସ୍ଥାପିତ ହୋଇଥିବାର କିମ୍ବଦନ୍ତୀ ରହିଛି । ତାଙ୍କ ଉକ୍ତିକୁ କେତେକ

ଆଲୋଚନା କରି ତାଙ୍କୁ ବୌଦ୍ଧଧର୍ମାବଲମ୍ବୀ ଥିବାର କହିଅଛନ୍ତି । ଡାକ ବରାହ ମିହିରଙ୍କର ସମସାମୟିକ ଥିଲେ, ତେଣୁ ତାଙ୍କର ସମୟ ଖ୍ରୀ.ଷଷ୍ଠ ଶତାବ୍ଦୀ ବୋଲି ଧରାଯାଇପାରେ । ତତ୍କାଳୀନ ଡାକ ବଚନ ବିଭିନ୍ନ ସମୟରେ ବିଭିନ୍ନ ସୂତ୍ରରେ ଲୋକମୁଖରେ ପରିବର୍ତ୍ତିତ ଓ ବିଭିନ୍ନ ଆକାର ଧାରଣ କରିଛି । ତଥାପି ଓଡ଼ିଆ ପାଣ୍ଡୁଲିପିରେ ଯେଉଁ ଡାକ ବଚନ ରହିଛି, ତାହାର ଭାଷାରେ ଅନେକ ପ୍ରାଚୀନତା ଏବେ ବି ପରିଦୃଷ୍ଟ ହୋଇଥାଏ । ତଥାପି ଡାକ ବଚନ ଏତେ ଲୋକପ୍ରିୟ ଓ ପ୍ରସିଦ୍ଧ ହୋଇଥିଲା ଯେ ତାହା 'ବେଦର ବାଣୀ'କୁ ଟପି ଯାଇଥିଲା । ତେଣୁ କୁହାଯାଇଛି "ଡାକର ବଚନ ବେଦର ବାଣୀ ।"

ଡକ୍ଟର ପଞ୍ଚାନନ ଚନ୍ଦ୍ର ସରକାର 'ଖନା' ଶବ୍ଦର ସ୍ୱରୂପ ବିଚାର କରି ତାହାର ଭାଷାତାତ୍ତ୍ୱିକ ଆଲୋଚନା କରିଅଛନ୍ତି । ସେ କହିଛନ୍ତି, ସଂ କ୍ଷଣଦ > ପ୍ରା: ଖନା, ଯାହାର ଅର୍ଥ ହେଉଛି 'ଜ୍ୟୋତିଷ' ଓ 'ଡାକ'ର ଅର୍ଥ ହେଉଛି 'ବାଣୀ' । ଓଡ଼ିଆରେ ମଧ୍ୟ 'ଡାକ ରହିଛି' ଅର୍ଥାତ୍ 'ପ୍ରସିଦ୍ଧ ବାଣୀ ବା ଉକ୍ତି' ଅର୍ଥରେ ତାହାର ବହୁଳ ପ୍ରଚଳନ ଅଛି । ଓଡ଼ିଆରେ 'ଡାକ' ବଚନ 'ଡାକ ଋଷି' ବଚନ ଭାବରେ କଥିତ । ତେଣୁ ମନେହୁଏ 'ଡାକ' ଯେ କି ପ୍ରସିଦ୍ଧ ଜ୍ୟୋତିଷ ଭାବରେ ଭବିଷ୍ୟତ ବାଣୀ ବା ତତ୍ତ୍ୱଜ୍ଞାନ ପକ୍ଷ ସମ୍ବଳିତ କେତେକ ବାଣୀ ଶୁଣାଇ ଯାଇଛନ୍ତି, ସେସବୁ ବାଣୀକୁ ସିଦ୍ଧପୁରୁଷ, ମହାତ୍ମା ବା ଋଷିଙ୍କର ବାଣୀ ବୋଲି ସେ ସମୟର ଲୋକେ ଗ୍ରହଣ କରିଯାଇଛନ୍ତି । ଡକ୍ଟର ଆଶୁତୋଷ ଭଟ୍ଟାଚାର୍ଯ୍ୟ ମତ ଦିଅନ୍ତି ଯେ 'ଡାକ' ଓ 'ଖନା' ପ୍ରାଚୀନ କାଳରେ କେତେକ ତାନ୍ତ୍ରିକ ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କର ନାମ ଅଟେ । କାଳକ୍ରମେ 'ଡାକ' ଋଷି ଭାବରେ କଥିତ ହୋଇଅଛନ୍ତି ।

ବଙ୍ଗଳାରେ 'ଡାକ' ଗୋପାଳ କୁଳରେ ଜନ୍ମ ହୋଇଥିବାର କମ୍ବଦନ୍ତୀ ରହିଛି । ଆସାମରେ 'ଡାକ' କୁମ୍ଭକାର କୁଳରେ ଜନ୍ମ ହୋଇଥିବାର ବିଷୟ ଆଗନ୍ତୁ କୁହାଯାଇଛି । ଅନ୍ୟ ଏକ ଆସାମୀ ପ୍ରବଚନରେ 'ଡାକ' ବ୍ରାହ୍ମଣ କୁଳୋଦ୍ଭବ ବୋଲି କଥିତ । ଡାକ ଯାହା ହୁଅନ୍ତୁ ନା କାହିଁକି, 'ଡାକ ବଚନ' ଏକ ସମୟରେ ବଙ୍ଗ, ଆସାମ ଓ ଓଡ଼ିଶାରେ କଥିତ ହେଉଥିବା ବିଷୟ ସ୍ୱୀକୃତ ଓ 'ଡାକ' 'ଖନା' ନିଶ୍ଚୟ ଐତିହାସିକ ବ୍ୟକ୍ତି, ଏଥିରେ ସନ୍ଦେହ ନାହିଁ । ଡାକ ବଚନ ଭାରତର

ପୂର୍ବାଞ୍ଚଳ ବ୍ୟତୀତ ପଶ୍ଚିମ ଭାରତ ବା ରାଜସ୍ଥାନରେ ଓ ଉତ୍ତର ଭାରତରେ ମଧ୍ୟ ଲୋକପ୍ରିୟ ବାଣୀ ହୋଇ ରହିଛି । 'ଘାଘ ଔର ଭଡ୍ଡରୀ'—ସମ୍ପାଦନା ରାମନରେଶ ତ୍ରିପାଠୀ, ହିନ୍ଦୁସ୍ଥାନୀ ଏକାଡେମୀ, ଏଲାହାବାଦ—ପୁସ୍ତକରେ ତାଙ୍କର ଲୋକୋକ୍ତି ପରି ଉକ୍ତି ସମୂହ ଏହି ଗ୍ରନ୍ଥରେ ରହିଛି । ଖେତବାଡ଼ି, ବୃଷ୍ଟି—କାଳ, ଲଗ୍ନ—ମୁହୂର୍ତ୍ତ ପ୍ରଭୃତି ବିଷୟରେ ତାଙ୍କର ପ୍ରସିଦ୍ଧ ବାଣୀ ସମଗ୍ର ଉତ୍ତର-ଭାରତରେ ଲୋକପ୍ରିୟ ବାଣୀ । 'ଡାକ ଓ ଭଡ୍ଡରୀ'ଙ୍କର ସମସ୍ତ କର୍ଣ୍ଣାଭରଣର ସମ୍ପାଦକ ସେମାନଙ୍କର ଆବିର୍ଭାବ ସମୟ ଆକବରଙ୍କ ରାଜତ୍ୱ ସମୟ ବୋଲି କହିଛନ୍ତି ଓ 'ଭଡ୍ଡରୀ'ଙ୍କୁ ବରାହମିହିରଙ୍କ ସମକାଳୀନ ବୋଲି କହିଅଛନ୍ତି, ଅର୍ଥାତ୍ ତାଙ୍କର ସମୟ ହେଉଛି ଖ୍ରୀ: ଷଷ୍ଠ ଶତାବ୍ଦୀ । ଆସାମୀୟା ସାହିତ୍ୟର ଇତିହାସରେ ଗ୍ରନ୍ଥକାର କହନ୍ତି ଯେ ଓଡ଼ିଆ ଭାଷାରେ 'ଡାକ ବଚନ' ସଙ୍ଗୃହୀତ ହୋଇ ନ ଥିବାରୁ ସେ 'ପୂର୍ବ ମଇମନସିଂହ ସାହିତ୍ୟ ସମ୍ମିଳନୀ'ରେ ଡକ୍ଟର ଶହିଦୁଲ୍ଲାଙ୍କର କେତେକ ଓଡ଼ିଆ ପଦ ଉଦ୍ଧାର କଲେ । ( New light on History of Asamiya literature—D·Neog P. 74)

ଆସାମୀୟା—ନଙ୍ଗର ପୁଖୁରି ଦୁଭାଗ ଯାଇ
ପରକ ଆଡାରେ ବାଟକ ଭୂଇ
ପାଣିକ ମେଲଇ ପାନିକ ଯାଇ
ଡାକେ ବୋଲେ ଭାଇକ କହବା ଥାଇ ।

ବଙ୍ଗଳା— ନଗୁର ପୋ ଁଷା ଦୂରେ ଯାଇ
ପର ସମ୍ମାଖେ ବାଟେ ଥିକେ
ପାଣ ଫେଲିୟା ପାଣକେ ଯାଇ
ତାରେ ନ ବଲିହେ ସଖା ।

ଓଡ଼ିଆ— ନଗ୍ରର (ନଗର) ପୋଖରୀ ଦୂରେ ଯାଇ
ଘର ସମ୍ମାଖେ ବାଟେ ଥିକେ
ଡାକେ ବୋଲେ ଏ ନାରୀ ସରେ ନ ଟେକେ ।'

ଏଥିରୁ ଜଣାପଡ଼େ ଯେ ଆସାମ, ବଙ୍ଗଳା ଓ ଓଡ଼ିଶାରେ ବୌଦ୍ଧ ସାହିତ୍ୟ ପରି 'ଡାକ ସାହିତ୍ୟ' ମଧ୍ୟ ପ୍ରଚଳିତ ଥିଲା । ଡଃ ଶହିଦୁଲ୍ଲା ପୂର୍ବବଙ୍ଗର ଜଣେ ବିଶିଷ୍ଟ ପୁରାତତ୍ତ୍ୱବିଦ୍ ଓ ସାହିତ୍ୟିକ । ଓଡ଼ିଆରେ

ଡାକ ବଚନର ଆଲୋଚନାତ୍ମକ ପୁସ୍ତକ ନ ଥିବାରୁ ଓ ସେ ଓଡ଼ିଆଭାଷା ଜାଣି ନ ଥିବାରୁ ଓଡ଼ିଆ ଡାକ ବଚନ ଯାହା ସେ ଉଦ୍ଧାର କରିଛନ୍ତି, ତାହା କେତେକାଂଶରେ ବିକୃତ ହୋଇ ପଡ଼ିଛି । ପ୍ରାଚୀନ ଓଡ଼ିଆ ଜ୍ୟୋତିଷ ପୋଥିମାନଙ୍କର ଡାକବଚନ ପୃଷ୍ଠ ରହିଛି; ଯାହା ଏ ପର୍ଯ୍ୟନ୍ତ ଅପ୍ରକାଶିତ ।

ବର୍ତ୍ତମାନ ଆଲୋଚ୍ୟ ଓଡ଼ିଆ ଡାକ ଓ ଖନା ବଚନରୁ କେତେକ ପଦ ଏଠାରେ ଉଦ୍ଧାର କରାଯାଉଅଛି । ନିମ୍ନୋକ୍ତ ଡାକ ବଚନର ଭାଷା ସୁପ୍ରାଚୀନ । ଯେଉଣି ଯାତ ମୂଳକ, ନକରେ ଧନ୍ୟା, ଉପୁଣାଃ, ତାନ୍ତ୍ରେ (ତାତେ), ଜାଣି ମୁଂ (ଜାଣିବୁ), ତେଣ୍ଡିପ, ବଇସେ (ବସେ), ପଇସେ (ପଶେ) ।

## ଖନା ବଚନ

ବୃଷ ସାଗର ଲଗ୍ନେ ଗଳ
ପାଣିଣି ଧାତରେ ପାଇଲ ଫଳ ।
କଣା କୁଜା ଦେଖଇ ଜେବେଂ
ପାଣିର ଧାତରେଂ ମରଇ ତେବେଂ ।

*　　　*

ଯାତ ଶୂଳକ ବନ୍ଧୁତର ଘାତ
ତାତେ ରଷା ନାହିଂରେ ଦୀପ
ଦାନେ ଖେଳେ ନ କରେ ଧନ୍ୟା
ଅବଶ୍ୟ ହଂସା କରେ ଉପୁଣାଃ ।

*　　　*

ସୁଣରେଖା ଆଠ ଘର । ଚକ୍ରେ ରବ (?) ମଣ୍ଡଳ କର ।
ରବି ଚନ୍ଦ୍ର ମଙ୍ଗଳ ବୁଧ ଶନି ଶୁକ୍ର ଗୁରୁ କେତୁ ।
ତାନ୍ତ୍ରେ ଶୂନ୍ୟ ଦେଇଂ ଜାଣ । କୃତ୍ତିକାଦି କ୍ରମେ ପରିମାଣ ।
ବାମା ବର୍ତ୍ତେ ଏକର ଭାଗ । ତେବେଂ ଜାଣିମୁଂ ବର୍ଷଲଗ ।

*　　　*

ଅର୍କା ରାହୁଳ ଶଶି ଅର୍ଦ୍ଧ ଯଏ
ଅତ୍ୟୁଦ୍ଧଂଶତ (?) ମଙ୍ଗଳର ହୋଏ

କୁଜେ ଜନକ ଶ୍ରେଣୀ ଦେଖିବି
ଗୁରୁରେ ପଠୀ ସନ୍ତେକୁ ଶନଶଂଶନ୍ତି ।
ଶୁକ୍ରେଂ ସନ୍ତୁର ବର୍ଷେଂ ଜାଣ
ଫଳା ବୋଲନ୍ତିଂ ଏଣ୍ଡ ପଣ୍ଡିମାଣ ।

*　　　　*

ରବି ବର୍ଷ ଶୂଳ ଫଳେ । ଶିରଃ ଶୂଳ ଦେହ ଦୁର୍ବଳ
ଘର ଛୋଡ଼ଇ ମଣପ ମରଇ । ଅପାର ଦାତ୍ତ୍ରଣ ଲାଭ କରଇ ।
ଚନ୍ଦ୍ରର ବର୍ଷର ଫଳ କହଇ ।

*　　　　*

କେତୁର ବର୍ଷର ଭୟ ହୋଇଂ
ଶତ୍ରୁର କଷ୍ଟେନ ବନ୍ଧା ଥାଇଂ
ଅଗ୍ନି ଚୋରର ଭୟ ହୋଇ ।

*　　　　*

ବୁଧର ବର୍ଷର ଅଂହାର ହୋଇ
ଦେହ ସ୍ତ୍ରୀ ପୁତ୍ର ରୋଗ ।
ମରଣ ପାଇ ହୋଇ ଶୋକ ।
ବନ୍ଧନ ହୋଇ ଅବସ୍ଥାନ
ସର୍ବନାଶ ବୁଧର ଦିନ ।

*　　　　*

ତୁମ୍ଭେ ମଙ୍ଗଳ ଭୂମିର ସୁତ
ତୁମ୍ଭର ବର୍ଷର ଯମର ଦୂତ ।
ଘର ଛୋଡ଼ଇ ପରଜା ଜାଅଇ
ଜେତେକ ଅର୍ଜଇ ରାଜାକୁ ଦିଅଇ

*　　　　*

ଦେବଗୁରୁ ତୁମ୍ଭେ ବୃହସ୍ପତି
ତୁମ୍ଭର ବର୍ଷ ଧନ ଉତ୍ପତ୍ତି ।
ନୈଋତ ବୃକ୍ଷ ବଢ଼ଇ ହାଣି
ଦେଶର ମଧ୍ୟେଂ ରହଇ ଶାନ୍ତି ।

ଚନ୍ଦ୍ର ବର୍ଷ କୁମ୍ଭିକର
ସୁନାରୂପାଏଁ କରନ୍ତି ଡର ।
ରଜା କଟାଇ ପ୍ରସାଦ ହଉଜ
ଧନ ସୁତ ଘରେ ଢୋଅଇଂ ।

* *

ଆଦେଶ ଭୃଗୁ ସୁତ ଭୂଟେନ୍ତ ଦେବ
ଭୂମିର ବର୍ଷ ଅପାର ବଇଭବ
ଅଶ୍ୱବାହନ ଗଜବନ୍ଦ ।
ଭୂମିର ବର୍ଷ ନୋହଇ ମନ୍ଦ ।
ଗୋଡ଼େ ଫାଲୁକ ବୁଡ଼ଇ ନା
ସପ୍ତର ବର୍ଷ ବୋଲଇ ଖନା ।

* *

ଗୋଟେଙ୍ଗ ଢାଟେଅଂ ନାନ୍ତିଂ ଗୋଠା
ସ୍ଥାନେଂ ରନ୍ତିଂ ନ ପାଇ ପୋଠା ।

* *

କଥା ଖଞ୍ଜା ଭୁଟେନ୍ତ ଶନିସ୍ତର
ମନୁଷ୍ୟ ଗାଈ ମରେ ବସ୍ତର ।
ବଥା ଶୁଟପାଡ଼ା ପଡ଼ଇ ପିଠି
ଗୃହୁକର ବାଡ଼ି ଦେଢ଼ରେ ଉଠେ ।

* *

ଶନି ବୁଧ ଗୁରୁ ମଗଳ ବାରେସ
ଅନ୍ତେ କୁଜା ଜାଳ ପଡ଼ଇସେ ।
ଶନିଶ୍ଚର କୁଜର ବର୍ଷ
ଖନା ବୋଲଇ ମରଣ ଏହି ବର୍ଷ ।

* *

ତାପଦସ୍ଥୁ ଓହ୍ ଶୂଳ ଆଇସେ
ଅନ୍ତେ କୁଜା ଜାଳ ପଡ଼ଇସେ
ଶନିବୁଧ ଗୁରୁ ମଂଗଳଶରେ ଲେଖିଅ
ଦଶ ଶୂଳ ସେବେଂ ଆଇସେଁ ।

ଶନି ରବି ବୃସ୍ତ ମଙ୍ଗଳର ବସ୍ତ୍ର ରଚନା
'ସେହି ବସ୍ତ୍ରର ମରଣ ବୋଲଇ ଜନା ।

## ଡାକ ବଚନ

(୧)

ସ୍ୱାତୀ ପୁନର୍ବସୁ ବୁଣିବ ଧାନ । ରେବତୀ ମୂଳା ଅନାକାଂଶୁ ଜାଣ ।
ବସୁ ଅନୁରାଧେ ମୃଗଜ ପାଣି । ହସ୍ତା ଶ୍ରବଣାରେ ଜଳର ଶୁଷ
ଧନିଷ୍ଠା ଆଶ୍ଳେଷ ଉତ୍ତରା ମୂଳା । ରୋହିଣୀ ମୃଗଶିର ଅନୁକୂଳା
ଭରଣୀ ବିଶାଖା ବୁଣିବ ରଳ । ନଷ୍ଟ ଗଲେ ଅଷ୍ଟ ଗୁଣେ ପାଇଁ ।
ସେମନ୍ତେ ନକ୍ଷତ୍ରେ ସେବେ ନ ଉଷଇ ଶୁଷ
ଡାକ ବୋଇଲେ ପୁତା ଲକ୍ଷ୍ମୀ ନ ଛାଡ଼ଇ ବାସ ।

(୨)

ସୂର୍ଯ୍ୟ ବୃହସ୍ପତିର ଅଶ୍ୱିନୀ ଜାଣ । ଶତା ମିଶା ଶତଭିଷା ପରିମାଣ ।
ବସୁ ଅଙ୍ଗାରରେ ବଢ଼ଇ ଦ୍ରବ୍ୟ । କରଣ ଅନ୍ତେ ଦ୍ୱିଗୁଣ ହୋଇବ ସବ
ତିନି ପୂର୍ବା ଯେ ଅଶ୍ଳେଷ ନକ୍ଷତ୍ର । ଭରଣୀ କୃତ୍ତିକା ଯେ ବିଶାଖାମୂଳ°
ଏମନ୍ତ ନକ୍ଷତ୍ରେ ସେବେ କିଣିବ ଦ୍ରବ୍ୟ । ନାଶଇ ମୂଳକୁ ହରାଏ ସବ ।

(୩)

ଜନ୍ମରପାଲ୍ ଗୁଣ ଚଶା ସୁଷା ଅଷ୍ଟମୀ ଦଶମୀ ଦକ୍ଷିଣେ ଜାନ୍ତୁ ।
ବୃଷ କନ୍ୟା ଶନି ମଙ୍ଗଳବାର ଦକ୍ଷିଣେ ଯାତ୍ରେ ଗମନ କ୍ଷ୍ଟି ସାର ।
ପୂର୍ବ ଭରଣୀ ଅଶ୍ୱିନୀ ଧନିଷ୍ଠା ସପ୍ତମୀ ତ୍ରୟୋଦଶୀ ଉତ୍ତରେ ସ୍ତୁଷ୍ଟା
ବୁଧ ବୃହସ୍ପତିବାର କନ୍ୟା ବସୁ । ମୀନେ ଉତ୍ତରେ ପୁଷ୍ୟକାଳଂ ବାଂଛୁ ।
ମୂଳା ଅନୁରାଧା ଶ୍ରବଣା ଜେଷ୍ଠା । ପ୍ରତିପଦ ନବମୀ ପଶ୍ଚିମେ ଶ୍ରେଷ୍ଠା
ଘଟଭୁଜ ମିଥୁନ ଶନି ସୋମବାର । ପଶ୍ଚିମେ ଯାତ୍ରା ଗମନ କ୍ଷ୍ଟି ସାର ।
ମୃଗଶିରା ରେବତୀ ପୁନର୍ବସୁ ପୁଷ୍ୟ । ଷଷ୍ଠୀ ଚତୁର୍ଦ୍ଦଶୀ ଚଳ ପୂର୍ବ ଦିଗେ ।
ଶୁକ୍ର ରବିବାର ଗୃହେ ବୁଧବାର । ମେଷ ସିଂହ ଧନୁ ଗମନ କ୍ଷ୍ଟି ସାର ।

ରାଜସ୍ଥାନୀ ଭାଷାରେ ଡାକ ବଚନ 'ଡାକ୍' ବଚନ ଭାବରେ କଥିତ । ସେଠାରେ କିମ୍ବଦନ୍ତୀ ପ୍ରଚଳିତ ଯେ 'ଡାକ୍' ଜଣେ ବିଷ୍ଟ ଗଣିତଜ୍ଞ ଓ ଜ୍ୟୋତିଷ ଥିଲେ । 'ଡାକ' ପୁଣି ବରାହମିହିରଙ୍କ ପୁତ୍ର

ଥିବାର ବିଷୟ ସେଠାକାର ଜନଶ୍ରୁତିରେ ରହିଛି । * ରାଜସ୍ଥାନୀ ଭାଷାରେ 'ଡାକ୍' ଉତ୍ତରପ୍ରଦେଶର ସାହିତ୍ୟରେ 'ଘାଘ୍' ଓ ଓଡ଼ିଆ, ବଙ୍ଗଳା ଓ ଆସାମୀ ଭାଷାର 'ଡାକ' ଏକ ବ୍ୟକ୍ତି । ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ପ୍ରଚଳିତ 'ଡାକ' ବଚନର ଏକ ସର୍ବଭାରତୀୟ ମୂଲ୍ୟ ରହିଛି । ଓଡ଼ିଆ ସାହିତ୍ୟର ଆଦିକାଳରେ ଏହି ସବୁ ଡାକ ଓ ଖନାବଚନ ଲୋକମୁଖ ତଥା ଜ୍ୟୋତିଷ ଶାସ୍ତ୍ରମାନଙ୍କରେ ବହୁଳ ଭାବରେ ପ୍ରଚଳିତ ଥିଲା ଓ ସେଗୁଡ଼ିକର ଅଦ୍ୟାପି ସଂପାଦନା ହୋଇ ନାହିଁ ।

ଆମର ସାରଳା ସାହିତ୍ୟ ଯାହା ଜ୍ୟୋତିଷ ଗଣନାରେ ଭରପୂର ହୋଇ ରହିଛି, ତହିଁରେ ମଧ୍ୟ ଏହି ଡାକ ଓ ଖନାବଚନ ସମୂହର ପ୍ରଭାବ ରହିଛି । ଆମର ପ୍ରାଚୀନ ସାହିତ୍ୟ, ଧର୍ମ ଓ ଲୋକବିଶ୍ୱାସକୁ ଡାକ ଓ ଖନାବଚନ ଯୁଗ ଯୁଗ ଧରି ନିୟନ୍ତ୍ରିତ କରିଥିଲା; ଏବେ ମଧ୍ୟ କରୁଅଛି ।

ଡାକ ଓ ଅନ୍ୟ ବଚନର ସମୟ ନିର୍ଦ୍ଧାରଣ କରିବା କଠିନ । ତେବେ ଏତିକି କୁହାଯାଇପାରେ ଯେ ଏହି 'ଡାକ' ସାହିତ୍ୟ ପ୍ରାକ୍-ସାରଳା ସାହିତ୍ୟ ଅଟେ ଓ ତାହା ଖ୍ରୀ. ଦଶମ ଶତକରୁ ଖ୍ରୀ. ପଞ୍ଚଦଶ ଶତକ ମଧ୍ୟରେ ଲୋକମୁଖରେ ତଥା ବହୁଳ ଓଡ଼ିଆ ଜ୍ୟୋତିଷ ଗ୍ରନ୍ଥମାନଙ୍କରେ ଲୋକପ୍ରିୟ ସାହିତ୍ୟ ହୋଇ ରହିଥିଲା ।

---

## ଓଡ଼ିଆ ଚଉତିଶା

ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟରେ ଚଉତିଶା ସାହିତ୍ୟ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ କବିମାନେ କ୍ଷୁଦ୍ର ବୃହତ୍ କାବ୍ୟ ରଚନା କରିବା ସହିତ ଅନେକ ଚଉତିଶା ମଧ୍ୟ ରଚନା କରିଯାଇ ଅଛନ୍ତି । ପ୍ରାଚୀନ ବଙ୍ଗଳା ଓ ଆସାମୀୟ ସାହିତ୍ୟରେ

---

* The Sayings of Dak by Dr. D. C. Sarkar, Prag Jyotisa Souvenir, A. I. O. C. XXII Session, 1965, P. 26.

କେତେକ ଚଉତିଶା ରଚିତ ହୋଇଥିବାରୁ ଜଣାଯାଇଥାଏ । ପ୍ରାଚୀନ ବଙ୍ଗଳା ସାହିତ୍ୟରେ 'ବୃନ୍ଦ ଦାସେର କାଳିକେତୁର ଚୌତିଶା' ଦେବଦାସ ସେନଙ୍କର 'ଶ୍ରୀମନ୍ତେର ଚଉତିଶା', ଗଙ୍ଗାରାମକୃତ ଗଙ୍ଗାର ଚଉତିଶା, ଏହା ବ୍ୟତୀତ ଜ୍ଞାନ ଚଉତିଶା, ରାଧାର ଚଉତିଶା ବା ରାଧାର ବାରମାସୀ ଓ ଶ୍ରୀକୃଷ୍ଣ ଚଉତିଶା ପ୍ରଭୃତି କେତେକ ରଚନା ଦୃଷ୍ଟିଗୋଚର ହୋଇଥାଏ । ହିନ୍ଦୀସାହିତ୍ୟରେ ସନ୍ଥ କବୀରଙ୍କର ରଚନାରେ 'ଚୌନ୍ତିସା' ମଧ୍ୟ ରହିଛି । ଚୌତିଶା ସମ୍ବନ୍ଧରେ ହିନ୍ଦୀ-ସାହିତ୍ୟର ଇତିହାସରେ ଆଲୋଚନା-କରିଗଲେ କହନ୍ତି "Chauntisa i an exposition of the religious signification of the consonants of the Nagari alphabet."

କିନ୍ତୁ ଆମର ଓଡ଼ିଆ ସାହିତ୍ୟରେ ଚଉତିଶା ସାହିତ୍ୟର ସମ୍ୟକ ଏ ପର୍ଯ୍ୟନ୍ତ କଳନା କରାଯାଇ ନାହିଁ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଚଉତିଶା ସାହିତ୍ୟ ଓଡ଼ିଆ ସାହିତ୍ୟର ଏକ ପ୍ରଧାନ ଅଙ୍ଗ, ଯାହାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଆବଶ୍ୟକ । ଓଡ଼ିଆ ଗୀତିସାହିତ୍ୟରେ ଚଉତିଶାର ସ୍ଥାନ ଯଥାର୍ଥ ଭାବରେ ନିରୂପଣ କରିବାକୁ ଗଲେ ଆମେ ପ୍ରାଚୀନ ଓଡ଼ିଆଭାଷା ଓ ସାହିତ୍ୟ ସମ୍ବନ୍ଧରେ ଅନେକ ଅମୂଲ୍ୟ ଉପାଦାନ ପାଇପାରିବା — ଓଡ଼ିଆ ଗୀତିସାହିତ୍ୟର ଉଦ୍ଭବ ଓ ବିକାଶ ଫଳରେ ଆମର କାବ୍ୟସାହିତ୍ୟ ବା ଛାନ୍ଦସାହିତ୍ୟ ସୃଷ୍ଟିଲାଭ କରିଛି । ଚଉତିଶା ରଚନ ଏକ ଆଳଙ୍କାରିକ ରଚନା । 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ଟି ବ୍ୟଞ୍ଜନବର୍ଣ୍ଣର ଆନୁକ୍ରମରେ ରଚିତ ହୋଇଥିବା କବିତା ଚୌତିଶା ନାମରେ ଆଖ୍ୟାତ ହୋଇଥାଏ । କୌଣସି କୌଣସି ଓଡ଼ିଆ କବି 'ଓଲଟ ଚଉତିଶା' ମଧ୍ୟ ରଚନା କରିଅଛନ୍ତି । ଏହା 'କ୍ଷ'ଠାରୁ ଆରମ୍ଭ ହୋଇ 'କ'ରେ ସମାପ୍ତି ଲାଭ କରିଥାଏ । ଅଦ୍ଭୁତ ସୀମା ଛେଦି ଏହିପରି କେତେକ ଚଉତିଶା ରଚନା କରାଯାଇ ଅଛନ୍ତି । ପ୍ରାଚୀ ସମିତି ପ୍ରକାଶିତ 'ଚଉତିଶା ମଧୁଚକ୍ର'ରେ ଏହିପରି କେତେକ ଚଉତିଶା ଦେଖାଯାଇଥାଏ । ( ଚଉତିଶା ମଧୁଚକ୍ର, ୨ୟ ଖଣ୍ଡ ଦ୍ରଷ୍ଟବ୍ୟ ) ।

ବହୁ ଚଉତିଶା ଏ ପର୍ଯ୍ୟନ୍ତ ପ୍ରକାଶ ଲାଭ କରିନାହିଁ ଓ ସେ ସବୁର କାଳ ନିର୍ଣ୍ଣୟ ବା ସମସ୍ତ ନିରୂପଣ ମଧ୍ୟ କରାଯାଇ ଅଛି । ଅନେକ

ବତିଶ ଚଉତିଶାର ବୃତ୍ତି ପରବର୍ତ୍ତୀ କବିମାନଙ୍କର କାବ୍ୟରେ ବହୁଳ ଛନ୍ଦର ବୃତ୍ତିରେ ସୂଚିତ ହୋଇଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକ ଚଉତିଶା ଲୋକପ୍ରିୟ ଚଉତିଶା ଭାବରେ ଖ୍ୟାତି ଲାଭ କରିଥିଲା ଓ ତନ୍ମଧ୍ୟରେ 'କଳସା ଚଉତିଶା', 'କୋଇଲି ଚଉତିଶା' ପ୍ରଭୃତି ପ୍ରଧାନ ଅଟେ । ପ୍ରାଚୀନ ଓଡ଼ିଆ କାବ୍ୟମାନଙ୍କରେ ବହୁଳ କବିତାର 'ବାଣୀ' ବା 'ବୃତ୍ତି' ନିର୍ଦ୍ଦେଶ କରାଯାଇଅଛି: ଯେପରି ଆଷାଢ଼ ଶୁକ୍ଳ, ମୁକୁନ୍ଦର ବାଣୀ ପ୍ରଭୃତି; କିନ୍ତୁ ଅନୁସନ୍ଧାନରେ ସେସବୁ ରଚନା ଆଜି ପର୍ଯ୍ୟନ୍ତ ମିଳିନାହିଁ । ଓଡ଼ିଆ ସାହିତ୍ୟରେ ଚଉତିଶାର ଭଣ୍ଡାର ଅକଳନୀୟ । ଅନୁସନ୍ଧାନରୁ ଯାହା ଜାଣୁ ଓଡ଼ିଆ ଚଉତିଶାର ସଂଖ୍ୟା ଏକ ହଜାରରୁ ଅଧିକ ହେବ । ଏହି ଚଉତିଶା ଗୁଡ଼ିକର ସମସ୍ତ ନିରୂପଣ, ଭାଷା ଓ ସାହିତ୍ୟିକ ମୂଲ୍ୟ ନିରୂପିତ ହେଲେ ଓଡ଼ିଆ ସାହିତ୍ୟର ଇତିହାସ ଯେ ସମୃଦ୍ଧ ହେବ, କହିବା ବାହୁଲ୍ୟ ମାତ୍ର । ଓଡ଼ିଆ ଚଉତିଶା-ଗୁଡ଼ିକୁ ନିମ୍ନୋକ୍ତ ଭାବରେ ବିଭକ୍ତ କରାଯାଇପାରେ ।

(୧) ସନ୍ଦେଶମୂଳକ ଚଉତିଶା—ସଂସ୍କୃତ ସାହିତ୍ୟରେ କୋକିଳ-ଦୂତ, ହଂସଦୂତ ଓ ମେଘଦୂତ ପରି ଓଡ଼ିଆରେ ଅନେକ ଦୂତ ବା ସନ୍ଦେଶ କାବ୍ୟ ରଚିତ ହୋଇଥିଲା । ଓଡ଼ିଆ ଚଉତିଶାରେ ମଧ୍ୟ ଏହି ଲୋକପ୍ରିୟ ଦୂତ କାବ୍ୟର ପ୍ରଭାବ ପଡ଼ିଥିଲା ଓ ସେହି ପ୍ରଭାବରେ ପ୍ରଭାବିତ ହୋଇ ଅନେକ ଓଡ଼ିଆ କବି ସନ୍ଦେଶମୂଳକ ଚଉତିଶା ରଚନା କରିଯାଇ ଅଛନ୍ତି । ତନ୍ମଧ୍ୟରେ ବିଶ୍ୱନାଥ କୋଇଲି ଚଉତିଶା, କାଦମ୍ବିନୀ ଚଉତିଶା ଓ ଚଟାଳି ଚଉତିଶା (ଉପେନ୍ଦ୍ର ଭଞ୍ଜ) ପ୍ରଭୃତି ପ୍ରଧାନ ଅଟେ ।

(୨) ଜଣାଣ ବା ସ୍ତୁତିମୂଳକ ଚଉତିଶା—ଓଡ଼ିଆରେ ଶହ ଶହ ଜଣାଣ ବା ସ୍ତୁତିମୂଳକ ଚଉତିଶା ରହିଅଛି ଓ ଏବେ ମଧ୍ୟ ଅନେକ ଗ୍ରାମ୍ୟକବି ପ୍ରାଚୀନ ଚଉତିଶା ଅନୁକରଣରେ ସୁନ୍ଦର ଜଣାଣମୂଳକ ଚଉତିଶା ରଚନା କରୁଅଛନ୍ତି । ଏହି ଜଣାଣ ଚଉତିଶା ମଧ୍ୟରେ ଜଗବନ୍ଧୁ ଜଣାଣ (ସାଧୁ), ରାମଚନ୍ଦ୍ର ଜଣାଣ (ଭୈରବ), କବିସୂର୍ଯ୍ୟ ବଳଦେବ ରଥଙ୍କର 'ସର୍ପ ଜଣାଣ' ଓ ଭକ୍ତକବି ରାମକୃଷ୍ଣ ଦାସଙ୍କର ଆର୍ତ୍ତତ୍ରାଣ ଚଉତିଶା ପ୍ରଭୃତି ପ୍ରଧାନ ଅଟେ ।

(୩) ମିଳନ ଓ ବିରହମୂଳକ ଚଉତିଶା—ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମିଳନ ଓ ବିରହମୂଳକ ଚଉତିଶାର ସଂଖ୍ୟା ଅନେକ ।

ଏହି ସବୁ ଚଉତିଶାରେ ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନା ଦେଖାଯାଇଥାଏ । କାବ୍ୟଯୁଗରେ ଏହି ଧରଣର ଅନେକ ଚଉତିଶା ଲେଖାଯାଇଥିଲା । ରାଧାକୃଷ୍ଣ ମିଳନ ଚଉତିଶା (ସୁଦର୍ଶନ ପଟ୍ଟନାୟକ), ରାଧାବିରହ ଚଉତିଶା (କେଶବ), ସୀତାବିରହ ଚଉତିଶା (ପରମା-ନନ୍ଦ), ଅଦ୍ଭୁତ ରତ୍ନାକର ଚଉତିଶା (ଘନକୃଷ୍ଣ), ପ୍ରେମଚିନ୍ତାମଣି ଚଉତିଶା (ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା), ମଥୁରା ବିଜେ ଚଉତିଶା (ଗୋପୀନାଥ), କୃଷ୍ଣବିଚ୍ଛେଦ ଚଉତିଶା (ଗୋପାଳବଳ) ଓ ଗୋକୁଳ ନରେନ୍ଦ୍ରଙ୍କର 'କୃଷ୍ଣବିରହ ଚଉତିଶା' ପ୍ରଭୃତି ରଚନା ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ।

(୪) ବର୍ଣ୍ଣନାମୂଳକ ଚଉତିଶା—ଏହି ବର୍ଣ୍ଣନାମୂଳକ ଚଉତିଶା ଗୁଡ଼ିକରେ ବିଭିନ୍ନ ପୌରାଣିକ ଓ ବାସ୍ତବ ଘଟଣାର ବର୍ଣ୍ଣନା କରାଯାଇ-ଥାଏ । ଏବେ ବି ଅନେକ କବି ନଈବଢ଼ି, ଭୂମିକମ୍ପ ଓ ହତ୍ୟାକାଣ୍ଡ ଭଳି ବିଭିନ୍ନ ବିଷୟରେ ବର୍ଣ୍ଣନାତ୍ମକ ଚଉତିଶା ରଚନା କରୁଅଛନ୍ତି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶିଶୁଶଙ୍କରଙ୍କର 'କୁସୁମିତ ଚୂତ କୁଞ୍ଜ ଚଉତିଶା', ନରସିଂହ ସେଣଙ୍କର 'କୁସୁମ ସମସ୍ତ ଚାଲେ' (ଲକ୍ଷଣା ସ୍ୱୟମ୍ବର ବର୍ଣ୍ଣନା), ଗଦାଇ ଦାସ ବା ଜନାର୍ଦ୍ଦନ ଦାସଙ୍କର 'କାଳୀୟ ଦଳନ ଚଉତିଶା' ଓ ଦ୍ୱିଜ ଶ୍ରୀଧରଙ୍କର ଗୁଣ୍ଡିଚାବିଜେ ଚଉତିଶା ପ୍ରଭୃତି ପ୍ରଧାନ ଅଟେ ।

(୫) ଅଳଙ୍କାରିକ ଚଉତିଶା—ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକ ଅଳଙ୍କାରିକ ତଥା କାବ୍ୟତତ୍ତ୍ୱ (Poetics) ବିଭିନ୍ନ ବିଷୟକୁ ନେଇ ଚଉତିଶା ଲେଖାଯାଇଛି । ନାରାୟଣ କୃତ ଚଉତିଶାମାନଙ୍କରେ ନାୟିକାମାନଙ୍କର ବିଭିନ୍ନ ବିଭାଗ ବର୍ଣ୍ଣନାରେ ସ୍ୱାଧୀନଭର୍ତ୍ତୃକା, ବାସକ-ସଜ୍ଜା, କଳହାନ୍ତରିତା ଓ ଅଭିସାରିକା ପ୍ରଭୃତି ନାୟିକାଙ୍କର ବର୍ଣ୍ଣନା ଓ ଲୋକନାଥ ଦାସଙ୍କର 'ଛନ୍ଦ ଶ୍ଳେଷ ଯମକ ଚିନ୍ତାମଣି' ଓ ଉପେନ୍ଦ୍ର ଭଞ୍ଜଙ୍କର 'ଯମକରାଜ' ଚଉତିଶା ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

(୬) ଶୋକ ବା ବିଳାପମୂଳକ ଚଉତିଶା—ଏହି ପ୍ରକାର ଚଉତିଶାର ସଂଖ୍ୟା ଅନେକ । ଏହି ଚଉତିଶାଗୁଡ଼ିକ କରୁଣରସ-ପ୍ରଧାନ ଓ ଓଡ଼ିଶାର ଗାର୍ହସ୍ଥ୍ୟ ଜୀବନ ଓ ସାହିତ୍ୟରେ ପ୍ରଧାନ ସ୍ଥାନ

ଅଧିକାର କରିଛି । କବି ରଘୁନାଥଙ୍କର 'ବଳୀଶଲ୍ୟ ବଜାର ଚଉତିଶା', ହରିମାଡ଼ଙ୍କର 'କାଳ ଭଞ୍ଜନ ନଦବାଣୀ' ଓ ମୁକୁନ୍ଦ ରଚିତ 'କରେ କୋଦଣ୍ଡ ଚଉତିଶା' ଏହି ଶ୍ରେଣୀର ରଚନା ଅଟେ ।

(୭) ବ୍ରହ୍ମଜ୍ଞାନମୂଳକ ଚଉତିଶା—ଓଡ଼ିଶାର ଜ୍ଞାନମିଶ୍ରା ସନ୍ଥ କବିମାନେ ବ୍ରହ୍ମଜ୍ଞାନମୂଳକ ଅନେକ ଚଉତିଶା ଲେଖିଯାଇ ଅଛନ୍ତି । ଏଗୁଡ଼ିକରେ ଅତି ସାଧାରଣ ଭାବରେ ଶବ୍ଦଭେଦ ବା ବ୍ରହ୍ମଜ୍ଞାନ-ମୂଳକ ଚଉତିଶାଗୁଡ଼ିକ ଭଜନ ମାଧ୍ୟମରେ ଗୀତ ଓ ଆଲୋଚିତ ହୋଇଥାଏ । ଏହି ସବୁ ଚଉତିଶା 'ଶବ୍ଦଭେଦ ଚଉତିଶା' ଭାବରେ କଥିତ । 'ସିଶୁବେଦ ଚଉତିଶା' (ଅଜ୍ଞାତ କବି), ଦ୍ୱାରିକା ଦାସଙ୍କ 'ବାଳବୋଲି ଚଉତିଶା' ଓ 'ମନ୍ଦୁଆ ଫୁଲ ଚଉତିଶା', ଜଗନ୍ନାଥ ଦାସଙ୍କର 'ନମକ ଦେହର ଚଉତିଶା', ହରିଦାସଙ୍କର 'ଗୋପୀଜ୍ଞାନ ଚଉତିଶା', ନଦା ଅରକ୍ଷିତଙ୍କର 'ଉସବ୍ରହ୍ମ ଚଉତିଶା', ଶମ୍ଭୁରାମ ଦାସଙ୍କର 'କହୁଅଛି ମୁଁ ହେ ମନକୁ' ପ୍ରଭୃତି ଚଉତିଶା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ ।

(୮) ବୈରାଗ୍ୟମୂଳକ ଚଉତିଶା—ନଶ୍ୱରତା ଓ ବୈରାଗ୍ୟ ନେଇ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକ ଶ୍ରେଷ୍ଠ-କଳ୍ପ କବିତା ଓ ଚଉତିଶା ରଚିତ ହୋଇଅଛି । ଏପ୍ରକାର ଚଉତିଶାଗୁଡ଼ିକ ମଧ୍ୟରେ ଭକ୍ତଚରଣ ଦାସଙ୍କର 'ମନବୋଧ ଚଉତିଶା' ପ୍ରଧାନ । ହରିଦାସଙ୍କର 'କହୁଛି ନରେ ନ ଭୁଲିବୁ ମନ' ପ୍ରଭୃତି ଏହି ପର୍ଯ୍ୟାୟଭୁକ୍ତ ।

ଏହି ସବୁ ପ୍ରଧାନ ପ୍ରଧାନ ଭାଗଗୁଡ଼ିକୁ ବାଦ ଦେଲେ ମଧ୍ୟ ଆହୁରି ଅନ୍ୟାନ୍ୟ ଅନେକ ବିଷୟରେ ଚଉତିଶା ଲେଖାଯାଇଛି । ପ୍ରାଚୀନ ଓଡ଼ିଆ ଗଣିତଶାସ୍ତ୍ରର ଅନେକ ସୁନ୍ଦର ସୁନ୍ଦର ଗଣିତସୂତ୍ର, ଜ୍ୟୋତିଷ-ଶାସ୍ତ୍ରର ବହୁଳ ଗଣନାସମ୍ବନ୍ଧୀୟ ବର୍ଣ୍ଣନା, କାମଶାସ୍ତ୍ର ବୈଦ୍ୟଶାସ୍ତ୍ରର ଅନେକ ବିଷୟକୁ ଲୋକପ୍ରିୟ କରାଇବା ପାଇଁ ଚଉତିଶା ମାଧ୍ୟମରେ କବିତା ରଚନା କରାଯାଇଛି । ଅନ୍ୟାନ୍ୟ କେତେକ କ୍ଷେତ୍ରରେ 'ଶିଶୁ-ବୋଧ ଚଉତିଶା' ଓ ଉପଦେଶମୂଳକ ଅନେକ ରଚନା ଚଉତିଶା ସାହିତ୍ୟରେ ଦେଖାଯାଇଥାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଓଡ଼ିଆ କବିତାର ବହୁଳ ପ୍ରକାର ଭେଦ ମଧ୍ୟରେ ଚଉତିଶାର ସ୍ଥାନ ସର୍ବପ୍ରଥମ ଓ ପ୍ରଧାନ ଏବଂ ଏହା ଏକ ଉତ୍କୃଷ୍ଟ ଗୀତସାହିତ୍ୟ ଅଟେ । ଏହି ସବୁ

ଚଉତିଶାଗୁଡ଼ିକର ସମ୍ପୂର୍ଣ୍ଣ ସଙ୍କଳନ ଓ ଆଲୋଚନା ହୋଇ ନାହିଁ । ଚଉତିଶା ସମ୍ପର୍କ ସମସ୍ତ ଅନ୍ୟ ଗୀତସାହିତ୍ୟ ଦୃଷ୍ଟିରୁ ଉତ୍କୃଷ୍ଟ । ଓଡ଼ିଆ ସାହିତ୍ୟରେ ଏହା ଦୁଇ ପ୍ରଧାନ ଗୀତିକବିତାର ଧାରା ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ବୈଚିତ୍ର୍ୟପୂର୍ଣ୍ଣ ଓ ରୁଚିସମ୍ପନ୍ନ କରିଛି କହିବା ବାହୁଲ୍ୟ ହେବ ।

‘କ’ ଠାରୁ ‘କ୍ଷ’ ପର୍ଯ୍ୟନ୍ତ ବ୍ୟଞ୍ଜନବର୍ଣ୍ଣର କ୍ରମରେ ଚଉତିଶା ରଚିତ ହୋଇଥାଏ । ଚଉତିଶାର ଗୋଟିଏ ପଦ ବା ଗୋଟିଏ ପାଦର ଆଦ୍ୟବର୍ଣ୍ଣ କ୍ରମାନୁସାରେ ‘କ’ ଠାରୁ ‘କ୍ଷ’ ପର୍ଯ୍ୟନ୍ତ ବର୍ଣ୍ଣମାଳାରେ ଆବଦ୍ଧ ହୋଇଥାଇପାରେ । ପ୍ରାଚୀନ ଓଡ଼ିଆ ଚଉତିଶାଗୁଡ଼ିକରେ କେତେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ବେଳେ ବେଳେ ଚଉତିଶାରେ ‘ଙ’ ବର୍ଣ୍ଣ ସ୍ଥଳରେ ‘ଙ୍ଗ’ ବା ‘ଙ୍କ’ ବ୍ୟବହୃତ ହୋଇ-ଥାଏ । ଏହା ବ୍ୟତୀତ ‘ଞ’ ସ୍ଥଳରେ ‘ନ’, ‘ଞ୍ଚ’ ସ୍ଥଳରେ ବେଳେ ବେଳେ ‘ଞ୍ଚ’; ‘ଞ୍ଜ’, ‘ଞ୍ଝ’ ସ୍ଥାନରେ ‘ନ’ ବା ‘ନିଆ’, ‘ଣ’ ସ୍ଥାନରେ ‘ଅ’ ବା ‘ନ’ ଓ ‘ଯ’ ସ୍ଥାନରେ ‘ଜ’ ସାଧାରଣତଃ ବ୍ୟବହୃତ ହୋଇଥାଏ । ପ୍ରାଚୀନ ଓଡ଼ିଆ ଚଉତିଶାରେ ‘ଜ’ ଓ ‘ଯ’ ପୁଣି ‘ସ’ ‘ଷ’ ଓ ‘ଶ’ର ବ୍ୟବହାରରେ ସେପରି କିଛି ନିର୍ଦ୍ଦିଷ୍ଟତା ନାହିଁ । କବି ସ୍ୱ-ଇଚ୍ଛା ଅନୁସାରେ ତିନୋଟି ‘ସ’ ଓ ଦୁଇଟି ‘ଜ’ର ବ୍ୟବହାର କରିଥାନ୍ତି । ଯେପରି—

(କ) ଖଳ ଲୋକଙ୍କର ବୋଲ ଧଇଲେ ମୁରାରି
ଷଣକ ଯିବ ତାଙ୍କର ମୁହୁଁରୁ ନ ଯାଇ ।
(କୃଷ୍ଣଲୀଳା ଚଉତିଶା)

(ଖ) ଯାମିନୀ ବନ୍ଧୁ ଚନ୍ଦ୍ରମା
ଜ୍ୟୋତି ବଢ଼ୁଛେ ଷଡ଼ଶ ପୂର୍ଣ୍ଣିମା ।
(କୁସୁମ ସମସ୍ତ କାଳେ—ନରସିଂହ ସେନ)

(ଗ) ଶାସ୍ତ୍ରପଣ ପଣ୍ଡା ଅଟେ ତ ଦେଖିଲେ ଦେବ କହୁ
ସୁକୁମାରି ସୁତନୁ ମୋ ନ ବୋଲିବ କହି ।
(ଶ୍ରୀ ବୋଲି ଚଉତିଶା—କହ୍ଲାର)

'ଣ' ସ୍ଥାନରେ 'ଅ' ବା 'ଆ'—

'ଅରୁଣ ତେଜ ରାମ ଅନନ୍ତ ମୂର୍ତ୍ତି
ଅଭିରୁ ବଳ ସିଂହ ବିକ୍ରମ ଗତି ଯେ ।
ଅଶିଲ୍କୁ ଭଳ ମୋତେ ମଇଲେ ରାମ
ଆସି ଦେଖନ୍ତୁ ନିଶି ଏ ଲଙ୍କାଗ୍ରାମ ଯେ ।

( ସୀତାନୁତ୍ରା ଚଉତିଶା — ମଙ୍ଗରାଜ )

'ଣ' ସ୍ଥାନରେ 'ଅ' ବା 'ଏ'—

'ଅଙ୍ଗେ ଅନୁଭବ କରିଥିଲେ' ଜାଳା ବଳ
ଏବେତକ ବୟୋଗୀ ଅଙ୍ଗ ଦହିଇ ସେହ ଜାଳ ।

(ବାଉରୀ ଚଉତିଶା—ଘନକୃଷ୍ଣ)

ପ୍ରାଚୀନ ଓଡ଼ିଆ ସାହିତ୍ୟର ପୂର୍ବଯୁଗରେ ଚଉତିଶାଗୁଡ଼ିକର ଭାଷା ଯେପରି ସରଳ ହୋଇଅଛି, ପରବର୍ତ୍ତୀ କାବ୍ୟଯୁଗରେ ସେପରି ସରଳତା ନାହିଁ । ରୀତିଯୁଗର ଚଉତିଶାଗୁଡ଼ିକରେ କାବ୍ୟର ରଚନା-ଶୈଳୀ ପରି ଚଉତିଶା ସମୂହରେ ଆଳଙ୍କାରିକ ଆଡ଼ମ୍ବର ଦେଖାଯାଇଥାଏ । 'କୋଇଲି' ଚଉତିଶା ବା 'କେଶବ କୋଇଲି'କୁ ସମ୍ବୋଧନ କରି ରଚିତ ହୋଇଥିବା ଚଉତିଶା ଆଜି ପର୍ଯ୍ୟନ୍ତ ଓଡ଼ିଶାର ଲୋକପ୍ରିୟ ଚଉତିଶା ହୋଇ ରହିବାର କାରଣ ଏହି ଯେ ତହିଁର ଭାଷାର ସରଳତା ଓ ଭାବର ସ୍ୱଚ୍ଛନ୍ଦ ସ୍ୱାଭାବିକ ପ୍ରକାଶ ପ୍ରତ୍ୟେକ ପାଠକଙ୍କୁ ସ୍ପର୍ଶକରୁଛି । ଆଜି ପର୍ଯ୍ୟନ୍ତ ଜଣାପଡ଼ିଥିବା ଚଉତିଶାଗୁଡ଼ିକ ମଧ୍ୟରେ ସର୍ବପ୍ରାଚୀନ ଚଉତିଶା ହେଉଛି 'କଳସା' ଚଉତିଶା ।

## "କଳସା" ଚଉତିଶାର ଓଡ଼ିଆ ସାହିତ୍ୟରେ ସ୍ଥାନ

ଚଉତିଶା ମଧୁଚକ୍ରର ସମ୍ପାଦକ କଳସା ଚଉତିଶା ପ୍ରସଙ୍ଗରେ ଲେଖିଛନ୍ତି, "କୌଣସି ଶାସ୍ତ୍ର ଅଙ୍କ ପୋଥି ମଧ୍ୟରୁ ଏ ଚଉତିଶା ପ୍ରାପ୍ତ ହୋଇଥିଲୁଁ । କଳସା ବାଣୀରେ ଗାଇବ ବୋଲି କେତେକ ସ୍ଥାନ ଉପରେ ଲେଖା ହୋଇଥାଏ; କିନ୍ତୁ କଳସା ରୀତି କଣ ଜାଣିବାର ଉପାୟ ନ ଥାଏ । ଏହିପରି ଅନେକ ବାଣୀର ନାମ ଦେଖାଯାଏ; କିନ୍ତୁ ସେଗୁଡ଼ିକର ମୂଳ ରୀତି ମିଳେ ନାହିଁ । × × × ଯାହା ହେଉ

କଳସା ମୂଳ ଗୀତ ମିଳନ୍ତି । ଅନ୍ୟାନ୍ୟ କେତେକ ବାଣୀର ମୂଳ ଗୀତ ମଧ୍ୟ ମିଳନ୍ତି । ରସକୁଲ୍ୟା ବା ରସକୋଇଲି ବାଣୀର ମୂଳ ଗୀତ ମଧ୍ୟ ଏ ଭାଗରେ ସନ୍ନିବେଶିତ ହୋଇଅଛି । କଳସା ଗୀତ ଅତି ପୁରାତନ । ପ୍ରମାଣ ମିଳିଅଛି, ସାରଳା ଦାସଙ୍କ ମହାଭାରତଠାରୁ ମଧ୍ୟ ଏହା ଅଧିକ ବୟସ୍କ ।" (ଚଉତିଶା ମଧୁଚକ୍ର, ଚତୁର୍ଥ ଖଣ୍ଡ, ପୃ—୨୯) । ପ୍ରାଚୀନ ରଦ୍ୟରଦ୍ୟା-ବର୍ଣ୍ଣିର ମୁଖବନ୍ଧରେ "ବେଦମନ୍ତ୍ର ଯୁଗରେ ଯେ ପ୍ରଚ୍ଛନ୍ନ କଳସା । ବଶିଷ୍ଠ, ମାର୍କଣ୍ଡ ଆଦିର ଦୁର୍ବାସା ।" ସାରଳା ମହାଭାରତର ଏହି ପଦଟି ଉଦ୍ଧାର କରାଯାଇ କୁହାଯାଉଛି ଯେ ମହାଭାରତରେ 'କଳସା' ଶବ୍ଦର ଉଲ୍ଲେଖ ଯୋଗୁଁ ଠିକ୍ କରାଯାଇପାରେ ଯେ କଳସା ଚଉତିଶା ମହାଭାରତ ପୂର୍ବର ବା ଚତୁର୍ଦ୍ଦଶ ଶତାବ୍ଦୀର ରଚନା । ପ୍ରତ୍ୟେକ ସାହିତ୍ୟ ପରି ଓଡ଼ିଆ ସାହିତ୍ୟର ଉଷା-ଉନ୍ମେଷ କାଳରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଧରଣର ରଚନା, କବିତା, ସଙ୍ଗୀତ ପ୍ରଭୃତି ଲୋକମୁଖରେ ତଥା ସାହିତ୍ୟରେ ପ୍ରଚଳିତ ଥିବା ସୁନିଶ୍ଚିତ; କିନ୍ତୁ ସେସବୁର ସନ୍ଧାନ ଆଜି ମିଳେନାହିଁ । ବୌଦ୍ଧଗାନ ଓ ଦୋହାର ଅପଭ୍ରଂଶ ଯୁଗଠାରୁ ସାରଳା ମହାଭାରତର ରଚନା ପର୍ଯ୍ୟନ୍ତ ପ୍ରାୟ ଛଅ ଶହ ସାତ ଶହ ବର୍ଷ ଓଡ଼ିଆ ସାହିତ୍ୟର କୌଣସି ଉଲ୍ଲେଖ ନାହିଁ । ଓଡ଼ିଆ ସାହିତ୍ୟରେ ପ୍ରଥମ ଓ ଶ୍ରେଷ୍ଠ ରଚନା, ସାରଳା ଦାସଙ୍କର ମହାଭାରତ ତଥା ତାଙ୍କର ଅନ୍ୟାନ୍ୟ ପୁରାଣର ରଚନା ପୂର୍ବରୁ ନିଶ୍ଚୟ ଓଡ଼ିଆ ସାହିତ୍ୟରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଧରଣର ରଚନା ପ୍ରଚଳିତ ଥିବା ସମ୍ଭବ । ଆଜି କେବଳ ସେହି ପ୍ରାଚୀନ ରଚନାବଳୀ ମଧ୍ୟରୁ 'କଳସା ଚଉତିଶା' ହେଉଛି ଏକତମ । ଚଉତିଶା ସାହିତ୍ୟ ଓଡ଼ିଆ ପ୍ରାଚୀନ ତଥା ମଧ୍ୟଯୁଗ ସାହିତ୍ୟର ଏକ ପ୍ରଧାନ ବୈଶିଷ୍ଟ୍ୟ ଏବଂ ଉଭୟ ଯୁଗରେ ତାହାର ସୃଷ୍ଟି ଏପରି ବିପୁଳ ଯେ ତାହା କଳନା କରିବା ଅସମ୍ଭବ ହୋଇପଡ଼େ । ଅଭିଧାନ ସମୂହରେ 'କଳସ' ଓ 'କଳସା'ର ଭିନ୍ନ ଅର୍ଥ :—

(୧) ମରହଟ୍ଟୀ ଅଭିଧାନ—

ପୃ. ୬୪୭—କଳା—ଘଣ୍ଟ; ଖଣ୍ଡ (ସଂ—କଳଶ)

,, —କଳସ—ଦେବାଳୟ ଶିଖର, ଏଣୁ ସ୍ତ୍ରୀ ଅର୍ଥରେ "କଳସା ଆଳା ପ୍ରବଳ"

(୨) ନେପାଲି ଅଭିଧାନ — ପୃ. ୮° — କଳଷା — କ୍ଷୁଦ୍ର
(Low Hindi)

(୩) ଅର୍ଦ୍ଧମାଗଧୀ ଅଭିଧାନ — ୯୩୨ — କଳସିଆ — କଳସ ଆକୃତି ବାଦ୍ୟଯନ୍ତ୍ରବିଶେଷ, ଭୂଜବଂଶ ଗୋତ୍ରକର ଚିହ୍ନବିଶେଷ, ଆଠୋଟି ମାଙ୍ଗଳିକ ପଦାର୍ଥରୁ ଗୋଟିଏ ମାଙ୍ଗଳିକଦ୍ରବ୍ୟ କଳସ, ଅଗ୍ନିକୁମାରଙ୍କର ଚିହ୍ନବିଶେଷ ।

(୪) ଶବ୍ଦକୋଷ (ବଙ୍ଗଳା) — ପୃ. ୨୫୩ — "କଳଂ ମଧୁରଧ୍ୱନ୍ୟଂ ଶୀଘ୍ରଂ ଶବ୍ଦଣ୍ଡ; ଜଳ ଗ୍ରହଣ ସମସ୍ତେ ପ୍ରାକ୍ତୋକ୍ତ — ଦ୍ରୁ — କଳସ, କଳସି, କଳସୀ, କଳଶି, କଳଶୀ ଇତ୍ୟାଦି ।

କଳଶୀମୁଖ — ବାଦ୍ୟଯନ୍ତ୍ରବିଶେଷ ।

କଳସପୋତ — ତୀର୍ଥବିଶେଷ ।

(୫) ହିନ୍ଦୀ ଶବ୍ଦସାଗର — ପୃ. ୫୩୬ — କଡ଼ଖା — ଏକ ଗୀତକା

ଉ: ଦା: —

"ଗିରିଧର ଓ ଚଂଗ ଚଂଗ ମୃଦଙ୍ଗ ଘନ ବଜାବ ହୁଁ
କରତାଳ ଝେ ଝେ ତାଳ ମାନୁ ଖ୍ୟାଲ କଡ଼ଖା ଗାବହୁଁ"

ପୃ. ୫୭୮ — କଳାପ — ବାଦ୍ୟଯନ୍ତ୍ରବିଶେଷ

ପୃ. ୫୯୩ — କଳସା — (ଦ୍ରୁ କଳସ) ମନ୍ଦିର ଶିଖର, ଗମ୍ବୁ

ପୃ. ୫୯୩ — କଳସା — ଚୋଳକ ମୁନିଙ୍କ ମତରେ
ନୃତ୍ୟବିଶେଷ ।

(୬) ପ୍ରାକୃତ ଶବ୍ଦ ମହାର୍ଣ୍ଣବ — ପୃ. ୨୯° — କଳସିଆ —
(ଦ୍ରୁ — କଳଶିକା) — ବାଦ୍ୟବିଶେଷ ।

,, ୨୯° — କଳସ ଷଟ୍ପଦ ଛନ୍ଦର ଏକ ଭେଦ,
ଛନ୍ଦବିଶେଷ ।

(୭) ବଙ୍ଗୀୟ ଶବ୍ଦକୋଷ — ପୃ. ୬୩୨ — କଡ଼ଖା — ଯାହାର ଅଶଂସାପୂର୍ଣ୍ଣ ଉତ୍ସାହଜନକ ରଣକୀର୍ତ୍ତିଗାଥା । କଡ଼ଚ — (ଦେଶୀଜ "କଡ଼ଖା" (?) ଶବ୍ଦ ତତ୍ତ୍ୱ ସମ୍ବଳିତ ସଂକ୍ଷିପ୍ତ ଗ୍ରନ୍ଥ । ଶ୍ରୀ "ରୂପଗୋସ୍ୱାମୀ କଡ଼ଚାସ୍ୱାମ୍ !" ଇତ୍ୟାଦିରେ ଲିଖିତ ଗାଢ଼ମହତ୍ତ୍ୱ ।

ଉ: ଦା: —

“ସ୍ୱର୍ଣ୍ଣରେଖ ବାତୁଲ୍ୟ କରେ କଣ୍ଠୁ ଗ୍ରନ୍ଥନ—ଟୀ: ଡ: ବର୍ଣ୍ଣୀସ୍ତ
ଶବ୍ଦକୋଷ—ପୃ.୨୩୩—କଣ୍ଠସି—ସୀ—କଣ୍ଠୁ—କଣ୍ଠିସୂତ୍ର, ଅଳଙ୍କାର-
ବିଶେଷ

,, —ପୃ.୨୩୩—କଳସ—‘ସ୍ୱର୍ଣ୍ଣସ୍ୟ ଯେବ୍ୟ କଳସମ୍’
‘ରୁଗ୍‌ବେଦ (୧।୧୧୨।୧୨)

ପଞ୍ଚମ ନାମକ ଅଳଙ୍କାର ଉପରସ୍ଥ ଦୈର୍ଘ୍ୟର କଳସାକୃତି ଅଂଶ ।

(୮) ପ୍ରାକୃତ ପିଙ୍ଗଳ (ଛନ୍ଦୋଗ୍ରନ୍ଥ)—ପୃ. ୧୩୨—ସ୍କନ୍ଦକ ଛନ୍ଦର ବିଭିନ୍ନ ଭେଦ ମଧ୍ୟରୁ କଳସ ଏକତମ । “କୁମ୍ଭ କଳସ ସପି ଜାଣ ।”

ପୂର୍ବୋକ୍ତ ଅଭିଧାନ ସମୂହରେ ‘କଳସ’, କଳସା, କଳସିଆ, କଣ୍ଠଶୀ, କଣ୍ଠୁ, କଣ୍ଠସି ପ୍ରଭୃତି ବିଭିନ୍ନ ଶବ୍ଦର ଅର୍ଥରୁ ‘କଳଶା’ ସମ୍ବନ୍ଧରେ କେତେକ ଆଲୋଚନା କରାଯାଇପାରେ । ପ୍ରାକୃତ ପିଙ୍ଗଳ ଏକ ପ୍ରାଚୀନ ଛନ୍ଦଶାସ୍ତ୍ର ଏବଂ ତାହାର ରଚନାକାଳ ସମ୍ଭବତଃ ଦଶମ ଶତାବ୍ଦୀ ବୋଲି କେତେକଙ୍କର ମତ । କୌଣସି ଛନ୍ଦ ଦେଶରେ ପ୍ରଚଳିତ ହେବା ପୂର୍ବରୁ ତାହା ଦେଶରେ ବହୁ ପୂର୍ବରୁ ଜନ୍ମ ଲଭିଥିବା ସମ୍ଭବ । ତେବେ ପ୍ରାକୃତଭାଷାରେ ‘କଳସ’ ଛନ୍ଦର ସନ୍ଧାନ ଦେଖିବାକୁ ମିଳେ ଓ ତାହା ସ୍କନ୍ଦକ ଛନ୍ଦର ଭେଦବିଶେଷ ବୋଲି କୁହାଯାଇଛି । ଏହି ସ୍କନ୍ଦକ ଛନ୍ଦର ବଂଶାଧିକ ବିଭିନ୍ନ ଭେଦ ରହିଛି । ମାତ୍ର ସେଗୁଡ଼ିକର ନାମ ବ୍ୟତୀତ ଛନ୍ଦର ଉଦାହରଣ ଆଦୌ ଦିଆଯାଇ ନାହିଁ । ପ୍ରାଚୀନ ଛନ୍ଦଜଗତରେ ଏହିପରି ଅନେକ ପ୍ରାଚୀନ ଛନ୍ଦର ଯେ ବିଲୋପ ଘଟିଥିବ, ଏହା ଅସଙ୍ଗତ ନୁହେଁ । ପ୍ରାକୃତ ଭାଷାରେ ପ୍ରଚଳିତ ‘କଳସ’ ଛନ୍ଦ ଅନୁସାରେ ‘କଳଶା’ ଛନ୍ଦ ହେବା ସ୍ୱାଭାବିକ । ପୂର୍ବୋକ୍ତ ହିନ୍ଦୀ-ମାଗଧୀ ପ୍ରଭୃତି ଅଭିଧାନରେ ‘କଳସ’ ଓ କଳଶ ଶବ୍ଦରେ ମଧ୍ୟ ପରିଣତି ଲାଭ କରିଛି । ପୁଣି ଛନ୍ଦ ଅର୍ଥରେ ‘କଳଶା’ ଶବ୍ଦର ଅପଭ୍ରଷ୍ଟ ରୂପ ହିନ୍ଦୀରେ ‘କଣ୍ଠଖା’, ବଙ୍ଗଳାର ‘କଡ଼ଖା’ ଓ ‘କଣ୍ଠୁ’ ଶବ୍ଦରେ ପରିଣତ ହେବା ମଧ୍ୟ ଅସମ୍ଭବ ନୁହେଁ । ସେହି ପ୍ରାଚୀନ ‘କଳଶ’ ଛନ୍ଦ ହିନ୍ଦୀ ତଥା ବଙ୍ଗଳାଭାଷାରେ ଗୀତଗାଥା ଅର୍ଥରେ ବ୍ୟବହୃତ । ‘କଣ୍ଠୁ’ ଶବ୍ଦ ଗୋସ୍ୱାମୀମାନଙ୍କଦ୍ୱାରା ପରିଚିତ ଗ୍ରନ୍ଥ, ପୁଣି ‘କଣ୍ଠୁ’ ରଚନା କରିବା ଅର୍ଥରେ ମଧ୍ୟ ପ୍ରଯୁକ୍ତ; ଯେପରି ‘ପଦେ

ଚଳିଯାଇ ସେ ନାଟକେର ଘଟଣା ଘଟାନ୍ତେ । କନ୍ଦୁକ /କନ୍ଦୁକା କରୁ ଲାଗିଲା ଲାଗିଲେ ।” ତେ. ତ. ସ୍ମୃ. ୨୫୬ ଇତ୍ୟାଦି । ଏତଦ୍ ବ୍ୟତୀତ ପ୍ରାଚୀନକାଳରୁ କଳସ ନୃତ୍ୟ ଓ କଳସ ବା କଳସିଆ ନାମକ ବାଦ୍ୟଯନ୍ତ୍ର ଦେଶରେ ପ୍ରଚଳିତ ଥିବାର ଉଲ୍ଲେଖ ରହିଛି । ସମ୍ଭବତଃ କଳସ ନୃତ୍ୟ ବା କଳସ ବାଦ୍ୟଯନ୍ତ୍ରର ନାମାନୁସାରେ ‘କଳସା’ ବା ‘କଳସ’ ଛନ୍ଦର ନାମକରଣ ଘଟିଥିବା ସ୍ୱାଭାବିକ । କେତେକଙ୍କ ମତରେ କଳସା ‘ମଙ୍ଗଳବିଧାନ ବା ମାଙ୍ଗଳିକ ଗାନ ।’ ଏ ପ୍ରକାର ଅର୍ଥ କୌଣସି ଅଭିଧାନରୁ ମିଳିପାରିଲା ନାହିଁ ।

### ସାରଳା ମହାଭାରତରେ ‘କଳସା’ :—

ପ୍ରକାଶିତ ମହାଭାରତରେ—(ରାଧାରମଣ ପୁସ୍ତକାଳୟ ପ୍ରକାଶିତ ମହାଭାରତ)

“ପୂର୍ବବିଧି ମତେ ଋଷି ପଢ଼ନ୍ତି ଆଶିଷ
ବଶିଷ୍ଠ ଯେ ମାର୍କଣ୍ଡ ଦୁର୍ବାସା ଶ୍ରୀ ବ୍ୟାସ ।
ଭେଦକନ୍ତି ଏଥୁ ଇଳା ପିଙ୍ଗଳା ସୁଷୁମ୍ନ ।
ସ୍ୱର ବେଦର ସମ୍ବନ୍ଧ ବ୍ରହ୍ମ ମୂଳ ପିଣ୍ଡ ।
କଳସା ଏ ସ୍ୱରବେଦୁ ଉତପତ୍ତି କରି
ଉତ୍ସବ କରିଲା ଗଲେ କୁମାର କୁମାରୀ ।”

(ମଧ୍ୟପର୍ବ, ପୃ. ୨୮)

ଅପ୍ରକାଶିତ ପାଣ୍ଡୁଲିପିରେ—

“ସୁବର୍ଣ୍ଣ ନିର୍ମିତ ଅଷ୍ଟ ରତ୍ନର କଳସି
ସ୍ୱର୍ଣ୍ଣ ମାଣିକ୍ୟ ତାହା ଉପରେଣ ବସି ।
ବର କନ୍ୟାଙ୍କୁ ଆସନେ କଲେ ଉଷା
ତହୁଁ ସେହୁଣି ପରସ୍ପରେ ଦେଖନ୍ତି ବେନି ଶୋଭା ।
ତହିଁ ପୂର୍ବ ମତେ କହନ୍ତି କଳସା
ବଶିଷ୍ଠ ମାର୍କଣ୍ଡ ଆବର ଦୁର୍ବାସା ।

( ଉତ୍କଳ ବିଶ୍ୱବିଦ୍ୟାଳୟ ପାଣ୍ଡୁଲିପି—ପୃ. ୩୧୫ )

## ଭକ୍ତାଂଶରେ ଅପ୍ରାସଙ୍ଗିକତା

କେତେକ ସମାଲୋଚକ 'କଳସା' ଶବ୍ଦର କଳଶ ତତ୍ତ୍ୱଭିତ୍ତିକ ଅର୍ଥ ପ୍ରସଙ୍ଗରେ କହନ୍ତି ଯେ ବେଦମନ୍ତ୍ର ସହିତ କଳସା ତତ୍ତ୍ୱିକତାକୁ ଯୋଡ଼ିବା ନିତାନ୍ତ ଅସଙ୍ଗତ ।

କିନ୍ତୁ ସାରଳା ମହାଭାରତର ଯେ କୌଣସି ପାଠକ ଭଲ ଭାବରେ ଜାଣେ, ସାରଳା ମହାଭାରତରେ ଅସଙ୍ଗତ ତଥା ଅପ୍ରାସଙ୍ଗିକତା କେତେ ପରିମାଣରେ ରହିଛି ! କିନ୍ତୁ ଦେଖିବାକୁ ହେବ ଯେ ସାରଳା ଭକ୍ତିଭାବ ପ୍ରତି ସେହି ଅସଙ୍ଗତ ଭାବରେ ହିଁ ପରିସ୍ଫୁଟିତ । ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିରଙ୍କର ଧର୍ମପୁର ବା ଯାଜପୁରର ବୈଶ୍ୟ 'ହରିସାହୁର ଝିଅ ସୁହାଣୀ ସହିତ ବିବାହ ବୃତ୍ତାନ୍ତଠାରୁ ଆଉ କେଉଁ ମାତ୍ରାର ଅସଙ୍ଗତି ଦୋଷ ମହାଭାରତରେ ସମ୍ଭବ ହୋଇପାରେ ? ଏହାଛଡ଼ା ସଭାପର୍ବରେ ରାଜସୂୟଯଜ୍ଞରେ ହନୁମାନ, ବିଭୀଷଣ ଓ ଅନ୍ୟାନ୍ୟ ଲଙ୍କାର ରାକ୍ଷସମାନଙ୍କର ଯୋଗଦାନ, ସେହି ପର୍ବରେ ସୁବଳ ଗିରିଠାରେ ଗୋରେଖନାଥ ଓ ଦଣ୍ଡପାଣି ନୃପତିଙ୍କ ସହିତ ନକୁଳଙ୍କ ଭେଟର ବର୍ଣ୍ଣନା, ଆଦ୍ୟପର୍ବରେ ଶଶିବୋଧ୍ୟର ଜନ୍ମସମ୍ପର୍କୀୟ ଅସମ୍ଭବ ଘଟଣା ପ୍ରଭୃତି ସାରଳା ମହାଭାରତର ଅଳ୍ପ କେତୋଟି ମାତ୍ର ଅପ୍ରାସଙ୍ଗିକତା । ମହାଭାରତର ପ୍ରତ୍ୟେକ ପୃଷ୍ଠାରେ କିଛି ନା-କିଛି ଅସଙ୍ଗତି ଦୋଷ ଯେ ମିଳିବ, ଏଥିରେ ଅଣୁ ମାତ୍ର ସନ୍ଦେହ ନାହିଁ । ତେବେ ବୁଝିବାକୁ ହେବ ଯେ ଯୁଧିଷ୍ଠିରଙ୍କର ହରିସାହୁ ଝିଅ ସହିତ, ଅର୍ଜ୍ଜୁନଙ୍କର ହନୁମାନ ସହିତ ଓ ନକୁଳଙ୍କର 'ଗୋରେଖନାଥଙ୍କ ସହିତ ଯେଉଁ ପ୍ରକାର ସମ୍ବନ୍ଧ, ବେଦମନ୍ତ୍ର ସହିତ 'କଳସା'ର ସମ୍ବନ୍ଧ ଠିକ୍ ସେହିପରି ।

## "କଳସା"ର ଅନ୍ୟ ଏକ ପ୍ରାଚୀନ ଉଦାହରଣ—

ବହୁକାଳର ଏକ ପ୍ରାଚୀନ ପୋଥିରୁ କଳସା ଗୀତରେ ଲିଖିତ ଅନ୍ୟ ଏକ ଉଦାହରଣ ମିଳେ । ପୋଥିଟିରେ ଶତାଧିକ ଭଜନ ଓ ସଙ୍ଗୀତ ପ୍ରଭୃତି ସ୍ଥାନଲାଭ କରିଛି । ସେହି 'କଳସା' ଭଜନର ରଚୟିତା ଗୋରେଖନାଥ ବୋଲି ଭଣିତ ରହିଛି । ଭଜନଟି ହେଉଛି—

## କଳଶା

ପକାଆ ହାଣ୍ଡି କୁଣ୍ଡାଇ ଲଗାଅ ହୋବର ।
ଚୋର ଘରେ ପଶିଥିଲା ପରମ ଚଣ୍ଡାଳ ॥
ମାଟି ଘଟର ପଞ୍ଜୁରୀରେ ସୁବର୍ଣ୍ଣର ଶୁଆ
ଅଠୌ କାଠି ପାଞ୍ଚ କେଲୁ କୋଣ ବନୋଇଆ ॥
ଦୁଧ ଘିଅ ଦେଇ ଶୁଆ ପୋଷିଥିଲୁ ତୋତେ
ପିବାର ବେଳକୁ ପୁଣି ନ କହିଲୁ ମୋତେ ॥
ପଞ୍ଜୁରି ବୋଲି (ବୋଲେ ?)
ଶୁଆ ମୋତେ ସଙ୍ଗେ ନେ
ପାଣି ହୋଇ ପଞ୍ଜୁରୀରେ ତୋତେ ନେମ ନେ ॥
ପଞ୍ଜୁରି ଭିତରେ ଶୁଆ ରାମ ରାମ ରଟେ
ଭଣିଲେ ଗୋରେଖନାଥ ମନକୁ ଭରସେ ॥
(ଜ: ଭ: ସା:)

ଗୋରେକ୍ଷନାଥ ଦ୍ୱାଦଶ ଶତାବ୍ଦୀରେ ଜଣେ ପ୍ରଧାନ ନାଥସାଧକ ( Encyp. of R. E. P. 329 Vol. vi ) । ଉତ୍ତର ଭାରତରେ ପ୍ରାଚୀନ ହସ୍ତଲିପିରେ ତାଙ୍କର ଅନେକ ଭଜନ ରହିଛି । ଓଡ଼ିଆରେ ଅପ୍ରକାଶିତ ଗୋରେକ୍ଷ ପ୍ରଣୀତ ଅମରକୋଷ ଗୀତାରେ ମଧ୍ୟ ଭାଷା ବିଷୟରେ ଅନେକ କିଛି ପ୍ରାଚୀନତା ପରିଦୃଷ୍ଟ ହୋଇଥାଏ । ଗୋରକ୍ଷ ନାଥ ଦ୍ୱାଦଶ ଶତାବ୍ଦୀର ସାଧକ ଓ ତାଙ୍କର ଦୋହା ଓ ଭଜନାବଳି ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀ ଆଗରୁ ବିଭିନ୍ନ ପ୍ରଦେଶରେ ପ୍ରଚାର ଲାଭ କରିଥିବା ସମ୍ଭବ । ଗୋରେକ୍ଷନାଥଙ୍କର ଏ ରଚନା ଗୋରେକ୍ଷ ପ୍ରଣୀତ କୌଣସି ହିନ୍ଦୀ ଭଜନର ଅନୁବାଦ ହୋଇଥିବା ସମ୍ଭବ । ଆଗରୁ ମଧ୍ୟ କୁହାଯାଇଛି ଯେ ହିନ୍ଦୀରେ କଳସ ଶବ୍ଦ 'କଳସା'ରେ ପରିଣତି ଲାଭ କରିଛି । 'କଳଶା' ଶବ୍ଦ 'କଢ଼ଶା' ଶବ୍ଦରେ ପରିଣତ ହୋଇଥିବା ମଧ୍ୟ ସମ୍ଭବ । ଏହାଛଡ଼ା ଏହାର ଆଧ୍ୟାତ୍ମିକ ଅର୍ଥ ସରେଅସ୍ତୁ ଲୁଚଧରଣର । ଏହାର ଭାଷାରେ ଅପଭ୍ରଷ୍ଟ ହିନ୍ଦୀ ତଥା ପ୍ରାଚୀନ ଓଡ଼ିଆ ଭାଷାରେ ପ୍ରଭାବ ପରିଲକ୍ଷିତ ହେଉଛି, ଯେପରି ପକାଆ, ଆଠୌ କାଠି, କୋଣ (ହିନ୍ଦୀ—କୋନ୍); ନେମ ଇତ୍ୟାଦି । ଏ ଭଜନର

ପ୍ରାଚୀନତାକୁ ସାହାଯ୍ୟ କରୁଛି ପଦିଗୁଡ଼ିକର ଅଙ୍ଗଗତ ଓ ପାଦର ବୈଷମ୍ୟ । ଏହି 'କଳସା' ଭଜନର ଗ୍ରନ୍ଥ କେବଳ 'କଳସା' ବୋଲି ଲେଖାଯାଇଛି । ପାଦର ଅକ୍ଷର ଗଣନାରେ ଅଧିକାଂଶ ପଦ ୧୪ ଅକ୍ଷର-ବିଶିଷ୍ଟ ହେଲେ ମଧ୍ୟ ଉକ୍ତ ଭଜନରେ କେତୋଟି ମାତ୍ର ୧୨, ୧୩ ଓ ୧୫ ଅକ୍ଷରବିଶିଷ୍ଟ ହୋଇ ପଡ଼ିଛି । ସମ୍ଭବ 'କଳସା'ର ପରବର୍ତ୍ତୀ 'କଡ଼ଖା' ଓ 'କଡ଼ଚ୍ଚ'ର ପାଦର ଅକ୍ଷରରେ ବୈଷମ୍ୟ ଦେଖାଦେଇଛି । କାରଣ 'କଡ଼ଖା' କହିଲେ ତାହା ସାଧାରଣ ଭାବରେ ସାରରସାତ୍ମକ ଗାନକୁ ବୁଝାଇଥାଏ । ମୂଳ କଳସ ବା 'କଳସା' ଗ୍ରନ୍ଥ ପାଇଛୁଁ ଏବଂ 'କଡ଼ଖା', 'କଡ଼ଚ୍ଚ' ସମ୍ବନ୍ଧୀୟ ବିଷୟର ଏଠାରେ କେବଳ ସୂଚନା ଦିଆଗଲା । କଡ଼ଖା ଓ କଡ଼ଚ୍ଚ କବିତ ଅବଶ୍ୟ ଦୃଷ୍ଟ ନ ହେଲେ ସୁଦ୍ଧା ତାହା 'କଳସା' ଶବ୍ଦର ଅପଭ୍ରଂଶ ରୂପ ପରି ଜଣାପଡ଼େ । ଆଉ ମଧ୍ୟ ଉଦାହରଣସ୍ଥଳ ପ୍ରାଚୀନ 'କଳସ' ଛନ୍ଦ ସହିତ ଯେ ସମ୍ବନ୍ଧାନ୍ୱିତ ତାହା ଅନୁମିତ ହୁଏ । 'କଡ଼ଖା' ଓ 'କଡ଼ଚ୍ଚ' ସମ୍ବନ୍ଧୀୟ ବିଷୟର କେବଳ ଅନୁମାନ ଓ ସତ୍ୟ ନୁହେଁ ।

## କଳସା ରାଗ ଓ କଳସା ବାଣୀ

ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ 'ଓଡ଼ିଆ ଛନ୍ଦ' ପ୍ରସଙ୍ଗରେ ଚତୁର୍ଦ୍ଦଶାକ୍ଷର ଛନ୍ଦ ବିଷୟରେ କହିଛନ୍ତି, "ଓଡ଼ିଆ ଚତୁର୍ଦ୍ଦଶାକ୍ଷର ଛନ୍ଦକୁ ଭିନ୍ନ ଭିନ୍ନ କବିମାନେ ଭିନ୍ନ ଭିନ୍ନ ଆଖ୍ୟା ଦେଇଅଛନ୍ତି, ଯଥା—ମଙ୍ଗଳ, କଳସା. ଭୈରବ, ମଧୁଶଯ୍ୟା ବାଣୀ, ମୁଖରୀ, କୁମ୍ଭକଳା ତୁଣ୍ଡି, ବରାଡ଼ି ଦେଶାକ୍ଷ, ଧନାଶ୍ରୀ, ଦକ୍ଷିଣ କାମୋଦ, ଯୋଗୀ ସନ୍ନ୍ୟାସୀ ବାଣୀ, ଗୋବିନ୍ଦଚନ୍ଦ୍ର ବାଣୀ ଇତ୍ୟାଦି । ଏଥିରୁ ମଙ୍ଗଳ ଓ କଳସା ମାତ୍ର ଅଦ୍ୟାବଧି ପ୍ରଚଳିତ । ମଙ୍ଗଳ ଦୁଇ ଚରଣ ଓ କଳସା ଶୁଦ୍ଧ ଚରଣରେ ବିଭକ୍ତ । × × ଏ ଦୁଇ ଛନ୍ଦ ସଂସ୍କୃତ ବସନ୍ତତିଳକ ଛନ୍ଦର ଅନୁରୂପ ।" ପୁଣି ମଧ୍ୟ ସେ କହିଛନ୍ତି, "ଖରଖଣ୍ଡ" ନାମକ ଦେବଙ୍କ ଚୈତ୍ରମାସର ପୂଜାରେ ବାଳକାମାନଙ୍କ ଗୀତରେ ମଧ୍ୟ ଏହି ଚତୁର୍ଦ୍ଦଶାକ୍ଷର ଛନ୍ଦ ଲକ୍ଷ୍ୟ କରାଯାଇଥାଏ ।

"ଖରଖଣ୍ଡ ମା ଲଗିଲୁ କେନ୍ତେ ଛଡ଼ାଇ ଦେବ କେ
ଶତ୍ରୁ ଶଙ୍କା ବନ ହୁଳସି ଖରଖଣ୍ଡ କି ଦେ" । (ପ୍ରବନ୍ଧାବଳୀ)

ଏହି ପ୍ରାଚୀନ ଲୋକଗୀତଟି ଗୋରେଖନାଥଙ୍କ ଭଜନର ପଦ ପର ପଦ ଯନ୍ତ୍ରାତସ୍ଥାନ୍, ଅଧିକ ଏହାର ଅନ୍ୟାନ୍ୟ କୌଣସି ସମ୍ପର୍କ ଗୋରେଖ ଭଜନ ସହିତ ଲକ୍ଷ୍ୟ କରାଯାଏ ନାହିଁ ।

"ପଞ୍ଜୁରି ବୋଲି ଶୁଆ ମୋତେ ସଙ୍ଗେ ନେ
ପାପୀ ହୋଇ ପଞ୍ଜୁରିରେ ତଡ଼ାଇବ କେମ କେ ।"

ଓଡ଼ିଆ ସାହିତ୍ୟର କାବ୍ୟକବିତାରୁ 'କଳସା'ର ଅନୁସନ୍ଧାନ କଲେ ଜଣାପଡ଼େ ଯେ କଳସା ଛନ୍ଦ କଳସା ବାଣୀ ଓ କଳସା ରାଗ ଭାବରେ ଓଡ଼ିଆ କାବ୍ୟକବିତାରେ ଭିନ୍ନ ଭିନ୍ନ ସ୍ଥଳରେ ବ୍ୟବହୃତ । ସଂସ୍କୃତ ଛନ୍ଦଗ୍ରନ୍ଥରେ 'କଳସ' ବା 'କଳସା' ରାଗ ନାହିଁ । ପ୍ରାକୃତ ଛନ୍ଦରେ ତାହା ଝଲକ ଛନ୍ଦର ଭେଦବିଶେଷ । ଓଡ଼ିଆରେ ଏହି ଛନ୍ଦଟି ପ୍ରାଚୀନ କାଳରେ ଏପରି ଆଦର ଲାଭ କରିଥିଲା ଯେ ତାହା ଏକ ନୂତନ ରାଗ ଭାବରେ ଓଡ଼ିଆ ଛନ୍ଦରେ ଗୃହୀତ ହୋଇଥିଲା । ଉଲ୍ଲିଖିତ ଗୋରେଖ ଭଜନରେ 'କଳସା' ବାଣୀ ବା ରାଗ ଭାବରେ ଉଲ୍ଲେଖ ନ ଥାଇ କେବଳ 'କଳସା' ବୋଲି ଲେଖାଯାଇଛି । ଏହି କଳସା ରାଗ ସମ୍ବନ୍ଧୀୟ ପ୍ରାଚୀନ ପ୍ରମାଣ ହେଉଛି ଗୋରେଖଙ୍କର ପ୍ରାଚୀନ ଭଜନଟି । ଭଜନଟି ସାଧାରଣତଃ ଚତୁର୍ଦ୍ଦଶାକ୍ଷର ଓ ତାହାର ଦୁଇ ପାଦରେ ଏକ ପଦ । କିନ୍ତୁ ସେହି ଛନ୍ଦଗୁଡ଼ିକ ଚତୁର୍ଦ୍ଦଶାକ୍ଷର ଓ ଦୁଇପାଦରେ ଏକ ପଦ, ତାହା ସାଧାରଣତଃ ପ୍ରାଚୀନ 'କଳସା' ଚଉତିଶାର ଛନ୍ଦ-ପଦ୍ଧତି ଅନୁସରଣ କରିଛି । ପ୍ରତ୍ୟେକ ସ୍ଥାନରେ ଏ ପ୍ରକାର ସୂକ୍ଷ୍ମ ପାଳନ ନ ହେଲେ ମଧ୍ୟ ଅଧିକାଂଶ ସ୍ଥଳରେ ପୂର୍ବୋକ୍ତ ସୂତ୍ର ରକ୍ଷିତ ହୋଇଛି । ଉଦାହରଣ ସ୍ୱରୂପ କଳସା ରାଗ ଓ କଳସା ବାଣୀ ନିମିତ୍ତ କେତେକ ସ୍ଥଳର ନିର୍ଦ୍ଦେଶ ଦିଆଗଲା ।

## କଳସା ବାଣୀ

କୃଷ୍ଣକଳା ଚଉତିଶା — କଳସା ବାଣୀ— ୪ ପାଦରେ
ଏକପଦ—ଚଉତିଶା ମଧ୍ୟରୁ

ରୁକ୍ମିଣୀ ବିଭା — ,, — ୪ ପାଦରେ
ଏକପଦ—ଛା. ୭-ପୃ. ୨୧

## କଳସା ବାଣୀ

ଶଚୀଦେଣୀ ( — ,, — ୪ ପାଦରେ
ଏକପଦ—ପୃ. ୧୨

ରସିକ ହାରାବଳୀ — ,, — ୪ ପାଦରେ
ଏକପଦ—ପୃ. ୭-ପୃ. ୩୪

ସୁଭଦ୍ରା ପରିଣୟ — ,, — ୪ ପାଦରେ
ଏକପଦ—ପୃ. ୭୨

ବାସୁଦେବ ବିଳାସ (ଜ୍ଞାଃ ଇଃ ପାଃ) ,, — ୪ ପାଦରେ
ଏକପଦ—ପୃ. ୧୯

## କଳସା ବୃତ୍ତ

ଗୋପବନୋଦ—କଳସା ବାଣୀ—୨ ପାଦରେ ଏକପଦ—ପୃ. ୧୫୭
,, ,, — ,, —ପୃ. ୧୯୩
ବିଚିତ୍ର ରାମାୟଣ— ,, — ,, —ପୃ. ୩-ପୃ. ୧୨
ବିଚିତ୍ର ମହାଭାରତ— ,, — ,, —ପୃ ୫୫
ଲାବଣ୍ୟବତୀ— ,, — ,, —ପୃ ୧୩୧
,, ,, — ,, —ପୃ. ୧୩୧
ଛାନ୍ଦଗ୍ରନ୍ଥ ଚିନ୍ତାମଣି— — —ପୃ. ୩୨

## କଳସା ଚଉତିଶା ଓ ସାରଳା ମହାଭାରତ

ଯେତେବେଳେ ସାରଳା ମହାଭାରତରେ "କଳସା" ଶବ୍ଦର ଉଲ୍ଲେଖ ରହିଛି, ସେତେବେଳେ ସାରଳା ଦାସ ସେହି ଲୋକପ୍ରିୟ କଳସା ଚଉତିଶା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିବା ସମ୍ଭବ । ସାରଳା ମହାଭାରତର ଆଲୋଡ଼ନରେ ଭଙ୍ଗୀରେ କଳସା ଚଉତିଶାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳେ । କେତେକେ କହିପାରନ୍ତି ସେ ସାରଳା ମହାଭାରତରେ ଉକ୍ତ କଳସା ଛାନ୍ଦକୁ କାହିଁକି ନ ବୁଝାଇବ ? ତାହାର ଉତ୍ତର ଏହି ଯେ, ବେଦମନ୍ତ୍ର ସମ୍ବନ୍ଧ ବଶିଷ୍ଠ, ମାର୍କଣ୍ଡ ପ୍ରଭୃତି ଋଷିଗଣ କେବଳ କଳସା ଛାନ୍ଦକୁ ବା ଗାଇବେ କପରି ? ଉକ୍ତ ଛାନ୍ଦରେ ରଚିତ କୌଣସି ବିଷୟକୁ ସେମାନେ ନିଶ୍ଚୟ ପାଠ କରୁଥିବେ ଏବଂ ଉକ୍ତ ବିଷୟଟି ହୋଇଛି କଳସା ଚଉତିଶା । କାରଣ କଳସା ଚଉତିଶାର

ବିଷୟବସ୍ତୁ ଯାହା ଓ ବତ୍ସା'ଦାସଙ୍କ ଦ୍ୱାରା ଚଉତିଶାଟି ଯେଉଁ ଉଦ୍ଦେଶ୍ୟରେ ଗୀତ, ଠିକ ସାରଳା ମହାଭାରତରେ ସେହି ପ୍ରସଙ୍ଗରେ ବର୍ଣ୍ଣିତ, ମାର୍କଣ୍ଡ ପ୍ରମୁଖ ମୁନିଗଣ ବେଦମନ୍ତ୍ର ସହିତ କଳସା ଗାନର ଅବତାରଣା କରିଛନ୍ତି । ସାରଳା ମହାଭାରତର ଉକ୍ତ ବିଷୟଟି ଦେଖନ୍ତୁ ଚନ୍ଦ୍ରାବଳୀ ଓ ଶାମ୍ବକୁମାରଙ୍କର ପରିଣୟ । ଏହି ପରିଣୟ ସମ୍ବନ୍ଧୀୟ ବିଷୟଟି ସାରଳାଦାସ ରଚନା କରିବାବେଳେ ଠିକ୍ ସେହି ପରିଣୟ ସମ୍ବନ୍ଧୀୟ ଲୋକପ୍ରିୟ ‘କଳସା ଚଉତିଶା’ର ସୁମଧୁର ମିଳନ ଦୃଶ୍ୟ ତାଙ୍କର କଳ୍ପନା ପଟରେ ଝଲସି ଉଠିଛି ଏବଂ କବିତଲକ୍ଷଣ ବେଦମନ୍ତ୍ର ସହିତ କେବଳ ‘କଳସା’ ନାମୋଲ୍ଲେଖ ନ କରି କଳସା ଚଉତିଶାର ସ୍ତବ-ଧାରାକୁ ମଧ୍ୟ ସ୍ଥାନବିଶେଷରେ ଗ୍ରହଣ କରିଛନ୍ତି ।

## କଳସା ଚଉତିଶା

୧ । କହିଲେକ ଜମ୍ବା ମାତୃ ବାଳୀ ଦେଖି ପିତା

୨ । ସୁବଧୂ ସକଳ ମିଳି ହୁଳହୁଳି ଦେଲେ
ଜଗମୋହନ କୁ ବାଦ୍ୟ ବେଶ କରାଇଲେ ।

× × ×

ଲକ୍ଷେତ ମଙ୍ଗଳ ଗୀତ କାମିନୀ ଗାଇଲେ ।

୩ । ହାସ୍ୟ କରୁଛନ୍ତି ସଖୀ ସଙ୍ଗାଙ୍ଗୁଣୀ ଦେଖି

× × ×

ସକଳେ ଚଉଠି ସାରି କାଦ ଖେଳ ଗଲେ ।

୪ । ସନ୍ତୋଷେ ବସ୍ତ୍ର ଯୋଡ଼ିଣ କଲେଣି ସେ ନାରୀ
ସଭାରେ ଦେବତାଏ ଗଲେ ସେହ୍ନା ପୁଷ୍ପ ।

## ସାରଳା ମହାଭାରତ (ମଧ୍ୟପର୍ବ)

—ଚନ୍ଦ୍ରାବଳୀ ପରିଣୟ—ପୃ: ୨୮୭

୧ । କଷ୍ଟ ଭଲେକ ଜମ୍ବାକୁ ମାତୃ ଶିଶୁପଣ
(ଜଟମ୍ବାସୁର ?)
ଦୁର୍ଯ୍ୟୋଧନ କୋଳେ ଅଛି ଚନ୍ଦ୍ରାବଳୀ ବାଳୀ ।

୨ । ସୁବେଶ ଭୂଷଣ ବର କନ୍ୟାକୁ କରାନ୍ତି

ମଙ୍ଗଳ ଗୀତକୁ ଗାଇ ଆନନ୍ଦରେ ବାଳୀ
ହୁଳହୁଳି ଦେଇ ଅର୍ଘ୍ୟ ଶିରେ ଦେଲେ ତୋଳି ।
୩ । ବନ୍ଦଉନ୍ତି କନ୍ୟାମାନେ ମନର ଆନନ୍ଦେ
କଉତୁକେ ନାଚନ୍ତି ସେ ହାସ୍ୟ ରସ ରଙ୍ଗେ ।

X X X

ଚଉଠି ବିଧାନର ମଙ୍ଗଳ ସେସନ
ଦ୍ୱାରକାପୁରେ ସକଳ କଲେ ସମାପନ ।
୪ । କଳସୀ ଏ ଗୁରୁ ଦେବୁ ଉତ୍ପତ୍ତି କରି
ଉତ୍ସବ କରିଲ ଗଲେ କୁମାର କୁମାରୀ ।

ଉଭୟ ପରିଣୟ ଉତ୍ସବର ସମାପ୍ତି ଏକପରି । କବି ଦାସ କଳସା ଚଉତିଶାରେ ଯେପରି ଶିବପାର୍ବତୀଙ୍କର ଶୁଭ ତଥା ମଧୁମୟ ମିଳନ ଉତ୍ସବ ସମାପନ କରିଛନ୍ତି, ସେହିପରି ଶାମ୍ବକୁମାର ଓ ଚନ୍ଦ୍ରାବତୀ ପରିଣୟରେ ବଶିଷ୍ଠ, ମାର୍କଣ୍ଡ ଓ ଦୁର୍ବାସା ପ୍ରମୁଖ ଋଷିଗଣ ବେଦମନ୍ତ୍ର ସହିତ ଶିବ-ପାର୍ବତୀଙ୍କ ମଧୁମୟ ମିଳନାତ୍ମକ "କଳସା ଚଉତିଶା" ପାଠ କରି ବରକନ୍ୟାଙ୍କର ବିବାହୋତ୍ସବ ସାଙ୍ଗ କରିଅଛନ୍ତି । ପୂର୍ବୋକ୍ତ ଉଦାହରଣ ବ୍ୟତୀତ ସେହି ମହାଭାରତର ବନପର୍ବରେ ମଧ୍ୟ ଶିବ ଓ ପାର୍ବତୀଙ୍କ ବିବାହ ବର୍ଣ୍ଣନାରେ କଳସା ଚଉତିଶାର ଅପ୍ରତିହତ ପ୍ରଭାବ ପରିଲକ୍ଷିତ ହୋଇଥାଏ ।

## କଳସା ଚଉତିଶା

ଅଣାଇଲେ ଘେନେ କାହୁଁ ବରେଇ ବରଣ
ଅଣମନୁଷ୍ୟ ସେ ଯେ ଅଙ୍କିତ ଅପାବନ ।

X X X

କନକ ବେଦୀରେ ବୁଢ଼ା ବସିଛି ମଧ୍ୟର

X X X

ଛଡ଼ ଅଛି ସର୍ପମାଳ ମୁଣ୍ଡେ ଆଭରଣ
ଣଣ ଦାଢ଼ି ଲୁଗ ତାକୁ ନ ମିଳେ ଉଣ୍ଡାଣି
ଣଣାକାରେ ସେ ଦେଖିଲେ ଘରେ ଡର ପାଇ ।

ହେମନ୍ତର ଖଣୀ ଦେଖି ସନ୍ତ୍ରାସ ହୋଇଲେ
ଧାନ ଗଉଗଞ୍ଜ ବେଶ ଯତ୍ନ ପକାଇଲେ ।

+ + +

ନାହିଁ କି ଏସାର ମଧ୍ୟ ସଜାର ଭୂମର
ନିର୍ଲଜ ବୁଢ଼ାକୁ ସୁନ୍ଦରୀକ ଭଲ ବର

+ + +

ଧାନଫୁଲ କନିଆର ଖୋସାରେ ଖୋସିଲେ
ଯତନେ କସ୍ତୁରୀଟିକା କପାଳରେ ଦେଲେ ।

+ + +

ନଖ ମୁଖ ତସ୍ତୁମାନ ଖଶିଲା ଉଦର
ନୂଆ ଖଷି ଖଣା ଗ୍ରାସୁ ଦିଶୁଛି ଉଦର ।
ଦେମିକ ମାଢ଼ଣା ବୁଢ଼ା ବସିଛି ମଧ୍ୟେଣ
ଘଣ୍ଟପାଣେ ବେଢ଼ି ଛନ୍ତି ଦେବତା ବ୍ରାହ୍ମଣ ।

+ + +

ଝୁମୁ ଝୁମୁ ବାଜ ଘଣ୍ଟି ଘାଞ୍ଚୁଡ଼େଲୁଏ
ଝିମଝୁଣେ ଅଛି କରେ ତ୍ରିଶୂଳ ଗୋଟାଏ !

+ + +

ଷଣ୍ଡି ଅଘୋରୀର ପଟେ ନାହିଁ ଆନ ଚାର
ଷଣ୍ଡିଆ ବଳଦ ବୁଢା ବାନ୍ଧିଛି ପାଖର

+ + +

ଭୂଲ ମୂଳ ଗୋଣ ଆଦ ନାହିଁ ଜାଣ ତାର ।

+ + +

ଧଗଧଗ ହୋଇ ମାଏ ଝିଅ ବୋବାଇଲେ

+ + +

ଲାବଣ୍ୟ ଚନ୍ଦ୍ରବଦନା ଲକ୍ଷେ ଲକ୍ଷ୍ମୀ ଗୁଣ

+ + +

ଭିତରେ ପଶିଲା ଭଳି ଲାଗେ ତା ମନର
ତଧରେ ଛୋଳ ଧାଇଲେ ଦାସୀ ତାହାଙ୍କର,

ଇତ୍ୟାଦି

## ବନପର୍ବ

(ଉତ୍କଳ ଭଣ୍ଡାଦ୍ୟାକସ୍ଥ—ପାଣ୍ଡୁଲିପି ପୃ-୮)

ବାଟ ଚୋର ବନର ରୁଦ୍ର ନାମ
ଦେବତାଙ୍କ ମଧ୍ୟେ ସେ ସବୁଙ୍କ ଅଧମ
ଆରେ ଗଜସ୍କନ୍ଧ ଶବ୍ଦ ହୋଇଲା ଯେତେବେଳେ
ବରବେଶେ ବସିଲା ଆସି ଚୁମ୍ବା ମଣ୍ଡପ ତଳେ ।

+ + +

ଗର୍ଜନ୍ତି ସର୍ପେ ଯେ ଫୁଫୁକାର ମନ୍ତ୍ରେ
କଟି ମେଖଳେ ବାନ୍ଧି ଅଛି ନାଗ ଯେ ଗୋଟିଏ
ଗାଢ଼ବନ୍ଧ ନ୍ତ୍ରିଗ (ଚୋଖ) ଯେ ଦଶଇ ଭୁଜଙ୍ଗ

+ + +

ଅଷ୍ଟଅଙ୍ଗ ଭୂଷି ଭୁଜଙ୍ଗ ଲଙ୍ଗଟ
ବସ୍ତ୍ର ବଢେନ ହେମବନ୍ତଙ୍କୁ ସୀଙ୍ଗାଗୀ

+ + +

ସ୍ନେହେ ବଢ଼ି ଘଣ ଦୋଳାଇ ଶିରବାଜ
ସ୍ନେହନ୍ତ ସୁନ୍ଦରେ ବସିଅଛି ପିତାର କାଳନ

+ + +

ତୋହର ଘନ୍ଦ ଆଣିଲେ ସୁଲପଣୀ ମଣ୍ଡପ
କନ୍ୟାର କସୋଳେ ସେ ଦେଳଘନ ଦେଖି କହିଲେ ।

+ + +

ବାସୁକି ନାଗ ପିନ୍ଧା ତୋହର ପିଣ୍ଡର ଥିଲା
ସେକ୍ଷୁ ପିଟିଗଲା ସେ ବିବସନ ହୋଇଲା
ଲଜ୍ଜନ୍ତ ଯାଣ୍ଡି ହୋଇ ବସିଲା ସଭାରେ
ଦେଖି ଲଜ୍ୟା ପାଇଲେ ସମସ୍ତେ ଦେବାସୁରେ ।

+ + +

ଆରେ ପ୍ରଚଣ୍ଡ ଯୋଗୀ ଅମଙ୍ଗ ହୋଇ ଦେଖା
ଘର ଯାଉଛି ଖଣ୍ଡ ଭୂମ୍ବର ସଙ୍ଗୁଳି ଚଣ୍ଡୀ ।

ବୁଢା ବଳଦ ଗୋଟାଏ ଚଢ଼ିଥାଇ ନିତ
ଡମ୍ବରୁ ବାଦ୍ୟ କରି ଭିକ୍ଷା ଅର୍ଥେ ଯାନ୍ତି ।
+ + +
ଆରେ ଜାତହୀନ ଯାଦବ ଡୁମ୍ବର କୁଳଗୋତ୍ର ନାହିଁ ।
× × ×
ମାତା ସୁତ ଦୋହେଁ କାନ୍ଦନ୍ତି କ୍ରୋଧେ ବସି
ପୂର୍ଣ୍ଣମୀ ଚନ୍ଦ୍ରମା ସେ ତୋହର ମୁଖଚ୍ଛାଟି
କୋମଳ ସୁକୁମାର ଶରୀର ତୋର କମ୍ପାଇ ଭୂମି ଲୋଟି ।
× × ×
ଗଉରୀଙ୍କୁ ଈଶ୍ୱର ଯେ ଧଇଲେ ଦକ୍ଷାଳାଗ୍ରତେ । ଇତ୍ୟାଦି ।

ଏଭଳି ଦୃଷ୍ଟିକୋଣରୁ କଳସା ଚଉତିଶାର ଆଲୋଚନାରେ କଳସା ଚଉତିଶା ସମ୍ବନ୍ଧୀୟ ନିମ୍ନୋକ୍ତ ତଥ୍ୟ ଜଣାପଡ଼େ ।

(୧) 'କଳସ' ନାମକ ଛନ୍ଦ ପ୍ରାଚୀନ କାଳରୁ ପ୍ରାକୃତ ସାହିତ୍ୟରେ ରହିଛି । ସେହି 'କଳସ' ଛନ୍ଦ ଲୌକିକ ହିନ୍ଦୀ ଓ ପରବର୍ତ୍ତୀ ପ୍ରାକୃତ ଭାଷାରେ 'କଳସା' ଶବ୍ଦରେ ପରିଣତ ଲାଭ କରିଛି । (୨) 'କଳସ' ଛନ୍ଦର ନାମକରଣ ପ୍ରାଚୀନ ଯୁଗର 'କଳସ ନୃତ୍ୟ' 'କଳସ' ବାଦ୍ୟଠାରୁ ସମ୍ଭବତଃ ସମ୍ପୃକ୍ତ ଥିଲା ପରି ଜଣାପଡ଼େ । (୩) କଳସା ଚଉତିଶା ସ୍ତୁତି ବା ସ୍ତୋତ୍ରମୂଳକ ରଚନା ନୁହେଁ । ସେଥିରେ ବ୍ୟବହୃତ 'କଳସା' ଶବ୍ଦ ସ୍ତୁତି ବା ସ୍ତୋତ୍ରକୁ ନ ବୁଝାଇ 'କଳସା' ଛନ୍ଦକୁହିଁ ବୁଝାଇ ଥାଏ । (୪) ସାରଳା ମହାଭାରତ ଉକ୍ତିରେ ବେଦମନ୍ତ୍ର ସହିତ ପ୍ରଯୁକ୍ତ 'କଳସା' ଶବ୍ଦ ପ୍ରାଚୀନ କଳସା ଚଉତିଶାକୁ ସୂଚିତ କରେ । ସେଠାରେ 'କଳସା'ର ବ୍ୟବହାର କଳସା ଚଉତିଶାର ଶିବ ପାର୍ବତୀଙ୍କର ପରିଣୟ ରୂପକ ଚନ୍ଦ୍ରାବତୀ ଓ ଶାମ୍ବକୁମାରର ପରିଣୟ ବା ମିଳନକୁହିଁ ଲକ୍ଷ୍ୟ କରିଥାଏ । ସାରଳାଙ୍କର ଉକ୍ତ ବର୍ଣ୍ଣନାରେ କେବଳ 'କଳସା' ଶବ୍ଦର ଯେ ପ୍ରୟୋଗ ରହିଛି ତାହା ନୁହେଁ । କଳସା ଚଉତିଶାର ପ୍ରଭାବ ସେହି ବର୍ଣ୍ଣନାକୁ ବିଶେଷ ଭାବରେ ପ୍ରଭାବିତ କରିଛି । ଏହି ସମସ୍ତ କାରଣରୁ ତଥା ପୂର୍ବୋକ୍ତ ଅନ୍ୟାନ୍ୟ ଆଲୋଚନାରୁ

ଜଣାଯାଏ ଯେ 'କଳସା' ଓଡ଼ିଆ ସାହିତ୍ୟର ପ୍ରାଚୀନତମ ରଚନା । ତାହା ସାରଳା ମହାଭାରତର ରଚନା ପୂର୍ବରୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ରଚିତ ହୋଇଥିବା ସ୍ୱାଭାବିକ ଓ ବିଶେଷ ଯୁକ୍ତିସଙ୍ଗତ ।

## କଳସା ଚଉତିଶାର ଭାଷା

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକ ଜଟିଳ ସମସ୍ୟା ନିରୂପଣ କରିବା ନିମିତ୍ତ ସେହି ସବୁ ରଚନାର ଭାଷା ସମ୍ବନ୍ଧୀୟ ଆଲୋଚନା କରିବା ଏକାନ୍ତ ଆବଶ୍ୟକ । 'କଳସା' ଚଉତିଶାର ଭାଷାର ପ୍ରାଚୀନତାରୁ ଉକ୍ତ ରଚନାର ପ୍ରାଚୀନତା ଜଣା ପଡ଼ିଥାଏ । 'କଳସା ଚଉତିଶା ସାରଳା ଦାସଙ୍କ ପୂର୍ବବର୍ତ୍ତୀ ଅର୍ଥାତ୍ ଖ୍ରୀ. ପଞ୍ଚଦଶ ଶତାବ୍ଦୀର ପୂର୍ବବର୍ତ୍ତୀ, ଏହି ସିଦ୍ଧାନ୍ତରେ ଉପନୀତ ହୋଇ ପାରିବା ନାହିଁ କାରଣ ଭାଷାତତ୍ତ୍ୱ ଦୃଷ୍ଟିରୁ ଏହି ସାରଳା ଦାସଙ୍କ ସମସାମୟିକ ବା ପରବର୍ତ୍ତୀ ହୋଇପାରେ ।" — ଏହି ମତ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ତାଙ୍କର 'କଳସା' ଚଉତିଶା ଆଲୋଚନାରେ ଦେଇଛନ୍ତି । (୧)

କିନ୍ତୁ ପୂର୍ବୋକ୍ତ ଆଲୋଚନାରେ 'କଳସା' ଚଉତିଶାର ସ୍ପଷ୍ଟ ପ୍ରଭାବ ସାରଳା ମହାଭାରତରେ ପଡ଼ିଥିବାରୁ ମନେକରାଯାଏ ଯେ ଅନ୍ତତଃ ସାରଳା ମହାଭାରତ ରଚନା ପୂର୍ବରୁ ଅର୍ଥାତ୍ ଖ୍ରୀ: ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭ କାଳରେ ଏହି ଚଉତିଶା ରଚିତ ହୋଇଥିବା ସମ୍ଭବ । ସାରଳା ମହାଭାରତ କପିଳେନ୍ଦ୍ର ଦେବଙ୍କର ରାଜତ୍ୱ ଅର୍ଥାତ୍ ଖ୍ରୀ: ୧୪୩୫–୧୪୬୭ର କୌଣସି ଏକ ସମୟରେ ରଚିତ ହୋଇଥିବା ସମ୍ଭବ ଅଟେ ।

'କଳସା' ଚଉତିଶାରେ ଯେଉଁ ଶବ୍ଦଭଣ୍ଡାର ଦେଖିବାକୁ ମିଳେ ତାହା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଦୁର୍ଲଭ । ଯେପରିକି କାଦ ( କର୍ଦ୍ଦମ କାଦୁଅ ) କାଦଖେଳ, ଚଳେନ୍ତ—ଭ୍ରମଣଶୀଳ, ଝମ୍ପା—ସାହି ବା ଗ୍ରାମ ବିଶେଷ, ଝାଜର—ତଡ଼ା, ଖାଙ୍କୁଆ—କ୍ଷୀଣ, ପାତଳ, ତୋର—ତନ୍ତୁରୁ

(୧) ଓଡ଼ିଆ ସାହିତ୍ୟ ସମୀକ୍ଷା—ସଙ୍କଳୟିତା ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ପୃ. ୨୫

ଠୋକର—ପେଟ୍; ସାହାସେଣ—ଶ୍ୱାସେନ, ଧଇଁସଇଁ ହେଉଛି, ହେମନ୍ତ—ହିମବନ୍ତ ଶବ୍ଦରୁ ଅପଭ୍ରଂଶ ( ହେମନ୍ତ ବୁଲଣୀ )।

ଏହି ସବୁ ଶବ୍ଦ ବ୍ୟତୀତ କଳସା ଚଉତିଶାରେ ଦୁଇଗୋଟି ଯାବନିକ ଶବ୍ଦ ବ୍ୟବହୃତ ହୋଇଥିବାର ଜଣାଯାଏ ଯଥା—'ଫରମାଣ' ଓ 'ଫରସେ'। ପ୍ରାଚୀନ ଓଡ଼ିଆ ଅଭିଲେଖରେ ଆମେ ଦେଖିବାକୁ ପାଇବା ଯେ ଖ୍ରୀ: ୧୩-୧୪ ଶତାବ୍ଦୀ ବେଳକୁ କେତେକ ଯାବନିକ ଶବ୍ଦର ପ୍ରଚଳନ ଘଟିଛି। ଖ୍ରୀ: ୧୧ଶ ଶତାବ୍ଦୀଠାରୁ ଭାରତରେ ତୁର୍କ ଆଫଗାନ ରାଜତ୍ୱ ଫଳରେ କ୍ରମେ ଯାବନିକ ଶବ୍ଦର ପ୍ରସାର ଘଟିଲାଣି। ତେଣୁ ଖ୍ରୀ: ୧୭ଶ ଶତାବ୍ଦୀ ଓଡ଼ିଆ ସାହିତ୍ୟରେ ଏହି ଯାବନିକ ଶବ୍ଦର ପ୍ରୟୋଗ ଘଟିବା କିଛି ଅସମ୍ଭବ ନୁହେଁ। 'ଫରମାଣ' ଶବ୍ଦର ଅର୍ଥ ହେଉଛି ରାଜାଜ୍ଞା ବା ରାଜାଦେଶ ( Firman ) ଏବଂ 'ଫରସେ' ଶବ୍ଦ ତୁର୍କି 'ଫରାସ' ଶବ୍ଦର ଅପଭ୍ରଂଶ ରୂପ। 'ଫରାସ' ଶବ୍ଦର ଅର୍ଥ ହେଉଛି ଯେଉଁ ଭୃତ୍ୟ ଧନୀ ଲୋକର ଘରେ ରହି ତାହାର ଗୃହର ସମାର୍ଜନ କାର୍ଯ୍ୟ କରେ, ଗାଲିଚା ବିଛାଇ ତକିଆ ଝୋଟୁଳି ପ୍ରଭୃତି ସଜାଡ଼ି ରଖେ। ଏହାଛଡ଼ା କଳସାରେ ବ୍ୟବହୃତ ଶାକ୍ତ, ପ୍ରତ୍ୟକ୍ଷ ଓ ଶକ୍ତି ପ୍ରତ୍ୟୟାତ୍ମ ହେବା ବିଚାର କରି ସ୍ୱର୍ଗତ ଡକ୍ଟର ମାନସିଂହେ ମତ ଦିଅନ୍ତି ଯେ ଏହି ରଚନା ସାରଳା ଦାସଙ୍କର ସମସାମୟିକ ବା ଖ୍ରୀ: ୧୬ଶ ଶତାବ୍ଦୀର ରଚନା ଅଟେ। ( ଓଡ଼ିଆ ସାହିତ୍ୟ ସମୀକ୍ଷଣ ପୃ ୧୩ରୁ ପୃ ୨୨, କଳସା ଚଉତିଶା ଆଲୋଚନା ଦେଖ )

ଧର୍ମ ଦୃଷ୍ଟିରୁ ମଧ୍ୟ 'କଳସା' ଚଉତିଶାର ଆଲୋଚନା ହେବା ଉଚିତ। କଳସା ଚଉତିଶାରେ 'ମୁଦ୍ରା, ଦର୍ଶନ, ଝୋଳିସାମୁଡ଼ି, ତ୍ରିଶୂଳ, ଶଙ୍ଖ, ଥାଳ ଓ ଢୋଲ ପ୍ରଭୃତିର ବର୍ଣ୍ଣନା ନାଥ ଯୋଗୀର ଏକ ନକ୍ସା ଚିତ୍ର ପ୍ରଦାନ କରାଇଥାଏ। କହିବା ଅସଙ୍ଗତ ହେବନାହିଁ ଯେ ତତ୍କାଳୀନ ନାଥ ଧର୍ମର ପ୍ରଭାବରେ ଏହି ଚଉତିଶାଟି ପ୍ରଭାବିତ। ଅନ୍ୟ ଏକ ଚଉତିଶା କନ୍ଦର୍ପ 'କୌଶିକ ମାଳ' ଚଉତିଶାରେ ଲେଖିକାଥ ବା ନାଥୁଆ ନାଥ-ଧର୍ମର ସ୍ୱରୂପ ଭକ୍ତ ଚଉତିଶାରେ ଦେଇଅଛନ୍ତି। ଯେପରି—

'ସୁରଚ୍ଛେଦ କଲା ଆଳ । ଚନ୍ଦ୍ରଶାଳ କଲା ରୁଦ୍ରାକ୍ଷ ମାଳ ।
ତହିଁରେ ଲେଖିଲା କାଳ' । ମୋ ଯୋଗୀ ହେ ।
ଯାତେଣ ଜଳୁଅଛି ଜ୍ୟୋତ । ପ୍ରବୃତ୍ତି ଯୋଡ଼ଣ କଲା ବସ୍ତ୍ର ।
ଦୃଷ୍ଟି ନିଧ ବସ୍ତୁଜ୍ୟୋତ । ମୋ ଯୋଗୀ ହେ ।

'କଳସା' ଚଉତିଶା ସାହିତ୍ୟିକ ରଚନା ଶୈଳୀ, ଭାଷାତତ୍ତ୍ୱ ଓ ଧର୍ମତତ୍ତ୍ୱ ଦୃଷ୍ଟିରୁ ଏକ ଅମୂଲ୍ୟ ଚଉତିଶା । କବିଙ୍କର ଶବ୍ଦ ଯୋଜନା ଓ ଭାବ ପ୍ରକାଶର ସାବଲୀଳତା ଓ ରସାଳତା ଯୁଗେ ଯୁଗେ ଏହି ରଚନାଟିକୁ ଅମର କରି ରଖିବ । ଶିବ ପାର୍ବତୀଙ୍କ ଚରିତ୍ରରେ କବିଙ୍କର ବ୍ୟଙ୍ଗ ବିଦ୍ରୂପ ଚଉତିଶାକୁ ହାସ୍ୟରସାତ୍ମକ ରଚନାରେ ପରିଣତ କରିଛି । ଯେପରି—

" ଖୁଁ ଖୁଁ କାଶ ସାହସେଣ ହେଉଅଛି ଧଇଁ
ଖର ନିଶ୍ୱାସ ବୁଢ଼ାର ମାଥ ଲଗେ ଢୁଲିଁ ।
ଖଣ୍ଡିଆ ଯୋଗୀର ସଙ୍ଗେ ନାହିଁ ଧନ ତାର
ଖଣ୍ଡିଆ ବଳଦ ବୁଢ଼ା ବାନ୍ଧିଛି ଗାଣ୍ଠର ।
ନସତେଣ କହେ କଥା ନିକୁଟିଣ ଦାନ୍ତ
ନ ଆସଇ ବାଣୀ ତାର ବୁଢ଼ୀ ହୋଏ ଅନ୍ତ ।
ନଖ ଦାଢ଼ି ରୁଢ଼ ତାକୁ ନମିଲେ ଭଣ୍ଡାର
ନାଶା କାଟେଳ ଯେ ଦେଖିଲେ ଭସ୍ମ ଭରି ତାର ।"
(କଳସା ଚଉତିଶା)

ଏହି ସବୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଓଡ଼ିଆ ଚଉତିଶା ସାହିତ୍ୟରେ କଳସା ଚଉତିଶା ପ୍ରାଚୀନତମ ଚଉତିଶା ନୁହେଁ—ସାହିତ୍ୟ ତଥା ଭାଷାତତ୍ତ୍ୱ ଦୃଷ୍ଟିରୁ ଏହା ପ୍ରାଚୀନ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ ।

## ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ଓ 'ମହାଭ୍ରମ'

'କଳସା' ଚଉତିଶା ରଚନା ପରେ ଓଡ଼ିଆ ସାହିତ୍ୟରେ ଅନେକ ଗୁଡ଼ିଏ 'କୋଇଲି' ଚଉତିଶା ରଚିତ ହୋଇଥିଲା । କୋଇଲି ଚଉତିଶା

ଗୁଡ଼ିକ ମଧ୍ୟରେ ମାର୍କଣ୍ଡ ଦାସଙ୍କ କେଶବ କୋଇଲି ପ୍ରାଚୀନତମ ରଚନା । ଏହି ଚଉତିଶାର ରଚନା ସମୟ ଖ୍ରୀ: ୧୫ଶ ଶତକ ବୋଲି ଧରାଯାଇଛି । ଭାଷା, ଭାବ ଓ ପ୍ରକାଶଭଙ୍ଗୀ ଦୃଷ୍ଟିରୁ ଚଉତିଶାଟି ଯୁଗାବଧି ଲୋକପ୍ରିୟ ଚଉତିଶା ହୋଇ ରହିଛି । କୃଷ୍ଣଙ୍କର ମଥୁରା-ଗମନରେ ପୁତ୍ରବିରହବିଧୁରା ଯଶୋଦାଙ୍କର ବାତ୍ସଲ୍ୟ ମମତା କରୁଣରସର ପାରାବାର ସୃଷ୍ଟି କରିଛି । ଇଂରେଜ କବି 'ଗ୍ରେ'ଙ୍କର 'ଏଲିଜି' ପରି ଏହି କ୍ଷୁଦ୍ର କବିତାଟି ଓଡ଼ିଆ ସାହିତ୍ୟର ଧାରାରେ ଏକ ଚିରନ୍ତନ ସାହିତ୍ୟ ଯାହାର ଭାବଧାରା ଯୁଗେ ଯୁଗେ ଓଡ଼ିଆ ପ୍ରାଣକୁ ଉଦ୍‌ବେଳିତ କରିଥାଏ । ଚଉତିଶାରେ 'ଯଶୋଦା' ଓଡ଼ିଆ ଗାଉଁଲି ଜନନୀର ରୂପ ପରିଗ୍ରହଣ କରିଅଛନ୍ତି ଓ ତାଙ୍କର ବାତ୍ସଲ୍ୟ ମମତାକୁ କବି ଏପରି ଜୀବନ୍ତ ଭାବରେ ରୂପାୟିତ କରିଅଛନ୍ତି ଯେ ତାହା ଦେଶ କାଳ ପାତ୍ର ନିର୍ବିଶେଷରେ ଯେ କୌଣସି ପାଠକ ବା ଶ୍ରୋତାର ପ୍ରାଣକୁ ସ୍ପର୍ଶ କରିବ ଏଥିରେ ସନ୍ଦେହ ନାହିଁ ।

"କୋଇଲି    କ୍ଷୀରସରି ଦେବ ମୁଁ କାହାକୁ
ଖାଇବାକୁ ପୁଅଗଲା ମଥୁରା ପୁରକୁ ଲୋ କୋଇଲି ।
କୋଇଲି    ଗଲାପୁଅ ବାହୁଡ଼ି ନଇଲା
ଗହନତ ବୃନ୍ଦାବନ ଶୋଭା ନ ପାଇଲା ଲୋ କୋଇଲି ।
କୋଇଲି    ଖଣ୍ଡାକାଳେ ହରି ମାଗେ ଖୁଦ
ନବୁଝ ଝିଙ୍କରି ତାଙ୍କୁ ଘୁଞ୍ଚାଅନ୍ତି ନନ୍ଦେ ଲୋ କୋଇଲି ।
କୋଇଲି    ଝୁଞ୍ଚ ଝୁଞ୍ଚ ହସୁଥାନ୍ତି କୋଳେ
ଝଳ ଝଳ ଦିଶୁଥାନ୍ତି ଝୁଲିବାର ବେଳେ ଲୋ କୋଇଲି ।"

'କେଶବ କୋଇଲି' ଚଉତିଶାଟି ଏପରି ଲୋକପ୍ରିୟ ହୋଇଥିଲା ଯେ ପରବର୍ତ୍ତୀ ଶତାବ୍ଦୀରେ ଅର୍ଥାତ୍ ଖ୍ରୀ: ୧୬ଶ ଶତାବ୍ଦୀରେ ଉତ୍କଳର ଜଗନ୍ନାଥ ଦାସ 'କେଶବ କୋଇଲି' ଚଉତିଶାର ଏକ ଆଧ୍ୟାତ୍ମିକ ବ୍ୟାଖ୍ୟା ଲେଖିଲେ ଯାହାର ନାମ ହେଲା 'ଅର୍ଥ କୋଇଲି' । ଅର୍ଥ କୋଇଲି ପରେ ଖ୍ରୀ: ୧୬ଶ ଶତାବ୍ଦୀର ଅନ୍ୟ ଏକ କବି ଲୋକନାଥ (ନାଥିଆ)ଙ୍କର 'ଜ୍ଞାନୋଦୟ କୋଇଲି', ବଳରାମ ଦାସଙ୍କ 'କାନ୍ତ

କୋଇଲି', ଶିବର ଦାସଙ୍କ 'ବାରମାସୀ କୋଇଲି' ପ୍ରଭୃତି ରଚନା 'କେଶବ କୋଇଲି' ରଚନା ଦ୍ୱାରା ପ୍ରଭାବିତ ହୋଇଅଛି । ଏତେଗୁଡ଼ିଏ କୋଇଲି ରଚନା ମଧ୍ୟରେ କେବଳ ଏହି 'କେଶବ କୋଇଲି' ହେଉଛି ଅକୃତ୍ରିମ ତଥା ଶାଶ୍ୱତ ସାହିତ୍ୟ ଯାହାର ରସଧାରା ଯୁଗେ ଯୁଗେ ଓଡ଼ିଆ ପ୍ରାଣକୁ ପ୍ରଭାବିତ କରୁଥିବ । ଭାଷା ଦୃଷ୍ଟିରୁ ବିଚାର କଲେ ଏଥିରେ କେତେକ ପ୍ରାଚୀନ ଶବ୍ଦରୂପର ବ୍ୟବହାର ଦେଖିବାକୁ ମିଳେ ଯେପରି —

(କ) ଦଣ୍ଡକ ନବଦେଶ ପୁର (ଖ) ଠଣା ଯେ ସୁନ୍ଦର କେବଣ ହୋଏ (ଗ) ଠକ ଭଣ୍ଡି ଗଲେ ନଗରେ ବେଢ଼ାଏ (ଘ) ଅନ ଖଣ୍ଡି ଖୀର ପାନ ଦେଲି (ଙ) ଧର୍ମଥିଲା ପୁତ୍ର ଗୋଟି (ଚ) ପାଳିବାକୁ ନାହିଁ ମୋର ଆଶ (ଛ) ଅନେକ ଖଂଗିଲି ସ୍ୱପ୍ନେ କଂସ ଇତ୍ୟାଦି ।

## ମହାଭ୍ୟାସ ବା ମହାଗୁହ୍ୟ

ମାର୍କଣ୍ଡ ଦାସଙ୍କର ଏହି ଗ୍ରନ୍ଥ ଖଣ୍ଡିକ ଏପର୍ଯ୍ୟନ୍ତ ପ୍ରକାଶ ଲାଭ କରି ନାହିଁ । ଏହି ଗ୍ରନ୍ଥରେ 'ରାମ'ଙ୍କୁ ପରମବ୍ରହ୍ମ ରୂପେ ପରିକଳ୍ପନା କରାଯାଇଛି । କଥା ହେଉଛି ଯେ ପାର୍ବତୀଙ୍କର ଅନୁରୋଧରେ ମହାଦେବ ତାଙ୍କୁ ଗୁପ୍ତଜ୍ଞାନ କହୁଥିଲେ; କିନ୍ତୁ କଥାଟି ଶୁଣୁ ଶୁଣୁ ସେତେବେଳେ ପାର୍ବତୀ ଶୋଇ ପଡ଼ିଲେ ନିକଟସ୍ଥ ବୃକ୍ଷର କୋଟରରେ ଥିବା ଏକ ଶୁକ ପକ୍ଷୀ ତାହା ଶୁଣି ପାରିଲା । ମହାଦେବ ଶୁକପକ୍ଷୀ ଏହି ବ୍ରହ୍ମଜ୍ଞାନତତ୍ତ୍ୱ ଶୁଣି ପାରିବା ଜାଣି ତାକୁ ମାରିବା ପାଇଁ ଚେଷ୍ଟା କଲେ କିନ୍ତୁ ମାରି-ପାରିଲେ ନାହିଁ । ପରେ ଏହି ଜ୍ଞାନ ଶୁକଦେବଙ୍କ ଦ୍ୱାରା ଜଗତରେ ପ୍ରସାର ଲାଭ କଲା । ଏଥିରେ ଥିବା କେତେକ କଥା ସାରଳା ମହାଭାରତର କଥା ସହିତ ମେଳ ଖାଉଛି ତେଣୁ ମନେ ହୁଏ କବିଙ୍କ ମହାଗୁହ୍ୟର ରଚନା ସାରଳାଦାସଙ୍କୁ ପ୍ରଭାବିତ କରିଥାଇ ପାରେ ।

'ପ୍ରାଚୀ ସମିତି' ଏହି ଗ୍ରନ୍ଥଟି ପାଇଥିଲେ ଏବଂ ଅନେକ ଦିନ ତଳେ ସ୍ୱର୍ଗତଃ କରୁଣାକର କରଙ୍କର ତତ୍ତ୍ୱାବଧାନରେ ଗ୍ରନ୍ଥଟି ସମ୍ପାଦିତ ହେବା ନିମିତ୍ତ ପ୍ରାରମ୍ଭିକ ଉଦ୍ୟମ ହୋଇଥିଲା । କିନ୍ତୁ ଏହି ଅମୂଲ୍ୟ ତଥା ଦୁଷ୍ପ୍ରାପ୍ୟ ଗ୍ରନ୍ଥର ସମ୍ପାଦନା ହୋଇ ପାରିଲା ନାହିଁ ଓ

ଗ୍ରନ୍ଥଟିର ସୃଷ୍ଟି ମଧ୍ୟ ଜଣାପଡ଼ିନାହିଁ । କିନ୍ତୁ ସୌନ୍ଦର୍ଯ୍ୟ ବିଶେଷତଃ ଈଶ୍ୱର କରୁଣାକର କରଙ୍କର ମହାଶୂନ୍ୟର ଏକ ସଂକ୍ଷିପ୍ତ ଆଲୋଚନା ବା ଗ୍ରନ୍ଥର କେତେକ ଅଂଶ ମିଳନ୍ତି ଯାହା ଗ୍ରନ୍ଥର ସ୍ୱରୂପ ସମ୍ବନ୍ଧରେ ଆମ୍ଭମାନଙ୍କୁ କେତେକ ଧାରଣା ଦେଉଥାଏ ।

ମହାଶୂନ୍ୟ ଗ୍ରନ୍ଥଟି ନବାକ୍ଷରୀ ବୃତ୍ତରେ ଲେଖା ଯାଇଛି ଓ ଆଲୋଚକଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତର ପୂର୍ବରୂପ । ଏହା ଏକ ଭକ୍ତିରସାତ୍ମକ ଗ୍ରନ୍ଥ ଏବଂ କବି ଲେଖିଛନ୍ତି—

"ଏରୂପ ଭକ୍ତି ରସଖଣ୍ଡ । ଭଣଇଂ କବି ମାରକଣ୍ଡ" । ରଚନା-ପ୍ରଣାଳୀ ଓ ଭାବସନ୍ନିବେଶରୁ ଏହା ଏକ ପ୍ରାଚୀନ କାବ୍ୟ ବୋଲି ଜଣା ପଡ଼ୁଥାଏ । ଗ୍ରନ୍ଥରେ 'ସୁନ୍ଦର'ଙ୍କୁ ରାମାନୁଜ ସମ୍ପ୍ରଦାୟର ମନ୍ତ୍ର ଉପଦେଶ ଦେଉଅଛନ୍ତି । କବି ଉଭୟ ରାମ ଓ କୃଷ୍ଣ ଉପାସକ ଥିଲେ ହେଁ ଏହି ଗ୍ରନ୍ଥରେ ତାଙ୍କର ଏକନିଷ୍ଠପ୍ରାଣତା ପ୍ରକାଶ ପାଇବା ସହିତ ଓଡ଼ିଶୀ ବୈଷ୍ଣବ ଧର୍ମର ନିଗୂଢ଼ ବ୍ରହ୍ମଜ୍ଞାନ ତତ୍ତ୍ୱ ବିସ୍ତୃତ ଭାବରେ ପ୍ରଦାନ କରିଅଛନ୍ତି । 'ବ୍ରହ୍ମ' ଲାଭ କରିବାକୁ ହେଲେ କିପରି ଯୋଗ ସାଧନ କରିବାକୁ ହେବ କବି ତାହା ନିମ୍ନୋକ୍ତ ଭାବେ ବର୍ଣ୍ଣନା କରୁଅଛନ୍ତି—ଏହି ସାଧନା ପରବର୍ତ୍ତୀ ପଞ୍ଚସଖା ଦର୍ଶନର ଅନୁରୂପ । ଗ୍ରନ୍ଥର ପୃ ୨୩ରେ ବର୍ଣ୍ଣିତ ହୋଇଅଛି—

"ଆସନ କରିବୁ ନିଶ୍ଚଳେ । ଲୁଣ୍ଠିବୁ ପ୍ରଥମ କମଳେ ।
ତହୁଁ ଦ୍ୱିତୀୟ ପଦ୍ମଠାରେ । ପବନ ଅଭ୍ୟାସିବୁ ଧୀରେ ।
ତୃତୀୟ ପଦ୍ମେ ପ୍ରକାଶିବୁ । ଚତୁର୍ଥ କମଳେ ରହିବୁ ।
ପଞ୍ଚମେ ବିଶୁଦ୍ଧ ନଳରେ । ଅଭ୍ୟାସେ ପ୍ରକାଶିବୁ ଧୀରେ ।
ଦୁଇ ପାଖୁଡ଼ା ଯେ କମଳ । ଷଷ୍ଠରେ ତହୁଁ କରମେଳ ।
ସପ୍ତମେ ସହସ୍ର ଦଳରେ । ପ୍ରକାଶ ତା ମଧ୍ୟ ଦେଶରେ ।
ଅଷ୍ଟମେ ନିରଞ୍ଜନ ସ୍ଥାନେ । ତାରକ ବ୍ରହ୍ମ ବିଦ୍ୟମାନେ ।
ଅଭ୍ୟାସି ଜ୍ୟୋତି ପ୍ରକାଶିବ । ନିଶ୍ଚଳେ ଦୃଷ୍ଟି ହୋଇଥିବ ।
କେବଳ ଚିନ୍ତି ଭକ୍ତି ଭାବ । ଭ୍ରମର ଗୁମ୍ଫା କରି ଠାବ ।"

(ମହାଶୂନ୍ୟ—ପୃ ୨୩)

ଏହି ସବୁ ତତ୍ତ୍ୱ ବହୁ ପ୍ରାଚୀନ କାଳରୁ ଓଡ଼ିଶାର ବୈଷ୍ଣବଧର୍ମ ଧାରାରେ ପ୍ରଚଳିତ ଥିଲା । ତାନ୍ତ୍ରିକ ବୌଦ୍ଧ ସାହିତ୍ୟ—ନାଥ ସାହିତ୍ୟ ଓ ପରବର୍ତ୍ତୀ ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଯୋଗ ସାଧନ ଧାରା ଏକ ପ୍ରଧାନ ବୈଶିଷ୍ଟ୍ୟ । ଏଥିର ମଧ୍ୟରେ ଷଟ୍‌ଚକ୍ରର ବିବରଣୀ ପ୍ରାଚୀନ ଓଡ଼ିଆ ସାହିତ୍ୟର ବିଭିନ୍ନ ରଚନାରେ ଭରି ରହିଛି । ଏହି ସମସ୍ତ ଥିବାରୁ ଷଟ୍‌ଚକ୍ର ସାଧନା ପରେ ସେ ନିରଞ୍ଜନ ବା ଶୂନ୍ୟ ସ୍ଥାନରେ 'ତାରକ ବ୍ରହ୍ମ'ଙ୍କର ସାକ୍ଷାତକାରର ପରିକଳ୍ପନା କରିଅଛନ୍ତି । ଏହା ପରେ ସେ ବର୍ଣ୍ଣନା କରିଛନ୍ତି ଆତ୍ମାର ସ୍ୱରୂପ—ଆତ୍ମା ଅବ୍ୟକ୍ତ, ଅଖଣ୍ଡ ଓ ଅବିନାଶୀ ଓ ତାହା ଆଦ୍ୟ ଶକ୍ତିର ଅଂଶମାତ୍ର ଏବଂ ତାହା ସର୍ବବ୍ୟାପୀ । ଯେପରି :—

"ଏ ଆତ୍ମା ପରମ ନିର୍ମଳ । ନିର୍ଗୁଣ ବ୍ରହ୍ମ ଆଦିମୂଳ ।
ଏହି ସ୍ୱରୂପ ଜୀବ ମଧ୍ୟେ । କୋଟି ହୋଇ ବୃଦ୍ଧିବାରେ ।
ଜଳେ ଯେସନ ଜ୍ୟୋତିର୍ମୟେ । ସକଳ ଘଟେ ଚନ୍ଦ୍ର ରହେ ।
ଲକ୍ଷେକ ଜଳ ଘଟେ ସ୍ଥାପି । ଯଦ୍ୟପି ବୃଷ୍ଟିରେ ନିରେପି ।
ଚନ୍ଦ୍ରର ଜ୍ୟୋତି ଅବ୍ୟମୟୀ । ସକଳ ଘଟରେ ଦିଶଇ ।
ପୁଣି ବିନାଶି ସେ ଅନେକ । ଯଦ୍ୟପି ଭଣିବାକ ଏକ ।
ଚନ୍ଦ୍ର ରୂପ ଏହି ମତେ । ସେ ଘଟେ ଦିଶଇ ଜଗତେ ।
ସେ ଘଟ ବିନାଶିଲେ ପୁଣ । ଚନ୍ଦ୍ର ଆକାଶରେ ନିର୍ବାଣ ।
ଏ ଆତ୍ମା ରୂପ ଏହି ମତେ । ପ୍ରକାଶେ ସକଳ ଜଗତେ ।
ଏ ଆତ୍ମା ଅଖଣ୍ଡ ସ୍ୱରୂପ । ସ୍ୱଭାବେ ଆଦିଶକ୍ତି ଅଂଶ ।
ତାହାର ଜନ୍ମ ମୃତ୍ୟୁ ନାହିଁ । ଅଖଣ୍ଡ ରୂପ ଜ୍ୟୋତି ସେହି ।"

କିନ୍ତୁ ସେହି ଆତ୍ମାକୁ ସାଧନ । ସାହାଯ୍ୟରେ ହିଁ ଲୋକ ଦେଖି ପାରିବ । ଷଟ୍‌ଚକ୍ର ଭେଦ କରି ସହସ୍ର ଦଳ କମଳ କେନ୍ଦ୍ରର ମଧ୍ୟରେ ଆତ୍ମାର ସ୍ୱରୂପ ଜ୍ଞାନ ଲାଭ କରିଥାଏ ଏବଂ ଏହାହିଁ ଦେଖାଇଛି ବ୍ରହ୍ମ ଦର୍ଶନ ।

"ଯଦ୍ୟପି ଶକ୍ତି ଭେଦ କୌଶଳ । ପ୍ରକାଶି ସହସ୍ର କମଳ ।
ତେବେ ସେ ଆତ୍ମା ଦୃଶ୍ୟ ହୋଇ । ଜନ ଲୋଚନ ଯେଣୁ ସ୍ୱଚ୍ଛ ।

ଦିବ୍ୟ ସ୍ୱରୂପେ ହଂସ ପ୍ରକାଶେ । ଜଡ଼ିକ ଚେତନ ଜ୍ୟୋତି ହସେ ।
ଘଟରେ ବିନ୍ଦୁ ଲୁପ୍ତ ହୋଇଲେ । ସେ ରୂପ ପ୍ରକାଶଇ ଦେହେ ।
ପ୍ରକାଶେ ସକଳ ଶରୀରେ । ଅଚ୍ୟୁତ ଭଣେ ଭେଦ ଧୀରେ ।"

ତାହାପରେ ବ୍ରହ୍ମଜ୍ଞାନୀ ସାଧକ କବି ମାର୍କଣ୍ଡ ଦାସ ଆତ୍ମାର ସ୍ୱରୂପ କହନ୍ତି ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଅଛନ୍ତି । ଯେପରି—

"ତାରକ ତତ୍ତ୍ୱ ବ୍ରହ୍ମ ଅଟେ । ଆତ୍ମା ଅଖଣ୍ଡ ଅବିଭଙ୍ଗା ।
ତାହାର ଜନ୍ମ ମୃତ୍ୟୁ ନାହିଁ । ଅଚ୍ୟୁତ ଭଣେ ନିତ୍ୟ ଥାଇଁ ।
ସ୍ୱଧର ଧୂମ ଅଗ୍ନି ପ୍ରାୟେ । ସେ ରୂପ ବରଣେ ଉଦୟେ ।
ମୃଣାଳ ସୂତ୍ର ପ୍ରାୟେ ଜ୍ୟୋତି । ଜ୍ଞାନ ଚେତନ ତା ଅଟଇ ।
ନୀଳ କମଳ ପ୍ରାୟେ ଦିଶେ । ଏମନ୍ତେ ସକଳ ଘଟେ ବସେ ।
ଜନ୍ମ ମରଣ ନାହିଁ ତାର । ଅଚ୍ୟୁତ ଭଣେ ନିରାକାର ।
ପ୍ରଥମେ ଜ୍ୟୋତି ରୂପ ତାର । ଦ୍ୱିତୀୟେ ସୂକ୍ଷ୍ମ ଶରୀର ।
ତୃତୀୟେ ଲିଙ୍ଗ ରୂପ ହୋଇ । ଚତୁର୍ଥେ ଶକ୍ତି ପ୍ରକାଶଇ ।
ଶକ୍ତିର ତହିଁ ରୂପ ସ୍ଥୂଳେ । ମଣ୍ଡଳ କୋଳେ ଏ ସଂସାରେ ।"

କବି ଏହା ପରେ ଦଶାବତାର ବର୍ଣ୍ଣନା କରିବା ସହିତ ଓ ଗୀତାଙ୍କ ବିଶ୍ୱରୂପ ଦର୍ଶନ ଓ ଅଦ୍ଭୁତ ଯୋଗର ବର୍ଣ୍ଣନା କରିଅଛନ୍ତି । ଭାଗବତ ୧୧ଶ ସ୍କନ୍ଧରେ ବୈଷ୍ଣବର ସ୍ୱରୂପ ଲକ୍ଷଣ ଯେପରି ବର୍ଣ୍ଣନା କରାଯାଇଛି ମହାଭାଷ୍ୟରେ ସେହିପରି ବର୍ଣ୍ଣନା ଦିଆଯାଇଛି । ପଞ୍ଚସଖା ସାହିତ୍ୟରେ ଯୋଗସାଧନାର ପରମ୍ପରା ବହୁ ପୂର୍ବରୁ ଓଡ଼ିଆ ସାହିତ୍ୟର ଧାରାରେ ରହିଥିଲା । ଓଡ଼ିଶାର ସିଦ୍ଧସାଧକମାନେ ସର୍ବଦା ଜ୍ଞାନ ଭକ୍ତିକୁ ପ୍ରାଧାନ୍ୟ ଦେଇ ଆସିଅଛନ୍ତି । କବି ଏହି ଗ୍ରନ୍ଥର ୬୦ ପୃଷ୍ଠାରେ ଯୋଗ ସାଧନାର ସ୍ୱରୂପ ତାତ୍ତ୍ୱିକ ଧାରା ନିର୍ଦ୍ଦେଶ କରିଅଛନ୍ତି । ଯେପରି—

"ସୁଜ୍ଞାନ ଚକ୍ଷୁ ପ୍ରକାଶିବ । ତ୍ରିକୂଟ ଊର୍ଦ୍ଧ୍ୱେ ଦୃଷ୍ଟି ଦେବ ।
ହଂସକୁ ଦୃଷ୍ଟି କରିଧୀରେ । ପରମ ଶକ୍ତି ତଥାନ୍ତରେ ।
ଏମନ୍ତ ରୂପ କରି ମେଳ । ତତ୍ତ୍ୱବ ସହସ୍ର କମଳ ।
ତାରକ ସ୍ୱରେ ଦିବ୍ୟ ଜ୍ୟୋତି । ଲିଙ୍ଗ ସ୍ୱରୂପେ ନିତ୍ୟସ୍ଥିତି ।

× ×

ବେଣ୍ଟର ମଧ୍ୟେ ତତ୍ତ୍ୱସ୍ଥାନ । ଭ୍ରମର ଗୁମ୍ଫା ହୃଦ୍ୟମାନ ।
ତା ମଧ୍ୟେ ଅଛି ଗୋସାମଣି । ବଜ୍ରଦେହୁ ସୁନାଙ୍କକାରଣୀ ।
ଧ୍ୟାନେ ଯେ ଲୁଚ ସୁଦେହ ଧରି । ତହିଁ ଅନ୍ତରେ ଧ୍ୟାନ କରି ।
ସେ ଗୋସାମଣି ସ୍ୱତ ଗତେ । ବ୍ରହ୍ମ ବଜ୍ରଦେହୁ ପ୍ରେମ ଚକ୍ରେ ।
ଜ୍ୟୋତି ମଣ୍ଡଳେନ୍ଦ୍ର ମଣିପ୍ରାୟେ । ମୁଖ (ମୟୂଖୀ)ର ବାଲ ଅର୍କ ହୁଏ ।
ଅଗ୍ନି କାଷ୍ଠର ମଧ୍ୟେ ଥାଇ । ଅଭେଦ ରୂପରେ ବସଇ ।
ମନ୍ଥିଲେ ହୁଏ ପରକାଶ । ତେବେ ସେ ଦିଶେ ଚଉଦିଶ ।
ବୃକ୍ଷର ଦେହେ ପୁଷ୍ପ ଥାଇ । ଫୁଟିଲେ ବାସନା ବାସଇ ।
ଏମନ୍ତେ ବ୍ରହ୍ମ ସର୍ବଭୂତେ । ବସଇ ନିଜ ଲୀଳା ସତେ ।”
(ମହାଶୂନ୍ୟ ପୃ ୬୦)

ଏହା ପରେ କବି ମାର୍କଣ୍ଡ ଦାସ ଓଁକାରରୁ ପଞ୍ଚଶାଖା ରୂପୀ ପଞ୍ଚବେଦର ଉତ୍ପତ୍ତି ବିଷୟ କହିଅଛନ୍ତି । ଚତୁଃଶାଖା ଚତୁର୍ବେଦ ଓ ପଞ୍ଚମଶାଖା ପଞ୍ଚମ ବେଦ ବା 'ଶିଶୁବେଦ' ଶବ୍ଦରେ କଥିତ । ତେଣୁ ଜଣାପଡ଼େ ଯେ 'ଶିଶୁ ବେଦ'ର ତତ୍ତ୍ୱ କବିଙ୍କୁ ଜଣାଥିଲା ଓ 'ଶିଶୁବେଦ' ରଚନାର ପରେ ଏହି ଗ୍ରନ୍ଥ ରଚିତ ହୋଇଅଛି ।

“ଓଁକାର ମୂଳ ସ୍ଥାପି ପୁଣ । ଏ ବୃକ୍ଷ ନିଗମ ନିର୍ବାଣ ।
ଋକ ଯଜୁ ଯେ ସାମ ଅଟେ । ଏ ଚତୁଃଶାଖା ଅଥର୍ବଣେ ।
ପଞ୍ଚମ ଶାଖା ଶିଶୁବେଦ । ବୃକ୍ଷର ପୁଷ୍ପ ବ୍ରହ୍ମାସ୍ୱାଦ ।
ଧର୍ମ ଅଧର୍ମ ଦୁଇ ଫଳେ । ବୃକ୍ଷେ ଫଳନ୍ତି ସ୍ୱଭାବରେ ।”
(ମହାଶୂନ୍ୟ-ପୃ ୬୦)

ଏହା ପରେ କବି ତାରକ ବ୍ରହ୍ମର ସ୍ୱରୂପ ଏବଂ ଆତ୍ମା ଓ ପରମ ଆତ୍ମାର ତତ୍ତ୍ୱ ବର୍ଣ୍ଣନ କରିଅଛନ୍ତି । ଯେପରି—

“ସେ ବ୍ରହ୍ମ ନିଗମ ବୃକ୍ଷପତ୍ରେ । ହଂସରେ ଚର୍ଚ୍ଚେ ହ ହାରେ ।
ସୁମୁଖେ ସର୍ବ ଦେଖୁ କହି । ଏବୃକ୍ଷ ଅଧୋମୁଖେ ଥାଇ ।
ସେ ମହାଶୂନ୍ୟ ରୂପୀ କଳା । ବୃକ୍ଷର ମୂଳେ ବ୍ରହ୍ମ ଲୀଳା ।
ତାରକ ବ୍ରହ୍ମ ଏ ଅଥମରେ । ବଜ୍ରଦେହୁ ନିର୍ଗୁଣ ସ୍ୱରେ ।

ଏହାର ଡାଳ ପାଞ୍ଚ ଭଣି । ଯେ ପଞ୍ଚଭୂତ ପଞ୍ଚପାଣି ।
ପଚିଶ ପ୍ରକୃତି ଯେ ସୂତ୍ରେ । ଏ ଶାଖା ପତ୍ର ଚଉଁବରେ ।
ସୃଷ୍ଟି ଯେ ତିନ ଡାଳ ତାର । ଅଷ୍ଟମେ ତ୍ରିଗୁଣ ଯୋଡର ।
ଗୀତ ପରମ ବେଦ ହଂସେ । ଏ ଡାଳେ ଚଢନ୍ତି ତୋଷେ ।
ନିତ୍ୟ ଫଲ୍ଗୁ ଏ ସୁହଂସ । କିଛେ ଏ ସ୍ୱରୂପେ ପ୍ରକାଶ ।
କର୍ମରେ ୯ଂଶ ରୂପ ବର୍ଣ୍ଣ । ଭକ୍ତି ସୁଭକ୍ତି ମହାତେଜ ।
ନାମ ଯେ ବେଦ ଫଳ ଅଛି । ବୃକ୍ଷେ ଫଳନ୍ତି ଅନୁଭୂତେ ।
ସେଫଳ ଭୁଞ୍ଜିବାର ଆଶେ । ପକ୍ଷୀ ଏ ବୃକ୍ଷପରେ ବସେ ।
ସେ ସୂକ୍ଷ୍ମ ଅର୍ଥେ ଫଳଖାଇ । ସେ ପକ୍ଷୀ ଭ୍ରମ ଆବୋରଇ ।
ସେ ମହାମାୟା ଶକ୍ତି ରୂପ । ସେ ପକ୍ଷୀ ତାହାର ଆୟୁଷ ।
ସେ ପକ୍ଷୀ ଅନ୍ତର୍ଦ୍ଧାନେ ରହି । କର୍ମ ବନ୍ଧନ ତାର ନାହିଁ ।
ଶ୍ୟାମଳ ଶିଖର ଶିଖରେ । ବସେ ତାରକ ପଦ୍ମ ଠାରେ ।”
( ମହାସୂକ୍ଷ୍ମ ପୃ ୬୦ )

ଏହାପରେ ୧୧ଶ ସ୍କନ୍ଧପରି ରାଜା ଅର୍ଜୁନଙ୍କ ନିକଟରେ ମୁନିଙ୍କ ଉପଦେଶ ବର୍ଣ୍ଣନା କରିବା ପ୍ରସଙ୍ଗ ଜନ୍ମାନ କର୍ମର ବନ୍ଧନ ତତ୍ତ୍ୱ ବର୍ଣ୍ଣନା କରିଅଛନ୍ତି । ଭକ୍ତକବି ଜଗନ୍ନାଥ ଦାସ ତାଙ୍କର ୧୧ଶ ସ୍କନ୍ଧ ଭାଗବତରେ ମହାସ୍ୱର୍ଗର ଅନୁଭୂତ ବର୍ଣ୍ଣନା ଦେଇ ଅଛନ୍ତି । ସେହି ପରମ ତତ୍ତ୍ୱର ବର୍ଣ୍ଣନା ପ୍ରସଙ୍ଗରେ ସେ ଲେଖିଛନ୍ତି—

“ଏ ବୃକ୍ଷେ କଟକ ବୃକ୍ଷନ । ଅନ୍ତର ବାସୁଦେବ ଭଗବାନ ।
ଅନାଦି ଅରୂପ ସ୍ୱରୂପ । ସଂସାର ରୂପ କଳ୍ପ ବୃକ୍ଷ ।
କର୍ମ ଏହାର ମୂଳ ବୀଜ । ଭବ ସଂଯୋଗେ ମହାତେଜ ।

× ×

ଏ ପଞ୍ଚସ୍କନ୍ଧ ପଞ୍ଚଭୂତେ । ପଞ୍ଚ ବିଷୟ ଭବ ସ୍ଥିତେ ।
ଶାଖା ସମୂହ ଇନ୍ଦ୍ରିୟଗଣେ । ଏ ଚିତ୍ତ ଆତ୍ମା ମାୟାବଳେ ।
ଉପରେ ବେନି ପକ୍ଷୀ ବସନ୍ତି । ବସନ୍ତ ଭକ୍ଷ ଭୋଗ ଅର୍ଥେ ।
ଜୀବାତ୍ମା ବେନି ପକ୍ଷୀ ସେହୁ । ଜୀବ ପରମ ନାମ ସେହୁ ।

× ×

ଏକଇ ପକ୍ଷୀ ତାର ପାଳ । ଭୁଞ୍ଜଇ କର୍ମ ମହାଫଳ ।
ସେ ଫଳ ଖାଇ ନଷ୍ଟ ହେଲେ । ନାନାଦେହ ଧରେଣ ନାନା ଭରେ ।
ସେ ଆଉ ପକ୍ଷୀ ଆଉ ଯେତେ । ସେ ସାକ୍ଷୀ ରୂପେ ସର୍ବଦେଖେ ।
ବୃକ୍ଷର ଫଳ ସେ ଭୁଞ୍ଜଇ । ନରକ ନାଳେ ସେ ପଡ଼ଇ ।"
(ଭାଗବତ ୧୧ଶ ସ୍କନ୍ଧ — ଜଗନ୍ନାଥ ଦାସ, ଅ ୧୩)

ମାର୍କଣ୍ଡଦାସଙ୍କର ମହାତ୍ମ୍ୟ ତାଙ୍କର ଅଭୂତପୂର୍ବ ପାଣ୍ଡିତ୍ୟର ନିଦର୍ଶନ ଦେଉଥାଏ । ଯେତେବେଳେ ତାଙ୍କର କେବଳ 'କେଶବ କୋଇଲି' ରଚନା ଆମ ଆଗ ଆଡ଼କୁ ଆସିଥିଲା ସେତେବେଳେ ଆମେ ଜାଣିଥିଲୁ ସେ ଜଣେ ଗାଉଁଲି ଢଙ୍ଗର ବାତ୍ସଲ୍ୟରସ ପ୍ରାଣସ୍ପର୍ଶୀ କୋଇଲି ଚଉତିଶାଟିଏ ରଚନା କରିଯାଇଛନ୍ତି କିନ୍ତୁ ତାଙ୍କ ମହାତ୍ମ୍ୟର ଆବିଷ୍କାର ଫଳରେ ଆମେ ଜାଣୁଛୁଁ ସେ କବିଙ୍କର ସଂସ୍କୃତ ଭାଗବତ, ରାମାୟଣ ତଥା ବ୍ରହ୍ମବିଦ୍ୟା ବା ଶରୀର ଭେଦ ସମ୍ବନ୍ଧୀୟ ବହୁତ ଯୋଗତତ୍ତ୍ୱ ସମ୍ବନ୍ଧରେ ଅଶେଷ ପାରଦର୍ଶିତା ଥିଲା । ଦୁଃଖର କଥା ଯେ ମହାତ୍ମ୍ୟର କେତେକ ଅଧ୍ୟାୟର ଅଂଶ ଯାହା ଡକ୍ଟର କରୁଣାକର କରଙ୍କର ସୌଜନ୍ୟରୁ ମିଳିଥିଲା ତାହାରି ଉପରେ ନିର୍ଭର କରି ଏହି ଆଲୋଚନାଟି କରାଗଲା ନଚେତ୍ ଏହି ଆଲୋଚନା ଆଦୌ ହୋଇ ପାରି ନଥାନ୍ତା ।

ଆଲୋଚକମାନେ କହନ୍ତି ଯେ ମାର୍କଣ୍ଡ ଦାସଙ୍କର କେଶବ କୋଇଲି ଓଡ଼ିଆ ସାହିତ୍ୟର ପ୍ରାଚୀନତମ ରଚନା । *, ଏହା ଏକ ପୁରୁଣା ମତ । ବର୍ତ୍ତମାନ ନୂତନ ନୂତନ ସାହିତ୍ୟିକ ଉପାଦାନର ଆବିଷ୍କାର ଫଳରେ ଓଡ଼ିଆ ସାହିତ୍ୟ ଇତିହାସର ବହୁତ ସ୍ଥଳ ସାହିତ୍ୟରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ମାର୍କଣ୍ଡ ଦାସଙ୍କର କେଶବ କୋଇଲି ଖ୍ରୀ୧୫ଶ ଶତାବ୍ଦୀରେ ରଚିତ ହୋଇଥିବା ସମ୍ଭବ, କାରଣ "ଖ୍ରୀ୧୬ଶ ଶତାବ୍ଦୀର ଭକ୍ତ କବି ଜଗନ୍ନାଥ ଦାସ ଏହି କୋଇଲିର ବ୍ୟାଖ୍ୟା ଲେଖି ତାହାକୁ 'ଅର୍ଥ କୋଇଲି' ଭାବରେ ଅଭିହିତ କରିଅଛନ୍ତି । ଏଥିରୁ ଜଣାଯାଏ, କେଶବ କୋଇଲି ପୂର୍ବରୁ ରଚିତ ହୋଇ ଷୋଡ଼ଶ ଶତାବ୍ଦୀ ବେଳକୁ ତାହା ସୁପରିଚିତ ହୋଇଥିଲା ।"

---

ଓଡ଼ିଆ ସାହିତ୍ୟର ଇତିହାସ-ପଣ୍ଡିତ ବିନାୟକ ମିଶ୍ର, ପୃ ୧୫ ।

ତେବେ ଏହି ସବୁ ଆଲୋଚନାରୁ ଜଣାପଡ଼େ ଯେ ମାର୍କଣ୍ଡ ଦାସଙ୍କ 'କୋଇଲି ଚଉତିଶା' ବା 'କଳଶା' ଚଉତିଶା ପରି ପ୍ରାଚୀନ ଓଡ଼ିଆ ଗଦ୍ୟପଦ୍ୟ ବେଶି ପରିମାଣରେ ଦୃଷ୍ଟିଗୋଚର ହୋଇ ନ ଥାଏ ।

ମାର୍କଣ୍ଡ ଦାସଙ୍କର 'କେଶବ କୋଇଲି' ରଚନା ପରେ ଅନ୍ୟ ଏକ କୋଇଲି ରଚନା ହେଉଛି 'ଶିଶୁବେଦ କୋଇଲି' ଯାହା ଏ ପର୍ଯ୍ୟନ୍ତ ଅପ୍ରକାଶିତ ଅବସ୍ଥାରେ ରହିଛି । ତେଣୁ ଓଡ଼ିଆ ସାହିତ୍ୟରେ କୋଇଲି ଚଉତିଶାର ଏକ ବିଶାଳ ପୃଷ୍ଠଭୂମି ରହିଛି । ପ୍ରାଚୀନ ଓଡ଼ିଆ ଚଉତିଶା ଗୁଡ଼ିକ ମଧ୍ୟରେ 'କୋଇଲି' ଚଉତିଶାଗୁଡ଼ିକ ଲୋକପ୍ରିୟ ଚଉତିଶା ଭାବରେ ରହି ଆସିଛି ।

ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ପ୍ରାକ୍-ସାରଳା ସାହିତ୍ୟରେ ଚଉତିଶାର ସ୍ଥାନ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରାଚୀନ ବଙ୍ଗଳା ଓ ହିନ୍ଦୀ ସାହିତ୍ୟରେ କେଉଁଠି ଗୋଟିଏ ଦୁଇଟି ଚଉତିଶା ଦୃଷ୍ଟିଗୋଚର ହେଲେ ହେଁ ତାହା ଓଡ଼ିଶା ଭୂଇଁରୁ ସେସବୁ ସାହିତ୍ୟକୁ ଆମଦାନି ହୋଇଛି ।'ଚଉତିଶା ସାହିତ୍ୟ' ଓଡ଼ିଆ ସାହିତ୍ୟରେ ଅଭୂତପୂର୍ବ ବୈଚିତ୍ର୍ୟ ସୃଷ୍ଟି କରିଛି—ଏହାର ପରିସର ଏତେ ବିଶାଳ ଯେ ତାହା ନିର୍ଣ୍ଣୟ କରିବା ଅନେକଙ୍କ ପକ୍ଷରେ କଠିନ ହୋଇ ପଡ଼େ ।

ବିଶାଳ ସାରଳା ସାହିତ୍ୟ ସୃଷ୍ଟି ହେବା ପୂର୍ବରୁ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଚଉତିଶା ରୀତି କବିତା ଗୁଡ଼ିକ ନୂତନ ସାହିତ୍ୟଜଗତର ଉର୍ବର ଭୂମିରେ କଳନାଦିନୀ ନିର୍ଝରିଣୀ ଭଳି ପ୍ରବାହମାନ ହୋଇଥାଏ । ସମସ୍ତ ସ୍ତରେ ଏହି କ୍ଷୁଦ୍ର ନିର୍ଝରିଣୀର ଧାରଧାର ଓଡ଼ିଆ ଭାଷା ଓ ସାହିତ୍ୟ ରୂପକ ସ୍ରୋତସ୍ୱିନୀକୁ ପରିପୁଷ୍ଟ କଲା । ଯାହା ଫଳରେ ଖ୍ରୀ. ଅନ୍ତ୍ୟ ସମୟ ମଧ୍ୟରେ ସାରଳା-ସାହିତ୍ୟ ରୂପକ ବିଶାଳ ମହାନଦୀର ସମ୍ଭବ ହୋଇ ପାରିଲା । ପ୍ରାକ୍ ସାରଳା ସାହିତ୍ୟର ଇତିହାସରେ ସାହିତ୍ୟର ସେପରି ବିଶାଳ ସୃଷ୍ଟି ଓ ପରିସର ଦେଖା ନ ଗଲେ ମଧ୍ୟ ଯାହା କିଛି ଅଳ୍ପ ଦେଖାଯାଏ ଭାଷା ଓ ସାହିତ୍ୟ ରାଜ୍ୟରେ ସେଗୁଡ଼ିକର ମୂଲ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ।

କେବଳ ଓଡ଼ିଆ ସାହିତ୍ୟ ନୁହେଁ—ପ୍ରାଚୀନ ହିନ୍ଦୀ, ବଙ୍ଗଳା, ଆସାମୀୟା, ମୈଥିଳ ଓ ଅନ୍ୟାନ୍ୟ ଭାରତୀୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହି ବୈଶିଷ୍ଟ୍ୟ ପ୍ରତିଫଳିତ ହୋଇଛି ।

---

## ପ୍ରାଚୀନ ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ

ଓଡ଼ିଆ ସାହିତ୍ୟର ଇତିହାସ ପ୍ରସଙ୍ଗରେ ଆମକୁ ଦେଖିବାକୁ ହେବ ଯେ ଭାରତର ଅନ୍ୟାନ୍ୟ ସାହିତ୍ୟର ସ୍ୱରୂପ ସେହି ସମସ୍ତ ମଧ୍ୟରେ କିପରି ବିକାଶ ଲାଭ କରିଥିଲା । ଅନ୍ୟାନ୍ୟ ଭାରତୀୟ ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟର ସ୍ଥାନ କେଉଁଠି ତାହା ମଧ୍ୟ ଆମକୁ ଦେଖିବାକୁ ହେବ । ହଜାର ହଜାର ବର୍ଷର ସାଂସ୍କୃତିକ ପତନ-ଅଭ୍ୟୁଦୟ ମଧ୍ୟରେ ଭାରତର ଜନତା ଗତି କରିଛି ଓ ତାହାରି ଭିତରେ ବିଭିନ୍ନ ଭାଷା ଓ ସାହିତ୍ୟ ଗଢ଼ି ଉଠିଛି । କିନ୍ତୁ ଏହି ବୈଚିତ୍ର୍ୟ ଭିତରେ ଏକ ସର୍ବଭାରତୀୟ ଐକ୍ୟଧାରା ସାହିତ୍ୟ ଭିତରେ ସ୍ଥାନ ଲାଭ କରିଛି । ବୈଦିକ ଯୁଗରୁ ବୈଦିକ ଓ ସଂସ୍କୃତ ସାହିତ୍ୟ ମାଧ୍ୟମରେ ଏହି ସମନ୍ୱୟ ପ୍ରତିଫଳିତ ହୋଇଛି । ଭାରତୀୟ ସାହିତ୍ୟର ଇତିହାସରେ ବ୍ୟାସ, ବାଲ୍ମୀକି, ଭବଭୂତି, ତୁଳସୀ ଦାସ, ତାମିଲ କବି ଭାରତୀ, କମ୍ବନ, ଓଡ଼ିଆ କବି ସାରଳା ଦାସ, ବଳରାମ ଦାସ ଓ ଭକ୍ତକବି ଜଗନ୍ନାଥ ଦାସ ଓ ଆଧୁନିକ ଯୁଗରେ କବିଗୁରୁ ରବୀନ୍ଦ୍ରନାଥ ପ୍ରଭୃତି କବିଗଣ ଧାର୍ମିକ ଚିନ୍ତାଧାରା ଓ ଦେଶାତ୍ମବୋଧ ମାଧ୍ୟମରେ ଦେଶରେ ଆଣିଛନ୍ତି ଏକତା ଓ ଗଭୀର ଦେଶାତ୍ମବୋଧ । ବିଭିନ୍ନ ଜାତିସମୂହ ଓ ଭାଷାଗୁଡ଼ିକର ବହୁବିଧ ବୈଚିତ୍ର୍ୟ ମଧ୍ୟରେ ଆମ୍ଭେମାନେ ସୂକ୍ଷ୍ମ ଦୃଷ୍ଟିରେ ଦେଖିପାରିବା ଏକତାର ଅବିଚ୍ଛିନ୍ନ ସୂତ୍ର ଆବହମାନକାଳରୁ ଭାରତୀୟ ଜନତାକୁ ବାନ୍ଧି ରଖିଛି ।

ଓଡ଼ିଆ ସାହିତ୍ୟର ଘନିଷ୍ଠ ଯୋଗସୂତ୍ର ଓ ସାମ୍ୟ ସମଗ୍ର ଆର୍ଯ୍ୟ ଭାଷାଭାଷୀ ସାହିତ୍ୟ ଗୁଡ଼ିକ ସହିତ ରହିଅଛି । ଏକ ପରିବାରର ଭାଷା ଭାବରେ ଓଡ଼ିଆ ଭଷାର ବଙ୍ଗଳା, ଆସାମୀ ମୈଥିଳୀ ଓ ସହୋଦର

ହିନ୍ଦୀ ସହିତ ସମସ୍ତ ଏକଠା ରହିଅଛି । ଓଡ଼ିଆ, ବଙ୍ଗଳା, ଆସାମୀ ଓ ମୈଥିଳୀ ଏକ ମାଗଧୀ ପ୍ରାକୃତରୁ ଉଦ୍ଭୂତ ଓ ତନ୍ମଧ୍ୟରେ ଓଡ଼ିଆ ଭାଷା ପ୍ରାଚୀନତମ ବୋଲି ଭାଷାତତ୍ତ୍ୱବିତ୍‌ମାନଙ୍କର ମତ ।

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କର 'ଚର୍ଯାପଦ' ଗ୍ରନ୍ଥର ଆବିଷ୍କାର ଏକା ବଙ୍ଗଳା ନାହିଁକ ସମଗ୍ର ଆର୍ଯ୍ୟ ଭାଷାଭାଷୀ ସାହିତ୍ୟରେ ଏକ ନୂତନ ଆଲୋକପାତ କଲା । ଆଜି ସିଦ୍ଧାଚାର୍ଯ୍ୟମାନଙ୍କର ସାହିତ୍ୟ କେବଳ ବଙ୍ଗଳାର ନ ହୋଇ ତାହା ସମଗ୍ର ପ୍ରାଚ୍ୟଭୂଖଣ୍ଡର ସାହିତ୍ୟ ହୋଇଛି । ୮୪ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ଅନେକ ସିଦ୍ଧାଚାର୍ଯ୍ୟଙ୍କର ଆବିର୍ଭାବ ଓଡ଼ିଶାରେ ଘଟିଥିଲା ଏବଂ 'ଉଡ୍‌ଡୀୟାନ' ତାନ୍ତ୍ରିକ ପୀଠ ସହିତ ଆସାମର 'କାମାକ୍ଷା' 'ଶ୍ରୀହଟ୍ଟ', 'ପଞ୍ଜାବର' 'ଜାଲନ୍ଧର' ଓ ମହାରାଷ୍ଟ୍ରର 'ପୂର୍ଣ୍ଣଗିରି' ପ୍ରଭୃତି ତାନ୍ତ୍ରିକପୀଠର ସମ୍ବନ୍ଧ ଥିଲା । ତନ୍ତ୍ରଚର୍ଚ୍ଚା ମଧ୍ୟରେ ଏହିସବୁ ଦେଶ ତଥା ସୁଦୂର ନେପାଳ ଦେଶରେ ଏକପ୍ରକାର ବୌଦ୍ଧ ସିଦ୍ଧ ସାହିତ୍ୟ ଉଭୟ ସଂସ୍କୃତ ତଥା ଅପଭ୍ରଂଶ ଭାଷାରେ ଗଢ଼ିଉଠିଥିଲା । 'ଚର୍ଯାପଦ'ର ଭାଷାତାତ୍ତ୍ୱିକ ମୂଲ୍ୟ ଅକଳନୀୟ—ପ୍ରାଚୀନ ଓଡ଼ିଆ, ଆସାମୀୟା, ମୈଥିଳୀ, ବଙ୍ଗଳା ଓ ପ୍ରାଚୀନ ହିନ୍ଦୀ ଭାଷା ନିଜ ନିଜର ପ୍ରାଚୀନ ଭାଷା ଓ ସାହିତ୍ୟର ଧାରାକୁ ଏହି 'ଚର୍ଯ୍ୟାପଦ' ର ଉଦାହୃତ ସମ୍ବନ୍ଧାନ୍ୱିତ କରୁଅଛନ୍ତି । ଏହି ସମୟ ମଧ୍ୟରେ ତାନ୍ତ୍ରିକ ବୌଦ୍ଧଧର୍ମର ଭିନ୍ନସମ୍ପ୍ରଦାୟ, ଯଥା ସହଜଯାନ, ବଜ୍ରଯାନ ସମଗ୍ର ପୂର୍ବ ଭାରତ, ଭାରତ ବାହାରର ତିବ୍ବତ ଓ ନେପାଳ ପ୍ରଭୃତି ଦେଶରେ ଓ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ପ୍ରଚଳିତ ଥିଲା ଓ ଏହି ପ୍ରକାର ରହସ୍ୟବାଦୀ ସାହିତ୍ୟ ଏହିସବୁ ସାହିତ୍ୟରେ ସୃଷ୍ଟିଲାଭ କରିଥିଲା । ପ୍ରାଚୀନ ବଙ୍ଗଳା ସାହିତ୍ୟରେ ଓଡ଼ିଆ ସାହିତ୍ୟ ପରି ଦେଖା ଦେଇଛି ନାଥଗୁରୁମାନଙ୍କର ସାହିତ୍ୟ, ମନସା ଉପାଖ୍ୟାନ ଓ ଧର୍ମପୂଜା ସମ୍ବନ୍ଧୀୟ ବହୁଳ ରଚନାବଳୀ । ଗୋରକ୍ଷନାଥ ଓ ମତ୍ସ୍ୟେନ୍ଦ୍ରନାଥ ହେଉଛନ୍ତି ନାଥସମ୍ପ୍ରଦାୟର ପ୍ରଧାନ ଗୁରୁ । ଏମାନଙ୍କର ଯୋଗସାଧନ ତତ୍ତ୍ୱ ନେଇ ବହୁ ଉପାଖ୍ୟାନ ଓ ସାହିତ୍ୟ ବହୁଳ ଭାରତୀୟ ସାହିତ୍ୟରେ ସୃଷ୍ଟିଲାଭ କରିଛି ।

ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କପରି ନାଥ ସାହିତ୍ୟ ଓ ସଂପ୍ରଦାୟରେ ୮୪ ସିଦ୍ଧାଚାର୍ଯ୍ୟ ଦେଖା ଯାଆନ୍ତି । ସେମାନେ ଧାର୍ମିକ ତଥା ଦାର୍ଶନିକ [illegible]

ନାଥ ସିଦ୍ଧାଚାର୍ଯ୍ୟମାନଙ୍କର ମଧ୍ୟ ଅନୁକରଣୀୟ ଦାନ ରହିଛି । ଗୋରକ୍ଷ-ମୀନ ନାଥଙ୍କର ପ୍ରାଚୀନତମ ଉପାଖ୍ୟାନ ହେଉଛି ବିଦ୍ୟାପତିଙ୍କର ( ଗୋରକ୍ଷ ବିଜୟ ) ଗୀତିନାଟ୍ୟ, ଯାହା ସଂସ୍କୃତ ଓ ଦେଶୀଭାଷାରେ ରଚିତ ହୋଇଥିବା । ଏହାର ସମୟ ହେଉଛି ଖ୍ରୀ: ୧୪୦୩ । ପ୍ରାଚୀନ ବଙ୍ଗଳା ସାହିତ୍ୟର ଧର୍ମ ପୂଜା ପଦ୍ଧତି ମଧ୍ୟ ନାଥ ସମ୍ପ୍ରଦାୟର ସମ୍ବନ୍ଧ ରହିଅଛି । କଥିତ ଅଛି ଯେ, ଧର୍ମଙ୍କର ଭସ୍ମ ମଧ୍ୟରୁ ପଞ୍ଚ ପ୍ରଧାନ ନାଥ-ସିଦ୍ଧଙ୍କର ଜନ୍ମ ହେଲା, ଯଥା---ମୀନନାଥ, ଗୋରକ୍ଷନାଥ, ଜାଳନ୍ଧରୀ-ନାଥ, କାହ୍ନୁ ଓ ଚୌରଙ୍ଗୀନାଥ । ଗୋରକ୍ଷନାଥ, ଗୋବିନ୍ଦଚନ୍ଦ୍ର ଓ ହାଡ଼ିପାଙ୍କର ଉପାଖ୍ୟାନ କେବଳ ବଙ୍ଗଳାରେ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ମଧ୍ୟ ପ୍ରଚଳିତ ଅଛି । ନାଥ ସମ୍ପ୍ରଦାୟ ମୁଖ୍ୟତଃ ଶୈବ ସମ୍ପ୍ରଦାୟ ହେଲେ ହେଁ ତନ୍ତ୍ରରେ ବୌଦ୍ଧ ପ୍ରଭାବ ପରିଲକ୍ଷିତ ହୋଇଥାଏ ।

ଓଡ଼ିଆରେ ଆଦିକାବ୍ୟ ହେଉଛି ମହାଭାରତ; କିନ୍ତୁ ବଙ୍ଗଳାରେ ହେଉଛି କୃତ୍ତିବାସ ପଣ୍ଡିତଙ୍କର ରାମାୟଣ । ବ୍ରାହ୍ମଣ କୃତ୍ତିବାସ ପଣ୍ଡିତ-ଙ୍କର ଜନ୍ମକାଳ ଖ୍ରୀ: ୧୩୯୯ ବୋଲି ଧରାଯାଇଛି । ଯାହାହେଉ ସେ ସାରଳାଦାସଙ୍କର ସମସାମୟିକ ନଥିଲେ । ଏହାପରେ ବିଶିଷ୍ଟ ବଙ୍ଗଳା କୀର୍ତ୍ତନାତ୍ମକ ରଚନା ହେଉଛି ମାଳାଧର ବସୁଙ୍କର ଶ୍ରୀକୃଷ୍ଣ ବିଜୟ । ଏହି କାବ୍ୟ ଭାଗବତ ଓ ବିଷ୍ଣୁ ପୁରାଣର ଦଶମସ୍କନ୍ଧ ଉପରେ ଅନେକାଂଶରେ ନିର୍ଭର କରିଛି । ଏହି ରଚନାର ପରିସମାପ୍ତି ନିମିତ୍ତ କବିଙ୍କୁ ପୂର୍ଣ୍ଣ ସାତବର୍ଷ ନେଇଥିଲା । ଏହି କାବ୍ୟର ରଚନା ସମୟ ହେଉଛି (ଖ୍ରୀ ୧୪୭୩-୧୪୮୦) । ତୃତୀୟ ପ୍ରାଚୀନ ବଙ୍ଗଳା ରଚନା ହେଉଛି ବଡ଼ୁ ଚଣ୍ଡୀଦାସଙ୍କର ଶ୍ରୀକୃଷ୍ଣ କୀର୍ତ୍ତନ ଓ ଅନ୍ୟାନ୍ୟ କବିତା । ଚଣ୍ଡୀଦାସଙ୍କର ଭାଷାରେ ବ୍ରଜବୋଲି ଭାଷାର ପ୍ରଭାବ ରହିଛି ଓ ତାଙ୍କ ଆବିର୍ଭାବର ସମୟ ଖ୍ରୀ ୧୪ଶ ଶତାବ୍ଦୀର ଶେଷଭାଗ ବୋଲି ଧରାଯାଇଛି ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟ ବଙ୍ଗଳା ସାହିତ୍ୟ ଅପେକ୍ଷା ଅଧିକ ସମୃଦ୍ଧ । ବୌଦ୍ଧ-ନାଥ ତଥା ବୈଷ୍ଣବ ସାହିତ୍ୟର ଏକ ଅବିଚ୍ଛିନ୍ନ ସ୍ରୋତରେ ମୂଳ ମାହାତ୍ମ୍ୟ ପ୍ରକଟିତ ହୋଇଅଛନ୍ତି । ଉତ୍କଳର

ଜୟଦେବଙ୍କ ସମସ୍ତଙ୍କ ଉକ୍ତସ୍ଥ ସାହିତ୍ୟ ବୈଷ୍ଣବ ସାହିତ୍ୟ ଭକ୍ତିଧାରାରେ ଅନୁପ୍ରାଣିତ । ଏପରି ଦେଖାଯାଇଥାଏ ଯେ ଖ୍ରୀ: ୧୬ଶ ଶତାବ୍ଦୀର ଓଡ଼ିଆ ପାଣ୍ଡୁଲିପିଗୁଡ଼ିକରେ ଚଣ୍ଡୀଦାସ, ବିଦ୍ୟାପତି, ମୀରା, କବୀର, ନାନକ ତଥା ଅନ୍ୟାନ୍ୟ ଶତାଧିକ ବୈଷ୍ଣବ କବିମାନଙ୍କର ସୁମଧୁର ଭକ୍ତିରସାତ୍ମକ ଗୀତିକା ପରିଦୃଷ୍ଟ ହୋଇଥାଏ ।

ପ୍ରାଚୀନ ଅସମୀୟା ସାହିତ୍ୟ ବିଷୟ ବିଚାର କଲେ ଆମେ ଦେଖିବାକୁ ପାଇବା ଯେ ଅସମୀୟା ସାହିତ୍ୟ ଓଡ଼ିଆ ଓ ବଙ୍ଗଳା ସାହିତ୍ୟ ପରି ବେଶି ଭକ୍ତିପରା ସାହିତ୍ୟ ନୁହେଁ । ତଥାପି ପ୍ରାଚୀନ ଅସମୀୟା ସାହିତ୍ୟର ଲୋକଗୀତର ଧାରାରେ 'ଧାଇ-ନାମ', 'ଆଈ-ନାମ', ବିହୁ-ନାମ', 'ବେଜାଉଁଳି-ନାମ' ଓ 'ବନ-ଘୋଷା' ପ୍ରଭୃତି ଲୋକଗୀତର ପ୍ରାଚୁର୍ଯ୍ୟ ରହିଛି । ଅସମୀୟା ସାହିତ୍ୟର ସମାଲୋଚକଗଣ ପ୍ରାଚୀନ ଅପଭ୍ରଂଶ ରଚନା 'ଚର୍ଯ୍ୟାଗୀତି'କୁ ମଧ୍ୟ ସେମାନଙ୍କ ସାହିତ୍ୟର ଆଦିମ ସ୍ୱରୂପ ବୋଲି ଗ୍ରହଣ କରନ୍ତି । ଏହାପରେ ସେହି ନାଥ ସାହିତ୍ୟର ଧାରା ଖ୍ରୀ: ୧୩-୧୪ଶ ଶତାବ୍ଦୀରେ ଭାରତୀୟ ପୂର୍ବାଞ୍ଚଳ ସାହିତ୍ୟକୁ ଓତଃପ୍ରୋତ ଭାବରେ ପ୍ରଭାବିତ କରିଥିଲା ଓ ଅସମୀୟା ସାହିତ୍ୟରେ ନାଥ ସାହିତ୍ୟର କେତେକ ଆଭାସ ମଧ୍ୟ ଦେଖିବାକୁ ମିଳିଥାଏ—'ଡାକ-ଭଣା' ବଚନର ଏକ ପ୍ରାଚୀନ ସ୍ରୋତ ପୂର୍ବାଞ୍ଚଳୀୟ ସାହିତ୍ୟରେ ଖ୍ରୀ.୧୩-୧୪ଶ ଶତକରେ ମଧ୍ୟ ଦେଖା ଦେଇଥାଏ ।

ପୂର୍ବାଞ୍ଚଳରେ ଖ୍ରୀ.୧୩ଶ ଶତାବ୍ଦୀର ପ୍ରଧାନ କବି ହେଉଛନ୍ତି ହରିବର ବିପ୍ର ଓ ତାଙ୍କର କ୍ଷୁଦ୍ର ପୌରାଣିକ ରଚନା 'ବଭ୍ରୁବାହନର ଯୁଦ୍ଧ', 'ଲବକୁଶର ଯୁଦ୍ଧ' ଅସମୀୟା ସାହିତ୍ୟରେ ଲୋକପ୍ରିୟତା ଅର୍ଜନ କରିଛି । ହରିବର ବିପ୍ରଙ୍କର ଅନ୍ୟ ଜଣେ ସମସାମୟିକ କବି ହେମ ସରସ୍ୱତୀ 'ପ୍ରହ୍ଲାଦଚରିତ' ନାମକ ଗ୍ରନ୍ଥ ରଚନା କରିଥିଲେ ଓ ତାଙ୍କର ଅନ୍ୟ ଏକ ରଚନା ହେଉଛି 'ହରଗୌରୀ ସମ୍ବାଦ' । ପ୍ରାଚୀନ ଅସମୀୟା ସାହିତ୍ୟରେ ଏହି ଗ୍ରନ୍ଥ ଦୁଇଟିର ପ୍ରାଚୀନତା ବିଶେଷ ଭାବରେ ସ୍ୱୀକୃତ ହୋଇଥାଏ ।

ଅସମୀୟା ସାହିତ୍ୟର ଅନ୍ୟତମ ବରିଷ୍ଠ ପ୍ରାଚୀନ କବି ହେଉଛନ୍ତି ମାଧବକନ୍ଦଳି । ସେ ଖ୍ରୀ: ୧୪ଶ ଶତାବ୍ଦୀର ଆଦିଭାଗରେ ଅବତୀର୍ଣ୍ଣ

ହୋଇଥିଲେ ଓ ବାଲ୍ମୀକି ରାମାୟଣ ଅନୁବାଦ କରିଥିଲେ । ଆଲୋଚକମାନଙ୍କର ମତ ଯେ ଅସମୀୟା ରାମାୟଣ ହେଉଛି ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ରାମାୟଣ ଅପେକ୍ଷା ପ୍ରାଚୀନତମ ଓ ଅସମୀୟା ରାମାୟଣ ରଚିତ ହେବାର ୧୫୦ ବର୍ଷ ପରେ ଏହିସବୁ ରାମାୟଣ ଆତ୍ମପ୍ରକାଶ କରିଥିଲା ।

ଖ୍ରୀ. ୧୫ଶ ଶତାବ୍ଦୀ ବେଳକୁ ବଙ୍ଗଳା, ଆସାମୀ, ଓଡ଼ିଆ ଓ ମୈଥିଳୀ ପ୍ରଭୃତି ସାହିତ୍ୟରେ ଦେଖାଦେଇଥାଏ ବୈଷ୍ଣବଧର୍ମୀ ଭକ୍ତି-ସାହିତ୍ୟର ଉଚ୍ଛଳ ଉତ୍ସ । ମତେନସ୍ତଏ, ଏହି ଭକ୍ତିପ୍ରବାହର ମୌଳିକ କେନ୍ଦ୍ରସ୍ଥଳୀ ଥିଲା ଶ୍ରୀକ୍ଷେତ୍ରର ଜଗନ୍ନାଥ ଧାମ । ଯୁଗେ ଯୁଗେ ଭାରତର ପୂର୍ବାଞ୍ଚଳରେ ଏହି ଧାର୍ମିକ ପୃଷ୍ଠପୀଠ ଭାରତୀୟ ସାହିତ୍ୟଧାରାକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା ।

ପ୍ରାଚୀନ ମହାରାଷ୍ଟ୍ରୀ ସାହିତ୍ୟ ପ୍ରତି ଦୃଷ୍ଟିପାତ କଲେ ଦେଖିବା ଯେ ଭକ୍ତି ସାହିତ୍ୟର ପ୍ରାଚୀନତା ଆରମ୍ଭ ହୋଇଥାଏ ଖ୍ରୀ. ୧୨ଶ ଶତାବ୍ଦୀରୁ । ଐତିହାସିକ ଦୃଷ୍ଟିକୋଣରୁ ଯାଦବ ଓ ବାହାମନୀ ଯୁଗରେ ମରହଟ୍ଟୀ ସାହିତ୍ୟ ସୃଷ୍ଟି ଲାଭ କରିଥିଲା । ଓଡ଼ିଆ ଭାଷା ଓ ସାହିତ୍ୟ ପରି ପ୍ରାଚୀନ ମରହଟ୍ଟୀ ଭାଷାରେ ପ୍ରାଚୀନ ଅଭିଲେଖସମୂହ ପରିଦୃଷ୍ଟ ହୋଇଥାଏ । ପ୍ରାଚୀନତମ ମରହଟ୍ଟୀ ଅଭିଲେଖ ହେଉଛି ମହୀଶୂର ରାଜ୍ୟର 'ଶ୍ରବଣ ବେଲଗୋଲା'ରେ ଥିବା "ଗୋମଟେଶ୍ୱର ଅଭିଲେଖ" । ଏହାର ସମୟ ହେଉଛି ଖ୍ରୀ. ୯୮୩ ।

ମରହଟ୍ଟୀ ସାହିତ୍ୟର ଆଦିକାଳ ହେଉଛି ମହାନୁଭବକାଳ ଓ ଏହି ଯୁଗର ଆଦିକବି ହେଉଛନ୍ତି ମୁକୁନ୍ଦ ରାଜ । ଏହାଙ୍କର ପ୍ରଧାନ ଗ୍ରନ୍ଥ ହେଉଛି 'ବିବେକ ସିନ୍ଧୁ' (ଖ୍ରୀ.୧୧୨୮) ଓ ମରହଟ୍ଟୀ ସାହିତ୍ୟର ଏହା ହେଉଛି ଆଦିଗ୍ରନ୍ଥ । ମହାନୁଭବ ସମ୍ପ୍ରଦାୟର ପ୍ରଧାନ କବି ଓ ଏହି ସମ୍ପ୍ରଦାୟରେ ସାତଖଣ୍ଡି ପ୍ରାଚୀନ ଗ୍ରନ୍ଥ ସ୍ୱୀକୃତ ହୋଇଥାଏ । ଏହି ଗ୍ରନ୍ଥଗୁଡ଼ିକ ପୌରାଣିକ ସାହିତ୍ୟ, ଯଥା—ଶିଶୁପାଳ ବଧ, ଏକାଦଶ ସ୍କନ୍ଧ, ରୁକ୍ମିଣୀ ସ୍ୱୟମ୍ବର, ଜ୍ଞାନବୋଧ, ସହ୍ୟାଦ୍ରିବର୍ଣ୍ଣନ ପ୍ରଭୃତି । ଏହିସବୁ ଗ୍ରନ୍ଥ ବିଭିନ୍ନ କବିମାନଙ୍କ ଦ୍ୱାରା ଖ୍ରୀ. ୧୨-୧୩ଶ ଶତାବ୍ଦୀରେ ରଚିତ

ପ୍ରାଚୀନ ମରାଠୀ ସାହିତ୍ୟରେ ସିଦ୍ଧାନ୍ତଭିତ୍ତିକ ସ୍ୱରୂପରେ ଦେଖା-ଦିଏ ଜ୍ଞାନଦେବ-ନାମଦେବ ଯୁଗ । ଜ୍ଞାନଦେବ ଓ ନାମଦେବ ସମସାମୟିକ ଭକ୍ତକବି ଅଟନ୍ତି । ନାମଦେବ ପଞ୍ଜାବରେ ବୁଲି ବୁଲି ଭକ୍ତିଧର୍ମ ପ୍ରଚାର କରିଥିଲେ । ଏହାଙ୍କର ବାଣୀ ମଧ୍ୟ 'ଗ୍ରନ୍ଥ ସାହେବ'ରେ ସଂଗୃହୀତ ହୋଇ ରହିଛି । ଜ୍ଞାନେଶ୍ୱରଙ୍କ ଲିଖିତ 'ଭାବାର୍ଥ ଦୀପିକା' ଅଥବା 'ଜ୍ଞାନେଶ୍ୱରୀ' ଭଗବଦ୍‌ଗୀତାର ଏକପ୍ରକାର ଭାବାନୁବାଦ ଅଟେ । ଉକ୍ତ ଗ୍ରନ୍ଥ ଖ୍ରୀ. ୧୨୯୦ରେ ରଚିତ ହୋଇଥିଲା । ମରାଠୀ ସାହିତ୍ୟରେ ଜ୍ଞାନେଶ୍ୱରୀ ଅଲୌକିକ ଗ୍ରନ୍ଥ । ଏହି ଗ୍ରନ୍ଥରେ ଅପୂର୍ବ ଗଦ୍ୟରଚନାଶୈଳୀ ପରିଲକ୍ଷିତ ହୋଇଥାଏ । ଜ୍ଞାନେଶ୍ୱର ଗୋରଖନାଥ ପ୍ରତିଷ୍ଠିତ ନାଥ ସମ୍ପ୍ରଦାୟର ହେଉଛନ୍ତି ପ୍ରଧାନ କବି । ପ୍ରାଚୀନ ମରାଠୀ ସାହିତ୍ୟରେ ଅର୍ଥାତ୍ ଖ୍ରୀ. ୧୨ଶ ଶତାବ୍ଦୀରେ ନାଥ ସମ୍ପ୍ରଦାୟର ପର୍ଯ୍ୟାପ୍ତ ପ୍ରଭାବ ଦେଖାଦେଇଥାଏ । ଗୋରଖନାଥ ଓ ଚାର୍ପଟୀନାଥଙ୍କ ସମ୍ବନ୍ଧୀୟ ବହୁ ଉପାଖ୍ୟାନ ମହାରାଷ୍ଟ୍ର ଦେଶରେ ପ୍ରଚଳିତ ରହିଛି । ମରାଠୀ ଭାଷାରେ 'ଅମରନାଥ ସମ୍ବାଦ' ନାମକ ଏକ ଗ୍ରନ୍ଥ ରହିଛି ଯାହାର କବି ହେଉଛନ୍ତି ଗୋରଖନାଥ । ଆଲୋଚକମାନେ ଏହାର ରଚନାକାଳ ଖ୍ରୀ ୧୧—୧୨ଶ ଶତାବ୍ଦୀ ବୋଲି ନିର୍ଦ୍ଧାରଣ କରିଥାନ୍ତି । ଜ୍ଞାନଦେବ ଅନ୍ୟ ଏକ ଗ୍ରନ୍ଥ ରଚନା କରିଥିଲେ ଓ ତାହାର ନାମ ହେଉଛି 'ଅନୁଭବାମୃତ' । ଜ୍ଞାନଦେବ ଓ ନାମଦେବଙ୍କ ସମୟରେ ମହାରାଷ୍ଟ୍ରରେ ପ୍ରବଳ ଭାବରେ ଭକ୍ତିଧର୍ମର ପ୍ରବାହ ଖେଳିଯାଇଥିଲା ଓ ଏହି ଧର୍ମରେ ଚଣ୍ଡାଳ ବ୍ରାହ୍ମଣ ଜନ ତଥା ଭକ୍ତିର ତତ୍ତ୍ୱ ବୁଝିବାକୁ ସମର୍ଥ ହୋଇଥିଲେ । ସନ୍ଥ କବି ଏକନାଥ ଜ୍ଞାନଦେବଙ୍କ 'ଜ୍ଞାନେଶ୍ୱରୀ'ର ସମ୍ପାଦନା କରିବା ସହିତ 'ରାମାୟଣ' ଓ ଅନ୍ୟାନ୍ୟ ଅନେକ ପୌରାଣିକ ଉପାଖ୍ୟାନକୁ ସ୍ୱକୀୟ ଶକ୍ତିଧାରାରେ ରୂପାୟିତ କରିଥିଲେ ।

ମରାଠୀ ସାହିତ୍ୟର ପ୍ରାଚୀନ ଯୁଗ ସାହିତ୍ୟର ଧାରାରେ ଯେଉଁ ସବୁ ବୈଶିଷ୍ଟ୍ୟ ଦେଖା ଦେଇଛନ୍ତି ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମଧ୍ୟ ସେହିଭଳି ବୈଶିଷ୍ଟ୍ୟ ବିଦ୍ୟମାନ । ଖ୍ରୀ ୧୨ଶ ଶତାବ୍ଦୀରେ ନାଥଧର୍ମର ପ୍ରବଳ ଜୁଆର 'ବଙ୍ଗ-ଆସାମ-ଓଡ଼ିଆ-ମୈଥିଳୀ-ହିନ୍ଦୀ-ମହାରାଷ୍ଟ୍ରୀ ଓ ପଞ୍ଜାବୀ' ସାହିତ୍ୟର ଧାରାକୁ ପ୍ରଭାବିତ କରିଥିଲା ଓ ଏହିସବୁ

ସାହିତ୍ୟରେ ନାଥ ସମ୍ପ୍ରଦାୟର ଆତ୍ମଧର୍ମୀ ଜ୍ଞାନମାର୍ଗୀ ବୈରାଗ୍ୟ ସଂବାଦୀତକ ସାହିତ୍ୟ ସୃଷ୍ଟିଲାଭ କରିଥିଲା । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅଚ୍ୟୁତାନନ୍ଦ ଓ ଭକ୍ତକବି ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠା ପରି ଜ୍ଞାନଦେବ ଓ ନାମଦେବଙ୍କର ପ୍ରତିଷ୍ଠା ମରହଟ୍ଟୀ ସାହିତ୍ୟରେ ରହିଛି । ଖ୍ରୀ: ୧୨-୧୩ଶ ଶତକରେ ଏକପ୍ରକାର ଭାଗବତ ଧର୍ମର ଧାରା ଓଡ଼ିଆ ଓ ମରହଟ୍ଟୀ ସାହିତ୍ୟକୁ ପ୍ରଭାବିତ କରିଥିଲା ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ଧାରା ସହିତ ପ୍ରାଚୀନ ହିନ୍ଦୀ ସାହିତ୍ୟର ମଧ୍ୟ ଅନେକ ସାମ୍ୟ ରହିଛି । ହିନ୍ଦୀ ସାହିତ୍ୟର ଆଦିକାଳ ଓଡ଼ିଆ, ବଙ୍ଗଳା ସାହିତ୍ୟପରି ସିଦ୍ଧ ସାହିତ୍ୟର ଯୁଗ । ଖ୍ରୀ.୮-୧୩ଶ ଶତକର ଯୁଗକୁ ସିଦ୍ଧ ସାହିତ୍ୟ ଯୁଗ ଭାବରେ ରାହୁଲ ସାଙ୍କୃତ୍ୟାୟନ ଆଖ୍ୟାତ କରିଅଛନ୍ତି । ହିନ୍ଦୀ ସାହିତ୍ୟରେ 'ଦୋହାକୋଷ' ଓ 'ଚର୍ଯ୍ୟାପଦ' ପ୍ରଭୃତି ରଚନା ଉକ୍ତ ସାହିତ୍ୟର ପ୍ରାଚୀନତମ ରଚନା ଭାବରେ ଗୃହୀତ ହୋଇଛି । ଏହି ସମସ୍ତ ମଧ୍ୟରେ ପ୍ରାଚୀନ ହିନ୍ଦୀ ସାହିତ୍ୟରେ 'ଜୈନ' ତଥା 'ନାଥ' ସମ୍ପ୍ରଦାୟର ଅପଭ୍ରଂଶ ସାହିତ୍ୟ ଗଢ଼ି ଉଠିଛି । ପ୍ରାଚୀନ ହିନ୍ଦୀ ସାହିତ୍ୟରେ ଓଡ଼ିଆ ସାହିତ୍ୟ ପରି ମତ୍ସ୍ୟେନ୍ଦ୍ରନାଥ, ଗୋରେଖନାଥ, ଭର୍ତ୍ତୃହରିନାଥ ଓ ଗୋବିନ୍ଦଚନ୍ଦ୍ର ପ୍ରଭୃତିଙ୍କର କଥା ରହିଛି । ବଡ଼ଥ୍ୱାଲ ସମ୍ପାଦିତ 'ଗୋରଖ ବାଣୀ' ହିନ୍ଦୀ ତଥା ପ୍ରାଚ୍ୟ ଅଞ୍ଚଳ ଅପଭ୍ରଂଶ ସାହିତ୍ୟର ପ୍ରଭୂତ ସୂଚନା ପ୍ରଦାନ କରିଥାଏ । ତେଣୁ ହିନ୍ଦୀ ସାହିତ୍ୟର ଏହି ପ୍ରାଚୀନ ଯୁଗ ସହିତ ଓଡ଼ିଆ ସାହିତ୍ୟର ଅବିକଳ ମେଳ ରହିଛି ।

ପ୍ରାଚୀନ ହିନ୍ଦୀ ସାହିତ୍ୟରେ ଅପଭ୍ରଂଶ ଜୈନ ସାହିତ୍ୟର ଧାରା, ଓଡ଼ିଆ, ବଙ୍ଗଳା ଓ ଆସାମୀ ପ୍ରଭୃତି ସାହିତ୍ୟରେ ଦେଖାଯାଏ ନାହିଁ । ଏହା ପ୍ରାଚୀନ ହିନ୍ଦୀ ସାହିତ୍ୟର ଏକ ବିଶେଷ ରୂପ । ଜୈନ ତୀର୍ଥଙ୍କରଙ୍କର ଜୀବନୀ, ଉପାଖ୍ୟାନ ବ୍ୟତୀତ ରାମାୟଣ ଓ ମହାଭାରତର ଜୀବନୀ ଉପାଖ୍ୟାନ ଅପଭ୍ରଂଶ ଭାଷାରେ ଲିପିବଦ୍ଧ ହୋଇଛି । ସ୍ୱୟମ୍ଭୂଙ୍କର 'ପଉମ ଚରିଉ' (ରାମାୟଣ), 'ରିଠଣେମି ଚରିଉ', 'ପଡମୀ ଚରିଉ' ଓ 'ସ୍ୱୟମ୍ଭୂ ଛନ୍ଦ' ପ୍ରଭୃତି ଜୈନ ଅପଭ୍ରଂଶ ରଚନାବଳୀ

ପ୍ରାଚୀନ ହିନ୍ଦୀ ଭାଷା ଓ ସାହିତ୍ୟ ଆଲୋଚନାକୁ ଅନେକ ସାହାଯ୍ୟ କରିଥାଏ ।

ଖ୍ରୀ:୧୧-ଖ୍ରୀ:୧୪ଶ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ହିନ୍ଦୀ ସାହିତ୍ୟରେ ଅବଦୁର ରହମନ୍ ଙ୍କର 'ସନ୍ଦେଶ ରାସକ' ଓ ଲକ୍ଷ୍ମୀଧରଙ୍କର 'ପ୍ରାକୃତ ପିଙ୍ଗଳମ୍' 'ବିସଳଦେବ ରାସୋ' 'ହମ୍ମୀର ରାସୋ' ଓ ଚନ୍ଦବରଦାଇ (୧୧୬୬-୧୧୯୧)ଙ୍କର ପୃଥ୍ୱୀରାଜ ରାସୋ ଉଲ୍ଲେଖଯୋଗ୍ୟ । ପୃଥ୍ୱୀରାଜ ରାସୋର ଭାଷା ସମ୍ବନ୍ଧରେ କୁହାଯାଇଛି ଯେ ଏହା ଏକ ପ୍ରାଚୀନତମ ବ୍ରଜାଞ୍ଚଳୀୟ ସାହିତ୍ୟର ନମୁନା, ଯେଉଁଥିରେ ଖାଣ୍ଟି ଅପଭ୍ରଂଶ ଓ ଶୌରସେନୀ ପ୍ରାକୃତର ପ୍ରଭାବ ଦେଖିବାକୁ ମିଳେ । ଏହାଛଡ଼ା ଅଧିକାଂଶ ସ୍ଥଳରେ ଆରବୀ, ପାରସୀମୂଳକ ଶବ୍ଦାବଳୀର ପ୍ରଭାବ ଦେଖିବାକୁ ମିଳେ । (୧) "The language, essentially transitional in character, has "some of the oldest known specimens of Goudian literature, abounding in pkre Apabhramsa, Sauraseni, Prakrit forms."

ହିନ୍ଦୀ କବିତାର ଜନ୍ମ ଯୁଦ୍ଧର ଭୂମିକ ଝଙ୍କାର ମଧ୍ୟରେ ତଥା ଚାରଣଗାଥାମୂଳକ ରାଜପ୍ରଶସ୍ତି ମାଧ୍ୟମରେ । ଚାରଣ ତଥା ଭାଟ କବିମାନେ ମୁଖ୍ୟତଃ ଏହି ଗାଥାକାବ୍ୟ ତଥା ପ୍ରଶସ୍ତିମୂଳକ କବିତା ରଚନା କରୁଥିଲେ । ହିନ୍ଦୀର ରାସୋ ସାହିତ୍ୟ ପ୍ରଧାନତଃ ଏହି ବୀରଗାଥାମୂଳକ ସାହିତ୍ୟ । ଏହି ପ୍ରସଙ୍ଗରେ ଦେଖିଲେ ଦେଖିବା ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟ ରାଜଦରବାରର ସୋପାନ ସ୍ପର୍ଶ କରିନାହିଁ—ତାହା ମୁଖ୍ୟତଃ ଗ୍ରାମ୍ୟ ଶବ୍ଦବୈଚିତ୍ର୍ୟରେ ଗଢ଼ିଉଠିଛି । ସେ ସାହିତ୍ୟରେ ବୀରତ୍ୱର ଗାଥା ରହିଛି, କିନ୍ତୁ କଳ୍ପନା ତଥା ସାମାଜିକ ପରିପାଟୀ ସବୁ ଗ୍ରାମ୍ୟ । ଏହାର ଉଦାହରଣ ହେଲା ସାରଳା ସାହିତ୍ୟ । ହିନ୍ଦୀ ସାହିତ୍ୟରେ 'ବିସଳଦେବ ରାସୋ' ( ଖ୍ରୀ:୧୧ଶ ଶତାବ୍ଦୀ ) ଗ୍ରନ୍ଥରେ

(୧) Grierson's Modern Vernacular literature of Hindustau 4 Page, also ''ଓଡ଼ିଆ ଭାଷାତତ୍ତ୍ୱର ଭୂମିକା—ଅଧ୍ୟାପକ ମହାନ୍ତି, ବନ୍ଧୁଙ୍କର 'ପ୍ରାଚୀନ ହିନ୍ଦୀଭାଷା ଓ ଓଡ଼ିଆ' ପ୍ରସଙ୍ଗରେ ପୃଥ୍ୱୀରାଜ ରାସୋର ଭାଷା ଆଲୋଚନା ଦ୍ରଷ୍ଟବ୍ୟ ।

ବୀରଭଦ୍ରଦେବଙ୍କର ଗଜପତିଙ୍କ ସହିତ ବିବାଦ ତଥା ବିବାହ ପରେ ଶାଉଳ ପ୍ରସଙ୍ଗରେ ତାଙ୍କର ଓଡ଼ିଶା ଆଗମନ ତଥା ଜଗୁଣୀଙ୍କର 'ନବୁମାବତୁ' ( ଖ୍ରୀ ୧୬୯୩ ) ଜାଲ୍ଲୁକଣ କାବ୍ୟରେ ଓଡ଼ିଶା ପ୍ରସଙ୍ଗ ତତ୍କାଳୀନ ମଧ୍ୟଭାରତୀୟ ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶାର ବିଶିଷ୍ଟ ସ୍ଥାନ ନିର୍ଦ୍ଦିଷ୍ଟ କରାଇଥାଏ । ପ୍ରାଚୀନ ହିନ୍ଦୀ ସାହିତ୍ୟରେ 'ରାସୋ' ସାହିତ୍ୟ ଭକ୍ତି ସାହିତ୍ୟର ଏକ ପ୍ରଧାନ ବୈଶିଷ୍ଟ୍ୟ ଓ ତାହା ଅନ୍ୟ ସାହିତ୍ୟରେ ନାହିଁ ।

ଏହି ସମୟ ଭିତରେ ଭାରତୀୟ ଭୂମିରେ ଦେଖାଦିଏ ହିନ୍ଦୁ-ମୁସଲମାନ ସଂଘର୍ଷ । ଏହି ସଂଘର୍ଷ ଭାରତୀୟ ଭାଷା ଓ ସାହିତ୍ୟକୁ ବହୁଭାବରେ ପ୍ରଭାବିତ କରିଛି । ହିନ୍ଦୁ ଧର୍ମର ସ୍ଥିତି ନିମିତ୍ତ ବହୁ ବିଶିଷ୍ଟ ଧର୍ମପ୍ରଚାରକ, ସାଧକ, ଦାର୍ଶନିକ—ସାହିତ୍ୟିକମାନଙ୍କର ଆବିର୍ଭାବ ଘଟିଛି । ସେମାନଙ୍କ ମଧ୍ୟରେ ପ୍ରଧାନ ହେଉଛନ୍ତି ରାମାନୁଜାଚାର୍ଯ୍ୟ (ଖ୍ରୀ.୧୦୧୭-ଖ୍ରୀ.୧୧୩୭) । ସେ ବେଦାନ୍ତ ସୂତ୍ରର ବ୍ୟାଖ୍ୟା କରିବା ସହିତ ବେଦାର୍ଥ ସଂଗ୍ରହ, ଶ୍ରୀଭାଷ୍ୟ ଓ ଗୀତାଭାଷ୍ୟ ରଚନା କରିଥିଲେ । ତାଙ୍କର ଧର୍ମମତ ଦାକ୍ଷିଣାତ୍ୟ ତଥା ଉତ୍ତରଭାରତରେ ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲା । ଏହି ସମୟର ଦ୍ୱିତୀୟ ପ୍ରଧାନ ଧର୍ମାଚାର୍ଯ୍ୟ ହେଉଛନ୍ତି ରାମାନନ୍ଦ (ଖ୍ରୀ.୧୪୦୦) ଓ ସେ ରାମଭକ୍ତିର ପ୍ରଧାନ ଉପାସକ ଥିଲେ । ଏହାଛଡ଼ା ଶିଖଗୁରୁ ନାନକ (ଖ୍ରୀ.୧୪୬୯-୧୫୩୮) ଓ ରହସ୍ୟବାଦୀ କବି କବୀର (ଖ୍ରୀ.୧୩୯୮) ହିନ୍ଦୁ ଓ ମୁସଲମାନ ଧର୍ମ ମଧ୍ୟରେ ମୈତ୍ରୀ ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ । ମହାରାଷ୍ଟ୍ରରେ ଖ୍ରୀ.୧୩ଶ ଶତାବ୍ଦୀରେ ନାମଦେବଙ୍କର ମଧ୍ୟ ଆବିର୍ଭାବ ଘଟିଥିଲା । ଖ୍ରୀ.୧୧-୧୬ଶ ଶତାବ୍ଦୀ ମଧ୍ୟରେ ଓଡ଼ିଶା ମଧ୍ୟ ବହୁ ସିଦ୍ଧାଚାର୍ଯ୍ୟଙ୍କର ଲୀଳାଭୂମି ହୋଇଥିଲା । ସିଦ୍ଧକବି ଚୈତନ୍ୟ ଦାସ, (ଖ୍ରୀ.୧୫ଶ ଶତାବ୍ଦୀ) ଶ୍ରୀଚୈତନ୍ୟ ଓ ଅଚ୍ୟୁତାନନ୍ଦାଦି ପଞ୍ଚସଖା ( ଖ୍ରୀ.୧୬ଶ ଶତାବ୍ଦୀ ) ଲୋହିଦାସ, ବାଉଳି, ଦାରୁକ ଓ ସାରଳା ସିଦ୍ଧ ପ୍ରଭୃତି ଶତ ଶତ କବି ଦାର୍ଶନିକ ଓଡ଼ିଶାରେ ଭକ୍ତି ତଥା ଜ୍ଞାନର ମାର୍ଗ ଖୋଲିଦେଇଥିଲେ । ମଧ୍ୟକାଳୀନ ଓଡ଼ିଆ ସାହିତ୍ୟରେ ଯେଉଁ ରହସ୍ୟବାଦ ପୂର୍ବେ ଦର୍ଶନ [illegible]

ହିନ୍ଦୀ, ବଙ୍ଗଳା ଓ ଅନ୍ୟାନ୍ୟ ସାହିତ୍ୟର ଧାରାସମୂହ ସାମ୍ୟ ରଖିଛି । ଓଡ଼ିଆ ନିର୍ଗୁଣ ସାହିତ୍ୟ ଏପର୍ଯ୍ୟନ୍ତ ଯଥାର୍ଥ ଭାବେ ଆଲୋଚିତ ହୋଇ ନାହିଁ ଓ ଏହି ସାହିତ୍ୟର ପରିସର ଏତେ ବିରାଟ ଯେ, ସେପରି ବିରାଟ ସନ୍ଥ ସାହିତ୍ୟ ଅନ୍ୟ ଯେ କୌଣସି ଭାରତୀୟ ସାହିତ୍ୟରେ ଦୁର୍ଲଭ । ହିନ୍ଦୀ ତଥା ଓଡ଼ିଆ ସାହିତ୍ୟର ଖ୍ରୀ.୧୩୦୦—ଖ୍ରୀ.୧୬୫୦ ମଧ୍ୟରେ ସାହିତ୍ୟରେ ନିର୍ଗୁଣ ଧାରା ଉଭୟ ସାହିତ୍ୟର ଭାବଧାରା ମଧ୍ୟରେ ସାମ୍ୟ ସ୍ଥାପନ କରିଥିବାର ଦେଖାଯାଇ-ଥାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରବାହ ମଧ୍ୟରେ ଆମେ ବହୁଳ ହିନ୍ଦୀ ଓଡ଼ିଆ ମିଶା ରଚନା ଦେଖିବାକୁ ପାଇବା । ଗୋରଖ ନାଥ, କବୀର, ସୁରଦାସ, ବିଦ୍ୟାପତି ପ୍ରଭୃତିଙ୍କର ରଚନାବଳୀ ତନ୍ମଧ୍ୟରେ ପ୍ରଧାନ ।

ଏହି ସମସ୍ତ ମଧ୍ୟରେ ମଧ୍ୟ ଆମେ ଦେଖିବା ଯେ, ମୈଥିଳୀ ସାହିତ୍ୟର ଧାରା ଓଡ଼ିଆ ସାହିତ୍ୟପରି ଏକ ଭାବରେ ଗତି କରି ଚାଲିଛି । ମୈଥିଳୀ ହିନ୍ଦୀର ଏକ ଉପଭାଷା ହେଲେ ମଧ୍ୟ ଆଜି ମୈଥିଳୀଭାଷୀ ଲୋକେ ନିଜକୁ ସ୍ୱତନ୍ତ୍ର ମନେ କରୁଛନ୍ତି । ମୈଥିଳୀ ଭାଷା ଓଡ଼ିଆପରି ଏକ ମାଗଧୀ ଅପଭ୍ରଂଶରୁ ଜନ୍ମଲାଭ କରିଛି ଓ ଓଡ଼ିଆ ଭାଷା ସହିତ ତାହାର ଘନିଷ୍ଠ ସମ୍ପର୍କ ରହିଛି । ଖ୍ରୀ.୧୪ଶ ଶତାବ୍ଦୀର କବି ବିଦ୍ୟାପତି ଓ ଜ୍ୟୋତିରୀଶ୍ୱର କବି ଶେଖରାଚାର୍ଯ୍ୟଙ୍କର 'ବର୍ଣ୍ଣ ରତ୍ନାକର' ପ୍ରଭୃତି ରଚନା ପାଠକଲେ ଆମେ ସେ ସବୁର ବହୁ ସାମ୍ୟ ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟ ସହିତ ଲକ୍ଷ୍ୟ କରିପାରିବା । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆମେ ବିଦ୍ୟାପତିଙ୍କର ପ୍ରଭାବ ପାଇବା ସହିତ ବିଦ୍ୟା-ପତିଙ୍କର ଅନେକ ରଚନା ପ୍ରାଚୀନ ଓଡ଼ିଆ ପୋଥି ସବୁରେ ମଧ୍ୟ ଦେଖିବାକୁ ପାଉଥାଉଁ ।

ପ୍ରାଚୀନ ଓଡ଼ିଆ ଭାଷା ଓ ପ୍ରାଚୀନ ଗୁଜରାଟୀ ଭାଷାର ଘନିଷ୍ଠ ସମ୍ବନ୍ଧ ଦେଖିଥାଉଁ ( ଓଡ଼ିଆ ଭାଷାତତ୍ତ୍ୱର ଭୂମିକା ଦ୍ରଷ୍ଟବ୍ୟ ) । ଗୁଜରାଟୀ ସାହିତ୍ୟର ଜନ୍ମ ଖ୍ରୀ.୧୨ଶ ଶତକରୁ । ଗୁଜରାଟ ଦେଶର ପ୍ରସିଦ୍ଧ ପ୍ରାକୃତ ବୈୟାକରଣିକ ହେମଚନ୍ଦ୍ର (ଖ୍ରୀ.୧୦୮୯—୧୧୭୩) ତାଙ୍କର ସିଦ୍ଧ ହୈମ ବ୍ୟାକରଣର ଶେଷ ଭାଗରେ ଦେଇଥିବା କେତେକ ଉଦ୍ଧୃତ ପ୍ରାଚୀନ ଗୁଜରାଟୀ ଭାଷାର ପରିଚୟ ଦେଇଥାଏ । ଏହାଛଡ଼ା

'ଭରତେଶ୍ୱର ବାହୁବଳି ରାସ' ଯାହା ଶାଳିଭଦ୍ରସୂରୀଙ୍କ ଦ୍ୱାରା ରଚିତ (ଖ୍ରୀ. ୧୧୮୪) ରଷ୍ଟିରେ ପ୍ରାଚୀନ ଗୁଜରାଟୀ ସାହିତ୍ୟର ନିଦର୍ଶନ ମିଳିଥାଏ । ଏହି ୧୩ଶ ଶତାବ୍ଦୀରେ ଗୁଜରାଟର ଅନେକ କବି 'ରାସୋ' ଓ 'ଫାଗୁ' ଗୀତିକା ରଚନା କରିଥିଲେ । ଆମର ଖ୍ରୀ. ୧୫-୧୬ ଶତାବ୍ଦୀର ବହୁ କବି 'ରାସ' ଓ 'ଫଗୁଆ' ସାହିତ୍ୟ ରଚନା କରିଯାଇ ଅଛନ୍ତି ଓ ସେସବୁ ରାଧାକୃଷ୍ଣ ପ୍ରେମମୂଳକ ରଚନା ଅଟେ । ଏହାଛଡ଼ା ଗୁଜରାଟର ପ୍ରାଚୀନ ସାହିତ୍ୟର 'ଛପ୍ପୋ' (ଓଡ଼ିଆ 'ଛପୋଇ') ଓ 'ବାରମାସୀ' କବିତା ପ୍ରାଚୀନ ଓଡ଼ିଆ ସାହିତ୍ୟର 'ଛପୋଇ' ଓ 'ବାରମାସୀ' ଉପରେ ପ୍ରଭାବିତ କି ନାହିଁ, ତାହା ମଧ୍ୟ ଆମର ଦେଖିବାର କଥା । 'ବାରମାସୀ' କବିତା କେବଳ ଓଡ଼ିଆରେ ନାହିଁ କି ତାହା ପ୍ରାଚୀନ ବଙ୍ଗଳା ସାହିତ୍ୟ, ଆସାମୀୟା ସାହିତ୍ୟ, ପଞ୍ଜାବୀ ସାହିତ୍ୟ, ହିନ୍ଦୀ ସାହିତ୍ୟ ଓ ପ୍ରାଚୀନ ମୈଥିଳୀ ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । (୨) ଖ୍ରୀ. ୧୫ଶ ଶତାବ୍ଦୀରେ ରଚିତ 'ଗଦ୍ୟାଳଙ୍କାର ପ୍ରବନ୍ଧୋ'—ଶ୍ରୀଧର ଓ କବି ଶ୍ରୀମନ୍ଙ୍କର 'ସଦୟ ବତ୍ସ କଥା' (ଖ୍ରୀ. ୧୪୧୦) ସୁନ୍ଦର ଲୋକକଥାମୂଳକ ରଚନା । ଏହାଛଡ଼ା ଖ୍ରୀ. ୧୫ଶ ଶତକର କବି ମାଣିକ୍ୟଚନ୍ଦ୍ରଙ୍କ ଦ୍ୱାରା ରଚିତ 'ପୃଥ୍ୱୀ ଚନ୍ଦ୍ର ଚରିତ' ଗୁଜରାଟୀ ସାହିତ୍ୟର ସୁନ୍ଦର ଗଦ୍ୟାତ୍ମକ ଗଦ୍ୟକାବ୍ୟ ଓ ତାହା ଓଡ଼ିଆର ଦାରୁପୁଣ-ନନ୍ଦ ଅବଧୂତ ସ୍ୱାମୀଙ୍କର 'ବ୍ରହ୍ମସୁଧାନିଧି'ର ଅନୁରୂପ ରଚନାଶୈଳୀ । ଗୁଜରାଟୀ ଭାଷା ଓ ସାହିତ୍ୟ ଗଠନରେ ବହୁ ଜୈନ ସିଦ୍ଧାଚାର୍ଯ୍ୟ ଓ କବିଙ୍କର ଅବଦାନ ପଡ଼ିଅଛି । ଖ୍ରୀ. ୧୦ମ ଶତକରେ ରଚିତ କବି ଧନ ପାଳଙ୍କର 'ଭବିଷ୍ୟତ କଥା' ବା ଭବିସ୍‌ସତ କହା ଅପଭ୍ରଂଶ ସାହିତ୍ୟର ଏକ ବିଶିଷ୍ଟ ରଚନା ଅଟେ । ପ୍ରାଚୀନ ଗୁଜରାଟୀ ସାହିତ୍ୟର 'ଫଗୁ','ରାସ', 'ଛପ୍‌ପୋଇ' ଓ 'ବାରମାସୀ' ବ୍ୟତୀତ ରାଧାକୃଷ୍ଣ ଲୀଳାତ୍ମକ ବୈଷ୍ଣବଧର୍ମର ଭାବଧାରାରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସହିତ ଅନେକ ମେଳ ରହିଛି ।

ଭାରତୀୟ ଆର୍ଯ୍ୟଭାଷା ଓ ସାହିତ୍ୟର ପରିପ୍ରେକ୍ଷୀରେ ଆମେ ଏଠାରେ ବିଶିଷ୍ଟ ସାହିତ୍ୟର ଧାରା ଆଲୋଚନା କଲୁ ।

ଦ୍ରାବିଡ଼ ଭାଷା ଓ ସାହିତ୍ୟ କଥା ସ୍ୱତନ୍ତ୍ର । ସାମାଜିକ ଓ ରାଜନୈତିକ ଉତ୍‌ଥାନ ପତନ ଭିତରେ ତେଲୁଗୁ, ତାମିଲ ଦ୍ରବିଡ଼ ଭାଷାର

(୨) Bharatiya Sahitya Barmasya (ଭାରତୀୟ ସାହିତ୍ୟ ବାରମାସୀ)—
Dr. Shiva Prasad .Bhattacharya.

କେତେକ ପ୍ରବନ୍ଧ ଓଡ଼ିଆ ଉପରେ ପଡ଼ିଥିଲେ ମଧ୍ୟ ସେହିସବୁ ସାହିତ୍ୟ ଓଡ଼ିଆ ସାହିତ୍ୟକୁ ସେପରି ପ୍ରଭାବିତ କରିପାରି ନାହିଁ । କିନ୍ତୁ ସଙ୍ଗୀତ, ନୃତ୍ୟ, ତଥା ସ୍ଥାପତ୍ୟ ପ୍ରଭୃତି ଶିଳ୍ପ ବିଭାଗରେ ଦ୍ରାବିଡ଼ ସଂସ୍କୃତିର ଓଡ଼ିଆ ଉପରେ ପ୍ରଭାବ ରହିଛି । ଏହି ବିଷୟକୁ ଲକ୍ଷ୍ୟକରି ସୁପଣ୍ଡିତ-ବର୍ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଆ ସାହିତ୍ୟର ଇତିହାସ ପ୍ରସଙ୍ଗରେ ଲେଖିଥିଲେ ଯେ, ଓଡ଼ିଆ ସଂଗୀତ ଦ୍ରାବିଡ଼ ସଂଗୀତ ଦ୍ୱାରା ପ୍ରଭାବିତ ହୋଇଥିଲା ।

"Oriya music is essentially Southeren. In the medieval times Tanjore was famed for its dancing and singing; and Telingana was not behind hand. The Telgu music attained its greatest developments during the later Vijoynagar rule. Telgu songs are still regarded as among the sweetest in the Indian Vernaculars. Orissa which was long subject to the Telgu influence naturally borrowed from Telingana its music".

(Language and literature of Orissa—M. M. Chakravarty, J. A. S. B. 1898 No. 4, P. 337 )

ଏହି ଉକ୍ତି କେତେକାଂଶରେ ସତ୍ୟ ହୋଇପାରେ; କିନ୍ତୁ ସମ୍ପୂର୍ଣ୍ଣ ନୁହେଁ । ଏହି ଉକ୍ତି ଏକ ଅନୁମାନ ମାତ୍ର । ତେବେ ଓଡ଼ିଶାର ଦକ୍ଷିଣାଂଶର ରାଜାମାନେ ସେମାନଙ୍କର ସଂଗୀତ ଚର୍ଚ୍ଚାରେ ବହୁ ପ୍ରସିଦ୍ଧ ତେଲୁଗୁ ସଂଗୀତଜ୍ଞଙ୍କର ସାହାଯ୍ୟ ନେଉଥିଲେ । ଏପରି କି ଖ୍ରୀ. ୧୮ଶ ଶତାବ୍ଦୀର ଶେଷଭାଗର କବି କବିସୂର୍ଯ୍ୟଙ୍କ ଠାରେ ଏହି ପ୍ରଭାବ କେତେକାଂଶରେ ଉକ୍ତ ଅଞ୍ଚଳମାନଙ୍କରେ ରହିଥିବାର ଜଣାଯାଇ ଥାଏ ।

ଦ୍ରାବିଡ଼ ଭାଷାଭାଷୀ ଚାରି ପ୍ରଧାନ ସାହିତ୍ୟ ଯଥା—ତେଲୁଗୁ, ତାମିଲ୍, କାନାଡ଼ା ଓ ମାଲୟାଲମ ମଧ୍ୟରେ ତାମିଲ ଭାଷା ଓ ସାହିତ୍ୟର ପରଂପରା ଓ ପ୍ରାଚୀନତା ଯଥେଷ୍ଟ ବେଶୀ । ତାମିଲ ସାହିତ୍ୟର ପ୍ରାଚୀନତା ୨୦୦୦ ବର୍ଷ ବୋଲି ଅନେକ ଆଲୋଚକ କହିଥାନ୍ତି, ତେବେ ଏହି ସାହିତ୍ୟ ସଂସ୍କୃତ ସାହିତ୍ୟ ପରି ପ୍ରାଚୀନ ଓ ସମୃଦ୍ଧ ସାହିତ୍ୟ । ପ୍ରାଚୀନ ତାମିଲ ସାହିତ୍ୟରେ ଶୈବ ସାଧକ ଓ ଭକ୍ତ 'ନୟନମାର୍'

(Nayanmars) ଓ ବୈଷ୍ଣବ ଭକ୍ତ 'ଅଳଵାର୍' (Azhwars)ଙ୍କର କବିତାବଳୀ ଖ୍ରୀ. ୧୧-୧୨ଶ ଶତକ ମଧ୍ୟରେ ରଚିତ ହୋଇଥିଲା । ଏହି ସମୟ ତାମିଲ ସାହିତ୍ୟରେ ଏକ ସ୍ୱର୍ଣ୍ଣଯୁଗ ଅଟେ । ଖ୍ରୀ.୯ମ ଶତକ ତାମିଲ ସାହିତ୍ୟରେ ଥିଲା 'ଧର୍ମ' ସାହିତ୍ୟର ଯୁଗ ଓ ତାହା ଖ୍ରୀ.୧୨ଶ ଶତକ ପର୍ଯ୍ୟନ୍ତ ଗତି କରିଥିଲା । ଏହା ପରେ ଆରମ୍ଭ ହୋଇଥାଏ 'ଚୋଳ' ସାହିତ୍ୟ । ଖ୍ରୀ. ୧୦-୧୩ଶ ଶତକ ମଧ୍ୟରେ ଚୋଳ ରାଜତ୍ୱରେ ତାମିଲର ପ୍ରସିଦ୍ଧ କବି 'କମ୍ବନ' ରାମାୟଣ ରଚନା କରିଥିଲେ ଓ ତାହା ସହିତ 'କୁରଲ୍' ଓ 'ସିଲପ୍ପଦିକାରମ୍' ପରି ପ୍ରସିଦ୍ଧ ଗ୍ରନ୍ଥ ସୃଷ୍ଟି ଲାଭ କରିଥିଲା ।

ଆମ ଓଡ଼ିଶାରେ ଆଦି ସାହିତ୍ୟ 'ସାରଳା ମହାଭାରତ' ପରି ତେଲଗୁ ସାହିତ୍ୟ ଆଲୋକ ଲାଭ କରେ ଖ୍ରୀ.୧୧ଶ ଶତାବ୍ଦୀରେ । ଏହି ଶତକରେ ତେଲଗୁ ସାହିତ୍ୟର ଆଦିକବି 'ନାନୟା ଭଟ୍ଟ' ସଂସ୍କୃତ ମହାଭାରତ ଅବଲମ୍ବନରେ ମହାଭାରତ ରଚନା କରିଥିଲେ । ଏହା ପରେ ଯେଉଁ ତେଲଗୁ ସାହିତ୍ୟର ଧାରା ଦେଖା ଦେଇଥାଏ, ତାହା ମୁଖ୍ୟତଃ ସଂସ୍କୃତ ସାହିତ୍ୟର ଆଦର୍ଶରେ ଗଠିତ ହୋଇଥିଲା । ପୁରାଣ, ପ୍ରବନ୍ଧ, ଉଦାହରଣ, କଥା, ଯୁକ୍ତପଦ୍ୟ ଓ ଚମ୍ପୂ ପ୍ରଭୃତି ରଚନା ସଂସ୍କୃତ ଆଦର୍ଶରେ ରଚିତ ହୋଇଥିବାର ଜଣାଯାଇଥାଏ ।

କେରଳର କଥିତ ଭାଷା ମାଲୟାଲମ୍ ତେଲଗୁ ଓ ତାମିଲ ପରି ପ୍ରାଚୀନ ନୁହେଁ । ଏହାର ପ୍ରାଚୀନ ସାହିତ୍ୟର ରୂପ ଖ୍ରୀ. ୧୩ଶ ଶତାବ୍ଦୀରୁ ଆରମ୍ଭ ହୋଇଥିବାର ଜଣାଯାଇଥାଏ । ମାଲୟାଲମ୍ ଭାଷାରେ ସଂସ୍କୃତ ଶବ୍ଦର ପ୍ରଭାବ ଅଧିକ । ଦ୍ରାବିଡ଼ ଭାଷା ଭାରତୀୟ ଭାଷା ପରି-ବାରର ଏକ ସ୍ୱତନ୍ତ୍ର ଗୋଷ୍ଠୀ ହେଲେ ମଧ୍ୟ ତହିଁରେ ବହୁ ପ୍ରାଚୀନ କାଳରୁ ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରଭାବ ରହିଅଛି । କିନ୍ତୁ ପ୍ରାଚୀନ ଭାରତୀୟ ସାହିତ୍ୟର ଧାରାରେ—ବିଶେଷ ଭାରତୀୟ ସଂସ୍କୃତିର ଐକ୍ୟ ସ୍ଥାପନରେ ସଂସ୍କୃତ ଭାଷାର ଅବଦାନ ଯଥେଷ୍ଟ । ଭାରତର ସମସ୍ତ ବିଭିନ୍ନ ଭାଷା ଗୋଷ୍ଠୀ ମଧ୍ୟରେ ପ୍ରାଚୀନ ଭାରତର ସୂତ୍ରଭାଷାରୂପେ ବହୁକାଳ ଧରି ସମ୍ବନ୍ଧ ସ୍ଥାପନ କରିଥିଲା ସଂସ୍କୃତ ଭାଷା ଓ ତାହାର ଉନ୍ନତ ସାହିତ୍ୟ ।

ଅନ୍ୟାନ୍ୟ ଭାରତୀୟ ଭାଷା ଓ ସାହିତ୍ୟର ସିଂହାବଲୋକନରେ ଆମେ ଦେଖୁଁ ଯେ, ପ୍ରାଚୀନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଭାଷା ଓ ସାହିତ୍ୟ ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟଭାଷାର ସାହିତ୍ୟ ସମୂହ ସହିତ ସମାନ୍ତରାଳ ଭାବରେ ଗତି କରିଛି । ଓଡ଼ିଆ, ବଙ୍ଗଳା, ଆସାମୀ, ମୈଥିଳୀ, ଗୁଜରାଟୀ, ମରାଠୀ ପ୍ରଭୃତି ଅନ୍ୟାନ୍ୟ ସାହିତ୍ୟରେ ଏକ ପ୍ରକାର ବୈଶିଷ୍ଟ୍ୟ, ଏକ ପ୍ରକାର ଧାରା ଦେଖା ଦେଇଛି । ସମସ୍ତ ସ୍ରୋତରେ ପ୍ରାୟ ଏକ ପ୍ରକାର ଭକ୍ତିଆଦି ପତନ ଭିତରେ ଗତିକରି ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟ ଗତି କରିଛି । ଓଡ଼ିଆ ସାହିତ୍ୟର ପ୍ରାଚୀନତା ଅନ୍ୟୂନ ୧୦୦୦ ବର୍ଷ ହେଲେହେଁ ତାହାର ସୃଷ୍ଟି ହୋଇଛି ଆହୁରି ହଜାର ବର୍ଷ ପୂର୍ବରୁ । ଖ୍ରୀ.ପୂ. ଶତକର ହାତୀଗୁମ୍ଫା ଅଭିଲେଖ ତଥା ଖ୍ରୀ.ପୂ. ୩୦୦ ଶତକରେ ଧଉଳି ଓ ଜଉଗଡ଼ର ଅଶୋକାନୁଲେଖ ଏହାର ସୁଦୀର୍ଘ ଗୌରବମୟ ପ୍ରାଚୀନତାର ପରିଚୟ ପ୍ରଦାନ କରିଥାଏ । ପ୍ରାଚୀନ ତାମିଲ୍ ଓ ସଂସ୍କୃତ ପର ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତା ନଥିଲେ ହେଁ ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟ ତଥା ଦ୍ରାବିଡ଼ ଭାଷାଗୁଡ଼ିକର ସାହିତ୍ୟ ମଧ୍ୟରେ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବୈଚିତ୍ର୍ୟମୟ ବିଭବ ତାହାକୁ ଉନ୍ନତ ଆସନରେ ପ୍ରତିଷ୍ଠିତ କରାଇଅଛି । ଖ୍ରୀ. ୧୫ଶ ଶତାବ୍ଦୀ ପୂର୍ବ ପ୍ରାକ୍-ସାରଳା ସାହିତ୍ୟର ଧାରା ଓଡ଼ିଆ ସାହିତ୍ୟରେ ଯେପରି କ୍ଷୀଣ ଅଥଚ ମହତ୍ତ୍ୱପୂର୍ଣ୍ଣ, ସେହିପରି ଅନ୍ୟ ଅନ୍ୟାନ୍ୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଘଟିଛି । ପୃଥିବୀର ଯେ କୌଣସି ସାହିତ୍ୟ କ୍ଷେତ୍ରରେ ଅନୁରୂପ ଅବସ୍ଥା ମଧ୍ୟ ପ୍ରତିପାଦିତ । ଭାଷା ଓ ସାହିତ୍ୟ ରୂପକ ନଦୀର ପ୍ରକୃତ ସବୁକ୍ଷେତ୍ରର ଆଦ୍ୟାବସ୍ଥାରେ ଏହିପରି କ୍ଷୁଦ୍ର ନିର୍ଝରିଣୀ ରୂପ ଧାରଣ କରିଥାଏ ଓ ପରେ ସମସ୍ତ ଗତିରେ ତାହା ବିଶାଳ ଆକାର ଧାରଣ କରିଥାଏ । ଖ୍ରୀ. ୧୫ଶ ଶତାବ୍ଦୀ ଓଡ଼ିଆ ସାହିତ୍ୟର ଇତିହାସ ଦୃଷ୍ଟି-ରୁ ବିରାଟ ଓ ବୈଚିତ୍ର୍ୟପୂର୍ଣ୍ଣ । ଆମର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିରାଟ ଇତିହାସ 'ସାରଳା-ସାହିତ୍ୟ' ତାହାହିଁ ପ୍ରତିପାଦନ କରିଛି, ଯାହା ପରବର୍ତ୍ତୀ ଖଣ୍ଡରେ ଆମର ବେଶ ଅନେକତାର ବହିବ ।

———

# ସହାୟକ ପୁସ୍ତକ ସୂଚୀ

( ଇଂରାଜୀ ଓ ଅନ୍ୟାନ୍ୟ )


1. Indian Literature—Edited by Dr. Nagendra Agra, 1959.
2. The Languages of India—A Káleidoscopic Survey Edited by V. K. Narasimhan and others, 1958.
3. History of Bengali Literature—Dr. Sukumar Sen, Sahitya Akademi, New Delhi.
4. A History of Hindi Literature—K. B. Jindal, Allahabad, 1955.
5. History of Assamese Literature—Dr. B. K. Barua, Sahitya Akademi, New Delhi.
6. History of [Oriya Literature – Dr. M. Mansinha, Sahitya Akademi, New Delhi.
7. Asuras in Indo-Iranian Literature— Dr. A. Banerjee Sastri J.B.O.R.S. 1926.
8. The Dravidian Element in Sanskrit—F. Kittel, Indian Antiquary, 1872.
9. The Sacred Books of the East—F. Maxmuller, Vol XIV
10. Archaeological Survey of Mayurbhanj
11. British Museum Hand book to the Ethnographical Collections, Indian Edition, 1925
12. Encyclopaedia of Religion and Ethics.
13. Orissa Historical Research Journal, 1953, Vol II, Vol XIII No2.
14. Uddiyan and Sahor—N. N. Dasgupta, I. H. Q. 1935
15. Sadhana Mala Vol. I & Vol. II— Dr. B. Bhattacharya
16. Mystic Tales of Lama Taranath—B. Dutta.

17. Buddhism in Orissa—Dr. N. K. Sahu
( Utkal University Publication)
18. The Serpent Power—A. Avalon.
19. Buddhistic Studies-B. C. Law.
20. Indian Linguistics Vol X, Old Bengali Texts Edited and Translated by Dr. Sukumar Sen, 1948.
21. Dohakosa—Edited by P. C. Bagchi.
22. Maithili Literature—J. K. Mishra Vol I & Vol II.
23. Origin and Development of Bengali Langage—
Dr. S. K. Chatterjee.
24. The Sibilants in the Buddhist Dohas—Indian Linguistics Vol V, Parts I–VI
25. Artaballabha Mohanti, Memorial Lectures—
Dr. S. K. Chatterjee (Orissa Sahitya Akademi)
26. Assamese its formation and development—
Dr. B. Kakati.
27. Obscure Religious Cults—Dt S. B. Dasgupta.
28. Gorakhnath and Medieval Mysticism—
Dr. Mohan Singh.
29. The History of the Medieval Vaishnavismin Orissa—Prof—P. Mukherjee.
30 History of Orissa—Dr. H. K. Mahatab
31. New Indian Antiquary Vol. I & Vol. II
32. Inscriptions of Orissa—Edited by S. N. Rajguru Vol. I, Vol. II, Vol. III.
33. Siddheswar Inscription of Narasimha IV, Anka year 19 by Dr. D. C. Sircar & Dr. K. B. Tripathy Epigraphia Indica, Vol. XXIX, 1951.
34. Journal Bihar and Orissa Research Society, 1917.
35. The Evolution of Oriya language and Script—
Dr. K. B. Tripathi.

36. Jaurnal Asiatic Society Bengal Vol. LXIV, 1895
— A Copper plate inscription etc.
— M. M. Chakravarty.

37. A note on the Oriya portion of the Veligalini Copper plate grant of Kapileswar—Sri P. Acharya
J. A. S. Vol. I, No IV, 1959.

38. Hathayoga Pradipika – Tr. by Srinivas Iyangar,
Adyar, Madras.

39. New light on History of Asamiya Literature—
D. Neog, 1962.

40. Language and Literature of Orissa
—M. M. Chakravarti, J.A.S.B; 1898, No. 4.

41. An introduction to Budhist Esoterism—
Dr. Benoytosh Bhattacharya, 1932,

42. An introduction to Tantric Buddhism—
Dr. S. B. Dasgupta, University of Calcutta, 1958.

---

## ଓଡ଼ିଆ ଓ ଅନ୍ୟାନ୍ୟ

୧ । ଗଣେଶ ବିଭୂତି—ହସ୍ତଲିପି, ଉତ୍କଳ ବିଶ୍ୱବିଦ୍ୟାଳୟ ହସ୍ତଲିପି
ଗ୍ରନ୍ଥାଗାର ।

୨ । ଗୁପ୍ତ ସୁଧାନିଧି—ହସ୍ତଲିପି, ଉତ୍କଳ ବିଶ୍ୱବିଦ୍ୟାଳୟ ହସ୍ତଲିପି
ଗ୍ରନ୍ଥାଗାର ।

୩ । ଦୋହାକୋଷ—ରାହୁଲ ସାଂକୃତ୍ୟାୟନ (ହିନ୍ଦୀ)

୪ । ବୌଦ୍ଧଗାନ ଓ ଦୋହା —ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ
(ବଙ୍ଗଳା)

୫ । ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ – ଡକ୍ଟର କରୁଣାକର କର, ଓଡ଼ିଶା ସାହିତ୍ୟ
ଏକାଡେମୀ, ପ୍ରକାଶନ ୧୯୬୮

୬ । ଚର୍ଯ୍ୟାଗୀତି—ଅଧ୍ୟାପକ ଖଗେଶ୍ୱର ମହାପାତ୍ର

୭ । ଓଡ଼ିଶାରେ ବୌଦ୍ଧଧର୍ମ—ଅଧ୍ୟାପକ ବଂଶୀଧର ମହାନ୍ତି ।

୮ । ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ—ବଂଶୀଧର ମହାନ୍ତି
୯ । ଶିବ ପୁରାଣ (ପାଣ୍ଡୁଲିପି)—ଦ୍ୱାରିକାଦାସ
୧୦ । ବ୍ରହ୍ମଜ୍ଞାନ ଗୀତା—ପରଶୁରାମ ଦାସ
୧୧ । ଗୁଣ୍ଡୁଚି ଚଉତିଶା—ଗୁଣ୍ଡୁଚି ଦାସ (ପାଣ୍ଡୁଲିପି)
୧୨ । ଗୁପ୍ତଭକ୍ତି ଗୀତା—୧ମ, ୨ୟ ଓ ୩ୟ—ଅଚ୍ୟୁତାନନ୍ଦ ଦାସ (ପ୍ରାଚୀ) ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରକାଶନ
୧୩ । ସାରଳା ମହାଭାରତ—ସାରଳା ଦାସ—ଆଦ୍ୟଠାରୁ ସ୍ୱର୍ଗାରୋହଣ ପର୍ବ ପର୍ଯ୍ୟନ୍ତ (ପାଣ୍ଡୁଲିପି)
୧୪ । ଅମରକୋଷ ଗୀତା—ବଳରାମ ଦାସ
୧୫ । ଅମରକୋଷ ଗୀତା—(ପାଣ୍ଡୁଲିପି)
୧୬ । ଶିଶୁବେଦ—ଗୋରଖ ନାଥ (ପାଣ୍ଡୁଲିପି)
୧୭ । ଗୋରକ୍ଷ ସଂହିତା—ଚନ୍ଦ୍ରଶେଖର ନାଥ (ପାଣ୍ଡୁଲିପି)
୧୮ । ଶ୍ରୀ ଗୁହ୍ୟ ସମାଜ ତନ୍ତ୍ର—(ଗାଇକୱାର୍ଡ୍ ଓରିଏଣ୍ଟାଲ ସିରିଜ, ବରୋଦା)
୧୯ । ଜ୍ଞାନ ସାଗର—ଭୁଜ ଭରସ୍ୱା
୨୦ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—ପଣ୍ଡିତ ନୀଳକଣ୍ଠ ଦାସ, ୧ମ ଓ ୨ୟ ଭାଗ
୨୧ । ଓଡ଼ିଶା ଇତିହାସ—ଡକ୍ଟର ହରେକୃଷ୍ଣ ମହତାବ
୨୨ । ବୌଦ୍ଧ ସିଦ୍ଧ ସାହିତ୍ୟ—ରାହୁଲ ସାଂକୃତ୍ୟାୟନ, ମନ୍ଦାଳକ ପତ୍ରିକା ଶକ ୧୮୮୨
୨୩ । ଗୋରଖ ବୋଲି (ପାଣ୍ଡୁଲିପି)
୨୪ । ପୁରୁଷୋତ୍ତମ ଦେବାଳୟ କାର୍ଯ୍ୟବିଧି (ପାଣ୍ଡୁଲିପି)
୨୫ । ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ଆର୍ତ୍ତବଲ୍ଲଭ ମହାନ୍ତି (ପ୍ରାଚୀ)
୨୬ । ଓଡ଼ିଆ ସାହିତ୍ୟର ଇତିହାସ—ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ
୨୭ । ଓଡ଼ିଆ ସାହିତ୍ୟର ଆଦିପର୍ବ—ସୁରେନ୍ଦ୍ର ମହାନ୍ତି
୨୮ । ହରପ୍ରସାଦ ରଚନାବଳୀ—ସମ୍ପାଦନା—ଡକ୍ଟର ସୁନୀତି କୁମାର ଚଟ୍ଟୋପାଧ୍ୟାୟ
୨୯ । ଗୋରଖ ବାଣୀ (ହିନ୍ଦୀ)—ଡଃ ପୀତାମ୍ବର ଦତ୍ତ ବଡ଼ଥ୍ୱାଲ
ଗୀତା—ବଳରାମ ଦାସ

୩୧ । ଶୂନ୍ୟ ସଂହିତା — ଅଚ୍ୟୁତାନନ୍ଦ ଦାସ
୩୨ । ଓଡ଼ିଆ ସାହିତ୍ୟର ଇତିହାସ (୧ମ ଭାଗ)
ଅଧ୍ୟାପକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ
୩୩ । ନେତ୍ରଗୀତା—ନେତ୍ରଦାସ (ପାଣ୍ଡୁଲିପି)
୩୪ । ଗୋବିନ୍ଦ ଚନ୍ଦ୍ର—ଯଶୋବନ୍ତ ଦାସ
୩୫ । ଟୀକା ଗୋବିନ୍ଦଚନ୍ଦ୍ର (ପାଣ୍ଡୁଲିପି)
୩୬ । ଅଷ୍ଟାଙ୍ଗ ଯୋଗ ଧାରଣ (ପାଣ୍ଡୁଲିପି)
୩୭ । ଶିବ ସ୍ୱରୋଦୟ—ଯଶୋବନ୍ତ ଦାସ (ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରକାଶିତ)
୩୮ । ସପ୍ତାଙ୍ଗ—ବଳରାମ ଦାସ
୩୯ । ଘଡନ ରାମାୟଣ—
୪୦ । ଓଡ଼ିଆ ସାହିତ୍ୟର ଇତିହାସ—ପଣ୍ଡିତ ବିନାୟକ ମିଶ୍ର
୪୧ । ହିନ୍ଦୀ ସାହିତ୍ୟ କୋଷ ୧ମ ଓ ୨ୟ ଭାଗ (ହିନ୍ଦୀ)
୪୨ । ନାଥ ସମ୍ପ୍ରଦାୟ — ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ
୪୩ । ବୌଦ୍ଧଧର୍ମ ଓ ଚର୍ଯ୍ୟାଗୀତି—ଡଃ ଶଶିଭୂଷଣ ଦାଶଗୁପ୍ତ